# ଏମ୍. ଏ.

# ଓଡ଼ିଆ ପାଠ୍ୟକ୍ରମ

## ତୃତୀୟ ପତ୍ର

## ଭାଷା ବିଜ୍ଞାନ ଓ ଓଡ଼ିଆ ଭାଷା


ୟୁନିଟ୍-୧, ୟୁନିଟ୍-୨, ୟୁନିଟ୍-୩

**ଡକ୍ଟର ନିତ୍ୟାନନ୍ଦ ନାୟକ**

ୟୁନିଟ୍-୪, ୟୁନିଟ୍-୫

**ପ୍ରଶାନ୍ତ କୁମାର ପରିଡା**



UTKAL UNIVERSITY

D D C E

Education for All

**ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ**

**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

**ଭୁବନେଶ୍ୱର**

**ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ**

**ଭାଷା ବିଜ୍ଞାନ ଓ ଓଡ଼ିଆ ଭାଷା**

ତୃତୀୟ ପତ୍ର

***Published by :***

**Directorate of Distance & Continuing Education**

**Utkal University, Vani Vihar, Bhubaneswar**

**First Edition : 2014**

© Directorate, DDCE, Utkal University

***No. of Copies*** : 300 Copies

View expressed are those of the authors and DDCE takes no responsibility for the same.

***Printed at :***

*inte*CAD

442, Saheed Nagar, Bhubaneswar-751007

Ph. : 0674-2544631, Mob.- 9437044631

This SIM has been prepared exclusively by Directorate of Distance & Continuing Education (DDCE), Utkal University, It conforms to the syllabi and contents as approved by the Utkal University.

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ୟୁନିଟ୍ -୧ | ୫-୨୮ |
| | (କ) ଭାଷାର ସଂଜ୍ଞା,ଲକ୍ଷଣ, ପ୍ରକାର ଭେଦ ଓ ଉତ୍ପତ୍ତି ସଂପର୍କୀୟ ବିଭିନ୍ନ ମତବାଦ | |
| | (ଖ) ବାଗ୍‌ଯନ୍ତ୍ର ଓ ତାହାର ବିଭିନ୍ନ ଅଂଶର ପରିଚୟ (ଧ୍ୱନି ଉତ୍ପନ୍ନରେ ବାଗ୍‌ଯନ୍ତ୍ରର କାର୍ଯ୍ୟକାରିତା) | |
| ୨. | ୟୁନିଟ୍ -୨ | ୨୯-୪୯ |
| | (କ) ଓଡିଆ ଭାଷିକ ଧ୍ୱନିମାନଙ୍କର ପରିଚୟ ଓ ବର୍ଗୀକରଣ | |
| | (ଖ) ଓଡିଆ ଫୋନୀମ୍ Phoneme ବା ଧ୍ୱନିଗ୍ରାମମାନଙ୍କର ପରିଚୟ । | |
| ୩. | ୟୁନିଟ୍ -୩ | ୫୦-୯୭ |
| | (କ) ଇଣ୍ଡୋ ଇଉରୋପୀୟ ଭାଷା ପରିବାର, ଓଡିଆ ଭାଷାର ଉଦ୍ଭବ ଓ ବିକାଶ କ୍ରମ । | |
| | (ଖ) ଭାଷା ପରିବର୍ତ୍ତନ(ଅର୍ଥ ପରିବର୍ତ୍ତନ ଓ ଧ୍ୱନି ପରିବର୍ତ୍ତନ) | |
| ୪. | ୟୁନିଟ୍-୪ | ୯୮-୧୦୮ |
| | ଓଡ଼ିଆ ଲିପିର କ୍ରମ ବିକାଶ | |
| ୫. | ୟୁନିଟ୍-୫ | |
| | ଓଡ଼ିଆ ଭାଷାରେ ବିଭିନ୍ନ ଭାଷା ଗୋଷ୍ଠୀର ପ୍ରଭାବ (ଇଂରାଜୀ, ଯାବନିକ, ଦ୍ରାବିଡ଼ ଓ ଅଷ୍ଟ୍ରିକ) | ୧୦୯-୧୫୬ |


*****

# ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ

## ତୃତୀୟ ପତ୍ର

## ପ୍ରଥମ ୟୁନିଟ୍

## ଭାଷା

୧. ଏକ ସାମାଜିକ ପ୍ରାଣୀ ଭାବରେ ମନୁଷ୍ୟର ଯେତେକ ଆଚରଣ ଅଛି ସେଥି ମଧ୍ୟରୁ ଭାଷା ବ୍ୟବହାର ସର୍ବୋତ୍କୃଷ୍ଟ । ଅନ୍ୟାନ୍ୟ ଇତର ପ୍ରାଣୀମାନଙ୍କ ଠାରେ ମନୁଷ୍ୟ ପରି ଭାଷାର ବ୍ୟବହାର ପରିଲକ୍ଷିତ ହୁଏ ନାହିଁ । ସେମାନଙ୍କର ସମାଜ ବା ଗୋଷ୍ଠୀ ବା ଦଳ ଥିଲେ ମଧ୍ୟ ମନୁଷ୍ୟ ପରି ଭାଷା ଜରିଆରେ ସାମାଜିକ ସଂପର୍କ ସ୍ଥାପନ କରିନଥାନ୍ତି । ଭାଷା ହିଁ ମନୁଷ୍ୟର ସମାଜ ଗଠନର ମୂଳାଧାର । ଭାଷାବିନା ସମାଜ ଗଠନ ଅସମ୍ଭବ । ମନୁଷ୍ୟ ଭାଷା ସାହାଯ୍ୟରେ ଭାବ ବିନିମୟକରି କେବଳ ଯେ ସାମାଜିକ ସଂପର୍କ ସ୍ଥାପନ କରିଥାଏ ତାନୁହେଁ, ଭାଷା ହିଁ ମନୁଷ୍ୟକୁ ଏକ ବୁଦ୍ଧିମାନ ଓ ଚିନ୍ତାଶୀଳ ପ୍ରାଣୀ ଭାବରେ ପରିଚିତ କରାଏ । ମନୁଷ୍ୟର ସମସ୍ତ ସାମାଜିକ ସଂପର୍କ ଓ ଜୀବନର ବିଭିନ୍ନ ଦିଗକୁ ସୁଦୃଢ଼ କରିବାରେ ଭାଷା ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ । ମନୁଷ୍ୟର ଶିକ୍ଷା, ସଭ୍ୟତା, ସଂସ୍କୃତି, ବିଜ୍ଞାନ ଓ ମାନବିକତାର ବିକାଶରେ ଭାଷାର ଅବଦାନ ଅତୁଳନୀୟ । ମନୁଷ୍ୟ ପଶୁ, ପକ୍ଷୀ ପ୍ରଭୃତି ଇତର ପ୍ରାଣୀମାନଙ୍କ ଠାରୁ ନିଜକୁ ଉନ୍ନତ, ମାର୍ଜିତ ଓ ସୁନ୍ଦର କରିବା ପାଇଁ ଯେତେସବୁ କୌଶଳ ଉଦ୍ଭାବନ ଓ ଅବଲମ୍ବନ କରିଆସିଛି ସେଥିମଧ୍ୟରୁ ଭାଷା ହେଉଛି ସର୍ବୋତ୍କୃଷ୍ଟ । ଭାଷା ଜରିଆରେ ମନୁଷ୍ୟ ଜ୍ଞାନ ବିଜ୍ଞାନର ବହୁରହସ୍ୟ ଉଦ୍‌ଘାଟନ କରି ବିଶ୍ୱରେ ତାହାର ପରିପ୍ରକାଶ ଓ ପରିପ୍ରଚାର ଘଟାଇଛି । ପ୍ରକୃତରେ ଭାଷା ମନୁଷ୍ୟର ଏକ ଅମୂଲ୍ୟ ସଂପଦ । ମନୁଷ୍ୟର ଭାବ ବିନିମୟ କାର୍ଯ୍ୟର ଏକ ସହଜ ଓ ଶକ୍ତିଶାଳୀ ମାଧ୍ୟମ । ମନୁଷ୍ୟର ଜୀବନ ପ୍ରବାହରେ ମଧ୍ୟ ଭାଷାର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ମନୁଷ୍ୟ ପ୍ରତ୍ୟେକ କାର୍ଯ୍ୟରେ ଭାଷାର ସାହାଯ୍ୟ ଆବଶ୍ୟକ କରିଥାଏ ।

୧.୨. ବିଶ୍ୱର ଏକମାତ୍ର ପ୍ରାଣୀ ମନୁଷ୍ୟ ହିଁ କେବଳ ଭାଷାର ବ୍ୟବହାର କରେ । ଭାଷାର ବ୍ୟବହାର ଯୋଗୁଁ ମନୁଷ୍ୟର ବିଭିନ୍ନ କାର୍ଯ୍ୟ ଅତିସହଜରେ ସାଧିତ ହୋଇଥାଏ, ମାତ୍ର ଆଶ୍ଚର୍ଯ୍ୟର କଥା ଏହା ଏପରି ସ୍ୱାଭାବିକ ଓ ସ୍ୱତସ୍ଫୁର୍ତ୍ତ ଯେ ସାଧାରଣତଃ ଦୈନନ୍ଦିନ କାର୍ଯ୍ୟ କଲାବେଳେ ଆମ୍ଭେମାନେ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରିନଥାଉ । ପ୍ରଶ୍ୱାସ ଓ ନିଃଶ୍ୱାସ ପ୍ରକ୍ରିୟା ପରି ଏହା ଅତି ସ୍ୱାଭାବିକ ଓ ସାଧାରଣ ମନେ ହୋଇଥାଏ । ମାତ୍ର ଆମେ ଯେତେବେଳେ ଆମର କହୁଥିବା ଭାଷାଠାରୁ ଭିନ୍ନ ଭାଷା କହୁଥିବା ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସୁ ସେତେବେଳେ ଆମକୁ ଅସ୍ୱାଭାବିକ ମନେହୁଏ । ଆମେ ସେତିକିବେଳେ ଭାଷା ପ୍ରତି ସଚେତନ ହୋଇଥାଉ । କାରଣ ଅନ୍ୟ ଭାଷା ଆମକୁ ଅଡୁଆଅଡୁଆ ଲାଗେ । ବୁଝିବାକୁ ଚେଷ୍ଟା କରି ଯଦି ବିଫଳ ହେଉ ସେହି ଭାଷା ପ୍ରତି ଶ୍ରଦ୍ଧା ବା ସ୍ପୃହା ଆସେନାହିଁ । ସେ ଭାଷା ମଧ୍ୟ ଜାଣିବାକୁ ଇଚ୍ଛା ହୁଏ ନାହିଁ । ଭାଷାର ଏ ପ୍ରକାର ବୈଚିତ୍ର୍ୟ ତାହାର ଅନ୍ତର୍ନିହିତ ଗଠନ ଧାରା ଉପରେ ନିର୍ଭର କରେ । ବିଦେଶୀ ଭାଷାରେ ଦକ୍ଷତା ଅର୍ଜନ କରିଥିଲେ ଏପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡିନଥାଏ । ମାତ୍ର ମାତୃଭାଷାର ବ୍ୟବହାର କଲାବେଳେ ଭାଷା ସମ୍ବନ୍ଧୀୟ ବୈଚିତ୍ର୍ୟ ଜାଣିବାକୁ ଆମେ ଆଦୌ ଚେଷ୍ଟା କରିନଥାଉ । କାରଣ ମାତୃଭାଷାର ବ୍ୟବହାର ଯେପରି ସ୍ୱାଭାବିକ ସେହିପରି ମଧ୍ୟ ଅଭ୍ୟାସଗତ । ବିଦେଶୀ ଭାଷା ଶିକ୍ଷା କଲାବେଳେ ସେହି ଭାଷା ସଂପର୍କରେ ବିଭିନ୍ନ ପ୍ରଶ୍ନ ଆମ ମନରେ ଉଠିବା ଅତ୍ୟନ୍ତ ସ୍ୱାଭାବିକ ।

୧.୩ 'ଭାଷା' ଶବ୍ଦଟି ସଂସ୍କୃତ ଭାଷ୍ ଧାତୁରେ କର୍ମବାଚ୍ୟରେ ଆପ୍ରତ୍ୟୟ ହୋଇ ନିଷ୍ପନ୍ନ ହୋଇଛି । ଏହାର ପ୍ରତିଶବ୍ଦ ଭାବରେ 'କଥା' 'ବଚନ', ବ୍ୟକ୍ତ ବାଣୀ, ପ୍ରଭୃତିକୁ ବୁଝାଯାଇପାରେ । ସ୍ଥୂଳ ଭାବରେ କହିବାକୁ ଗଲେ ଏହା କଥା ବା ମନୁଷ୍ୟର ମୁଖୋଦ୍‌ଗୀର୍ଣ୍ଣ ଧ୍ୱନିମୟ ରୂପକୁ ବୁଝାଏ । ମନୁଷ୍ୟର ଭାବ ବିନିମୟ ପ୍ରକ୍ରିୟା କେବଳ ଭାଷାର ଧ୍ୱନିମୟ ରୂପଦ୍ୱାରା ଯଏ ସାଧିତ ହୋଇଥାଏ ତାନୁହେଁ, ବିଭିନ୍ନ ସଙ୍କେତ ଦ୍ୱାରା ମଧ୍ୟ ଭାବର ଆଦାନ ପ୍ରଦାନ ଘଟିଥାଏ । ଏଥିରୁ ମୁଖ୍ୟତଃ ବିଭିନ୍ନ ଅଙ୍ଗଚାଳନା ସ୍ପର୍ଶ, ଦୃଷ୍ଟି ଓ ଧ୍ୱନି ସଙ୍କେତ ଦ୍ୱାରା କେତକାଂଶରେ ଭାବ ବିନିମୟ ପ୍ରକ୍ରିୟା ସାଧିତ ହୋଇଥାଏ ।

୧.୪. ମନୁଷ୍ୟ କେତେକ କାର୍ଯ୍ୟ ସାଧନ ପାଇଁ ଧ୍ୱନିମୟ ଭାଷା ବ୍ୟବହାର ନକରି ଶାରୀରିକ ଅବୟବ ଦ୍ୱାରା ଅର୍ଥାତ୍ ହାତ ଧରିବା, ଆଉଁଷିବା, ଚିମୁଟିବା, ଅଙ୍ଗୁଳି ମାରିବା, ହାତଧରି ଟାଣିବା, ପିଠି ଥାପୁଡେଇବା, ପ୍ରଭୃତି ବିଭିନ୍ନ ଭାବ ପ୍ରକାଶର ମାଧ୍ୟମ ରୂପେ ବ୍ୟବହାର କରିଥାଏ । ଦୃଷ୍ଟି ବା ଚାହାଁଣୀ ଦ୍ୱାରା ମନୁଷ୍ୟ କେତେକ ଭାବ ବିନିମୟ କାର୍ଯ୍ୟ ମଧ୍ୟ

କରିଥାଏ ; ଅର୍ଥାତ୍ ଆଖି ଦେଖେଇବା, ଆଖି ଠାରିବା, ହାତ ହଲାଇବା, ଅଙ୍ଗୁଳି ଦେଖାଇବା, ଶିର ଝୁଙ୍କିବା, ଗୋଡ ବାଡେଇବା, ଅନ୍ୟ ସଙ୍କେତ ହେଉଛି ବିଭିନ୍ନ ଧ୍ୱନି ବା ଶବ୍ଦଦ୍ୱାରା ; ଅର୍ଥାତ୍ କରତାଳି ବଜାଇବା, ହୁଇସିଲ ମାରିବା, କାଚ ଝଣଝଣ କରିବା, ବିଭିନ୍ନ ବାସ୍ତୁଦ୍ୱାରା ଆଘାତ କରିବା ଦ୍ୱାରା କେତେକ ଭାବର ଆଦାନ ପ୍ରଦାନ କାର୍ଯ୍ୟ କରାଯାଇଥାଏ । ଏପରି ଧ୍ୱନି ସଙ୍କେତ ମଧ୍ୟ ଇତର ପ୍ରାଣୀ ମାନଙ୍କଠାରେ ପରିଦୃଷ୍ଟ ହୁଏ । ଯେପରି ସିଂହର ଗର୍ଜନ, ଗାଈର ହମ୍ବାରଡି, ବିରାଡିର ମିଆଉଁ, ମିଆଉଁ, କୁକୁରର ଭୋ, ଭୋ, ପକ୍ଷୀର ଚେଁ, ଚେଁ, ସାପର ଫଁ, ଫଁ ଧ୍ୱନି ଦ୍ୱାରା ଭାବ ପ୍ରକାଶର ସୂଚନା ମିଳିଥାଏ ; ଏଗୁଡିକ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଭାବ ବା ଆବେଗର ଅସ୍ପଷ୍ଟ ସୂଚନା ମାତ୍ର । ମନୁଷ୍ୟର କଥା ପରି ସୁସ୍ପଷ୍ଟ ଓ ପୂର୍ଣ୍ଣ ଭାବ ପ୍ରକାଶକ ନୁହେଁ । ଭାଷା ବା କଥା ଦ୍ୱାରା ମନୁଷ୍ୟର ଭାବ ଯେପରି ସହଜ ଓ ସ୍ୱଚ୍ଛନ୍ଦ ଭାବରେ ଉପଲବ୍ଧ ହୋଇଥାଏ ତାହା ଏହି ଇଙ୍ଗିତ, ଠାର ବା ସୂଚନାରେ ନଥାଏ । ପ୍ରଥମତଃ ଏଗୁଡିକ ଅସ୍ପଷ୍ଟ ଓ ଦୁର୍ବୋଧ୍ୟ । ଦ୍ୱିତୀୟରେ ଏଗୁଡିକ ସାର୍ବଜନୀନ ନୁହେଁ । ଏହା ସାଧାରଣ ବ୍ୟକ୍ତି ବିଶେଷଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ନଥାଏ । ଏହି ଅବ୍ୟକ୍ତ ସଙ୍କେତ, ଠାର, ବା ଅସ୍ପଷ୍ଟ ଧ୍ୱନି ଭାଷାର ପରିପୂର୍ଣ୍ଣ ରୂପକ ପ୍ରକାଶ କରିବାରେ କ୍ଷମ ନୁହେଁ । ଅତଏବ ସଂକ୍ଷେପରେ କହିବାକୁ ଗଲେ ମନୁଷ୍ୟର ସୁନିର୍ଦ୍ଦିଷ୍ଟ ମୁଖୋଦ୍‌ଗୀର୍ଣ୍ଣ ଅର୍ଥପୂର୍ଣ୍ଣ ବହୁଜନବୋଧ୍ୟ ଯାଦୃଚ୍ଛିକ ଶୃଙ୍ଖଳିତ ଧ୍ୱନି ସମୂହର ରୂପ ହିଁ ଭାଷା । (ଡଃ. ସୁକୁମାର ସେନ୍, ଭାଷାର ଇତିବୃତ୍ତ)

୧.୫. ମନୁଷ୍ୟ ଭାବ ବିନିମୟ ପାଇଁ ଭାଷାର ବ୍ୟବହାର କରୁଥିଲେ ହେଁ ତାକୁ ବହୁ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ । ଭାଷା ବ୍ୟବହାର ସହଜ, ସ୍ୱଚ୍ଛନ୍ଦ ହେଲେହେଁ ଦେଶ, କାଳ, ପାତ୍ର ଓ ପରିବେଶକୁ ଲକ୍ଷ୍ୟକରି ମନୁଷ୍ୟ ଭାଷାର ବ୍ୟବହାର କରିଥାଏ । ଏହି ବ୍ୟବହାର କୌଶଳହିଁ ଭାଷାର ଅନ୍ତର୍ନିହିତ ସ୍ୱରୂପକୁ ଚିହ୍ନାଇ ଦେଇଥାଏ । ମନୁଷ୍ୟ ଯଦି ବିନା ଚିନ୍ତାରେ ଯାହା ତାହା କହୁଥାଆନ୍ତା ତାହେଲେ ସମାଜରେ ତା'ର ସ୍ଥିତି ନଥାନ୍ତା ଏବଂ ତାହା ଭାଷା ହୋଇ ନଥାନ୍ତା ; ମାତ୍ର ମନୁଷ୍ୟର ଚିନ୍ତା ଚେତନାରୁ ପ୍ରସୂତ ଅର୍ଥାତ୍ ଭାବର ବାହକ ଭାଷାର ସଞ୍ଜ୍ଞା ଓ ସ୍ୱରୂପ ସ୍ୱତନ୍ତ୍ର । ସେଥିପାଇଁ ଭାଷା ସଂପର୍କରେ ଗଭୀର ଅନୁଧ୍ୟାନ ଓ ଅନୁଶୀଳନ କରି ବହୁ ଭାଷାତତ୍ତ୍ୱ ବିତ୍ ଯେଉଁ ଭିନ୍ନ ଭିନ୍ନ ମନ୍ତବ୍ୟ ପ୍ରଦାନ କରିଛନ୍ତି ସେ ସଂପର୍କରେ କିଛି ସୂଚନା ଦେବା ପ୍ରାସଙ୍ଗିକ ମନେହୁଏ ।

# ସଂଜ୍ଞା

୧.୬.

୧. ଭାଷାବିତ୍ B. Bloch and G.L. Trager କହନ୍ତି – ଭାଷା ମନୁଷ୍ୟର ବାଗ୍ ଧ୍ୱନି ସମୂହ ଦ୍ୱାରା ଗଠିତ ଏକ ଯାଦୃଚ୍ଛିକ ପଦ୍ଧତି ଯାହା ସାହାଯ୍ୟରେ ମନୁଷ୍ୟ ଗୋଷ୍ଠୀ ବା ସମାଜ ମଧ୍ୟରେ ଭାବବିନିମୟ କରିଥାଏ ।

୨. ଭାଷାର ପ୍ରବୃତ୍ତି ଧର୍ମ ଓ ଗଠନ ପ୍ରକ୍ରିୟା ସଂପର୍କରେ ଭାଷାବିତ୍ Vendr, yes (ଭେନ୍ଦ୍ରିଜ୍) କହନ୍ତି– ଭାଷା କେତେକ ଶୃଙ୍ଖଳିତ ଧ୍ୱନି ସଙ୍କେତ ଯାହାକି ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭାବ ବିନିମୟ କରିବାରେ ସେଗୁଡିକ ପୂର୍ଣ୍ଣ ରୂପେ ସମର୍ଥ ହୋଇଥାନ୍ତି ।

୩. ଦାର୍ଶନିକ ପ୍ଲେଟୋଙ୍କ ଭାଷାରେ – ମନୁଷ୍ୟର ବିଚାର ଶକ୍ତି ଓଷ୍ଠ ସାହାଯ୍ୟରେ ଧ୍ୱନ୍ୟାତ୍ମକ ରୂପରେ ଅଭିବ୍ୟକ୍ତ ହେଲେ ଭାଷା ରୂପଗ୍ରହଣ କରେ ।

୪. ଭାଷାବିତ୍ L.H. Gray କହନ୍ତି – ଭାଷା ଅନ୍ୟ କିଛି ନୁହେଁ, କେବଳ କଥା ଦ୍ୱାରା ମନୁଷ୍ୟ ଯେପରି ଭାବ ବ୍ୟକ୍ତ କରେ ଓ ବିନିମୟକରେ ତାହାହିଁ ଭାଷା । ଏହାଦ୍ୱାରା ନିର୍ଦ୍ଦିଷ୍ଟ ସମାଜର ବ୍ୟକ୍ତିମାନଙ୍କ ଦ୍ୱାରା ଧ୍ୱନି ଉଚ୍ଚାରଣ ଓ ଶ୍ରବଣ ଏପରି ଭାବରେ ସଂପୃକ୍ତ, ପ୍ରଚଳିତ ଓ ଗୃହୀତ ଯେ ତାହା ସମସ୍ତଙ୍କର ହିତସାଧନ କରିଥାଏ ।

୫. ଅତି ସଂକ୍ଷେପରେ John Samuel Kenyon କହନ୍ତି – ମନୁଷ୍ୟର କଥାହିଁ ଭାଷା ।

୬. ବିଖ୍ୟାତ ଭାଷାତତ୍ତ୍ୱବିତ୍ Otto Jesperson କହନ୍ତି – ମନୁଷ୍ୟର ଭାଷା ଏକ ଜୈବିକ ପ୍ରକ୍ରିୟା, ଯାହା ବାରମ୍ବାର, ପୁନଃ ପୁନଃ ପ୍ରକାଶଲାଭ କରିଥାଏ ।

୭. ଭାଷାବିତ୍ E. Sapir କହନ୍ତି – ଭାଷା ହେଉଛି ମନୁଷ୍ୟର ଚିନ୍ତା, ଚେତନା ଓ ଅଭିଳାଷ ବିନିମୟ କରିବାର ଏକ ବିଶୁଦ୍ଧ ମାନବୀୟ ଅଭ୍ୟାସଗତ ପଦ୍ଧତି ଯାହା ଯାଦୃଚ୍ଛିକ ଧ୍ୱନି ସମୂହ ଦ୍ୱାରା ଶୃଙ୍ଖଳିତ ଭାବରେ ପ୍ରକାଶ ପାଇଥାଏ ।

୮. YUEN REN CHAO ତାଙ୍କର ପୁସ୍ତକରେ ଉଲ୍ଲେଖ କରିଛନ୍ତି – ଭାଷା ମନୁଷ୍ୟର ଅଭ୍ୟାସଗତ ବାଚନିକ ଆଚରଣର ଏକ ପାରଂପାରିକ ପଦ୍ଧତି, ଯାହା ଦ୍ୱାରା ଏକ ସମାଜ ଅନ୍ତର୍ଗତ ବ୍ୟକ୍ତିମାନେ ଆପଣା ଆପଣା ମଧ୍ୟରେ ଭାବ ବିନିମୟ କରିଥାନ୍ତି ।

୯. E.H. Sturtewant ଙ୍କ ମତରେ– ଭାଷାହେଉଛି ସ୍ୱରତନ୍ତ୍ରୀରୁ ଉତ୍ପନ୍ନ ଧ୍ୱନିସଙ୍କେତ ମାନଙ୍କର ଏକ ପଦ୍ଧତି ଯାହା ଦ୍ୱାରା ଗୋଟିଏ ଗୋଷ୍ଠୀ ବା ସମାଜ ଅନ୍ତର୍ଗତ ସଦସ୍ୟମାନେ ଆପଣା ଆପଣା ମଧ୍ୟରେ ଭାବବିନିମୟ କରିଥାନ୍ତି ।

୧୦. H. Sweat – ବାଗ୍ ଧ୍ୱନି ଦ୍ୱାରା ଉତ୍ପନ୍ନ ଭାଷାଭିବ୍ୟକ୍ତିକୁ ଭାଷା କୁହାଯାଏ ।

୧୧. କ୍ରୋଚେ (Crotche ) କହନ୍ତି –ଭାବାଭିବ୍ୟକ୍ତି ଉଦ୍ଦେଶ୍ୟରେ ଶୃଙ୍ଖଳିତ ଭାବରେ ଉଚ୍ଚାରିତ ସୀମିତ ଧ୍ୱନି ସମୂହକୁ ଭାଷା କୁହାଯାଏ ।

୧୨. ଡଃ. ସୁକୁମାର ସେନ୍ଙ୍କ ଭାଷାରେ – ମନୁଷ୍ୟର ସୁନିର୍ଦ୍ଦିଷ୍ଟ ମୁଖୋଦ୍‌ଗୀର୍ଣ୍ଣ ଅର୍ଥପୂର୍ଣ୍ଣ ବହୁଜନ ବୋଧ୍ୟ ଯାଦୃଚ୍ଛିକ ଶୃଙ୍ଖଳିତ ଧ୍ୱନି ସମୂହର ରୂପହିଁ ଭାଷା ।

୧.୬. ଉପର୍ଯ୍ୟୁକ୍ତ ଆଲୋଚନାରୁ ଭାଷା ସଂପର୍କରେ କେତେକ ତତ୍ତ୍ୱର ଅବଧାରଣା କରିହୁଏ ।

୧. ଭାଷା ଏକ ଅର୍ଥପୂର୍ଣ୍ଣ ବ୍ୟକ୍ତ ବାଣୀ ।

୨. ଭାଷା ମନୁଷ୍ୟର ମାନସିକ ଓ ବୌଦ୍ଧିକ ବିକାଶର ସଙ୍କେତ ।

୩. ଭାଷାର ବ୍ୟବହାର ନିର୍ଦ୍ଦିଷ୍ଟ ସମାଜ ବା ଗୋଷ୍ଠୀ ମଧ୍ୟରେ କରାଯାଇଥାଏ ।

୪. ଭାଷା ମନୁଷ୍ୟର ଭାବ ବିନିମୟ ପ୍ରକ୍ରିୟାର ଏକ ଉତ୍କୃଷ୍ଟ ମାଧ୍ୟମ ।

୫. ଭାଷା ସାହାଯ୍ୟରେ ମନୁଷ୍ୟର ଶିକ୍ଷା, ସଭ୍ୟତା, ସଂସ୍କୃତି ଓ ଜ୍ଞାନ ବିଜ୍ଞାନର ବିକାଶ ଧାରା ନିରୂପିତ ହୋଇଥାଏ ।

୬. ମନୁଷ୍ୟ ସମାଜରୁ ଭାଷାର ବ୍ୟବହାର ଶିକ୍ଷାକରେ ।

୭. ଭାଷା ମନୁଷ୍ୟର ଭାଷଣ ଅବୟବମାନଙ୍କର ପ୍ରଯତ୍ନ ଦ୍ୱାରା ନିର୍ମିତ ହୋଇଥାଏ ।

୮. ଭାଷା ମନୁଷ୍ୟର ଭାଷଣ ଅବୟବ ଦ୍ୱାରା ଉଚ୍ଚାରିତ ଯାଦୃଚ୍ଛିକ ଧ୍ୱନି ପ୍ରତୀକମାନଙ୍କର ଏକ ବ୍ୟବସ୍ଥିତ ରୂପ, ଯାହା ସାହାଯ୍ୟରେ ପାରସ୍ପରିକ ଭାବବିନିମୟ ସୁଚାରୁରୂପେ ସଂପାଦିତ ହୋଇଥାଏ ।

୯. ଭାଷା ମନୁଷ୍ୟର ଜୀବନ ପ୍ରବାହରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

୧୦. ଭାଷା ମନୁଷ୍ୟର ଭାବ ବିନିମୟ ପ୍ରକ୍ରିୟାର ଏପରି ଏକ ପ୍ରଭାବଶାଳୀ ମାଧ୍ୟମ ଯେ ବକ୍ତା ଓ ଶ୍ରୋତା ମଧ୍ୟରେ ସଂପର୍କ ସ୍ଥାପନ ପୂର୍ବକ ମନୁଷ୍ୟର ସାମାଜିକ ବନ୍ଧନକୁ ସୁଦୃଢ଼ କରିଥାଏ । ସମାଜର ପ୍ରତ୍ୟେକ ବ୍ୟକ୍ତି ଭାଷା ଜରିଆରେ ନିଜନିଜ ମଧ୍ୟରେ ଭାବ ବିନିମୟ କରିଥାନ୍ତି ।

ଅତଏବ ସ୍ପଷ୍ଟ ଭାବରେ କହିବାକୁଗଲେ ଭାଷା ମନୁଷ୍ୟର ଉଚ୍ଚାରଣକ୍ଷମ ଭାଷଣ ଅବୟବମାନଙ୍କ ଦ୍ୱାରା ଉଚ୍ଚାରିତ, ଭାବ ସମନ୍ୱିତ ନିର୍ଦ୍ଦିଷ୍ଟ, ଅର୍ଥଯୁକ୍ତ ଯାଦୃଚ୍ଛିକ ଓ ଶୃଙ୍ଖଳିତ ଧ୍ୱନି ପ୍ରତୀକ ମାନଙ୍କର ଏକ ନିୟମାବଦ୍ଧ ପଦ୍ଧତି, ଯାହା ଦ୍ୱାରା କୌଣସି ଭାଷା ସମାଜର ବା ଗୋଷ୍ଠୀର ବ୍ୟକ୍ତିମାନେ ଆପଣା ଆପଣା ମଧ୍ୟରେ ସୁଚାରୁରୂପେ ଓ ସହଜରେ ଭାବ ବିନିମୟ କରିଥାନ୍ତି ।

**୧.୭. ଭାଷାର ଆଧାର :**

ଭାଷାର ଦୁଇଟି ଆଧାର – ଗୋଟିଏ ମାନସିକ ଓ ଅନ୍ୟଟି ଭୌତିକ । ଗୋଟିଏ ଭାଷାର ଅନ୍ତର୍ନିହିତ ସତ୍ତା ବା ଆତ୍ମା ଓ ଅନ୍ୟଟି ତା'ର ଗଠନ ପ୍ରକ୍ରିୟା ବା ଶରୀର । ବ୍ୟକ୍ତିର ଚିନ୍ତା ଚେତନା ଓ ବୁଦ୍ଧିଯୁକ୍ତ ବିଚାର ଧାରାର ଅଭିବ୍ୟକ୍ତି ହେଉଛି ମାନସିକ ଆଧାର । ଯାହାଦ୍ୱାରା ଶ୍ରୋତା ପ୍ରଭାବିତ ହୋଇ ତା'ର କ୍ରିୟା ପ୍ରତିକ୍ରିୟା ପ୍ରକାଶ କରିଥାଏ । ଅନ୍ୟ ପକ୍ଷରେ ଭୌତିକ ଆଧାର

ଅର୍ଥାତ୍ ବାଗ୍ ଧ୍ୱନି, ବର୍ଣ୍ଣ, ଶବ୍ଦ, ରୂପର ସଂଯୋଜିତ ବା ସଂଗଠିତ ପ୍ରକ୍ରିୟା ଦ୍ୱାରା ପ୍ରେରିତ ଭାବ ଶ୍ରୋତା ଗ୍ରହଣ କରି ଭାବ ବିନିମୟ ପାଇଁ ନିଜକୁ ପ୍ରସ୍ତୁତ କରିଥାଏ । ତେଣୁ ଭାଷାର କୌଣସି ଗୋଟିଏ ଉପାଦାନ ପ୍ରକାଶ ନପାଇ ଏକ ସଂଯୁକ୍ତ ରୂପ ପ୍ରକାଶ ପାଇଥାଏ । ଭାଷାର ଐକିକ ରୂପ ଭାଷାର ଗଠନ ପ୍ରକ୍ରିୟାରେ ବିନିଯୋଗହୋଇ ଶରୀର ରୂପେ ପରିଚିତ ହେଲାବେଳେ ସମିଶ୍ରିତ ରୂପ ହେଉଛି ତା'ର ଆତ୍ମା ଅର୍ଥାତ୍ ' ଶକୁନ୍ତଳା ପରମା ସୁନ୍ଦରୀ ଥିଲେ', ଏହି ବାକ୍ୟଟି ହେଉଛି ଭାଷାର ଏକ ସମିଶ୍ରିତ ରୂପ । ଏଥିରେ ଭାଷାର ଏକାଧିକ ଭୌତିକ ଉପାଦାନ ନିହିତ । ଏହି ସମିଶ୍ରିତ ରୂପର ଭାବାର୍ଥ ବକ୍ତା ଓ ଶ୍ରୋତାମନରେ ଯେଉଁ ଭାବ ସୃଷ୍ଟିକରେ ତାହାହିଁ ଭାଷାର ଆତ୍ମା । ଭାଷାର ବ୍ୟବହାର କଲାବେଳେ କେତେପରିମାଣରେ କେଉଁପରି ଭାବରେ ଉପାଦାନ ଗୁଡିକ ସଂଯୁକ୍ତ କରି ଭାବ ପ୍ରେରଣରେ ବ୍ୟବହାର କରାଯିବ ତାହା ବକ୍ତାର ବିଭିନ୍ନ ପିରିସ୍ଥିତି ଉପରେ ହିଁ ନିର୍ଭର କରେ । ସେଥିପାଇଁ ଭାଷା ବ୍ୟବହାରକୁ ଯାଦୃଚ୍ଛିକ ବୋଲି କୁହାଯାଏ ।

**୧.୮. ଭାଷାର ସ୍ୱରୂପ ଓ ଗଠନ :**

ଭାଷାର ଦୁଇଟି ରୂପ - ଗୋଟିଏ କଥିତ ଓ ଅନ୍ୟଟି ଲିଖିତ । ଭାଷା ବିଜ୍ଞାନରେ କଥିତ ଭାଷାକୁ ବିଚାରକୁ ନିଆଯାଇଥାଏ । ମନୁଷ୍ୟର ମୁଖନିଃସୃତ ଧ୍ୱନିମୟ କଥାହିଁ ଭାଷା । ଲିଖିତ ରୂପଟି ଭାଷାନୁହେଁ ତାହା କେବଳ ଦୃଶ୍ୟାତ୍ମକ ସଙ୍କେତ ଦ୍ୱାରା ତାଲିକାଭୁକ୍ତ କରିବାର ଏକ କୌଶଳ । ଯେପରି ଜୀବନ୍ତ ମନୁଷ୍ୟ ଓ ତା'ର ପ୍ରତିଚିତ୍ର (Photograph) । ସେହିପରି କଥିତ ଭାଷାର ଓ ଲିଖିତ ଭାଷାର ପାର୍ଥକ୍ୟ ଉପଲବ୍ଧି କରାଯାଇପାରେ । ପୃଥିବୀର ପ୍ରାୟ ସମସ୍ତ ଭାଷାର ଆଦିମ ରୂପ ହେଉଛି କଥିତ । କାରଣ ଲିଖିତ ରୂପର ବହୁପୂର୍ବରୁ ଆମେ ମାତୃଭାଷାକୁ ସହଜରେ ଆୟତ୍ତ କରିଥାଉ । ସେହିପରି ଆଦି ମାନବ ପ୍ରଥମେ କହିବାକୁ ଆରମ୍ଭ କରିଥିବ । ତେଣୁ ମନୁଷ୍ୟର କଥିତ ଭାଷା ହେଉଛି ଭାବ ବିନିମୟର ପ୍ରାଥମିକ ପ୍ରଚେଷ୍ଟା । ପୃଥିବୀର ବହୁଭାଷା ଅଛି ଯାହାରକି ଲିଖିତ ରୂପ ଏବେ ମଧ୍ୟ ପ୍ରସ୍ତୁତ ହୋଇନାହିଁ । ଯେପରି ହିନ୍ଦୀ, ମରାଠୀ ଓ ଗୁଜୁରାଟୀ ଭାଷା ଲେଖିବାକୁ ଆମେ ଦେବନାଗରୀ ଲିପି ବ୍ୟବହାର କରିଥାଉ । ମାତ୍ର ଆସାମୀ ଲିପି ପାଇଁ ବଙ୍ଗଳା ଲିପି ବ୍ୟବହୃତ ହୋଇଥାଏ, ସେହିପରି ଲାଟିନ୍‌ର ବର୍ଣ୍ଣମାଳା ପ୍ରଥମେ ଇଂରାଜୀ ଭାଷା ପାଇଁ ବ୍ୟବହୃତ ହେଉଥିଲା ।

**୧.୯.** କଥିତ ଭାଷାର ଏକ ମାର୍ଜିତ, ଗୃହୀତ ଓ ଶାଶ୍ୱତ ରୂପ ହେଉଛି ଲିଖିତ ଭାଷା । କଥିତ ଭାଷାରେ ଯେପରି ପ୍ରକାଶ ଭଙ୍ଗୀ ଓ ଶବ୍ଦ ପ୍ରୟୋଗର କୌଶଳ ରହିଥାଏ, ଲିଖିତ ଭାଷାରେ ଅବିକଳ ସେହିପରି ରହେନାହିଁ । କଥିତ ଭାଷାରେ ପାରଂପରିକ ବ୍ୟାକରଣର ନିୟମ ପୂରାପୂରି ଭାରେ ବ୍ୟବହୃତ ହୋଇନଥାଏ । ବିଭିନ୍ନ ପରିବେଶ ଓ ପରିସ୍ଥିତି ଅନୁସାରେ ବକ୍ତା ଯାଦୃଚ୍ଛିକ ଧ୍ୱନି ସମୂହର ଅର୍ଥନୁକ୍ତ ପ୍ରୟୋଗ କରିଥାଏ । ସେଥିପାଇଁ ଗୋଟିଏ କଥିତ ଭାଷାକୁ ଆୟତ୍ତ କରିବା ଭିନ୍ନ ଭାଷାଭାଷୀମାନଙ୍କ ପକ୍ଷେ ସହଜ ହୋଇନଥାଏ । କାରଣ ଏହା ଅଭ୍ୟାସ ସାପେକ୍ଷ । ବକ୍ତାପରି ଲେଖକ ବାଧ୍ୟ ନ ହୋଇ ନିଜର ପସନ୍ଦ ଅନୁସାରେ ଶବ୍ଦ ସଂଗ୍ରହକରେ । କଥିତ ଭାଷାରେ ରମ୍ୟରଚନା ବା ହାସ୍ୟରସାତ୍ମକ ଭଙ୍ଗୀ ଲିଖିତ ଭାଷାରେ ସେପରି ଅଭିବ୍ୟକ୍ତି ଲାଭ କରିଥାଏ ; ମାତ୍ର ଲେଖାରେ ଏକପ୍ରକାର ଶୈଳୀର ପ୍ରୟୋଗ ଘଟିଥାଏ ତାହା ହେଉଛି ଭାବ ସଂକ୍ଷିପ୍ତତା, ଯାହା କଥିତ ଭାଷାରେ ନଥାଏ । ତେଣୁ କେଉଁ ଭାଷାର ମୂଲ୍ୟ କେତେ ଅଧିକ ତାହା ନିରପେକ୍ଷ ଭାବରେ କୁହାଯାଇ ନପାରେ । ତେଣୁ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ଲିଖିତ ଓ କଥିତ ଭାଷା ମାନବ ସମାଜର ଅଶେଷ କଲ୍ୟାଣ ସାଧନ କରି ଆସିଛନ୍ତି ।

**କଥିତ ଭାଷାର ଉପାଦାନ :-**

ମନୁଷ୍ୟର ଭାବର ବାହକ ଭାଷା କୌଣସି ଗୋଟିଏ ଉପାଦାନରେ ଗଢା ନୁହେଁ । ଏହା ବିଭିନ୍ନ ଉପାଦାନର ସମନ୍ୱୟରୁ ସୃଷ୍ଟ ଏକ ଶୃଙ୍ଖଳିତ ରୂପ । ଏହି ମୌଳିକ ଉପାଦାନ ଗୁଡିକ ହେଉଛି, ଧ୍ୱନି, ଧନିମ, (ଧ୍ୱନିଗ୍ରାମ), ଶବ୍ଦ ପଦ(ରୂପ), ବ୍ୟାକରଣ, ବାକ୍ୟ, ଅର୍ଥ ପ୍ରଭୃତି ।

**୧.୧୦.ଧ୍ୱନି - (ଭାଷଣ ଧ୍ୱନି)**

ଭାଷାର ପ୍ରଥମ ଉପାଦାନ ହେଉଛି ଧ୍ୱନି । ଏହି ଧ୍ୱନିର ଉତ୍ପନ୍ନ ପାଇଁ ମୌଳିକ ଉପାଦାନ ହେଉଛି ବାୟୁ । ଯେଉଁ ବାୟୁ ମନୁଷ୍ୟର ଜୀବନ ଧାରଣ ପାଇଁ ପ୍ରଶ୍ୱାସ ଓ ନିଃଶ୍ୱାସରେ ବ୍ୟବହୃତ ହୋଇଥାଏ, ସେହି ବାୟୁ ମଧ୍ୟ ଭାଷଣ ଅବୟବ

ସାହାଯ୍ୟରେ ବାଗ୍‌ଧ୍ୱନି ଉତ୍ପନ୍ନ କରିଥାଏ । ନିଃଶ୍ୱାସର ବାୟୁ ଫୁସ୍ ଫୁସ୍‌ରୁ ଶ୍ୱାସନଳୀ ଦେଇ ପ୍ରବାହିତ ହେଲାବେଳେ ସ୍ୱରତନ୍ତ୍ରୀରେ ନିୟନ୍ତ୍ରିତ ହୋଇ ମୁଖ ଗହ୍ୱରରେ ପ୍ରବେଶ କରେ । ମୁଖ ଗହ୍ୱରରୁ ବିଭିନ୍ନ ଅବୟବ ଦ୍ୱାରା ପରିଚାଳିତ ହୋଇ ବାହାରକୁ ଆସିଲାପରେ ଧ୍ୱନିରେ ପରିଣତ ହୋଇଯାଏ । ଏହି ବିଧିରେ ଉତ୍ପନ୍ନ ଧ୍ୱନିକୁ ବାଗ୍ ଧ୍ୱନି, ବା ଭାଷଣ ଧ୍ୱନି କୁହାଯାଏ ଏବଂ ଭାଷଣ ଅବୟବ ଗୁଡିକୁ ବାଗ୍ ଯନ୍ତ୍ର କୁହାଯାଏ । ବାଗ୍ ଧ୍ୱନିବ୍ୟତୀତ ଅନ୍ୟ ଧ୍ୱନି ଗୁଡିକର ଭାଷା ନିର୍ମାଣ କରିବାର କ୍ଷମତା ନଥାଏ । ଏହି ଧ୍ୱନି ଦୁଇ ଭାଗରେ ବିଭକ୍ତ - ସ୍ୱର ଓ ବ୍ୟଞ୍ଜନ । ସ୍ଥାନ ଓ ଉଚ୍ଚାରଣ ବିଧିର ଭେଦ ଅନୁସାରେ ଭିନ୍ନ ଭିନ୍ନ ପ୍ରକାର ଧ୍ୱନି ଉତ୍ପନ୍ନ ହୋଇ ଭାଷା ଗଠନ କରନ୍ତି ।

**୧.୧୧. ଭାଷାର ସ୍ୱରୂପ ଓ ଲକ୍ଷଣ :**

ଭାଷାର ସ୍ୱରୂପ ଆଲୋଚନା କଲାବେଳେ ସାଧାରଣତଃ ୩ଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ । (କ) ଲକ୍ଷଣ (ଖ) ପ୍ରବୃତ୍ତି (ଗ) ବିଭିନ୍ନ ରୂପ ।

**(କ) ଲକ୍ଷଣ** -ମନୁଷ୍ୟ ଭାଷା ବ୍ୟବହାର କଲାବେଳେ ଏପରି କେତେକ ନିର୍ଦ୍ଦିଷ୍ଟ ଓ ବିଶିଷ୍ଟ ଲକ୍ଷଣ ଦେଖିବାକୁ ମିଳେ, ଯାହା ମାନବେତର ପ୍ରାଣୀମାନଙ୍କ ମୁଖୋଦ୍‌ଗୀର୍ଣ୍ଣ ଧ୍ୱନିରେ ଆଦୌ ସମ୍ଭବ ନୁହେଁ । Prof. Robert A.Hall ଓ C.F. Hockett ମାନବ ଓ ମାନବେତର ପ୍ରାଣୀମାନଙ୍କର ତୁଳନାତ୍ମକ ଅଧ୍ୟୟନ କାଳରେ ମନୁଷ୍ୟ ଭାଷାର ବିଶିଷ୍ଟ ଲକ୍ଷଣ ଗୁଡିକ ଅନୁଧ୍ୟାନ କରିଥିଲେ ।Prof. Hall ତାଙ୍କର Introductory Linguistics ଓ Hockett ତାଙ୍କର Seven Characteristics of Human Language ଗ୍ରନ୍ଥରେ ବିଶଦ ଆଲୋଚନା କରିଛନ୍ତି । ଏହା ଭାଷାର ସପ୍ତ ଲକ୍ଷଣ ନାମରେ ପରିଚିତ ।

(କ) ଭାଷା ପ୍ରେରଣ ଓ ଗ୍ରହଣ ପ୍ରକ୍ରିୟାରେ ବିନିମୟ ବା ପରିବର୍ତ୍ତନୀୟତା (Inter changeability)
(ଖ) ବିଶେଷୀକରଣ (Speialization) (ଧ୍ୱନି, ଶବ୍ଦ, ରୂପ, ବାକ୍ୟ ପ୍ରଭୃତିର)
(ଗ) ବିଦ୍ୟମାନତା - ମୂର୍ତ୍ତ ଅମୂର୍ତ୍ତର ରୂପାୟନ (Placement or embodiment)
(ଘ) ଯାଦୃଚ୍ଛିକତା -(Arbitrariness)1
(ଙ) ଦ୍ୱୈତତା - (Duality)
(ଚ) ଉତ୍ପାଦନକ୍ଷମତା -(Productivity)
(ଛ) ସାଂସ୍କୃତିକ ସଂପ୍ରେଷଣ -(Cultural transmission)

**୧.୧୨. (କ)** ଅଭିବ୍ୟକ୍ତି ସାଧନରେ ବକ୍ତା ଓ ଉପଲବ୍ଧି ସାଧନରେ ଶ୍ରୋତାର ପରସ୍ପର ଭାବ ବିନିମୟ ପ୍ରକ୍ରିୟାକୁ Inter changeability କୁହାଯାଏ । ମନୁଷ୍ୟ ବା ବକ୍ତାର ଉଚ୍ଚାରିତ ଧ୍ୱନି ପ୍ରେରଣ ଓ ଶ୍ରୋତାର ଶ୍ରବଣେନ୍ଦ୍ରିୟ ଦ୍ୱାରା ସେହି ଧ୍ୱନି ସମୂହର ଆଦାନ ବା ଗ୍ରହଣ କ୍ଷମତା ନିହିତ । ସମାଜରେ ବ୍ୟକ୍ତି ତା'ର ଚିନ୍ତାଧାରାକୁ ବ୍ୟକ୍ତିବର୍ଗଙ୍କ ନିକଟକୁ ପ୍ରେରଣ କରେ । ସେହି ପ୍ରେରିତ ଧାରାକୁ ଅନ୍ୟମାନେ ଗ୍ରହଣ କରିଥାନ୍ତି । ପ୍ରଥମ ବ୍ୟକ୍ତି ହୁଏ ପ୍ରଥମେ ବକ୍ତା ଓ ପରେ ଶ୍ରୋତା । ସେହିପରି ଶ୍ରୋତାମାନେ ପ୍ରଥମେ ଶ୍ରୋତା ଓ ପରେ ବକ୍ତା । ଏହାପରେ କଥନ ଓ ଶ୍ରବଣରେ ନିରବଚ୍ଛିନ୍ନ ବିନିମୟ ଲାଗିରହିଥାଏ । ଇତର ପ୍ରାଣୀମାନଙ୍କର ଏହିପରି ବିନିମୟ କ୍ଷମତା ନଥାଏ ।

**୧.୧୩. (ଖ)** ପ୍ରତ୍ୟେକ ଭାଷାର ସ୍ୱକୀୟତା ବା ବିଶେଷତ୍ୱ ରହିଛି । ଏହି ବିଶେଷତ୍ୱ (Speciality) ତାହାକୁ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର ବୋଲି ଚିହ୍ନାଇ ଦିଏ । ଧ୍ୱନି, ଶବ୍ଦ, ପଦ, ବାକ୍ୟ ଓ ପ୍ରକାଶ ଭଙ୍ଗୀ କ୍ଷେତ୍ରରେ ଏହି ବିଶେଷ ଲକ୍ଷଣ ପରିଲକ୍ଷିତ ହୁଏ । ଯେପରି ଓଡିଆ ଭାଷା କହୁଥିବା ଲୋକେ ଇଂରାଜୀ ବା ଅନ୍ୟ ଭାଷାକୁ ଆୟତ୍ତ କରିବା ସହଜସାଧ୍ୟ ନୁହେଁ ସେହିପରି ଅନ୍ୟ ଭାଷୀ ଓଡିଆ ଭାଷା କହିବା ସହଜ ସାଧ୍ୟ ନୁହେଁ । ଅଭ୍ୟାସ କରି କୁହାଯାଇପାରେ ମାତ୍ର ସଂପୂର୍ଣ୍ଣ ଭାବରେ ବା ଅବିକଳ ଭଙ୍ଗୀରେ ଉଚ୍ଚାରଣ କରିବା ବା କହିବା ସମ୍ଭବ ନୁହେଁ ।

**୧.୧୪. (ଗ)** ଭାଷା, ବସ୍ତୁ ବା ପଦାର୍ଥର ବିଦ୍ୟମାନତା ବା ଅବିଦ୍ୟମାନତା ଉଭୟକୁ ପ୍ରକାଶ କରିଥାଏ । ପରିବେଶ, ପରିସ୍ଥିତି, ବସ୍ତୁ ବା ପଦାର୍ଥ ନିକଟରେ ଜଣେ ନଥାଇ ମଧ୍ୟ ସେ ସଂପର୍କରେ କିଛି କହିପାରେ । ଏପରିକି ଆମ୍ଭେମାନେ ଅତୀତରେ

ବହୁ ଘଟଣା ଏବଂ ଦୂରଦୂରାନ୍ତର ଘଟଣାକୁ ମଧ୍ୟ ବର୍ଣ୍ଣନା କରିପାରୁ । ଯେପରି ଜଳଭରା ନଦୀ, ବାତ୍ୟା, ବନ୍ୟା, ସୁନାମି, ଜଳଶୂନ୍ୟ ପୁଷ୍କରିଣୀ ରୂପ ଭାଷାଦ୍ୱାରା ମନୁଷ୍ୟ ମନରେ ଉପସ୍ଥାପିତ ହୋଇଥାଏ । ସେହିପରି ମନୁଷ୍ୟର ଅନ୍ୟାନ୍ୟ ଗୁଣ – ପାପ, ପୁଣ୍ୟ, ରାଗ, କ୍ରୋଧ, ଶୋକ, ଘୃଣା, ପ୍ରେମ ଓ ଆନନ୍ଦ, ଆତ୍ମା, ପରମାତ୍ମା ଭାବ ଗୁଡିକ ଭାଷାରେ ରୂପାୟିତ ହୋଇ ପ୍ରକାଶ ପାଇଥାଏ ଯାହାକୁ Placement and displacement କୁହାଯାଏ ।

**୧.୧୫. (ଘ)** – ସଂଙ୍କେତ ଧର୍ମୀ ଗୁଣ ଯୋଗୁଁ ଭାଷା ବ୍ୟବହାରରେ ଯାଦୃଚ୍ଛିକତା ଦେଖାଯାଏ । ସେଥିପାଇଁ ଭିନ୍ନ ଭିନ୍ନ ଭାଷାରେଭିନ୍ନ ଭିନ୍ନ ଧ୍ୱନି ରହିଛି । ଇଂରାଜୀରେ (P)Sound ଅଘୋଷ ଦ୍ୱ୍ୟୋଷ୍ଠ୍ୟ ସ୍ପର୍ଶ ବ୍ୟଞ୍ଜନ ଯେପରି ସଙ୍କେତିତ ସେହି ଏକପ୍ରକାର ଧ୍ୱନ୍ୟାତ୍ମକ ରୂପ ଅନ୍ୟଭାଷାରେ ଯଥା ଓଡିଆରେ (ପ), ହିନ୍ଦୀରେ ( प ) ଭିନ୍ନ ଭିନ୍ନ ଭାବରେ ସଙ୍କେତିତ । ସଂସ୍କୃତ ଭାଷାରେ ଅ, ଆ, ଇ, ଈ, ସ୍ୱର ଧ୍ୱନି କିମ୍ବା କ,ଖ , ଗ, ଘ ବ୍ୟଞ୍ଜନ ଧ୍ୱନି ଥିଲାବେଳେ ଇଂରାଜୀରେ a,e,i,o,u, ସ୍ୱର ଏବଂ k, g, b,d, p ବ୍ୟଞ୍ଜନ ଧ୍ୱନି ପ୍ରଚଳିତ । ଭାଷାରେ ଧ୍ୱନି ଓ ଧ୍ୱନି ସମୁହର ଅର୍ଥ ମଧ୍ୟ ଯାଦୃଚ୍ଛିକ । ତେଣୁ ଧ୍ୱନି ସମଷ୍ଟି ଗୋଟିଏ ଭାଷାରେ ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥ ପ୍ରକାଶ କଲାବେଳେ ଅନ୍ୟଗୋଟିଏ ଭାଷାରେ ଅନ୍ୟ ଏକ ଅର୍ଥ ପ୍ରକାଶ କରେ ।

**୧.୧୬. (ଙ)** ମଣିଷ ବ୍ୟବହାର କରୁଥିବା ଭାଷାରେ ଦୁଇଟି ଉପ ପଦ୍ଧତି ପ୍ରଚଳିତ – ଧ୍ୱନି ଓ ଅର୍ଥ । ପୁନଶ୍ଚ ଧ୍ୱନି ସମଷ୍ଟିର ଦୁଇଟି ତତ୍ତ୍ୱ ଅଛି – ୧. ଅର୍ଥତତ୍ତ୍ୱ – ସମ୍ବନ୍ଧ ତତ୍ତ୍ୱ ।

ଶବ୍ଦ – (ଅର୍ଥତତ୍ତ୍ୱ + O) ଶବ୍ଦର ମୂଳ ରୂପ ପ୍ରକୃତି ବା ପ୍ରାତିପଦକ ।

ପଦ – (ଅର୍ଥତତ୍ତ୍ୱ + ସମ୍ବନ୍ଧ ତତ୍ତ୍ୱ) ପ୍ରକୃତି ସହିତ ସମ୍ବନ୍ଧ ସ୍ଥାପନ (ପ୍ରତ୍ୟୟ ପ୍ରଭୃତି)

ଧ୍ୱନି ସମଷ୍ଟି ନିର୍ଦ୍ଦିଷ୍ଟ ରୀତିରେ ସଜ୍ଜିତ ହୋଇ ଏକତ୍ର ଉଚ୍ଚାରିତ ହେଲେ ଓ କୌଣସି ଅର୍ଥ ପ୍ରକାଶ କଲେ ତାହାହୁଏ ଶବ୍ଦ । ମାତ୍ର ମନେରଖିବାକୁ ହେବ ଯେ କେବଳ ଶବ୍ଦଦ୍ୱାରା ବାକ୍ୟଗଠନ ସମ୍ଭବ ନୁହେଁ ।ଏଥିପାଇଁ ଶବ୍ଦ ପଦରେ ପରିଣତ ହେବା ଉଚିତ । ବାହ୍ୟ ଦୃଷ୍ଟିରୁ ଶବ୍ଦ ଓ ପଦ ଅଭିନ୍ନ ହେଲେ ହେଁ ଶବ୍ଦ ଓ ପଦ ମଧ୍ୟରେ ମୌଳିକ ପାର୍ଥକ୍ୟ ଅଛି । ସଂସ୍କୃତ ଭାଷାରେ ଶବ୍ଦର ମୂଳ ରୂପକୁ କୁହାଯାଏ ପ୍ରକୃତି ବା ପ୍ରାତିପଦକ ଏବଂ ସମ୍ବନ୍ଧ ତତ୍ତ୍ୱ । (ସମ୍ବନ୍ଧ ସ୍ଥାପନ ପାଇଁ ଶବ୍ଦରେ ଯୋଗ କରାଯାଉଥିବା ତତ୍ତ୍ୱକୁ କୁହାଯାଏ ପ୍ରତ୍ୟୟ) । ଅତଏବ ଉଭୟ ମିଳନରେ ହିଁ ଭାଷା ଅର୍ଥ ପୂର୍ଣ୍ଣ ଓ ଭାବ ବିନିମୟର ସାର୍ଥକ ମାଧ୍ୟମ ।

**୧.୧୭.(ଚ) ଉତ୍ପାଦନ କ୍ଷମତା –** ପ୍ରତ୍ୟକ ଭାଷା ଅନନ୍ୟ । ଏହାର ଧ୍ୱନିତତ୍ତ୍ୱ ମଧ୍ୟ ସେହି ଭାଷା ପ୍ରତି ନିର୍ଦ୍ଦିଷ୍ଟ । ରୂପତତ୍ତ୍ୱ, ବାକ୍ୟଗଠନ ପଦ୍ଧତି ମଧ୍ୟ ନିର୍ଦ୍ଦିଷ୍ଟ ଭାଷାର ସ୍ୱତନ୍ତ୍ର ରୂପ ବହନ କରେ । ସମୟର ବିବର୍ତ୍ତନ ଧାରାରେ ଭାଷାରେ ନୂତନ ନୂତନ ସାମଗ୍ରୀ ସଲଗ୍ନ ହୋଇ ଚାଲିଥାଏ । ଏହାଦ୍ୱାରା ଭାଷା ଜୀବନ୍ତ, ପରିମାର୍ଜିତ ପରିବର୍ଦ୍ଧିତ ଓ ପ୍ରଚଳିତ ହୋଇ ଚାଲିଥାଏ । ଶବ୍ଦ ମାନଙ୍କର ଆହରଣ, ନୂତନଶବ୍ଦର ନିର୍ମାଣ, ନୂତନ ଅର୍ଥର ଉଦ୍ଭାବନ, ବାକ୍ୟ ଗଠନରେ ନବୀକରଣ, ନୂତନ ଶୈଳୀର ପ୍ରବର୍ତ୍ତନ ପ୍ରଭୃତି ହେଉଛି ଭାଷାର ଉତ୍ପାଦନ କ୍ଷମତାର ଅନ୍ତର୍ଭୁକ୍ତ ।

**୧.୧୮. (ଛ)** ଭାଷା, ଉତ୍ତରାଧିକାର ସୂତ୍ରରେ ନୁହେଁ ଅନୁକରଣ ଓ ଶିକ୍ଷାଦ୍ୱାରା ଏକ ବ୍ୟକ୍ତିଠାରୁ ଅନ୍ୟବ୍ୟକ୍ତି ବା ବ୍ୟକ୍ତିବର୍ଗ ପର୍ଯ୍ୟନ୍ତ ପରଂପରାକ୍ରମେ ପ୍ରବାହିତ ହୋଇଥାଏ । ଶୈଶବରେ ପ୍ରତ୍ୟେକ ମନୁଷ୍ୟ ତା'ର ଗୁରୁଜନ ବା ସମକାଳୀନ ବ୍ୟକ୍ତିମାନଙ୍କ ଠାରୁ ଅନୁକରଣ କରି ଭାଷାଶିକ୍ଷା କରିଥାଏ ଓ ସେହି ସୂତ୍ରରେ ଅନ୍ୟମାନେ ତା'ଠାରୁ ଶିକ୍ଷା କରିଥାନ୍ତି । ନୂତନ ନୂତନ ଜ୍ଞାନଲାଭ କରି ମନୁଷ୍ୟ ନୂତନ ଢଙ୍ଗରେ ଭାଷାକୁ ସମୃଦ୍ଧ କରେ। ସମୟାନୁସାରେ ମନୁଷ୍ୟର ଜ୍ଞାନ, ସଂସ୍କୃତି ଓ ସଭ୍ୟତାର ବିକାଶ ସାଧିତ ହୋଇଥାଏ । ଏହିପରି ଭାବରେ ଭାଷା ପରଂପରାକ୍ରମେ ସଂପ୍ରସାରିତ ହୋଇଥାଏ , ଯାହା ଇତର ପ୍ରାଣୀମାନଙ୍କର ଆଦୌନଥାଏ ।

### ୨.୧. ଭାଷାର ବିଶେଷତ୍ୱ, ପ୍ରକୃତି ଓ ପ୍ରବୃତ୍ତି :

ଭାଷାପରିବର୍ତ୍ତନଶୀଳ ମନୁଷ୍ୟ ଦୈନନ୍ଦିନ ବ୍ୟବହାର କରୁଥିବା ଭାଷା ସ୍ଥିର ନୁହେଁ, ପରିବର୍ତ୍ତନ ଶୀଳ । ମନୁଷ୍ୟର ଅନ୍ୟାନ୍ୟ ବ୍ୟବହୃତ ଦ୍ରବ୍ୟ ବା ପଦାର୍ଥ ମାନଙ୍କର ରୂପ ଓ ଗୁଣରେ ଯେପରି ପରିବର୍ତ୍ତନ ଦେଖାଯାଇଥାଏ ସେହିପରି ଭାଷା ବ୍ୟବହାରରେ ମଧ୍ୟ ଦେଖା ଦେଇଥାଏ । କଥିତ ଭାଷା ଅନୁକରଣ ଉପରେ ବିଶେଷ ଆଧାରିତ ହୋଇଥିବାରୁ ଭାଷାର ପରିବର୍ତ୍ତନ ସ୍ୱାଭାବିକ ।

ବିଶେଷ କରି ମନୁଷ୍ୟ ଏକ ଅନୁକରଣପ୍ରିୟ ପ୍ରାଣୀ ହୋଇଥିବାରୁ ସେ ଭାଷାକୁ ଅନୁକରଣ କରି ଆୟତ୍ତ କରେ । ମାତ୍ର ଏହା ଯେ ସଂପୂର୍ଣ୍ଣ ଭାବରେ ସଫଳ ହୁଏ ତା ନୁହେଁ । ସେଥିପାଇଁ ଭାଷାରେ ବିଭିନ୍ନତା ବା ପରିବର୍ତ୍ତନ ଦେଖାଦିଏ ।

**୨.୨. ଭାଷା ମନୁଷ୍ୟର ଏକ ଅର୍ଜିତ ସଂପତ୍ତି :**

ମନୁଷ୍ୟ ଶୈଶବ ଅବସ୍ଥାରୁ ଅନୁକରଣ କରି ଅଭ୍ୟାସ ଦ୍ୱାରା ସମାଜରୁ ଭାଷା ଶିକ୍ଷାକରେ । ଏହା ପୈତୃକ ସଂପତ୍ତି ପରି ଉତ୍ତରାଧିକାର ସୂତ୍ରରେ ଲାଭ କରାଯାଏ ନାହିଁ । ମାତାପିତା ଅଥବା ପରିବାରର ଅନ୍ୟାନ୍ୟ ବ୍ୟକ୍ତି ଯେଉଁ ଭାଷା କହୁଥିବେ ଶିଶୁଯେ ସେହି ଭାଷା ଅବିକୃତ ଭାବରେ କହିବ ଏହାନୁହେଁ । ଏପରିକି ଶିଶୁ ବିଦେଶରେ ବା ବାହାର ସମାଜରେ ରହିଲେ ତା'ର ଭାଷା ମଧ୍ୟ ସେହି ଗୋଷ୍ଠୀ ବା ସମାଜରେ କଥିତ ଭାଷାକୁ ହିଁ କହିବ । ଜଣେ ଓଡିଆ ଶିଶୁକୁ ଯଦି ବିଲାତ କିମ୍ବା ରୁଷକୁ ପଠାଇ ଦିଆଯାଏ ତାହେଲେ ତା'ର ମାତୃଭାଷା ଓଡିଆ ନହୋଇ ସେହି ଭାଷାହିଁ ହେବ । ଅତଏବ ଭାଷା ଏକ ଅନୁକରଣ ଓ ପ୍ରଯତ୍ନ ସାଧନ ପ୍ରକ୍ରିୟା ଯାହା ବ୍ୟକ୍ତି ନିଜେ ଅର୍ଜନ କରେ ।

**୨.୩. ବ୍ୟକ୍ତି ବିଶେଷ ଭାଷାର ସ୍ରଷ୍ଟା ନୁହଁନ୍ତି , ଏହା ସାମାଜିକ ପରଂପରାରୁ ଅର୍ଜନ କରାଯାଏ :**

ମନୁଷ୍ୟ ସମାଜରେ ବଢେ ଓ ତଦନୁସାରେ ବେଶ, ପୋଷାକ, ଖାଦ୍ୟ, ପେୟ, ଚାଲିଚଳଣି, ହାବ ଭାବ ସମାଜରୁ ଅନୁକରଣ କରି ଶିଖେ । ପ୍ରଥମେ ନିଜ ମା' ଠାରୁ ତାପରେ ପରିବାର ଓ ନିଜ ଆତ୍ମୀୟ ମାନଙ୍କୁ ଅନୁକରଣ କରିଥାଏ । ଏହା ଏକ ପରଂପରା ଭାବରେ ସମାଜରେ ପ୍ରଚଳିତ । ଫଳରେ ମନୁଷ୍ୟର ଭାଷାର ବିକାଶ ଓ ପ୍ରୟୋଗ ମଧ୍ୟ ସମାଜରେ ସଂପାଦିତ ହୋଇଥାଏ । ବ୍ୟକ୍ତି ଇଚ୍ଛାକଲେ ଏହାର ଆଂଶିକ ପରିବର୍ତ୍ତନ ଆଣିପରେ ମାତ୍ର ଏହାର ସ୍ରଷ୍ଟା ହୋଇ ନପାରେ । ଏପରିକି ଗୋଟିଏ ସମାଜରେ ଅନ୍ୟଭାଷୀ ବ୍ୟକ୍ତିର ଭାଷା ଯଦି ବୋଧଗମ୍ୟ ନୁହେଁ ତାହେଲେ ସେହି ଅନ୍ୟ ଭାଷା ଯେଉଁ ସମାଜରେ ବସବାସ କରେ ସେହି ଭାଷା କହିବାକୁ ବାଧ୍ୟ ହୋଇଥାଏ ଏବଂ ସେହି ଭାଷାକୁ ମଧ୍ୟ ସେ ଆୟତ୍ତ କରିବାକୁ ପ୍ରଯତ୍ନ କରେ ।

**୨.୪. ଅନୁକରଣ ଦ୍ୱାରା ଭାଷା ଅର୍ଜନ କରାଯାଏ :**

ଗୋଟିଏ ଶିଶୁକୁ ଜନ୍ମଠାରୁ ଭାଷାଶିଖାଇବା ସହଜ ସାଧ୍ୟ ବ୍ୟାପାର ନୁହେଁ । ଶିଶୁ ତା'ର ମାତା ପିତା ଓ ଆତ୍ମୀୟ ମାନଙ୍କ ଠାରୁ ଯେତିକି ଶିଖି ନଥାଏ ତା'ଠାରୁ ଅଧିକ ନିଜେ ଅନୁକରଣ କରି ଅଭ୍ୟାସ ଦ୍ୱାରା ଶିଖେ । ଉଦାହରଣ ସ୍ୱରୂପ 'ବାପା' ଶବ୍ଦ କୁ ନିଆଯାଇପାରେ । ଏହି ଶବ୍ଦକୁ ଉଚ୍ଚାରଣ କଲାବେଳେ ଶିଶୁ ଧୀରେ ଧୀରେ ଅନୁକରଣ କରି ପ୍ରଥମେ ଅସ୍ପଷ୍ଟ ବା ଖନେଇ ଖନେଇ ବା-ବା-ବା ଓ ପରେ 'ବାପା' କହିଥାଏ । ଶିଶୁର ବୟସ ବୃଦ୍ଧି ସହିତ ଧୀରେ ଧୀରେ ଉଚ୍ଚାରଣ ଶୁଦ୍ଧହୋଇଯାଏ ।

**୨.୫. ଭାଷାର କୌଣସି ଅନ୍ତିମ ସ୍ୱରୂପ ନାହିଁ :**

ଭାଷାର ଧର୍ମ ଓ ପ୍ରକୃତି ଅନୁସାରେ ଏହା ସର୍ବଦା ପରିବର୍ତ୍ତନ ଓ ବିକାଶଶୀଳ ହୋଇଥିବାରୁ ଏହାର କୌଣସି ପରିପୂର୍ଣ୍ଣ ସ୍ୱରୂପ ନଥାଏ । ବିଭିନ୍ନ ସମୟରେ ପରିବେଶ, ପରିସ୍ଥିତି ଓ ପ୍ରଭାବ ଫଳରେ ଭାଷାର ରୂପାନ୍ତର ଘଟେ । ଯେପରି ମୂଳ ସଂସ୍କୃତ ଭାଷାରୁ ଲୌକିକ ସଂସ୍କୃତ, ପାଲି ପ୍ରାକୃତ, ଅପଭ୍ରଂଶ ଓ ଆଧୁନିକ ଭାରତୀୟ ଭାଷାର ରୂପାନ୍ତର ଘଟିଛି । ସଦାସର୍ବଦା ବ୍ୟବହୃତ ଭାଷାରେ କିଛିନା କିଛି ପରିବର୍ତ୍ତନ ଦେଖାଦେବା ସ୍ୱାଭାବିକ ।

**୨.୬. ଭୌଗୋଳିକ ପରିସୀମା :**

ପ୍ରତ୍ୟେକ ଭାଷାର ଏକ ସ୍ୱକୀୟ ଭୌଗୋଳିକ ସୀମା ନିହିତ । ଏହାର ଅର୍ଥ ନୁହେଁ ଯେ କେବଳ ସେହି ସୀମା ମଧ୍ୟରେ ସେହି ଭାଷା କଥିତ ବା ବ୍ୟବହୃତ ହେବ, ଅନ୍ୟ କେଉଁ ଠାରେ ହେବନାହିଁ । କୌଣସି ଗୋଷ୍ଠୀ ବା ସମାଜ ବା ଜାତିର ରାଜନୀତିକ ଦୃଷ୍ଟି କୋଣରୁ ଯେଉଁ ସୀମାରେଖା ନିର୍ଦ୍ଧାରଣ କରାଯାଇଥାଏ ତଦନୁସାରେ ସେହି ଅଧିବାସୀମାନଙ୍କ କଥିତ ମାତୃଭାଷାକୁ ନାମିତ କରାଯାଇଥାଏ । ଏହିସୀମା ରେଖାର ସଙ୍କୋଚନ ଓ ସଂପ୍ରସାରଣ ଯେ ନହୁଏ, ତାହା ନୁହେଁ ମାତ୍ର ରାଜ୍ୟର ଭୌଗୋଳିକ ସୀମା ରେଖା ମୁଖ୍ୟତଃ ଭାଷାକୁ ଚିହ୍ନିତ କରାଇଥାଏ ଯେପରି, ବଙ୍ଗଳା, ଓଡିଆ, ତେଲୁଗୁ, ତାମିଲ୍ ପ୍ରଭୃତି ।

**୨.୭. ଐତିହାସିକ ସୀମା :**

ଭାଷାର ଭୌଗୋଳିକ ସୀମା ପରି ପ୍ରତ୍ୟେକ ଭାଷାର ଐତିହାସିକ ସୀମାରେଖା ମଧ୍ୟ ରହିଛି । ସମୟ ଖଣ୍ଡରେ ଭାଷାର ପରିବର୍ତ୍ତିତ ରୂପ ଅନୁସାରେ ଭାଷାକୁ ଖଣ୍ଡିତ କରାଯାଇଥାଏ । କୌଣସି ନିର୍ଦ୍ଦିଷ୍ଟ ସମୟ ଖଣ୍ଡରୁ ଭାଷାର ଆରମ୍ଭ ଓ ବିକାଶ ଏବଂ ପରିବର୍ତ୍ତିତ ରୂପ ସମୟ ପର୍ଯ୍ୟନ୍ତ ସେହି ଭାଷାର କାଳ ନିରୂପିତ ହୋଇଥାଏ । ଯେପରି ପ୍ରାକୃତ ଭାଷାର ଐତିହାସିକ ସୀମା ପ୍ରଥମ ଶତାବ୍ଦୀରୁ ଆରମ୍ଭ ହୋଇ ପଞ୍ଚମ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟବହୃତ ଏବଂ ଏହା ପୂର୍ବବର୍ତ୍ତୀ ପାଲିଭାଷାଠାରୁ ଏବଂ ପରବର୍ତ୍ତୀ ଅପଭ୍ରଂଶ ଭାଷାଠାରୁ ଭିନ୍ନ ।

**୨.୮. ଭାଷା କଠିନତାରୁ ସରଳତା ଅଥବା ସ୍ଥୂଳତାରୁ ସୂକ୍ଷ୍ମତା ଆଡକୁ ଗତି କରିଥାଏ :**

ମନୁଷ୍ୟର ପ୍ରବୃତ୍ତି ଅନୁସାରେ ଅଳ୍ପରେ ବହୁତ ଆୟତ୍ତ କରିବା ଆକାଂକ୍ଷାରୁ ଭାଷା ମଧ୍ୟ କଠିନରୁ ସରଳ ଆଡକୁ ଗତି କରିଥାଏ । ବିଶେଷତଃ କଥିତ ଭାଷାରେ ତତ୍‌ସମ ପରି କଠିନ ଅର୍ଥ ଅଥବା ଆୟାସ ସାଧ୍ୟ ଉଚ୍ଚାରଣ ବୈଦେଶିକ ଶବ୍ଦ ବ୍ୟବହାର କଲାବେଳେ ସରଳ କରିବାକୁ ଚେଷ୍ଟା କରାଯାଇଥାଏ । ଏହା ଦ୍ୱାରା ଭାଷା ମଧ୍ୟ ବିଭିନ୍ନ ଦିଗରୁ ପରିବର୍ତ୍ତିତ ହୋଇଯାଏ । ଅନ୍ୟପକ୍ଷରେ ଭାଷାର ସ୍ଥୂଳରୂପ ପରିବର୍ତ୍ତିତ ହୋଇ ସୂକ୍ଷ୍ମରୂପରେ ବ୍ୟବହୃତ ହୁଏ । ୨୦୦ ବର୍ଷ ତଳର ବ୍ୟବହୃତ ଓଡିଆ ଭାଷା ଓ ଆଜିର ଓଡିଆ ଭାଷାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ମନୁଷ୍ୟର ପରିବର୍ତ୍ତିତ ରୁଚି ଓ ବିଚାର ଧାରା ଅନୁସାରେ ଭାଷାର ଗଠନ ଓ ପ୍ରକାଶ ଭଙ୍ଗୀରେ ବହୁ ପରିବର୍ତ୍ତନ ଘଟିଛି । ସହଜ ଓ ସରଳ ଶବ୍ଦ ବିନ୍ୟାସରେ ମନୁଷ୍ୟ ଅତିସୂକ୍ଷ୍ମତାର ସହିତ ନିଜର ଭାବ ବିନିମୟ କରିପାରୁଛି ।

**୨.୯. ପ୍ରାମାଣିକ ରୂପ :**

ପ୍ରତ୍ୟେକ ଭାଷାର ଏକ ପ୍ରାମାଣିକ ରୂପଥାଏ । ଏହା ଭୌଗୋଳିକ ସୀମା ନିର୍ଦ୍ଧାରିତ ଅଞ୍ଚଳର ଅଧିକାରୀମାନଙ୍କ ଦ୍ୱାରା ଗୃହୀତ ଓ ସର୍ବଜନବୋଧ୍ୟ । ସ୍ଥାନ ଓ ପରିବେଶ ଭେଦରେ ଭାଷାର କଥିତ ରୂପରେ ଭିନ୍ନତା ଦେଖାଗଲେ ମଧ୍ୟ ତାହାର ଲିଖିତ ରୂପଟି ପ୍ରାମାଣିକ ଭାଷା ଭାବରେ ପ୍ରଚଳିତ ହୋଇଥାଏ । ଓଡିଆ ଭାଷାର ଲିଖିତ ପ୍ରାମାଣିକ ( Standard Form ) ରୂପ ଠାରୁ ଗଞ୍ଜାମ, କୋରାପୁଟ, କଳାହାଣ୍ଡି , ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର , ବଲାଙ୍ଗୀର, କଟକ, ପୁରୀର କଥିତ ଭାଷା ଅନେକାଂଶରେ ଭିନ୍ନ । ନିଜ ନିଜ ଅଞ୍ଚଳରେ ଏକପ୍ରକାର ଭାଷା କଥିତ ହେଉଥିଲେହେଁ ଲିଖିତ ଭାଷା ଭାବରେ ସେମାନେ ପ୍ରାମାଣିକ ଓଡିଆକୁ ଗ୍ରହଣ କରିଥାନ୍ତି ।

**୨.୧୦. ଭାଷାର ଗଠନ ପ୍ରଣାଳୀର ସ୍ୱାତନ୍ତ୍ର୍ୟ :**

କଥିତ ଭାଷା ହେଉ ଅଥବା ଲିଖିତ ଭାଷା ହେଉ , ପ୍ରତ୍ୟେକ ଭାଷାର ଗଠନ ପ୍ରଣାଳୀରେ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରାଯାଏ । ଗୋଟିଏ ଭାଷାର ଧ୍ୱନି, ଶବ୍ଦ, ରୂପ, ବାକ୍ୟ ଓ ପ୍ରୟୋଗ କୌଶଳ ଅନ୍ୟଭାଷା ଠାରୁ ଭିନ୍ନ । କେବଳ ଉଚ୍ଚାରଣ ଦୃଷ୍ଟିରୁ ନୁହେଁ, ପ୍ରତ୍ୟେକ ଉପାଦାନ ଦୃଷ୍ଟିରୁ ମଧ୍ୟ ଭିନ୍ନ । ଏହି ଭିନ୍ନତା ହିଁ ଭାଷାର ଗଠନ ଭଙ୍ଗୀ । ଗଠନ ଓ ପ୍ରକାଶ ଭଙ୍ଗୀରୁ ପ୍ରତ୍ୟେକ ଭାଷାର ସ୍ୱାତନ୍ତ୍ର୍ୟ ସେହି ଭାଷାର ସ୍ୱରୂପ ଓ ବୈଶିଷ୍ଟ୍ୟକୁ ଚିହ୍ନାଇଥାଏ ।

**୩.୧. ଭାଷାର ସ୍ୱରୂପ ଓ ପ୍ରକାର ଭେଦ :**

ଭାଷାର ରୂପଭେଦ ମୁଖ୍ୟତଃ ଚାରୋଟି କାରଣ ଉପରେ ଆଧାରିତ – (କ) ଇତିହାସ, (ଖ) ଭୂଗୋଳ (ଗ) ପ୍ରୟୋଗ (ଘ) ନିର୍ମାତା ।

**(କ) ଇତିହାସ ଆଧାରିତ :**

କାଳ ବା ସମୟ ଅନୁସାରେ ଭାଷାର ରୂପ ପରିବର୍ତ୍ତିତ ହୋଇଥାଏ । ତେଣୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଭାଷାର ଅପରିବର୍ତ୍ତିତ ରୂପକୁ ନାମିତ କରାଯାଇ ଭାଷାର ବୈଶିଷ୍ଟ୍ୟ ନିରୂପଣ କରାଯାଏ ।

ବୈଦିକ ସଂସ୍କୃତ - ଖ୍ରୀ: ପୂ: ୧୫୦୦ - ଖ୍ରୀ : ପୂ : ୮୦୦
ଲୌକିକ ସଂସ୍କୃତ - ଖ୍ରୀ: ପୂ: ୮୦୦ - ଖ୍ରୀ : ପୂ : ୫୦୦
ପାଲି - ଖ୍ରୀ : ପୂ : ୫୦୦ - ଖ୍ରୀ : ପୂ: ୧୦୦
ପ୍ରାକୃତ - ଖ୍ରୀ : ପୂ: ୧୦୦ - ଖ୍ରୀଷ୍ଟାବ୍ଦ ୫୦୦
ଅପଭ୍ରଂଶ - ଖ୍ରୀଷ୍ଟାବ୍ଦ ୫୦୦ - ଖ୍ରୀଷ୍ଟାବ୍ଦ ୧୦୦୦
ଆଧୁନିକ ଭାରତୀୟ ଆର୍ଯ୍ୟଭାଷା - ଖ୍ରୀଷ୍ଟାବ୍ଦ ୧୦୦୦ -

**ଭୂଗୋଳ ରୂପଭେଦ ଅନୁସାରେ - ପ୍ରାକୃତ ଭାଷାର :**

**୩.୨. ଭିନ୍ନ ଭିନ୍ନ ରୂପ :**

ମହାରାଷ୍ଟ୍ର - ମହାରାଷ୍ଟ୍ରୀ
ସୌରାଷ୍ଟ - ସୌରସେନୀ
ପିଶାଚ - ପୈଶାଚୀ
ମଗଧ - ମାଗଧୀ - ଅର୍ଦ୍ଧମାଗଧୀ, ପୂର୍ବମାଗଧୀ

ଏଥିରୁ ଆଧୁନିକ ଭାରତୀୟ ଭାଷା ଓଡିଆ, ବଙ୍ଗଳା, ଆସାମୀ, ପଞ୍ଜାବୀ, ଗୁଜୁରାଟୀ, ମରାଠୀ ।

**୩.୩. ପ୍ରୟୋଗ ଆଧାରିତ ରୂପଭେଦ :**

ବ୍ୟକ୍ତିର ସ୍ତର, ଜାତି , ଧର୍ମ, ସ୍ଥାନ, ଗୋଷ୍ଠୀ ଆଦି ଭିତ୍ତିରେ ଭାଷାର ବିଭିନ୍ନ ରୂପ ଲକ୍ଷ୍ୟ କରାଯାଏ । ମୂଳଭାଷା, ଜାତୀୟ ଭାଷା, ରାଷ୍ଟ୍ରଭାଷା, ରାଜଭାଷା , ସାହିତ୍ୟିକ ଭାଷା, ଲୌକିକ ଭାଷା, ବୈଷୟିକ ଭାଷା, ପ୍ରାମାଣିକ ଭାଷା, ଗୁପ୍ତ ଭାଷା, ଅପଭାଷା, ସାଧୁ ଭାଷା, ଅସାଧୁଭାଷା, ଶୁଦ୍ଧଭାଷା, ବିକୃତ ଭାଷା, ଦେଶୀୟ ଭାଷା, ବୈଦେଶିକ ଭାଷା, ଗ୍ରାମ୍ୟ ଭାଷା, ଉପଭାଷା ପ୍ରଭୃତି ।

**୩.୪. ନିର୍ମାଣ ଆଧାରିତ ରୂପଭେଦ :**

ନିର୍ମାତାର ସଂଖ୍ୟା ଓ ସ୍ତର ଭେଦରେ ମଧ୍ୟ ଭାଷାର ରୂପଭେଦ ଲକ୍ଷ୍ୟ କରାଯାଏ । ଯଦି ସମାଜ ଭାଷାର ନିର୍ମାତା ହୁଏ, ତେବେ ଏହା ପରଂପରା କ୍ରମେ ପ୍ରଚଳିତ ହୁଏ । ଏହାର ପରିସର ମଧ୍ୟ ସେହି ପରି ବ୍ୟାପକ ହୁଏ । ଅନ୍ୟପକ୍ଷରେ ଯଦି ବ୍ୟକ୍ତି ବିଶେଷ ବା ସୀମିତ ବ୍ୟକ୍ତି ବର୍ଗ ଏହାର ନିର୍ମାତା ହୁଅନ୍ତି ତେବେ ଏହା କୃତ୍ରିମ ଭାଷା ଭାବରେ ଅଭିହିତ ହୁଏ । ପୁନଶ୍ଚ ନିର୍ମାତାର ଶିକ୍ଷା, ଦୀକ୍ଷା, ରୁଚି ଓ ନୀତି ଅନୁଯାୟୀ ଭାଷାର ରୂପ ବଦଳିଯାଏ । ଯେପରି ସାରଳା ଦାସଙ୍କ ଭାଷା, ଜଗନ୍ନାଥ, ବଳରାମ, ଉପେନ୍ଦ୍ରଭଞ୍ଜ, ରାଧାନାଥ ଓ ଫକୀର ମୋହନଙ୍କ ଭାଷା ବିନ୍ୟାସରେ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ ଏବଂ ଏଥିସହିତ ବୈଜ୍ଞାନିକ ଭାଷା, କୋର୍ଟ୍‌କଚେରୀ ଭାଷା ଓ ଧର୍ମ ଦର୍ଶନର ଭାଷାରେ ମଧ୍ୟ ଅନୁରୂପ ପାର୍ଥକ୍ୟ ଲକ୍ଷ୍ୟ କରାଯାଏ ।

**ଭାଷାର ପ୍ରକାର ଭେଦ :**

ଭାଷାର ରୂପଭେଦ ପ୍ରସଙ୍ଗ କ୍ରମେ ଭାଷାର କେତୋଟି ମୁଖ୍ୟ ରୂପକୁ ଆଲୋଚନା ପରିସର ଭୁକ୍ତ କରାଯାଇପାରେ । ସେଗୁଡିକ (୧) ମୂଳଭାଷା, (୨) ଉପଭାଷା ବା ବିଭାଷା (୩) ରାଷ୍ଟ୍ରଭାଷା (୪) ରାଜଭାଷା (୫) ପ୍ରାମାଣିକ ଭାଷା, (୬) ବୈଷୟିକଭାଷା (୭) ଅପଭାଷା (୮) ସଙ୍କର ବା ମିଶ୍ର ଭାଷା, (୯) କୃତ୍ରିମ ଭାଷା (୧୦) ଗୁପ୍ତ ଭାଷା ।

**୪.୧. ମୂଳଭାଷା :**

ଭାଷାର ଏହି ରୂପଟି ଇତିହାସ ଆଧାରିତ । ଭାଷାର ଉତ୍ପତ୍ତି ଅତ୍ୟନ୍ତ ପ୍ରାଚୀନ। କୌଣସି ଏକ ସ୍ଥାନରୁ କାଳକ୍ରମେ ଭାଷାର ବିଭିନ୍ନ ରୂପ ଓ ବିକାଶ ଘଟିଆସୁଅଛି । ଆଧୁନିକ ଭାଷା-ବିଜ୍ଞାନୀମାନେ ଗବେଷଣାକରି ବିଭିନ୍ନ ତଥ୍ୟକୁ ଆଧାର କରି ସ୍ଥିର କରିଛନ୍ତି ଯେ ପୃଥିବୀରେ ଯେଉଁସବୁ ଭାଷା ପ୍ରଚଳିତ ସେମାନଙ୍କର ଏକ ପାରିବାରିକ ସଂପର୍କ ରହିଛି । ଯେଉଁ ମୂଳଭାଷାରୁ ଅନ୍ୟାନ୍ୟ ଭାଷାର ସୃଷ୍ଟି ଓ ବିକାଶ ଘଟିଛି ତାହା Indo European Language Family ବା ଭାରୋପୀୟ ଭାଷା ପରିବାର ଯେଉଁଥିରୁ Indo

Arean ଭାଷା ସୃଷ୍ଟି ଓ ବିକାଶ ଲାଭ କରିଛି । ବିକାଶ ବା ପ୍ରସାର ଲାଭ କରିବାର କାରଣ ହେଉଛି –୧. ଜନସଂଖ୍ୟା ବୃଦ୍ଧି, ୨. କେତେକ ଲୋକଙ୍କର ନିଜର ଖାଦ୍ୟ ବା ବାସସ୍ଥାନପାଇଁ ଅନ୍ୟତ୍ର ଗମନ, ୩. ନୂତନ ଭୌଗୋଳିକ ପରିବେଶରେ ଜୀବନ ଯାପନ ହେତୁ ଶରୀରରେ ଅନେକ ପରିବର୍ତ୍ତନ ଦେଖା ଦେଇଥାଏ । ସେଥିପାଇଁ ମୂଳ ଭାଷାରେ ପରିବର୍ତ୍ତନ ଦେଖାଦେବା ଅତ୍ୟନ୍ତ ସ୍ୱାଭାବିକ । ଏହି ମୂଳଭାଷା ବା Indo European Language ତିନୋଟି ମୁଖ୍ୟ ଶାଖାରେ ବିଭକ୍ତ – (୧) ଗ୍ରୀକ୍ (୨) ଭାରତ ଇରାନୀ, ଓ ଲାଟିନ୍ ଓ ଭାରତ ଶାଖା । ଭାରତୀୟ ଆର୍ଯ୍ୟଭାଷା, ଉପଭାଷା, ଏହି ପ୍ରଶାଖାରୁ ସଂସ୍କୃତ , ପାଲି, ପ୍ରାକୃତ, ଅପଭ୍ରଂଶ ପ୍ରଭୃତି କ୍ଷୁଦ୍ର ପ୍ରଶାଖାରେ ବିଭକ୍ତ ହୋଇଛି ।

**୪.୨. ଉପଭାଷା ଓ ବିଭାଷା :**

ଭାଷାର ଏହି ରୂପ ଭୂଗୋଳ ଆଧାରିତ । କୌଣସି ଭାଷା ସଂପ୍ରଦାୟ ଅନ୍ତର୍ଗତ ଅଞ୍ଚଳ ବା ସ୍ଥାନ ଭେଦରେ ବିଶେଷ ପ୍ରଚଳିତ ଭାଷାର ନାମ ଉପଭାଷ ବା ବିଭାଷା ବୋଲି କୁହାଯାଏ । ଇଂରାଜୀରେ ଏହାକୁ Dialect ଡଃ ସୁକୁମାର ସେନ୍ ଏହାକୁ ‘ଉପଭାଷା’, ଡଃ ଶ୍ୟାମସୁନ୍ଦର ଦାସ ଏହାକୁ ‘ବିଭାଷା’ ଓ ଡଃ ଭୋଳାନାଥ ତିୱାରୀ ଏହାକୁ ‘ବୋଲି’ ଭାବରେ ନାମିତ କରିଛନ୍ତି । ଏହା ପ୍ରାମାଣିକ ବା Standard Language ଠାରୁ କେତେକାଂଶରେ ଭିନ୍ନ ରୂପରେ କଥିତ ହୋଇଥାଏ । ଉଦାହରଣ ସ୍ୱରୂପ ହିନ୍ଦୀ ଭାଷାରୁ ଏକ ଉଦାହରଣ ନିଆଯାଇପାରେ ।

| | | |
|---|---|---|
| ଖଡୀବୋଲିରେ | – | ଜାତାହୁଁ |
| ବ୍ରଜ ଭାଷାରେ | – | ଜାତା ହୌ |
| ଭୋଜ ପୁରୀରେ | – | ଜାତହଇଁ |
| ମଗହୀ | – | ଜାହୀ |

ସ୍ଥାନ ଭେଦରେ ଗୋଟିଏ କ୍ରିୟାପଦ ବିଭିନ୍ନ ରୂପରେ ବ୍ୟବହୃତ । ବୋଧଗମ୍ୟତା ରଖୁଥିବା ଭାଷାର ଏହି ସ୍ଥାନୀୟ ଭେଦ ହେଉଛି – ଉପଭାଷା । ଉପଭାଷାକୁ ଆଞ୍ଚଳିକ ଭାଷା ଭାବରେ ମଧ୍ୟ ଅଭିହିତ କରାଯାଏ । କାରଣ ଭୌଗୋଳିକ ବାତାବରଣର ଭିନ୍ନତା ବା ଅଞ୍ଚଳର ଭିନ୍ନତା ହେଉଛି ଉପଭାଷା ସୃଷ୍ଟିର ଅନ୍ୟତମ କାରଣ । ଏହି ଦୃଷ୍ଟିରୁ ସମ୍ବଲପୁରୀ, ଗଞ୍ଜାମୀ, ବାଲେଶ୍ୱରୀ ପ୍ରଭୃତି ଆଞ୍ଚଳିକ ଭାଷାକୁ ପ୍ରାମାଣିକ ଓଡିଆ ଭାଷାର ଉପଭାଷା କୁହାଯାଇପାରେ ।

ଉପଭାଷାର ଅନ୍ୟତମ ବୈଶିଷ୍ଟ୍ୟ ହେଲା ଏହି ଭାଷା ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କର ଉଚ୍ଚାରଣ ପଦ୍ଧତି ପ୍ରାୟ ସମାନ । ଏଥିରେ ରୂପରଚନା, ବାକ୍ୟ ରଚନା ଶବ୍ଦମାଳା ତଥା ଅର୍ଥ ସମ୍ବନ୍ଧୀୟ କୌଣସି ପ୍ରକାର ସ୍ୱଷ୍ଟ ଓ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ଲକ୍ଷ୍ୟ କରାଯାଏ ନାହିଁ ।

**୩. ଉପଭାଷା ସୃଷ୍ଟିର କାରଣ :**

(କ) ଭୌଗୋଳିକ (ଖ) ପ୍ରାକୃତିକ ବିପର୍ଯ୍ୟୟ (ଗ) ରାଜନୀତିକ (ଘ) ଆର୍ଥନୀତିକ ।

ଭାଷା ବିଜ୍ଞାନ ଦୃଷ୍ଟିରୁ ଭାଷା ଓ ଉପଭାଷା ମଧ୍ୟରେ ମୌଳିକ ପାର୍ଥକ୍ୟ ବା ଏକ ନିର୍ଦ୍ଦିଷ୍ଟ ସୀମାରେଖା ନିର୍ଣ୍ଣୟ କରିବା ସହଜସାଧ୍ୟ ନୁହେଁ । କାରଣ ଉପଭାଷାର ବିକାଶ ଓ ସମୃଦ୍ଧି ଘଟିଲେ ତାହା କାଳକ୍ରମେ ପ୍ରାମାଣିକ ଭାଷାର ଗୌରବ ଲାଭ କରିଥାଏ । ଏସଂପର୍କରେ ସାର ଜର୍ଜ ଆବ୍ରାହମ୍ ଗ୍ରୀୟର ସନ୍ କହନ୍ତି – “In the Course of the survey , it has some times been difficult to decide whether a given form of speech is to be looked upon as an Independent language or as a dilect of some other definite form of speech... The two words 'language' and 'dilect' are in this respect like maintain and hill..... between these two the dividing line can not be accurately drawn". Edward Sapir ଙ୍କ ମତରେ “To the linguist there is the real difference between dialect and language” ସେହିପରି ଭାଷାବିତ୍ Mario Pei କହନ୍ତି– There is no intrinsic difference between language and dialect, ତଥାପି ଭାଷା ଓ ଉପଭାଷା ମଧ୍ୟରେ କେତେକ ସାଧାରଣ ପାର୍ଥକ୍ୟ ଲକ୍ଷ୍ୟ କରାଯାଏ ।

୧. ଭାଷାର କ୍ଷେତ୍ର ବା ପରିସର ବ୍ୟାପକ ଓ ପ୍ରଶସ୍ତ ମାତ୍ର ଉପଭାଷାର ପରିସର ଅପେକ୍ଷାକୃତ କ୍ଷୁଦ୍ର ।

୨. ଗୋଟିଏ ଭାଷାରୁ ସ୍ଥାନ ଓ ପରିବେଶ ଭେଦରେ ଅନେକ ଉପଭାଷା ସୃଷ୍ଟିହୋଇ ପାରେ ; ମାତ୍ର ଉପଭାଷା ଅନ୍ତର୍ଭୁକ୍ତ ହୋଇ ପାରେ ନାହିଁ ।

୩. ପ୍ରାମାଣିକ ଭାଷା ସାହାଯ୍ୟରେ ଏହାର ଭିନ୍ନ ଭିନ୍ନ ଉପଭାଷା ଗୁଡିକ ମଧ୍ୟରେ ସଂପର୍କ ନିର୍ଣ୍ଣୟ କରିହୁଏ ଅର୍ଥାତ୍ ବୁଝିହୁଏ, ମାତ୍ର ହିନ୍ଦୀ, ବଙ୍ଗଳା, ପଞ୍ଜାବୀ ଓ ତେଲୁଗୁ ପ୍ରଭୃତି ଭିନ୍ନ ଭିନ୍ନ ଭାଷା ମାଧ୍ୟମରେ ଏପରି ସଂପର୍କ ନିରୂପଣ ସହଜସାଧ୍ୟ ନୁହେଁ ।

୪. ଭାଷା ମୁଖ୍ୟତଃ ସାହିତ୍ୟ ରଚନା, ଶିକ୍ଷାଦାନ, ଶିକ୍ଷାଲାଭ, ବା ଶାସନ ଆଦି କାର୍ଯ୍ୟରେ ବ୍ୟବହୃତ ହୁଏ । ମାତ୍ର ଉପଭାଷା କେବଳ ଲୋକ ସାହିତ୍ୟ ରଚନା ଓ କଥୋପକଥନରେ ବ୍ୟବହୃତ ହୋଇଥାଏ ।

୫. ସାଧାରଣତଃ ଭାଷା ପରି ଉପଭାଷା, ସାହିତ୍ୟ, ଧର୍ମ, ରାଜନୀତି, ବାଣିଜ୍ୟ, ବ୍ୟବସାୟ ଇତ୍ୟାଦି ଦୃଷ୍ଟିରୁ ମହତ୍ତ୍ୱଲାଭ କରିନଥାଏ ।

୬. କାଳକ୍ରମେ ଯଦି କୌଣସି ଉପଭାଷା ନିଜର ଭଗିନୀ ବା ଅନ୍ୟ ଉପଭାଷା ଓ ଭାଷାଠାରୁ ସଂପର୍କ ଛିନ୍ନକରି ସଂପୂର୍ଣ୍ଣ ପୃଥକ ହୋଇଯାଏ, ଅନ୍ୟ ଉପଭାଷା ଗୁଡିକରୁ ବିଲୋପ ଘଟେ ଏବଂ କେବଳ ମାତ୍ର କୌଣସି କାରଣରୁ ଗୋଟିଏ ଉପଭାଷା ବଞ୍ଚିରହି ବିକାଶ ଲାଭ କରେ ତେବେ ଉପଭାଷା ଭାଷାର ମହତ୍ତ୍ୱ ଲାଭ କରେ । ଏହି କାରଣରୁ ବ୍ରାହୁବା, ଉପଭାଷା, ଭାଷାର ମର୍ଯ୍ୟାଦା ଲାଭ କରିଛି ।

**Local Dialect ବା ବୋଲି :**

ଏହା ଭାଷାର ଲଘୁତମ ବା ସଂକୀର୍ଣ୍ଣ ରୂପ ଏବଂ ଉପଭାଷାଠାରୁ ଅତିକ୍ଷୁଦ୍ର । ଏହାର କଥିତ ରୂପ ଅସାଧୁ ଓ ଆସାହିତ୍ୟିକ । ଏହା ସମାଜର ନିମ୍ନସ୍ତରର ଓ ଅଶିକ୍ଷିତ ଲୋକଙ୍କ ଦ୍ୱାରା ବ୍ୟବହୃତ । ଏହା କ୍ଷୁଦ୍ର କ୍ଷୁଦ୍ର ଅଞ୍ଚଳ ଭେଦର କଥିତ ହୋଇଥାଏ । ଯେପରି ପୁରୀରେ ସେବକ ପଣ୍ଡାମାନଙ୍କର ବୋଲି । ଏହା କେବେ ଉପଭାଷା କିମ୍ବା ଭାଷାର ଗୌରବଲାଭ କରେ ନାହିଁ ।

**୪.୩. ପ୍ରାମାଣିକ ଭାଷା :**

କୌଣସି ଉପଭାଷା ଅନ୍ୟ ସହଯୋଗୀ ଉପଭାଷାମାନଙ୍କ ଉପରେ ଯଦି ପ୍ରଭାବ ବିସ୍ତାର କରି ସାହିତ୍ୟିକ, ସାଂସ୍କୃତିକ ଓ ପ୍ରଶାସନିକ କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରେ ଏବଂ ଅଣ ବିଭାଷୀମାନଙ୍କ ଉପରେ ମଧ୍ୟ ପ୍ରଭାବ ପକାଏ ତାହାଲେ ସେହି ଉପଭାଷା ପ୍ରତିନିଧି ସ୍ଥାନୀୟ ହୋଇ ସମସ୍ତଙ୍କର ଆଦର୍ଶ ଭାଷା ଭାବରେ ବିବେଚିତ ହୋଇଥାଏ । ଯାହାଦ୍ୱାରା ସମାଜରେ ପାରସ୍ପରିକ ବିଚାର ବିନିମୟ, ସାହିତ୍ୟ ରଚନା, ଶିକ୍ଷା, ଶାସନ ପତ୍ରାଳାପ, ସମ୍ବାଦ ପରିବେଷଣ ଆଦି କାର୍ଯ୍ୟ ସଂପାଦିତ ହୋଇଥାଏ । ଉଦାହରଣ ସ୍ୱରୂପ ଖଡୀବୋଲି ଉପଭାଷା ଅନ୍ୟାନ୍ୟ ବ୍ରଜ, ଅବଧୀ, ଭୋଜପୁରୀ ଉପଭାଷାକୁ ପ୍ରଭାବିତ କରି ପ୍ରାମାଣିକ ଭାଷାର ଗୌରବ ଲାଭ କରିଛି । ଓଡିଆ ଭାଷାର କେତେକ ଉପଭାଷା ଭାବରେ ବିବେଚିତ ହେଉଥିଲେହେଁ ପ୍ରାମାଣିକ ଓଡିଆ ଭାଷା ରାଜ୍ୟର ସର୍ବତ୍ର ଆଦୃତ ଓ ବ୍ୟବହୃତ । ପ୍ରାମାଣିକ କାଳକ୍ରମେ ବିକାଶପ୍ରାପ୍ତ ହୋଇ ସମୃଦ୍ଧ ହେଲେ ଏବଂ ଅନ୍ୟାନ୍ୟ ପ୍ରାମାଣିକ ଭାଷା ଉପରେ ପ୍ରଭାବ ବିସ୍ତାର କଲେ ଏହା ଜାତୀୟ ଭାଷା ବା National Language ରେ ପରିଣତ ହୋଇଥାଏ । ଆମ ଦେଶରେ ଯେପରି 'ହିନ୍ଦୀ' ରାଷ୍ଟ୍ର ଭାଷାର ଗୌରବ ଲାଭ କରିଛି ।

**୪.୪. ରାଷ୍ଟ୍ରଭାଷା :**

ପ୍ରାମାଣିକ ଭାଷାର ଆଲୋଚନା ପ୍ରସଙ୍ଗରେ କୁହାଯାଇଛି ଯେ ଗୋଟିଏ ପ୍ରାମାଣିକ ଭାଷା ଅନ୍ୟ ପ୍ରାମାଣିକ ଭାଷାମାନଙ୍କ ଉପରେ ପ୍ରଭାବ ବିସ୍ତାର କରିବା ସହିତ ସଂଖ୍ୟାଧିକ ଲୋକଙ୍କ ଦ୍ୱାରା ଆଦୃତ ଓ ବ୍ୟବହୃତ ହୋଇ ଏକ ସହଜ ମାଧ୍ୟମ ଭାବରେ ଗୃହୀତ ହେଲେ ତାହା ରାଷ୍ଟ୍ରଭାଷାର ମର୍ଯ୍ୟାଦା ଲାଭକରେ । ଏକ ଶାସନାଧୀନ ରାଜ୍ୟର ପ୍ରାମାଣିକ ଭାଷାଭାଷୀମାନେ ଏହାକୁ ମଧ୍ୟ ସମ୍ମାନ କରନ୍ତି । ଯେପରି ଭାରତ ବର୍ଷରେ 'ହିନ୍ଦୀ' ରାଷ୍ଟ୍ର ଭାଷାର ଗୌରବ ଲାଭ କରିଛି । ଅଣହିନ୍ଦୀ ଭାଷୀମାନେ

ମଧ୍ୟ ଏହାକୁ ଆଦର କରି ନିଜର ମାତୃଭାଷା ବା ଆଞ୍ଚଳିକ ପ୍ରାମାଣିକ ଭାଷା ସହିତ 'ହିନ୍ଦୀ' ଭାଷାକୁ ମର୍ଯ୍ୟାଦା ପ୍ରଦାନ କରନ୍ତି ।ଇଉରୋପରେ ଫରାସୀ ଭାଷା ମଧ୍ୟ ଏହି ସ୍ଥାନଲାଭ କରିଥିଲା ।

ଇଂରାଜୀ ଭାଷା ଆଦି ଏହି କ୍ରମରେ ବିକାଶ ଲାଭ କରି କେବଳ ରାଷ୍ଟ୍ରୀୟ ନୁହେଁ ଆନ୍ତର୍ରାଷ୍ଟ୍ରୀୟ ସ୍ତରକୁ ଉନ୍ନୀତ ହୋଇଛି । ଏଥିରୁ ପ୍ରମାଣିତ ହୁଏ ଯେ ଗୋଟିଏ ଉପଭାଷା ତାହାର ପ୍ରଭାବ ଓ ବ୍ୟାପ୍ତିବଳରେ ସେ ବିଶ୍ୱଭାଷାର ଗୌରବ ଲାଭ କରିଛି ।

**୪.୫. ରାଜଭାଷା :**

ବିଦେଶୀ ଭାଷା ଯଦି ଗୋଟିଏ ରାଷ୍ଟ୍ରର ଭାଷା ଉପରେ ପ୍ରାଶାସନିକ ପ୍ରଭାବ ବିସ୍ତାର କରି ତା'ର ସମସ୍ତ କାର୍ଯ୍ୟ ନିଜ ଭାଷା ମାଧ୍ୟମରେ କରେ ଏବଂ ଅନ୍ୟଭାଷାକୁ ପ୍ରଭାବିତ କରି ଲୋକପ୍ରିୟତା ଅର୍ଜନ କରେ ତାକୁ ରାଜଭାଷା ବା Royal language ବୋଲି କୁହାଯାଏ । ଯେପରି ଆମ ଦେଶରେ ଇଂରାଜୀ ଭାଷାର ଆଧିପତ୍ୟ । ଇଂରେଜ ଶାସନାଧୀନ ଭାରତ ବର୍ଷରେ ସମସ୍ତ ପ୍ରଶାସନିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବୈଷୟିକ କାର୍ଯ୍ୟ ମଧ୍ୟ ଇଂରାଜୀ ଭାଷାରେ ସଂପାଦିତ ହେଉଥିଲା । ଆଜି ମଧ୍ୟ ଏହା ବଳବତ୍ତର ରହିଛି । ଇଂରେଜ ଶାସନ ପୂର୍ବରୁ ମୋଗଲ ରାଜତ୍ୱ କାଳରେ 'ଉର୍ଦ୍ଦୁ' ଏହି ପରି ପ୍ରଭାବ ବିସ୍ତାର କରିଥିଲେ ମଧ୍ୟ ଇଂରାଜୀ ଭାଷା ପରି ଲୋକପ୍ରିୟତା ଅର୍ଜନ କରି ପାରିନଥିଲା । ଏବେ 'ହିନ୍ଦୀ'ର ପ୍ରସାର ଦ୍ରୁତଗତିରେ ଚାଲିଥିଲେ ମଧ୍ୟ ମାନସିକସ୍ତରରେ ଆମେ ଇଂରାଜୀ ଭାଷାକୁ ଛାଡି ପାରୁନାହିଁ ।

**୪.୬. ବୈଷୟିକ ଭାଷା : Technical Language**

ଦେଶର ବିଭିନ୍ନ କାରିଗରି ଓ ବ୍ୟବସାୟ କ୍ଷେତ୍ରରେ ଲିଖିତ ଓ କଥିତ ଭାଷାରେ କେତେକ ବୈଚିତ୍ର୍ୟ ବା ବିଶେଷତ୍ୱ ପରିଲକ୍ଷିତ ହୁଏ । ଜ୍ଞାନ, ବିଜ୍ଞାନ, ବାଣିଜ୍ୟ, ବୃତ୍ତିଗତ ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରଭୃତି କ୍ଷେତ୍ରରେ ପ୍ରାମାଣିକ ଭାଷା ସହିତ ବିଭାଗ ଅନୁଯାୟୀ ସ୍ୱତନ୍ତ୍ର ଭାଷା ବ୍ୟବହୃତ ହୋଇଥାଏ । ଏହି ସ୍ୱତନ୍ତ୍ର ଭାଷାର ପ୍ରୟୋଗ ଦୃଷ୍ଟିରୁ ସମାଜରେ କିଏ କେଉଁ ଜାତି ଓ ବୃତ୍ତିର ବ୍ୟକ୍ତି ମଧ୍ୟ ଚିହ୍ନିତ ହୋଇଥାଏ । ଭାଷାର ପ୍ରସାର ଓ ସମୃଦ୍ଧିରେ ବୈଷୟିକ ଭାଷାର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବ୍ୟବସାୟ ଓ ଚାକିରି ଦୃଷ୍ଟିରୁ ଗୋଟିଏ ସମାଜରେ ବିଭିନ୍ନ ଜାତି ଯଥା, ରଜକ, କୁମ୍ଭାର, ବଢେଇ, ବାରିକ, କୃଷକ, କମାର, ତନ୍ତୀ, ହରିଜନ ସଂପ୍ରଦାୟ, ସୁନାରୀ, ଦର୍ଜୀ, ମୋଚି ଏବଂ ଚାକିରି କ୍ଷେତ୍ରରେ, ଡାକ୍ତର, ଇଞ୍ଜିନିୟର, କିରାଣି,ଚପରାଶି, ଅଧ୍ୟାପକ, ଓକିଲ, ଜଜ୍, ଦୋକାନୀ, ପୁରୋହିତ, ପ୍ରଭୃତି ସ୍ୱତନ୍ତ୍ର ଭାଷାର ପ୍ରୟୋଗ କରିଥାନ୍ତି ।

**୪.୭. ଅପଭାଷା : Slang Language**

ଭାଷାକୁ ଯଥାର୍ଥଭାବେ ଉଚ୍ଚାରଣ କରି ନପାରିଲେ ବିଶେଷକରି ସଂସ୍କୃତ ବା ବୈଦେଶିକ ଭାଷା, ତାହା ବିକୃତ ରୂପରେ ଅଶିକ୍ଷିତ ବ୍ୟକ୍ତି ବା ନିମ୍ନ ସ୍ତରର ବ୍ୟକ୍ତି ମାନଙ୍କ ଦ୍ୱାରା ଉଚ୍ଚାରିତ ହୋଇଥାଏ । ଅନ୍ୟ ପକ୍ଷରେ କେତେକ ବ୍ୟକ୍ତି କ୍ରୋଧ ଓ ଘୃଣା ଅଥବା ଗାଳି ଗୁଲଜ କରି ଅଭଦ୍ର ବା ଅଶ୍ଳିଳ ଭାଷା ପ୍ରୟୋଗ କରିଥାନ୍ତି – ଏଗୁଡିକୁ ଅପଭାଷା ବା Slang Language ବୋଲି କହନ୍ତି । ଏହି ଭାଷା ବାଳକ ବାଳିକା ଠାରୁ ଆରମ୍ଭ କରି ଯୁବକଯୁବତୀ ଓ ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ ସବୁ ବୟସର ଓ ସମାଜର ସବୁଶ୍ରେଣୀର ଲୋକେ ମଧ୍ୟ ବ୍ୟବହାର କରୁଥିବାର ଦେଖାଯାଏ ।

**୪.୮. କୃତ୍ରିମ ଭାଷା :**

ଏହା ସ୍ୱାଭାବିକ ଭାବରେ ସମାଜରେ ସବୁଶ୍ରେଣୀର ବ୍ୟକ୍ତିମାନଙ୍କ ଦ୍ୱାରା ବ୍ୟବହୃତ ନହୋଇ ସୀମିତ ବ୍ୟକ୍ତିମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ । ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି (କ) ଗୁପ୍ତଭାଷା, (ଖ) ସାମାନ୍ୟ ଭାଷା ।

**(କ) ଗୁପ୍ତ ଭାଷା /ଗୂଢ ଭାଷା –**

ଏହା ଏକ ସ୍ୱତନ୍ତ୍ର ଗଠନ ଧର୍ମୀ ଭାଷା ।ଏହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ କିମ୍ବା ସମସ୍ତେ ମଧ୍ୟ ଏ ଭାଷାକୁ ବୁଝନ୍ତି ନାହିଁ । ନିଜର ଭାବନାକୁ କେବଳ ଇପ୍ସିତ ବ୍ୟକ୍ତି ପାଖରେ କୃତିମଭାବରେ ପ୍ରକାଶ କରାଯାଇ କାର୍ଯ୍ୟ ହାସଲ କରାଯାଏ ।

ସେନା ବିଭାଗ, ଗୋଇନ୍ଦା ବିଭାଗ, ପୋଲିସ ବିଭାଗ, ଚୋର , ଡକାୟତ ପ୍ରଭୃତିଙ୍କ ଦ୍ୱାରା ଭିନ୍ନ ଭିନ୍ନ ଧ୍ୱନି ଓ ଶବ୍ଦରେ କୃତିମ ଭାଷା ବ୍ୟବହୃତ ହୋଇଥାଏ । ଓଡିଶାର ବିଖ୍ୟାତ ସାହିତ୍ୟିକ ବ୍ୟାସକବି ଫକୀର ମୋହନ ଗୁପ୍ତ ଭାଷା ପ୍ରୟୋଗ କରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ କରିଥିବା ବିଷୟ ତାଙ୍କ ରଚନାରୁ ଜଣାପଡେ । ଫକୀର ମୋହନ କେନ୍ଦୁଝର ରାଜାଙ୍କର ଦେୱାନ ଥିଲାବେଳେ ପ୍ରଜାମେଳିର ସର୍ଦ୍ଦାର ଧରଣୀଧରଣଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । ସେ ନିଜକୁ ମୁକ୍ତ କରିବା ପାଇଁ ଓ ରାଜନବରକୁ ରକ୍ଷା କରିବାପାଇଁ ସେ ଘରୁ କିଛି ପାନ ଓ ଗୁଆ ମଗାଇବା ଆଳରେ ଚିଠିଟି ଗୁପ୍ତ ଭାଷାରେ ଲେଖିଥିଲେ । "ଭୋଳାନାଥ ଖମାରିଆ ଜଣାଇବୁ । ମହାରାଣୀଙ୍କ ପୁତ୍ର ଧରଣୀଧରଙ୍କ ସକାଶେ ନିତାନ୍ତ ଦରକାର । ଅତି ଶୀଘ୍ର ଶହେପାନ, ଦୁଇଶହ ଗୁଆ ପଠାଇବୁ। ଉତ୍ତର ପଟୁ ମାହାର କରି ଆଖୁ ବାଡିକୁ ଶୀଘ୍ର ପାଣି ବୁହାଇବୁ । ନୋହିଲେ ଆଖୁ ବାଡି ବିନାଶ ଯିବ ।" ଏ ଚିଠିରେ ପ୍ରକୃତ ଅର୍ଥ ବୁଝିଥିଲେ ମିଷ୍ଟର ମଧୁସୁଦନ ଦାସ । ସେ ଅର୍ଥକଲେ "ଫକୀର ମୋହନ ଲେଖିଛନ୍ତି ଉତ୍ତର ପଟରୁ ସୈନ୍ୟବାହିନୀ ଆକ୍ରମଣ କରିବାପାଇଁ । ପାନ ଅର୍ଥ ସିପାହୀ ଓ ଗୁଆ ଅର୍ଥ ଗୁଳି । ଉତ୍ତର ପଟରୁ ଯଦି ସିପାହୀ ମାନେ ଆକ୍ରମଣ ନକରନ୍ତି ତେବେ ଆଖୁବାଡ଼ି ଅର୍ଥାତ୍ ରାଜ ନବର ଧ୍ୱଂସ ହୋଇଯିବ ।" ଏତଦ୍ ବ୍ୟତୀତ ଚର୍ଯ୍ୟାଗୀତିକା ଓ ଓଡିଆ ବୈଷ୍ଣବ ସାହିତ୍ୟରେ ଯେଉଁ ସଙ୍କେତ ଧର୍ମୀ ଶବ୍ଦର ବ୍ୟବହାର ଦେଖାଯାଏ ସେଗୁଡିକ ଗୁପ୍ତ ଭାଷା ଭାବରେ ଗ୍ରହଣ କରାଯାଇ ପାରେ ।

**(ଖ) ସାମାନ୍ୟ ଭାଷା :-**

ଏହା ଅନ୍ୟ ପ୍ରକାରର କୃତିମ ଭାଷା ଯାହାକୁ କେତେକ ଛୋଟ ଛୋଟ ଦଳ ବା ଗୋଷ୍ଠୀ ସହଜରେ ବୁଝି କାର୍ଯ୍ୟସାଧନ ପାଇଁ ପ୍ରୟୋଗ କରିଥାନ୍ତି । ପ୍ରଫେସର ଡଃ. ଏଲ୍. ଏଲ୍. ଜମେନ୍ ହୋଫ୍ (Zomenhof)ଙ୍କ ଦ୍ୱାରା ଆବିଷ୍କୃତ ଏସ୍ପାରେଣ୍ଟୋ କୃତ୍ରିମ ଭାଷାମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ଏହାର ଅର୍ଥ (One who hopes) ଏହାକୁ ଏକ ଆନ୍ତର୍ଜାତିକ ଭାଷା ଭାବରେ ପ୍ରଚଳିତ କରିବାପାଇଁ ଚେଷ୍ଟା କରାଯାଇଥିଲା । ମାତ୍ର ତାହା ଫଳବତୀ ହେଲାନାହିଁ । ଏହା ବ୍ୟତୀତ 'ଇଡୋ' ନୋଭିୟଲ, ଇଣ୍ଟର ଲିଙ୍ଗ୍ୱା, ଅକ୍ସିଡେଣ୍ଟାଲ ଇଡିୟମ୍ ନିୟୁଟ୍ରାଲ୍ , ଟ୍ୟୁଟନିସ୍ ପ୍ରଭୃତି କୃତ୍ରିମ ଭାଷାର ବ୍ୟବହାର ଦେଖାଯାଏ ।

ଭାଷାର ସ୍ୱରୂପ ଓ ପ୍ରକାର ଭେଦରୁ ଜଣାଯାଏ ଯେ ସରଳତା, କଠିନତା, ଉତ୍କର୍ଷ ଅପକର୍ଷ, ପ୍ରଚାର ଓ ପ୍ରସାର ଧର୍ମିତା ଏକ ଏକ ଆପେକ୍ଷିକ ଲକ୍ଷଣ ନିରପେକ୍ଷ ନୁହେଁ । ଏସବୁ ଦେଶ, କାଳ, ପାତ୍ର ଓ ସଂସ୍କାର, ରୁଚି ଓ ଅଭ୍ୟାସ ନିର୍ଭରଶୀଳ । ସମୟର ବିବର୍ତ୍ତନ ଧାରାରେ ଭାଷାର ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନ ସଦା ସର୍ବଦା ଘଟୁଅଛି । ଭାଷା ସଂପର୍କରେ ଏବେ ମଧ୍ୟ ବହୁ ରହସ୍ୟ ଅନୁଦ୍‌ଘାଟିତ ରହିଛି । ସେଥି ମଧ୍ୟରୁ ଭାଷାର ସୃଷ୍ଟି ସଂପର୍କରେ କେତେକ ସିଦ୍ଧାନ୍ତକୁ ଆଲୋଚନା ପରିସରଭୁକ୍ତ କରାଯାଇପାରେ ।

**ଭାଷାର ଉତ୍ପତ୍ତି ସଂପର୍କରେ କେତେକ ସିଦ୍ଧାନ୍ତ :**

ମନୁଷ୍ୟ ପ୍ରତି ମୁହୂର୍ତ୍ତରେ ଭାଷାର ବ୍ୟବହାର କରୁଛି ଏବଂ ଯୁଗଯୁଗ ଧରି ମଧ୍ୟ କରି ଚାଲିଥିବ । ମାତ୍ର ସବୁଠାରୁ ବିସ୍ମୟର କଥା ମନୁଷ୍ୟକୁ ଭାଷା ପରି ମୂଲ୍ୟବାନ ଓ ଶକ୍ତିଶାଳୀ ଉପାଦାନ ଦେଲା କିଏ ? ମନୁଷ୍ୟ କିପରି ଏହାକୁ ପ୍ରାପ୍ତ ହେଲା? ଏ ବିଷୟରେ ଯଥାର୍ଥ ତଥ୍ୟ ଏପର୍ଯ୍ୟନ୍ତ ମିଳିନାହିଁ । ତଥାପି ଭାଷାର ଉତ୍ପତ୍ତି ସଂପର୍କୀୟ କେତେକ ଆଲୋଚନା ଭାଷାତତ୍ତ୍ୱବିତ୍‌ମାନଙ୍କ ଦୃଷ୍ଟି ଆକର୍ଷଣ କରିଛି । ସେମାନେ ବିଭିନ୍ନ ଦୃଷ୍ଟିରୁ ବିଚାର ଆଲୋଚନା କରି ଭିନ୍ନ ଭିନ୍ନ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି; ମାତ୍ର ସେହି ସିଦ୍ଧାନ୍ତ ଗୁଡିକ ପରସ୍ପର ଠାରୁ ଏପରି ଭିନ୍ନ ଯେ ଭାଷାର ଉତ୍ପତ୍ତି ସଂପର୍କରେ ଏକ ନିର୍ଦ୍ଦିଷ୍ଟ ବୈଜ୍ଞାନିକ ସିଦ୍ଧାନ୍ତ ନିର୍ଦ୍ଧାରଣ କରି ପାରି ନାହାନ୍ତି । ତଥାପି ଭାଷାର ଉତ୍ପତ୍ତି ସଂପର୍କରେ ଯେଉଁ ସିଦ୍ଧାନ୍ତ ଗୁଡିକ ନିର୍ଣ୍ଣୀତ ହୋଇଛି ସେଗୁଡିକୁ ଆଲୋଚନା ପରିସରଭୁକ୍ତ କରାଯାଇଛି ।

**୫.୧. ଦୈବୀ ଉତ୍ପତ୍ତି ସିଦ୍ଧାନ୍ତ (Divine Theory)**

ଏହା ପୃଥିବୀର ଏକ ପ୍ରାଚୀନତମ ସିଦ୍ଧାନ୍ତ । ଏହା ପ୍ରାୟ ସବୁ ଦେଶର ଧର୍ମ ଧାରଣା ଓ ଆଧ୍ୟାତ୍ମିକତା ଭିତ୍ତିକରି ଭାଷା ସୃଷ୍ଟିର ରହସ୍ୟକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ପରଂବ୍ରହ୍ମ ଈଶ୍ୱର ଯେପରି ବିଶ୍ୱବ୍ରହ୍ମାଣ୍ଡକୁ ସୃଷ୍ଟି କରିଛନ୍ତି ସେହିପରି ମନୁଷ୍ୟର ଏକ ଅମୂଲ୍ୟ ସଂପଦ ଭାଷାକୁ ମଧ୍ୟ ସୃଷ୍ଟି କରିଛନ୍ତି । ମନୁଷ୍ୟ ଜନ୍ମ ହେଲା ବେଳେ ଯେପରି ତା'ର ଶ୍ୱାସ ପ୍ରଶ୍ୱାସ କ୍ରିୟା ଓ ଅଙ୍ଗ ସଂଚାଳନ ଓ କ୍ରନ୍ଦନ ଧ୍ୱନି ସ୍ୱାଭାବିକ ଭାବରେ ଆରମ୍ଭ ହୋଇଥାଏ ଭାଷା ମଧ୍ୟ ସେହିପରି ଭାବରେ ଆପେ ଆପେ ସୃଷ୍ଟି

ହୋଇଥାଏ । ଦ୍ୱିତୀୟତଃ ଭାରତୀୟ ସଂସ୍କୃତି ଓ ପରଂପରାରେ ବେଦର ଭାଷାକୁ ଦେବ ଭାଷା ବୋଲି କୁହାଯାଏ । କାରଣ ବେଦ ଆପୌରୁଷେୟ । ଏତିଁ ସୂତ୍ରରେ ମିଶରୀୟମାନେ ସେମାନଙ୍କର ଧର୍ମ ଗ୍ରନ୍ଥକୁ ' ଦ୍ୱ, ନ୍ତ' ଅର୍ଥାତ୍ ଦେବ ଭାଷା ବୋଲି କହୁଥିଲେ । ହୋମର ମଧ୍ୟ ବିଶ୍ୱାସ କରୁଥିଲେ ଯେ ଦେବତା ମାନଙ୍କର ଭାଷାହିଁ ମନୁଷ୍ୟର ଭାଷା । କାଥଲିକ୍ମାନଙ୍କ ମତରେ ହିବ୍ରୁ ଭାଷା ଈଶ୍ୱରସୃଷ୍ଟ । ବୌଦ୍ଧମାନେ ପାଲି ଭାଷାକୁ ବିଶ୍ୱର ମୂଳଭାଷା ବୋଲି ମନେକରୁଥିଲେ । ଦାର୍ଶନିକ ପ୍ଲେଟୋଙ୍କ ମତରେ ଜଗତର ସମସ୍ତ ପଦାର୍ଥପରି ଭାଷା ପ୍ରକୃତି ଦ୍ୱାରା ହେଉ ବା ଦୈବୀ ପ୍ରଭାବ ଦ୍ୱାରା ହେଉ ସୃଷ୍ଟି ଲାଭ କରିଛି ।

ପରବର୍ତ୍ତୀ କାଳରେ ଏହି କପୋଳ କଳ୍ପିତ ସିଦ୍ଧାନ୍ତ ଗୁଡିକୁ ବିଶ୍ଳେଷଣ କରି ଖଣ୍ଡନ କରାଯାଇଛି । G.H. Huder କହନ୍ତି – ଯଦି ଭାଷା ଈଶ୍ୱର ସୃଷ୍ଟ ବା ଦୈବୀ କୃତ ତାହେଲେ ପୃଥିବୀର ସବୁ ମଣିଷ ଏକ ଭାଷା କହୁଥାନ୍ତେ । ଗ୍ରେଗରୀ ବିଶପ ମଧ୍ୟ କହନ୍ତି ଯେ ପୃଥିବୀରେ ଯେତେ ପଦାର୍ଥ ଅଛି ସେ ସବୁକୁ ଯେ ଈଶ୍ୱର ସୃଷ୍ଟି କରିଛନ୍ତି ଏପରି ଭାବିବା ଠିକ୍ ନୁହଁ । କାରଣ ମନୁଷ୍ୟ ମଧ୍ୟ ଅନେକ ପଦାର୍ଥ ସୃଷ୍ଟି କରିଛି ଯାହା ଉଦ୍ଭାବନ ନାମରେ ଖ୍ୟାତ । R.A. Willson ଙ୍କ ମତରେ ଭଗବାନ ହୁଏତ ମନୁଷ୍ୟକୁ ଉପହାର ସ୍ୱରୂପ ଭାଷା ସୃଷ୍ଟି କରିବାର ଶକ୍ତି ଓ କୌଶଳ ପ୍ରଦାନ କରିଥାଇ ପାରନ୍ତି ମାତ୍ର ମଣିଷ ହିଁ ଭାଷା ସୃଷ୍ଟି କରିଛି ।

ଏହି ସିଦ୍ଧାନ୍ତର ଖଣ୍ଡନ ପାଇଁ ଏକ ଐତିହାସିକ ଘଟଣା ଆଶ୍ରୟ ନିଆଯାଇ ପାରେ । ଖ୍ରୀ:ପୂ: ୫ମ ଶତାବ୍ଦୀରେ ହେରୋଡଟସ୍ ଇଜପ୍ଟିର ରାଜା ସେମାଟିକ୍ସ (Psmmetichus) ଙ୍କ ବିଷୟରେ କହନ୍ତି ଯେ ସେମାଟିକ୍ସ ଭାଷାର ସୃଷ୍ଟି ସଂପର୍କରେ ଏକ ନୂତନ ଅନୁସନ୍ଧାନ ଚଳାଇଥିଲେ । ସେ ଚିନ୍ତା କଲେ ଯେ ମନୁଷ୍ୟ କଥା କହିବା ପୂର୍ବରୁ ମନୁଷ୍ୟ କେବେ ମନୁଷ୍ୟର କଣ୍ଠସ୍ୱର ଶୁଣି ନଥିବ ଏବଂ ହଠାତ୍ ଦିନେ କଥା କହିବାକୁ ନଦେଇ ଦେଖିବାକୁ ହେବ ଯେ ସେ ପ୍ରଥମେ କେଉଁ ଭାଷା କହୁଛି । ସେ ଯେଉଁ ଭାଷା କହିବ ତାକୁହିଁ ପ୍ରଥମ ଭାଷା ବୋଲି ସ୍ୱୀକାର କରିବାକୁ ହେବ । ଏପରି ଚିନ୍ତାକରି ସେ ଜନ୍ମ ହେବା ମାତ୍ରେ ଦୁଇଟି ଶିଶୁଙ୍କୁ ଗୋଟିଏ ପାର୍କର ସ୍ୱତନ୍ତ୍ର ସ୍ଥାନରେ ପୃଥକ ପୃଥକ୍ କରି ରଖିଲେ । ସେମାନଙ୍କ ନିକଟରୁ ଯାଉଥିବା ଲୋକ ସେମାନଙ୍କ ଆଗରେ କୌଣସି ଶବ୍ଦ ଉଚ୍ଚାରଣ ନ କରିବା ପାଇଁ ନିର୍ଦ୍ଦେଶ ଥିଲା । ଅନେକ ଦିନ ପରେ ସେମାନଙ୍କ ମୁହଁରୁ ହଠାତ୍ ବେକସ୍ (Bekos) ବୋଲି ଗୋଟିଏ ଶବ୍ଦ ଉଚ୍ଚାରିତ ହେଲା । ଫିଜିୟାନ ଭାଷାରେ ବେକସ୍ ଶବ୍ଦ ଅର୍ଥ ରୁଟି । ଏଥିରୁ ଜଣା ପଡିଲା ଯେ ଭୃତ୍ୟଟି ଫିଜିୟାନ୍ ଭାଷୀ ହୋଇଥିବାରୁ ଅଜ୍ଞାତରେ ତା ପାଟିରୁ ବେକସ୍ ଶବ୍ଦଟି ଉଚ୍ଚାରିତ ହୋଇ ଯାଇଛି ।

ଷୋଡଶ ଶତାବ୍ଦୀରେ ଆକବର ଏହିପରି କେତେକ ପଦ୍ଧତି ପ୍ରୟୋଗ କରି ପରୀକ୍ଷା ଚଳାଇଲେ । ଏହାର ପରିଣତି ସ୍ୱରୂପ ଶିଶୁ ଗୁଡିକ ସମାଜର ଦୂରରେ ରହିବାରୁ ମୂକ ହୋଇ ଯାଇଥିଲେ । ତେଣୁ ଭାଷା ଏକ ସାମାଜିକ ବସ୍ତୁ । ଭାଷାର ଜନ୍ମ ସମାଜରୁ ଓ ମନୁଷ୍ୟର ସାମାଜିକ ଆଚରଣରୁ । ମନୁଷ୍ୟ ଜୀବନ ଧାରଣ ପାଇଁ ଏକତ୍ର କାମ କଲାବେଳେ ସମୟ କଟାଇବା ପାଇଁ ହୁଏତ ଅବୋଧ୍ୟ ସଙ୍ଗୀତ ଗାନ କରିଥିବ ; ମାତ୍ର ଏହି ଅବୋଧ୍ୟ ସଙ୍ଗୀତ ଧାରା କେବେ ଓ କିପରି ଭାବ ବ୍ୟଞ୍ଜକ ଶବ୍ଦ ଓ ବାକ୍ୟରେ ପରିଣତ ହେଲା ତାହା କେହି କହିନାହାନ୍ତି ।

**୫.୨. ଧାତୁ ସିଦ୍ଧାନ୍ତ ବା ଅନୁରଣନ ସିଦ୍ଧାନ୍ତ (Ding Dong theory or Root theory)**

ଏହି ସିଦ୍ଧାନ୍ତ ଅନୁସାରେ ଜଗତର ପ୍ରତ୍ୟେକ ବସ୍ତୁର ଧ୍ୱନି ଅଛି । ଗୋଟିଏ ବସ୍ତୁକୁ ଅନ୍ୟ ବସ୍ତୁଦ୍ୱାରା ଆଘାତ କଲେ ଏକ ପ୍ରକାର ଧ୍ୱନି ସୃଷ୍ଟି ହୁଏ । ବସ୍ତୁର ଭିନ୍ନତା ଯୋଗୁଁ ଧ୍ୱନିର ମଧ୍ୟ ଭିନ୍ନତା ଦେଖାଯାଏ । ଏହି ଅନୁସାରେ ଆରମ୍ଭରେ ମନୁଷ୍ୟ ନିଜର ସହଜାତ ପ୍ରକୃତି ଯୋଗୁଁ ବିଭିନ୍ନ ଧାତୁ ସଂପର୍କରେ ଆସି ଭିନ୍ନ ଭିନ୍ନ ପ୍ରକାର ଧ୍ୱନି କରିଛି । ଏହି ଧାତୁ ଗୁଡିକ ଶବ୍ଦ ସୃଷ୍ଟିର ଉତ୍ସ । ଆରମ୍ଭରେ ବହୁଧାତୁ ଥିଲା । କାଳ କ୍ରମେ ଲୋପ ହୋଇ ୪୦୦/ ୫୦୦ ମଧ୍ୟରେ ସୀମିତ ରହିଛି । ଏହି ଧାତୁରୁ ଶବ୍ଦ ପଦ ଓ ବାକ୍ୟ ଗଠନ ହୋଇ ଭାଷା ରୂପେ ବ୍ୟବହୃତ ହୋଇଛି ।

ଅନ୍ୟ ପକ୍ଷରେ ଧାତୁର ଅନୁରଣନକୁ ଅନୁକରଣ କରି ଶବ୍ଦ ସୃଷ୍ଟି କରାଯାଇ ପାରିଥାଏ । ଏଥିରୁ ମଧ୍ୟ ଅନେକ ଧାତୁର ସୃଷ୍ଟି ହୋଇଥିବ । ଧାତୁରୁ ଉତ୍ପନ୍ନ ଧ୍ୱନି ସହିତ ଅର୍ଥ ଏକ ରହସ୍ୟାତ୍ମକ ସଂପର୍କ (Mystic harmony) ରହିଛି । ପ୍ରଥମେ ଦାର୍ଶନିକ ପ୍ଲେଟୋ ଏହି ମତବାଦର ସୂଚନା ଦେଇଥିଲେ । ପରେ ଏହି ମତର ଏକ ବିସ୍ତୃତ ଓ ସ୍ୱଷ୍ଟ ଆଲୋଚନା

ଜର୍ମାନ ପ୍ରଫେସର ହେସ୍ (Heyse) କରିଥିଲେ । ତାଙ୍କ ଶିଷ୍ୟ ଡଃ. ଷ୍ଟାଇନ୍ଥଲ ଏହି ମତବାଦକୁ ଛପାଇ ବିଦ୍ୱାନମାନଙ୍କୁ ଜଣାଇଥିଲେ । ମାକ୍ସମୁଲର ଏହାକୁ ପ୍ରଥମେ ସ୍ୱୀକାର କରି ନିଜ ପୁସ୍ତକରେ ଉଲ୍ଲେଖ କରିଥିଲେ ; ମାତ୍ର ପରେ ଏହାକୁ ନିରର୍ଥକ ମନେକରି ଆଲୋଚନାରୁ ବାଦ୍ ଦେଇଥିଲେ ।

ଏହି ମତବାଦକୁ ଖଣ୍ଡନ କରି କୁହାଯାଇଛି ଯେ ଆଦିମ ମନୁଷ୍ୟ ସଂପର୍କରେ ଏପ୍ରକାର କଳ୍ପନାର କୌଣସି ପ୍ରମାଣ ନାହିଁ । ୨ୟରେ ପୃଥିବୀରେ ଅନେକ ଭାଷା ଅଛି ଯହିଁରେ ଧାତୁର ପ୍ରଚଳନ ନାହିଁ । ୩ୟରେ ଭାଷା କେବଳ ଧାତୁରେ ନିର୍ମିତ ହୁଏ ନାହିଁ । ପ୍ରତ୍ୟୟ, ଉପସର୍ଗ, ବିଭକ୍ତି ପ୍ରଭୃତିର ଆବଶ୍ୟକତା ପଡିଥାଏ । ୪ର୍ଥରେ ଯେଉଁ ଧାତୁକୁ ଆଧାର କରି ଭାଷା ନିର୍ମିତ ହୁଏ ତାହା କୃତ୍ରିମ । ଏପ୍ରକାର ମତବାଦ ବିଶେଷ ଗୁରୁତ୍ୱ ପୂର୍ଣ୍ଣନୁହେଁ ।

**୫.୩. ନିର୍ଣ୍ଣୟ ସିଦ୍ଧାନ୍ତ (Symbolical theory) :**

ଏହାକୁ ପ୍ରତୀକବାଦ, ସ୍ୱୀକାରବାଦ, ସଙ୍କେତବାଦ ବୋଲି କୁହାଯାଇଥାଏ । ଆରମ୍ଭରୁ ମନୁଷ୍ୟ ନିଜର ଭାବ ପ୍ରକାଶ ପାଇଁ ବିଭିନ୍ନ ଅବୟବର ସାହାଯ୍ୟ ନେଇଥିବ । କାଳକ୍ରମେ ଏହି ଅବୟବର ଚାଳନା ଯେତେବେଳେ ଭାବବିନିମୟ ପାଇଁ ଯଥେଷ୍ଟ ହୋଇ ନଥିବ ସେତେବେଳେ କେତେକ ଏକତ୍ରିତ ହୋଇ ଆବଶ୍ୟକ ବସ୍ତୁ ଓ କାର୍ଯ୍ୟପାଇଁ ପ୍ରତୀକ ଧ୍ୱନି ସଂଙ୍କେତ ସାଙ୍କେତିକ ନାମ ଅନୁସାରେ ଶବ୍ଦ ଗଠନ କରିଥିବେ । ଏହିଠାରୁ ଭାଷାର ଆରମ୍ଭ । ମାତ୍ର ଏହା ନିରର୍ଥକ ମନେହୁଏ । ପ୍ରଥମତଃ ଯଦି ଆରମ୍ଭରୁ କୌଣସି ଭାଷା ନଥିଲା ତାହେଲେ ସେମାନେ ଏକତ୍ର ହେଲେ କିପରି ? ଦ୍ୱିତୀୟତଃ ଏକତ୍ର ହେଲେ ହେଁ ଶବ୍ଦ କିପରି ସୃଷ୍ଟି ହେଲା । କୌଣସି ବିଚାର ବିନିମୟ ଦ୍ୱାରା କରିବା ମଧ୍ୟ ଅସମ୍ଭବ ।

**୫.୪. ଅନୁକରଣ ସିଦ୍ଧାନ୍ତ (Imitative theory) :**

କେତେକ ବିଦ୍ୱାନ ଭାଷାର ଉତ୍ପତ୍ତି ଅନୁକରଣ ଆଧାର ଉପରେ ପର୍ଯ୍ୟବସିତ ବୋଲି ମତବ୍ୟକ୍ତ କରିଛନ୍ତି । ମନୁଷ୍ୟ ନିଜର ପରିବେଶ ଓ ଚତୁପାର୍ଶ୍ୱରେ ଥିବା ଜୀବଜନ୍ତୁ ଓ ପଦାର୍ଥମାନଙ୍କର ଧ୍ୱନିକୁ ଅନୁକରଣ କରି ଶବ୍ଦ ନିର୍ମାଣ କରିଛି ଏବଂ ଏହି ଶବ୍ଦକୁ ଭାଷାରେ ବ୍ୟବହାର କରିଛି । ଏହି ସିଦ୍ଧାନ୍ତ ମଧ୍ୟରେ ୩ଟି ଉପ ସିଦ୍ଧାନ୍ତ ବିଦ୍ୟମାନ ।

(କ) ଧ୍ୱନ୍ୟାତ୍ମକ ଅନୁକରଣ
(ଖ) ଅନୁକରଣାତ୍ମକ ଅନୁକରଣ
(ଗ) ଦୃଶ୍ୟାତ୍ମକ ଅନୁକରଣ ।

ଧ୍ୱନ୍ୟାତ୍ମକ ଅନୁକରଣକୁ Bow-Bow - Theory କୁହାଯାଏ । ଏହି ମତବାଦ ଅନୁସାରେ ମନୁଷ୍ୟ ତା'ର ଚତୁପାର୍ଶ୍ୱରେ ଥିବା ବିଭିନ୍ନ ପଶୁ ପକ୍ଷୀମାନଙ୍କର ଧ୍ୱନିକୁ ଶୁଣି ସେହି ଅନୁସାରେ ଅନୁକରଣ କରି ଶବ୍ଦ ନିର୍ମାଣ କରି ଭାଷା ଗଠନ କରିଛି । ଭାଷାବିତ୍ ରେନନ୍ ଏହି ମତ ବିରୋଧରେ ଦୃଢ ଯୁକ୍ତି ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି ବିଶ୍ୱର ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ନିଜେ କୌଣସି ଧ୍ୱନି ସୃଷ୍ଟି ନକରି ଅନ୍ୟର ଧ୍ୱନିକୁ ଅନୁକରଣ କରି ଭାଷା ସୃଷ୍ଟି କରିବା ଅସମ୍ଭବ । ମନୁଷ୍ୟ ପଶୁପକ୍ଷୀ ମାନଙ୍କର ଧ୍ୱନି ଓ କ୍ରିୟା ପ୍ରତିକ୍ରିୟାକୁ ଲକ୍ଷ୍ୟ କରି ସେମାନଙ୍କୁ ଶବ୍ଦ ଦ୍ୱାରା ନାମିତ କରିଛି । ଯଦି ଏପ୍ରକାର ହୋଇଥାନ୍ତା କୁକୁରର ଧ୍ୱନିକୁ ଓଡିଆରେ ଭୋ, ଭା କହିଲାବେଳେ ଇଂରାଜୀରେ bow bow (ବାଓ – ବାଓ) ଫରାସୀରେ ନ୍ୟାଫ୍ ନ୍ୟାଫ୍ ଜାପାନୀମାନେ ୱାନ୍ ୱାନ୍ କହନ୍ତି । ସେହିପରି କୁକୁଡାର ଡାକ କ–କ୍ + ଅ ଇଂରାଜୀରେ କକ୍ ଏ, ଫରାସୀମାନେ କକରିକୋ, ଇତାଲୀୟମାନେ ଚିଚିରିଚି କହିଥାନ୍ତି । ଅନୁକରଣ ସର୍ବଦା ଅପୂର୍ଣ୍ଣ । ଏହାକୁ ମାକ୍ସ ମୁଲାର ନିରର୍ଥକ ମନେକରି ପ୍ରତ୍ୟାଖ୍ୟାନ କରିଛନ୍ତି ।

ଅନୁକରଣାତ୍ମକ ଅନୁକରଣ ଦ୍ୱାରା କୌଣସି ଧ୍ୱନିର ଅନୁରଣନକୁ ଅନୁକରଣ କରି ଶବ୍ଦ ସୃଷ୍ଟି କରାଯାଇଛି । ଏଥିରେ ବିଶେଷ ଭାବରେ ନିର୍ଜୀବ ବସ୍ତୁକୁ ଅନ୍ତର୍ଭୁକ୍ତ କରାଯାଇଛି ।କାରଣ ଝଣଝଣ ଶବ୍ଦ, କାଠର ଠକ୍ ଠକ୍ ଶବ୍ଦ, ପାଣିର କଳ କଳ ଶବ୍ଦ, ପତ୍ରର ଖସ୍ ଖସ୍ , ଘଣ୍ଟାର ଟିକ୍ ଟିକ୍ ଶବ୍ଦକୁ ଅନୁକରଣ କରି ଧ୍ୱନି ସୃଷ୍ଟି କରାଯାଇ ଭାଷା ଗଠନ କରାଯାଇଛି । ମାତ୍ର ଏଗୁଡିକର ସଂଖ୍ୟା ସୀମିତ ଓ ସ୍ୱତନ୍ତ୍ର ହୋଇଥିବାରୁ ଏହା ନିରର୍ଥକ ମନେହୁଏ ।

ଦୃଶ୍ୟାତ୍ମକ ଅନୁକରଣ ଦ୍ୱାରା ମନୁଷ୍ୟ ତା'ର ଦୂର ନିକଟରେ ଥିବା ବିଭିନ୍ନ ଦୃଶ୍ୟକୁ ଦେଖି ସ୍ୱତଃସ୍ଫୁର୍ତ୍ତ ଭାବରେ କେତେକ ଧ୍ୱନି ସୃଷ୍ଟି କରି ପାରିଥାଏ । ଯେପରି ଦ୍ରୁତ ଚାଲିବାକୁ ଡଗ୍‌ଡଗ୍, ଫରଫର, ପଚ୍‌ପଚ୍, ଗଦ୍‌ଗଦ୍, ଭକ୍ ଭକ୍, ଚଁ ଚଁ, ମଡ୍ ମଡ୍, ଧଡ୍‌ଧଡ୍, ଖଡ୍ ଖଡ୍, ମଚ୍‌ମଚ୍, ଗଡ୍‌ଗଡ୍, ଷଡ୍‌ଷଡ୍, ଚଡ୍‌ଚଡ୍, କେଁ କେଁ, ପ୍ରଭୃତି । ମାତ୍ର ଏହି ଧ୍ୱନି ଗୁଡିକର ପରିଣାମ ଏପରି ନୁହେଁ ଯେ ଭାଷା ଗଠନ କ୍ଷେତ୍ରରେ କେବଳ ଆଧାର ଭାବେ ଗ୍ରହଣ କରାଯାଇ ପାରିବ ।

**୫.୫. ଆବେଗ ସିଦ୍ଧାନ୍ତ/ ମନୋଭାବାଭିବ୍ୟକ୍ତି ସିଦ୍ଧାନ୍ତ (Pooh- Pooh Theory) :**

ଇତର ପ୍ରାଣୀପରି ମନୁଷ୍ୟ ଆଦିମ ଅବସ୍ଥାରେ ଭାବପ୍ରଧାନ ପ୍ରାଣୀଥିଲା । ଦୁଃଖ ଆନନ୍ଦ, ହର୍ଷ, ବିସ୍ମୟ, ରାଗ, କ୍ରୋଧ ଘୃଣା ଓ ପ୍ରେମ ପ୍ରଭୃତି ଭାବ ପ୍ରକାଶ କରିବାକୁ ଉଦ୍ୟମ କରିଥିବ । ଯାହା ଫଳରେ ତା' ମୁହଁରୁ ଆପେ ଆପେ ଆଃ , ଓଃ, ଧିକ, ହାୟ, ଛି , ଚୁଚୁ, ଏହେ, ପ୍ରଭୃତି କେତେକ ଧ୍ୱନି ନିର୍ଗତ ହୋଇଥିବ । ଧୀରେଧୀରେ ଏଗୁଡିକ ଶବ୍ଦ ରୂପରେ ଗଠିତ ହୋଇ ଭାଷାରେ ପରିଣତ ହୋଇଥିବ । ପ୍ରଥମ କଥା ହେଉଛି ଭିନ୍ନ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ଧ୍ୱନି ଉତ୍ପନ୍ନ ହୋଇଛି । ଭାଷାର ଉତ୍ପତ୍ତି ଏପରି ପ୍ରକ୍ରିୟାରେ ହୋଇଥଲେ ସବୁ ଭାଷାରେ ଏହା ଏକପ୍ରକାର ହୋଇଥାନ୍ତା । ଦ୍ୱିତୀୟରେ ଏହି ଭାବସୁଚକ ଧ୍ୱନି କିମ୍ବା ଶବ୍ଦ ଏତେ ପରିମାଣର ନୁହଁନ୍ତି ଯେ ଭାଷାର ଉତ୍ପତ୍ତି ଓ କ୍ରମବିକାଶ ପାଇଁ ସହାୟକ ହେବ ।

**୫.୬. ଶ୍ରମ ଲାଘବ ସିଦ୍ଧାନ୍ତ -(Ye - he - ye - ho theory)**

ଏହାକୁ ଶ୍ରମଧ୍ୱନି ବା ଶ୍ରମ ଲାଘବ ସିଦ୍ଧାନ୍ତ କୁହାଯାଏ । ଏହି ସିଦ୍ଧାନ୍ତର ସ୍ରଷ୍ଟା Noire (ନାୟର) । ମନୁଷ୍ୟ କଠିନ ପରିଶ୍ରମ କରିବା ସମୟରେ ତା'ର ଶ୍ୱାସ ପ୍ରଶ୍ୱାସ କାର୍ଯ୍ୟ ସ୍ୱାଭାବିକ ନହୋଇ ଜୋରରେ ଚାଲିଥାଏ । ଏହା ଦ୍ୱାରା ସ୍ୱରତନ୍ତ୍ରୀ ଉପରେ ପ୍ରଭାବ ପଡେ । ସ୍ୱରତନ୍ତ୍ରୀ ବିଭିନ୍ନ ରୂପରେ କଂପିତ ହୋଇଥାଏ । ଏହି ସମୟରେ ପରିଶ୍ରମୀ ଲୋକ କିଛି ଧ୍ୱନି ଉଚ୍ଚାରଣ କରି ଶ୍ରମ ଲାଘବ କରିଥାନ୍ତି । ଧୋବା ଲୁଗା କାଚିଲା ବେଳେ, କାଠୁରିଆ କାଠ ହାଣିଲା ବେଳେ, ଶ୍ରମିକ କାଠ ଗଡ ଉଠାଇଲା ବେଳେ କିମ୍ବା କୌଣସି ଭାରି ପଦାର୍ଥକୁ ସ୍ଥାନାନ୍ତରିତ କଲାବେଳେ ହୋ, ହେ, ଛି, ଛି , ହାଇସା, ହାଇସା, ପ୍ରଭୃତି ଧ୍ୱନି ଉଚ୍ଚାରଣ କରିଥାନ୍ତି । ଏହି ଶବ୍ଦ ଗୁଡିକ ଅର୍ଥପୂର୍ଣ୍ଣ ନହେଲେ ମଧ୍ୟ ବନ୍ଦ ପ୍ରୟୋଗରେ ସାହାଯ୍ୟ କରିଥାଏ । ମାତ୍ର ଏହି ଅଳ୍ପ ସଂଖ୍ୟକ ଶବ୍ଦ ଯେ ଭାଷା ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବ ଏପରି ଭାବିବା ଠିକ୍ ନୁହେଁ । ଏହି ବ୍ୟକ୍ତିମାନେ ଏକତ୍ର ହୋଇ ଏପରି ଶବ୍ଦ କରିବା ପୂର୍ବରୁ ଯେ ସେମାନେ ଅନ୍ୟ ଶବ୍ଦ ନକରିଥିବେ କିମ୍ବା ମୂକଥିବେ ଏପରି କଳ୍ପନା କରିବା ମଧ୍ୟ ନିରର୍ଥକ ।

**୫.୭. ଇଙ୍ଗିତ ସିଦ୍ଧାନ୍ତ (Gestural Theory) :**

ଏହି ସିଦ୍ଧାନ୍ତର ସ୍ରଷ୍ଟା ପଲିନେସିଆର ପଣ୍ଡିତ ଡଃ. ରାୟେକୋ । କିଛି କାଳ ପରେ ଡାରୁଇନ୍ ୬ଟି ସମ୍ବନ୍ଧହୀନ ଭାଷାର ତୁଳନାତ୍ମକ ଅଧ୍ୟୟନକୁ ଭିତ୍ତିକରି ଏହି ମତ ପ୍ରମାଣ କରିଥିଲେ । ପ୍ରାୟ ୧୯୩୦ ମସିହା ବେଳକୁ ରିଚାର୍ଡ ଏହାର ପୁନଃ ଆଲୋଚନା କରି ତାଙ୍କ ପୁସ୍ତକ (ମଣିଷର ଭାଷା) Human Speech ରେ ମୌଖିକ ସିଦ୍ଧାନ୍ତ ଭାବରେ ବିଦ୍ୱାନମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ ।

ଆଇସ୍ ଲାଣ୍ଡିକ ଭାଷାର ବିଦ୍ୱାନ ଆଲେକ୍‌ଜାଣ୍ଡାର ଜୋହନସନ୍ ପ୍ରାୟ ଏହି ସମୟ ମଧ୍ୟରେ ଇଉରୋପୀୟ ଭାଷାର ତୁଳନାତ୍ମକ ଅଧ୍ୟୟନ ପାଇଁ ଏହି ସିଦ୍ଧାନ୍ତର ସାହାଯ୍ୟ ନେଇଥିଲେ । ତାଙ୍କ ପୁସ୍ତକରେ ସେ ଏବିଷୟରେ ବିସ୍ତୃତ ଆଲୋଚନା କଲେ । ଇଉରୋପୀୟ ଭାଷା ବ୍ୟତୀତ ହିବ୍ରୁ, ପ୍ରାଚୀନ ଚିନି, ତୁର୍କୀ ତଥା ଅନ୍ୟ କେତେକ ଭାଷାର ମଧ୍ୟ ଆଲୋଚନା କରିଥିଲେ । ଏହିସବୁ ଭାଷାକୁ ସେ ୪ଟି ସୋପାନରେ ବିଭକ୍ତ କରି ଆଲୋଚନା କରିଛନ୍ତି ।

(କ) ପ୍ରଥମେ ସେ ଭାବ ବ୍ୟଞ୍ଜକ ଧ୍ୱନି ଗୁଡିକୁ ଗ୍ରହଣ କରିଛନ୍ତି । ମନୁଷ୍ୟ ଭୟ, କ୍ରୋଧ , ଦୁଃଖ , ହର୍ଷ , କ୍ଷୁଧା, ତୃଷ୍ଣା ଓ ପ୍ରେମ ପ୍ରଭୃତି ଭାବକୁ ଇତର ପ୍ରାଣୀମାନଙ୍କ ପରି ବ୍ୟକ୍ତ କରୁଥିଲା ।

(ଖ) ୨ୟ ସୋପାନରେ ପଶୁ, ପକ୍ଷୀ, ଇତର ପ୍ରାଣୀ ଓ ନିର୍ଜୀବ ପଦାର୍ଥ ଦ୍ୱାରା ଉତ୍ପନ୍ନ ଧ୍ୱନିକୁ ଅନୁକରଣ କରି ଶବ୍ଦ ଗଠନ କରୁଥିଲା ।

(ଗ) ତୃତୀୟ ସୋପାନ ହେଉଛି – ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଚାଳନା ଦ୍ୱାରା ବିଭିନ୍ନ ଭାବକୁ ସଙ୍କେତ ଭାବରେ ବ୍ୟବହାର କରୁଥିଲା ।

(ଘ) ଚତୁର୍ଥ ସୋପାନ ହେଉଛି ମନୁଷ୍ୟର ମାନସିକ ଓ ବୌଦ୍ଧିକ କ୍ରମ ବିକାଶ ଫଳରେ ସୂକ୍ଷ୍ମ ଭାବକୁ ପ୍ରକାଶ କରିବା ପାଇଁ ବିଭିନ୍ନ ଶବ୍ଦ ଗଠନ କରାଯାଇଥିବ । ଏଥିରେ ସ୍ୱର ବ୍ୟଞ୍ଜନ ପ୍ରଭୃତି ଧ୍ୱନି ମାନଙ୍କର ବିକାଶ ଅବସ୍ଥାର ସଙ୍କେତ ରହିଥିବ । ଧ୍ୱନି ସହିତ ଅର୍ଥର ମଧ୍ୟ ସଂପର୍କ ନିରୂପିତ ହୋଇଥିବ ; ମାତ୍ର ଏଥିରେ କିଛି ନୂତନଦିଗ କିମ୍ବା ଉଦ୍‌ଘାଟିତ ହୁଏ ନାହିଁ ।

**୫.୮. ଟା- ଟା - ସିଦ୍ଧାନ୍ତ (Ta- Ta- Theory) :**

ଏହି ସିଦ୍ଧାନ୍ତ ଅନୁସାରେ ଆଦିମାନବ କୌଣସି କାର୍ଯ୍ୟ କଲାବେଳେ ତା'ର ଭାଷଣ ଅବୟବ କାର୍ଯ୍ୟର ଗତିବିଧିକୁ ଅନୁକରଣ କରି କେତେକ ଧ୍ୱନି ଅଥବା ଧ୍ୱନିସମୂହରେ ଗଠିତ ଶବ୍ଦ ଉଚ୍ଚାରଣ କରିଥାଏ । ଏହା ଦ୍ୱାରା ଧୀରେ ଧୀରେ ଭାଷାର ବିକାଶ ଘଟିଥାଇ ପାରେ । ମାତ୍ର ଏହି ସିଦ୍ଧାନ୍ତ ଇଙ୍ଗିତ ସିଦ୍ଧାନ୍ତ ସହିତ ଅନେକ ସାମ୍ୟ ଲକ୍ଷ୍ୟ କରାଯାଏ । ତେଣୁ ଭାଷାର ଉତ୍ପତ୍ତି ସମ୍ବନ୍ଧୀୟ ପ୍ରଶ୍ନର ଯଥାର୍ଥ ଉତ୍ତର ଏଥିରୁ ମିଳନଥାଏ, ଏଭଳି ଅନୁକରଣ ପ୍ରକ୍ରିୟା ଆଜିମଧ୍ୟ ମାନବ ସମାଜରେ ରହିଛି ମାତ୍ର ଏହାଦ୍ୱାରା ଭାଷାର ବିକାଶ ଘଟୁନାହିଁ । ତେଣୁ ଏହାଏକ ନିରର୍ଥକ ସିଦ୍ଧାନ୍ତ ।

**୫.୯. ସଙ୍ଗୀତ ସିଦ୍ଧାନ୍ତ (Sing- song theory) :**

ଏହି ସିଦ୍ଧାନ୍ତ ଅନୁସାରେ ଭାଷାର ସୃଷ୍ଟି ସଙ୍ଗୀତରୁ ବୋଲି କୁହାଯାଏ । ଏହି ସମ୍ଭାବନାକୁ ଡାରୁଇନ୍, ସ୍ପେନ୍‌ସର ଓ କିଛି ପରିମାଣରେ ରୁଷୋମାନି ନେଇଥିଲେ । ୟେସ୍‌ପରସନ୍ ମଧ୍ୟ ଭାଷାର ଉତ୍ପତ୍ତି ମଣିଷର ହସଖୁସି ଓ ଆନନ୍ଦମୟ ପରିବେଶରେ ହୋଇଥିଲା ବୋଲି କହନ୍ତି । ଏହି ଅନୁସାରେ ମନୁଷ୍ୟ ପ୍ରାଥମିକ ଅବସ୍ଥାରେ କେତେକ ଅର୍ଥ ବିହୀନ ଅକ୍ଷର ବା ସଂକେତ ପ୍ରୟୋଗ କରି ପରେ ବିଭିନ୍ନ ପରିସ୍ଥିତିରେ ଏହାର ବ୍ୟବହାର କରିଥିବ । ଆନନ୍ଦ ସମୟରେ ମନୁଷ୍ୟ ଗୁଣୁଗୁଣୁ ଶବ୍ଦ କରିଥିବ । ମାତ୍ର ଗୁଣୁଗୁଣୁ ଶବ୍ଦରୁ ଭାଷା ସୃଷ୍ଟିହେବା ସମ୍ଭବନୁହେଁ । ଏହାକୁ ମଧ୍ୟ ସଙ୍ଗୀତ କିମ୍ବା ଓଃ ଓଃ ବ୍ୟତୀତ ଅନ୍ୟଭାବରେ ମଧ୍ୟ ପ୍ରେମଭାବ ପ୍ରକାଶ କରାଯାଇପାରେ । ସିଦ୍ଧାନ୍ତ ଭାବରେ ଡଃ. ହଡସନ୍ ଗ୍ରହଣ କରିଛନ୍ତି ।(Woo-Woo theory) ଏହାକୁ ଆବେଗ ସିଦ୍ଧାନ୍ତ ମଧ୍ୟ କୁହାଯାଇପରେ ।

**୪.୧୦. ସଂପର୍କ ସିଦ୍ଧାନ୍ତ (Contact Theory) :**

ମନୋବୈଜ୍ଞାନିକ ରେବେଜ୍ (Revesz) ମନୁଷ୍ୟର ସାମାଜିକ ପ୍ରବୃତ୍ତିକୁ ଲକ୍ଷ୍ୟ କରି ଏହି ସିଦ୍ଧାନ୍ତକୁ ଗ୍ରହଣ କରିଛନ୍ତି । ଯେଉଁ ପ୍ରବୃତ୍ତି ଅନୁସାରେ ମନୁଷ୍ୟ ସମାଜ ଗଠନ କରିଛି, ଆଦିମ ମନୁଷ୍ୟ ପ୍ରାରମ୍ଭିକ ଅବସ୍ଥାରେ ଛୋଟଛୋଟ ସମାଜ ଗଠନ କରି ନିଜର କ୍ଷୁଧା, ତୃଷ୍ଣା ଓ ବିଭିନ୍ନ କାର୍ଯ୍ୟ ଗୁଡିକ ପରସ୍ପର ମଧ୍ୟରେ ଭିନ୍ନ ଭିନ୍ନ ସ୍ତରରେ ସଂପର୍କ ସ୍ଥାପନ କରିଛି । ପ୍ରଥମ ଅବସ୍ଥାରେ ସ୍ପର୍ଶ, ୨ୟ ଉପାୟରେ ମୁଖୋଚ୍ଚାରିତ ଧ୍ୱନିର ସାହାଯ୍ୟ । ଭାଷା ହିଁ ଏପରି କାର୍ଯ୍ୟର ଏକ ବିଶେଷ ରୂପ । ଯେତେବେଳେ ସଂପର୍କ ବଢି ବଢି ଚାଲିଛି ସେତେବେଳେ ଧ୍ୱନିର ସଂଖ୍ୟା ମଧ୍ୟ ବଢିଚାଲିଛି । ଆରମ୍ଭରେ ବ୍ୟବହୃତ ସ୍ୱାଭାବିକ ଧ୍ୱନି ସମୂହ ଆବଶ୍ୟକତା ଅନୁସାରେ ଅନେକ କୃତ୍ରିମ ଧ୍ୱନିରେ ପରିଣତ ହୋଇ ବିକାଶ ଲାଭ କରିଛି ।

ଆରମ୍ଭରେ ଏହି ଧ୍ୱନି ଗୁଡିକ ଭାବନାସ୍ତରରେ ନିହିତ ଥିବାରୁ ଏଗୁଡିକ Emotional Contact (ଭାବଗତ ସଂପର୍କ) ପରେ ବିଚାର ସ୍ତରକୁ ଆସିଛି ଏବଂ ଏହାକୁ Intellectual Contact ବା ବୌଦ୍ଧିକ ସ୍ତର ବୋଲି କୁହାଯାଇଛି । ଏହି ସ୍ତରରେ ବିକାଶ ଦ୍ୱାରା ଭାଷାର ବିକାଶ ସମ୍ଭବ ହୋଇଛି । ଅବଶ୍ୟ ମନୋବିଜ୍ଞାନ ଦୃଷ୍ଟିରୁ ଭାବପ୍ରକାଶ ପାଇଁ ଭାଷାର ଆବଶ୍ୟକତା ପଡିଥାଇ ପାରେ ମାତ୍ର କେଉଁ କେଉଁ ଧ୍ୱନି, ଶବ୍ଦ ଓ ବାକ୍ୟ ଦ୍ୱାରା କିପରି ପ୍ରଥମେ ଆରମ୍ଭ ହେଲା ସେ ବିଷୟରେ ବଳିଷ୍ଠ ପ୍ରମାଣ ନାହିଁ ।

**୫.୧୧. ପ୍ରତିବିମ୍ବ ସିଦ୍ଧାନ୍ତ :**

ମନୁଷ୍ୟ ଯେଉଁ ଚିନ୍ତା ଓ କଳ୍ପନା ଅନୁସାରେ ଗୋଟିଏ ଚିତ୍ର ଅଙ୍କନ କରେ ସେହିପରି ତା'ର ମସ୍ତିଷ୍କ ମଧ୍ୟରେ ପ୍ରଥମେ ଗୋଟିଏ ଚିତ୍ର ବା ଦୃଶ୍ୟର ପୂର୍ଣ୍ଣ ପ୍ରତିବିମ୍ବ ସୃଷ୍ଟିହୋଇ ଥାଏ । ରେଖାରଙ୍ଗରେ ଫୁଟି ଉଠିଥିବା ଚିତ୍ର ପରି ତା'ର ଭାବନା ଭାଷାରେ

ଫୁଟି ଉଠେ, ଯାହା ଧ୍ୱନି ରୂପରେ ପ୍ରକାଶ ପାଇଥାଏ । ଭାଷାବିତ୍ ସ୍ୱେଗେଲେ ମନୁଷ୍ୟ ମନରେ ବିମ୍ବ ପ୍ରତିବିମ୍ବର ସୃଷ୍ଟିରୁ ଭାଷାର ସୃଷ୍ଟି ବୋଲି ମତବ୍ୟକ୍ତ କରିଛନ୍ତି । ପ୍ରତିବିମ୍ବ ଜରିଆରେ ଭାବ ପ୍ରକାଶ ପାଇଁ ଉତ୍ପନ୍ନ ବ୍ୟାକୁଳତା କେତେକ ଧ୍ୱନି ସୃଷ୍ଟିର କାରଣ । ଏହି ଧ୍ୱନି ସମୂହ ଭାଷା ନିର୍ମାଣର ସହାୟକ । ମାତ୍ର ସବୁ ମନୁଷ୍ୟର ବ୍ୟାକୁଳତା ବା ଆବେଗ ସମାନ ନଥିବାରୁ ସମପ୍ରକାର ଧ୍ୱନି ଉଚ୍ଚାରିତ ହେବା ଅସମ୍ଭବ । ତେଣୁ ଏହା ଏକ ନିରର୍ଥକ ସିଦ୍ଧାନ୍ତ ।

**୫.୧୨. ବିବର୍ତ୍ତନ ସିଦ୍ଧାନ୍ତ :**

ବିବର୍ତ୍ତନ ବାଦର ସ୍ରଷ୍ଟା ଡାରୁଇନ୍ ମତବ୍ୟକ୍ତ କଲେ ଯେ ମାନବ ସୃଷ୍ଟି ସହିତ ଭାଷାର ମଧ୍ୟ ସୃଷ୍ଟି ବହୁ ପ୍ରାଚୀନ । ଆଦିମାନବର ସୃଷ୍ଟି ସହିତ ଭାଷାର ମଧ୍ୟ ସୃଷ୍ଟି ବହୁ ପ୍ରାଚୀନ । ଆଦିମାନବର ସୃଷ୍ଟି ଯେଉଁ ପ୍ରକ୍ରିୟା ଦ୍ୱାରା ହୋଇଛି ଭାଷା ସୃଷ୍ଟି ମଧ୍ୟ ତଦନୁରୂପ । ମନୁଷ୍ୟର ଆବଶ୍ୟକତାର ପୂରଣ ପାଇଁ ମନୁଷ୍ୟ ଯେତେବେଳେ କିଛି ଉପାୟ ଚିନ୍ତା କରିଛି ସେତେବେଳେ ଅଙ୍ଗ ପ୍ରତ୍ୟଙ୍ଗର ଚାଳନା ଦ୍ୱାରା କିଛି ସଙ୍କେତ ସୃଷ୍ଟି କରିଛି । କାଳକ୍ରମେ ତା'ର ମୌଳିକ ବିକାଶ ଓ ସାମାଜିକ ସଂପର୍କ ଯୋଗୁଁ ଧ୍ୱନିମୟ ରୂପରେ ପ୍ରକାଶ କରିବାକୁ ଉଦ୍ୟମ କରିଛି । ଏହି ଧ୍ୱନିମୟ ସଙ୍କେତ ମଧ୍ୟରୁ ଧୀରେ ଧୀରେ ଭାବର ପରିପ୍ରକାଶ ଘଟିଛି । ପରସ୍ପରର ମନୋଭାବକୁ ବୁଝିବାପାଇଁ କୌଣସି ଗୋଷ୍ଠୀ ବା ସମାଜ ଧ୍ୱନି ବା ଧ୍ୱନି ସମୂହକୁ ଅର୍ଥପୂର୍ଣ୍ଣ କରିଛନ୍ତି । ଧୀରେ ଧୀରେ ବିଭିନ୍ନ କାର୍ଯ୍ୟ ପାଇଁ ଓ ସମସ୍ୟାର ସାମାଧାନ ପାଇଁ ଭିନ୍ନ ଭିନ୍ନ ପ୍ରକାର ଧ୍ୱନି ସୃଷ୍ଟି କରାଯାଇ ସେଗୁଡିକୁ ସର୍ବବୋଧ କରାଯାଇଥିବ । ପରବର୍ତ୍ତୀ କାଳରେ ମନୁଷ୍ୟର ମୁଖୋଦ୍‌ଗୀର୍ଣ୍ଣ ଧ୍ୱନି ସମୂହର ଏକ ଶୃଙ୍ଖଳିତ ରୂପରେ ଅର୍ଥ ଯୁକ୍ତ ହୋଇ ମନର ଭାବକୁ ସ୍ୱଷ୍ଟ ଭାବରେ ପ୍ରକାଶ କରିଥିବ । ଏହିପରି ଭାଷାର ଉତ୍ପତ୍ତି ଓ କ୍ରମବିକାଶ ଘଟିବାର ସମ୍ଭାବନା ଅଧିକ ଯୁକ୍ତିଯୁକ୍ତ ।

ରୁଷୋ ଏହି ସିଦ୍ଧାନ୍ତକୁ ଗ୍ରହଣ କଲେ ହେଁ R.A.Wilson ଏହାକୁ ଅବୈଜ୍ଞାନିକ ଓ ନିରର୍ଥକ ମନେକରିଛନ୍ତି । ସେ କହନ୍ତି ଯେ ଆଦିମ ମନୁଷ୍ୟ ଏକତ୍ର ହେଲେ କିପରି ଏବଂ ଧ୍ୱନିକୁ ସାର୍ବଜନୀନ କରି ଭାଷା ରୂପରେ ବ୍ୟବହାର କଲେ କିପରି ? ଏପରି ଉତ୍କଣ୍ଠା ସେମାନଙ୍କ ମନରେ କେବେ କିପରି ସୃଷ୍ଟି ହେଲା ଓ ଧ୍ୱନି ରୂପରେ ପ୍ରକାଶ ପାଇଲା ଜାଣିବାର କୌଣସି ଉପାୟ ନାହିଁ । ଅତଏବ ବିବର୍ତ୍ତନ ସିଦ୍ଧାନ୍ତ ଅନୁସାରେ ଭାଷାର ଉତ୍ପତ୍ତି ନିର୍ଣ୍ଣୟ କରିବା ଯଥାର୍ଥ ନୁହେଁ ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଜଣାଯାଏ ଯେ ଭାଷାର ଉତ୍ପତ୍ତି ଓ କ୍ରମ ବିକାଶ ସଂପର୍କରେ ଭାଷାତତ୍ତ୍ୱବିତ୍ ମାନେ ଯେତେ ପ୍ରକାର ଆନୁମାନ କିରଛନ୍ତି ସେଗୁଡିକରୁ ଯଥାର୍ଥ ସନ୍ତୋଷ ଜନକ ଉତ୍ତର ମିଳିନାହିଁ ।

ତେଣୁ ଭାଷା ସଂପର୍କରେ ତାତ୍ତ୍ୱିକ ବିଶ୍ଳେଷଣରୁ ଏ ପ୍ରକାର ଉତ୍ତର ପାଇବା ମଧ୍ୟ କଷ୍ଟକର କଥା । ସେଥିପାଇଁ ଆଧୁନିକ ଭାଷାବିତ୍ ମାନେ ଭାଷାର ଉତ୍ପତ୍ତି ସଂପର୍କୀୟ ଆଲୋଚନା କରିବାକୁ ଚାହୁଁ ନାହାଁନ୍ତି । ଜନ୍ ଲିୟନସ୍‌ଙ୍କ ମତରେ – "Most linguists these days refrain from speculating about the origin and development of languages in general terms .... The result of such study ( linguistic study) have so far thrown no light on the more general question of the Original and development of language in the remote past of man kind."( Introduction to theoritical linguistics 1971 by John Lyous).

**୬.୧.(ଖ) ବାଗ୍ ଯନ୍ତ୍ର ଓ ତାହାର ବିଭିନ୍ନ ଅଂଶର ପରିଚୟ (ଧ୍ୱନି ଉତ୍ପନ୍ନରେ ବାଗ୍ ଯନ୍ତ୍ରର କାର୍ଯ୍ୟ କାରିତା):**

ପୂର୍ବରୁ ଆଲୋଚନା କରାଯାଇଛି ଯେ ମନୁଷ୍ୟ ସର୍ବଶ୍ରେଷ୍ଠ ସାମାଜିକ ପ୍ରାଣୀ । ସମାଜ ଅନ୍ତର୍ଗତ ବ୍ୟକ୍ତି ମାନଙ୍କ ସହିତ ସଂପର୍କ ସ୍ଥାପନ କରିବା ପାଇଁ ସେ ଭାଷା ଜରିଆରେ ଭାବ ବିନିମୟ କରିଥାଏ । ମନୁଷ୍ୟ ତା'ର ଭାଷା ବା କଥା କହିବା ପାଇଁ ପାଟିରେ ଅନେକ ପ୍ରକାର ଧ୍ୱନି ସୃଷ୍ଟି କରିଥାଏ । ସବୁଧ୍ୱନି ଭାଷା ତିଆରି କରିନଥାନ୍ତି । ଯେଉଁ ଧ୍ୱନି ଗୁଡିକ ଭାଷା ତିଆରି କରନ୍ତି ସେମାନଙ୍କୁ ବାଗ୍ ଧ୍ୱନି (Speech Sound) କୁହାଯାଏ । ପରୀକ୍ଷା କରି ଦେଖାଯାଇଛି ବାଗ୍ ଧ୍ୱନି ଗୁଡିକ ଏକ ଯାନ୍ତ୍ରିକ ପ୍ରଣାଳୀରେ ମୁଖ ଗହ୍ୱରରେ ସୃଷ୍ଟି ହୋଇଥାନ୍ତି । ଏହି ଧ୍ୱନି ସୃଷ୍ଟି ପାଇଁ ମନୁଷ୍ୟର କେତେକ ଅବୟବକୁ ପ୍ରଯତ୍ନ କରିବାକୁ ପଡିଥାଏ । ମନୁଷ୍ୟର ଯେଉଁ ଅବୟବ ଗୁଡିକ ଭାଷା ତିଆରି କରନ୍ତି ସେମାନଙ୍କୁ ଭାଷଣ ଅବୟବ ବା (Speech organs )କୁହାଯାଏ । ସେହିପରି ଯାନ୍ତ୍ରିକ ପ୍ରଣାଳୀରେ ଧ୍ୱନି ଗୁଡିକ ମନୁଷ୍ୟର ବିଭିନ୍ନ ଅବୟବରୁ ସୃଷ୍ଟି ହେଉଥିବାରୁ ଏହାକୁ ମଧ୍ୟ ଧ୍ୱନି ଯନ୍ତ୍ର ବା 'ବାଗ୍‌ଯନ୍ତ୍ର' କୁହାଯାଏ ।

ବାଗ୍ ଧ୍ୱନି ଗୁଡିକ ବାଗ୍ ଯନ୍ତ୍ରରେ କିପରି ଉତ୍ପନ ହେଉଛନ୍ତି, ଜାଣିବା ସହଜ ନୁହେଁ । ମନୁଷ୍ୟ କଥା କହିଲାବେଳେ ମଧ୍ୟ ଏ ସଂପର୍କରେ ଜାଣିବା ପାଇଁ କୌଣସି ଆବଶ୍ୟକତା ଅନୁଭବ କରିନଥାଏ । ମାତ୍ର ଧ୍ୱନି ବିଜ୍ଞାନ ସଂପର୍କରେ ଆଲୋଚନା କଲାବେଳେ ବାଗ୍‌ଯନ୍ତ୍ର ବିଷୟରେ ସାଧାରଣ ଜ୍ଞାନ ରହିବା ଆବଶ୍ୟକ । ବାଗ୍ ଯନ୍ତ୍ର ବା ଭାଷଣ ଅବୟବର କେଉଁ କେଉଁ ଅବୟବ କେଉଁ କେଉଁ ଧ୍ୱନି କିପରି ଭାବରେ ଉତ୍ପନ କରନ୍ତି ନଜାଣିଲେ ବିଦେଶୀ ଭାଷାରେ ଧ୍ୱନିକୁ ଶିକ୍ଷାକରିବା ସହଜ ନୁହେଁ । ଏପରି କି ନିଜ ମାତୃଭାଷାକୁ ଅନ୍ୟଭାଷୀମାନଙ୍କୁ ଶିଖାଇବା ମଧ୍ୟ ସହଜ ନୁହେଁ । ଏ ସଂପର୍କରେ ଭାଷାବିତ୍ ପ୍ରଫେସର ଗୋଲୋକ ବିହାରୀ ଧଳ କହନ୍ତି "ଧ୍ୱନିବିତ୍ ମାନଙ୍କର ପ୍ରଥମ ଓ ପ୍ରଧାନ କାମ ହେଉଛି ବାଗ୍‌ଯନ୍ତ୍ରର ସାଧାରଣ ବିବରଣୀ ଜାଣିବା ଓ ବିଭିନ୍ନ ବିଭାଗର ପରିଚାଳନା ଅନୁଭବ କରିବା । ମୁଖ ଗହ୍ୱରର ବିଭିନ୍ନ ବିଭାଗ ଦେଖିପାରିବା ପାଇଁ ଦୁଇଟି ଅତି ସାଧାରଣ ଜିନିଷ ଦରକାର – ଗୋଟିଏ ଛୋଟ ଦର୍ପଣ ଓ ଗୋଟିଏ ଛୋଟ ଟର୍ଚ୍ଚ । ମୁଖ ଗହ୍ୱରକୁ ସଂପୂର୍ଣ୍ଣ ଉନ୍ମୁକ୍ତ କରି ଦର୍ପଣରେ ଦେଖିଲେ ଅନେକ କିଛି ଦେଖାଯାଏ କିମ୍ବା ସାମନାରେ ଦର୍ପଣ ଧରି ଆଲୋକକୁ ପଛକରି ଠିଆହୋଇ ଦର୍ପଣ ଦେହରେ ପ୍ରତିଫଳିତ ଆଲୋକ ଦ୍ୱାରା ମୁଖ ଗହ୍ୱର ଦେଖା ଯାଇପାରେ । ଛୋଟଶିଶୁ ଆଁ କରି କାନ୍ଦିଲା ବେଳେ ତାହାର ମୁଖ ଗହ୍ୱର ନିରୀକ୍ଷଣ କଲେ ବାଗ୍ ଯନ୍ତ୍ରର କେତେକ ବିଭାଗ ସ୍ପଷ୍ଟ ଦେଖାଯାଏ । ଭାଷଣ ଅବୟବର ବିଭିନ୍ନ ବିଭାଗର ନାମ, ଚିତ୍ର ଓ ପରିଚାଳନା ଏପରି ଭାବରେ ମନେ ରଖିବା ଉଚିତ ଯେ, ଯେମିତି ଧ୍ୱନି ଉଚ୍ଚାରଣ ସଙ୍ଗେ ସଙ୍ଗେ ସବୁ ମନଭିତରେ ପରିଷ୍କାର ଆଙ୍କି ହୋଇଯିବ" । (ଧ୍ୱନି ବିଜ୍ଞାନ – ପୃ – ୩୫/ ୩୬)

**୬.୨.** ସବୁଠାରୁ କୌତୂହଳର ବିଷୟ ମନୁଷ୍ୟ ଜୀବନ ଧାରଣ ପାଇଁ ପ୍ରତି ମୁହୂର୍ତ୍ତରେ ଶ୍ୱାସପ୍ରଶ୍ୱାସ ଭାବରେ ଯେଉଁ ବାୟୁକୁ ବ୍ୟବହାର କରେ ସେହି ବାୟୁ ଦ୍ୱାରା ତା'ର ଅମୂଲ୍ୟ ସଂପଦ 'ଭାଷା' ସୃଷ୍ଟି ହୋଇଥାଏ । ଶ୍ୱାସ ପ୍ରଶ୍ୱାସ କାର୍ଯ୍ୟ ମନୁଷ୍ୟର ସ୍ୱାଭାବିକ ଓ ସ୍ୱଚ୍ଛଳ ଭାବରେ ଚାଲିଥାଏ । ଏଥିରେ ବ୍ୟବହୃତ ବାୟୁ ମଧ୍ୟ ନିର୍ବାଧରେ ପ୍ରବାହିତ ହୋଇଥାଏ । କିନ୍ତୁ କଥାବାର୍ତ୍ତା କଲାବେଳେ ଏହି ବାୟୁର ପ୍ରବାହରେ କିଛି ପରିବର୍ତ୍ତନ ଓ ବାଧା ଲକ୍ଷ୍ୟ କରାଯାଏ । ବାୟୁର ପ୍ରବାହରେ ଏପରି ପରିବର୍ତ୍ତନ ଓ ଅବରୋଧ ଧ୍ୱନି ସୃଷ୍ଟିର କାରଣ ହୋଇଥାଏ । ମୁଖ ଗହ୍ୱରରେ ବାୟୁର ପ୍ରବାହ, ବିଭିନ୍ନ ସ୍ଥାନରେ ଅବରୋଧ ବା ବାଧା ପ୍ରାପ୍ତ ଫଳରେ ଭିନ୍ନ ଭିନ୍ନ ପ୍ରକାର ଧ୍ୱନି ସୃଷ୍ଟି ହୋଇଥାଏ । ଅତଏବ ମନୁଷ୍ୟର ମୁଖ ନିଃସୃତ ଧ୍ୱନି କିପରି ସୃଷ୍ଟିହୁଏ ଜାଣିବାକୁ ହେଲେ ଫୁସ୍ ଫୁସ୍‌ର ଶ୍ୱାସନଳୀ ଠାରୁ ଆରମ୍ଭକରି ମୁଖ ଗହ୍ୱରର ବିଭିନ୍ନ ବିଭାଗ ବା ଅବୟବ ସହିତ ପରିଚିତ ହେବା ଆବଶ୍ୟକ ।

**୬.୩.** ବାଗ୍ ଧ୍ୱନି ଉତ୍ପନ୍ନର ମୌଳିକ ଉପାଦାନ ହେଉଛି ବାୟୁ । ବିଶେଷକରି ନିଃଶ୍ୱାସ ବାୟୁ । ଫୁସ୍ ଫୁସ୍‌ରୁ ଶ୍ୱାସ ନଳୀ ଦେଇ ନିଃଶ୍ୱାସ ବାୟୁ ଯେତେବେଳେ ମୁଖରନ୍ଧ୍ରରେ ପ୍ରବେଶ କରେ ଏବଂ ମୁଖରନ୍ଧ୍ରରେ ଥିବା ବିଭିନ୍ନ ଅବୟବ ଦ୍ୱାରା ବାଧାପ୍ରାପ୍ତ ବା ନିୟନ୍ତ୍ରିତ ହୋଇ ବାହାରକୁ ବାହାରି ଆସେ ସେତେବେଳେ ବାଗ୍ ଧ୍ୱନିରେ ପରିଣତ ହୋଇଯାଏ । ଏହି ବାଗ୍ ଧ୍ୱନି ବାଗ୍ ଯନ୍ତ୍ରର କେଉଁଠି କିପରି ଭାବରେ ଆଘାତ ପ୍ରାପ୍ତ ବା ନିୟନ୍ତ୍ରିତ ହୁଏ ଜାଣିବା ପୂର୍ବରୁ ବାଗ୍‌ଯନ୍ତ୍ର ବା ସଂପୃକ୍ତ ଭାଷଣ ଅବୟବ ଗୁଡିକ ସହିତ ପରିଚିତ ହେବା ଆବଶ୍ୟକ । ନିମ୍ନରେ ବାଗ୍‌ଯନ୍ତ୍ରର ଚିତ୍ର ସାହାଯ୍ୟରେ ବିଭିନ୍ନ ଅବୟବ ଗୁଡିକୁ ସ୍ପଷ୍ଟ ରୂପେ ଚିହ୍ନିତ କରାଯାଇଛି ।

**ଚିତ୍ର ୧. ବାଗ୍‌ଯନ୍ତ୍ର :-**

୧. ଓଷ୍ଠ (Lip)
୨. ଦାନ୍ତ (Teeth)
୩. ବର୍ତ୍ସ (Alveola)
୪. କଠିନତାଳୁ (Hard Palate)
୫. କୋମଳତାଳୁ (Soft Palate)
୬. ଅଲିଜିହ୍ୱା ବା ଘଟିକା (U Vula)
୭. ଜିହ୍ୱାଗ୍ର (Tip of the tongue)
୮. ଜିହ୍ୱାଫଳକ (Blade of the tongue)
୯. ଜିହ୍ୱା ମଧ୍ୟ (Middle of the tongue)
୧୦. ଜିହ୍ୱା ପଶ୍ଚ(Back of tongue)
୧୧. ଉପଲିଜିହ୍ୱା ବା ଗଳ ଗହ୍ୱର ବା କଣ୍ଠ ମାର୍ଗ(Pharynx)
୧୨. ସ୍ୱରଯନ୍ତ୍ରା ବରଣ (Epiglottis)
୧୩. ସ୍ୱର ଯନ୍ତ୍ର(Larynx)
୧୪. ଶ୍ୱାସନଳୀ (Wind Pipe)
୧୫. ନାସାରନ୍ଧ୍ର (Nasal cavity)
୧୬. ସ୍ୱର ତନ୍ତ୍ରୀ (Vocal cord)
୧୭, କାକଦ (ସ୍ୱରଯନ୍ତ୍ର ମୁଖ)(Glottis)

**୬.୪.(୧) ଓଷ୍ଠ :**

ଓଷ୍ଠ କହିଲେ ଦୁଇ ଓଷ୍ଠକୁ ବୁଝାଏ – ତଳ ଓଷ୍ଠ , ଉପର ଓଷ୍ଠ । ବାଗ୍ ଯନ୍ତ୍ରର ଏହା ଦୃଶ୍ୟମାନ ବିଭାଗ। କଥା କହିଲାବେଳେ ଅଥବା ଧ୍ୱନି ଉଚ୍ଚାରଣ କଲାବେଳେ ଓଷ୍ଠର କାର୍ଯ୍ୟ କାରିତା ଜଣାପଡେ । କେତେବେଳେ ଦୁଇ ଓଷ୍ଠ ଅଥବା ଗୋଟିଏ ଓଷ୍ଠକୁ ଧ୍ୱନି ଉଚ୍ଚାରଣ କଲାବେଳେ ବ୍ୟବହାର କରାଯାଏ । ଦୁଇ ଓଷ୍ଠ ମଧ୍ୟରୁ ତଳଓଷ୍ଠ ଉପର-ଓଷ୍ଠ ତୁଳନାରେ ଅଧିକ କ୍ରିୟାଶୀଳ । ଧ୍ୱନି ବିଜ୍ଞାନରେ ଓଷ୍ଠ କହିଲେ ପ୍ରଧାନତଃ ତଳ ଓଷ୍ଠକୁ ବୁଝାଇଥାଏ । ଓଷ୍ଠର କାର୍ଯ୍ୟକାରିତାରୁ ଜଣାଯାଏ (କ) କେତେବେଳେ ଦୁଇଓଷ୍ଠ ସଂପୂର୍ଣ୍ଣ ଉନ୍ମୁକ୍ତ – ଯଥା ଓଡିଆ 'ଆ' ଧ୍ୱନି (ଖ) କେତେବେଳେ ଓଷ୍ଠ ଦ୍ୱୟ ସଂପୂର୍ଣ୍ଣ ବନ୍ଦ – ଯଥା ଓଡିଆ 'ପ' , (ଗ) କେତେବେଳେ ଅଧା ଖୋଲା– ବତୀ ଲିଭାଇଲା ବେଳେ ଦୁଇ ଓଷ୍ଠର ଅବସ୍ଥା । ମୋଟ ଉପରେ କହିବାକୁ ଗଲେ କେତେବେଳେ ଦୁଇ ଓଷ୍ଠ ବିସ୍ତୃତ କେତେବେଳେ ଗୋଲାକୃତ, କେତେବେଳେ ଉଦାସୀନ ଅବସ୍ଥାରେ ରହି ବିଭିନ୍ନ ଓଷ୍ଠ୍ୟ ଧ୍ୱନି ସୃଷ୍ଟି କରନ୍ତି ।

**୬.୫.(୨) ଦାନ୍ତ :**

ମନୁଷ୍ୟର ମୁଖ ଗହ୍ୱରରେ ଉପର ପଂକ୍ତି ଓ ତଳ ପଂକ୍ତିରେ ଦାନ୍ତ ରହିଥିଲେହେଁ ଧ୍ୱନିଉତ୍ପାଦନ ପାଇଁ ଉପର ପଂକ୍ତିର ଦାନ୍ତ ବ୍ୟବହୃତ ହୋଇଥାଏ । ଦାନ୍ତ ଗୁଡିକର କୌଣସି କାର୍ଯ୍ୟ ନଥାଏ । ଉପର ଧାଡିର ଦାନ୍ତଗୁଡିକ ତଳ ଓଠ ଓ ଜିହ୍ୱାର ସହିତ ମିଳିତ ହୋଇ ଧ୍ୱନି ସୃଷ୍ଟି କରିଥାନ୍ତି । ବାଗ୍ ଯନ୍ତ୍ରର ଏହା ସବୁଠାରୁ କଠିନ ଅବୟବ ଓ ସ୍ଥିରାଙ୍ଗ । ଦାନ୍ତ ଦ୍ୱାରା ଉତ୍ପନ୍ନ ଧ୍ୱନିକୁ ଦନ୍ତ୍ୟ ଧ୍ୱନି କୁହାଯାଏ । ବୟସ ବୃଦ୍ଧିଯୋଗୁଁ ହେଉ ବା ଅନ୍ୟ କୌଣସି କାରଣ ଯୋଗୁଁ ଯଦି ଦାନ୍ତ ନଷ୍ଟ ହୋଇଯାଏ ବା ଗଳିପଡେ ତାହେଲେ ଦନ୍ତ୍ୟ ଧ୍ୱନି ବିକୃତ ଭାବରେ ଉଚ୍ଚାରିତ ହୋଇଥାଏ ।

**୬.୬.(୩) ବର୍ତ୍ସ :**

ପାଟିରେ ଉପର ଦାନ୍ତର ମୂଳଠାରୁ କଠିନ ତାଳୁ (Hard Palate) ଆରମ୍ଭ ପର୍ଯ୍ୟନ୍ତ ଉଚ୍ଚାହୋଇ ରହିଥିବା ମାଂସଳ ଅଂଶକୁ ମାଢି ବା ବର୍ତ୍ସ ବୋଲି କୁହାଯାଉଥିଲେ ମଧ୍ୟ ଦାନ୍ତ ମୂଳର ଅଂଶକୁ ବର୍ତ୍ସ ଓ ପରବର୍ତ୍ତୀ କଠିନ ତାଳୁର ଆରମ୍ଭ ପର୍ଯ୍ୟନ୍ତ ଅଂଶକୁ ମୂର୍ଦ୍ଧା ବୋଲି କୁହାଯାଏ । ଏହା ଦର୍ପଣରେ ଦେଖିଲେ ଆବଡ୍ ଖାବ୍ଡା ଦେଖାଯାଏ । ଏହି ବିଭାଗଟି ସ୍ଥିର । ଜିହ୍ୱାର ବିଭିନ୍ନ ଅଂଶ ଦ୍ୱାରା ସଂଯୁକ୍ତ ହୋଇ ଧ୍ୱନି ସୃଷ୍ଟିରେ ସାହାଯ୍ୟକରେ । ବର୍ତ୍ସ୍ୟ ସ୍ପର୍ଶଯୁକ୍ତ ଧ୍ୱନିକୁ ବର୍ତ୍ସ୍ୟ ଧ୍ୱନି କୁହାଯାଏ ।

**୬.୭. (୪). କଠିନ ତାଳୁ :**

ବର୍ତ୍ସ ପ୍ରଦେଶର ଶେଷ ସୀମାରୁ ଆରମ୍ଭ କରି କୋମଳ ତାଳୁର ଆରମ୍ଭ ପର୍ଯ୍ୟନ୍ତ ଯେଉଁ ବିସ୍ତୃତ ଅସ୍ଥିଶଲ୍ୟ କଠିନ ଅଂଶ ରହିଛି ତାହାକୁ କଠିନ ତାଳୁ କହନ୍ତି । ଏହା ଉପରେ ଏକ କୋମଳ ପରଦା ଥିଲେ ମଧ୍ୟ ଆଙ୍ଗୁଠି ଲଗାଇ ଏହି ଅଂଶକୁ ଦବାଇଲେ ଏହାର ଆରମ୍ଭ ଓ ଶେଷ ଅଂଶ ଜଣାଯାଇଥାଏ । ଏହା ଉପର ପାଟିରେ ଏକ ଖିଲାଣ ପରି ବା ଠୋଲା ପରି ରହିଥାଏ । ଏହା ଚଳନଶୀଳ ନୁହେଁ ସଂପୂର୍ଣ୍ଣ ସ୍ଥିର । ଜିହ୍ୱାର ମଧ୍ୟ ଭାଗକୁ ଏହି କଠିନ ଅଂଶ ସହିତ ଲଗାଇ ଧ୍ୱନି ସୃଷ୍ଟି କରାଯାଏ । ଏହି ଧ୍ୱନିକୁ ତାଲବ୍ୟ ଧ୍ୱନି କୁହାଯାଏ ।

**୬.୮.(୫). କୋମଳ ତାଳୁ :**

କଠିନ ତାଳୁର ଶେଷ ସୀମାରୁ ଆରମ୍ଭହୋଇ ଯେଉଁ କୋମଳ ମାଂସଳ ଅଂଶ ଅଳି ଜିହ୍ୱା ବା ଘଣ୍ଟିକା ପର୍ଯ୍ୟନ୍ତ ବିସ୍ତୃତ ହୋଇ ରହିଛି ତାହାକୁ କୋମଳତାଳୁ ବା କଣ୍ଠ କହନ୍ତି । ପାଟିକୁ ଅଧିକ ଖୋଲାକରି ଦେଖିଲେ ଏହି ଅଂଶ ସ୍ପଷ୍ଟ ଦେଖାଯିବ । ମୁଖ ଗହ୍ୱରରେ ଏହା ଏକ ଗତିଶୀଳ ଅବୟବ । ଏହା ତଳକୁ ଖସିପାରେ ଓ ଉପରକୁ ଉଠିପାରେ । ଏହା ନାସାରନ୍ଧ୍ର ଓ ମୁଖରନ୍ଧ୍ର ମଧ୍ୟବର୍ତ୍ତୀ ଏକ ମାର୍ଗ । ପ୍ରଶ୍ୱାସ ନେଲାବେଳେ ଏହା ଉପରକୁ ଉଠେ ଓ ନିଃଶ୍ୱାସ ଛାଡିଲା ବେଳେ ଏହା ତଳକୁ ଖସି ପଡି ମୁଖ ରନ୍ଧ୍ରରେ ବାୟୁ ପ୍ରବାହକୁ ବନ୍ଦ କରିଦିଏ । ଏହି ଅବୟବର ଉପର ତଳ ଚଳନ ଅନୁସାରେ ଧ୍ୱନିରେ ପରିବର୍ତ୍ତନ ଦେଖାଦିଏ । ସାଧାରଣ ପ୍ରଯତ୍ନ ଅନୁସାରେ ଏହି ପ୍ରଦେଶରେ ଉତ୍ପନ୍ନ ଧ୍ୱନିକୁ କଣ୍ଠ୍ୟ ଧ୍ୱନି କୁହାଯାଏ । ଅନ୍ୟ ପକ୍ଷରେ ଏହି ଅବୟବ ଦ୍ୱାରା ମଧ୍ୟ ନାସିକ୍ୟ ଧ୍ୱନି ଉତ୍ପନ୍ନ ହୋଇଥାଏ । କାରଣ କୋମଳ ତାଳୁ ଯଦି ରୋଗାକ୍ରାନ୍ତ ହୋଇଥାଏ ତାହାଲେ ତଳ ଉପର ନହୋଇ

ସ୍ଥିର ହୋଇ ରହିଯାଏ । ଫଳରେ ଫୁସ୍ ଫୁସ୍ ରୁ ନିର୍ଗତ ବାୟୁ ମୁଖ ଗହ୍ୱରରେ କେବଳ ପ୍ରବାହିତ ନହୋଇ ନାସାଦ୍ୱାର ଦେଇ ମଧ୍ୟ ବାହାରିଯାଏ । ସେତେବେଳେ କୋମଳତାଳୁ ଉପରକୁ ଉଠି ନାସାଦ୍ୱାରକୁ ବନ୍ଦ କରିପାରେ ନାହିଁ । ସେଥିପାଇଁ ନିରନୁନାସିକ୍ୟ ଧ୍ୱନି ନାସିକ୍ୟ ଧ୍ୱନିରେ ପିରଣତ ହୋଇଯାଏ । ବିଶେଷ କରି ଥଣ୍ଡା ଧରିଲେ ଧ୍ୱନିର ପରିବର୍ତ୍ତନରେ ଏପରି ଅବସ୍ଥା ଦେଖାଦିଏ । ସେଥିପାଇଁ ଶୋଇଥିବାବେଳେ ଅନେକ ବ୍ୟକ୍ତି ଘୁଙ୍ଗୁଡି ମାରିଥାନ୍ତି ।

**୬.୯.(୬) ଅଲିଜିହ୍ୱା ବା ଘଟିକା :**

କୋମଳ ତାଳୁର ଶେଷ ଅଂଶରେ ଏହାଏକ ଛୋଟ ମାଂସ ପିଣ୍ଡୁଳା ପରି ଓହଳିଥାଏ । କୋମଳତାଳୁ ସହିତ ଏହା ତଳକୁ ଓ ଉପରକୁ ହୋଇ ବିଭିନ୍ନ ଧ୍ୱନି ସୃଷ୍ଟିରେ ସାହାଯ୍ୟ କରେ । ଛୋଟ ପିଲା ଆଁ କରି କାନ୍ଦିଲାବେଳେ ଏହା କଂପିତ ହେବାର ଦେଖାଯାଏ । ବିଶେଷକରି ଜିହ୍ୱା ପଷ୍ଟ ସହିତ ମିଳିତ ହୋଇ ଧ୍ୱନି ସୃଷ୍ଟିରେ ସହାୟକ ହୋଇଥାଏ । ଓଡିଆରେ ଏହାକୁ ଘଟିକା କୁହାଯାଏ । ହିନ୍ଦୀରେ 'କୌଆ' ବୋଲି କହନ୍ତି । ଓଡିଆ ଅପେକ୍ଷା ଉର୍ଦ୍ଦୁ, ଆରବିକ୍ ଓ ଫରାସୀ ଭାଷାରେ ଅଲି ଜିହ୍ୱୀୟ ଧ୍ୱନି ଶୁଣିବାକୁ ମିଳେ ।

**୬.୧୦. (୭). ଜିହ୍ୱାଗ୍ର** (Tip of the tongue) :

ଜିହ୍ୱା ମୁଖ ଗହ୍ୱରର ସବୁଠାରୁ ଗତିଶୀଳ ଓ ଧ୍ୱନି ଉତ୍ପନ୍ନରେ ଏକ ଗୁରୁତ୍ୱ ପୂର୍ଣ୍ଣ ଅବୟବ । ମନୁଷ୍ୟର କେବଳ ପାନ, ଭୋଜନ ଓ ସ୍ୱାଦ ନିରୂପଣ ଜିହ୍ୱାର କାର୍ଯ୍ୟ ନୁହେଁ ବାସ୍ତବରେ ଦେଖିବାକୁ ଗଲେ ଭାଷିକ ଧ୍ୱନି ଉତ୍ପନ୍ନରେ ଜିହ୍ୱା ଯେପରି ଭାବରେ କାର୍ଯ୍ୟ କରିଥାଏ, ବାଗ୍ ଯନ୍ତ୍ରର ଅନ୍ୟ କୌଣସି ଅଂଶ ସେପରି କରିନଥାନ୍ତି । ଜିହ୍ୱା ଓଠ ଠାରୁ ଆରମ୍ଭ କରି କୋମଳ ତାଳୁ ବା କଣ୍ଠ ପର୍ଯ୍ୟନ୍ତ ସର୍ବତ୍ର ଗତିକରି ବିଭିନ୍ନ ଧ୍ୱନି ସୃଷ୍ଟିରେ ପ୍ରମୁଖ କାର୍ଯ୍ୟ କରିଥାଏ । ଜିହ୍ୱା ତଳ ଉପର ଓ ଆଗ ପଛକୁ ଗତି କରିପାରେ । ଏହା ଠୋଲା ହୋଇ ଉପରକୁ ଉଠିପାରେ ଏବଂ ପାରି ହୋଇ ଦୁଇଧାର ପିରି ମଧ୍ୟ ରହିପାରେ । ଜିହ୍ୱାର ବିଭିନ୍ନ ଅଂଶ ଦ୍ୱାରା ଧ୍ୱନି ସୃଷ୍ଟି ହେଉଥିବାରୁ ଭାଷା ବିଜ୍ଞାନୀମାନେ ଏହି ସର୍ବବୃହତ୍ ଭାଷଣ ଅବୟବକୁ ୪ ଭାଗରେ ବିଭକ୍ତ କରିଛନ୍ତି । ଜିହ୍ୱାର ସର୍ବାଗ୍ର ବା ଅଗ୍ରଟିପକୁ ଜିହ୍ୱାଗ୍ର କୁହାଯାଏ । ଜିହ୍ୱାର ଅନ୍ୟ ଅଂଶ ଅପେକ୍ଷା ଏହା ଅଧିକ ଗତିଶୀଳ ଓ କ୍ଷିପ୍ର । ଧ୍ୱନିସୃଷ୍ଟିରେ 'ଇ' , 'ଉ' , ପ୍ରଭୃତି ସ୍ୱର ଧ୍ୱନି 'ତ', 'ଥ', 'ଟ', 'ଡ', 'ର', 'ଲ', ପ୍ରଭୃତି ବ୍ୟଞ୍ଜଅଜନ ଧ୍ୱନି ସୃଷ୍ଟିରେ ପ୍ରମୁଖ ଭୂମିକ ଗ୍ରହଣ କରିଥାଏ ।

**୬.୧୧.(୮) ଜିହ୍ୱା ଫଳକ** (Blade of the tongue) :

ଜିହ୍ୱାର ଅଗ୍ରଭାଗ ଓ ସାମନା ଅଂଶର ଦୁଇ ଧାରକୁ ଜିହ୍ୱା ଫଳକ କୁହାଯାଏ । ସ୍ୱାଭାବିକ ଭାବରେ ଜିହ୍ୱାର ଯେଉଁ ଅଂଶ ବାହାରକୁ ବାହାରି ଆସିଥାଏ ସେହି ଅଂଶ ଜିହ୍ୱା ଫଳକ । କଥା ନକହିଲାବେଳେ ଜିହ୍ୱା ମୁଖ ଗହ୍ୱରରେ ଚୁପ୍ ଚାପ୍ ଥିଲାବେଳେ ଏହି ଅଂଶ ବର୍ତ୍ସର ବିପରୀତ ଦିଗରେ ରହିଥାଏ । ଏହା ଉପରଦାନ୍ତ ଓ ବର୍ତ୍ସକୁ ସ୍ପର୍ଶ କରି ଧ୍ୱନି ସୃଷ୍ଟିରେ ସାହାଯ୍ୟ କରିଥାଏ ।

**୬.୧୨(୯) ଜିହ୍ୱାମଧ୍ୟ** (Middle of the tongue) :

ସ୍ୱାଭାବିକ ଭାବରେ ଜିହ୍ୱା ଯେତେବେଳେ ତଳ ଦାନ୍ତ ମୂଳରେ ରହିଥାଏ ସେତେବେଳେ କଠିନତାଳୁର ବିପରୀତ ଦିଗରେ ଥିବା ଜିହ୍ୱାର ଅଂଶକୁ ଜିହ୍ୱାମଧ୍ୟ କୁହାଯାଏ । ଏହା ଜିହ୍ୱା ଫଳକଠାରୁ ପଛକୁ ପ୍ରାୟ ଦେଢଇଞ୍ଚ ପର୍ଯ୍ୟନ୍ତ ବିସ୍ତୃତ । କଠିନ ତାଳୁ ସଂସ୍ପର୍ଶରେ ଆସି ବିଭିନ୍ନ ଧ୍ୱନି ସୃଷ୍ଟିରେ ସାହାଯ୍ୟକରେ । ଏହି ଉତ୍ପନ୍ନ ଧ୍ୱନିକୁ ତାଲବା ଧ୍ୱନି କୁହାଯାଏ ।

**୬.୧୩. (୧୦) ଜିହ୍ୱାପଷ୍ଟ** (Back of the tongue):

ଜିହ୍ୱାର ମଧ୍ୟପରେ ଅବଶିଷ୍ଟ ଅଂଶ ହେଉଛି ଜିହ୍ୱାପଷ୍ଟ । ଜିହ୍ୱା ନିଷ୍କ୍ରିୟ ଅବସ୍ଥାରେ ଥିଲାବେଳେ କୋମଳ ତାଳୁ ବା କଣ୍ଠର ବିପରୀତ ଦିଗରେ ଯେଉଁ ଅଂଶଟି ଥାଏ ତାହାକୁ ଜିହ୍ୱା ପଷ୍ଟ କୁହାଯାଏ । ଏହାଦ୍ୱାରା ସ୍ୱରଧ୍ୱନି 'ଉ' ଓ କୋମଳ ତାଳୁ ସହିତ ମିଳିତ ହୋଇ ମଧ୍ୟ ଓଡିଆ 'କ' ଉର୍ଦ୍ଦୁ କାଫ୍ ଉଚ୍ଚାରିତ ହୁଅନ୍ତି । ଆରବିକ୍ ଓ ଫ୍ରେଞ୍ଚ ଭାଷାରେ ମଧ୍ୟ ଏହି ଧ୍ୱନି ଶୁଣିବାକୁ ମିଳେ ।

**୬.୧୪.(୧୧) ଉପାଲି ଜିହ୍ୱା ବା ଗଳଗହ୍ୱର :**

ଜିହ୍ୱାମୂଳର ପଛକୁ ଲାଗି ଗଳାଦେଶରେ ଯେଉଁ ଶୂନ୍ୟ ସ୍ଥାନ ଥାଏ ତାହାକୁ ଉପାଲି ଜିହ୍ୱା ବା Phorynx କୁହାଯାଏ । ଜିହ୍ୱାକୁ ପଛକୁ ହଟାଇ ଏହି ଖାଲି ସ୍ଥାନରେ ଆକାରକୁ ସାନବଡ କରି ବିଭିନ୍ନ ଭାବରେ ଧ୍ୱନିକୁ ପରିବର୍ତ୍ତନ କରି ଉଚ୍ଚାରଣ କରାଯାଇପାରେ । ନାସାରନ୍ଧ୍ର ଓ ମୁଖ ଗହ୍ୱରର ମଧ୍ୟବର୍ତ୍ତୀ ଏକ ସ୍ଥାନ । କୋମଳ ତାଳୁର ଅବସ୍ଥିତି ନେଇ ଫୁସ୍ ଫୁସ୍‌ରୁ ନିର୍ଗତ ବାୟୁ ଏହିଠାରେ ନାସାରନ୍ଧ୍ର ଅଥବା ମୁଖରନ୍ଧ୍ର ଦେଇ ପ୍ରବାହିତ ହୋଇ ଧ୍ୱନି ସୃଷ୍ଟି କରେ ।

**୬.୧୫.(୧୨) ସ୍ୱରଯନ୍ତ୍ରାବରଣ :**

ଜିହ୍ୱା ମୂଳର ନିମ୍ନ ଦେଶରେ ଗଛର ପତ୍ର କିମ୍ବା ଚାମଚ ପରି ଏକ ମାଂସଳ ଅଂଶ ବାହାରି ରହିଥାଏ । ଖାଦ୍ୟ ଖାଇବାବେଳେ ଏହା ଶ୍ୱାସନଳୀକୁ ଆବୃତ କରି ସୁରକ୍ଷିତ ରଖେ । ଶ୍ୱାସନଳୀ ମାର୍ଗ ବନ୍ଦ କରି ଦେଇ ଖାଦ୍ୟ ନଳୀକୁ ଖାଦ୍ୟ ପଠାଇ ଦିଏ । ଏହି ଅଂଶ ସ୍ୱତନ୍ତ୍ର ଭାବରେ କୌଣସି ଧ୍ୱନି ସୃଷ୍ଟି କରେ ନାହିଁ ମାତ୍ର ଶ୍ୱାସନଳୀକୁ ସୁରକ୍ଷିତ ରଖିବାରୁ ଧ୍ୱନି ସୃଷ୍ଟିରେ କୌଣସି ପ୍ରତିବନ୍ଧକ ଦେଖାଦିଏ ନାହିଁ । କେତେକ ଧ୍ୱନିବିତ୍ କହନ୍ତି ଯେ ସଙ୍ଗୀତର ଧ୍ୱନିଗୁଣ ଉପରେ ଏହାର ପ୍ରଭାବ ଅଛି । ଭାଷାବିତ୍ P.R.M.S. Heffner କହନ୍ତି 'ଆ' ଉଚ୍ଚାରଣ କଲାବେଳେ ଏହା ଯେତିକି ପଛକୁ ଘୁଞ୍ଚିଯାଏ ଏବଂ 'ଇ' ଉଚ୍ଚାରଣ କଲାବେଳେ ଏହା ସେତିକି ଆଗକୁ ଚାଲିଆସେ ।

**୬.୧୬.(୧୩) ସ୍ୱର ଯନ୍ତ୍ର :**

ଭାଷଣ ଅବୟବର ଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଧାନ ବିଭାଗ ହେଉଛି ସ୍ୱରଯନ୍ତ୍ର । ଏହାକୁ G. Oscar Russel ମାନବିକ ଧ୍ୱନି ପ୍ରଚାର କେନ୍ଦ୍ର (Human Broadcasting Centre) ବୋଲି କହିଛନ୍ତି । ବିଭିନ୍ନ ପ୍ରକାର ଧ୍ୱନିର ସୃଷ୍ଟି ଓ ନିୟନ୍ତ୍ରଣ ଏହି ଅବୟବ ଦ୍ୱାରା ହୋଇଥାଏ ।ଏହା ଶ୍ୱାସନଳୀର ଉପର ଭାଗ ଓ ସ୍ୱର ଯନ୍ତ୍ରାବରଣର କିଞ୍ଚିତ ତଳ ଭାଗରେ ଅବସ୍ଥିତ । "ଭାଷାବିତ୍ V.E. Negus "The mechanism of Laryrnx " ଗ୍ରନ୍ଥରେ କହନ୍ତି ଯେ ସ୍ୱର ଯନ୍ତ୍ରର କାର୍ଯ୍ୟକାରିତା ମନୁଷ୍ୟକୁ ଭାଷା ଦେଇ ପ୍ରକୃତ ମନୁଷ୍ୟରେ ପରିଣତ କରିଛି । ବୟସ୍କ ବିଶେଷତଃ ଦୁର୍ବଳ ସ୍ୱାସ୍ଥ୍ୟ ଲୋକଙ୍କର ବେକକୁ ଚାହିଁଲେ ଏକ ଗୋଲାକାର ବସ୍ତୁ ପଦାକୁ ବାହାରିଲା ପରି ଦେଖାଯାଏ । ସାଧାରଣ ଏହାକୁ କଣ୍ଠ ବା କଣ୍ଠା ବୋଲି କହିଥାନ୍ତି । ଏହା ବୟସ୍କ ପୁରୁଷଙ୍କ ଠାରେ ଯେତେସ୍ପଷ୍ଟ ଦେଖାଯାଏ ଶିଶୁ କିମ୍ବା ସ୍ତ୍ରୀ ଲୋକଙ୍କଠାରେ ସେପରି ଦେଖାଯାଏ ନାହିଁ । ଇଂରାଜୀରେ ଏହାକୁ ଆଡମସ୍ ଆପଲ୍ ବୋଲି ମଧ୍ୟ କହିଥାନ୍ତି । କାରଣ ସୃଷ୍ଟିର ପ୍ରଥମ ମନୁଷ୍ୟ ଆଡାମ୍ ବାରଣ ସତ୍ତ୍ୱେ ଜ୍ଞାନ ବୃକ୍ଷର ଫଳ ଖାଇବା ଫଳରେ ଏହା ସୃଷ୍ଟି ବୋଲି ବିଶ୍ୱାସ କରାଯାଏ । ଏହା ଏକ କ୍ଷୁଦ୍ର ପେଟିକା ପରି ଏହା ଭିତରେ ଆଗକୁ ପଛକୁ ବିସ୍ତୃତ ଦୁଇଟି ପତଳା ତନ୍ତ୍ରୀ ଅଛି । ଏହି ତନ୍ତ୍ରୀ ଦ୍ୱୟ ଶ୍ୱାସ ନଳୀର ଠିପି ପରି କାମ କରନ୍ତି । ଏହା ଭିତରେ ବାୟୁର ପ୍ରବାହ ପାଇଁ ଏକ ମାର୍ଗ ଥାଏ । ତନ୍ତ୍ରୀ ଦ୍ୱୟର ସଙ୍କୋଚନ ଓ ପ୍ରସାରଣ ଫଳରେ ବାୟୁ ମାର୍ଗ ନିୟନ୍ତ୍ରିତ ହୋଇ ବିଭିନ୍ନ ଧ୍ୱନି ସୃଷ୍ଟିରେ ସହାୟକ ହୋଇଥାଏ । ଏହା କେତେବେଳେ ବାୟୁର ଚାପରେ କଂପିତ ହୁଏ , କେତେବେଳେ ଉଦାସୀନ ଓ କେତେବେଳେ କଂପନଶୂନ୍ୟ ।

**୬-୧୭(୧୪) -ଶ୍ୱାସନଳୀ :**

ଏହା ଫୁସ୍ ଫୁସ୍‌ରୁ କଣ୍ଠ ପ୍ରଦେଶ ପର୍ଯ୍ୟନ୍ତ ବିସ୍ତୃତ ଏକ ନଳ ପରି । ଏହା ଭିତର ଦେଇ ବାୟୁ ଫୁସ୍‌ଫୁସ୍‌ରୁ ମୁଖରନ୍ଧ୍ର ମଧ୍ୟକୁ ଯା' ଆସ କରେ । କେତେକ ଉପାସ୍ଥି ଦ୍ୱାରା ଏହା ଗୋଲାକାର ଭାବରେ ଗଠିତ । କୂଅ ନନ୍ଦପରି ଥାକ ଥାକ ହୋଇ ଗୋଲାକାର ଭାବରେ ରହିଥାଏ ।ଏହା ଧ୍ୱନି ସୃଷ୍ଟି ନକଲେ ମଧ୍ୟ ବାୟୁ ପ୍ରବାହ ଜନିତ ଧ୍ୱନି ସୃଷ୍ଟି କାର୍ଯ୍ୟରେ ସାହାଯ୍ୟ କରେ ।

**୬.୧୮.(୧୫) ନାସାରନ୍ଧ୍ର :**

ସ୍ୱାଭାବିକ ଅବସ୍ଥାରେ ମୁହଁ ବନ୍ଦକରି ଆମେ ଯେତେବେଳେ ପ୍ରଶ୍ୱାସରେ ବାୟୁ ନେଉ ସେତେବେଳେ ବାୟୁ ମୁଖରନ୍ଧ୍ର ଭିତରେ ନଯାଇ ନାସାରନ୍ଧ୍ର ଦେଇ ଯିବା ଆସିବା କରେ । କଥା ବାର୍ତ୍ତା କଲାବେଳେ କୋମଳ ତାଳୁ କେତବେଳେ ଉପରକୁ ଉଠି ନାସାରନ୍ଧ୍ର ବନ୍ଦ କରିଦିଏ ଅଥବା କେତେବେଳେ ତଳକୁ ଖସି ପଡି ମୁଖରନ୍ଧ୍ରକୁ ବନ୍ଦ କରିଦିଏ । ଏହି ସମୟରେ ଦୁଇପ୍ରକାର ଭାଷିକ ଧ୍ୱନି ସୃଷ୍ଟିହୁଏ । ନାସାରନ୍ଧ୍ର ବନ୍ଦ ଥିଲାବେଳେ ନିରନୁସିକ ଓ ନାସାରନ୍ଧ୍ର ଖୋଲାଥିଲାବେଳେ ନାସିକ୍ୟଧ୍ୱନି ଓ ଅନୁନାସିକ୍ୟ ଉତ୍ପନ୍ନ ହୋଇଥାଏ ।

**୬.୧୯(୧୬) ସ୍ୱରତନ୍ତ୍ରୀ** (Vocal Card) **:**

ସ୍ୱରଯନ୍ତ୍ର ବା ସ୍ୱର ପେଟିକାରେ ଏବଂ ଆଗକୁ ପଛକୁ ବିସ୍ତୃତ ଦୁଇଟି ପତଳା ତନ୍ତ୍ରୀ ଯୁକ୍ତ ପରଦା ରହିଛି । ଷ୍ଟେଜର ପରଦା ପରି ଏହି ତନ୍ତ୍ରୀ ଦ୍ୱୟ କାମ କରିଥାନ୍ତି । ଷ୍ଟେଜର ପରଦାକୁ ଯେପରି ଦୁଇପଟୁ ଭିଡିଲେ ତାହା ଖୋଲିଯାଏ ଏବଂ ପୁଣି ତାକୁବନ୍ଦ କରିଦିଆଯାଏ ସେହିପରି ଶ୍ୱାସନଳୀରେ ପ୍ରବାହିତ ବାୟୁର ଚାପରେ ଏହି ପରଦାର ସଂକୋଚନ ପ୍ରସାରଣ କାର୍ଯ୍ୟ ଚାଲିଥାଏ । ତନ୍ତ୍ରୀ ଦ୍ୱୟ ସଂପୂର୍ଣ୍ଣ ରୂପେ ଖୋଲିଗଲେ ବାୟୁ ପ୍ରବାହର ମାର୍ଗ ପରିଷ୍କାର ହୋଇଯାଏ । ଏହି ତନ୍ତ୍ରୀ ଦ୍ୱୟକୁ ସ୍ୱରତନ୍ତ୍ରୀ Vocal Card କୁହାଯାଏ । ଧ୍ୱନି ଉତ୍ପନ୍ନ ସମୟରେ ବାୟୁର ଚାପରେ ଯଦି ସ୍ୱରତନ୍ତ୍ରୀରେ କଂପନ ସୃଷ୍ଟି ହୁଏ ତାହେଲେ ତାହାକୁ ସଘୋଷ ଓ କଂପନ ସୃଷ୍ଟି ନହେଲେ ଅଘୋଷ ଧ୍ୱନି ବୋଲି କୁହାଯାଏ ।

**୬.୨୦(୧୭) କାକଳ (ସ୍ୱରଯନ୍ତ୍ର ମୁଖ)** (Glottis)

ସ୍ୱରଯନ୍ତ୍ର ମଧ୍ୟସ୍ଥ ସ୍ୱରତନ୍ତ୍ରୀ ଦ୍ୱୟର ମଧ୍ୟବର୍ତ୍ତୀ ମାର୍ଗକୁ କାକଳ ବୋଲି କୁହାଯାଏ । ଫୁସ୍ ଫୁସ୍ ନିର୍ଗତ ବାୟୁ ଶ୍ୱାସନଳୀଦେଇ ପ୍ରବାହିତ ହୋଇ ଯେତେବେଳେ ସ୍ୱର ଯନ୍ତ୍ରରେ ପ୍ରବେଶ କରେ ସେତେବେଳେ ବାୟୁର ଚାପ ଫଳରେ ସ୍ୱରତନ୍ତ୍ରୀ ଦ୍ୱୟର ମିଳନ ମାର୍ଗ ସଙ୍କୁଚିତ ଓ ପ୍ରସାରିତ ହୋଇଥାଏ । ଏହି ମାର୍ଗ ଦେଇ ବାୟୁ ମୁଖ ଗହ୍ୱରକୁ ପ୍ରବେଶ କରେ । ଏହି ମାର୍ଗ ସ୍ପର୍ଶୀ ଧ୍ୱନିକୁ କାକଲ୍ୟ ସ୍ପର୍ଶୀ ଧ୍ୱନି କୁହାଯଆଏ । ଏହି ମାର୍ଗ ବାୟୁଚାପ ଫଳରେ ଭିନ୍ନ ଭିନ୍ନ ଆକୃତି ଧାରଣ କରେ କେତେବେଳେ କମ୍ ଖୋଲେ ତ କେତେବେଳେ ଅଧିକ ଖୋଲେ ।

**ଚିତ୍ର :-** 

ଏସବୁ ଆଲୋଚନାରୁ ଜଣାଯାଏ ଯେ ବାଗ୍ ଯନ୍ତ୍ରର ବିଭିନ୍ନ ଅବୟବ ଭାଷଣ ଧ୍ୱନି ସୃଷ୍ଟି କରିଥାନ୍ତି । ଏହି ଅବୟବ ଗୁଡିକର ଟିକିନିଖି କାର୍ଯ୍ୟକାରିତା ଜାଣିବାକୁ ହେଲେ ପ୍ରୟୋଗାତ୍ମକ ଯନ୍ତ୍ରପାତି ଆବଶ୍ୟକ । ଆଜିକାଲି ଏଥିପାଇଁ ବିଭିନ୍ନ ଯନ୍ତ୍ରର ଉଦ୍ଭାବନ ହେଲାଣି । ସେହି ଯନ୍ତ୍ର ସାହାଯ୍ୟରେ ଭାଷଣ ଅବୟବ ଗୁଡିକର କେବଳ ଯେ ସୂକ୍ଷ୍ମ ଅଂଶ ଦେଖିହେବ ତା ନୁହେଁ କଥା କହିଲା ବେଳେ ବା ଧ୍ୱନି ଉଚ୍ଚାରଣ କଲାବେଳେ ସେମାନଙ୍କର କାର୍ଯ୍ୟକାରିତା ମଧ୍ୟ ଉପଲବ୍ଧ କରିହେବ ।

* * * * *

**କେତେକ ସମ୍ଭାବିତ ପ୍ରଶ୍ନ :-**

୧. ଭାଷାର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ କର ।
୨. ମନୁଷ୍ୟର ଭାବ ବିନିମୟ ପ୍ରକ୍ରିୟାରେ ଭାଷା କିପରି ସର୍ବୋତ୍କୃଷ୍ଟ ମାଧ୍ୟମ ବିଭିନ୍ନ ଭାଷାବିତ୍ ମାନଙ୍କର ମନ୍ତବ୍ୟକୁ ଆଧାର କରି ବିଚାର କର ।
୩. ଭାଷା ଏକ ସାମାଜିକ ବସ୍ତୁ, ଏହାର ବିଭିନ୍ନ ଲକ୍ଷଣ ନିରୂପଣ କରି ଆଲୋଚନା କର ।
୪. ଭାଷାର ପ୍ରବୃତ୍ତି ଓ ପ୍ରକାର ଭେଦ ସଂପର୍କରେ ଆଲୋଚନା କର ।
୫. ଭାଷାର ସଂଜ୍ଞା ଉଲ୍ଲେଖ କରି ଏହାର ଉତ୍ପତ୍ତି ସଂପର୍କରେ ବିଭିନ୍ନ ମତବାଦର ବିଶ୍ଳେଷଣ କର ।
୬. ଭାଷା କିପରି ଉତ୍ପନ୍ନ ହୁଏ ବାଗ୍ ଯନ୍ତ୍ର ସାହାଯ୍ୟରେ ଆଲୋଚନା କର ।
୭. ବାଗ୍ ଯନ୍ତ୍ରର ବିଭିନ୍ନ ଅଂଶର ପରିଚୟ ନେଇ ଧ୍ୱନି ସୃଷ୍ଟିରେ ସେମାନଙ୍କର କାର୍ଯ୍ୟକାରିତା ବର୍ଣ୍ଣନା କର ।
୮. ଭାଷିକ ଧ୍ୱନି ଉତ୍ପନ୍ନରେ ବାଗ୍ ଯନ୍ତ୍ରର କାର୍ଯ୍ୟକାରିତା ଉଲ୍ଲେଖକର ।

୯.	ଭାଷିକ ଧ୍ୱନି ଉତ୍ପନ୍ନରେ ସ୍ୱରଯନ୍ତ୍ର ଓ ଜିହ୍ୱାର କାର୍ଯ୍ୟ କାରିତା ବର୍ଣ୍ଣନା କର ।

୧୦.	ସଂକ୍ଷେପରେ ଲେଖ – ଭାଷାର ଉତ୍ପାଦନ କ୍ଷମତା, ଭାଷାର ଅନ୍ତିମ ପରିଣତି ନାହିଁ, ପ୍ରାମାଣିକ ରୂପ, ପ୍ରୟୋଗ ଆଧାରିତ ରୂପ ଭେଦ, ମୂଳଭାଷା, ବିଭାଷା, ବୈଷୟିକ ଭାଷା, ଅପଭାଷା, ସାମାନ୍ୟ ଭାଷା, ଦୈବୀ ସିଦ୍ଧାନ୍ତ, ଅନୁକରଣ ସିଦ୍ଧାନ୍ତ, ସଂପର୍କ ସିଦ୍ଧାନ୍ତ , କୋମଳତାଳୁ, ଜିହ୍ୱା ଫଳକ, ସ୍ୱରଯନ୍ତ୍ର, କାକଳ ।

**କେତେକ ପ୍ରଶ୍ନର ଉତ୍ତର ଲେଖିବାପାଇଁ ନିର୍ଦ୍ଦେଶାବଳୀ :**

୧.	ଭାଷାର ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ କର ।

ଅଥବା

ଭାଷାର ପ୍ରବୃତ୍ତି ଓ ପ୍ରକାର ଭେଦ ସଂପର୍କରେ ଆଲୋଚନା କର ।

ପ୍ରଥମ ପ୍ରଶ୍ନର ଉତ୍ତର ପାଇଁ ଭାଷାର ସଂଜ୍ଞାରେ ଉଲ୍ଲିଖିତ ବିଷୟକୁ ଆଲୋଚନା କରାଯିବ । ଅର୍ଥାତ୍ ଭାଷା କାହାକୁ କହନ୍ତି ? ତାପରେ ବିଭିନ୍ନ ଭାଷାବିତ୍ ମାନଙ୍କର ଅଭିମତ ଗୁଡିକୁ ଉଲ୍ଲେଖ କରିବାକୁ ହେବ । ଏଗୁଡିକ ପାଠ୍ୟ ସୂଚନାରେ ପ୍ରଦତ୍ତ ।ଭାଷାର ଲକ୍ଷଣ ଓ ସ୍ୱରୂପ ସଂପର୍କରେ କରାଯାଇଥିବା ଆଲୋଚନାକୁ ଅନ୍ତର୍ଭୁକ୍ତ କରିବାକୁ ହେବ ।

ଅଥବା

ଏ ପ୍ରଶ୍ନର ଉତ୍ତରପାଇଁ ପାଠ୍ୟ ସୂଚନାର ଦ୍ୱିତୀୟ ଭାଗର ଆଲୋଚନାକୁ ଅନ୍ତର୍ଭୁକ୍ତ କରିବାକୁ ହେବ ।

୨.	ଭାଷା କିପରି ଉତ୍ପନ୍ନ ହୁଏ । ବାଗ୍ ଯନ୍ତ୍ର ସାହାଯ୍ୟରେ ଆଲୋଚନା କର ।

ଅଥବା

ଭାଷିକ ଧ୍ୱନି ଉତ୍ପନ୍ନରେ ବାଗ୍ ଯନ୍ତ୍ରର କାର୍ଯ୍ୟ କାରିତା ବର୍ଣ୍ଣନା କର ।

ଏପରି ପ୍ରଶ୍ନ ଆସିଲେ ପ୍ରଥମେ ବାଗ୍ ଯନ୍ତ୍ରର ଚିତ୍ର ପ୍ରଦାନ କରି ବିଭିନ୍ନ ଅଂଶ ଗୁଡିକୁ ଦେଖାଇବାକୁ ହେବ। ପ୍ରତ୍ୟେକ ଅଂଶର କାର୍ଯ୍ୟ କାରିତା ସଂପର୍କରେ ପ୍ରଦତ୍ତ ପାଠ୍ୟ ସୂଚନାର ଆଲୋଚନାକୁ ଅନ୍ତର୍ଭୁକ୍ତ କରିବାକୁ ହେବ ।

୩.	ସଂକ୍ଷିପ୍ତ ଆଲୋଚନା ପାଇଁ ବିଭିନ୍ନ ପ୍ରସଙ୍ଗରେ ପ୍ରଦତ୍ତ ପାଠ୍ୟ ସୂଚନାରେ ଉଲ୍ଲିଖିତ ବିଷୟକୁ ମନେରଖି ସେହିପରି ଲେଖିବାକୁ ହେବ ।

* * * * * *

(କ) ଓଡିଆ ଭାଷିକ ଧ୍ୱନିମାନଙ୍କର ପରିଚୟ ଓ ବର୍ଗୀକରଣ :

୧.୧. କଥିତ ଭାଷା କେତେକ ଧ୍ୱନିଗୁଣ ସହ ବାଗ୍‌ଯନ୍ତ୍ର ଦ୍ୱାରା ଉଚ୍ଚାରିତ ଧ୍ୱନି ଅନୁକ୍ରମର ସମଷ୍ଟି । ଏହା ଦୁଇ ରୂପରେ ଉଚ୍ଚାରିତ – ବିଶୁଦ୍ଧ ବାଗ୍ ଧ୍ୱନି ଓ ଶ୍ରୁତି ଧ୍ୱନି । ବିଶୁଦ୍ଧ ବାଗ୍ ଧ୍ୱନି ବାଗ୍ ଯନ୍ତ୍ରର ବିଭିନ୍ନ ଅବୟବ ଦ୍ୱାରା ଆପେ ଆପେ ଉଚ୍ଚାରିତ ହୋଇଥାନ୍ତି । ଏଥିପାଇଁ ଅବୟବ ଗୁଡିକୁ ନର୍ଦ୍ଦିଷ୍ଟ ପ୍ରଯତ୍ନ କରିବାକୁ ପଡିଥାଏ । ଅନ୍ୟପକ୍ଷରେ ଭାଷଣ ଅବୟବ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗତିକଲାବେଳେ ଘଟଣା କ୍ରମରେ ହଠାତ୍ ଧ୍ୱନିଟିଏ ମଝିରେ ଉଚ୍ଚାରିତ ହୋଇଯାଏ । ଏଥିପାଇଁ ଭାଷଣ ଅବୟବକୁ ପ୍ରଯତ୍ନ କରିବାକୁ ପଡିନଥାଏ । ଏପରି ଉତ୍ପନ୍ନ ଧ୍ୱନିକୁ ଶ୍ରୁତି ଧ୍ୱନି ବା 'glide' କହନ୍ତି । ଏହା ସବୁସମୟରେ ବା ପ୍ରଯତ୍ନ ବିଧିରେ ଜବକ୍ତା ଉଚ୍ଚାରଣ କରିନଥାଏ । ମାତ୍ର ବିଶୁଦ୍ଧ ବାଗ୍ ଧ୍ୱନି ପାଇଁ ଭାଷାଣ ଅବୟବକୁ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ବିଧିରେ କାର୍ଯ୍ୟ କରିବାକୁ ପଡିଥାଏ । ସେଥିପାଇଁ କଥିତ ଭାଷାରେ ଶ୍ରୁତିଧ୍ୱନି ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇ ନଥାଏ ।

୧.୨. କଥିତ ଭାଷାରେ ବିଶୁଦ୍ଧ ବାଗ୍ ଧ୍ୱନି ସାଧାରଣତଃ ଦୁଇ ଭାଗରେ ବିଭକ୍ତ – ସ୍ୱର ଓ ବ୍ୟଞ୍ଜନ । ସ୍ୱର ଓ ବ୍ୟଞ୍ଜନ ଧ୍ୱନି ପୃଥିବୀର ପ୍ରାୟ ସବୁ ଭାଷାରେ ବ୍ୟବହୃତ ଓ ଏହା ସର୍ବ ପ୍ରାଚୀନ ବର୍ଗୀକରଣ ପ୍ରକ୍ରିୟା । ଭାଷିକ ଧ୍ୱନି କହିଲା ମାତ୍ରେ ସ୍ୱର କିମ୍ବା ବ୍ୟଞ୍ଜନ ଯେକୌଣସି ଏକ ବିଭାଗର ଅନ୍ତର୍ଭୁକ୍ତ । ପ୍ରାଚୀନ ଧ୍ୱନିବିତ୍‌ମାନେ କହନ୍ତି ଯେଉଁ ଧ୍ୱନି ଅନ୍ୟଧ୍ୱନିର ବିନା ସାହାଯ୍ୟରେ ଆପେ ଆପେ ଉଚ୍ଚାରିତ ହୋଇଥାଏ ତାହାକୁ ସ୍ୱର ଧ୍ୱନି ଏବଂ ଯେଉଁ ଧ୍ୱନି ସ୍ୱରଧ୍ୱନିର ସାହାଯ୍ୟ ବିନା ଉଚ୍ଚାରିତ ହୋଇପାରେ ନାହିଁ ତାହା ବ୍ୟଞ୍ଜନ ।

୧.୩. ଭାରତବର୍ଷରେ ଅତି ପ୍ରାଚୀନ କାଳରୁ ଭାଷିକ ଧ୍ୱନି ମାନଙ୍କର ଚର୍ଚ୍ଚା ପରିଲକ୍ଷିତ । 'ସ୍ୱର' ଶବ୍ଦର ପ୍ରୟୋଗ ପ୍ରଥମେ ଋକ୍ ବେଦରେ ଦେଖିବାକୁ ମିଳେ, ଯାହା ଧ୍ୱନି ଅର୍ଥରେ ପ୍ରଯୁଜ୍ୟ । ପରବର୍ତ୍ତୀ ଐତିରେୟ ବ୍ରାହ୍ମଣ ଗ୍ରନ୍ଥରେ 'ସ୍ୱର' 'ବଳାଘାତ' ବା ସୁର ଅର୍ଥରେ ପ୍ରୟୋଗ କରାଯାଇଛି । ଖ୍ରୀ :ପୂ : ୪ର୍ଥ/୫ମ ଶତାବ୍ଦୀରେ ପାଣିନିଙ୍କ 'ଅଷ୍ଟାଧ୍ୟାୟୀ'ର ଶିକ୍ଷା ଅଂଶଟି ମଧ୍ୟ ଧ୍ୱନି ସଂପର୍କୀୟ ଆଲୋଚନା । ଏଥିରେ ସ୍ୱର ଓ ବ୍ୟଞ୍ଜନ ଭାଷିକ ଧ୍ୱନିର ବିଶ୍ଳେଷଣ କରାଯାଇଛି । ମହର୍ଷି ପତଞ୍ଜଳିଙ୍କ ମହାଭାଷ୍ୟରେ ସ୍ୱର ଓ ବ୍ୟଞ୍ଜନଧ୍ୱନିର ସଂଜ୍ଞା ନିର୍ଦ୍ଦେଶ କରାଯାଇଛି – " ସ୍ୱୟଂ ରାଜନ୍ତେ ସ୍ୱରା ଅନ୍ୱଗ୍ ଭବତି ବ୍ୟଞ୍ଜନମିତି" । ମାତ୍ର ଆଧୁନିକ ଧ୍ୱନିବିଜ୍ଞାନୀମାନେ ଏ ପ୍ରକାର ସଂଜ୍ଞାକୁ ସ୍ୱୀକାର କରନ୍ତି ନାହିଁ । ସେମାନଙ୍କ ମତରେ କେତେକ ଭାଷାରେ ଅନେକ ବ୍ୟଞ୍ଜନ ଧ୍ୱନି ସ୍ୱରର ବିନା ସାହାଯ୍ୟରେ ମଧ୍ୟ ଉଚ୍ଚାରିତ ହୋଇଥାନ୍ତି । ଭାଷାବିତ୍ ପ୍ରଫେସର ଧଳ କହନ୍ତି ସ୍ୱରର ସ୍ୱରୂପ କେବଳ ଉଚ୍ଚାରଣାତ୍ମକ ବିଚାର ଉପରେ ନିର୍ଭର ନକରି ଭାଷାର ନିର୍ମାଣ ପ୍ରକୃତି ଉପରେ ମଧ୍ୟ ନିର୍ଭର କରିଥାଏ । କେହି ପାଟିତୁଣ୍ଡ କଲାବେଳେ ଚୁପ୍ କରିଦେବା ପାଇଁ ଆମେ ଯେଉଁ ସୀତ୍କାର କରିଥାଉ ତାହା ସ୍ୱର ବ୍ୟତିରେକେ ଉଚ୍ଚାରିତ ହୋଇଥାଏ । ଚେକ୍ ଭାଷାର ଏକ ବାକ୍ୟାଂଶ ମଧ୍ୟ ବିନା ସ୍ୱରରେ ଉଚ୍ଚାରିତ ହେବାର ଉଦାହରଣ ଅଛି । ଯଥା – Stre Prst krz k rk (ନିଜ ଗଳକୁ ଆଙ୍ଗୁଠିରେ ଦବାଅ) ଆଫ୍ରିକାର ଇବୋ ଭାଷାରେ ଅଛି ଯହିଁରେ ପାଞ୍ଚୋଟି ବ୍ୟଞ୍ଜନ ଅଛି, କିନ୍ତୁ ଗୋଟିଏ ହେଲେ ସ୍ୱର ନାହିଁ ଯଥା (ngngn) (ପାର୍ଶଲ) ।

୧.୪. ଆଧୁନିକ ଧ୍ୱନିବିତ୍ ମାନଙ୍କ ମତରେ ସ୍ୱରଧ୍ୱନିର ସଂଜ୍ଞା ହେଉଛି – ଏହି ଧ୍ୱନିକୁ ଉଚ୍ଚାରଣ କଲାବେଳେ ଫୁସ୍‌ଫୁସ୍‌ରୁ ନିର୍ଗତବାୟୁ ଶ୍ୱାସ ନଳୀଦେଇ ପ୍ରବାହିତ ହେଲାବେଳେ ସ୍ୱରତନ୍ତ୍ରୀ ଓ ମୁଖଗହ୍ୱର ଦେଇ ନିର୍ବିଘ୍ନରେ ବହିର୍ଗତ ହୋଇଥାଏ । ଏହି ସମୟରେ ସ୍ୱରତନ୍ତ୍ରୀ ଠାରୁ ମୁଖରନ୍ଧ୍ର ମଧ୍ୟରେ କୌଣସିଠାରେ ଅବରୋଧ କିମ୍ବା ସଙ୍କୀର୍ଣ୍ଣ ନଥାଏ, ଫଳରେ ବାୟୁ ପ୍ରବାହରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହୁଏ ନାହିଁ । ସ୍ୱରତନ୍ତ୍ରୀରେ କଂପନ ବା ଘୋଷ ସୃଷ୍ଟି ହୋଇଥାଏ । ଏପରି ବିଧିରେ ଉତ୍ପନ୍ନ ଧ୍ୱନିକୁ ସ୍ୱର ଧ୍ୱନି କୁହାଯାଏ । ଭାଷାବିତ୍ Daviel Jones କହନ୍ତି – "A Vowel (in normal speech) is defined as a vocied sound informing which the air issues in a continuous stream througth the Pharynx and mouth, there being no obstruction and no narrowing such as would cause audible friction."

"All other sounds (innormal speech) are called consonant."

ଏତଦ୍ ଭିନ୍ନ ଅନ୍ୟ ସମସ୍ତ ଧ୍ୱନିକୁ ବ୍ୟଞ୍ଜନ ଧ୍ୱନି କୁହାଯାଏ ।

୧.୫.   ସ୍ୱର ଧ୍ୱନି ଉତ୍ପନ୍ନ ସମୟରେ ସ୍ୱରତନ୍ତ୍ରୀର କଂପନ ବା ଘୋଷ, ସୃଷ୍ଟିହୁଏ, ତେଣୁ ସମସ୍ତ ସ୍ୱର ଧ୍ୱନି ସଘୋଷ । ସ୍ୱର ଧ୍ୱନି ସୃଷ୍ଟି ସମୟରେ ଜିହ୍ୱାର କାର୍ଯ୍ୟ ଅଧିକ । ଜିହ୍ୱାର ଉତ୍‌ଥାନ ଓ ପତନ ଅନୁସାରେ ସ୍ୱରଧ୍ୱନିର ପରିବର୍ତ୍ତନ ଘଟିଥାଏ । ତା ନହେଲେ ସ୍ୱର ଧ୍ୱନି ଏକ ପ୍ରକାର ହୋଇଥାନ୍ତା । ଅ' ସ୍ଥାନରେ ଆ କିମ୍ବା 'ଇ' ସ୍ଥାନରେ 'ଉ' ଏପରି ପାର୍ଥକ୍ୟ ଦେଖାଦିଅନ୍ତା ନାହିଁ । ସ୍ୱରଧ୍ୱନି ଉଚ୍ଚାରଣ କଲାବେଳେ ଜିହ୍ୱା ସାଧାରଣ ଅବସ୍ଥାରୁ ମୁହ ଗହ୍ୱରରେ ସାମାନ୍ୟ ଉପରକୁ ଉଠେ । ମାତ୍ର ଏହା ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଉଠିଥାଏ । ଜିହ୍ୱାର ଏହି ସାମାନ୍ୟ ଉତ୍‌ଥାନ ସ୍ୱରତନ୍ତ୍ରୀରେ କଂପନ ସୃଷ୍ଟି କରି ମୁଖ ଗହ୍ୱରରେ ପ୍ରବାହିତ ବାୟୁକୁ ଅବରୋଧ କରେ ନାହିଁ କିମ୍ବା ସେହି ବାୟୁ ମାର୍ଗକୁ ସଙ୍କୁଚିତ କରେନାହିଁ । ମାତ୍ର ଜିହ୍ୱାର ଏହି ଉତ୍‌ଥାନ ହେତୁ ଧ୍ୱନିର ଉଚ୍ଚାରଣରେ ସାମାନ୍ୟ ପରିବର୍ତ୍ତନ ଦେଖାଦିଏ ।ଏହି ସମୟରେ ଓଠ କେତେବେଳେ ବିସ୍ତୃତ, କେତେବେଳେ ଗୋଲାକୃତ କେତେବେଳେ ଉଦାସୀନ ଅବସ୍ଥାରେ ରହିଯାଏ । ଏହି ସମୟରେ ଜିହ୍ୱାର ୪ଟି ବିଭାଗ, ଜିହ୍ୱାଗ୍ର, ଜିହ୍ୱା ଫଳକ, ଜିହ୍ୱାମଧ୍ୟ ଓ ଜିହ୍ୱାପଷ୍ଚ  ସେହି ନିର୍ଦ୍ଦିଷ୍ଟ ସୀମାରେଖାକୁ ଉଠି ସ୍ୱର ଧ୍ୱନି ସୃଷ୍ଟି କରିଥାନ୍ତି ।

**୧.୬. ସ୍ୱର ଧ୍ୱନିର ବିଭାଗୀକରଣ ବା ବର୍ଗୀକରଣ :-**

(କ) ସ୍ୱରଧ୍ୱନିର ଉତ୍ପନ୍ନ ପ୍ରକ୍ରିୟାରେ ଜିହ୍ୱାର କାର୍ଯ୍ୟ ଦୃଷ୍ଟିରୁ ଏହାକୁ ୩ ଭାଗରେ ବିଭକ୍ତ କରାଯାଏ :-

(୧) ଅଗ୍ରସ୍ୱର, (୨) ପଶ୍ଚାସ୍ୱର , (୩) କେନ୍ଦ୍ରୀୟସ୍ୱର ।

**(୧)ଅଗ୍ରସ୍ୱର :-** ସ୍ୱରଧ୍ୱନି ଉଚ୍ଚାରଣ କଲାବେଳେ ଜିହ୍ୱାଅଗ୍ର ସାଧାରଣ ଅବସ୍ଥାନ ଠାରୁ ଧୀରେଧୀରେ ସର୍ବୋଚ୍ଚ ସୀମାରେ ପହଞ୍ଚିବା ମଧ୍ୟରେ ବିଭିନ୍ନସ୍ଥାନରେ ରହି ଧ୍ୱନି ଉତ୍ପନ୍ନ କରେ । ଓଡିଆରେ 'ଇ', 'ଏ' , ଅନ୍ୟ ଭାଷାରେ (I)(e)(a) ପ୍ରଭୃତି ।

**(୨)** ଜିହ୍ୱାଗ୍ର ଭଳି ଜିହ୍ୱାପଷ୍ଚ ମଧ୍ୟ ସର୍ବୋଚ୍ଚ ସୀମାରେ ପହଞ୍ଚିବା ମଧ୍ୟରେ କେତେକ ସ୍ଥାନରେ ରହି ଧ୍ୱନି ଉତ୍ପନ୍ନ କରେ । ଓଡିଆରେ 'ଅ' 'ଓ' 'ଉ' ଅନ୍ୟଭାଷାରେ, (a) (>)(O) (u) ପ୍ରଭୃତି ।

**(୩)** ଜିହ୍ୱାର କେନ୍ଦ୍ର ବା ମଧ୍ୟ ଭାଗ ଉପରକୁ ଉଠି ସର୍ବୋଚ୍ଚ ସୀମାରେ ଅବସ୍ଥାନ କରିବା ମଧ୍ୟରେ ଯେଉଁ ଧ୍ୱନି ସୃଷ୍ଟିକରେ ତାହା କେନ୍ଦ୍ରୀୟ ସ୍ୱର । ଓଡିଆରେ 'ଆ' ଧ୍ୱନି ଏବଂ ଇଂରାଜୀର (^) ,(e ),( ), ଧ୍ୱନିକୁ ନିଆଯାଇପାରେ ।

୧.୭. ଜିହ୍ୱାର ଉତ୍ତୋଳନ ଦୃଷ୍ଟିରୁ ସ୍ୱରଧ୍ୱନିମାନଙ୍କୁ ୪ ଭାଗରେ ବିଭକ୍ତ କରାଯାଇ ପାରେ ।

(୧) ସଂବୃତ(Closed) -

ଯେଉଁ ସ୍ୱର ଧ୍ୱନି ଉଚ୍ଚାରଣ କଲାବେଳେ ଜିହ୍ୱା ସର୍ବୋଚ୍ଚ ସୀମା ରେଖାରେ ଅବସ୍ଥାନ କରେ ଏବଂ ମୁଖ ଗହ୍ୱର କ୍ରମେ ବନ୍ଦ ହୋଇଯାଏ , ଏହାକୁ ସଂବୃତ ବା Closed vowel କୁହଯାଏ । ଜିହ୍ୱାର ଅଗ୍ର ଉଠିଲେ ଏହା ଅଗ୍ର ସଂବୃତ ଏବଂ ପଷ୍ଚ ଉଠିଲେ ଏହା ପଷ୍ଚ ସଂବୃତ । ଓଡିଆର 'ଇ' ଧ୍ୱନି ଅଗ୍ରସଂବୃତ 'ଉ' ଧ୍ୱନି ପଷ୍ଚ ସଂବୃତ ।

**୨. ଅର୍ଦ୍ଧ ସଂବୃତ (Half closed )-**

ଯେଉଁ ସ୍ୱରଧ୍ୱନି ଉଚ୍ଚାରଣ କଲାବେଳେ ଜିହ୍ୱା ଅଳ୍ପ ଉପରକୁ ଉଠିଥାଏ ଏବଂ ମୁଖ ଗହ୍ୱର ସଂବୃତ ଅପେକ୍ଷା ଅଳ୍ପ ବନ୍ଦ ହୁଏ ତାହାକୁ ଅର୍ଦ୍ଧ ସଂବୃତ ଧ୍ୱନି କୁହାଯାଏ । ଜିହ୍ୱାର ଅଗ୍ରଭାଗ ଅନୁସାରେ ଏହା ଅଗ୍ର ଅର୍ଦ୍ଧ ସଂବୃତ ଓ ପଷ୍ଚାତ୍ତାପ ଅନୁସାରେ ଏହା ପଷ୍ଚଅର୍ଦ୍ଧ ସଂବୃତ, ଓଡିଆରେ 'ଏ' ଓ 'ଓ' ଧ୍ୱନି ।

**୩. ଅର୍ଦ୍ଧ ବିବୃତ (Half open)-**

ଯେଉଁ ସ୍ୱରଧ୍ୱନି ଉଚ୍ଚାରଣ ବେଳେ ଜିହ୍ୱା ଅଳ୍ପ ଉପରକୁ ଉଠିଥାଏ ଏବଂ ମୁଖ ଗହ୍ୱର ଅଧା ଖୋଲା ରହେ ତାହା ଅର୍ଦ୍ଧ ବିବୃତ ଧ୍ୱନି । ଜିହ୍ୱାର ଅଗ୍ରଭାଗ ଅନୁସାରେ ଅଗ୍ର ଅର୍ଦ୍ଧବିବୃତ ଓ ପଷ୍ଚଭାଗ ଅନୁସାରେ ପଷ୍ଚଅର୍ଦ୍ଧ ବିବୃତ । ଓଡିଆରେ 'ଓ' ଧ୍ୱନି ।

**୪. ବିବୃତ (Open) -**

ଯେଉଁ ଧ୍ୱନିର ଉଚ୍ଚାରଣ ସମୟରେ ଜିହ୍ୱା ସାଧାରଣ ଅବସ୍ଥାନଠାରୁ ସାମାନ୍ୟ ଅଳ୍ପ ଉପରକୁ ଉଠିଥାଏ ଏବଂ ମୁଖ ଗହ୍ୱର ପୂର୍ଣ୍ଣ ଖୋଲା ରହେ ତାକୁ ବିବୃତ ଧ୍ୱନି କୁହାଯାଏ । ଜିହ୍ୱାର ଅଗ୍ରଭାଗ ଅନୁସାରେ ଅଗ୍ରବିବୃତ ଓ ପଷ୍ଚଭାଗ ଅନୁସାରେ

ପଶ୍ଚବିବୃତ ଓ କେନ୍ଦ୍ର ଅନୁସାରେ କେନ୍ଦ୍ରୀୟ ବିବୃତି କୁହାଯାଏ । ଓଡିଆରେ 'ଆ' ଧ୍ୱନିକୁ କେନ୍ଦ୍ରୀୟ ବିବୃ ଭାବରେ ନିଆଯାଇପାରେ । କାରଣ ଏହା ସଂପୂର୍ଣ୍ଣ ଅଗ୍ରନୁହେଁ ବା ସଂପୂର୍ଣ୍ଣ ପଶ୍ଚ ନୁହେଁ ।

**୧.୮. ଓଷ୍ଠ ଦ୍ୱୟର ଆକୃତି (Position of the lips) :-**

ସ୍ୱରଧ୍ୱନି ଉଚ୍ଚାରଣ କଲାବେଳେ ଓଷ୍ଠ ଦ୍ୱୟର ଆକୃତିରେ କେତେକ ପରିବର୍ତ୍ତନ ଦେଖାଦିଏ । ଏହାକୁ ୩ଭାଗରେ ବିଭକ୍ତ କରାଯାଏ- (କ) ବୃତ୍ତାକାର, (Rounded) (ଖ) ଅବୃତ୍ତାକାର ବା ବିସ୍ତୃତ(Spread) (ଗ) ଉଦାସୀନ (Neutral) ।

(କ) ଯେଉଁ ଧ୍ୱନି ଉଚ୍ଚାରଣ ସମୟରେ ଓଷ୍ଠଦ୍ୱୟ ଗୋଲାକୃତ ହୋଇ ଆଗକୁ ବାହାରି ଆସନ୍ତି ସେମାନଙ୍କୁ ବୃତ୍ତାକାର ବା ଗୋଲାକୃତ ବା Rounded ବୋଲି କୁହାଯାଏ । ଓଡିଆରେ ପଶ୍ଚ ସଂବୃତ ଓ ଅର୍ଦ୍ଧ ସଂବୃତ ଧ୍ୱନିକୁ ଗୋଲାକୃତ ବା ବୃତ୍ତାକାର କୁହାଯାଏ – ଯଥା 'ଉ' ଓ 'ଓ' ଧ୍ୱନି ।

(ଖ) ଯେଉଁ ଧ୍ୱନି ଉଚ୍ଚାରଣ ବେଳେ ଓଷ୍ଠ ଦ୍ୱୟ ଗୋଲାକୃତ ବା ବୃତ୍ତାକାର ନହୋଇ ବିସ୍ତୃତ ବା ଅଗୋଲାକୃତ ରହନ୍ତି ସେମାନଙ୍କୁ ଅବୃତ୍ତାକାର ବା ବିସ୍ତୃତ (Spread) ସ୍ୱର ଧ୍ୱନି କୁହାଯାଏ । ବିଶେଷକରି ଓଡିଆ 'ଇ' 'ଏ' ଧ୍ୱନି ।

(ଗ) ଯେଉଁ ଧ୍ୱନି ଉଚ୍ଚାରଣବେଳେ ଓଷ୍ଠଦ୍ୱୟ ସଂପୂର୍ଣ୍ଣ ବିସ୍ତୃତ ବା ଗୋଲାକୃତ ହୁଏ ନାହିଁ ସେମାନଙ୍କୁ ଉଦାସୀନ ବା Neutral vowel ବୋଲି କୁହାଯାଏ । ଓଡିଆରେ 'ଆ' ଓ 'ଅ' ଧ୍ୱନିକୁ ନିଆଯାଇପାରେ ।

**୧.୯. ଅପ୍ରଧାନ ବିଭାଗ :-**

ପ୍ରଧାନ ସ୍ୱର ଧ୍ୱନିଗୁଡିକ ଜିହ୍ୱା ଓ ଓଷ୍ଠକୁ କେନ୍ଦ୍ର କରି ସୃଷ୍ଟି ହୋଇଥାନ୍ତି ମାତ୍ର ଅନ୍ୟ ଅବୟବ ଦ୍ୱାରା ମୁଖ ଗହ୍ୱରରେ କେତେକ ସ୍ୱରଧ୍ୱନି ସୃଷ୍ଟି ହୋଇଥାନ୍ତି ସେମାନଙ୍କୁ କେନ୍ଦ୍ର କରି ମଧ୍ୟ ଆଲୋଚନା କରାଯାଇଛି । ଯଥା – ଅନୁନାସିକତା । ଯେଉଁ ସ୍ୱରଧ୍ୱନି ଉଚ୍ଚାରଣ ସମୟରେ କୋମଳ ତାଲୁ ଉପରକୁ ନ ଉଠି ତଳକୁ ପଡିରହିବା ଫଳରେ ବାୟୁ ପ୍ରବାହର କିଛି ଅଂଶ ନାସାଦ୍ୱାର ଦେଇ ନିର୍ଗତ ହୋଇଥାଏ । ଏହି ସମୟରେ ନିରନୁସିକ ଧ୍ୱନି ନାସିକା ଧ୍ୱନିରେ ପରିଣତ ହୋଇଯାଏ । ଓଡିଆରେ – ଅ , ଆ, ଇ , ଉ, ଏ, ଓ, ଧ୍ୱନି ଗୁଡିକ ଏହି ବିଧିରେ ଅଁ, ଆଁ, ଇଁ, ଈଁ, ଉଁ ,ଏଁ, ଓଁ ରେ ପରିଣତ ହୋଇଯାନ୍ତି ।

**(ଖ) ଘୋଷା ଘୋଷ ବିଚାର** – ସମସ୍ତ ସ୍ୱରଧ୍ୱନି ସଘୋଷ ମାତ୍ର ପରୀକ୍ଷା ଦ୍ୱାରା ଦେଖାଯାଇଛି ଯେ ଫୁସ୍ ଫୁସ୍ କରି ସ୍ୱରଧ୍ୱନି ଉଚ୍ଚାରଣ କଲେ ତାହା ଅଘୋଷ ହୋଇଯାଏ । କାରଣ ସେତେବେଳେ ସ୍ୱରଯନ୍ତ୍ରରେ କଂପନ ସୃଷ୍ଟି ହୋଇ ନଥାଏ, ଏହାକୁ ଚିହ୍ନିତ କରିବା ପାଇଁ ଧ୍ୱନି ତଳେ ଛୋଟ 'o' ବା ଓଲଟା 'V' ଲେଖାଯାଇଥାଏ ।

**(ଗ) ଦୃଢ ଓ ଶିଥିଳ** (Tense Or Lax )

କେତେକ ସ୍ୱରଧ୍ୱନି ଉଚ୍ଚାରଣ କଲାବେଳେ ଜିହ୍ୱାର ମାଂସପେଶୀଗୁଡିକ ଟାଣିହୋଇ ଦୃଢହୋଇଯାନ୍ତି । ଏଗୁଡିକୁ Tense ବା ଶକ୍ତ ବା ଦୃଢ ଧ୍ୱନି ବୋଲି କୁହାଯାଏ । ଅନ୍ୟପକ୍ଷରେ loose ବା ଶିଥିଳ ଥିଲେ ଏହାକୁ lax ବା ଅଶକ୍ତ / ଶିଥିଳ ଧ୍ୱନି କୁହାଯାଏ । ପରୀକ୍ଷା କରି ଦେଖାଯାଇଛି ଯେ ଫରାସୀ ଭାଷାର ସ୍ୱରଧ୍ୱନି ଗୁଡିକ ଇଂରାଜୀ ଭାଷାର ସ୍ୱରଧ୍ୱନି ଅପେକ୍ଷା ଅଧିକ ଦୃଢ ।

**୧.୧୦. ମୂଳ ବା ଶୁଦ୍ଧ ଓ ସଂଯୁକ୍ତ ସ୍ୱର** (Pure vowel and Diphthong) :-

ସ୍ୱରଧ୍ୱନିର ଉଚ୍ଚାରଣ ସମୟରେ ଜିହ୍ୱା ଗୋଟିଏ ସ୍ଥାନରେ ରହି ଉଚ୍ଚାରିତ ହେଲେ ସେହି ଧ୍ୱନିକୁ ମୌଳିକ ସ୍ୱରଧ୍ୱନି ବା Pure vowel କହନ୍ତି । ଜିହ୍ୱା ଯଦି ଗୋଟିଏ ସ୍ୱରଧ୍ୱନିରୁ ଆରମ୍ଭ ହୋଇ ଅନ୍ୟଏକ ସ୍ୱର ଧ୍ୱନିରେ ଶେଷହୁଏ ତାହାଲେ ତାକୁ ସଂଯୁକ୍ତ ବା (Diphthong) ସ୍ୱର ଧ୍ୱନି କୁହାଯାଏ । ଓଡିଆରେ ଅ, ଆ, ଇ, ଉ, ଏ, ଓ ଏବଂ ସଂଯୁକ୍ତ ଧ୍ୱନି ଐ, ଔ ।

ଗୋଟିଏ ସ୍ୱରଧ୍ୱନିକୁ ଉଚ୍ଚାରଣ କଲାବେଳେ ଯେତିକି ସମୟ ଲାଗେ ଗୋଟିଏ ସଂଯୁକ୍ତ ଧ୍ୱନିକୁ ଉଚ୍ଚାରଣ କରିବା ପାଇଁ ସାମାନ୍ୟ ଅଧିକ ସମୟ ଲାଗେ କିନ୍ତୁ ଦୁଇଗୁଣ ସମୟ ନୁହେଁ । ସେଥିପାଇଁ କେତେକ ଏହାକୁ ଦ୍ୱିସ୍ୱର ବା ସନ୍ଧ୍ୟସ୍ୱର କରିଥାନ୍ତି ।

ସାଧାରଣତଃ ସଂଯୁକ୍ତ ସ୍ୱର କହିଲେ ଦୁଇଟି ଧ୍ୱନିର ସମବାୟ ନହୋଇ ଗୋଟିଏ ଧ୍ୱନିକୁ ବୁଝାଏ । ଏହା ଗୋଟିଏ ଅକ୍ଷର ବା Syllable ଭାବରେ ଉଚ୍ଚାରିତ ହୁଏ । ଶ୍ରୋତାର କାନକୁ ମଧ୍ୟ ଏକ ଧ୍ୱନିପରି ଶୁଣାଯାଏ । ଓଡିଆରେ ଦୁଇଟି ଇଂରାଜୀରେ ୯ଟି ଏବଂ ବଙ୍ଗଳାରେ ୨୫ଟି ଏବଂ ଆଫ୍ରିକାନ ଭାଷାରେ ଅଧିକ ଦେଖାଯାଏ ।

**୧.୧୧. ମାନସ୍ୱର (Cordinal Vowel) :**

ସ୍ୱରଧ୍ୱନି ସୃଷ୍ଟିପାଇଁ ଜିହ୍ୱାର ବିଭିନ୍ନ ଅଂଶାର ଉତ୍ତୋଳନ ଓ ଓଷ୍ଠର ପରିଚାଳନା କରିବାକୁ ପଡିଥାଏ । ମାତ୍ର ପ୍ରକୃତରେ ସ୍ୱରର ପ୍ରକୃତି ବା ଗୁଣ ସ୍ଥିର କରିବାକୁ ହେଲେ କେତେକ ନିର୍ଦ୍ଦିଷ୍ଟ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ । (କ) ଜିହ୍ୱାର କେଉଁ ଅଂଶ ବ୍ୟବହୃତ (ଖ) ବ୍ୟବହୃତ ଅଂଶ କେତେଉପରକୁ ଉଠୁଛି (ଗ) ଓଷ୍ଠ ଦ୍ୱୟର ଆକୃତି । ଧ୍ୱନିବିତ୍‌ମାନେ ପରୀକ୍ଷା କରି ଦେଖିଛନ୍ତି ଯେ ଜିହ୍ୱାର ସ୍ୱାଭାବିକ ଅବସ୍ଥିତିଠାରୁ ସର୍ବୋଚ୍ଚ ଉତ୍‌ଥାନ ସୀମା ପର୍ଯ୍ୟନ୍ତ ଯେଉଁ ଦୂରତା ମଧ୍ୟରେ ଜିହ୍ୱା ଗତିକରେ, ସେହି ଦୂରତାକୁ ସମାନଭାଗରେ ବିଭକ୍ତ କରି ପ୍ରତ୍ୟେକ୍ ବିଭାଗ ଶେଷରେ ଜିହ୍ୱାକୁ ରଖି ଧ୍ୱନି ଉଚ୍ଚାରଣ କଲେ ଗୋଟିଏ ଗୋଟିଏ ସ୍ୱଷ୍ଟ ସ୍ୱର ଧ୍ୱନି ଉଚ୍ଚାରିତ ହୁଏ ।ଏପରି ଉତ୍ପନ୍ନ ଧ୍ୱନିମାନଙ୍କୁ ସ୍ୱର ବିଚାରରେ ମାନଦଣ୍ଡ ଭାବରେ ଗ୍ରହଣ କରାଯାଏ, ଏହି ମାନଦଣ୍ଡ ରୂପୀସ୍ୱରମାନଙ୍କୁ ମାନସ୍ୱର (Cordinal Vowel) କୁହାଯାଏ । ଏହା କୌଣସି ଭାଷାର ସ୍ୱର ନୁହେଁ । ପୃଥିବୀର ସମସ୍ତ ଭାଷାର ସ୍ୱର ବିଶେଷଣ ଓ ବିଚାର କରିବାପାଇଁ ଏହା ଏକ କୃତ୍ରିମ ମାନଦଣ୍ଡ । ଏହି ମାନଦଣ୍ଡ ଅନୁସାରେ ସ୍ୱରମାନଙ୍କୁ ଅବସ୍ଥାପିତ କରି ପ୍ରତ୍ୟେକ ଭାଷାର ସ୍ୱରମାନଙ୍କର ଗୁଣ ବା ପ୍ରକୃତି ସ୍ଥିର କରାଯାଇଥାଏ ।

ଜିହ୍ୱାର ଅଗ୍ର ଓ ପଶ୍ଚ ଉତ୍ତୋଳନକୁ ଆଧାରକରି ସ୍ୱର ତ୍ରିକୋଣ ଚିତ୍ର ସାହାଯ୍ୟରେ ଏହାକୁ ବୁଝାଇ ଦିଆଯାଇପାରେ । ଏଥିପାଇଁ ଆଠଟି ସ୍ଥାନ ନିରୂପଣ କରାଯାଇଛି । ଜିହ୍ୱାର ଅଗ୍ରଭାଗ ଉତ୍‌ଥାନ ପାଇଁ ୪ଟି ଏବଂ ପଶ୍ଚଭାଗ ଉତ୍‌ଥାନ ପାଇଁ ୪ଟି । ଏହି ସ୍ଥାନ ମାନଙ୍କରେ ଜିହ୍ୱାକୁ ରଖି ଉଚ୍ଚାରଣ କଲେ ଗୋଟିଏ ଗୋଟିଏ ସ୍ୱଷ୍ଟ ସ୍ୱରଧ୍ୱନି ଉଚ୍ଚାରିତ ହୋଇଥାଏ । ପ୍ରତ୍ୟେକ ଭାଷାର ସ୍ୱରଧ୍ୱନିକୁ ଏହି ମାନଦଣ୍ଡରେ ବିଚାର କଲାବେଳେ ଦେଖାଯାଏ ଯେ ମାନସ୍ୱରର ପାଖାପାଖି ସେହି ସ୍ୱର ଗୁଡିକ ଉଚ୍ଚାରିତ ହୋଇଥାନ୍ତି ।

**ମାନସ୍ୱର ଚିତ୍ର -୧.** ମୁଖ ଗହ୍ୱରରେ ଜିହ୍ୱାର ସର୍ବନିମ୍ନ ଓ ସର୍ବୋଚ୍ଚ ଉତ୍‌ଥାନ ସ୍ୱର ସୀମା ।



**ମାନସ୍ୱର ଚିତ୍ର -୨**



ଜିହ୍ୱାର ଅବସ୍ଥାନ ଅନୁସାରେ ଓ ଉଚ୍ଚାରଣର ତାରତମ୍ୟ ନେଇ ୮ଟି ମାନସ୍ୱରର କଳ୍ପନା କରାଯାଇଛି । ଜିହ୍ୱାର ଅଗ୍ରଭାଗ ଉତ୍‌ଥାନ ଅନୁସାରେ ୪ ଏବଂ ପଶ୍ଚରଉତ୍‌ଥାନ ଅନୁସାରେ୪ ।

ଅଗ୍ରମାସ୍ୱର ଇ (i), ଏ (e) , ଏ (E) ଆ (&)

ପଶ୍ଚ ମାନସ୍ୱର ମଧ୍ୟରେ ଆ (a) ଅ (e) ଓ (o) ଉ (u)

ଚିତ୍ରରେ ୧–୪ ରେ ଚିହ୍ନିତ ସ୍ୱର ଜିହ୍ୱାର ମଧ୍ୟଭାଗ (Front of the tongue) ଦ୍ୱାରା ଏବଂ ୫–୮ରେ ଚିହ୍ନିତ ଜିହ୍ୱା ପଶ୍ଚ (Back of the tongue) ଦ୍ୱାରା ସୃଷ୍ଟିରୁ ହୁଅନ୍ତି । ଧ୍ୱନିବିଜ୍ଞାନ ନିୟମାନୁସାରେ ୧–୪ରେ ଖାରେ ଉତ୍ପନ୍ନ ଧ୍ୱନିକୁ ଅଗ୍ରସ୍ୱର ଏବଂ ୫–୮ ରେଖାରେ ଉତ୍ପନ୍ନ ଧ୍ୱନିମାନଙ୍କୁ ପଶ୍ଚସ୍ୱର କୁହାଯାଏ । ୧–୪ରେ ରେଖାରେ ପ୍ରଦର୍ଶିତ ୪ଟି ବିନ୍ଦୁ ୧,୨,୩,୪, ଏବଂ ୫–୮ରେ ଖାରେ ପ୍ରଦର୍ଶିତ ୫ ,୬ , ୭ , ୮ , ୪ ଟି ବିନ୍ଦୁ ଗୋଟିଏ ଗୋଟିଏ ମାନସ୍ୱରର ସ୍ଥାନ ନିର୍ଦ୍ଦେଶକ । ୪–୫ ରେଖା ମୁଖମଧ୍ୟରେ ଜିହ୍ୱାର ସର୍ବନିମ୍ନ ଉତ୍ଥାନ ଅବସ୍ଥା । ଏହି ରେଖା ନିମ୍ନରେ ଜିହ୍ୱା ସ୍ୱାଭାବିକ ଭାବରେ ଅବସ୍ଥାନ କରିଥାଏ । ୧–୮ ରେଖା ଜିହ୍ୱାର ସର୍ବୋଚ୍ଚ ଉତ୍ଥାନ ରେଖା ।

୧– ୮ ସ୍ୱରସୀମାରେ ରେଖାରେ ଜିହ୍ୱା ଥିଲାବେଳେ ମୁଖ ଗହ୍ୱର ବିଶେଷଭାବରେ ସଂବୃତ ବା ବନ୍ଦ ରହୁଥିବାରୁ ଏହି ରେଖାରେ ସୃଷ୍ଟ ଧ୍ୱନିମାନଙ୍କୁ ସଂବୃତ ସ୍ୱର ଧ୍ୱନି କୁହାଯାଏ । ସେହିପରି ୪–୫ ରେଖାରେ ଜିହ୍ୱାଥିଲାବେଳେ ମୁଖ ଗହ୍ୱର ସଂପୂର୍ଣ୍ଣ ଖୋଲା ରହୁଥିବାରୁ ଏହିଠାରେ ସୃଷ୍ଟ ଧ୍ୱନିମାନଙ୍କୁ ବିବୃତ ସ୍ୱର ଧ୍ୱନି କୁହାଯାଏ । ୧–୮ ବିନ୍ଦୁର ସମାନ ସମାନ ଦୂରରେ ଅବସ୍ଥିତ ୨ ଏବଂ ୭ ବିନ୍ଦୁରେ ସୃଷ୍ଟଧ୍ୱନିମାନଙ୍କୁ ଅର୍ଦ୍ଧ ସଂବୃତ ଏବଂ ୪–୫ ବିନ୍ଦୁର ସମାନସମାନ ଦୂରରେ ଅବସ୍ଥିତ ୩–୬ ବିନ୍ଦୁରେ ସୃଷ୍ଟ ଧ୍ୱନିମାନଙ୍କୁ ଅର୍ଦ୍ଧବିବୃତ ସ୍ୱର ଧ୍ୱନି କୁହାଯାଏ ।

ସ୍ୱର ତ୍ରିକୋଣ ମଧ୍ୟରେ ତ୍ରିକୋଣ ଭୂମିରେ ଉତ୍ପନ୍ନ ଧ୍ୱନିକୁ କେନ୍ଦ୍ରୀୟ ସ୍ୱର କୁହାଯାଏ । ଏହି ସ୍ୱର ଧ୍ୱନିର ସୃଷ୍ଟିପାଇଁ ଅଗ୍ର ଜିହ୍ୱା ଜିହ୍ୱାପଶ୍ଚ ମଧ୍ୟବର୍ତ୍ତୀ କେନ୍ଦ୍ର ପ୍ରଦେଶ ଉପରକୁ ଉଠିଥାଏ ।

ଯେକୌଣସି ଭାଷାର ସ୍ୱରମାନଙ୍କୁ ବର୍ଣ୍ଣନା କଲାବେଳେ ଉପରୋକ୍ତ ଆଠମାନସ୍ୱରକୁ ମାନଦଣ୍ଡ ରୂପେ ଗ୍ରହଣ କରି ବର୍ଣ୍ଣନା କରାଯାଇଥାଏ । ସ୍ୱର ତ୍ରିକୋଣରେ ୮ଟି ମାନସ୍ୱରକୁ ଚିହ୍ନିତ କରିବା ପାଇଁ ଯେଉଁ ସଙ୍କେତ ବା ଲିପିର ବ୍ୟବହାର କରାଯାଇଛି ସେଗୁଡିକ କୌଣସି ଗୋଟିଏ ଲିପିର ନୁହେଁ ଏବଂ ଏଗୁଡିକୁ ସ୍ୱତନ୍ତ୍ର ଲିପିଭାବରେ ଆନ୍ତର୍ଜାତିକ ଧ୍ୱନ୍ୟାତ୍ମକ ଲିପି I.P.A.ନାମରେ ନାମିତ କରାଯାଇଛି । ଏହି ମାନସ୍ୱର ସାହାଯ୍ୟରେ ଅନ୍ୟ ଯେକୌଣସି ଭାଷାର ଧ୍ୱନିମାନଙ୍କୁ ଶିକ୍ଷା କରାଯାଇପାରେ । ସେମାନଙ୍କୁ ଏହି ସ୍ୱରତ୍ରିକୋଣରେ ଅବସ୍ଥାପିତ କରାଯାଇପାରେ ।

ମାନସ୍ୱର ଅନୁସାରେ ସ୍ୱରତ୍ରିକୋଣରେ ଅବସ୍ଥାପିତ ଓଡିଆ ସ୍ୱରଧ୍ୱନିମାନଙ୍କର ଧ୍ୱନିତାତ୍ତ୍ୱିକ ବିଶ୍ଳେଷଣ :-

କଥିତ ଭାଷା ଅନୁସାରେ ଓଡିଆରେ ଆଠ ଗୋଟି ସ୍ୱରଧ୍ୱନି ବ୍ୟବହୃତ । ସଂସ୍କୃତ ବ୍ୟାକରଣ ଅନୁସାରେ ଓଡିଆ ବର୍ଣ୍ଣମାଳାରେ ୧୩ ଗୋଟି ସ୍ୱରଧ୍ୱନିର ଲିପି ଥିଲେ ହେଁ କଥିତ ଓଡିଆରେ ୮ଟି ଧ୍ୱନିର ବ୍ୟବହାର ଦେଖାଯାଏ । ସେମାନଙ୍କ ମଧ୍ୟରୁ ୬ଗୋଟି ଶୁଦ୍ଧ ସ୍ୱର (Pure vowel ) ,୨ ଗୋଟି ସଂଯୁକ୍ତ ସ୍ୱର ବା Diphthong .

୩. ଓଡିଆ ସ୍ୱର ତ୍ରିକୋଣ :-

ଚିତ୍ର :-



୧.୧୩. ସ୍ୱରଧ୍ୱନିମାନଙ୍କୁ  ଧ୍ୱନିତତ୍ତ୍ୱ  ଦୃଷ୍ଟିରୁ  ନିମ୍ନଲିଖିତ  ପଦ୍ଧତି ଅନୁସାରେ ବର୍ଣ୍ଣନା କରାଯାଇ ପାରେ  ।

୧. ଜିହ୍ୱାର  କେଉଁ  ବିଭାଗ  ବା ଅଂଶ  ବ୍ୟବହୃତ –
(ଅଗ୍ର, ମଧ୍ୟ  କିମ୍ବା ପଶ୍ଚ)

୨. ଜିହ୍ୱାର  ଉତ୍‌ଥାନ  ବା  ଉଚ୍ଚତା
(ସଂବୃତ, ବିବୃତ, ଅର୍ଦ୍ଧ ସଂବୃତ କିମ୍ବା ଅର୍ଦ୍ଧ ବିବୃତ)

୩. ଓଷ୍ଠର  ସ୍ଥିତି
(ଗୋଲାକୃତ  ଅଥବା ଅଗୋଲାକୃତ କିମ୍ବା  ବିସ୍ତୃତ)

୪. କୋମଳ ତାଳୁର ସ୍ଥିତି
(ଉପରକୁ ଉଠିଛି  ନା ତଳକୁ)

୫. ସ୍ୱରତନ୍ତ୍ରୀର  ଅବସ୍ଥା
(କଂପନ ଅଛିନା ନାହିଁ)

ସ୍ୱର ଧ୍ୱନି ଉଚ୍ଚାରଣ ବେଳେ ସ୍ୱରତନ୍ତ୍ରୀ କଂପନ ଘୋଷ ଥିବାରୁ ୫ନମ୍ବର ପଦ୍ଧତିର ବାରମ୍ବାର ବର୍ଣ୍ଣନା ଅନାବଶ୍ୟକ । କାରଣ  ସମସ୍ତ ସ୍ୱରଧ୍ୱନି  ସଘୋଷ ।

ନ୧. ଇ(i)ବର୍ତ୍ତମାନ  ସ୍ୱରତ୍ରିକୋଣରେ  ଅବସ୍ଥାପିତ  ନ୧  ଓଡିଆ  'ଇ' ଧ୍ୱନିର ବିଶ୍ଳେଷଣ  କରାଯାଉ  ।

୧.୧୪. ଓଡିଆ 'ଇ' ଧ୍ୱନି ଉଚ୍ଚାରଣ କଲାବେଳେ ଜିହ୍ୱାର ଅଗ୍ରଭାଗ ସ୍ୱାଭାବିକ ଅବସ୍ଥାନଠାରୁ ସର୍ବୋଚ୍ଚ ସ୍ୱରସୀମା ଅଗ୍ର ସଂବୃତ ସ୍ଥାନକୁ ଉଠିଥାଏ । ଏହି ସମୟରେ ଓଠର ସ୍ଥିତି ଅଗୋଲାକୃତ ବା ବିସ୍ତୃତ ଥାଏ । କୋମଳ ତାଳୁ ଉପରକୁ ଉଠି ନାସାଦ୍ୱାରକୁ ବନ୍ଦ କରିଥାଏ । ଫଳରେ ମୁଖ ଗହ୍ୱରସ୍ଥ ବାୟୁ ବିନା ବାଧାରେ ନିର୍ଗତ ହୋଇଥାଏ । 'ଇ' ଧ୍ୱନି ଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ରହି ଉଚ୍ଚାରିତ ହୁଏ । ଏହା ୧ ନମ୍ବର ମାନସ୍ୱରର ପାଖାପାଖି ଉଚ୍ଚାରିତ ହୋଇଥାଏ । ତେଣୁ ଏହା ଏକ ଅଗ୍ରସଂବୃତ  ଗୋଲାକୃତ  ସ୍ୱରଧ୍ୱନି  ।

୧.୧୫.

ନ.୨.ଏ(e) ଏହିଧ୍ୱନି ଉଚ୍ଚାରଣ କଲାବେଳେ ଅଗ୍ରଜିହ୍ୱା ଅଗ୍ର ଅର୍ଦ୍ଧ ସଂବୃତ ସ୍ଥାନକୁ ଉଠିଥାଏ । ଏହି ସମୟରେ ଓଠର ସ୍ଥିତି ଅର୍ଦ୍ଧବିବୃତ ବା ଅର୍ଦ୍ଧ ଅଗୋଲାକୃତ ଅବସ୍ଥାରେ ଥାଏ । କୋମଳତାଳୁ ଉପରକୁ ଉଠି ନାସା ଦ୍ୱାର ବନ୍ଦ କରିଦେଇଥାଏ । ଏହିପରି ଧ୍ୱନିକୁ ଅଗ୍ର ଅର୍ଦ୍ଧସଂବୃତ ଅଗୋଲାକୃତ ସ୍ୱରଧ୍ୱନି କୁହାଯାଏ ।ଏହି ଧ୍ୱନି ଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ବ୍ୟବହୃତ ହୋଇଥାଏ  ।

୧.୧୬.

ନ.୩. ଆ (a)– ଏହି ଧ୍ୱନି ଉଚ୍ଚାରଣ ସମୟରେ ଜିହ୍ୱା ମଧ୍ୟର ଶେଷ ଅଂଶ ଓ ଜିହ୍ୱା ପଶ୍ଚର ଅଗ୍ରଭାଗ ସ୍ୱରସୀମାର କେନ୍ଦ୍ରୀୟ ବିବୃତ ସ୍ଥାନକୁ ଉଠିଥାଏ । ଏହି ସମୟରେ ଓଷ୍ଠ ଦ୍ୱୟ ସ୍ୱଳ୍ପ ବୃତ୍ତାକାର ହୋଇ ସଂପୂର୍ଣ୍ଣ ଉନ୍‌ମୁକ୍ତ ହୋଇଥାଏ । କୋମଳତାଳୁ ଉପରକୁ ଉଠି ନାସା ଦ୍ୱାରକୁ ବନ୍ଦ କରିଦେଇଥାଏ । ଏହି ଧ୍ୱନିକୁ ପଶ୍ଚ କେନ୍ଦ୍ରୀୟ ବିବୃତ ସ୍ୱଳ୍ପଗୋଲାକୃତ ସ୍ୱର କୁହାଯାଏ । ଏହା ଶବ୍ଦର  ଆଦ୍ୟରେ  ମଧ୍ୟରେ  ଓ ଶେଷରେ  ଉଚ୍ଚାରିତ ହୋଇଥାଏ  ।

୧.୧୭. ୪ ଅ ( )

ଏହି ଧ୍ୱନି ଉଚ୍ଚାରିତ ସମୟରେ ଜିହ୍ୱା ପଶ୍ଚ ଅର୍ଦ୍ଧବିବୃତ ସ୍ୱରସୀମାକୁ ଉଠିଥାଏ । ଓଷ୍ଠର ସ୍ଥିତି ବିବୃତ ଅପେକ୍ଷା ଅଧିକ ଗୋଲାକୃତ ବା ବୃତ୍ତାକାର ହୋଇଥାଏ । କୋମଳ ତାଳୁ ଉପରକୁ ଉଠି ନାସାଦ୍ୱାରକୁ ବନ୍ଦକରି ଦେଇଥାଏ ।ଏହି ଧ୍ୱନିକୁ ପଶ୍ଚ ଅର୍ଦ୍ଧ ବିବୃତ ସ୍ୱଳ୍ପ ବୃତ୍ତାକାର ଧ୍ୱନି କୁହାଯାଏ । ଏହି ଧ୍ୱନି ଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ରହି ଉଚ୍ଚାରିତ ହୋଇଥାଏ ।

୧.୧୮. ୫. ଓ (o)

ଏହି ଧ୍ୱନିର ଉଚ୍ଚାରଣ ବେଳେ ଜିହ୍ୱାପଷ୍ଟ ଉପରକୁ ଉଠି ଅର୍ଦ୍ଧ ସଂବୃତ ସ୍ୱର ସୀମାରେ ଅବସ୍ଥାନ କରେ । ଏହି ସମୟରେ ଓଷ୍ଠ ଅପେକ୍ଷାକୃତ ଅଧିକ ଗୋଲାକୃତ ହୋଇଯାଏ । କୋମଳ ତାଳୁ ଉପରକୁ ଉଠି ନାସା ଦ୍ୱାରକୁ ବନ୍ଦ କରିଦିଏ । ଏପରି ଧ୍ୱନିକୁ ପଶ୍ଚ ବୃତ୍ତାକାର ଅର୍ଦ୍ଧ ସଂବୃତ ସ୍ୱରଧ୍ୱନି କୁହାଯାଏ । ଏହାଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ମଧ୍ୟ ଉଚ୍ଚାରିତ ହୁଏ ।

୧.୧୯. ୬. ଉ (u )

ଏହି ଧ୍ୱନିର ଉଚ୍ଚାରଣ ସମୟରେ ଜିହ୍ୱାର ପଶ୍ଚ ଉପରକୁ ଉଠି ସର୍ବୋଚ୍ଚ ସ୍ୱରସୀମା ସଂବୃତ ସ୍ଥାନରେ ପହଞ୍ଚେ । ଓଷ୍ଠ ଦ୍ୱୟର ସ୍ଥିତି ସଂପୂର୍ଣ୍ଣ ଗୋଲାକୃତ ବା ବୃତ୍ତାକାର ହୋଇ ଆଗକୁ ବାହାରି ଆସେ । ଜିହ୍ୱାର ମାଂସପେଶୀ ଗୁଡିକ ଟାଣିହୋଇ ରହନ୍ତି । କୋମଳ ତାଳୁ ଉପରକୁ ଉଠି ନାସା ଦ୍ୱାରକୁ ବନ୍ଦ କରିନିଏ । ଏହି ଧ୍ୱନିକୁ ପଶ୍ଚ ସଂବୃତ ଗୋଲାକୃତ ସ୍ୱର ବୋଲି କୁହାଯାଏ । ଏହା ଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ବ୍ୟବହୃତ ହୁଏ ।

୧.୨୦. ୭. (i) ଐ

ଏହା ଏକ ସଂଯୁକ୍ତ ସ୍ୱର ବା ଦ୍ୱିସ୍ୱର ବୋଲି କହିଥାନ୍ତି । ଏହି ଧ୍ୱନିର ଉଚ୍ଚାରଣ ସମୟରେ ଜିହ୍ୱା ପ୍ରଥମେ 'ଅ' ସ୍ଥାନ ଅର୍ଥାତ୍ ପଶ୍ଚ ଅର୍ଦ୍ଧ ବିବୃତ ସ୍ଥାନକୁ ଉଠିଯାଏ ଏବଂ ଜିହ୍ୱାର ଅଗ୍ରଭାଗ ଉପରକୁ ଉଠି ଅଗ୍ର ଭାଗର ସର୍ବୋଚ୍ଚସୀମା 'ଇ' ସ୍ଥାନରେ ପହଞ୍ଚେ । ତେଣୁ ଏହି ଧ୍ୱନି ଏକ ସ୍ଥାନରେ ଆରମ୍ଭ ହୋଇ ସେହି ସ୍ଥାନରେ ଶେଷ ହୁଏ ନାହିଁ । ସେଥିପାଇଁ ଏହାକୁ ଦ୍ୱିସ୍ୱର ବା ସଂଯୁକ୍ତ ସ୍ୱର ବୋଲି କୁହାଯାଇଛି । ଏହି ସମୟରେ କୋମଳତାଳୁ ଉପରକୁ ଉଠି ନାସାଦ୍ୱାରକୁ ବନ୍ଦ କରି ଦେଇଥାଏ । ଏହି ଧ୍ୱନିକୁ ସଂଯୁକ୍ତ ସ୍ୱର ବା ଦ୍ୱିସ୍ୱର ବୋଲି କହିଥାନ୍ତି । ଏହା ଶବ୍ଦର ଆଦ୍ୟରେ ବ୍ୟବହୃତ ହୁଏ ।

୧.୨୧. ୮. (u)

ଏହି ସଂଯୁକ୍ତ ସ୍ୱର ଉଚ୍ଚାରଣ ହେଲାବେଳେ ଏହା ଐ ଧ୍ୱନିପରି ପ୍ରଥମେ ଜିହ୍ୱା ପଶ୍ଚ ଅର୍ଦ୍ଧ ବିବୃତ ସ୍ଥାନରେ ପହଞ୍ଚେ ଏବଂ ତତ୍କ୍ଷଣାତ୍ ଉପରକୁ ଉଠି ପଶ୍ଚ ସଂବୃତ ସ୍ଥାନରେ ଶେଷ ହୁଏ । ଓଠର ସ୍ଥିତି ଧ୍ୱନିର ଉଚ୍ଚାରଣ ଶେଷରେ ଗୋଲାକୃତ ହୋଇ ଆଗକୁ ବାହାରି ଆସେ । ଏହି ସମୟରେ କୋମଳ ତାଳୁ ଉପରକୁ ଉଠି ନାସା ଦ୍ୱାରକୁ ବନ୍ଦ କରି ଦେଇଥାଏ । ଏହି ଧ୍ୱନିକୁ ପଶ୍ଚ ସଂଯୁକ୍ତ ସ୍ୱର ବୋଲି କୁହାଯାଏ ।

ଏହିପରି ଭାବରେ ଓଡିଆ କଥିତ ଭାଷାରେ ୮ଟି ଭାଷିକ ସ୍ୱର ଧ୍ୱନିର ବ୍ୟବହାର ଦେଖାଯାଏ ।

**୨.୧. ଓଡିଆ ବ୍ୟଞ୍ଜନ ଧ୍ୱନି :**

ପୂର୍ବରୁ କୁହାଯାଇଛି ଫୁସ୍ ଫୁସ୍‌ରୁ ନିର୍ଗତ ବାୟୁ ସ୍ୱରତନ୍ତ୍ରୀ ଦେଇ ମୁଖଗହ୍ୱରରେ ପ୍ରବାହିତ ହେଲାବେଳେ ଭାଷଣ ଅବୟବ ଦ୍ୱାରା ବାଧାପ୍ରାପ୍ତ ହୋଇ ଉଚ୍ଚାରିତ ହେଲେ ତାହାକୁ ବ୍ୟଞ୍ଜନ ଧ୍ୱନି କୁହାଯାଏ । ବାୟୁ ପ୍ରବାହରେ ଏହି ବାଧା ବା ପ୍ରତିବନ୍ଧକ ଦୁଇରୂପରେ ଦେଖାଦିଏ–

(କ) ଦୁଇ ଭାଷଣ ଅବୟବ ମିଳିତ ହୋଇ ମୁଖ ଗହ୍ୱର ବାୟୁକୁ ସଂପୁର୍ଣ୍ଣ ବନ୍ଦ କରିଥାନ୍ତି । କିମ୍ବା –

(ଖ) ଦୁଇ ଅବୟବ ପରସ୍ପର ନିକଟବର୍ତ୍ତୀ ହୋଇ ବାୟୁମାର୍ଗକୁ ଏପରି ସଂକୀର୍ଣ୍ଣ କରନ୍ତି ଯେ ବାୟୁ ସେହି ସଂକୀର୍ଣ୍ଣ ମାର୍ଗରେ ଘର୍ଷଣ ସହିତ ନିର୍ଗତ ହୁଏ । ପ୍ରଥମ ପଦ୍ଧତିରେ ଯେଉଁ ବ୍ୟଞ୍ଜନ ଧ୍ୱନି ଉତ୍ପନ୍ନହୁଏ ତାହାକୁ ସ୍ପର୍ଶ ବ୍ୟଞ୍ଜନ କାରଣ ଦୁଇଟି ଅବୟବ ପରସ୍ପରକୁ ସ୍ପର୍ଶ କରନ୍ତି । ୨ୟ ପ୍ରକାର ଧ୍ୱନି ଉଚ୍ଚାରଣ ବେଳେ ମାର୍ଗ ସଂକୀର୍ଣ୍ଣ ହେତୁ ସଂଘର୍ଷ ସହିତ ବାୟୁ ନିର୍ଗତ ହୁଏ । ଏଥିପାଇଁ ଏହାକୁ ସଂଘର୍ଷୀ ବ୍ୟଞ୍ଜନ ଧ୍ୱନି କହନ୍ତି ।

ସ୍ୱରଧ୍ୱନି ବିଶ୍ଳେଷଣ ପାଇଁ ଯେପରି ଆମେ ପାଞ୍ଚୋଟି ବିଷୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ସେହିପରି ବ୍ୟଞ୍ଜନ ଧ୍ୱନି ପାଇଁ ନିମ୍ନଲିଖିତ ବିଷୟ ଉପରେ ଗୁରୁତ୍ୱ ଦେବାକୁ ହେବ ।

୧. ବାଗଯନ୍ତ୍ରର କେଉଁ ସ୍ଥାନରେ କେଉଁ କେଉଁ ଅବୟବର ମିଳିତ ପ୍ରଯତ୍ନରେ ଧ୍ୱନି ସୃଷ୍ଟିହୁଏ ।

୨. କେଉଁପରି ଭାବରେ ଉତ୍ପନ୍ନ ହୁଏ ।

୩. ସେତେବେଳେ ସ୍ୱରଯନ୍ତ୍ରରେ କଂପନ ବା ଘୋଷଥାଏ କି ନଥାଏ ?

→ ପ୍ରୟତ୍ନ ସ୍ଥାନ

↓ ପ୍ରୟତ୍ନ ରୀତି

| | ଓଷ୍ଠ | ଦନ୍ତ | ବର୍ତ୍ସ | ମୂର୍ଦ୍ଧା | କଠିନତାଳୁ | କୋମଳତାଳୁ | କାକଳ |
|---|---|---|---|---|---|---|---|
| ସ୍ପର୍ଶ | ପ ବ<br>ଫ ଭ | ତ ଦ<br>ଥ ଧ | | ଟ ଡ<br>ଠ ଢ | | କ ଗ<br>ଖ ଘ | |
| ସଂଘର୍ଷୀ | | | ସ | | | | ହ |
| ସ୍ପର୍ଶ ସଂଘର୍ଷୀ | | | | | ଚ ଜ<br>ଛ ଝ | | |
| ନାସିକ୍ୟ | ମ | | ନ | ଣ | | ଙ | |
| ପାର୍ଶ୍ୱିକ | | | ଲ | ଳ | | | |
| ଲୋଡିତ | | | ର | | | | |
| ଉତ୍କ୍ଷିପ୍ତ | | | | ଡ଼ ଢ଼ | | | |
| ଅର୍ଦ୍ଧସ୍ୱର | ବ | | | ୟ | | | |

**ଓଡିଆ ବ୍ୟଞ୍ଜନ ଧ୍ୱନିମାନଙ୍କର ଚାଟ୍**

| | ଓଷ୍ଠ | ଦନ୍ତ | ବର୍ତ୍ସ | ମୂର୍ଦ୍ଧା | କଠିନତାଳ | କୋମଳତାଳ | କାକଳ |
|---|---|---|---|---|---|---|---|
| ଲୋଡିତ | | | ର | | | | |
| ଉତ୍କ୍ଷିପ୍ତ | | | | ଡ଼ ଢ଼ | | | |
| ଅର୍ଦ୍ଧସ୍ୱର | ବ | | | | ୟ | | |

୪. କୋମଳତାଳୁର ସ୍ଥିତି ଉପରକୁ ଉଠି ନାସା ଦ୍ୱାର ବନ୍ଦ କରିଥାଏ ନା ନାହିଁ ?

ଓଡିଆ ବର୍ଣ୍ଣମାଳାରେ ୩୬ଟି ବ୍ୟଞ୍ଜନ ଧ୍ୱନିର ଲିପି ଥିଲେହେଁ କଥିତ ଭାଷାରେ ଏମାନଙ୍କର ସଂଖ୍ୟା ହେଉଛି ୩୨ଟି । ଏଥିମଧ୍ୟରୁ 'ଙ' ଧ୍ୱନି ସେହିବର୍ଗୀୟ ଅର୍ଥାତ୍ କ,ଖ, ଗ,ଘ, ସହିତ ମିଶି ଉଚ୍ଚାରିତ ହୋଇଥାଏ । ମାତ୍ର ସ୍ୱତନ୍ତ୍ର ଭାବରେ ଅନ୍ୟ ବ୍ୟଞ୍ଜନ ଧ୍ୱନି ପରି ଏହା ଉଚ୍ଚାରିତ ହୁଏ ନାହିଁ । ସେହିପରି ବର୍ଣ୍ଣମାଳାରେ ୩ଟି 'ଶ', 'ଷ' ଓ 'ସ' ଥିଲେ ହେଁ କଥିତ ଭାଷାରେ ଆମେ ଗୋଟିଏ 'ସ' ଧ୍ୱନି ଉଚ୍ଚାରଣ କରିଥାଉ । 'ଡ' ଓ 'ଢ' ଧ୍ୱନିର ଉଚ୍ଚାରଣ ବିଧିର ସାମାନ୍ୟ ପରିବର୍ତ୍ତନ ହେତୁ କଥିତ ଭାଷାରେ 'ଡ଼' ଓ 'ଢ଼' ଧ୍ୱନି ଉଚ୍ଚାରିତ ହୋଇଥାଏ । ବର୍ଣ୍ଣମାଳାରେ ଥିବା ଅବର୍ଗ୍ୟ 'ବ' ଓ 'ଯ' କୁ ଅର୍ଦ୍ଧସ୍ୱର ଭାବରେ ଉଚ୍ଚାରଣ କରାଯାଇଥାଏ । କଥିତ ଭାଷାରେ କେବଳ ବର୍ଗୀୟ 'ବ' ଓ 'ଜ' ଉଚ୍ଚାରିତ ହୋଇଥାନ୍ତି । ଅବର୍ଗ୍ୟ 'ବ' 'ୱ' ଓ 'ୟ' ଫଳା ଭାବରେ ଉଚ୍ଚାରିତ ହୁଅନ୍ତି ।







**ଚାଟ୍ ଅନୁସାରେ ଓଡିଆ ବ୍ୟଞ୍ଜନ ଧ୍ୱନିମାନଙ୍କର ଆଲୋଚନା :-**

୧. ସ୍ପର୍ଶ ବ୍ୟଞ୍ଜନ :-(ପ ଫ ବ ଭ )

ଏହି ଧ୍ୱନିମାନଙ୍କର ଉଚ୍ଚାରଣ ସ୍ଥାନହେଉଛି ଓଷ୍ଠ (ଦୁଇ ଓଠ) ବିଧି ହେଉଛି – ସ୍ପର୍ଶ । ଫୁସ୍ ଫୁସ୍‌ରୁ ନିର୍ଗତ ବାୟୁ ମୁଖ ଗହ୍ୱରରେ ପ୍ରବେଶ କଲାପରେ ଦୁଇଓଠ ମିଳିତ ହୋଇ ବାୟୁ ମାର୍ଗକୁ ସଂପୂର୍ଣ୍ଣ ବନ୍ଦ କରିଦିଅନ୍ତି । ମାତ୍ର ବାୟୁ ପ୍ରବାହର ଚାପ ଦ୍ୱାରା ପରମୁହୂର୍ତ୍ତରେ ଏହି ବନ୍ଦ ବା ଅବରୋଧ ହଠାତ୍ ଖୋଲିଯାଏ ଏବଂ 'ଏକ ସ୍ଫୋଟ ଧ୍ୱନି' ଶୁଣାଯାଏ । ଏହି ସମୟରେ କୋମଳ ତାଳୁ ଉପରକୁ ଉଠି ନାସାରନ୍ଧ୍ରକୁ ବନ୍ଦ କରି ଦେଇଥାଏ । ଏହି ଶ୍ରେଣୀର ଧ୍ୱନିମାନଙ୍କୁ ଓଷ୍ଠ୍ୟସ୍ପର୍ଶୀ ବ୍ୟଞ୍ଜନ କୁହାଯାଏ । ପୁନଶ୍ଚ ଏଥିରେ ସାମାନ୍ୟ ପାର୍ଥକ୍ୟ ହେତୁ ପ,ଫ, ବ, ଭ, ଧ୍ୱନି ସୃଷ୍ଟି ହୋଇଥାଏ । (ପ) ଧ୍ୱନି ଉଚ୍ଚାରଣ ସମୟରେ ସ୍ୱରତନ୍ତ୍ରୀର କଂପନ ବା ଘୋଷ ନଥାଏ ଏବଂ ଅଳ୍ପ ବାୟୁ ନିର୍ଗତ ହେବାରୁ ଏହା ଅଘୋଷ ଅଳ୍ପ ପ୍ରାଣ ଓଷ୍ଠ୍ୟସ୍ପର୍ଶୀ । (ଫ) ଧ୍ୱନି ଉଚ୍ଚାରଣ ସମୟରେ କେବଳ ଅଧିକ ବାୟୁ ପ୍ରବାହିତ ହେଉଥିବାରୁ ଏହା ଅଘୋଷ ମହାପ୍ରାଣ ଓଷ୍ଠ୍ୟସ୍ପର୍ଶୀ । (ବ) ଧ୍ୱନି ଉଚ୍ଚାରଣ କଲାବେଳେ ସ୍ୱରତନ୍ତ୍ରୀରେ କଂପନ ବା ଘୋଷ ଥିବାରୁ ଏହା ଅଳ୍ପ ପ୍ରାଣ ସଘୋଷ ଓଷ୍ଠ୍ୟସ୍ପର୍ଶୀ ଏବଂ (ଭ) ଉଚ୍ଚାରଣ କଲାବେଳେ ସ୍ୱର ତନ୍ତ୍ରୀରେ ଘୋଷ ଓ ଅଧିକ ବାୟୁ ପ୍ରବାହିତ ହେଉଥିବାରୁ ଏହା ସଘୋଷ ମହାପ୍ରାଣ ଓଷ୍ଠ୍ୟସ୍ପର୍ଶୀ ବ୍ୟଞ୍ଜନ ଧ୍ୱନି । ଏହି ଧ୍ୱନି ଗୁଡିକ ଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ରହି ଉଚ୍ଚାରିତ ହୋଇଥାନ୍ତି ।

**(ତ, ଥ, ଦ,ଧ)**

ଏହି ଧ୍ୱନିମାନଙ୍କର ଉଚ୍ଚାରଣ ସ୍ଥାନ ଦାନ୍ତ ଓ ବିଧି ହେଲା ସ୍ପର୍ଶ । ଅତଏବ ଏଗୁଡିକ ଦନ୍ତ୍ୟସ୍ପର୍ଶୀ ବ୍ୟଞ୍ଜନ । ଏହି ଧ୍ୱନିମାନଙ୍କୁ ଉଚ୍ଚାରଣ କଲାବେଳେ ଜିହ୍ୱାଗ୍ର ଉପରଦାନ୍ତ ସହିତ ମିଳିତ ହୋଇ ବାୟୁ ମାର୍ଗକୁ ଅବରୋଧ କରେ ଓ ପରମୁହୂର୍ତ୍ତରେ ସ୍ଫୋଟ ଧ୍ୱନି ସାହାଯ୍ୟରେ ଅବରୋଧ ଖୋଲିଯାଏ । ଏହି ସମୟରେ କୋମଳ ତାଳୁ ଉପରକୁ ଉଠି ନାସାରନ୍ଧ୍ର ମାର୍ଗକୁ ବନ୍ଦ କରିଦେଇଥାଏ । (ତ) ଧ୍ୱନି ଉଚ୍ଚାରଣ ସମୟରେ ଅଳ୍ପବାୟୁ ପ୍ରବାହିତ ହୁଏ ଏବଂ ସ୍ୱର ତନ୍ତ୍ରୀରେ ଘୋଷ ନଥାଏ । ତେଣୁ ଏହା ଏକ ଅଘୋଷ ଅଳ୍ପ ପ୍ରାଣ ଦନ୍ତସ୍ପର୍ଶୀ ବ୍ୟଞ୍ଜନ ମାତ୍ର (ଥ) ଉଚ୍ଚାରଣବେଳେ କେବଳ ଅଧିକ ବାୟୁ ପ୍ରବାହିତ ହେଉଥିବାରୁ ଏହା ଅଘୋଷ ମହାପ୍ରାଣ ଦନ୍ତ୍ୟସ୍ପର୍ଶୀ ବ୍ୟଞ୍ଜନ କୁହାଯାଏ । (ଦ) ଧ୍ୱନି ଉଚ୍ଚାରଣ ସମୟରେ ଅଳ୍ପବାୟୁ ପ୍ରବାହ ସହିତ ସ୍ୱରତନ୍ତ୍ରୀରେ କଂପନ ସୃଷ୍ଟି ହୋଇଥିବାରୁ ଏହା ସଘୋଷ ଅଳ୍ପପ୍ରାଣ ଓ (ଧ) ଧ୍ୱନି ଉଚ୍ଚାରଣ ସମୟରେ ଅଧିକ ବାୟୁ ପ୍ରବାହ ସହିତ ସ୍ୱରତନ୍ତ୍ରୀରେ କଂପନ ଥିବାରୁ ଏହା ସଘୋଷ ମହାପ୍ରାଣ ଦନ୍ତ୍ୟ ସ୍ପର୍ଶୀ ବ୍ୟଞ୍ଜନ ।ଏହି ଧ୍ୱନି ଗୁଡିକ ଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ବ୍ୟବହୃତ ହୁଅନ୍ତି ।

**(ଟ,ଠ, ଡ, ଢ)**

ଏହି ଧ୍ୱନିମାନଙ୍କର ଉଚ୍ଚାରଣ ସମୟରେ ଜିହ୍ୱାଗ୍ର, ଜିହ୍ୱାଫଳକ ସହିତ ଉପରକୁ ଉଠି କଠିନ ତାଳୁ ସହିତ ମିଳିତ ହୋଇ ମୁଖ ଗହ୍ୱରସ୍ଥ ପ୍ରବାହିତ ବାୟୁକୁ ଅବରୋଧ କରେ । କଠିନ ତାଳୁର ଯେଉଁ ଅଂଶ ସହିତ ମିଳିତ ହୁଏ ତାକୁ ମୂର୍ଦ୍ଧା କୁହାଯାଏ । ଦାନ୍ତ ମୂଳକୁ ଲାଗିଥିବା ମାଂସଳ ବର୍ତ୍ସ ପରେ ପରେ ଯେଉଁ ଅଂଶଟି ରହିଛି ତାକୁ ମୂର୍ଦ୍ଧା କୁହାଯାଏ । ଅର୍ଥାତ୍ କଠିନ ତାଳୁର ଆରମ୍ଭ ଅଂଶ । ସେଥିପାଇଁ ଏହି ଧ୍ୱନି ଗୁଡିକୁ ମୂର୍ଦ୍ଧନ୍ୟ ଧ୍ୱନି କୁହାଯାଏ । (ଟ) ଧ୍ୱନି ଉଚ୍ଚାରଣ କଲାବେଳେ ଜିହ୍ୱାଗ୍ର ଓ ଜିହ୍ୱା ଫଳକ ମୂର୍ଦ୍ଧା ସହିତ ମିଳିତ ହୋଇ ବାୟୁକୁ ଅବରୋଧ କରେ ଏବଂ ପରେ ଏକ ସ୍ଫୋଟ ସାହାଯ୍ୟରେ ଖୋଲିଯାଏ । ଏହି ସମୟରେ କୋମଳ ତାଳୁ ଉପରକୁ ଉଠି ନାସା ମାର୍ଗକୁ ବନ୍ଦ କରିଦେଇଥାଏ । ସ୍ୱରତନ୍ତ୍ରୀରେ କଂପନ ବା ଘୋଷ ନଥାଏ । ଏହି ଧ୍ୱନିକୁ ଅଳ୍ପ ପ୍ରାଣ, ଅଘୋଷ ମୂର୍ଦ୍ଧନ୍ୟ ସ୍ପର୍ଶୀ ବ୍ୟଞ୍ଜନ କୁହାଯାଏ ମାତ୍ର (ଠ) ଧ୍ୱନି ଉଚ୍ଚାରଣ କଲାବେଳେ କେବଳ ଅଧିକ ବାୟୁ ପ୍ରବାହିତ ହୁଏ । ସେଥିପାଇଁ (ଠ) ଅଘୋଷ ମହାପ୍ରାଣ ମୂର୍ଦ୍ଧନ୍ୟ ବ୍ୟଞ୍ଜନ ।(ଡ) ଧ୍ୱନି ଉଚ୍ଚାରଣ କଲାବେଳେ ସ୍ୱରତନ୍ତ୍ରୀରେ ଘୋଷ ଥିବାରୁ ଏହା ଅଳ୍ପପ୍ରାଣ ସଘୋଷ ମୂର୍ଦ୍ଧନ୍ୟ ଓ (ଢ) ଧ୍ୱନି ଉଚ୍ଚାରଣ କଲାବେଳେ ଅଧିକ ବାୟୁ ପ୍ରବାହିତ ହୋଇଥିବାରୁ ଏହାକୁ ମହାପ୍ରାଣ ସଘୋଷ ମୂର୍ଦ୍ଧନ୍ୟ ସ୍ପର୍ଶୀ ବ୍ୟଞ୍ଜନ କୁହାଯାଏ ।

**(କ, ଖ, ଗ, ଘ)**

ଏହି ଧ୍ୱନିମାନଙ୍କର ଉଚ୍ଚାରଣ ସ୍ଥାନ କୋମଳ ତାଳୁ ବା କଣ୍ଠ । ଜିହ୍ୱା ପଷ୍ଠଭାଗ ଉପରକୁ ଉଠି କୋମଳ ତାଳୁ ସହିତ ମିଳିତ ହୋଇ ବାୟୁ ମାର୍ଗକୁ ଅବରୋଧ କରେ ଏବଂ ପର ମୁହୁର୍ତ୍ତରେ ସ୍ଫୋଟ ଧ୍ୱନି ସାହାଯ୍ୟରେ ସେହି ଅବରୋଧ ଖୋଲିଯାଏ । ଏହାକୁ କଣ୍ଠ୍ୟ ଧ୍ୱନି କହନ୍ତି । (କ) ଧ୍ୱନି ଉଚ୍ଚାରଣ ସମୟରେ ଅବରୋଧ ଉନ୍ମୋଚନ କାର୍ଯ୍ୟ ସଂପାଦିତ ହେବା ସଙ୍ଗେ କୋମଳତାଳୁ ଉପରକୁ ଉଠି ନାସାରନ୍ଧ୍ରକୁ ବନ୍ଦ କରି ଦେଇଥାଏ । ଏହି ସମୟରେ ସ୍ୱରତନ୍ତ୍ରୀରେ କଂପନ ବା ଘୋଷ ନଥାଏ । ଏହି ଧ୍ୱନିକୁ ଅଳ୍ପପ୍ରାଣ, ଅଘୋଷ କଣ୍ଠ୍ୟ ସ୍ପର୍ଶୀ ବ୍ୟଞ୍ଜନ କୁହାଯାଏ । ମାତ୍ର (ଖ) ଧ୍ୱନି ଉଚ୍ଚାରଣ କଲାବେଳେ କେବଳ ଅଧିକ ବାୟୁ ନିର୍ଗତ ହେଉଥିବାରୁ ଏହାକୁ ଅଘୋଷ କଣ୍ଠ୍ୟ ସ୍ପର୍ଶୀ ବ୍ୟଞ୍ଜନ ବୋଲି କୁହାଯାଏ । ଏହିପରି (ଗ) ଧ୍ୱନି ଉଚ୍ଚାରଣ ସମୟରେ କେବଳ ସ୍ୱରତନ୍ତ୍ରୀରେ ଘୋଷ ସୃଷ୍ଟି ହୋଇଥିବାରୁ ଏହାକୁ ଅଳ୍ପପ୍ରାଣ ସଘୋଷ କଣ୍ଠସ୍ପର୍ଶୀ ଏବଂ (ଘ) ଉଚ୍ଚାରଣ ସମୟରେ ଅଧିକ ବାୟୁ ନିର୍ଗତ ହେଉଥିବାରୁ ମହାପ୍ରାଣ ସଘୋଷ କଣ୍ଠ୍ୟ ସ୍ପର୍ଶୀ ବ୍ୟଞ୍ଜନ କୁହାଯାଏ । ଏହି ଧ୍ୱନିଗୁଡିକ ଶବ୍ଦର ଆଦ୍ୟରେ, ମଧ୍ୟରେ ଓ ପ୍ରାନ୍ତରେ ରହି ଉଚ୍ଚାରିତ ହୁଅନ୍ତି ।

**ସଂଘର୍ଷୀ ବ୍ୟଞ୍ଜନ :-(ସ, ହ )**

ଏହି ଧ୍ୱନିର ଉଚ୍ଚାରଣ ସମୟରେ ଜିହ୍ୱାଗ୍ର ବର୍ତ୍ସ ସହିତ ମିଳିତହୋଇ ବାୟୁ ପ୍ରବାହକୁ ଅବରୋଧ କରେ । ମାତ୍ର ଏହି ଦୁଇ ଭାଷଣ ଅବୟବ ମିଳିତ ହେଲାବେଳେ ବାୟୁମାର୍ଗ ସଂପୂର୍ଣ୍ଣ ବନ୍ଦ ନହୋଇ ଏକ ରନ୍ଧ୍ର ସୃଷ୍ଟି କରିଥାଏ । ବାୟୁ ସେହି ରନ୍ଧ୍ର ମଧ୍ୟନେଇ ସଂଘର୍ଷ ସହିତ ନିର୍ଗତ ହେଉଥିବାରୁ ଏହାକୁ ସଂଘର୍ଷୀ ବ୍ୟଞ୍ଜନ କୁହାଯାଏ । (ସ) ଧ୍ୱନି ଉଚ୍ଚାରଣ କଲାବେଳେ ବାୟୁ ସଂଘର୍ଷ ସହିତ ନିର୍ଗତ ହେଲେ ହେଁ ସ୍ୱରତନ୍ତ୍ରୀରେ କୌଣସି କଂପନ ନଥାଏ । ତେଣୁ ଏହା ଏକ ଅଘୋଷ ବର୍ତ୍ସ୍ୟ ସଂଘର୍ଷୀ ଧ୍ୱନି, ମାତ୍ର (ହ) ଧ୍ୱନି ଉଚ୍ଚାରଣ ସମୟରେ ଝଲକାଏ ପବନ ସ୍ୱରତନ୍ତ୍ରୀ ମାର୍ଗ କାକଳ ଦେଇ ନିର୍ଗତ ହେଉଥିବାରୁ ସ୍ୱରତନ୍ତ୍ରୀର ଧାର କଂପିତ ହୋଇଥାଏ । ତେଣୁ ଘୋଷ ସୃଷ୍ଟି ହୁଏ । ସେଥିପାଇଁ ଏହାକୁ ସଘୋଷ କାକଲ୍ୟ ସଂଘର୍ଷୀ ଧ୍ୱନି କରନ୍ତି । ଏହା ଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ରହି ଉଚ୍ଚାରିତ ହୋଇଥାଏ ।

**ସ୍ପର୍ଶ ସଂଘର୍ଷୀ (ଚ,ଛ, ଜ, ଝ)**

ଏହି ଧ୍ୱନିମାନଙ୍କର ଉଚ୍ଚାରଣ ସମୟରେ ଅଗ୍ରଜିହ୍ୱା କଠିନ ତାଳୁ ସହିତ ମିଳିତ ହୋଇ ବାୟୁ ମାର୍ଗକୁ ଅବରୋଧ କରେ ମାତ୍ର ଏହି ଅବରୋଧ ହଠାତ୍ ଖୋଲି ନଯାଇ ଜିହ୍ୱା ଧୀରେ ଧୀରେ ତଳକୁ ଖସିବା ଫଳରେ ବାୟୁ ପ୍ରବାହରେ ସଂଘର୍ଷ ସୃଷ୍ଟିହୁଏ । ଏ ସମୟରେ କୋମଳ ତାଳୁ ଉପରକୁ ଉଠି ନାସା ମାର୍ଗକୁ ବନ୍ଦ କରି ଦେଇଥାଏ । ଏ ପ୍ରକାର ଧ୍ୱନିକୁ ସ୍ପର୍ଶ ସଂଘର୍ଷୀ ବ୍ୟଞ୍ଜନ କୁହାଯାଏ । (ଚ) ଧ୍ୱନି ଉଚ୍ଚାରଣ କଲାବେଳେ ଅବରୋଧ ଓ ଉନ୍ମୋଚନ କାର୍ଯ୍ୟ ସହିତ ସ୍ୱରତନ୍ତ୍ରୀରେ କୌଣସି ଘୋଷ ସୃଷ୍ଟି ହୁଏନାହିଁ । ସେଥିପାଇଁ ଏହାକୁ ଅଳ୍ପପ୍ରାଣ, ଅଘୋଷ ସ୍ପର୍ଶ ସଂଘର୍ଷୀ ବ୍ୟଞ୍ଜନ କୁହାଯାଏ । ମାତ୍ର (ଛ) ଉଚ୍ଚାରଣ ବେଳେ ଅଧିକ ବାୟୁ ନିର୍ଗତ ହେବା ଯୋଗୁଁ ତାହାକୁ ମହାପ୍ରାଣ ଅଘୋଷ ସ୍ପର୍ଶ ସଂଘର୍ଷୀ ବ୍ୟଞ୍ଜନ କୁହାଯାଏ । ସେହିପରି (ଜ) ଉଚ୍ଚାରଣ ବେଳେ ଏକ ପ୍ରକାର ବିଧି ଥିଲେହେଁ ସ୍ୱରତନ୍ତ୍ରୀରେ କେବଳ ଘୋଷ ବା କଂପନ ସୃଷ୍ଟି ହେଉଥିବାରୁ ଏହାକୁ ଅଳ୍ପ ପ୍ରାଣ ସଘୋଷ ସ୍ପର୍ଶ ସଂଘର୍ଷୀ ବ୍ୟଞ୍ଜନ ଏବଂ (ଝ) ଉଚ୍ଚାରଣ ବେଳେ ଅଧିକ ବାୟୁ ନିର୍ଗତ ହେଉଥିବାରୁ ଏହାକୁ ମହାପ୍ରାଣ ସଘୋଷ ସ୍ପର୍ଶ ସଂଘର୍ଷୀ ବ୍ୟଞ୍ଜନ କୁହାଯାଏ । ଏହି ଧ୍ୱନି ଗୁଡିକ ଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ରହି ଉଚ୍ଚାରିତ ହୁଅନ୍ତି ।

**ନାସିକ୍ୟ :- (ମ,ନ, ଣ, ଙ)**

ଏହି ଧ୍ୱନି ଗୁଡିକ ଯଥାକ୍ରମେ (ପ) ବର୍ଗୀୟ ପ, ଫ, ବ, ଭ , ମ (ତ) ବର୍ଗୀୟ ତ, ଥ,ଦ, ଧ, ନ, (ଟ) ବର୍ଗୀୟ ଟ, ଠ, ଡ, ଢ, ଣ ଏବଂ (କ) ବର୍ଗୀୟ କ, ଖ, ଗ, ଘ, ଙ ।

ଏହି ଧ୍ୱନିଗୁଡିକ ଉଚ୍ଚାରଣ କଲାବେଳେ କୋମଳ ତାଳୁ ଉପରକୁ ନଉଠି ତଳକୁ ଖସିପଡି ଝୁଲି ରହେ ଫଳରେ କିଛି ବାୟୁ ନାସାରନ୍ଧ୍ର ଦେଇ ନିର୍ଗତ ହୁଏ ଏବଂ ସ୍ୱର ତନ୍ତ୍ରୀରେ କଂପନ ଥାଏ । ଉଚ୍ଚାରଣ ସ୍ଥାନ ଅନୁସାରେ ଏଗୁଡିକର ନାମ କରଣ ହୋଇଥାଏ । ଯଥା- (ମ) ଏକ ସଘୋଷ ଓଷ୍ଠ୍ୟ ନାସିକ୍ୟ ବ୍ୟଞ୍ଜନ ଧ୍ୱନି କାରଣ ଏହି ଧ୍ୱନି ଉଚ୍ଚାରଣ ସମୟରେ ଦୁଇ ଓଠ ମିଳିତ ହୋଇ ବାୟୁ ମାର୍ଗକୁ ଅବରୋଧ କରିଥାନ୍ତି । (ନ) ଉଚ୍ଚାରଣ କଲାବେଳେ ଜିହ୍ୱାଗ୍ର ବର୍ତ୍ସ ସହିତ ମିଳିତ ହୋଇଥିବାରୁ

ଏହା ସଘୋଷ ବର୍ତ୍ସ୍ୟ ନାସିକ୍ୟ । (ଣ) ଧ୍ୱନି ଉଚ୍ଚାରଣ ବେଳେ ଉପରକୁ ମୋଡିହୋଇ ଜିହ୍ୱାଗ୍ର ମୂର୍ଦ୍ଧା ସହିତ ମିଳିତ ହୋଇଥିବାରୁ ଏହା ସଘୋଷ ମୂର୍ଦ୍ଧନ୍ୟ ନାସିକା ଏବଂ (ଙ) ଏହି ଧ୍ୱନିର ସ୍ୱତନ୍ତ୍ର ଉଚ୍ଚାରଣ ନାହିଁ । ଏହା ସେହି ବର୍ଗୀୟ ଅର୍ଥାତ୍ କ, ଖ, ଗ, ଘ, ସହିତ ମିଳିତ ହୋଇ ଉଚ୍ଚାରିତ ହୋଇଥାଏ । ଜିହ୍ୱା ପଶ୍ଚ କୋମଳ ତାଳୁ ସହିତ ମିଳିତ ହୋଇ ବାୟୁ ମାର୍ଗକୁ ଅବରୋଧ କରିଥାଏ । ଅନ୍ୟ ନାସିକ୍ୟ (ମ) (ନ) ଓ (ଣ) ପରି ଏହା ମହାପ୍ରାଣ ଉଚ୍ଚାରଣ ନାହିଁ । 'ମ' ଧ୍ୱନି ଅଳ୍ପ ପ୍ରାଣ ମାତ୍ର ବେଳେ ବେଳେ ମହାପ୍ରାଣରେ ଉଚ୍ଚାରିତ ହୋଇଥାଏ ଯେପରି (ବ୍ରମ୍ହା) (ଗମ୍ହା) ସେହିପରି 'ନ' ଧ୍ୱନି (ବନ୍ହି) (ଜନ୍ହ୍) ଓ 'ଣ' ଧ୍ୱନି (କଣ୍ହିଆ) ।

**ପାର୍ଶ୍ୱିକ :- (ଲ, ଳ)**

(ଲ) ଧ୍ୱନି ଉଚ୍ଚାରଣବେଳେ ଜିହ୍ୱାଗ୍ର ବର୍ତ୍ସ୍ୱ ପ୍ରଦେଶ ସହିତ ମିଳିତ ହୋଇ ବାୟୁ ମାର୍ଗକୁ ନିୟନ୍ତ୍ରିତ କରେ । ଜିହ୍ୱାର ମଧ୍ୟଭାଗର ଦୁଇ ପାଖ ଅଥବା ଗୋଟିଏ ପାଖର କିଛି ଅଂଶ ତଳକୁ ଝୁଲି ପଡିବା ଫଳରେ ବାୟୁ ଗୋଟିଏ ପାଖରେ ହେଉ କିମ୍ବା ଦୁଇ ପାଖରେ ହେଉ ନିର୍ଗତ ହୋଇଥାଏ । ଏହି ସମୟରେ କୋମଳ ତାଳୁ ଉପରକୁ ଉଠି ନାସାମାର୍ଗକୁ ବନ୍ଦ କରି ଦେଇଥାଏ ଏବଂ ସ୍ୱରତନ୍ତ୍ରୀରେ ଘୋଷ ସୃଷ୍ଟିହୋଇଥାଏ । ଏହାକୁ ସଘୋଷ ଅଳ୍ପପ୍ରାଣ ବର୍ତ୍ସ୍ୟ ପାର୍ଶ୍ୱିକ ଧ୍ୱନି କୁହାଯାଏ । ଏହି ଧ୍ୱନି ମଧ୍ୟ ବେଳେବେଳେ ମହାପ୍ରାଣ ପରି ଉଚ୍ଚାରିତ ହୁଏ । ଯଥା - (ଚଲ୍ହା), (ଗେଲ୍ହା) ।

(ଳ) ଏହା (ଲ) ଧ୍ୱନି ପରି ଏକ ପାର୍ଶ୍ୱିକ ଧ୍ୱନି ମାତ୍ର ଉଚ୍ଚାରଣ ସ୍ଥାନ ଭେଦରେ ଅର୍ଥାତ୍ ଏହି ଧ୍ୱନି ଉଚ୍ଚାରଣ ସମୟରେ ଜିହ୍ୱାଗ୍ର ଉପରକୁ ମୋଡି ହୋଇ ମୂର୍ଦ୍ଧା ସହିତ ମିଳିତ ହୋଇ ବାୟୁ ମାର୍ଗରେ ବାଧା ସୃଷ୍ଟି କରେ । ଏହି ସମୟରେ କୋମଳ ତାଳୁ ଉପରକୁ ଉଠି ନାସାରନ୍ଧ୍ରକୁ ବନ୍ଦ କରିଦିଏ ଏବଂ ସ୍ୱରତନ୍ତ୍ରୀରେ କଂପନ ସୃଷ୍ଟି ହୁଏ । ତେଣୁ ଏହା ଏକ ଅଳ୍ପ ପ୍ରାଣ ସଘୋଷ ମୂର୍ଦ୍ଧନ୍ୟ ପାର୍ଶ୍ୱିକ ବ୍ୟଞ୍ଜନ । 'ଲ' ଧ୍ୱନି ପରି ଏହା ଶବ୍ଦର ଆଦ୍ୟରେ ବ୍ୟବହୃତ ନ ହୋଇ ମଧ୍ୟ ଓ ପ୍ରାନ୍ତରେ ବ୍ୟବହୃତ ହୋଇଥାଏ ।

**ଲୋଡିତ ବ୍ୟଞ୍ଜନ :(ର)**

ଏହି ଧ୍ୱନିର ଉଚ୍ଚାରଣ ସମୟରେ ଜିହ୍ୱାଗ୍ର ମୁଖରନ୍ଧ୍ରରେ ପ୍ରବାହିତ ବାୟୁ ଦ୍ୱାରା ଆଲୋଡିତ ହୋଇ ବର୍ତ୍ସ୍ୱ ପ୍ରଦେଶରେ ପ୍ରାୟ ଦୁଇ ଥରରୁ ୪ଥର ପର୍ଯ୍ୟନ୍ତ ପିଟି ହୋଇଯାଏ । ଏହି ସମୟରେ କୋମଳ ତାଳୁ ଉପରକୁ ଉଠି ନାସାରନ୍ଧ୍ରକୁ ବନ୍ଦ କରିଦିଏ । ଏବଂ ସ୍ୱରତନ୍ତ୍ରୀରେ କଂପନ ବା ଘୋଷ ସୃଷ୍ଟିହୁଏ । ଏହି ଧ୍ୱନିକୁ ଅଳ୍ପପ୍ରାଣ ସଘୋଷ ବର୍ତ୍ସ୍ୟ ଲୋଡିତ ଧ୍ୱନି କୁହାଯାଏ । ଶବ୍ଦର ଆଦ୍ୟରେ ମଧ୍ୟରେ ଓ ପ୍ରାନ୍ତରେ ଏହି ଧ୍ୱନି ବ୍ୟବହୃତ ହୋଇଥାଏ ।

**ଉତ୍କ୍ଷିପ୍ତ :- (ଡ, ଢ)**

ଏହି ଦୁଇଟି ଧ୍ୱନିର ଉଚ୍ଚାରଣ ସମୟରେ ଜିହ୍ୱାଗ୍ର ସାମାନ୍ୟ ମୋଡି ହୋଇ ମୂର୍ଦ୍ଧାକୁ ସ୍ପର୍ଶକରେ ଓ ମୂର୍ଦ୍ଧାରେ ଥରେ ମାତ୍ର ପିଟିହୋଇ ତଳକୁ ଖସିପଡେ ଏହି ସମୟରେ କୋମଳ ତାଳୁ ଉପରକୁ ଉଠି ନାସା ମାର୍ଗକୁ ବନ୍ଦ କରିଦିଏ ଏବଂ ସ୍ୱର ତନ୍ତ୍ରୀରେ ଘୋଷ ସୃଷ୍ଟିହୁଏ । 'ଡ' ଧ୍ୱନିରେ ଅଳ୍ପ ବାୟୁ ନିର୍ଗତ ହେଲାବେଳେ 'ଢ' ଧ୍ୱନି ଉଚ୍ଚାରଣ ବେଳେ ଅଧିକ ବାୟୁ ନିର୍ଗତ ହୋଇଥାଏ । ଅତଏବ (ଡ) ଧ୍ୱନି ଅଳ୍ପପ୍ରାଣ ସଘୋଷ ମୂର୍ଦ୍ଧନ୍ୟ ଉତ୍କ୍ଷିପ୍ତ ହେଲାବେଳେ (ଢ) ଧ୍ୱନିମହାପ୍ରାଣ ସଘୋଷ ମୂର୍ଦ୍ଧନ୍ୟ ଉତ୍କ୍ଷିପ୍ତ ହୁଏ । ଏହି ଧ୍ୱନି ଶବ୍ଦର ଆଦ୍ୟରେ ଉଚ୍ଚାରିତ ନହୋଇ ମଧ୍ୟରେ ଓ ପ୍ରାନ୍ତରେ ଉଚ୍ଚାରିତ ହୋଇଥାନ୍ତି । ଆଦ୍ୟରେ ଏହା (ଡ) ଓ (ଢ) ଭାବରେ ଉଚ୍ଚାରିତ ହୋଇଥାନ୍ତି ।

**ଅର୍ଦ୍ଧ ସ୍ୱର :- ( ବ, ୟ)**

ଓଡିଆ ବର୍ଣ୍ଣମାଳାରେ 'ବ' ପରି ଦୁଇଟି ଲିଖିତ ବର୍ଣ୍ଣ ଅଛି । ଗୋଟିଏ ବର୍ଗ୍ୟ ଅନ୍ୟଟିକୁ ଅବର୍ଗ୍ୟ କୁହାଯାଏ । ପ୍ରଥମ 'ବ'ଟି କଣ୍ଠ୍ୟସ୍ପର୍ଶୀ ବ୍ୟଞ୍ଜନ ଧ୍ୱନି ଓ ୨ୟଟି କଣ୍ଠୋଷ୍ଠ୍ୟ ଅର୍ଦ୍ଧସ୍ୱର ବା ଅର୍ଦ୍ଧ ବ୍ୟଞ୍ଜନ । ଏହି ଅବର୍ଗ୍ୟ 'ବ' ଧ୍ୱନିକୁ (W) 'ୱ' ଭାବରେ ଉଚ୍ଚାରଣ କରାଯାଏ ଏବଂ ଏହାକୁ ମଧ୍ୟ ଅନ୍ୟ ଧ୍ୱନି ସହିତ 'ବ' '୍ୟ' ଫଳା ଭାବରେ ଉଚ୍ଚାରଣ କରାଯାଇଥାଏ । ସ୍ୱତନ୍ତ୍ର ଭାବରେ ଓଡିଆରେ ଏହାର ଉଚ୍ଚାରଣ ଦେଖାଯାଏ ନାହିଁ । ଏହି ଧ୍ୱନିର (u) ଉଚ୍ଚାରଣ ସମୟରେ ଜିହ୍ୱା ପ୍ରଥମେ ଏକ 'ଉ' ଉଚ୍ଚାରଣ

ପାଇଁ ପ୍ରସ୍ତୁତ ହୋଇ ସଂଯୁକ୍ତ ସ୍ୱର ଧ୍ୱନିପରି ହଠାତ୍ ସ୍ଥାନ ପରିବର୍ତ୍ତନ କରି ପଶ୍ଚ ଅର୍ଦ୍ଧ ବିବୃତ ସ୍ୱର ଆଡକୁ ଅଗ୍ରସର ହୋଇଯାଏ । ଏହି ସମୟରେ ଜିହ୍ୱାପଶ୍ଚ ଉପରକୁ ଉଠେ ଓ ଓଷ୍ଠ ଦ୍ୱୟ ପ୍ରଥମେ ଗୋଲାକୃତ ଓ ପରେ ଅର୍ଦ୍ଧ ବିବୃତ ହୋଇଯାଏ । ଏହି ସମୟରେ କୋମଳ ତାଲୁ ଉପରକୁ ଉଠି ନାସା ଦ୍ୱାରକୁ ବନ୍ଦ କରିଦିଏ ଏବଂ ସ୍ୱରତନ୍ତ୍ରୀରେ ଘୋଷ ସୃଷ୍ଟିହୁଏ । ସେଥିପାଇଁ ଏହାକୁ କଣ୍ଠୋଷ୍ଠ୍ୟ ସଘୋଷ ଅର୍ଦ୍ଧସ୍ୱର ବୋଲି କୁହାଯାଏ । ବିଦେଶୀ ଶବ୍ଦ ଉଚ୍ଚାରଣ କଲାବେଳେ ଏହାର କାର୍ଯ୍ୟ କରିବା ଜଣାପଡେ – 'ପକ୍ୱ', 'ୱାରଣ୍ଟ', 'ୱାଶିଙ୍ଗଟନ୍', 'ବିଲ୍ୱ' , ପ୍ରଭୃତି । ମାତ୍ର ଅନ୍ୟ ଏକ ଅର୍ଦ୍ଧସ୍ୱର (ୟ) ଉଚ୍ଚାରଣ କଲାବେଳେ ଜିହ୍ୱା ଏକପ୍ରାକାର ଅଗ୍ର ସଂବୃତ ପାଇଁ ପ୍ରସ୍ତୁତ ହୋଇ ହଠାତ୍ ସ୍ଥାନ ପରିବର୍ତ୍ତନ କରି ପଶ୍ଚ ଅର୍ଦ୍ଧ ବିବୃତ ସ୍ଥାନକୁ ଗତିକରେ । (i) ରୁ ( ) ଅଗ୍ରଜିହ୍ୱା କଠିନତାଳୁ ପର୍ଯ୍ୟନ୍ତ ଉଠିଥାଏ । ଏହି ସମୟରେ ଓଷ୍ଠଦ୍ୱୟ ପ୍ରଥମେ ବିସ୍ତୃତ ଓ ପରେ ଅର୍ଦ୍ଧ ବିବୃତ ଓ ସାମାନ୍ୟ ଗୋଲାକୃତ ହୋଇଯାଏ । କୋମଳ ତାଲୁ ଉପରକୁ ଉଠି ନାସାରନ୍ଧ୍ରକୁ ବନ୍ଦ କରିଦିଏ ଏବଂ ସ୍ୱରତନ୍ତ୍ରୀରେ ଘୋଷ ସୃଷ୍ଟିହୁଏ । ସେଥିପାଇଁ ଏହାକୁ ସଘୋଷ ତାଲବ୍ୟ ଅର୍ଦ୍ଧସ୍ୱର କୁହାଯାଏ । ଓଡିଆ ଶବ୍ଦ ଆରମ୍ଭରେ ଏହାର ବ୍ୟବହାର ଦେଖାଯାଏ ନାହିଁ ; ମାତ୍ର ମଧ୍ୟରେ ଓ ପ୍ରାନ୍ତରେ ଏହା ବ୍ୟବହୃତ ହୁଏ ।

ଓଡିଆ ଶବ୍ଦ ଉଚ୍ଚାରଣ କଲାବେଳେ ଶେଷରେ ସ୍ୱରବର୍ଣ୍ଣ ରହିଥାଏ । ବେଳେ ବେଳେ ସ୍ୱରବର୍ଣ୍ଣ ନଥାଇ ମଧ୍ୟ ଶବ୍ଦ ଉଚ୍ଚାରିତ ହେଉଥିବାର ଦେଖାଯାଏ । ମାତ୍ର ସେମାନଙ୍କ ସଂଖ୍ୟା କମ୍ । କେତେକ ନିର୍ଦ୍ଦେଶାତ୍ମକ ଶବ୍ଦ ଯଥା – ଉଠ୍, ବସ୍, ଦେଖ୍ , ରଖ୍, ଧର୍ , ପ୍ରଭୃତି ଶବ୍ଦର ଶେଷରେ ସ୍ୱରବର୍ଣ୍ଣ ଉଚ୍ଚାରିତ ହୁଅନ୍ତି ନାହିଁ । ୨ୟରେ ବିଦେଶୀ ଭାଷାରୁ ଗୃହୀତ ଶବ୍ଦ ଅର୍ଥାତ୍ ଇଂରାଜୀ, ଉର୍ଦ୍ଦୁ ଓ ହିନ୍ଦୀର କେତେକ ଶବ୍ଦର ଉଚ୍ଚାରଣ କଲାବେଳେ ମଧ୍ୟ ଶେଷରେ ସ୍ୱରବର୍ଣ୍ଣ ଉଚ୍ଚାରିତ ହୋଇନଥାନ୍ତି । ଯଥା –ସ୍କୁଲ , କଲେଜ, ହସ୍‌ପିଟାଲ୍, ଅଫିସ୍ । ହିନ୍ଦୀରେ କିତାବ୍, ସାବାସ୍, ତାରିଫ୍, ରୁମାଲ୍, ସାଲିସ୍ । ଏହି ଅନୁସାରେ ଆମ ଓଡିଆରେ ମଧ୍ୟ ସୁରେଶ୍, ରମେଶ୍, ପରେଶ୍ , ପ୍ରଭୃତିର ଉଚ୍ଚାରଣ ଦେଖାଯାଏ ।

ଓଡିଆରେ ବ୍ୟବହୃତ ସଂଯୁକ୍ତ ବ୍ୟଞ୍ଜନବର୍ଣ୍ଣର ବ୍ୟବହାର ଶବ୍ଦର ଆରମ୍ଭରେ ହୋଇ ନ ଥାଏ । କେବଳ ସ୍କ, ସ୍ତ, ସ୍ଥ , ସ୍ୱ , ସ୍ଫ , ଶ୍ର, ସଂଯୁକ୍ତ ବର୍ଣ୍ଣ ତତ୍‌ସମ ଶବ୍ଦରେ ଆଦ୍ୟରେ ବ୍ୟବହୃତ ହୁଅନ୍ତି ।

**(ଖ) ଓଡିଆ ଫୋନୀମ୍ (Phoneme) ଧ୍ୱନିଗ୍ରାମ ମାନଙ୍କର ପରିଚୟ**

ମନୁଷ୍ୟର ମୁଖ ନିଃସୃତ ବାଗ୍‌ଧ୍ୱନି ମାଧ୍ୟମରେ ସବୁ ଭାଷାର ବ୍ୟବହାର ହୋଇଥାଏ । ଭାଷା ବିଜ୍ଞାନର ମୌଳିକ ଉପାଦାନ ଧ୍ୱନି ବିଜ୍ଞାନରେ ଏ ସଂପର୍କରେ ଆଲୋଚନା କରାଯାଇଛି । ତଥାପି ଧ୍ୱନି ବିଜ୍ଞାନରେ ଅନ୍ୟତମ ମୌଳିକ ଅଂଶ ବିଶେଷ ଫୋନୀମ୍ ବା ଧ୍ୱନିଗ୍ରାମ/ସ୍ୱନଗ୍ରାମ/ ଧ୍ୱନୀମ/ ସ୍ୱନୀମର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ମଧ୍ୟ ବିଭିନ୍ନ ଭାଷାବିତ୍ ଆଲୋଚନା ଜାରିରଖିଛନ୍ତି । ଏଥିରେ ମତାନୈକ୍ୟ ଦେଖାଗଲେ ମଧ୍ୟ ବିଭିନ୍ନ ଭାଷା କେନ୍ଦ୍ର ଯଥା – ମସ୍କୋସ୍କୁଲ, କୋପେନ୍‌ହାମ୍ , ସେଣ୍ଟପିଟର୍ସବର୍ଗ, ଭିଏନା ଓ ପ୍ରେଗ୍ ପ୍ରଭୃତି ବିଭିନ୍ନ ଦିଗରୁ ଆଲୋଚନା ଚଳାଇ ଆସୁଛନ୍ତି । ବିଶେଷ କରି ଗବେଷକ E. Sapir, L. Bloom field, R. Jacolosen, Daniel Jones, Trabestzkoy ଊନବିଂଶ ଶତାବ୍ଦୀ ଠାରୁ ଧ୍ୱନିଗ୍ରାମ ସଂପର୍କରେ ଗବେଷଣା ଚଳାଇଛନ୍ତି ।

ଭାଷାର ମୌଳିକ ଉପାଦାନ ଦ୍ୱାରା ବକ୍ତା ଓ ଶ୍ରୋତା ଭାବ ବିନିମୟ କରିଥାନ୍ତି; ମାତ୍ର ପ୍ରତି ଭାଷାରେ ଏହାର ଏକ ସ୍ୱତନ୍ତ୍ର ଗଠନ ଭଙ୍ଗୀ ଓ ବ୍ୟବହାର ପଦ୍ଧତି ରହିଛି । ଏହାକୁ ଧ୍ୱନି ଏକକ ବା ( Sound Unit ) ବୋଲି କୁହାଯାଏ । ଏହି Sound Unit ସାହାଯ୍ୟରେ ବକ୍ତା ଏପରି ଏକ ଅବସ୍ଥାରେ ଉପନୀତ ହୁଏ ଯାହାଦ୍ୱାରା ସେ ଗୋଟିଏ ଧ୍ୱନି ସହିତ ଅନ୍ୟ ଧ୍ୱନିର ପାର୍ଥକ୍ୟ ବା ବୈଷମ୍ୟ ଜାଣିପାରେ । ଯଦି ତାହା ଧ୍ୱନିଗ୍ରାମ ରୂପରେ ବିବେଚିତ ହୋଇପାରେ । ପ୍ରତ୍ୟେକ ଧ୍ୱନିଗ୍ରାମ ନିଶ୍ଚିତ ଭାବରେ ଅର୍ଥଗତ ଭିନ୍ନତା ସେହି ଶବ୍ଦରେ ସୃଷ୍ଟିକରିଥାଏ ।

ଧ୍ୱନି ବିଜ୍ଞାନରେ ଯେପରି ଧ୍ୱନି ଗୁଡିକରେ ସ୍ୱରୂପ ଓ ପ୍ରକୃତିକୁ ବିଚାର କରିବାପାଇଁ ଆମେ ଲିଖିତ ରୂପ ବା ଲିପିର ଆବଶ୍ୟକ କରିଥାଉ ସେହିପରି ଧ୍ୱନି- ଗ୍ରାମକୁ ମଧ୍ୟ ଏକ ସ୍ୱତନ୍ତ୍ର ଲିପି ବା ସଙ୍କେତ ଦ୍ୱାରା ଚିହ୍ନିତ କରାଯାଇ ଏହାର ବୈଶିଷ୍ଟ୍ୟ ପ୍ରତିପାଦନ କରାଯାଇଥାଏ । 'ଫୋନୀମ୍‌ର ଧ୍ୱନ୍ୟାତ୍ମକ ରୂପକୁ [ ] ଏବଂ ଧ୍ୱନି ଗ୍ରାମୀୟ ରୂପକୁ ଚିହ୍ନିତ କରାଯାଇଛି । ଏହାର

ପ୍ରଥମ ରୂପକୁ ଇଂରାଜୀରେ Phonetic ଓ ୨ୟ ରୂପକୁ ଫୋନେମିକ୍ କୁହାଯାଏ ।ଏ ଉଭୟ ବିଶ୍ଳେଷଣ ଧ୍ୱନି ସହିତ ସଂପୃକ୍ତ । ତଥାପି ଏକର ସ୍ଥାନରେ ଅନ୍ୟର ବ୍ୟବହାର ବ୍ୟକ୍ତି ସ୍ଥାନରେ ପରିବାରର ବ୍ୟବହାର ପରି ଭୁଲ୍ ହେବ । (ଧ୍ୱନି ବିଜ୍ଞାନ - ଗୋଲୋକ ବିହାରୀ ଧଳ)

ଫୋନୀମ୍ ବା ଧ୍ୱନି ଗ୍ରାମର ସଂଜ୍ଞା ସଂପର୍କରେ କେତେକ ଭାଷାବିତ୍ଙ୍କ ଅଭିମତ।

1. A phoneme is a family of sounds in a given language which are related in character and are used in such a way that no one member ever occurs in a word in the same phonetic context as any other member.

(By Daniel Jones, The Phoneme)

2. The Phoneme is one of the significant units of sounds arrived at for a particular language by the analytical procedures developed from the basic premises previously presented.

(By K.L. Pire. (Phonemics )

3. " ...... a minimum unit of destinctive sound feature, a phoneme .

(L.Bloomfield - Language)

4. The most basic elements in the expression system are the phonemes. There are the sound features which are common to all speakers of a given speech form and which a re exactly reproduced in repetition. In any language, there is a definite and usually small member of phonemes.

(H.R.Gleason An Indtroduction to Descriptive Linguistics)

5. The Primary factor in describing a phoneme is that it creates centrastine pairs that are also minimal pairs and it is significant in that it is responsible for changing meaning.

(Dr. Shosad Rajimwaled, Elements of General Linguistics )

Phoneme ବା ଧ୍ୱନିଗ୍ରାମର କେତେକ ମୌଳିକ ତଥା ମୁଖ୍ୟ ସ୍ୱରୂପ -

୧. ଭାଷାରେ ଏହା ଏକ ବିରୋଧାତ୍ମକ ଏକକ

୨. ଏହାର ଅନେକ ସ୍ୱରୂପ ନିହିତ

୩. ଏହା ଶବ୍ଦର ଅର୍ଥଗତ ପାର୍ଥକ୍ୟ ସୂଚାଇବାରେ କ୍ଷମ ।

୪. ଏହା ଉଭୟ ଧ୍ୱନ୍ୟାତ୍ମକ ସାମ୍ୟ ଓ ଅର୍ଥଗତ ବୈଷମ୍ୟ ଦର୍ଶାଇଥାଏ ।

**ଏହାର ସ୍ପଷ୍ଟ ସ୍ୱରୂପ କ'ଣ ?**

ବାଗ୍ଧ୍ୱନି ହେଉଛି ଏକ ଜୈବିକ ଗଠନ ପ୍ରକ୍ରିୟା ଏବଂ ଏହାର ନିର୍ଦ୍ଦିଷ୍ଟ ଶ୍ରୋତଗୁଣ ରହିଥାଏ, ଯାହାକୁ ସ୍ୱାତନ୍ତ୍ର୍ୟ ନିରୂପଣରେ ସହାୟକ ହୋଇଥାଏ ।

ଏହି ଶ୍ରୋତଗୁଣ ଗୁଡିକ ଭିନ୍ନ ଭିନ୍ନ ପ୍ରକାରେ ଶୁଣିବାକୁ ମିଳିଥାଏ ।

୧. (Vocalic/ Nonvocalic) ସ୍ୱରାତ୍ମକ ଓ ଅସ୍ୱରାତ୍ମକ - ଏହା ଦ୍ୱାରା ବ୍ୟଞ୍ଜନ ଧ୍ୱନିଠାରୁ ସ୍ୱରଧ୍ୱନିକୁ ପୃଥକ କରାଯାଇଥାଏ । ସ୍ୱର ଧ୍ୱନିର ଅନୁସ୍ୱନ ବା ପ୍ରତି ସ୍ୱନ (Resonance) ଲକ୍ଷ୍ୟ କରିହୁଏ ।

୨. (Compact/ diffisue) ଦୃଢ / ସଙ୍କୁଚିତ / ବିସ୍ତୀର୍ଣ୍ଣ ପ୍ରତିସ୍ୱନ ପରିସର ମଧ୍ୟରୁ ଧ୍ୱନିଗ୍ରାମର ଆକାର ଓ ପରିମାଣ ଅଥବା ସ୍ୱରୂପ ଓ ପ୍ରକୃତି ଜଣାଯାଏ ।

୩. (Consonantal/ Non consonantal) ବ୍ୟଞ୍ଜନାତ୍ମକ / ଅବ୍ୟଞ୍ଜନାତ୍ମକ ବ୍ୟଞ୍ଜନ ଗୁଡିକ ସ୍ୱରତନ୍ତ୍ରୀୟ ନୁହଁନ୍ତି । ସ୍ୱରଉଚ୍ଚାରଣ ସମୟରେ ସ୍ୱର ତନ୍ତ୍ରୀରେ ସମୟେ ସମୟେ ତନ୍ତ୍ରୀ ଉଚ୍ଚ ଶକ୍ତି ସ-ନ୍ନ ଥିଲାବେଳେ ବ୍ୟଞ୍ଜନ ଉଚ୍ଚାରଣବେଳେ ନିମ୍ନ ଶକ୍ତି ସ-ନ୍ନ ଅଟନ୍ତି ।

୪. (Tense- Lox) ଦୃଢ ଓ ଶିଥିଳ । ଏହା (P) ଓ (b) ଏବଂ ହ୍ରସ୍ୱ ଓ ଦୀର୍ଘ ସ୍ୱର ଉଚ୍ଚାରଣରେ ଜଣାଯାଏ । ଦୃଢସ୍ୱର - ଦୀର୍ଘ ଏବଂ ଶକ୍ତ । ସେହିପରି ଦୃଢ ବ୍ୟଞ୍ଜନ ଓ ଦୀର୍ଘ ବ୍ୟଞ୍ଜନ ଅଧିକ ସ୍ପର୍ଶ ପରି ଉଚ୍ଚାରିତ ହୋଇଥାନ୍ତି ।

୫. (Voiced/ Voiceless) ସଘୋଷ ଓ ଅଘୋଷ । କାକଳ ଦେଇ ବାୟୁ ପ୍ରବାହିତ ହେଲାବେଳେ ସ୍ୱରତନ୍ତ୍ରୀରେ କଂପନ ସୃଷ୍ଟି ହୋଇଥାଏ । ଏପରି ଧ୍ୱନିକୁ ସଘୋଷ ଧ୍ୱନି କୁହାଯାଏ । ମାତ୍ର ଅଘୋଷ ଧ୍ୱନି ଉତ୍ପନ୍ନରେ ଏପରି କାର୍ଯ୍ୟ ଦେଖାଯାଏ ନାହିଁ । କାକଳ କାର୍ଯ୍ୟ କଲାବେଳେ ଗୁଣୁ ଗୁଣୁ ବା ଘୁ ଘୁ ଧ୍ୱନି ବା ଧ୍ୱନି ଗ୍ରାମ ସୃଷ୍ଟି ହୁଏ । କାରଣ ଏହା କାକଳ ପ୍ରଦେଶରେ ସୃଷ୍ଟିହୁଏ ।

୬. (Stride/Mellow)କର୍କଶ ଓ ମଧୁର । ଧ୍ୱନିର ଅନିୟମିତ ପ୍ରବାହକୁ (Noisy/frucative) ରୁକ୍ଷ ବା କର୍କଶ ଧ୍ୱନି କୁହାଯାଏ । ଶୈତ (Accustic law)ନିୟମରେ ଏହା ଉଚ୍ଚତାନ ଓ ତୀବ୍ର ; ମାତ୍ର ଏହା ଯେତେବେଳେ ନିମ୍ନଗତିରେ ପ୍ରବାହିତ ହୁଏ ସେତେବେଳେ ଏହାକୁ Lower intensity ବୋଲି କୁହାଯାଏ ।

୭. (Grave / Acute ) ଗମ୍ଭୀର ଓ ତୀବ୍ର । ବାୟୁର ଉଚ୍ଚ ଓ ନିମ୍ନ ପ୍ରବାହରେ ଧ୍ୱନିର ଗତିକୁ ଗମ୍ଭୀର ଓ ତୀବ୍ର ଭାବରେ ନାମିତ କରାଯାଇପାରେ । ଯେଉଁଥିରେ (U) and (O) ଏବଂ (i) & (E) ଉଚ୍ଚାରିତ ହୋଇଥାନ୍ତି ।

୮. (Nasal/Oral) ନାସିକ୍ୟ ଓ ମୌଖୀୟ - ନାସାରନ୍ଧ୍ର ମୁଖରନ୍ଧ୍ରକୁ ଧ୍ୱନି ଉତ୍ପନ୍ନରେ ସାହାଯ୍ୟ କରେ । ପ୍ରତିଧ୍ୱନିକାରୀ ଭାବରେ ଏଠାରେ (m) (n) (y) ମ,ନ,ଙ, ଧ୍ୱନିର ଉଚ୍ଚାରଣ ହୋଇଥାଏ ।

୯. (Continuous/ discontinuous)ବିଚ୍ଛିନ୍ନ ଓ ଅବିଚ୍ଛିନ୍ନ - ଉଚ୍ଚାରଣ ସମୟରେ ଦ୍ରୁତ ବା ଧୀର ଗତିରେ ସ୍ୱରତନ୍ତ୍ରୀରେ ବାୟୁ ପ୍ରବାହିତ ହୋଲାବେଳେ ସ୍ୱରଯନ୍ତ୍ର ଦ୍ୱାରା ଉନ୍ମୁକ୍ତ ଅଥବା ଆବଦ୍ଧ ତାହା ସ୍ପର୍ଶ ଧ୍ୱନି ଓ ଅବିଚ୍ଛିନ୍ନ ଧ୍ୱନି ମଧ୍ୟରେ ପାର୍ଥକ୍ୟ ଆଣିଥାଏ । Flap ଉତ୍କ୍ଷିପ୍ତ ଓ pill /r/R କୁ ବିଚ୍ଛିନ୍ନ ଧ୍ୱନିଭାବରେ ଗଣାଯାଏ ; ଯାହାକି ତାଲବ୍ୟ 'ଲ' (L)ମଧ୍ୟରେ ପାର୍ଥକ୍ୟ ଆଣିଥାଏ ।

୧୦. (Checkedand and Uncheked)ବିରତ ଓ ଅବିରତ- ଏହି ପ୍ରକ୍ରିୟା ହେଉଛି ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ଶକ୍ତିର ପ୍ରୟୋଗ ଅର୍ଥାତ୍ ସମୟ ବୈଷମ୍ୟ ହେତୁ ସ୍ୱଳ୍ପଶକ୍ତି ପ୍ରୟୋଗରେ ଦୀର୍ଘ ବିରତି । କାକଲ୍ୟ ଓ ଅକାକଲ୍ୟ ଧ୍ୱନି ମଧ୍ୟରେ ଏହି ପାର୍ଥକ୍ୟ ଲକ୍ଷ୍ୟ କରାଯାଏ ।

୧୧. (Flat/ Plain) ମୁଖ ଗହ୍ୱରର ଅଗ୍ରହେଉ ବା ପଶ୍ଚହେଉ ଯେଉଁ ଧ୍ୱନି ଉଚ୍ଚାରଣ କଲାବେଳେ ପ୍ରତିସ୍ୱନ କ୍ରମେ କ୍ରମେ ବିସ୍ତାରିତ ହୋଇଯାଏ ସେତେବେଳେ Flat ଧ୍ୱନି ଶୁଣାଯାଏ । ଯେତେବେଳେ Resomater ବା ପ୍ରତିଧ୍ୱନି ଉତ୍ପାଦକ ସଂକୀର୍ଣ୍ଣ ହୋଇଯାଏ ତାହା Plain sound ଶୁଣାଯାଏ ।

୧୨. (Sharp and Plain) ତାଲବ୍ୟୀ ଭବନ ପ୍ରକ୍ରିୟାରେ ତୀକ୍ଷ୍ଣ ଧ୍ୱନି ଶୁଣାଯାଏ । ପୁଣି ଯେତେବେଳେ ଏହା ଉପରକୁ ଉଠେ ଏବଂ ତାଲବ୍ୟୀ ଭବନ ଶୃଙ୍ଖଳିତ ହୋଇଯାଏ ,ପ୍ରତିଧ୍ୱନ୍ୟାତ୍ମକ ବିଭାଗ ବଦଳି ଯାଏ । ସେତେବେଳେ Plain ଧ୍ୱନି ଶୁଣାଯାଏ ।

# ଫୋନୀମ୍‌ର ବୈଶିଷ୍ଟ୍ୟ

୧. 'Phoneme ' ଫୋନୀମ୍ କୌଣସି ଐକିକ ବସ୍ତୁନୁହେଁ, ଏହାଏକ ବଂଶ ବା ଶ୍ରେଣୀ । ଉଦାହରଣ ସ୍ୱରୂପ ଓ 'ପ' ଫୋନୀମ୍ |P| କହିଲେ ଆମକୁ |ପ | କିମ୍ବା |P| ବଂଶ ବୋଲି ବୁଝିବାକୁ ହେବ । ଏହି ବଂଶର (ପ) ବା (ପା) ଜଣେ ଜଣେ ସଦସ୍ୟ । ଏହି ସଦସ୍ୟଙ୍କୁ Allophone ବା ସଂସ୍ୱନ ବା ସଂଧ୍ୱନି ବୋଲି କୁହାଯାଏ ।

୨. ଏକ ଫୋନୀମ୍ ବା ଧ୍ୱନିଗ୍ରାମର ଏକ କିମ୍ବା ଏକାଧିକ ସଂସ୍ୱନ ବା ସଂଧ୍ୱନି ଥାଇ ପାରନ୍ତି । ଏମାନଙ୍କୁ ଜାଣିବାକୁ ହେଲେ ଧ୍ୱନିଗ୍ରାମକୁ ଖଣ୍ଡଖଣ୍ଡ କରିବାକୁ ହେବ । ଏହାକୁ Segmental ବା ଖଣ୍ଡିତ,ଧ୍ୱନିଗ୍ରାମ କୁହାଯାଏ । ଉଦାହରଣ ସ୍ୱରୂପ (P)୧(P)୨(P)୩(P)୪ ପ୍ରଭୃତି । ଇଂରାଜୀର (P)ର (Ph) ଏକ ଆଲୋଫୋନ ବା ସଂଧ୍ୱନି ; ମାତ୍ର ଓଡିଶାର (ଫ) ଏକ ସ୍ୱତନ୍ତ୍ର ଧ୍ୱନିଗ୍ରାମ ।ଏକ ସଦସ୍ୟ ଫୋନୀମ୍‌କୁ କେହିକେହି ମନୋଫୋନ୍ ବୋଲି କହିଥାନ୍ତି ।

୩. ଆଲୋଫେନ୍ ବା ସଂଧ୍ୱନିର ଦୁଇଶବ୍ଦ ମଧ୍ୟରେ ଅର୍ଥଭେଦ ଦେଖାଇବାର ଶକ୍ତି ନାହିଁ ଯେପରି ଓଡିଆ ପ୧, ପ୨, ପ୩, ପ୪ ର ସ୍ଥାନ ପରିବର୍ତ୍ତନୀରେ କୌଣସି ଅର୍ଥଭେଦ ଦେଖାଯାଏ ନାହିଁ ; ମାତ୍ର ଫୋନୀମ୍ ସାହାଯ୍ୟର ଦୁଇଶବ୍ଦ ମଧ୍ୟରେ ଅର୍ଥଭେଦ ଦେଖାଯାଏ । ଯଥା- (କାନ) (ପାନ) (କ) ସ୍ଥାନରେ (ପ) ପରିବର୍ତ୍ତନରେ ଅର୍ଥ ପରିବର୍ତ୍ତନ ଦେଖାଯାଏ । ଇଂରାଜୀରେ (K & T) (b&t) (K) ଓ (b) ର ଭେଦ ।

୪. ଫୋନୀମ୍ ବୋଲି କୌଣସି ସାର୍ବଜନୀନ ବସ୍ତୁ ନାହିଁ ଅର୍ଥାତ୍ (ପ) ବା (P) ଫୋନୀମ୍ କହିଲେ କୌଣସି ଭାଷା ନିରପେକ୍ଷ ବସ୍ତୁ ନୁହେଁ । କୌଣସି କୌଣସି ଭାଷାକୁ ନେଇ ଫୋନୀମ୍ ର ଆଲୋଚନା କରାଯାଇପାରେ ଯଥା- ଇଂରାଜୀ (P) ଫରାସୀ (P) କିମ୍ବା ଓଡିଆ (ପ) ଫୋନୀମ୍ ବିଚାର କରିପାରୁ । ଅନ୍ୟଅର୍ଥରେ କହିଲେ କୌଣସି ଭାଷାର ଫୋନୀମ୍ ସେହିଭାଷାର ଅଭିବ୍ୟକ୍ତି ପଦ୍ଧତି (Expression system) ର ଏକ ସାର୍ଥକ କ୍ଷୁଦ୍ରତମ ଅବିଭାଜ୍ୟ ବିଭାଗ ।

୫. କୌଣସି ଭାଷାର Phoneme କେବଳ ସେହି ଭାଷା ସହିତ ସଂପୃକ୍ତ । କାରଣ ପ୍ରତ୍ୟେକ ଭାଷାରେ ପ୍ରତ୍ୟକ ଫୋନୀମ୍‌ର ଏକ ସ୍ୱତନ୍ତ୍ର ବଂଶ ପରଂପରା ସଂପର୍କ ରହିଛି । ତେଣୁ ଗୋଟିକୁ ଅନ୍ୟସହିତ ସମାନ କରିବା ପ୍ରମାଦପୂର୍ଣ୍ଣ ।

ଶେଷରେ ଏ ସଂପର୍କରେ ଏତିକି କୁହାଯାଇ ପାରେ ଯେ Phonetics ଯେଉଁ ଧ୍ୱନି ସଂଗ୍ରହକରେ Phonemics ତାହାର ବିଶ୍ଳେଷଣ କରି ସାର୍ଥକ ଧ୍ୱନିମାନଙ୍କର ଆବିଷ୍କାର କରିଥାଏ । Phonetics ରୁ ସଂଗୃହୀତ ଧ୍ୱନି ଯଦି ଅଶୁଦ୍ଧ ହୁଏ ତେବେ Phonetics ର ଧ୍ୱନି ସିଦ୍ଧାନ୍ତ ମଧ୍ୟ ଅଶୁଦ୍ଧ ଓ ନିରର୍ଥକ ହୁଏ । (B. Block and G.L. Dager)

Phoneme ଧ୍ୱନୀମ ବା ଧ୍ୱନିଗ୍ରାମର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ସଂପର୍କରେ କିଛି ଅବହିତ ପରେ ସ୍ପଷ୍ଟ ହୋଇଗଲା ଯେ ଓଡିଆ ଭାଷାର Phoneme ବା ଧ୍ୱନିଗ୍ରାମ କେବଳ ଓଡିଆ ଭାଷା ସହିତ ସଂପୃକ୍ତ । ଅନ୍ୟ ଭାଷାର ଫୋନୀମ୍ ସହିତ ଏହାର ସାମ୍ୟ ଓ ବୈଷମ୍ୟ ତୁଳନା କରିବା ନିରର୍ଥକ । ଅନ୍ୟ ଭାଷାପରି ଓଡିଆ ଭାଷାର ଧ୍ୱନିଗ୍ରାମ Phoneme କୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

୧. ଧ୍ୱନି ବିଜ୍ଞାନରେ ଭାଷଣ ପ୍ରବାହକୁ ବିଭିନ୍ନ Unit (ଏକକ) ବିଭକ୍ତ କରାଯାଏ । ଏହି ଏକକ ଗୁଡିକୁ Phones କୁହାଯାଏ ।

୨. ବାକ୍ୟରେ ଥିବା ବିଭିନ୍ନ Unit ଗୁଡିକ ମଧ୍ୟରୁ ଯେ ପ୍ରଧାନ ବା Significant Unit ଏବଂ ଯାହାର ପରିବର୍ତ୍ତନରେ ଅର୍ଥ ପରିବର୍ତ୍ତିତ ହୋଇଯାଏ ତାକୁ Phoneme ଧ୍ୱନିଗ୍ରାମ ବା ଧ୍ୱନୀମ କହନ୍ତି । ଏହା ମଧ୍ୟ ଧ୍ୱନୀମଖଣ୍ଡ ବା Segmental Phoneme ଭାବରେ କଥିତ । ଏଥିରେ ବ୍ୟଞ୍ଜନ ଓ ସ୍ୱରଧ୍ୱନି ଏବଂ ସେମାନଙ୍କର Allophones (ସଂସ୍ୱନ ବା ସଂଧ୍ୱନି) ଅନ୍ତର୍ଭୁକ୍ତ ।

୩. ଏହା ବ୍ୟତୀତ ଭାଷଣ ପ୍ରକ୍ରିୟାରେ ପରିଲକ୍ଷିତ । ଦୀର୍ଘତା, ବଳାଘାତ, ସ୍ୱର ଲହର ଓ ନାସିକ୍ୟୀଭବନ ଆଦିରେ ଏକ ସୂକ୍ଷ୍ମ ବିଭାଜନ ଏକକ ଲକ୍ଷ୍ୟ କରାଯାଏ । ଅବଶ୍ୟ ସବୁ ଭାଷାରେ ନୁହେଁ କେତେକ ଭାଷାରେ । ଏହି ସୁକ୍ଷ୍ମ ବିଭାଜନ ପ୍ରକ୍ରିୟାକୁ ଖଣ୍ଡେତର ଧ୍ୱନିଗ୍ରାମ ବା Supra segmental Phoneme କହନ୍ତି ।

Phoneme ଧ୍ୱନିଗ୍ରାମ ବିଶ୍ଳେଷଣ ପ୍ରକ୍ରିୟାରେ significant unit ଓ non-significant unit ର କାର୍ଯ୍ୟ ଅତି ଗୁରୁତ୍ୱ ପୂର୍ଣ୍ଣ । ଭାଷା ବିନିମୟ ପ୍ରକ୍ରିୟାରେ ଯଦି ପ୍ରଧାନ ଏକକ (Significant unit)କୁ ମିଶାଇ ଦିଆଯାଏ ତାହେଲେ ସବୁ ବିଭ୍ରାଟ ଘଟିପାରେ ; ମାତ୍ର ଯଦି ଅପ୍ରଧାନ ଏକକ (Non-significant Unit)କୁ ମିଶାଯାଏ ତାହେଲେ କାନକୁ ଅତୁଆ ଶୁଣାଗଲେ ମଧ୍ୟ ଅର୍ଥରେ କୌଣସି ପରିବର୍ତ୍ତନ ଦେଖାଯାଏ ନାହିଁ । ଯଦି ଅର୍ଥ ପରିବର୍ତ୍ତନ ନହୁଏ ତାହେଲେ ବିରୋଧଭାବ (Contrast) ଘଟିବନାହିଁ ।ଏହାକୁ ଧ୍ୱନିଗ୍ରାମର ପରିପୂରକ ବଣ୍ଟନ (Complementary distribution) କହନ୍ତି । (If there is no change in meaning, there is no contrast, the sound units are in complementary distribution). ଯେତେବେଳେ ଧ୍ୱନ୍ୟାତ୍ମକ ପ୍ରକୃତି ବିଶିଷ୍ଟ ଧ୍ୱନିମ ପଞ୍ଜ (Cluster)ବିଭିନ୍ନ ସ୍ଥାନରେ ବ୍ୟବହୃତ ହେଲାବେଳେ କୌଣସି ଅଂଶକୁ ଅଧିକାର କରେନାହିଁ ଏହାକୁ ପରିପୂରକ ବଣ୍ଟନ ପ୍ରକ୍ରିୟା କହନ୍ତି । ହିନ୍ଦୀ ଓ ଓଡିଆରେ (ପ),(ଫ) ବିରୋଧାତ୍ମକ ; ମାତ୍ର ଇଂରାଜୀରେ ଏହା Contrast ନୁହେଁ (Ph) (P) ପରିପୂରକ ବଣ୍ଟନ । (Ph) ଦେଖାଦିଏ ବଳାଘାତ ଅବସ୍ଥାରେ (P) ସାଧାରଣ ଭାବରେ । (Ph)ଓ (P) (P) ଫୋନୀମର Allophone ବା ସଦସ୍ୟ ; ମାତ୍ର ପ ଓ ଫ ହିନ୍ଦୀ ଓ ଓଡିଆରେ ସ୍ୱତନ୍ତ୍ର ଧ୍ୱନିଗ୍ରାମ ।

ପ୍ରକୃତରେ କହିବାକୁ ଗଲେ ଫୋନୀମ୍‌ର ସାର୍ବଜନୀନ ଅର୍ଥ ନାହିଁ । According to N.Krishna Swamy "A Phoneme is meaningless, it is an abstruction, a phoneme is a phoneme only in a particular language, there are no universal phoneme".

ଯଦି ଗୋଟିଏ ଫୋନୀମ୍‌ର ଗୋଟିଏ 'Allophone' ବା ସଂସ୍ୱନ ପରିବର୍ତ୍ତେ ଅନ୍ୟ ଏକ 'Allophone' ବ୍ୟବହାର କରାଯାଏ ତାହେଲେ ଏହା କାନକୁ ଅତୁଆ ଶୁଣାଯାଏ । ଏହା ଦ୍ୱାରା ସ୍ୱଳ୍ପତମ ଯୁଗ୍ମପଦ (minimal pair) ର ଅର୍ଥ ପରିବର୍ତ୍ତନ ହୁଏ ନାହିଁ । ଏହି ପ୍ରକ୍ରିୟାକୁ Freevariation ବା ମୁକ୍ତ ବିଭେଦ କହନ୍ତି । ଏହି ଦୃଷ୍ଟିରୁ କୁହାଯାଇଛି ଫୋନୀମ ହେଉଛି ଏକ ଧ୍ୱନି ପୁଞ୍ଜ ଏବଂ ଧ୍ୱନ୍ୟାତ୍ମକ ଦୃଷ୍ଟିରୁ ଏଗୁଡିକ ଏକ ପ୍ରକାର । ତେଣୁ ପରିପୂରକ ବଣ୍ଟନ ପ୍ରକ୍ରିୟା ହେଉ ବା ମୁକ୍ତ ବିଭେଦ ହେଉ ଏଗୁଡିକର ସାମ୍ୟ ଲକ୍ଷ୍ୟ କରାଯାଏ । ଏହି ସଂଜ୍ଞାରୁ ଜଣାଯାଏ ଯେ ଧ୍ୱନିଗ୍ରାମୀୟ ମୁକ୍ତ ବିଭେଦ କେବେ ସମ୍ଭବ ନୁହେଁ କାରଣ ଏହା ଅର୍ଥ ପରିବର୍ତ୍ତନ କରିଥାଏ ; କେବଳ ସଂସ୍ୱନୀୟ (Allophonic) ମୁକ୍ତବିଭେଦ ସମ୍ଭବ ହୋଇଥାଏ ।

Phoneme ବା ଧ୍ୱନିଗ୍ରାମ ସଂପର୍କରରେ କିଛି ଆଲୋଚନା କଲାପରେ ବର୍ତ୍ତମାନ ଦେଖାଯାଉ ଯେ ଓଡିଆ ଭାଷାରେ ବ୍ୟବହୃତ Phoneme ଗୁଡିକର ସଂଖ୍ୟା, ସ୍ୱରୂପ ଓ ବୈଚିତ୍ର୍ୟ କିପରି ରହିଛି ।

ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣ ଦୃଷ୍ଟିରୁ ବିଚାର କଲେ କଥିତ ଓଡିଆ ଭାଷାରେ ବ୍ୟବହୃତ ୬ଟି ସ୍ୱର ଧ୍ୱନି ଅ,ଆ, ଇ, ଉ, ଏ, ଓ ୬ଟି ଧ୍ୱନୀମ । ଏହାକୁ ଅଗ୍ର ଓ ପଶ୍ଚାତ୍ ଭାବରେ ଧ୍ୱନି ଲିପିରେ ସଜାଇ ଲେଖିଲେ i, e, a,u,o, ।

ସେହିପରି ବ୍ୟଞ୍ଜନ ଗୁଡିକର ସଂଖ୍ୟା ୩୧ ଟି ।

| | | | | | | | | | |
|---|---|---|---|---|---|---|---|---|---|
| ପ | p | ତ | t | ଟ | t | ଚ | c | କ | k |
| ଫ | Ph | ଥ | th | ଠ | th | ଛ | ch | ଖ | kh |
| ବ | b | ଦ | d | ଡ | d | ଜ | j | ଗ | g |
| ଭ | bh | ଧ | dh | ଢ | dh | ଝ | jh | ଘ | gh |
| ମ | m | ସ | s | ଣ | n | ୟ | y | ହ | h |
| ୱ | w | ନ | n | ଳ | ! | | | ଙ | y |
| | | ଲ | l | | | | | | |
| | | ର | r | | | | | | |

ଏତଦ୍ ଭିନ୍ନ ଡ ଓ ଢ ବର୍ଗୀୟ ଫୋନୀମ୍‌ର ସଂସ୍ୱନ ବା alliphone ଭାବରେ ଡ- r ଓ ଢ- rh ବ୍ୟବହୃତ ହୋଇଥାନ୍ତି । ତେବେ ମୋଟ ଧ୍ୱନୀମ ସଂଖ୍ୟା ୬ + ୩୧ = ୩୭

ସ୍ୱର ଓ ବ୍ୟଞ୍ଜନ ଧ୍ୱନିଗ୍ରାମ ବ୍ୟତୀତ ନାସିକ୍ୟୀକୃତ (nationalised)ଧ୍ୱନି ଗୁଡିକର ସୁକ୍ଷ୍ମ ବିଭବ ପାଇଁ ସେଗୁଡିକୁ ଖଣ୍ଡେତର ଧ୍ୱନିଗ୍ରାମ ଭାବରେ ନିଆଯାଏ (Supra Segmental Phoneme) ଅନ୍ୟଭାଷାରେ ଦୀର୍ଘତା, ବଳାଘାତ ଓ ସ୍ୱରଲହର ଆରୋପଣ ଯୋଗୁଁ ଅର୍ଥଗତ ପରିବର୍ତ୍ତନ ଦେଖାଯାଉଥିବାରୁ ସେଗୁଡିକୁ ମଧ୍ୟ ଖଣ୍ଡେତର ଧ୍ୱନିଗ୍ରାମ ଭାବରେ ଗଣାଯାଇଥାଏ । ମାତ୍ର ଓଡିଆରେ ଏପରି ଆରୋପଣରେ ଅର୍ଥଗତ ବିଶେଷ ପରିବର୍ତ୍ତନ ନଥିବାରୁ କେବଳ ନାସିକ୍ୟୀକୃତ ଧ୍ୱନିଗୁଡିକୁ ଖଣ୍ଡେତର ଧ୍ୱନିଗ୍ରାମଭାବରେ ଗଣାଯାଏ ।

## ଧ୍ୱନିଗ୍ରାମର ବର୍ଣ୍ଣନା ଓ ବଣ୍ଟନ ପ୍ରକ୍ରିୟା

**ସ୍ୱରଧ୍ୱନି -** ଏଥିରେ Allophone ବା ସଂସ୍ୱର ଜରିଆରେ ସ୍ୱର ଧ୍ୱନିଗ୍ରାମ ଗୁଡିକର ବଣ୍ଟନ ଓ ବର୍ଣ୍ଣନ ପ୍ରକ୍ରିୟା ଉଲ୍ଲେଖ କରାଯାଇଛି ।

୧. |!| **-** (ଇ)- ଅଗ୍ର ଉଦାତ୍ତ ଅଗୋଲାକୃତ ସ୍ୱରଧ୍ୱନି ଗ୍ରାମ ।

ଇତି (iti)

ରାତି (rati)

କାଳି (kali)

୨. |e| **-** (ଏ) - ମଧ୍ୟ ଉଦାତ୍ତ ଅଗ୍ର ଅଗୋଲାକୃତ ସ୍ୱରଧ୍ୱନି ଗ୍ରାମ ।

ଏହା (eha)

ବେକ (beka)

ଖେଳ (Khela)

୩. |a| **-** (ଆ) - ନିମ୍ନ କେନ୍ଦ୍ରୀୟ ସ୍ୱରଧ୍ୱନି ଗ୍ରାମ ।

ଆସ - (as)

ହାତୀ -(hati)

ଘୋଡା - (ghora)

୪. |u| -(ଉ) - ପଶ୍ଚ ଉଦାତ୍ତ ଗୋଲାକୃତ ସ୍ୱର ଧ୍ୱନିଗ୍ରାମ ।

ଉଠ (utha)

କୂଳ -(kul)

କାଉ -(kau)

୫. |o| (ଓ)ପଶ୍ଚ ମଧ୍ୟମ ଉଦାତ୍ତ ଗୋଲାକୃତ ସ୍ୱରଧ୍ୱନିଗ୍ରାମ ।

ଓଠ - (oth)

ଡୋର -(dor)

୬. |a| (ଅ)ପଶ୍ଚ ନିମ୍ନ ଗୋଲାକୃତ ସ୍ୱର ଧ୍ୱନିଗ୍ରାମ ।

ଦେଖ (dekh)

ଅନେକ (cnek)

Constonant ବା ବ୍ୟଞ୍ଜନ ଧ୍ୱନିଗ୍ରାମ

୧. |p| (ପ) ଅଘୋଷ ଅଳ୍ପପ୍ରାଣ ଦ୍ୱୋଷ୍ଠ୍ୟସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।
ପର (p ra)
କପା (K pa)
ପୂର୍ବ (purb)

୨. |t| (ତ) ଅଘୋଷ ଅଳ୍ପପ୍ରାଣ ଦନ୍ତ୍ୟସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।
ତାଳ (tal)
ଛାତ (chat)
ହାତ (hat)

୩. |t| (ଟ) ଅଘୋଷ ଅଳ୍ପପ୍ରାଣ ମୂର୍ଦ୍ଧନ୍ୟସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।
ଟିଣ (tin)
ଟେକା (teka)
କଟୁ (k tu)

୪. |c| (ଚ) ଅଘୋଷ ଅଳ୍ପପ୍ରାଣ ତାଲବ୍ୟ ସ୍ପର୍ଶ ସଂଘର୍ଷ ବ୍ୟଞ୍ଜନ ଧ୍ୱନିଗ୍ରାମ ।
ଚଣା (c na)
ଚିନି (cini)
ପଚା (p ra)

୫. |k| (କ) - ଅଘୋଷ ଅଳ୍ପପ୍ରାଣ କଣ୍ଠ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।
କାଉ (kau)
ଚକ (C ka)
କୂଅ (ku)

୬. |b| (ବ) - ସଘୋଷ ଅଳ୍ପପ୍ରାଣ ଦ୍ୱୋଷ୍ଠ୍ୟସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।
ବାପା- (bapa)
ବୀର - (bir)
ବାବୁ - (babu)

୭. |d| (ଦ) - ସଘୋଷ ଅଳ୍ପପ୍ରାଣ ଦନ୍ତ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।
ଦିନ (din)
ଦୂର (dur)
ବିନୋଦ (binod)

୮. |d| (ଡ) ସଘୋଷ ଅଳ୍ପପ୍ରାଣ ମୂର୍ଦ୍ଧନ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।
ଏହାର Allophone (ଡ଼) (r)
ଡର (d r)
ବିଡ଼ା (bira)
ରଡ଼ି (r ri)

୯.	|j|	(ଜ) ସଘୋଷ ଅଳ୍ପପ୍ରାଣ ତାଲବ୍ୟ ସ୍ପର୍ଶ ସଂଘର୍ଷୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଜର (j r)

ବାଜା (baja)

କାଜୁ (kaju)

୧୦.	|g|	(ଗ) ସଘୋଷ ଅଳ୍ପପ୍ରାଣ କଣ୍ଠ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଗଜା (g ja)

ଦାଗି (dagi)

ସାଗୁ (sagu)

୧୧.	|ph|	(ଫ) ଅଘୋଷ ମହାପ୍ରାଣ ଦ୍ୱୋଷ୍ଠ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଫକୀର (ph kir)

ସଫା (s pha)

ଫିକା (phika)

୧୨.	|th|	(ଥ) ଅଘୋଷ ମହାପ୍ରାଣ ଦନ୍ତ୍ୟସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଥକା (th ka)

ସାଥୀ (sathi)

ରଥ (r th)

୧୩.	|th|	(ଠ) ଅଘୋଷ ମହାପ୍ରାଣ ମୂର୍ଦ୍ଧନ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଠକ (th k)

କାଠି (kathi)

ମିଠା (mitha)

୧୪.	|ch|,	(ଛ) ଅଘୋଷ ମହାପ୍ରାଣ ତାଲବ୍ୟ ସ୍ପର୍ଶ ସଂଘର୍ଷୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଛତା (ch ta)

ମାଛି (machi)

ଛୋଟ (chot)

୧୫.	|kh|	(ଖ) ଅଘୋଷ ମହାପ୍ରାଣ କଣ୍ଠସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଖାର (khar)

ଖୁଆ (khua)

ଖୋପ (khop)

୧୬.	|bh|,	(ଭ) ସଘୋଷ ମହାପ୍ରାଣ ଦ୍ୱୋଷ୍ଠ୍ୟସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଭିକ (bhik)

ଶୁଭ (subh)

ପ୍ରଭୁ (pr bhu)

୧୭. |dh|, (ଧ) ସଘୋଷ ମହାପ୍ରାଣ ଦନ୍ତ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଧର (dh r)

ଗଧିଆ (g dhia)

ସାଧୁ (sadhu)

୧୮. |dh| (ଢ) ସଘୋଷ ମହାପ୍ରାଣ ମୂର୍ଦ୍ଧନ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଢୋଲ (dhol)

ବୁଢା (burha)

ବଢି (b rhi)

୧୯. |jh| (ଝ) ସଘୋଷ ମହାପ୍ରାଣ ତାଲବ୍ୟ ସ୍ପର୍ଶ ସଂଘର୍ଷୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଝର (jh r)

ଓଝା (ojh)

ଝୋଳ (jhola)

୨୦. |gh| (ଘ) ସଘୋଷ ମହାପ୍ରାଣ କଣ୍ଠ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଘର (gh r)

ରଘୁ (r ghu)

ଘାସ (ghas)

୨୧. |S| (ସ) ସଘୋଷ ମହାପ୍ରାଣ ଦନ୍ତ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ହସ (h s)

ରସି (r si)

ବାସି (basi)

୨୨. |h| (ହ) ସଘୋଷ ମହାପ୍ରାଣ କାକଲ୍ୟ ସଂଘର୍ଷୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ହରି (h ri)

ଦହି (d hi)

ବୋହୁ (bohu)

୨୩. |m| (ମ) ସଘୋଷ ଦ୍ୱ୍ୟୋଷ୍ଠ୍ୟ ନାସିକ୍ୟ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ମଠ (m th)

ମାମୁ (mamu)

ଦାମ (dam)

୨୪. |n| (ନ) ସଘୋଷ ବର୍ତ୍ସ୍ୟ ନାସିକ୍ୟ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ନଖ (n kh)

କନା (k na)

ଚିନି (cini)

୨୫. |n| (ଣ) ସଘୋଷ ମୂର୍ଦ୍ଧନ୍ୟ ନାସିକ୍ୟ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ବାଣ (ban)

ଠଣା (th na)

କାଣି (kani)

୨୬. |n| (ଙ) ସଘୋଷ କଣ୍ଠ ନାସିକ୍ୟ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଏହା ସ୍ୱତନ୍ତ୍ର ଭାବରେ ଉଚ୍ଚାରିତ ନହୋଇ ତତ୍ ବର୍ଗୀୟ କ,ଖ, ଗ,ଘ ଫୋନୀମ୍ ସହିତ ଉଚ୍ଚାରିତ ହୋଇଥାଏ ଏବଂ ସେଗୁଡିକୁ ନାସିକ୍ୟୀକୃତ କରିଦିଏ ।

ରଙ୍ଗ (r ng)

ପଙ୍କ (p nk)

ଜଙ୍ଘ (j ngh)

୨୭. |w| (ବ) ସଘୋଷ କଣ୍ଠୋଷ୍ଠ୍ୟ ଅର୍ଦ୍ଧସ୍ୱର ଧ୍ୱନିଗ୍ରାମ ।

ଏହା ଅଖର ବର୍ଣ୍ଣସହିତ ଫଳା ('ବ' ଫଳା) ଭାବରେ ଉଚ୍ଚାରିତ ଯେପରି ପକ୍ୱ (କ୍ୱ) ଓଡିଆରେ ଏହା 'ୱ' ପରି ଉଚ୍ଚାରିତ ହେଲେହେଁ ବିଦେଶୀ ଭାଷାରେ ବ୍ୟବହୃତ ହୋଇଥାଏ ।

ୱାରଣ୍ଟ (wr nt)

ବେୱା (bewa)

୨୮. |y| (ୟ) ଏହା ଏକ ସଘୋଷ ତାଲବ୍ୟ ଅର୍ଦ୍ଧସ୍ୱର ଗ୍ରାମ । ଏହାର ଶବ୍ଦର ଆଦ୍ୟରେ ବ୍ୟବହାର ନାହିଁ । କେବଳ 'ୟାକୁ'ରେ ଅଛି ।

କାୟା (kaya)

ୟାକୁ (yaku)

୨୯. |L| (ଲ) ସଘୋଷ ମହାପ୍ରାଣ ଦନ୍ତ୍ୟ ସ୍ପର୍ଶୀ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ଲତା (l ta)

ଲୀଳା (lila)

ଲାଲ୍ (lal)

୩୦. | j| (ଳ) ସଘୋଷ ମୂର୍ଦ୍ଧନ୍ୟ ପାର୍ଶ୍ୱିକ ବ୍ୟଞ୍ଜନ ଧ୍ୱନିଗ୍ରାମ । ଏହା ଶବ୍ଦର ଆରମ୍ଭରେ ଉଚ୍ଚାରିତ ହୁଏ ନାହିଁ । ମଧ୍ୟରେ ଓ ଶେଷରେ 'ଳ' ଉଚ୍ଚାରିତ ହୁଏ ଏବଂ ଆରମ୍ଭରେ 'ଲ' ପରି ଉଚ୍ଚାରିତ ହୁଏ ।

ମାଳି (mali)

କାଳ (kali)

ଡୋଳା (dola)

୩୧. |r| (ର) ସଘୋଷ ବର୍ତ୍ସ୍ୟ ଲୋଡିତ ବ୍ୟଞ୍ଜନ ଧ୍ୱନିଗ୍ରାମ ।

ରବର (r b r)

ହରି (hari)

କର (k r)

|d| (ଡ) ଓ |dh| (ଢ)ର ସ୍ୱତନ୍ତ୍ର ସଂସ୍ୱନ Allophone ଭାବରେ ଯଥାକ୍ରମେ |r|ଓ |rh| କୁ ଚିହ୍ନିତ କରାଯାଇଛି । ଆରମ୍ଭରେ ଡ ଓ ଢ ମଧ୍ୟରେ ଓ ଶେଷରେ ଡ ଓ ଢ ପରି ଉଚ୍ଚାରିତ ହୁଅନ୍ତି । ଯେପରି (ବଡ)-|b r|, (କଢ)|k rh|

ମନେ ରଖିବାକୁ ହେବ ସମସ୍ତ ସ୍ୱରଧ୍ୱନି ନାସିକ୍ୟ ଧ୍ୱନି ଭାବରେ ଉଚ୍ଚାରିତ ହୋଇ ଧ୍ୱନିଗ୍ରାମରେ ଏକ ସୂକ୍ଷ୍ମ ବିଭାଜନ ଭାବରେ ବ୍ୟବହୃତ ହୋଇଥାନ୍ତି । ଯାହାକୁ Supra segmental phoneme କୁହାଯାଏ । ଯଥା – a, i, e, o, u ଅଁ, ଆଁ, ଇଁ , ଏଁ , ଓଁ , ଉଁ ।

ହଁ – |h`|

କାହିଁ – |kahi`|

ଗାଁ – |ga|

ସ୍ୱଳ୍ପ ଯୁଗ୍ମ ଏବଂ ଧ୍ୱନ୍ୟାତ୍ମକ ବିରୋଧ ଧ୍ୱନିଗ୍ରାମ (Minimal pairs and Phonemic contrast ) ଏହାଦ୍ୱାରା ଖଣ୍ଡିତ ଧ୍ୱନିଗ୍ରାମ (Segmental Phomeme ) ଓ ଖଣ୍ଡେତର ଧ୍ୱନିଗ୍ରାମ – (Supra Segmental Phoneme) ଜଣାପଡିଥାଏ ।

| | | | | | |
|---|---|---|---|---|---|
| ୧. | i | - | bil (ବିଲ) – | bel | - (ବେଲ) |
| ୨. | ia | - | bil (ନ) – | bal | - (ବାଲ) |
| ୩. | iu | - | bhija (ଭିଜା) – | bhuj | - (ଭୁଜ) |
| ୪. | io | - | bhik (ଭିକ) – | bhok | - (ଭୋକ) |
| ୫. | e | - | bel (ବେଲ) – | bol | - (ବୋଲ) |

(Supra segmental Phoneme)

ଖଣ୍ଡେତର ଧ୍ୱନିଗ୍ରାମ –

| | | | | |
|---|---|---|---|---|
| ୬. | [ga] - | ଗା – | [ga] - ଗାଁ | |
| | [na] - | ନା – | [na] - ନାଁ | |
| | [k s ]- | କସ – | [k s] - | କଂସ |
| | [paji]-ପାଜି –[paji] - ପାଞ୍ଜି | | | |

ନାସିକ୍ୟୀକୃତ ହେତୁ ଅର୍ଥ ପରିବର୍ତ୍ତନ ଯୋଗୁଁ ଏଗୁଡିକୁ । Supra segmental Phoneme କହନ୍ତି ।

ଓଡିଆ ଭାଷା ବ୍ୟତୀତ ଅନ୍ୟ ଭାଷାମାନଙ୍କରେ ଧ୍ୱନିରେ ବଳାଘାତ, ଦୀର୍ଘତା ଓ ସ୍ୱର ଲହରର ଆରୋପଣ ଯୋଗୁଁ ମଧ୍ୟ ଅର୍ଥ ପରିବର୍ତ୍ତନ ଘଟିଥାଏ । ବିଶେଷ କରି ଇଂରାଜୀ ଭାଷାରେ ବଳାଘତ ଓ ସ୍ୱର ଲହର ଯୋଗୁଁ ଅର୍ଥ ପରିବର୍ତ୍ତନକୁ Super segmental phoneme ବୋଲି ବିଚାର କରାଯାଏ । ମାତ୍ର ଓଡିଆ ଭାଷାରେ ଏପରି ଆରୋପଣରେ ଅର୍ଥ ପରିବର୍ତ୍ତନ ଦେଖାଯାଏ ନାହିଁ । ଅତଏବ ଓଡିଆ ଭାଷାର Supra Segmental ବା ଖଣ୍ଡେତର ଧ୍ୱନିଗ୍ରାମ କହିଲେ କେବଳ ନାସିକ୍ୟୀ ଭବନ ପ୍ରକ୍ରିୟାକୁ ହିଁ ବୁଝାଇଥାଏ ।

**କେତେକ ସମ୍ଭାବିତ ପ୍ରଶ୍ନ :-**

୧. ଓଡିଆ ଭାଷିକ ଧ୍ୱନିମାନଙ୍କର ଭାଷା ତାତ୍ତ୍ୱିକ ବିଶ୍ଳେଷଣ କର ।

ଅଥବା

Phoneme (ଧ୍ୱନିଗ୍ରାମ)ର ସଂଜ୍ଞା ଓ ସ୍ୱରୂପ ଦର୍ଶାଇ ଓଡିଆ Phoneme ମାନଙ୍କର ବର୍ଗୀକରଣ କର ।

୨. ଓଡିଆ ଭାଷିକ ବ୍ୟଞ୍ଜନ ଧ୍ୱନିମାନଙ୍କର ବର୍ଗୀକରଣ କରି ସେମାନଙ୍କର ଭାଷା ତାତ୍ତ୍ୱିକ ପରିଚୟଦିଅ ।

ଅଥବା

ଓଡିଆ ଭାଷାର ସ୍ୱର ଓ ବ୍ୟଞ୍ଜନ Phoneme (ଧ୍ୱନିଗ୍ରାମ)ର ପ୍ରାୟୋଗିକ ବିଶ୍ଳେଷଣ କର ।

## କ- ଇଣ୍ଡୋ ଇଉରୋପୀୟ ଭାଷା ପରିବାର, ଓଡିଆ ଭାଷାର ଉଦ୍ଭବ ଓ ବିକାଶ କ୍ରମ ।

ପୃଥିବୀରେ ଏକମାତ୍ର ପ୍ରାଣୀ ମନୁଷ୍ୟ ଯେକି ଭାଷା ବ୍ୟବହାର କରେ ଏବଂ ଭାଷା ମାଧ୍ୟମରେ ସେ ପାରିବାରିକ ଓ ସାମାଜିକ ସଂପର୍କ ସ୍ଥାପନ କରିଥାଏ । ମନୁଷ୍ୟ ଯେଉଁ ଗୋଷ୍ଠୀ ବା ପରିବାର ମଧ୍ୟରେ ଜନ୍ମଲାଭ କରି ଧୀରେ ଧୀରେ ବଡହୁଏ ସେହି ପରିବାର ବା ସମାଜରେ ବ୍ୟବହୃତ ଭାଷାକୁ ସେ ଅଭ୍ୟାସ କରି ଆୟତ୍ତ କରେ ଏବଂ ଏଥିସହିତ ସେ ଶିକ୍ଷା ଅର୍ଜନ କଲାବେଳେ ଅନ୍ୟ କେତେକ ଭାଷାକୁ ମଧ୍ୟ ଆୟତ୍ତ କରେ । ଆମେ ଭାଷା ସଂପର୍କରେ ଆସିଲାବେଳେ ମନୁଷ୍ୟ ମନରେ ଭାଷାଗତ ସାମ୍ୟ ଓ ବୈଷମ୍ୟର ପ୍ରଶ୍ନ ଉଠିଥାଏ । ଭାଷାଗତ କିଛି ସାମ୍ୟଥିଲେ ଗୋଟିଏ ଭାଷା ସହିତ ଅନ୍ୟ ଭାଷାର ସଂପର୍କ ଥିବାର ଲକ୍ଷ୍ୟ କରାଯାଏ, ଯେପରି ସଂସ୍କୃତ ଭାଷାରୁ ଓଡିଆ, ବଙ୍ଗଳା, ଆସାମୀ ପରି ଆଞ୍ଚଳିକ ଭାଷା ସୃଷ୍ଟିଲାଭ କରି କ୍ରମେକ୍ରମେ ବିକାଶ ଲାଭ କରିଛି । ସଂସ୍କୃତ ଶବ୍ଦ ହେଲା 'ସଭା', ଓଡିଆରେ ସଭା, ଅସମିୟାରେ 'ହଭା' ବଙ୍ଗଳାରେ ସେହି 'ସଭା' । ଅନ୍ୟ ଏକ ସଂସ୍କୃତ ଶବ୍ଦ 'ଶତାୟୁ' । ବଙ୍ଗଳାରେ 'ଶତାୟୁ', ଓଡିଆରେ 'ଶତାୟୁ', ମାତ୍ର ଆସମୀୟାରେ 'ହତାୟୁ' । ସଂସ୍କୃତ 'ସ' ଧ୍ୱନି ଓଡିଆ ବଙ୍ଗଳାରେ 'ସ' ଥିଲାବେଳେ ଅସମୀୟାରେ 'ହ'ରେ ପରିଣତ ହୋଇଛି ।

କେବଳ ଭାରତୀୟ ଭାଷା ମାନଙ୍କ କ୍ଷେତ୍ରରେ ନୁହେଁ ପୃଥିବୀର ବିଭିନ୍ନ ଭାଷା ଗୋଷ୍ଠୀ ମଧ୍ୟରେ କିଛି ନା କିଛି ସଂପର୍କ ବିଦ୍ୟମାନ । ଗତ ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଭାଷାବିତ୍‌ମାନେ ଭାଷାମାନଙ୍କର ପାରିବାରିକ ଓ ଉତ୍ପତ୍ତିମୂଳକବିଭାଗୀ କରଣ ସଂପର୍କରେ ଆଲୋଚନା ଆରମ୍ଭ କଲେ । ଏହାକୁ ଭାଷାର Diachronic study ବା ଐତିହାସିକ ଅଧ୍ୟୟନ କୁହାଗଲା । ଏହି ପଦ୍ଧତିରେ ଭାଷାମାନଙ୍କୁ ବିଭିନ୍ନ ଶାଖାରେ ବିଭକ୍ତ କରାଯାଇ ସେମାନଙ୍କର ପରିବର୍ତ୍ତନର ଧାରାକୁ ଦେଖାଇ ଦିଆଯାଇପାରେ । କାଳକ୍ରମେ ଗୋଟିଏ ଭାଷା ବିଭିନ୍ନ ସ୍ତର ଦେଇ କିପରି ଏକ ଭାଷାରେ ପରିଣତ ହୋଇ ଅନ୍ୟ ଭାଷାକୁ ପ୍ରଭାବିତ କରିଛି ତାହାମଧ୍ୟ ସ୍ଥିର କରାଯାଇପାରେ । ବର୍ତ୍ତମାନ ପ୍ରଚଳିତ ପୃଥିବୀର ଯେକୌଣସି ଭାଷାର ବିଶ୍ଳେଷଣ ଐତିହାସିକ ପଦ୍ଧତିର କରାଯାଇ ତାହାର ପ୍ରଥମ ରୂପ କ'ଣଥିଲା ଜାଣିବା ଅସମ୍ଭବ କଥା ନୁହେଁ । ଅଷ୍ଟାଦଶ ଶତାବ୍ଦୀର ୨ୟାର୍ଦ୍ଧରେ ଅର୍ଥାତ୍ ୧୭୮୬ ମସିହାରେ ସାର୍ ଉଇଲିୟମ୍ ଜୋନସ୍ (Sir William Jones) ସଂସ୍କୃତ ଓ ଭାଷାର ଅଧ୍ୟୟନକରି ଯେତେବେଳେ ଇଉରୋପରେ ସେହି ଭାଷାର ପ୍ରାଚୀନତା ଓ ମାହାତ୍ମ୍ୟ ପ୍ରଚାର କଲେ ସେତେବେଳେ ଦେଖାଗଲା ଯେ ଗ୍ରୀକ୍ ଓ ଲାଟିନ୍ ସହିତ ସଂସ୍କୃତ ଭାଷାର ଅନେକ ସାମ୍ୟ ନିହିତ । ତେଣୁ ଭାଷାବିତ୍‌ମାନେ ସଂସ୍କୃତ, ଲାଟିନ ଓ ଗ୍ରୀକ୍ ଭାଷାର ପରୀକ୍ଷା କରି ବିଭିନ୍ନ ଭାଷା ସାହାଯ୍ୟରେ ସେମାନଙ୍କର ଆଦି ରୂପ ସ୍ଥିର କରିବା ପାଇଁ ଉଦ୍ୟମ ଚଳାଇଲେ । ଏହାକୁ Method of Reconstruction ବା ପୁନର୍ନିର୍ମାଣ ପଦ୍ଧତି ବୋଲି କୁହାଗଲା । ପରବର୍ତ୍ତୀ ପର୍ଯ୍ୟାୟରେ ଭାଷା ଭାଷା ମଧ୍ୟରେ ଥିବା ସାମ୍ୟ ଓ ବୈଷମ୍ୟର ପରୀକ୍ଷା କରାଯାଇ ପ୍ରତ୍ୟେକ ଭାଷାର ସ୍ୱାତନ୍ତ୍ର୍ୟ ମଧ୍ୟ ସ୍ଥିର କରାଗଲା । ଏହି ଗବେଷଣା କାର୍ଯ୍ୟରେ ଯେଉଁ ବିଦ୍ୱାନମାନେ ଆଗ୍ରହ ପ୍ରକାଶ କରି ଲାଗିପଡିଥିଲେ ସେମାନଙ୍କ ମଧ୍ୟରେ ଜାକବ ଗ୍ରୀମ୍, ରାସ୍‌ମୁସ୍‌ରସ୍କ, ଫ୍ରାନ୍‌ଜବପ୍ ଓ ବର୍ଣ୍ଣର ପ୍ରଭୃତି । ଭାଷାମାନଙ୍କର ବିଭିନ୍ନ ସଂପର୍କ ଅନୁସନ୍ଧାନ କରି ସେମାନଙ୍କୁ ବିଭିନ୍ନ ଶାଖା ବା ପରିବାରରେ ବିଭକ୍ତ କରିଥିଲେ । ଏହାକୁ ପାରିବାରିକ ବିଭାଗୀକରଣ କୁହାଯାଏ । ଏହା ମୁଖ୍ୟତଃ –

୧. ଇଣ୍ଡୋଇଉରୋପୀୟ ।
୨. ଆଫ୍ରିକା- ଏସୀୟ ବା ଆଫ୍ରୋ ଏସୀୟ ।
୩. ଚୀନା ତିବତ୍ତୀୟ ।
୪. ଫିନୋ ଉଗ୍ରୀୟ ।
୫. ଆଲ୍‌ଟାଇକ୍ ।
୬. ଦ୍ରାବିଡ ।
୭. ଅଷ୍ଟ୍ରୋ ଏସୀୟ ।

ଊନବିଂଶ ଶତାବ୍ଦୀରେ ଇଉରୋପରେ ଯେଉଁ ଐତିହାସିକ ପଦ୍ଧତିରେ ଭାଷା ବିଶ୍ଳେଷଣ ଚାଲିଥିଲା ସେଥିରୁ ଜଣାପଡିଲା ଯେ ଭାରତର କେତେକ ଭାଷା ଇଉରୋପର ଗ୍ରୀକ୍ ଭାଷାଠାରୁ ମଧ୍ୟ ଅଧିକ ପ୍ରାଚୀନ, ସେତେବେଳେ ସେମାନେ ଭାରତ

ଓ ଇଉରୋପର ଭାଷାମାନଙ୍କ ସଂପର୍କ ବିଷୟରେ ଅଧିକ ଉତ୍ସାହର ସହିତ ଅନୁଧ୍ୟାନ କଲେ । ଫଳରେ ସେମାନେ ସ୍ଥିର କରିଥିବା ଭାଷା ପରିବାର ମଧ୍ୟରେ ଇଣ୍ଡୋଇୟୁରୋପୀୟ ଭାଷା ପରିବାର ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଐତିହାସିକ ଭାଷାତତ୍ତ୍ୱ ଅଧ୍ୟୟନ କ୍ଷେତ୍ରରେ ଏହି ପରିବାରର ଆଲୋଚନା ନିତାନ୍ତ ଆବଶ୍ୟକ । କାରଣ ଏହି ପରିବାର ଅନ୍ତର୍ଗତ ଇଂରାଜୀ, ରୁଷ୍ , ସ୍ପାନିସ୍ ଓ ହିନ୍ଦୀ ପ୍ରଭୃତି ଭାଷାମାନଙ୍କର ସଂପର୍କ ଦେଖାଇ ଦିଆଯାଇପାରେ । ଏତଦ୍ ବ୍ୟତୀତ ବାଣିଜ୍ୟ ବ୍ୟବସାୟରେ ବିଶେଷ ଭାବରେ ବ୍ୟବହୃତ ଭାଷାଗୁଡିକ ଏହି ପରିବାର ଅନ୍ତର୍ଭୁକ୍ତ । ସେଥିପାଇଁ ଏହା ଇଣ୍ଡୋଇଉରୋପୀୟ ପରିବାର ନାମରେ ପରିଚିତ । ଏପରି ନାମକରଣର ତାତ୍ପର୍ଯ୍ୟ ହେଉଛି ପ୍ରାଚ୍ୟ ସୀମା ଭାରତ ବା ଇଣ୍ଡିଆ ଓ ପାଶ୍ଚାତ୍ୟ ସୀମା ଇଉରୋପ ହୋଇଥିବାରୁ ପରିବାରର ଦୁଇ ସୀମା ଅନୁସାରେ ଇଣ୍ଡୋ ଇଉରୋପୀୟ ରଖାଯାଇଛି ।

ପରବର୍ତ୍ତୀ କାଳରେ ଦେଖାଗଲା ଯେ ଜର୍ମାନ୍ ପରିବାରର ଉତ୍ତରରେ ଥିବା କେତେକ ଆଇରଲାଣ୍ଡ ପରି ଉନ୍ନତ ଭାଷା ଅଛନ୍ତି । ସେତେବେଳେ ଏହି ପରିବାରର ସୀମା ବିସ୍ତୃତ ହୋଇ କ୍ରମେ ଇଣ୍ଡୋଜର୍ମାନିକ ନାମରେ ପରିଚିତ ହେଲା । ମାତ୍ର ଏହି ପରିବାରକୁ କେତେକ ଭାଷାବିତ୍ ଗ୍ରହଣ ନକରି ଏହାକୁ ଏରିଆନ୍ ବା ଆର୍ଯ୍ୟ ଭାଷା ବୋଲି କହିଲେ ।

କିଛି କାଳପରେ ମଧ୍ୟ ବିଦ୍ୱାନ୍ ମାନେ ଭିନ୍ନ ଭିନ୍ନ ନାମରେ ଏରିୟାନ ବା ଆର୍ଯ୍ୟ ଭାଷାକୁ ସୂଚିତ କରିଥିବାର ଲକ୍ଷ୍ୟ କରାଯାଏ । ଶେଷରେ ଏହା ଇଣ୍ଡୋଇଉରୋପୀୟ ମୂଳ ପରିବାରରେ ପ୍ରଚଳିତ ହୋଇଥିବାର ଲକ୍ଷ୍ୟ କରାଯାଏ । ଏହିପରିବାର ଅନ୍ତର୍ଗତ ଶାଖାମାନଙ୍କ ମଧ୍ୟରେ ରହିଲେ –

| | |
|---|---|
| ଭାରତୀୟ ଆର୍ଯ୍ୟ | ଲାଟିନ୍ |
| ଇରାନୀୟ | କେଲ୍ଟିକ୍ |
| ଆର୍ମେନୀୟ | ଜର୍ମାନିକ୍ |
| ଆଲ୍‌ବେନୀୟ | ତୋଖରିଆନ୍ |
| ବାଲଟୋସ୍ଲାଭିୟୋ | ହିଟାଇଟ୍ |
| ଗ୍ରୀକ୍ | |

ମାତ୍ର ଏହିପରିବାରର ପ୍ରଧାନ ଶାଖାକୁ ପ୍ରଥମେ ଭାରତୀୟ ଆର୍ଯ୍ୟ ବା **Indo Aryan** ବୋଲି କୁହାଯାଉଥିଲା । ପରେ ଏହାକୁ **Indo Iranian** ବା ଭାରତ ଇରାନୀୟାନ୍ ବୋଲି କୁହାଗଲା । କାରଣ ହଜାର ହଜାର ବର୍ଷ ପୂର୍ବେ ଆର୍ଯ୍ୟମାନେ ପ୍ରଥମ୍ ଇରାନ୍ ମଧ୍ୟଦେଇ ଭାରତକୁ ଆସିଥିବାର ଐତିହାସିକମାନେ କହିଥାନ୍ତି । ଏହି ଶାଖାକୁ ମଧ୍ୟ ଦୁଇଭାଗରେ ବିଭକ୍ତ କରାଯାଇ ଇଣ୍ଡିକ ଅର୍ଥାତ୍ ଭାରତୀୟ ଓ ଇରାନୀୟାନ୍ ବା ଇରାନୀୟ ନାମରେ ନାମିତ କରାଯାଇଛି ।

ଇଣ୍ଡୋଇଉରୋପୀୟ ପରିବାରର ଭାଷାରେ ବ୍ୟବହୃତ ଧ୍ୱନିକୁ ଆଧାର କରି ଦୁଇ ଭାଗରେ ବିଭକ୍ତ କରାଯାଇଛି – (୧) ସତମ୍ (୨) କେନ୍ତୁମ୍ । କେତେକ ବିଦ୍ୱାନ ଏହି ଦୁଇବର୍ଗର ଭାଷିକ ଧ୍ୱନି ପ୍ରକ୍ରିୟାକୁ ବିଶ୍ଳେଷଣ କରି ପ୍ରକାଶ କଲେ ଯେ ମୂଳଭାଷାର କେତେକ କଣ୍ଠ ସ୍ଥାନୀୟ ଧ୍ୱନି କେତେକ ଭାଷାରେ ଯେପରି ଥିଲା ସେହିପରି ରହିଥିଲାବେଳେ ଅନ୍ୟ କେତେକ ଭାଷାରେ ସଂଘର୍ଷୀ ସ, ଶ ବା ସ୍ପର୍ଶ ସଂଘର୍ଷୀ ଚ, ଜ ଭାବରେ ବ୍ୟବହୃତ ହେଲା । ଏହି ଆଧାରକୁ ଲକ୍ଷ୍ୟକରି ୱାନ୍ ବ୍ରେଣ୍ଟଲ ଏହିପରିବାରକୁ ସତମ୍ ଓ କେନ୍ତୁମ୍ ଭାବରେ ନାମିତ କଲେ । ଏହି ଦୁଇଟି ଶବ୍ଦର ଅଙ୍କ ହେଉଛି 'ଶହ' ୧୦୦ । ଏହି ନାମ ରଖିବାର ତାତ୍ପର୍ଯ୍ୟ ହେଉଛି ଏକଶହ ଶବ୍ଦ ମଧ୍ୟରେ ଏହି ଭେଦ ସ୍ପଷ୍ଟ ଭାବରେ ଦେଖାଯାଏ । ଆବେସ୍ତାର ସତମ୍ ଲାଟିନ୍‌ରେ କେନ୍ତୁମ୍ – ଉଦାହରଣ ସ୍ୱରୂପ –

| **ସତମ୍ ବର୍ଗ** | **କେନ୍ତୁମ୍ ବର୍ଗ** |
|---|---|
| ଆବେସ୍ତାରେ – ସତମ୍ | ଲାଟିନ୍‌ରେ – କେନ୍ତୁମ୍ |
| ସଂସ୍କୃତ– ଶତମ୍ | ଇଟାଲିୟନ୍ – କେନ୍ତୋ |
| ହିନ୍ଦୀ – ସୋ | ଫ୍ରେଞ୍ଚ – କେନ୍ତୋ |
| ରୁଷ୍ – ସ୍ତୋ | ବ୍ରିଟେନ୍ – କେଣ୍ଟ |
| ଲିଥୁନିୟାନ୍ – ରିଜସ୍ତାସ | ତୋଖାରୀ – କନ୍ଧ |

ଏହି ଉଦାହରଣ ମାନଙ୍କରୁ ସ୍ପଷ୍ଟହୁଏ ଯେ 'ସତମ୍' ର 'ସ' ଧ୍ୱନି ସବୁଭାଷାରେ ଅଛି ମାତ୍ର ଅନ୍ୟବର୍ଗ 'କେନ୍ତୁମ'ର 'କ' ଧ୍ୱନିରେ ପରିଣତ ହୋଇଯାଇଛି । ପ୍ରଥମରେ ବିଦ୍ୱାନମାନେ ବିଶ୍ୱାସ କରୁଥିଲେ ଯେ ପଶ୍ଚିମ ଖଣ୍ଡ ର ଭାଷାମାନଙ୍କୁ 'କେନ୍ତା' ବର୍ଗ ଓ ପୂର୍ବଖଣ୍ଡ ଭାଷା ମାନଙ୍କର 'ସତମ୍' ବର୍ଗ କୁହାଯାଏ । ମାତ୍ର ପରେ ପୂର୍ବଖଣ୍ଡର ହିଟାଇଟ୍ ଓ ତୋଖାରୀ ଭାଷାରେ ଦେଖାଯାଏ ଯେ 'ସ' ସ୍ଥାନରେ 'କ' ବ୍ୟବହୃତ ହୁଏ । ଅତଏବ ପୂର୍ବ ଓ ପଶ୍ଚିମ ଆଧାର କରି ବର୍ଗୀକୃତ କରିବା ଯଥାର୍ଥ ନୁହେଁ । ତଥାପି ଏହି ଦୁଇବର୍ଗ ଅନ୍ତର୍ଗତ ଭାଷା ଗୁଡିକ ସଂପର୍କରେ ଜାଣିବା ଆବଶ୍ୟକ ।

**କେନ୍ତୁମ ବର୍ଗ -**

କେଲ୍‌ଟିକ୍ / କେଲ୍‌ଟି
ଟ୍ୟୁଟାନିକ୍ / ଜର୍ମାନିକ୍
ଲାଟିନ୍
ହେଲେନିକ୍/ ଗ୍ରୀକ୍
ତୋଖାରୀ

**ସତମ୍ ବର୍ଗ -**

ଇଲିରିୟୁନ୍
ବାଲଟିକ୍
ସ୍ଲେଭିନିକ୍
ଆର୍ମେନିୟନ୍
ଆର୍ଯ୍ୟ

ଇଣ୍ଡୋଇଉରୋପୀୟ ଭାଷା ପରିବାରର ପ୍ରାଧାନ ଶାଖା - ଇଣ୍ଡୋ ଇରାନୀୟ ବା ଇଣ୍ଡୋଏରିୟାନ ଭାରତୀୟ ଆର୍ଯ୍ୟ ଏକ ମହତ୍ତ୍ୱପୂର୍ଣ୍ଣଭାଷା, ଏହି ମୂଳ ଭାଷା ପରିବାରର ପ୍ରାଚୀନତମ ପ୍ରାମାଣିକ ଭାଷା ଓ ସାହିତ୍ୟ ଓ ଶୁଦ୍ଧ ଅର୍ଥ ଭାରତୀୟ ଆର୍ଯ୍ୟ ଶାଖାରେ ମିଳିଥାଏ । ଋଗ୍ ବେଦରେ ପ୍ରାଚୀନ ଓ ଶୁଦ୍ଧ ସାହିତ୍ୟ ବିଶ୍ୱର ଅନ୍ୟ କୌଣସି ଗ୍ରନ୍ଥରେ ମିଳେନାହିଁ । ଖ୍ରୀ : ପୂ: ୨୫୦୦ ବର୍ଷ ପୂର୍ବେ ଋଗ୍‌ବେଦର ବହୁ ଅଂଶ ବା ସ୍ତୋତ୍ର ଲେଖା ହୋଇ ଥିବାର ପ୍ରମାଣ ମିଳେ । ପ୍ରାଚୀନ ପାରସିକ ଧର୍ମଗ୍ରନ୍ଥ 'ଜେନ୍ଦ୍ ଅବେସ୍ତା' ର ସମୟ ଖ୍ରୀ: ପୂ:୭ମ ଶତାବ୍ଦୀ ବୋଲି ବିଦ୍ୱାନ୍ ମାନେ ସ୍ଥିର କରିଛନ୍ତି । ଏହା ମଧ୍ୟ କିଛି କମ୍ ମହତ୍ତ୍ୱପୂର୍ଣ୍ଣ ନୁହେଁ । ମାତ୍ର ସବୁଠାରୁ ବଡକଥା ହେଉଛି - ଭାଷା ବିଜ୍ଞାନର ଅଧ୍ୟୟନ କ୍ଷେତ୍ରରେ ଏହି ଶାଖାର ଅବଦାନ ଅତୁଳନୀୟ ।

ପାଶ୍ଚାତ୍ୟରେ ଯଥାର୍ଥ ଭାଷା ବିଜ୍ଞାନର ଆଲୋଚନା ଆରମ୍ଭ ହେଲା ଯେତେବେଳେ ସେମାନେ ଆର୍ଯ୍ୟ ଭାଷାକୁ ଭଲଭାବରେ ବିଶ୍ଳେଷଣ କରି ନୂତନ ତଥ୍ୟ ପ୍ରାପ୍ତ ହେଲେ । ଏହି ପ୍ରକାର ଅଧ୍ୟୟନକୁ ଐତିହାସିକ ପଦ୍ଧତି ଭାବରେ ନାମିତ କରାଗଲା ।

ଐତିହାସିକ ଅଧ୍ୟୟନ ଓ ବିଶ୍ଳେଷଣ ଦ୍ୱାରା ଦେଖାଗଲା ଯେ ଭାରତ ଇରାନୀ (Indo Iranian) ଶାଖାର କେତେକ ଆର୍ଯ୍ୟ ଭାରତକୁ ଆସିବା ଦ୍ୱାରା ବିଭିନ୍ନ କାରଣରୁ ସେମାନଙ୍କୁ ଭାରତୀୟ ଆର୍ଯ୍ୟ ନାମରେ ନାମିତ କରାଗଲା । ବିଦ୍ୱାନମାନେ କହନ୍ତି ଏହି ଆର୍ଯ୍ୟମାନେ ବିଭିନ୍ନ ଦଳରେ ଭାରତକୁ ଆସିଛନ୍ତି । ଭାଷାବିତ୍ ଜର୍ଜ ଗ୍ରୀୟରସନ୍‌ଙ୍କ ମତରେ ଏମାନେ ଅତିକମ୍‌ରେ ଦୁଇଟି ଦଳରେ ଭାରତକୁ ପ୍ରବେଶ କରିଛନ୍ତି । ଅବଶ୍ୟ ସମସ୍ତେ ଏଥିରେ ଏକମତ ନୁହଁନ୍ତି । ଏମାନଙ୍କର ଆଗମନ ସମୟ ମଧ୍ୟ ଠିକ୍ ଭାବରେ ନିର୍ଣ୍ଣିତ ହୋଇ ପାରିନାହିଁ । ଅଧିକାଂଶ ବିଦ୍ୱାନ ମୋଟାମୋଟି ଭାବରେ ଖ୍ରୀ: ପୂ : ୧୫ଶହ ଶତାବ୍ଦୀ ପାଖାପାଖି କହିଲା ବେଳେ କେତେକ ଖ୍ରୀ:ପୂ: ୨୦୦୦ ବୋଲି କହିଥାନ୍ତି । ଅତଏବ ଏହାକୁ ୩୫୦୦ ବର୍ଷ ମଧ୍ୟରେ (ଭାରତୀୟ ଆର୍ଯ୍ୟ ଭାଷାର ବିକାଶ ଧାରାକୁ ଅବସ୍ଥାପିତ କରାଯାଇ ପାରେ । ଐତିହାସିକ ଆଲୋଚନା ଦୃଷ୍ଟିରୁ ଏହି ସମୟକୁ ୩ ଭାଗରେ ବିଭକ୍ତ

କରାଯାଇଛି -

(କ) ପ୍ରାଚୀନ ଭାରତୀୟ ଆର୍ଯ୍ୟ - ଖ୍ରୀ: ପୂ: ୧୫୦୦ - ୫୦୦
(ଖ) ମଧ୍ୟ ଭାରତୀୟ ଆର୍ଯ୍ୟ - ଖ୍ରୀ: ପୂ :୫୦୦ - ଖ୍ରୀଷ୍ଟାବ୍ଦ ୧୦୦୦
(ଗ) ନବୀନ ବା ଆଧୁନିକ ଭାରତୀୟ ଆର୍ଯ୍ୟ - ଖ୍ରୀ : ୧୦୦୦ ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ।

**ପ୍ରାଚୀନ ବାରତୀୟ ଆର୍ଯ୍ୟ ଭାଷା -**

ପୂର୍ବ ଆଲୋଚନାରୁ ଜଣାଯାଏ ଯେ ଖ୍ରୀ: ପୂ: ପଞ୍ଚଦଶ ଶତାବ୍ଦୀ ବେଳକୁ ଭାରତୀୟ ଇରାନୀ ଶାଖାର ଆର୍ଯ୍ୟମାନେ ବିଭିନ୍ନ ଦଳରେ ଭାରତକୁ ଆସିଛନ୍ତି । ସେମାନେ ପ୍ରଥମେ ଉତ୍ତର ପଶ୍ଚିମ ସୀମାନ୍ତ ଅଞ୍ଚଳ ଦେଇ ପଶ୍ଚିମ ପଞ୍ଜାବରେ ଆସି ବସତି ସ୍ଥାପନ କଲେ । ପରେ କ୍ରମଶଃ କୋଶଳ, ମଗଧ, ବିଦେଇ, ରାଞ୍ଚି, କାମରୂପ, ପ୍ରଭୃତି ଉତ୍ତରାପଥର ପୂର୍ବାଞ୍ଚଳର ଅଧିବାସୀମାନଙ୍କର ଭାଷା ଓ ସଂସ୍କୃତିକୁ ଆତ୍ମସାତ୍ କରି ନିଜର ଆଧିପତ୍ୟ ଜାହିର କଲେ । ଦକ୍ଷିଣାଞ୍ଚଳରେ ମଧ୍ୟ କ୍ରମେ କ୍ରମେ ଆର୍ଯ୍ୟ ଭାଷା ଓ ସଂସ୍କୃତିର ପ୍ରଭାବ ଦେଖାଦେଇଥିଲା ।

ଭିନ୍ନ ଭିନ୍ନ ଦଳରେ ଆର୍ଯ୍ୟମାନେ ଭାରତର ବିଭିନ୍ନ ସ୍ଥାନରେ ବସତି ସ୍ଥାପନ କରିଥିଲେ ମଧ୍ୟ ସେମାନଙ୍କ ଭାଷା ପ୍ରାୟ ସମାନଥିଲା । ସେମାନଙ୍କର ଭାଷାଥିଲା ବୈଦିକ ସଂସ୍କୃତ, ସେମାନେ ଆଧି ଭୌତିକ ପରିବେଶକୁ ଉପଲବ୍ଧିକରି ଦେବତା ଓ ପ୍ରକୃତିନେଇ ଯେଉଁ ସ୍ତୁତି ଗାନ କରୁଥିଲେ ତାହା ‘ ସୂକ୍ତ’ ଆକାରରେ ଖ୍ରୀ:ପୂ: ୧୦ମ ଶତାବ୍ଦୀ ବେଳକୁ ଏକତ୍ର କରାଯାଇଥିବାର ପ୍ରମାଣ ମିଳେ ।

ଏହି ବୈଦିକ ଭାଷାର କ୍ରମ ବିକାଶ ଧାରାକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ସେଗୁଡିକ ହେଉଛି ସଂହିତା, ବ୍ରାହ୍ମଣ , ଆରଣ୍ୟକ ଓ ଉପନିଷଦ । ସଂହିତା ମଧ୍ୟରେ ଋଗ୍‌ବେଦ ପ୍ରାଚୀନତମ । ଏଥିରେ ପଞ୍ଚମହାଭୂତ ଯଥା, ଅଗ୍ନି, ବାୟୁ, ଇନ୍ଦ୍ର, ଆକାଶ ଓ ପୃଥିବୀର ସ୍ତୁତିଗାନ କରାଯାଇଛି । ବେଦ ମୁଖ୍ୟତଃ ୩ ପ୍ରକାର - ଋଗ୍, ସାମ୍ ଓ ଯଜୁଃ । ଯଜୁଃ ବେଦକୁ ପୁନଶ୍ଚ ଦୁଇଭାଗରେ ବିଭକ୍ତ କରାଯାଇ ଶୁକ୍ଳ ଓ କୃଷ୍ଣ ନାମରେ ନାମିତ କରାଯାଇଛି । ଶୁକ୍ଳ ଯଜୁଃ ବେଦ ଗଦ୍ୟ ଓ ପଦ୍ୟ ସ୍ୱଷ୍ଟ ଦୁଇ ଭାଗରେ ବିଭକ୍ତ ମାତ୍ର କୃଷ୍ଣ ଯଜୁଃ ବେଦରେ ଗଦ୍ୟ ଓ ପଦ୍ୟ ମିଶ୍ରିତ ଭାବରେ ରହିଛି । ବେଦତ୍ରୟୀ କହିଲେ ଋଗ୍, ସାମ ଓ ଯଜୁଃ ବେଦକୁ ବୁଝାଏ । ପରେ ଅନ୍ୟଏକ ଗ୍ରନ୍ଥ ବେଦର ମର୍ଯ୍ୟାଦା ଲାଭକରିଛି ତାହା ହେଲା ଅଥର୍ବ ବେଦ । ଏଥିରେ ମନ୍ତ୍ରତନ୍ତ୍ର ଓ ଗୁଣି ଗାରେଡି ପ୍ରଭୃତି ବିଦ୍ୟା ସଂପର୍କରେ ରଚନା ମାନ ମିଳେ ଏବଂ ଏହା ଅର୍ବାଚୀନ ।

ବୈଦିକ ପରବର୍ତ୍ତୀ ସ୍ତର ହେଲା ବ୍ରାହ୍ମଣ । ଏହା ଗଦ୍ୟରେ ରଚିତ । ଏଥିରେ ଯଜ୍ଞକ୍ରିୟା ଓ ଅନେକ ଉପଦେଶାତ୍ମକ ଆଖ୍ୟାୟିକା ନିହିତ । ବୈଦିକ ସାହିତ୍ୟର ତୃତୀୟ ସ୍ତର ହେଉଛି ଆରଣ୍ୟକ ମନୁଷ୍ୟର, ଚତୁର୍ଥ ଅବସ୍ଥା ଅର୍ଥାତ୍ ବାନପ୍ରସ୍ଥ କରୁଥିବା ସନ୍ନ୍ୟାସୀ ମାନଙ୍କ ଯାଗଯଜ୍ଞ ସଂପର୍କରେ ବିଭିନ୍ନ ନିର୍ଦ୍ଦେଶାବଳୀ ଏଥିରେ ଲିଖିତ । ବୈଦିକ ସାହିତ୍ୟର ଶେଷ ବା ଚତୁର୍ଥ ସ୍ତର ହେଲା ଉପନିଷଦ । ଗଦ୍ୟ ଓ ପଦ୍ୟ ଉଭୟ ପ୍ରକାର ଶୈଳୀରେ ଏଥିରେ ମନୁଷ୍ୟ ଜୀବନର ବିଭିନ୍ନ ଦାର୍ଶନିକ ଦିଗ ବିଭିନ୍ନ ଉପାଖ୍ୟାନ ମାଧ୍ୟମରେ ରଚିତ ହୋଇଛି । ବୈଦିକ ଦର୍ଶନର ଏହି ନିର୍ଯ୍ୟାସ ଗୁଡିକ ଯେଉଁ ସଂସ୍କୃତ ସାଧୁଭାଷାରେ ଲେଖା ଯାଇଛି ତାହା ପାଣିନୀୟ ସଂସ୍କୃତ ଭାଷାର ଖୁବ୍ ନିକଟତର ।

ପାଣିନି ଖ୍ରୀ: ପୂ: ୫ମ କିମ୍ବା ୬ଷ୍ଠ ଶତାବ୍ଦୀରେ ତକ୍ଷଶିଳା ନିକଟସ୍ଥ ଶାଳାତୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ବୋଲି ଅନେକ ଐତିହାସିକ ଓ ଗବେଷକ ମତ ଦିଅନ୍ତି । ତାଙ୍କର ବିଶ୍ୱ ପ୍ରସିଦ୍ଧ ଗ୍ରନ୍ଥ ‘ ଅଷ୍ଟାଧ୍ୟାୟୀ’ ସଂସ୍କୃତ ଭାଷାକୁ ଶୃଙ୍ଖଳିତ ମାର୍ଜିତ ଓ ନିୟମାବଦ୍ଧ କହିବାରେ ଅଦ୍ୱିତୀୟ ଗ୍ରନ୍ଥ ସମ୍ମାନଲାଭ କରିଛି । ତାଙ୍କର ଏହି ବ୍ୟାକରଣ ଗ୍ରନ୍ଥ ଆରମ୍ଭରୁ ଆଜିପର୍ଯ୍ୟନ୍ତ ଲିଖିତ ସମସ୍ତ ସଂସ୍କୃତ ରଚନାକୁ ବ୍ୟାକରଣ ନିୟମ ଦ୍ୱାରା ନିୟନ୍ତ୍ରିତ କରି ଆସୁଛି ।

ଇଣ୍ଡୋ ଇଉରୋପୀୟ ଭାଷାର ବ୍ୟବହାର କାଳରେ ଭାରତ ଓ ଇରାନୀୟ (Indo Iranion) ମାନେ ଯେତେବେଳେ ଏକତ୍ର ବସବାସ କରି ଗୋଟିଏ ଭାଷା ବ୍ୟବହାର କରୁଥିଲେ ସେହିସମୟର ଭାଷା ସହିତ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା

ଅର୍ଥାତ୍ ବୈଦିକ ଓ ସଂସ୍କୃତ ଭାଷାକୁ ତୁଳନା କଲେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ସେହି ପରିବର୍ତ୍ତନର କେତେକ ଲକ୍ଷଣ ଏଠାରେ ପ୍ରଦତ୍ତ :-

**୧. ଧ୍ୱନି ଦୃଷ୍ଟିର :**

ଇଣ୍ଡୋ ଇରାନୀୟ ଭାଷାରେ ବ୍ୟବହୃତ 'ଅଇ' 'ଅଉ' ସଂଯୁକ୍ତ ସ୍ୱର ଧ୍ୱନି ଭାରତୀୟ ଆର୍ଯ୍ୟ ଭାଷାରେ 'ଏ' ଓ 'ଓ' ଶୁଦ୍ଧ ସ୍ୱର ଧ୍ୱନିରେ ପରିଣତ ହୋଇଛି । ଯଥା - ରଇବତ/ ରେବତ୍ (ଧନବାନ) ସେହିପରି ବ୍ୟଞ୍ଜନ ଧ୍ୱନି କ୍ଷେତ୍ରରେ ଭାରତ ଉଉରୋପୀୟ ଭାଷାର 'Z', 'Zh', 'z', 'zh' ପ୍ରଭୃତି ଉଷ୍ମ ଧ୍ୱନି ଗୁଡିକ ଲୋପ ହୋଇ ଲୋଡିତ 'r' ର ଧ୍ୱନିରେ ପରିଣତ ହୋଇଗଲା । କେତେକ Z ଧ୍ୱନିର 'r' ପରିଣତି S > Z > 'r' କ୍ରମରେ ପରିଣତ ହୋଇଥିବା ସ୍ୱୀକାର କରନ୍ତି ।

୨. ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାରେ ଟ୍, ଠ୍, ଡ୍, ଢ , ଣ୍ ଓ ଷ ପ୍ରଭୃତି ମୂର୍ଦ୍ଧନ୍ୟ ଧ୍ୱନିର ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଏ ।

୩. କେତେକ ସ୍ଥଳରେ 'ର' କାର 'ଳ' କାରରେ ପରିଣତ ହେଲା । ପ୍ରାଚୀନ ଇରାନୀୟ ଭାଷାରେ ମଧ୍ୟ ଇଉରୋପୀୟ 'ର' 'ଳ'ର ସ୍ଥାନରେ 'ର' ହୋଇଥିବାର ଲକ୍ଷ୍ୟ କରାଯାଏ । ଭାରତୀୟ ଆର୍ଯ୍ୟଭାଷାରେ ଏକ ଶାଖାରେ 'ର' ଅନ୍ୟଶାଖାରେ 'ର' ଏବଂ 'ଲ୍' ଏବଂ ତୃତୀୟ ଶାଖାରେ 'ଲ୍' ଧ୍ୱନି ଭାବରେ ବ୍ୟବହୃତ ଯେପରି ଗୋଟିଏ ଶବ୍ଦର ଶ୍ରୀର, ଶ୍ରୀଳ, ଶ୍ଲୀଳ, ତିନୋଟି ରୂପ ଦେଖାଯାଏ । ପ୍ରାଚୀନ ବୈଦିକ ଯୁଗରେ 'ର' ର ଆଧିକ୍ୟ ଥିବାସ୍ଥଳେ ବୈଦିକ ଯୁଗରେ ଶେଷପର୍ଯ୍ୟାୟରେ 'ଲ'ର ଆଧିକ୍ୟ ଲକ୍ଷ୍ୟ କରାଯାଏ । ଯେପରି ରୋଚନ > ଲୋଚନ, ରମ୍ବତେ > ଲମ୍ବତେ, ରୋମ > ଲୋମ ପ୍ରଭୃତି ।

ପାଣିନି ସଂସ୍କୃତ ଭାଷାର ବ୍ୟାକରଣ ରଚନା କଲାବେଳେ ବୈଦିକ ଓ ସଂସ୍କୃତ ଭାଷା ମଧ୍ୟରେ ଥିବା ପାର୍ଥକ୍ୟ ମଧ୍ୟ ଲକ୍ଷ୍ୟ କରିଛନ୍ତି । ତାଙ୍କ ବିଚାରରେ ବୈଦିକ ଭାଷାର 'ଅ' କାରାନ୍ତ ପୁଲିଙ୍ଗ ଶବ୍ଦର ପ୍ରଥମା ବହୁବଚନ ଓ ତୃତୀୟା ବହୁବଚନରେ ଅଧିକ ରୂପଥିଲା । ସଂସ୍କୃତ ଦେବାଃ, ଦେବୈଃ ସ୍ଥାନରେ ବୈଦିକ 'ଦେବାଃ', ଦେବାସଃ, ଦେବୈଃ, ଦେବେଭିଃ ଉଭୟ ରୂପ ପ୍ରଚଳିତ । ଧାତୁ ରୂପଗତ ଭିନ୍ନତା ମଧ୍ୟ ଅନେକ ରହିଛି ।

ଶତୃ, ଶାନଚ୍, କ୍ୱସୁ, କାନଚ୍, ଯୁକ୍ତ କ୍ରିୟାଜାତ ଶବ୍ଦମାନଙ୍କର ବ୍ୟବହାର ସଂସ୍କୃତରେ ଅନେକ କମ୍ ଥିବାର ଲକ୍ଷ୍ୟ କରାଯାଏ ଓ ଲ୍ୟପ୍, ତୁମୁନ୍ ଇତ୍ୟାଦି ଯୁକ୍ତ ଅସମାପିକା କ୍ରିୟାପଦର ବାହୁଲ୍ୟ ମଧ୍ୟ ଅନେକ ଲୋପ ପାଇଯାଇଥିଲା । ଉଦାହରଣ ସ୍ୱରୂପ ତୁମୁନ୍ ଅର୍ଥରେ (ଗମ୍ + ତୁମ୍) ଗନ୍ତୁଂ (ଯିବାକୁ) ବେଦରେ ଏହି ଗନ୍ତୁଂ = ଗମଧ୍ୟୈ ।

ଉପସର୍ଗ ବ୍ୟବହାର ଦୃଷ୍ଟିରୁ ଦେଖାଯାଏ ଯେ ପ୍ର, ପରା, ଅପ୍, ସମ୍ ପ୍ରଭୃତି ଉପସର୍ଗ ଗୁଡିକ ସଂସ୍କୃତରେ ଯେମିତି ଧାତୁର ଅବ୍ୟବହିତ ପୂର୍ବରୁ ଲାଗେ ବୈଦିକ ଭାଷାରେ ସେହିପରି ବ୍ୟବହୃତ ନହୋଇ କ୍ରିୟା ବିଶେଷଣ ଭାବରେ ଦୂରରେ ରହିକାର୍ଯ୍ୟ କରେ ।

ଯଥା - (ଆ କୃଷ୍ଣେନ ରଜସା ବର୍ତ୍ତମାନଃ
ବି ଜନାନ୍ ଶ୍ୟାବାଃରୁ ଶିତ ପାଦୋ ଅକ୍ଷନ୍)

ସନ୍ଧି ଓ ସମାସ ଦୃଷ୍ଟିରୁ ଦେଖାଯାଏ ଯେ ସନ୍ଧି ଓ ସମାସର ନିୟମ ବୈଦିକ ଭାଷାରେ ଏପରି ଅନିବାର୍ଯ୍ୟ ନଥିଲା । ଯେପରି ସଂସ୍କୃତରେ ହୋଇଥିଲା, ଲୌକିକ ସଂସ୍କୃତରେ ଧାତୁ ଓ ଉପସର୍ଗର ସନ୍ଧି ଅନିବାର୍ଯ୍ୟ, କିନ୍ତୁ ବେଦରେ ଉପସର୍ଗ ଓ ଧାତୁ ବିନା ସନ୍ଧିରେ ଅଲଗା ରହିପାରନ୍ତି । ବୈଦିକ ସଂସ୍କୃତରେ ସମାସ ଖୁବ୍‌କମ୍ ।

ବୈଦିକ ଭାଷାରେ ସ୍ୱରର ପ୍ରାଧାନ୍ୟ ଅଧିକ ସ୍ୱରର ପରିବର୍ତ୍ତନ ହେଲେ ବେଦରେ ଅର୍ଥର ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏଥିରେ ବଳାଘାତ ଦେଖାଯାଏ ଏବଂ ଏହା ସଙ୍ଗୀତାତ୍ମକ । ଅର୍ଥାତ୍ ସୁକ୍ତ ବା ସ୍ତ୍ରୋତ ଉଚ୍ଚାରଣ କଲାବେଳେ ଏଥିରେ ଉଦାତ୍ତ, ଅନୁଦାତ୍ତ ଓ ସ୍ବରିତ ଯେପରି ବ୍ୟବହୃତ ହୁଏ ସଂସ୍କୃତରେ ସେପରି ନୁହେଁ । ସଂସ୍କୃତରେ ଉଚ୍ଚନୀଚ ଓ ଅବରୋହୀ ତାନର ସ୍ୱତନ୍ତ୍ର ବ୍ୟବହାର ଦେଖାଯାଏ ନାହିଁ ।

ପାଣେନୀ ବୈଦିକ ଭାଷାର ଏପରି ସ୍ୱରୂପକୁ ବିଶ୍ଳେଷଣ କରି ବୈଦିକ ଭାଷାକୁ ଛନ୍ଦସ ଓ ଅଷ୍ଟାଧ୍ୟାୟୀ ଅନୁସୃତ ଭାଷାକୁ ସଂସ୍କୃତ ଭାବରେ ଅଭିହିତ କଲେ । କାଳକ୍ରମେ ଲୋକ ମୁଖରେ ପ୍ରଚଳିତ କଥିତ ଭାଷାର ପରିବର୍ତ୍ତିତ ବିଭିନ୍ନ ରୂପ ମଧ୍ୟ ବ୍ୟବହୃତ ହେଲା । ଏହାର ବୈଚିତ୍ର୍ୟ ପୂର୍ଣ୍ଣ ରୂପକୁ 'ପ୍ରାକୃତ' ନାମରେ ଅଭିହିତ କରାଯାଏ ।

**ମଧ୍ୟଭାରତୀୟ ଆର୍ଯ୍ୟଭାଷା :**

ଭାରତୀୟ ଆର୍ଯ୍ୟଭାଷାର ମଧ୍ୟମ ପର୍ଯ୍ୟାୟର ଭାଷା କହିଲେ ପାଲି, ପ୍ରାକୃତ ଓ ଅପଭ୍ରଂଶକୁ ବୁଝାଏ । ପ୍ରକୃତରେ ଦେଖିବାକୁ ଗଲେ ବୈଦିକ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାକୃତ ଭାଷା ତାହାର ସ୍ୱାଭାବିକ୍ ରୂପନେଇ ଏକ ଜୀବନ୍ତ ପ୍ରବାହ ପରି ବହି ଚାଲିଛି । "ସହଜୋବଚନ ବ୍ୟାପାରଃ ପ୍ରକୃତିଃ" ଏହା କାବ୍ୟାଳଙ୍କାରରେ ରୁଦ୍ରଟ କହିଛନ୍ତି । ପ୍ରାକୃତ ଭାଷା ସାଧାରଣତଃ ଅଶିକ୍ଷିତ ଜନ ସାଧାରଣଙ୍କ ଭାଷା ଓ ସଂସ୍କୃତ ସଦାବେଳେ ଶିଷ୍ଟ ଓ ପଣ୍ଡିତମାନଙ୍କର ଭାଷା । ମାତ୍ର ବହୁକାଳରୁ ପ୍ରାକୃତ ଗଣଭାଷା ଭାବରେ ବ୍ୟବହୃତ ହେଉଥିଲା ଏବଂ ଏହାର ଉତ୍ସ ପୂରାପୂରି ସଂସ୍କୃତରୁ ନୁହେଁ ବୋଲି ଡଃ କାତ୍ରେ କହନ୍ତି । (Prakrit languages and their contribution to Indian Culture ( Dr. S.M. Katree-1-2)) ଆମର ଓଡିଆ ଭାଷାରେ ପ୍ରାକୃତ ଶବ୍ଦ ସେହି ଅର୍ଥରେ ମଧ୍ୟ ବ୍ୟବହୃତ । ଭାଗବତକାର ଜଗନ୍ନାଥ ଦାସ ଓଡିଆ ଭାଷାରେ ଲେଖିଥିବା ଭାଗବତକୁ ପ୍ରାକୃତ ଭାଷାର ରଚନା ବୋଲି କହିଛନ୍ତି । ଏପରିକି ମହାଯାନୀ ବୌଦ୍ଧି ଦ୍ୱାରା ଲିଖିତ 'ଗାଥା'କୁ ମଧ୍ୟ ପ୍ରାକୃତଭାଷା ଅନ୍ତର୍ଭୁକ୍ତ କରାଯାଏ । ତେଣୁ ଜଣାଯାଏ ପ୍ରାକୃତ ଭାଷା ବିଭିନ୍ନ ସ୍ତର ଦେଇ ବିକାଶ ଲାଭ କରିଛି ।

୧. ଖ୍ରୀ: ପୂ: ୨୦୦୦ – ଖ୍ରୀ : ପୂ : ୬୦୦ (ପ୍ରତ୍ନ ବା ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା (ବୈଦିକ ଭାଷା ଓ ସଂସ୍କୃତ)

୨. ଖ୍ରୀ: ପୂ : ୬୦୦ – ଖ୍ରୀଷ୍ଟାବ୍ଦ ୧୦୦୦ – ପ୍ରାକୃତ । ଏହି ସମୟର ଭାଷାମାନଙ୍କୁ ପୁନଶ୍ଚ ସେମାନଙ୍କର ପ୍ରୟୋଗର ପ୍ରାଧାନ୍ୟ ଦୃଷ୍ଟିରୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି ।

(କ) ଖ୍ରୀ: ପୂ:୫୦୦ ରୁ ଖ୍ରୀ: ୧ମ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାକୃତର ସ୍ୱରୂପକୁ 'ପାଲି' ବୋଲି କୁହାଯାଏ ।

(ଖ) ଖ୍ରୀ: ୧ମରୁ – ୫୦୦ ପର୍ଯ୍ୟନ୍ତ – ବିଭିନ୍ନ ପ୍ରାକୃତ ଭାଷାର କାଳ ।

(ଗ) ଖ୍ରୀ: ୫୦୦ ରୁ ଖ୍ରୀ : ୧୦୦୦ ପର୍ଯ୍ୟନ୍ତ କାଳକୁ ଅପଭ୍ରଂଶ ପ୍ରାକୃତ ବୋଲି କୁହାଯାଇଛି ।

ବୈଦିକ ଓ ସଂସ୍କୃତ କାଳରେ ପ୍ରାକୃତ ଭାଷା ଯେ ନଥିଲା ତା ନୁହେଁ । ସେସମୟରେ ମଧ୍ୟ ଲୋକମାନେ ପଣ୍ଡିତ ଓ ଶିକ୍ଷିତଲୋକମାନଙ୍କ ଭାଷାଠାରୁ ଭିନ୍ନ ପ୍ରକାର ଲୋକଭାଷା ବ୍ୟବହାର କରୁଥିଲେ । ମାତ୍ର ଖ୍ରୀ: ୫୦୦ ପରେ ଏହି ଅପଭ୍ରଂଶ ଭାଷାର ସ୍ପଷ୍ଟ ରୂପ ଗଢି ଉଠିଲା ଏବଂ ଏଗୁଡିକର ମଧ୍ୟ ଲିଖିତ ରଚନା ଦେଖିବାକୁ ମିଳିଲା ।

ପ୍ରାକୃତ ଭାଷାର ଉନ୍ମେଷ ବା ଆଦିସ୍ତରକୁ ପାଲି ଭାଷା ନାମରେ ନାମିତ କରାଯାଇଛି । ବୈଦିକ ଓ ପରବର୍ତ୍ତୀ ସଂସ୍କୃତ ଭାଷାର ଅପଭ୍ରଂଶ୍ର ରୂପଟି ହେଉଛି ପାଲି । ପ୍ରାକୃତର ମଧ୍ୟମ ସ୍ତର ହେଉଛି ମାହାରାଷ୍ଟ୍ରୀ, ସୌରସେନୀ, ମାଗଧୀ, ଅର୍ଦ୍ଧ ମାଗଧୀ, ପୈଶାଚୀ ଓ ଶେଷସ୍ତର ହେଉଛି ଅପଭ୍ରଂଶ । ଖ୍ରୀ : ପୂ: ୬ଷ୍ଠ ଶତାବ୍ଦୀ ସମୟକୁ ବୌଦ୍ଧ ଓ ଜୈନମାନେ ସେମାନଙ୍କର ଧର୍ମଶାସ୍ତ୍ର ପାଲିଭାଷାରେ ଲେଖିଥିଲେ । ଓଡିଶାରେ ଖ୍ରୀ: ପୂ: ପ୍ରଥମ ଶତାବ୍ଦୀର ହାତୀଗୁମ୍ଫାରେ ଖୋଦିତ ଶିଳାଲେଖାର ଭାଷା ପ୍ରାୟ ପାଲିର ନିକଟବର୍ତ୍ତୀ । ଅନ୍ୟାନ୍ୟ ପ୍ରାକୃତ ନାଟକ ରଚନା କ୍ଷେତ୍ରରେ ବ୍ୟବହୃତ ହେଉଥିବାର ଦେଖିବାକୁ ମିଳେ । କେତେକ ପ୍ରାକୃତ ବ୍ୟାକରଣକାର ପ୍ରାକୃତ ଓ ଆଧୁନିକ କଥିତ ଭାଷାର ମଧ୍ୟବର୍ତ୍ତୀ ଅବସ୍ଥାକୁ ଅପଭ୍ରଂଶ ବୋଲି ଉଲ୍ଲେଖ କରିଛନ୍ତି । ଯେପରି ସୌରସେନୀ ପ୍ରାକୃତ ଓ ବ୍ରଜ ଭାଷା ମଧ୍ୟରେ ସୌରସେନୀ ଅପଭ୍ରଂଶ ଏବଂ ଅର୍ଦ୍ଧ ମାଗଧୀ, ପ୍ରାକୃତ ଓ ଅବଧି ମଧ୍ୟରେ ରହିଛି ଅର୍ଦ୍ଧମାଗଧୀ ଅପଭ୍ରଂଶ । ସେହିପରି ଓଡିଆ, ବଙ୍ଗଳା ଓ ଅସମୀୟା ଭାଷାମାନଙ୍କର ପୂର୍ବାବସ୍ଥା 'ବୌଦ୍ଧଗାନ ଓ ଦୋହା' ଅପଭ୍ରଂଶ ଭାଷା ।

ଖ୍ରୀ: ପୂ : ୫ମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ୧ମ ପର୍ଯ୍ୟନ୍ତ ପ୍ରାକୃତ ଭାଷା ମାନଙ୍କର ବ୍ୟବହାର କ୍ଷେତ୍ରରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଏଥିମଧ୍ୟରୁ ମୁଖ୍ୟ ପରିବର୍ତ୍ତନ ହେଉଛି ଭାଷା ଧୀରେ ଧୀରେ ସରଳତା ଆଡକୁ ଗତି କରିଛି । ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଆଞ୍ଚଳିକ ଭେଦରେ ଏହି ପରିବର୍ତ୍ତନ କେତେକାଂଶରେ ମଧ୍ୟ ଭିନ୍ନ । ପ୍ରତ୍ୟେକ ପ୍ରାକୃତ ଭାଷାକୁ ବିଶ୍ଳେଷଣ

କଲେ ଏହା ସ୍ପଷ୍ଟ ଭାବରେ ଜଣାଯାଇଥାଏ । ସଂସ୍କୃତ ନାଟକରେ ଲିଖିତ ପ୍ରାକୃତ କବିତାଗୁଡିକ ମହାରାଷ୍ଟ୍ରୀ ପ୍ରାକୃତରେ ଲେଖାଯାଉଥିଲା । ନାଟକରେ ଉଚ୍ଚ ବଂଶର ଚରିତ୍ରମାନଙ୍କର ଭାଷାଥିଲା ଶୌରସେନୀ, ଏବଂ ଅଶିକ୍ଷିତ ଓ ଇତର ଚରିତ୍ରମାନଙ୍କର ଭାଷାଥିଲା ମାଗଧୀ । ଅନ୍ୟ ପ୍ରାକୃତ ମାନଙ୍କରେ ଯେଉଁଠି 'ର'ହୁଏ ମାଗଧୀ ପ୍ରାକୃତର ହୁଏ 'ଲ', ଅନ୍ୟ ପ୍ରାକୃତରେ ଦନ୍ତ୍ୟ 'ସ' ସ୍ଥାନରେ ମାଗଧୀରେ ତାଲବ୍ୟ 'ଶ' ହୁଏ । ସଂସ୍କୃତ ସ୍ବରରୁ ପ୍ରାକୃତ ସ୍ୱରକୁ ଆସିଲାବେଳେ ଭାଷାର ଯେଉଁ ପରିବର୍ତ୍ତନ ଦେଖାଯାଏ ସେଗୁଡିକୁ ଭାଷାବିତ୍ ମାନେ କେତେକ ନିୟମ ମାଧ୍ୟମରେ ଦର୍ଶାଇଛନ୍ତି । ଅବଶ୍ୟ ଏଗୁଡିକ ସବୁ ପ୍ରାକୃତ ପାଇଁ ସମାନ ନୁହେଁ । ତଥାପି ମଧ୍ୟ ଭାରତୀୟ ଆର୍ଯ୍ୟଭାଷା ବା ପ୍ରାକୃତ ଭାଷା କ୍ଷେତ୍ରରେ ଏହି ନିୟମର ଆଲୋଚନା ନିତାନ୍ତ ଅପରିହାର୍ଯ୍ୟ ।

ସଂସ୍କୃତ ଭାଷାରେ ପ୍ରଚଳିତ 'ସ୍ୱ', ଧ୍ୱନି ସଂଖ୍ୟା ପ୍ରାକୃତ ସମୟକୁ ଧୀରେ ଧୀରେ ହ୍ରାସ ପାଇବା ସଙ୍ଗେ ସଙ୍ଗେ ରୂପରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖା ଦେଇଥିଲା । ଐ, ଔ, ଋ, ସଂପୂର୍ଣ୍ଣଭାବେ ଲୋପ ପାଇଯାଇଥିଲା ।'ଐ' 'ଔ' ଧ୍ୱନି ଯଥା କ୍ରମେ 'ଏ' 'ଓ'ରେ ଏବଂ ଋଧ୍ୱନି 'ଅ' 'ଇ' ଓ କେତେକ ସ୍ଥାନରେ 'ଏ' ପରିଣତ ହୋଇଥିଲା । ଅୟ ଏବଂ ଅବ ସ୍ଥାନରେ 'ଏ' ଏବଂ 'ଓ' ବ୍ୟବହୃତ ହେଲା । ସଞ୍ଜୁକ୍ତ ବ୍ୟଞ୍ଜନର ପୂର୍ବବର୍ତ୍ତୀ ଦୀର୍ଘସ୍ୱର ହ୍ରସ୍ୱ ରୂପରେ ପରିଣତ ହେଲା ।

ବୈର > ବେର ( ଐ > ଏ)

ଔଷଧ > ଓଷଧ (ଔ > ଓ)

କୃଷ୍ଣ > କଣହ (ଋ > ଅ)

ଘୃତ > ଘିଦ (ଋ > ଇ)

ବୃଦ୍ଧ > ବୁଡ୍‌ଢ (ଋ > ଉ)

ବୃନ୍ତ > ବେଣ୍ଟ (ଋ > ଏ)

କଥୟତି > କଥେଜି (ଅୟ > ଏ)

ଭବତି > ଭୋଦି (ଅବ୍ > ଓ)

ଖାଦ୍ୟ > ଖଦ୍ୱ (ଦୀର୍ଘ ଆ > ହ୍ର ସ୍ୱଅ)

ଗ୍ରୀଷ୍ମ > ଗିମ୍‌ହୋ (ଦୀର୍ଘ ଇ > ହ୍ର ସ୍ୱଇ)

ଶୂନ୍ୟ > ଶୁଞ୍ଞୋ (ଦୀର୍ଘ ଉ > ହ୍ର ସ୍ୱଉ)

ସ୍ଥାନେସ୍ଥାନେ ସ୍ୱରଧ୍ୱନିମାନଙ୍କର ଲୋପ ଓ ପରିବର୍ତ୍ତନ ପରି ବ୍ୟଞ୍ଜନ ଧ୍ୱନିମାନଙ୍କର ମଧ୍ୟ ଲୋପ ଓ ପରିବର୍ତ୍ତନ ହୁଏ । ଦୁଇ ସ୍ୱର ମଧ୍ୟସ୍ଥିତ ଏକକ ବ୍ୟଞ୍ଜନ ପରିବର୍ତ୍ତିତ ହୁଏ ଓ ଅନେକ ସମୟରେ ଲୋପମଧ୍ୟ ହୁଏ ।

| **ଅଘୋଷ** | **ସଘୋଷ** |
|---|---|
| କାକ | କାଗ (କ > ଗ) |
| ପିଶାଚୀ | ପିସାଜୀ (ଚ > ଜ) |
| ବଟୁକ | ବଡୁଅ ( ଟ > ଡ) |
| ଘୃତ | ଘିଦ (ତ > ଦ) |
| ଉପମା | ଉବମା (ପ > ବ) |

ଦୁଇ ସ୍ୱର ମଧ୍ୟବର୍ତ୍ତୀ ସଘୋଷ ବ୍ୟଞ୍ଜନ ଅନେକ ସମୟରେ ଲୋପ ହୋଇଯାଏ । ଲୋକ > ଲୋଅ, କପି > କଇ, କୃତ > କଅ । ଦୁଇସ୍ୱର ମଧ୍ୟବର୍ତ୍ତୀ ସଘୋଷ ମହାପ୍ରାଣ ସ୍ପର୍ଶ ଧ୍ୱନିର ସ୍ପର୍ଶ ଲୋପ ହୋଇ କେବଳ ମହାପ୍ରାଣ ରହିଯାଏ ।

ମୁଖ >  ମୁହଁ  (ଖ > ହ)

ଗାଥା  >  ଗାହା (ଥ  > ହ)

ଦଧି  > ଦହି  (ଧ > ହ)

ବୃଷଭ  > ବୁସହୋ (ଭ > ହ)

ଧ୍ୱନି ସମୀକରଣ ଓ ସ୍ୱରଭକ୍ତି ପ୍ରୟୋଗ ହେତୁ ଏକ ଧ୍ୱନି ନିକଟବର୍ତ୍ତୀ ଧ୍ୱନି ସହିତ ସମୀକୃତ ହୁଏ ।

**ସମୀକରଣ** - ଭକ୍ତ > ଭତ୍ତ (କ୍ତ > ତ୍ତ)

**ପ୍ରକ୍ରିୟା** - ଚକ୍ର > ଚକ୍କ (କର୍ > କ୍କ)

**ସ୍ୱରଉକ୍ତି ପ୍ରୟୋଗ** - ସ୍ନେହ > ସିଣେହ

ଭାର୍ଯ୍ୟା > ଭାରିଆ

କର୍ଷତି > କରିସଇ

ଶବ୍ଦର ଆଦ୍ୟରେ ଥିବା ସଂଯୁକ୍ତ ଧ୍ୱନି ଯଦିଓ କେତେକ ପ୍ରାକୃତରେ ସଂସ୍କୃତ ପରି ରହିଯାଏ । ତଥାପି ଅନେକ ସ୍ଥାନରେ ଦୁଇ ବ୍ୟଞ୍ଜନରୁ ଗୋଟିଏ ଲୋପ ହୋଇଯାଏ ।

ଶ୍ମଶାନ > ମଶାଣ - 'ଶ' ଲୋପ

ପ୍ରଥମ > ପଢମ - 'ର' ଲୋପ

ସ୍ଥାନ > ଥାନ - 'ସ' ଲୋପ

ପ୍ରାକୃତ ଶବ୍ଦଗୁଡିକ ସାଧାରଣତଃ ସ୍ୱରାନ୍ତ । ଯଦି କୌଣସି ଶବ୍ଦର ଶେଷରେ ବ୍ୟଞ୍ଜନବର୍ଣ୍ଣଥାଏ ତାକୁ ମଧ୍ୟ ସ୍ୱରାନ୍ତ କରାଯାଏ । ମାତ୍ର ଶବ୍ଦ ଶେଷରେ ଅନୁସ୍ୱାର ଲୋପ ନହୋଇ ରହିଥାଏ ।

ଯଥା - ବଲ୍‌କଲଂ > ବକ୍‌କଲଂ

କାନ୍ତାମ୍ > କନ୍ତମ୍

ସଂସ୍କୃତରେ 'ଟ' 'ଠ' ପ୍ରକୃତରେ 'ଡ' ଓ 'ଢ' ଭାବରେ ଉଚ୍ଚାରିତ ହୁଅନ୍ତି । ଶକଟ > ଶଗଡ, କଠୋର > କଢୋର ।

ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାର 'ସ' 'ଷ' 'ଶ' ଧ୍ୱନି ଅନ୍ୟ ପ୍ରାକୃତରେ ଦନ୍ତ୍ୟ 'ସ' ଭାବରେ ଓ ମାଗଧୀ ପ୍ରାକୃତରେ ତାଲବ୍ୟ 'ଶ' ଭାବରେ ବ୍ୟବହୃତ ହୁଏ ।

ସଂସ୍କୃତ 'କ୍ଷ' ପ୍ରାକୃତରେ କ୍‌ଖ, ଛ, ଜଝରେ ପରିଣତ ହୁଏ । ଯଥା- ମକ୍ଷିକ > ମକ୍‌ଖିଆ, ମଚ୍ଛିଆ ।

ଧ୍ୱନିକ୍ଷେତ୍ରରେ ପରିବର୍ତ୍ତନ ଫଳରେ ଶବ୍ଦ ରୂପ, ବଚନ, କାରକ ଓ ବିଭକ୍ତି ପ୍ରଭୃତିରେ ରୂପରେ ପରିବର୍ତ୍ତନ ଦେଖାଦେଲା । ପ୍ରଥମା ଓ ୨ୟା ବହୁ ବଚନର ପାର୍ଥକ୍ୟ ଦେଖାଇବା ପାଇଁ ୨ୟା ହୁବଚନରେ 'ଏ' ଯୋଗ କରାଗଲା । ସଂସ୍କୃତ ଭାଷାରେ ତିନିବଚନ ପରି ପ୍ରାକୃତରେ ତିନିବଚନ ନଥାଏ, କେବଳ ଦୁଇଟି ବଚନ ଥାଏ । ସଂସ୍କୃତ ଦ୍ୱିବଚନ ବୃକ୍ଷୌ ପ୍ରାକୃତରେ କେବଳ ବହୁବଚନରେ ବଚ୍ଛା ।

ସଂସ୍କୃତରେ ବୃକ୍ଷ ପ୍ରାକୃତରେ ବଚ୍ଛ ପ୍ରାକୃତରେ ଚତୁର୍ଥୀ ବିଭକ୍ତିର ସ୍ୱତନ୍ତ୍ରରୂପ ନାହିଁ । ଚତୁର୍ଥୀ ବିଭକ୍ତି ସ୍ଥାନରେ ଷଷ୍ଠୀ ବିଭକ୍ତି ହୁଏ । (ଦାରକାୟ > ଦାରଅସ୍‌ସ) ।

ପ୍ରାକୃତରେ ଶବ୍ଦରୂପ ପରି ଧାତୁ ରୂପରେ ମଧ୍ୟ ଦ୍ୱିବଚନ ସ୍ଥାନରେ ବହୁବଚନ ବ୍ୟବହୃତ ହୁଏ ।

ଯଥା – ହସତଃ > ହସନ୍ତି, ଅନୁଭବତଃ > ଅଶୁହୋନ୍ତି । ବ୍ୟଞ୍ଜନାନ୍ତ ଧାତୁରେ 'ଅ' ଯୋଗ କରି ଧାତୁକୁ ସ୍ୱରାନ୍ତ କରାଯାଏ ।

ଯଥା- ହାସ୍ > ହସ
ଉଣ୍ > ଉଣା

ଆତ୍ମୋନୀପଦୀ ସ୍ଥାନରେ ପ୍ରାୟ ପରସ୍ମୈପଦୀପରି ରୂପ ହୁଏ । ଯଥା – ଗମ୍ୟତେ > ଗଚ୍ଛୀଅଦି । ଅତୀତ କାଳର ଅର୍ଥ ବୁଝାଇବା ପାଇଁ ସାଧାରଣତଃ କ୍ରିୟା ସହିତ କୃଦନ୍ତ ରୂପକୁ ବ୍ୟବହାର କରାଯାଇଥାଏ ।

## ନବୀନ ଭାରତୀୟ ଆର୍ଯ୍ୟ

ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷାର ସର୍ବଶେଷ ସ୍ତର ଭାବରେ ଯେଉଁ ଅପଭ୍ରଂଶ ଭାଷା ବ୍ୟବହୃତ ହେଉଥିଲା ତାହାହିଁ ହେଉଛି ନବୀନ ଭାରତୀୟ ଆର୍ଯ୍ୟଭାଷାମାନଙ୍କର ପୂର୍ବାବସ୍ଥା ।ଶୌରସେନୀ ପ୍ରାକୃତ ଅପଭ୍ରଂଶରୁ ଯେପରି ହିନ୍ଦୀ ଭାଷାର ଉନ୍ମେଷ ଘଟିଲା ସେହିପରି ପୂର୍ବାଞ୍ଚଳୀୟ ଅପଭ୍ରଂଶ ଭାଷା ବୌଦ୍ଧଗାନ ଓ ଦୋହାରୁ ଆମ ଓଡିଆ ଆଞ୍ଚଳିକ ଭାଷାର କ୍ରମ ଅଭ୍ୟୁଦୟ ହେଲା । ଏହିପରି ଭାରେ ଧୀରେ ଧୀରେ ବିଭିନ୍ନ ଅପଭ୍ରଂଶରୁ ନବୀନ ଭାରତୀୟ ଆର୍ଯ୍ୟ ଭାଷାମାନଙ୍କର କ୍ରମବିକାଶ ଘଟିଲା, କାଳକ୍ରମେ ପଞ୍ଜାବୀ, ରାଜସ୍ଥାନୀ, ଗୁଜୁରାଟୀ, ମରାଠୀ, ହିନ୍ଦୀ, ଓଡିଆ, ବଙ୍ଗଳା, ଆସମୀୟା ଇତ୍ୟାଦି ଭାଷାଗୁଡିକ ନବୀନ ବା ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଭାବରେ ପରିଚିତ ହେଲେ । ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପ୍ରାୟ ଦୁଇଶହ ବର୍ଷ ମଧ୍ୟରେ ଏଗୁଡିକ ଭିନ୍ନ ଭିନ୍ନ ରୂପ ଧାରଣ କରି ଅପଭ୍ରଂଶଠାରୁ ସ୍ୱତନ୍ତ୍ର ହୋଇ ଯାଇଥିଲେ । ପୂର୍ବାଞ୍ଚଳୀୟ ଭାଷା, ଅସମୀୟା, ବଙ୍ଗଳା ଓ ଓଡିଆର ଜନ୍ମ ପୂର୍ବ ମାଗଧୀ ଅପଭ୍ରଂଶରୁ ମାତ୍ର । ଓଡିଆ ହେଉଛି ସର୍ବ ପ୍ରାଚୀନ ।

ଆଧୁନିକ ସ୍ତରରେ ଏହି ଭାଷାମାନଙ୍କର କେତେକ ସାଧାରଣ ଲକ୍ଷଣ ପରିଲକ୍ଷିତ । ପୂର୍ବ ଆଲୋଚନାରେ ଦେଖାଗଲାଯେ ଭାଷାର ଧ୍ୱନିଗତ ଓ ରୂପଗତ ପରିବର୍ତ୍ତନ ସଂସ୍କୃତରୁ ପାଲି ପ୍ରାକୃତ ସ୍ତରଦେଇ ଅନେକ କ୍ଷେତ୍ରରେ କଠିନରୁ ସରଳତା ଆଡକୁ ଗତି କରିଛି । ସାରଜର୍ଜ ଗ୍ରୀୟରସନ ଭାରତୀୟ ଭାଷାମାନଙ୍କର ଅନୁଧ୍ୟାନ କରି ସେମାନଙ୍କର ଯେଉଁ ସାଧାରଣ ଲକ୍ଷଣ ସ୍ଥିର କରିଥିଲେ ସେଥିରେ ସେ ହୋଏର୍ଣ୍ଣଲ୍‌ଙ୍କ (A.R. Rudolf Hoernle) ଅନୁସରଣ କରିଥିଲେ ଓ ସେହି ଭାଷାମାନଙ୍କୁ ଦୁଇ ପ୍ରଧାନ ଭାଗରେ ବିଭକ୍ତ କରିଥିଲେ (କ) ବହିରଙ୍ଗ (ଖ) ଅନ୍ତରଙ୍ଗ । ବହିରଙ୍ଗ ମଧ୍ୟରେ ପଶ୍ଚିମ ହିନ୍ଦୀ, ରାଜସ୍ଥାନୀ, ଗୁଜରାଟୀ, ଭାଲୀ, ପାହାଡୀ ଓ ପଞ୍ଜାବୀ ଏବଂ ଅନ୍ତରଙ୍ଗ ମଧ୍ୟରେ କାଶ୍ମୀରୀ , ସିନ୍ଧୀ, ମରାଠୀ, ବିହାରୀ, ବଙ୍ଗଳା, ଓଡିଆ ଓ ଅସମୀୟା ଅନ୍ତର୍ଭୁକ୍ତ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଯେ ଗ୍ରୀୟରସନ୍ କହନ୍ତି ଭାରତକୁ ଆର୍ଯ୍ୟମାନେ ଏକ ଦଳଭାବରେ ନଆସି ବିଭିନ୍ନ ଦଳରେ ଆସିଥିଲେ ଏବଂ ବହିରଙ୍ଗ ଭାଷୀ ଆର୍ଯ୍ୟମାନେ ପ୍ରଥମେ ଓ ଅନ୍ତରଙ୍ଗ ଭାଷୀ ପରେ ଆସି ସେମାନଙ୍କ ସହିତ ମିଶି କ୍ରମ ବିସ୍ତାର ଲାଭ କରିଥିଲେ । ଏମାନଙ୍କ ମଧ୍ୟରେ ଗ୍ରୀୟରସନ୍ କେତେକ ସାଧାରଣ ଲକ୍ଷଣ ଲକ୍ଷ୍ୟ କରିଥିଲେ । ସେଗୁଡିକ ହେଲା –

**(ବହିରଙ୍ଗର ଲକ୍ଷଣ)**

୧. ପଦର ଶେଷରେ ଥିବା ଇ,ଉ ଏ ଲୋପହୁଏ ନାହିଁ
୨. ଅପିନିହିତର ବହୁଳ ବ୍ୟବହାର ହୁଏ
୩. ଇ > ଏ, ଉ > ଓ
ଐ > ଅଇ, ଔ > ଅଉ ଭାବରେ ଉଚ୍ଚାରିତ ।
୪. ଚ > ସ ଓ ଜ > ଜ୍, ଲ > ର ଓ ଡ > ଡ
ସ(ଷ) > ଶ ମହାପ୍ରାଣ ଅଳ୍ପପ୍ରାଣଭାବରେ ଉଚ୍ଚାରିତ ।

୫.　　ଯୁଗ୍ମ ବ୍ୟଞ୍ଜନର ଏକକ ବ୍ୟଞ୍ଜନରେ ପରିଣତ ।

୬.　　ସ୍ତ୍ରୀ ଲିଙ୍ଗରେ 'ଇ' କାରର ବ୍ୟବହାର ଓ ଲିଙ୍ଗମାନଙ୍କର ପରିବର୍ତ୍ତନ ।

ମାତ୍ର ଏହି ବିଭାଜନକୁ ଡଃ ସୁନୀତି କୁମାର ଚାଟାର୍ଜୀ ଖଣ୍ଡନ କରି ଏହାକୁ ଅସ୍ୱୀକାର କରିଛନ୍ତି । ତାଙ୍କ ବିଶ୍ଳେଷଣ ଅନୁସାରେ ବହିରଙ୍ଗ ସିନ୍ଧୀ ଓ ମରାଠୀ ଭାଷାରେ ଅପିନିହିତର ବ୍ୟବହାର ନାହିଁ ଚ > ସ, ଜ > ଜ୍ ପରିବର୍ତ୍ତନ ବହିରଙ୍ଗ ଭାଷାମାନଙ୍କର ସାଧାରଣ ଲକ୍ଷଣ ନୁହେଁ ବରଂ ତାହା କେବଳ ବଙ୍ଗଳାର କେତେକ ଉପଭାଷା ଓ ଅସମୀୟା ଭାଷାର ଲକ୍ଷଣ ଅନ୍ତର୍ଭୁକ୍ତ ଲ> ର ଓ ଡ > ଡ ସିନ୍ଧୀ ଓ ବିହାରୀର ଲକ୍ଷଣ ନୁହେଁ । ମହାପ୍ରାଣ ଧ୍ୱନିର ମହାପ୍ରାଣତା 'ସ'ର ତାଲବ୍ୟ 'ଶ' ର ପରିଣତି ଇ-କାରଯୁକ୍ତ ସ୍ତ୍ରୀଲିଙ୍ଗ ଶବ୍ଦ ଉଭୟ ବିଭାଗରେ ଦେଖାଯାଏ । ତେଣୁ ଡଃ.ଚାଟାର୍ଜୀ ଅନ୍ତରଙ୍ଗ ଓ ବହିରଙ୍ଗ ବିଭାଜନକୁ ସ୍ୱୀକର ନକରି କହନ୍ତି :-

**ଉତ୍ତରୀଭାଷା - ପଶ୍ଚିମୀଭାଷା- ମଧ୍ୟଦେଶୀଭାଷା- ପୂର୍ବୀଭାଷା- ଦକ୍ଷିଣୀଭାଷା**

| | | | |
|---|---|---|---|
| ସିନ୍ଧୀ | ଗୁଜୁରାଟୀ | ରାଜସ୍ଥାନୀ | ଓଡିଆ ମରାଠୀ |
| ପଞ୍ଜାବୀ | | ହିନ୍ଦୀ { ପୂର୍ବୀ | ବଙ୍ଗଳା |
| ଲହଁଜା | | { ପଶ୍ଚିମୀ | ଅସମୀୟା |

ଏହି ଭାଷାରେ କାଳକ୍ରମେ ଯେଉଁ ପରିବର୍ତ୍ତନ ଦେଖାଦେଇଥିଲା ସେଥିମଧ୍ୟରୁ କେତେକ ସୂଚନା ନିମ୍ନରେ ପ୍ରଦତ୍ତ ।

୧.　　ସଂସ୍କୃତରେ ବ୍ୟବହୃତ ଯୁକ୍ତ ବ୍ୟଞ୍ଜନ ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷାରେ ସମୀକୃତ ହୋଇ ଦ୍ୱିତ୍ୱ ବ୍ୟଞ୍ଜନରେ ପରିଣତ ହୋଇ ଏକକ ବ୍ୟଞ୍ଜନରେ ପରିଣତ ହେଲା ।

୨.　　ଦ୍ୱିତ୍ୱ ବ୍ୟଞ୍ଜନ ଏକକ ହେଲାବେଳେ ପୂର୍ବବର୍ତ୍ତୀ ସ୍ୱର ଦୀର୍ଘ ଭାବରେ ଉଚ୍ଚାରିତ ହେଲା ।
ଯଥା - ଅଷ୍ଟ > ଅଟ୍ଠ > ଆଠ, ଅଦ୍ୟ > ଅଜ୍ଜ > ଆଜ । ମାତ୍ର ପଶ୍ଚିମୀ ହିନ୍ଦୀ ଓ ପଞ୍ଜାବୀରେ ରକ୍ଷଣଶୀଳତା ଯୋଗୁ ଅପଭ୍ରଂଶ କାଳର ଦ୍ୱିତ୍ୱ ବ୍ୟଞ୍ଜନ ଏକକ ବ୍ୟଞ୍ଜନରେ ପରିଣତ ନହୋଇ ଦ୍ୱିତ୍ୱ ହୋଇ ରହିଯାଏ । ରତ୍ତ > ରକ୍ତ, ଅଟ୍ଠ > ଅଷ୍ଟ ।

୩.　　ପଦାନ୍ତ ସ୍ୱରଧ୍ୱନି ପରିବର୍ତ୍ତିତ ବା ଲୁପ୍ତହେବା ଫଳରେ କେତେକ ଭାଷାରେ ପୁଲିଙ୍ଗ ଓ ସ୍ତ୍ରୀ ଲିଙ୍ଗ ଭିତରେ ତଫାତ୍ ରହିଲା ନାହିଁ । ଗୁଜୁରାଟୀ, ମରାଠୀ ଓ ଓଡିଆ ଛଡା ଅନ୍ୟ କୌଣସି ଭାଷାରେ କ୍ଳୀବଲିଙ୍ଗ ରହିଲା ନହିଁ । କେତେକ ଭାଷାରେ ଇ-ଉ ଅନ୍ତିକ ପୁଲିଙ୍ଗ ଓ କ୍ଳୀବଲିଙ୍ଗ ଶବ୍ଦ ପ୍ରାୟ ସ୍ତ୍ରୀଲିଙ୍ଗରେ ପରିଣତ ହେଲା । ସଂସ୍କୃତ ପୁଲିଙ୍ଗ 'ଦେହ' ଶବ୍ଦ ହିନ୍ଦୀ, ଗୁଜୁରାଟୀ ଓ ପଞ୍ଜାବୀରେ ସ୍ତ୍ରୀଲିଙ୍ଗରେ ପରିଣତ ହେଲା ।

କାରକ ବିଭକ୍ତିରେ ଯେଉଁସବୁ ଚିହ୍ନ ଅପଭ୍ରଂଶରେ ଥିଲା ପଦାନ୍ତ ସ୍ୱର ଧ୍ୱନିର ଲୋପ ହେତୁ ସେସବୁ ଲୋପ ହୋଇ ନୂତନ କାରକ ଓ ବିଭକ୍ତର ଚିହ୍ନ ପରିଲକ୍ଷିତ ହେଲା । ଅଙ୍ଗବାଚକ ଓ ସ୍ଥାନ ବାଚକ ଶବ୍ଦ କାଳକ୍ରମେ ବିଭକ୍ତି ଚିହ୍ନରେ ପରିଣତ ହେଲା । କର୍ତ୍ତାକାରକରେ ଏକବଚନ ଓ ବହୁବଚନରେ ପାର୍ଥକ୍ୟ ଲୋପ ହୋଇ ବହୁତ୍ୱବାଚକ ଶବ୍ଦ ଯୋଗେ ବହୁବଚନ ସୂଚିତ ହେଲା । ସଂସ୍କୃତରେ ମନୁଷ୍ୟ- ମନୁଷ୍ୟାଃ ସ୍ଥାନରେ ମନୁଷ୍ୟ- ମନୁଷ୍ୟମାନେ, ମନୁଷ୍ୟଗୁଡିକ ବ୍ୟବହୃତ ହେଲା ।

ନବୀନ ଭାରତୀୟ ଆର୍ଯ୍ୟଭାଷା ଗୁଡିକରେ 'ତ' ପ୍ରତ୍ୟୟ ଯୋଗେ ଅତୀତ ଓ ତବ୍ୟ ଯୋଗେ ଭବିଷ୍ୟତ ଅର୍ଥ ପ୍ରକାଶ ପାଇଲା, ସେହିପରି କୃତ-କର୍ତ୍ତବ୍ୟ । ଓଡିଆ ଓ ବଙ୍ଗଳା ପରି କେତେକ ଭାଷାରେ 'ଲ' ଯୋଗେ ଅତୀତ ଓ 'ବ' ଯୋଗେ ଭବିଷ୍ୟତ ସୂଚିତ ହେଲା । ନିଷ୍ଠା ପ୍ରତ୍ୟୟ ସହିତ ଅସ୍, ଭୂ ଓ ସ୍ଥା ଧାତୁ ବ୍ୟବହୃତ ହୋଇ ଯୌଗିକ କ୍ରିୟାର ସୃଷ୍ଟିହେଲା । ଯେପରି

ହିନ୍ଦୀରେ - ଗତ + ଭୂ = ଗୟା ହୈ,
- ଗତ + ସ୍ଥା = ଗୟାଥା ।
ବଙ୍ଗଳାରେ - ଗତ + ଅସ୍ = ଗିୟାଛେ ।

***********

# ଓଡିଆ ଭାଷାର ଉଦ୍ଭବ ଓ ବିକାଶ କ୍ରମ

ଓଡିଆ ଭାଷାର ଉଦ୍ଭବ ଓ ବିକାଶ କ୍ରମ ସଂପର୍କରେ ବହୁ ଭାଷାତତ୍ତ୍ୱବିତ୍ ଆଲୋଚନା କରିଥିଲେ ମଧ୍ୟ ସେଗୁଡିକ ପୂର୍ଣ୍ଣାଙ୍ଗ ବା ଶେଷ ସିଦ୍ଧାନ୍ତ ନୁହେଁ । ଗୋଟିଏ ଗୋଟିଏ ଶବ୍ଦକୁ ନେଇ ଭାଷାର ପ୍ରାଚୀନତା ନିରୂପଣ କରିବା ମଧ୍ୟ ବୈଜ୍ଞାନିକ ଦୃଷ୍ଟି କୋଣରୁ ଆଦୌ ଯଥାର୍ଥ ନୁହେଁ । କେବଳ ଓଡିଆ ଭାଷା ନୁହେଁ, ଭାରତୀୟ ସମସ୍ତ ଭାଷାର ଉଦ୍ଭବ ଓ ବିକାଶ ଧାରା ଏହି ନ୍ୟାୟରେ ନିରୂପିତ ହୋଇଥିବାର ଲକ୍ଷ୍ୟ କରାଯାଏ । କେବେ ଓ କିପରି ଭାବରେ ଅପଭ୍ରଂଶ ସ୍ତରରୁ ଭାରତୀୟ ପ୍ରଦେଶିକ ଭାଷା ଗୁଡିକର ସୃଷ୍ଟି ଓ ବିକାଶପର୍ବ ଆରମ୍ଭ ହେଲା ସେ ବିଷୟରେ ଯଥାର୍ଥ ଆଲୋଚନା ଦେଖିବାକୁ ମିଳେନାହିଁ । ଏଥିପାଇଁ ଦୁଇଟି କାରଣ ଦର୍ଶାଇ ଦିଆଯାଇପାରେ । (୧) ଭାଷାର ପ୍ରାଚୀନତା ଜାଣିବାପାଇଁ ଉପଯୁକ୍ତ ତଥ୍ୟ ବା ଉପାଦାନର ଅଭାବ । ୨ୟରେ ପ୍ରାପ୍ତ ଉପାଦାନଗୁଡିକର ଯଥାର୍ଥ ନିରପେକ୍ଷ ବିଶ୍ଳେଷଣ କରାନଯାଇ ସେଗୁଡିକୁ ଆଞ୍ଚଳିକତାର ଭାବପ୍ରବଣତାରେ ସୀମିତ ରଖାଯାଇଛି । ଏପରି ସ୍ଥଳେ କୌଣସି ଆଞ୍ଚଳିକ ଭାଷାର ସ୍ୱରୂପ ଓ ବିକାଶକ୍ରମ ନିରୂପଣ କରିବା ସହଜ ସାଧ୍ୟ ନୁହେଁ । ତଥାପି ଉକ୍ତ ପରିପ୍ରେକ୍ଷୀରେ ଯେପରି ଉଦ୍ୟମ କରାଯାଇ ଭାଷାଗୁଡିକର ଐତିହାସିକ ବିଶ୍ଳେଷଣ କରାଯାଇଛି ସେଗୁଡିକ ମଧ୍ୟ ଭାଷାର ପ୍ରାଚୀନତା ସଂପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହି ଦୃଷ୍ଟିରୁ ଓଡିଆ ଆଞ୍ଚଳିକ ଭାଷାର ଉଦ୍ଭବ ଓ ବିକାଶ ଧାରା ସଂପର୍କରେ ଦେଖିବାକୁ ଗଲେ ଖ୍ରୀଷ୍ଟପୂର୍ବ ୨ୟ ଶତକଠାରୁ ଏହାର ସ୍ୱରୂପର ସନ୍ଧାନ ମିଳିଥାଏ । ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର (ଖ୍ରୀ ୨ୟ ଶତକ )ରେ ଉଲ୍ଲେଖ ଅଛି –

"ଶକରାଭୀର ଚାଣ୍ଡାଳ ସବର ଦ୍ରାବିଡୋ ଡ୍ରଜାଃ
ହୀନବଚନ ଚରାଣାଂଚ ବିଭାଷାଃ ସପ୍ତକୀର୍ତ୍ତିକାଃ"

ଏଥିରେ ବିଭିନ୍ନ ବିଭାଷା ମଧ୍ୟରେ 'ଓଡ' ବିଭାଷା କଥିତ ହେଉଥିଲା । ସାର ଜର୍ଜ ଗ୍ରୀୟରସନ୍ ମଧ୍ୟ ପ୍ରାକୃତ ବିଭାଷା ସଂପର୍କରେ ଗବେଷଣା କରି 'ଓଡ୍ର' ବିଭାଷାର ଆଲୋଚନା କରିଛନ୍ତି । ପୁନଶ୍ଚ ପ୍ରାକୃତଭାଷାର ବୈୟାକରଣିକ ମାର୍କଣ୍ଡେୟ ପ୍ରାକୃତଭାଷାକୁ ୪ଭାଗରେ ବିଭକ୍ତ କରି ଭାଷା, ବିଭାଷା ଅପଭ୍ରଂଶ ଓ ପୈଶାଚ ବୋଲି ନାମିତ କରିଛନ୍ତି । ସେ ମହାରାଷ୍ଟ୍ରୀ ସୌରସେନୀ ପ୍ରାଚ୍ୟା, ଅବନ୍ତୀ ଓ ମାଗଧୀକୁ ଭାଷା ଶ୍ରେଣୀରେ ଅନ୍ତର୍ଭୁକ୍ତ କରି ଶାକାରୀ, ଚାଣ୍ଡାଳୀ, ଶାବରୀ ଆଭିରିକୀ ଓ ଶାକକୀକୁ ବିଭାଷା ଭାବରେ ଉଲ୍ଲେଖ କରିଛନ୍ତି । ମାର୍କଣ୍ଡେୟ ୨୭ ପ୍ରକାର ଅପଭ୍ରଂଶ ମଧ୍ୟରେ ଓଡ୍ର କାଳିଙ୍ଗୀର ସ୍ଥାନ ନିର୍ଦ୍ଦେଶ କରିଛନ୍ତି ।

ଭରତ ମୁନି ଓଡ୍ର ମାଗଧୀକୁ ଓଡିଶା, ବଙ୍ଗ, ମଗଧ ତାମ୍ରଲିପ୍ତ ଓ ତା'ର ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଚଳିତ ଥିଲା ବୋଲି କହିଛନ୍ତି । କବିରାଜ- ଶେଖର କହନ୍ତି ଯେ ଅଙ୍ଗ, ବଙ୍ଗ, ବ୍ରହ୍ମ ଓ ପୁଣ୍ଡ୍ର ପ୍ରଭୃତି ଅଞ୍ଚଳରେ ଓଡ୍ର ମାଗଧୀ ରୀତି ପ୍ରଚଳିତ ଥିଲା । ଭରତଙ୍କ ପରେ ଓଡିଆ ବା ଓଡିଶାର ଭାଷା ସମ୍ବନ୍ଧୀୟ ସୂଚନା ୭ମ ଶତାବ୍ଦୀର ବିଶିଷ୍ଟ ବୌଦ୍ଧ ପରିବ୍ରାଜକ ହୁଏନ୍‌ସାଂଙ୍କ ଭାରତ ଭ୍ରମଣରୁ ମିଳିଥାଏ । ହୁଏନ୍‌ସାଂ ଉ-ଡି ବା ଓଡ୍ର ଦେଶର ଲୋକଙ୍କର ବର୍ଣ୍ଣନା କରି କହିଛନ୍ତି ଯେ ସେମାନେ ବଡ ଉଗ୍ର ଓ ଭୀଷଣ ପ୍ରକୃତିର ଲୋକ । ସେମାନଙ୍କ ଶରୀରର ରଙ୍ଗ କଳା ଓ ଦେଖିବାକୁ ଖୁବ୍ ଉଚ୍ଚ । ଏମାନଙ୍କର କଥିତ ଭାଷା ମଧ୍ୟ ଭାରତୀୟ ଭାଷାଠାରୁ ପୃଥକ । ହୁଏନ୍‌ସାଂଙ୍କର ଏହି ସୂଚନାରୁ ଜଣାଯାଏ ଯେ ୭ମ/୮ମ ଶତାବ୍ଦୀ ବେଳକୁ ଓଡିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ଭାବରେ ଓଡ୍ରଦେଶ ବା ଓଡିଶାରେ କଥିତ ହେଉଥିଲା । ଏହାର ଉଚ୍ଚାରଣ ପଦ୍ଧତି ମଧ୍ୟ ମଧ୍ୟ-ଭାରତୀୟ କଥିତ ଭାଷା ଉଚ୍ଚାରଣ ପଦ୍ଧତିଠାରୁ ସ୍ୱତନ୍ତ୍ର ଥିଲା ।

୭ମ/୮ମ ଶତାବ୍ଦୀ ଭାରତରେ ଅପଭ୍ରଂଶ ଭାଷାର ବିକାଶର କାଳ । ଏହି ସମୟ ମଧ୍ୟ ଓଡିଆ ବୌଦ୍ଧ ସାହିତ୍ୟର ଯୁଗ । ବିଶିଷ୍ଟ ସହଜି । ସିଦ୍ଧାଚାର୍ଯ୍ୟ କାହ୍ନୁପାଦ, ଲୁଇପାଦ, ଶବରୀପାଦ ପ୍ରଭୃତିଙ୍କ ଚର୍ଯ୍ୟା ପଦାବଳୀରେ ଅପଭ୍ରଂଶ ସାହିତ୍ୟର ଉନ୍ମେଷ ଓ ବିକାଶ ଘଟିଛି । ଏଥିରେ ପ୍ରାଚୀନତମ ଓଡିଆ ଭାଷାର ବ୍ୟବହାର ମଧ୍ୟ ଲକ୍ଷ୍ୟ କରାଯାଏ । ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀରେ ପୁରୁଷୋତ୍ତମ ଦେବଙ୍କ ପ୍ରାକୃତାନୁଶାସନ' ଗ୍ରନ୍ଥରୁ ଔଡ୍ରୀ ଅପଭ୍ରଂଶର ମଧ୍ୟ ସୂଚନା ମିଳେ । " ଇକା ରୌକାର ପ୍ରାୟୋଡ୍ରୀ" ଅର୍ଥାତ୍ 'ଔଡ୍ରୀ' ଅପଭ୍ରଂଶରେ 'ଇ'କାର ଏବଂ 'ଓ' ପ୍ରତ୍ୟୟର ବିଶେଷ ବ୍ୟବହାର ଦେଖାଯାଏ । ଏ ପୁରୁଷୋତ୍ତମ ଦେବ ଗଜପତି ମହାରାଜ ନୁହଁନ୍ତି , ଏ ହେଉଛନ୍ତି ୧୦ମ ଶତାବ୍ଦୀର ତ୍ରିକାଣ୍ଡକୋଷ ଓ ହାରବଳୀ ପ୍ରଭୃତି କୋଷଗ୍ରନ୍ଥର ପ୍ରଣେତା ।

ଏହାପରେ ଦ୍ୱାଦଶ ଶତାବ୍ଦୀରେ ଅନିରୁଦ୍ଧ ଉର୍ଚ୍ଚଙ୍କର ପ୍ରାକୃତ କଳ୍ପତରୁ ଗ୍ରନ୍ଥରେ 'ଉତ୍କଳୀ' ଓ 'ଓଡ୍ର' ଅପଭ୍ରଂଶର ଉଲ୍ଲେଖ ରହିଛି । ଷୋଡଶ ଶତାବ୍ଦୀରେ ଓଡିଶାର ଅନ୍ୟଜଣେ ପ୍ରାକୃତ ବ୍ୟାକରଣକାର ମାର୍କଣ୍ଡେୟ ତାଙ୍କର 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥରେ 'ଔଡ୍ରୀ' ଅପଭ୍ରଂଶର ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ 'ଓଡ୍ର' ଦେଶର ଭାଷା ଶାବରୀ ଭାଷା ସହିତ ସମ୍ବନ୍ଧ ଥିବାରୁ ତାହା ସ୍ୱତନ୍ତ୍ର ବିଚାର ସାପେକ୍ଷ ।

ମାର୍କଣ୍ଡେୟ ଔଡ୍ରୀ ଅପଭ୍ରଂଶର ସ୍ୱରୂପ ପ୍ରଦାନ କରିବା ସହିତ କାଳିଙ୍ଗ୍ୟ ନାମକ ଅନ୍ୟଏକ ଅପଭ୍ରଂଶର ସୂଚନା ମଧ୍ୟ ପ୍ରଦାନ କରିଛନ୍ତି । ତାଙ୍କ ମତରେ କାଳିଙ୍ଗ୍ୟ ଅପଭ୍ରଂଶ କଳିଙ୍ଗ ଦେଶରେ ପ୍ରଚଳିତ ହେଉଥିଲା । ଆଲୋଚକମାନଙ୍କ ମତରେ ଅପଭ୍ରଂଶ ଭାଷାର ପ୍ରକାର ଭେଦ ଅଞ୍ଚଳ ଅନୁଯାୟୀ ହେଉଥିଲା । ସେଥିପାଇଁ ରୁଦ୍ରଟ କହନ୍ତି – "ଦେଶ ବିଶେଷାଦପ ଭ୍ରଂଶଃ" । ମାର୍କେଣ୍ଡେୟ ପ୍ରାକୃତ ସର୍ବସ୍ୱ ଗ୍ରନ୍ଥରେ ଯେଉଁ ୨୭ ପ୍ରକାର ଅପଭ୍ରଂଶ ନାମ ଉଲ୍ଲେଖ କରିଛନ୍ତି ତାହା ଆଞ୍ଚଳିକ କଥିତ ଭାଷା ଅନୁଯାୟୀ ହୋଇଥିବାର ଜଣାଯାଏ । ଯଥା–

"ଗୌଡୌ ଦ୍ରବୈବ ପାଶ୍ଚାତ୍ୟ ପାଣ୍ଡ୍ୟ କୌନ୍ତଳ ସିଂହଳାଃ
କାଳିଙ୍ଗ୍ୟ ପ୍ରାଚ୍ୟ କର୍ଣ୍ଣାଟ କାଞ୍ଚ୍ୟ ଦ୍ରାବିଡ ଗୌର୍ଜରାଃ ।"

ଅତବେ ଓଡିଆ ଭାଷା କିପରି ମାଗଧୀ ପ୍ରାକୃତ, ଶୌରସେନୀ ଓ ଶାବରୀ ଭାଷା ଦ୍ୱାରା ପ୍ରଭାବିତ ତାହା ଅନୁସନ୍ଧାନଯୋଗ୍ୟ । ଏଠାରେ ଶବର ଭାଷା କହିଲେ କେବଳ ଶବରମାନଙ୍କର ଭାଷା ନହୋଇ ସମଗ୍ର ଆଦିବାସୀ ଭାଷା ବା ଅଷ୍ଟ୍ରୋ ଏସିଆଟିକ ଗୋଷ୍ଠୀର ଭାଷାର ପ୍ରଭାବ ବୁଝିବାକୁ ହେବ । ଆଜି ମଧ୍ୟ ଓଡିଶାର ସମଗ୍ର ଲୋକ ସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ହେଉଛନ୍ତି ଆଦିବାସୀ ଏବଂ ଏହି ଭାଷାର ପ୍ରଭାବ ଓଡିଆ ଭାଷା ଉପରେ ପଡିବା ସ୍ୱାଭାବିକ ।

ବହୁ ପୂର୍ବରୁ ପ୍ରାଚୀନ ସଂସ୍କୃତ ନାଟକରେ ଔଡ୍ରୀ ବିଭାଷା ଅନ୍ୟାନ୍ୟ ବିଭାଷା ସହିତ ମିଶି ବ୍ୟବହୃତ ହେଉଥିଲା । ସେଥିପାଇଁ ଭରତ ମୁନି ନାଟ୍ୟଶାସ୍ତ୍ରରେ ଔଡ୍ରୀ ବିଭାଷା କଥା ପ୍ରୟୋଗ କରିଛନ୍ତି । ଔଡ୍ରୀ ବିଭାଷା ଓ ଅପଭ୍ରଂଶ । ଭାଷା ଭାବରେ ବିଭିନ୍ନ ପ୍ରାକୃତ ବ୍ୟାକରଣ ଗ୍ରନ୍ଥରେ ସ୍ୱୀକୃତି ଲାଭ କରିଛି । ଭାଷାବିତ୍ ଗ୍ରୀୟରସନ୍ କହନ୍ତି ଯେ ବିଭାଷା ହେଉଛି ଏକ ବା ଏକାଧିକ ଷ୍ଟାଣ୍ଡାଡ ପ୍ରାକୃତ ଭାଷାର ଅପଭ୍ରଷ୍ଟ ସ୍ୱରୂପ ଯାହା କେବଳ ନିର୍ଦ୍ଦିଷ୍ଟ ଚରିତ୍ରମାନଙ୍କ ଦ୍ୱାରା ନାଟକରେ ବ୍ୟବହୃତ ହେଉଥିଲା ।

ଯାହାହେଉ ପୂର୍ବ ମାଗଧୀ ଅପଭ୍ରଂଶରୁ ଜନ୍ମଲାଭ କରି ଓଡିଆ ଭାଷା ବିଭିନ୍ନ ସ୍ତରଦେଇ ପଞ୍ଚଦଶ ଶତାବ୍ଦୀ ବେଳକୁ ଏକ ସ୍ୱତନ୍ତ୍ର ରୂପ ବୈଭବ ନେଇ ଗଢି ଉଠିଥିଲା । ଆଦିକବି ସାରଳା ଦାସଙ୍କ ମହାଭାରତ ତତ୍କାଳୀନ କଥିତ ଓଡିଆ ଭାଷାରେ ରଚିତ ବିଶାଳ ଗ୍ରନ୍ଥ ହିଁ ଏହାର ଯଥାର୍ଥ ନିଦର୍ଶନ ।

ମାତ୍ର ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡିଆ ଭାଷାର ଯେଉଁ ପୂର୍ଣ୍ଣ ବିକଶିତ ରୂପ ଦେଖାଯାଏ ତାହା ମୁଖ୍ୟତଃ ୩ଟି ସ୍ତର ଦେଇ ଗତିକରି ଆସିଥିବାର ଲକ୍ଷ୍ୟ କରାଯାଏ । ପ୍ରଥମତଃ ଚର୍ଯ୍ୟାଗୀତିକା, ଦ୍ୱିତୀୟତଃ ପ୍ରାଚୀନ ଓଡିଆ ଅଭିଲେଖ ଶିଳାଲେଖ, ତୃତୀୟତଃ ମାଦଳା ପାଞ୍ଜି ଓ ସାରଳା ମହାଭାରତ ।

### ୧. ବୌଦ୍ଧଗାନ ଦୋହା/ଚର୍ଯ୍ୟା ଗୀତିକାରେ ଓଡିଆ ଭାଷାର ସ୍ୱରୂପ ।

୧୯୦୭ ମସିହାରେ ନେପାଳ ରାଜଦରବାର ପାଠାଗାରରୁ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ରଚିତ କେତେକ ଗୀତିକା ପାଇଥିଲେ । ସେଗୁଡିକୁ ସେ ବୌଦ୍ଧଗାନ ଓ ଦୋହା ବୋଲି ନାମିତ କରିଥିଲେ । ଶାସ୍ତ୍ରୀ ମହାଶୟ ଏହି ଦୋହାଗୁଡିକୁ ଆଲୋଚନାକରି ଏହା ହଜାର ବର୍ଷର ପ୍ରାଚୀନ ବଙ୍ଗଳା ଭାଷାରେ ରଚିତ ବୋଲି ମତ ଦେଇଥିଲେ । ମାତ୍ର ସେଗୁଡିକ ପ୍ରକାଶ ପାଇଲା ପରେ କେବଳ ବଙ୍ଗଳା ନୁହେଁ, ହିନ୍ଦୀ, ମୈଥିଳୀ, ଆରବୀ ଏବଂ ଓଡିଆ ଭାଷାର ବହୁ ଆଲୋଚକ ଓ ଗବେଷକ ସେମାନଙ୍କ ନିଜ ନିଜ ଭାଷାରେ ଏହା ରଚିତ ବୋଲି ଯୁକ୍ତି ଉପସ୍ଥାପନ କରିଛନ୍ତି, ଯାହାଏବେ ମଧ୍ୟ ମୀମାଂସିତ ହୋଇନାହିଁ ।

ଏହି ଗ୍ରନ୍ଥଟି ୩ ଭାଗରେ ବିଭକ୍ତ ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ, ଦୋହାକୋଷ ଓ ଡାକାର୍ଣ୍ଣବ । ଏହି ତିନିଗ୍ରନ୍ଥ ମଧ୍ୟରେ ଭାଷାଗତ ପ୍ରଭେଦ ପିରଲକ୍ଷିତ ହୋଇଥାଏ । ମାତ୍ର ଚର୍ଯ୍ୟାଗୀତି ଓ ଡାକାର୍ଣ୍ଣବର ଭାଷା ଅପଭ୍ରଂଶର ଭାଷା ଅପେକ୍ଷା ଅନେକାଂଶରେ ନୂତନ । ଏହି ଭାଷାରେ ଓଡିଆ ଭାଷାର ଆଦିପ୍ରୟୋଗ ଲକ୍ଷ୍ୟ କରାଯାଏ । ଓଡିଆ ସାହିତ୍ୟର ଇତିହାସରେ ଯେଉଁ ୮୪ ସିଦ୍ଧାଚାର୍ଯ୍ୟଙ୍କର ନାମ ରହିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି ଦୋହାଗୁଡିକ ରଚନା କରିଥିଲେ । ଏହା ଖ୍ରୀ : ୮୦୦ ରୁ ଖ୍ରୀ: ୧୧୦୦ ମଧ୍ୟରେ ରଚିତ ହୋଇଥିବା କଥା ଆଲୋଚକମାନେ କହିଥାନ୍ତି । ଚର୍ଯ୍ୟାଗୀତିକାର କବିମାନେ ହେଉଛନ୍ତି କାହ୍ନୁପାଦ, ଲୁଇପାଦ, ଶବରୀପାଦ, ଗୁଣ୍ଡୁରି, ଓଡସ୍ୱୀ, ସାନ୍ତି, ଆର୍ଯ୍ୟଦେବ, ତାଡକ, ଜୟନନ୍ଦୀ, ଭୁସୁକୁ ଓ ଦାରିକ ପ୍ରଭୃତି । ଏମାନେ ସମକାଳୀନ ନଥିଲେ ମାତ୍ର ଏମାନେ ପ୍ରାୟ ୨୦୦/୩୦୦ ବର୍ଷମଧ୍ୟରେ ଆବିର୍ଭୂତ ହୋଇଥିବାର ଜଣାଯାଏ । ଏମାନେ ଅପଭ୍ରଂଶ ତଥା ପ୍ରାଚୀନ ଓଡିଆ ଭାଷାରେ ଗୀତିକା ରଚନା କରିବା ବ୍ୟାତୀତ ତନ୍ତ୍ର ସାଧନାର ବହୁ ପ୍ରଣାଳୀ ସାଧନା ମାଳା ମଧ୍ୟ ସଂସ୍କୃତରେ ରଚନା କରିଥିବାର ଦେଖାଯାଏ ।

ବୌଦ୍ଧଗାନ ଓ ଦୋହାରେ ପ୍ରାଚୀନଓଡିଆ ଭାଷାର ବିପୁଳ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ । ଏପରିକି ଆଧୁନିକଓଡିଆ ଭାଷାରେ ବ୍ୟବହୃତ ବହୁ ଶବ୍ଦର ଅବିକଳ ବ୍ୟବହାର ବୌଦ୍ଧଗାନ ଓ ଦୋହାରେ କରାଯାଇଥିବାର ଲକ୍ଷ୍ୟ କରାଯାଏ । ଏହି ପ୍ରସଙ୍ଗରେ ଡଃ ସୁନୀତି କୁମାର ଚାଟାର୍ଜୀ କହନ୍ତି –"ବୌଦ୍ଧଗାନ ଓ ଦୋହାର ଭାଷାରେ ମୈଥିଳୀ, ଓଡିଆ ଓ ହିନ୍ଦୀ ଭାଷାର ସଙ୍କେତ ମିଳେ ଏବଂ ତହିଁରେ ସୌରସେନୀ ଅପଭ୍ରଂଶର ପ୍ରଭାବ ମଧ୍ୟ ଲକ୍ଷ୍ୟ କରାଯାଏ ।" ସାର ଜର୍ଜ ଗ୍ରୀୟରସନ୍ ମଧ୍ୟ ତାଙ୍କର ଲିଙ୍ଗୁଇଷ୍ଟିକ ସର୍ଭେ ଗ୍ରନ୍ଥର ୨ୟଭାଗରେ ଉଲ୍ଲେଖ କରିଛନ୍ତି ଯେ ଶାସ୍ତ୍ରୀ ମହାଶୟଙ୍କ ଦ୍ୱାରା ନେପାଳରୁ ମିଳିଥିବା ବୌଦ୍ଧଗାନ ଓ ଦୋହାର ପାଣ୍ଡୁଲିପି ଅନୁଧ୍ୟାନ କଲେ ଜଣାଯାଏ ଯେ ତହିଁରେ କ,ଗ,ଙ୍କ,ଟ, ଠ, ଣ, ଧ ଏବଂ ପ, ଠ ଆଜିକାଲିର ଓଡିଆ ଅକ୍ଷର ପରି । ଏହାଛଡା ତହିଁରେ ଥିବା ମ, କ, ଚ ଏବଂ ର ଅକ୍ଷର ରାଜା ପୁରୁଷୋତ୍ତମ ଦେବଙ୍କ ପଞ୍ଚଦଶ ଶତାବ୍ଦୀ ତମ୍ବାପଟା ସନନ୍ଦରେ ଥିବା ଅକ୍ଷର ପରି ।

ଚର୍ଯ୍ୟାଗୀତିକାରେ ଯେଉଁ ପ୍ରାଚୀନ ଓଡିଆ ଶବ୍ଦର ବ୍ୟବହାର କରାଯାଇଛି ତାହା ଅକ୍ଷୁଣ୍ଣ ଭାବରେ ମଧ୍ୟ ଆଜିର ଓଡିଆ ଜନସାଧାରଣଙ୍କ ମଧ୍ୟରେ କଥିତ । ଏହି ଶବ୍ଦ ଗୁଡିକ ହେଉଛି –'ପଇଠ' ଭଣଇ, ପିଣ୍ଡି, ବଇଠ, ଯାଇ, ଜାଣି, ବଖାଣି, କିସ, ତେନ୍ତୁଳୀ, ମୋହୋର, ବାପୁଡା, ମୋର, ଏଥୁ, ହୋଇ, ଅଇଲ, ଭଣତି, ସାସୁଘରେ, ଡରଇ, ହୋଇବ, ସୁଣ, କାସ, ପୁଛଇ, ଘିନି, ବୁଝଇ, ଆଜ, ଆଲୋ, କରିବେ, ତହିଁ, ଚାଙ୍ଗଡା, ନଣନ୍ଦ, ଶାସୁ, ବୋଲଇ, ଘୁମଇ, ଦେଖଇ, ବାଢବା, ଖୁଣ୍ଟି, ଉପାଡି, ବହଇ, ଗଢିଲି, ନାଚନ୍ତି, ହୋଇ, ଦେଇ, ଖାଇବ, ବସଇ, ଭାତ, ନାହିଁ, ଭୁଞ୍ଜଇ, ତୁଟଇ ପ୍ରଭୃତି ।

ଡକ୍ଟର ବାଗ୍‌ଚୀ ସଂପାଦିତ ଦୋହା କୋଷଗ୍ରନ୍ଥରେ ତିଲ୍ଲୋପା ଓ ସରହ-ପାଦଙ୍କର ଦୋହାବଳୀରେ ଓଡିଆ ଭାଷାର ପ୍ରୟୋଗ ଲକ୍ଷ୍ୟ କରାଯାଏ । ସେଥିରେ ଭଣବା, ପଡିଲ, ପରମେସର କହଇ, ଭଣନ୍ତି, ହୋନ୍ତି, ବସନ୍ତି, ଝଗଡଇ, ଏତଦ୍ ବ୍ୟତୀତ କାହ୍ନୁପାଦଙ୍କ ଦୋହାରେ ବହନ୍ତି, ଭ୍ରମନ୍ତି, ଜାଣଇ ଠାଇ, ପ୍ରଭୃତି ଶବ୍ଦ ମଧ୍ୟ ଦେଖାଯାଏ ।

ମୈଥିଳୀ ସାହିତ୍ୟର ଇତିହାସରେ ଜୟକାନ୍ତ ମିଶ୍ର ଚର୍ଯ୍ୟାଗୀତିର ଶବ୍ଦ- ସମ୍ଭାର ସଂପର୍କରେ ଅନେକ ଶବ୍ଦର ଯେପରି ଉଦ୍ଧୃତି ଦେଇଛନ୍ତି ସେଥିରୁ ଅଧିକାଂଶ ଓଡିଆ ଶବ୍ଦର ଅନୁରୂପ ଏବଂ ଆଜିମଧ୍ୟ ଲୋକ ମୁଖରେ ପ୍ରଚଳିତ । ବଙ୍ଗଳା ଭାଷାର ଆଲୋଚକ ଡଃ ସୁନୀତି କୁମାର ଚାଟାର୍ଜୀ, ଡଃ.ପ୍ରବୋଧ ଚନ୍ଦ୍ର ବାଗ୍‌ଚୀ, ଡଃ ସୁକୁମାର ସେନ ପ୍ରଭୃତି ବୌଦ୍ଧଗାନ ଓ ଦୋହାର ଭାଷାକୁ ପ୍ରାଚୀନ ବଙ୍ଗଳା ଭାଷାବୋଲି କହିଛନ୍ତି । ଡଃ ସହିଦୁଲ୍ଲା କହନ୍ତି ଯେ ଦୋହାକୋଷ ସମୂହର ଭାଷା ହେଉଛି ମାଗଧୀ ଅପଭ୍ରଂଶ ଏବଂ ପୂର୍ବୀ ଅପଭ୍ରଂଶ ଭାଷାରେ ଏଗୁଡିକ ରଚିତ ।

କେତେକ ଐତିହାସିକଙ୍କ ଅଭିମତ କେତେକ ଶବ୍ଦକୁ ବାଦଦେଲେ ମଧ୍ୟ ଦୋହାର ପଦାବଳୀ ସହିତ ଓଡିଆ ଭାଷାର ଘନିଷ୍ଠ ସଂପର୍କ ବିଦ୍ୟମାନ । ଡଃ.କୁରଣାକର କର ତାଙ୍କର "ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ" ସନ୍ଦର୍ଭରେ ପ୍ରତ୍ୟେକ ଦୋହାର ଓଡିଆ ରୂପ ପ୍ରଦାନ କରିଛନ୍ତି । ସେହି ପଦାବଳୀରୁ ଓଡିଆ ଭାଷାର ସ୍ୱରୂପ ନିର୍ଣ୍ଣୟ କରାଯାଇ ପାରେ ।

୧. ନଗର ବାହିରେ ଡୋମ୍ବି ତୋହରି କୁଡିଆ
ଛୋଇଁ ଛୋଇ ଯାଇ ସୋ ବ୍ରାହ୍ମଣ ନାଡିଆ ।

ଆଲୋଡୋମ୍ବି ତୋଏ ସମ କରିବ ମୋ ସାଙ୍ଗ
ନିଘିଣ କନ୍ହ କାପାଳି ଜୋଇ ଲାଙ୍ଗ ।
ତାନ୍ତ ବିକଣଅ ଡୋମ୍ବି ଆବର ନା ଚାଂଗେଡା
ତୋହୋର ଅନ୍ତରେ ଛାଡି ନଡପେଡା ।
ତୁ ଲୋ ଡୋମ୍ବି ହାଉଁ କପାଳୀ
ତୋହର ଅନ୍ତରେ ମୋଏ ଘେଣିଲି ହାଡେରିମାଳୀ ।
ସରୋବର ଭାଞ୍ଜିଆ ଡୋମ୍ବୀ ଖାଅ ମୋଲାଣ
ମାରମି ଡୋମ୍ବୀ ଲେମି ପରାଣ ।

(ଦୋହାନମ୍ବର ୧୦. କାହ୍ନୁପାଦ)

୨. ହେରିସେ ମୋରି ତଇଲା ବାଡି ଖସମେ ସମତୁଲ
ସୁକଡ ଏସେରେ କପାସୁ ଫୁଟିଲା ।
ତଇଲା ବାଡିର ପାସେର ଜୋହ୍ନାବାଡୀ ଉଏଲା
ଫିଟେଲି ଅନ୍ଧାରିରେ ଆକାଶ ଫଲିଆ
କଙ୍ଗୁଚିନା ପାଚେ ଲାରେ ଶବର ଶବରୀ ମାତେଲା
ଅଣୁଦିନ ଶବରୋ କି‌ି ନଚେବଇ ମହାସୁହେଁ ଭୋଳା

(ଦୋହାନମ୍ବର . ୫୦, ବାବରୀଗା)

୩. କାହେରେ କିସ ଭଣିମଇ ଦିବିପରିଛ
ଉଦକ ଚାନ୍ଦ ଜମି ସାଚ ନା ମିଛ
ଲୁଇ ଭଣଇ ମଇ ଭାଇବକିସ
ଜାଲଇ ଅଛମ ତାହେର ଉହ୍ଣବିସ ।

(ଦୋହାନମ୍ବର.୨୯. ଲୁଇପା)

୪. ଉଚାଁ ଉଚାଁ ପାବତ ତହିଁ ବସି ଶବରୀ ବାଳୀ
ମୋ ରଙ୍ଗୀ ପୀଛ ପରହିତା ସବରୀ ଗିବତଗୁଞ୍ଜରୀ ମାଳୀ ।
ଉମତ ସବରୋ ପାଗଳ ସବରୋ ମାକର ଗୁଲୀଗୁହାଡା ତୋହରି
ଣିଅ ଘରଣୀ ନାମେ ସହଜ ସୁନ୍ଦରୀ
ନାନା ତରୁବର ମୌଳିଲରେ ଗଅଣତ ଲାଗେଲୀ ଡାଳୀ
ଏକେଲି ସବରୀ ଏବଣ ହିଣ୍ଡଇ କର୍ଣ୍ଣକୁଣ୍ଡଳ ବଜ୍ରଧାରୀ

(ଦୋହାନମ୍ବର.୨୮- ଶବରୀପା)

୫. କାଆ ତରୁବର ପଞ୍ଚ ବିଡାଳ
ଚଞ୍ଚଳ ଚିଏ ପଇଠ କାଳ
ଦିଢ କରିଣ ମହାସୁଖ ପରିମାଣ
ଲୁଇ ଭଣଇ ଗୁରୁ ପୁଛିଅଜାଣ । (ଲୁଇପା)

ଉପରୋକ୍ତ ଉଦାହରଣରୁ ଜଣାଯାଏ ଯେ ବୌଦ୍ଧଗାନ ଓ ଦୋହାର ଭାଷା ସହିତ ଓଡିଆଭାଷା କେତେ ନିକଟବର୍ତ୍ତୀ । ଅତଏବ ଓଡିଆ ଭାଷାର ପ୍ରାଚୀନ ସ୍ୱରୂପ ବୌଦ୍ଧଗାନ ଓ ଦୋହାର ଭାଷାରେ ପ୍ରତିଫଳିତ । ନିମ୍ନରେ କେତେକ ଦୋହାକୋଷ ଶବ୍ଦ ସହିତ ଓଡିଆ ଶବ୍ଦର ସାମ୍ୟ ଲକ୍ଷ୍ୟ କରାଯାଇପାରେ ।

| ଦୋହାକୋଶ ଶବ୍ଦ | ଓଡିଆ ଶବ୍ଦ | ଦୋହାଶବ୍ଦ | ଓଡିଆଶବ୍ଦ |
|---|---|---|---|
| ହୋଇ | ହୋଇ | ଅମିଅ | ଅମିୟ |
| ଭାବଇ | ଭାବଇ | ଦୀସଇ | ଦିସଇ |
| ମଇ | ମୁଇଂ | ଆଣେଇ | ଆଣଇ |
| ଛାଡି | ଛାଡି | ଦେଇ | ଦେଇ |
| ଲବଭଇ | ଲଭଇ | ଲେଇ | ଲେଇ |
| ଭଣଇ | ଭଣଇ | କରେଇ | କରଇ |
| ଜାଇ | ଯାଇଁ | ଜଗୁ | ଜଗୁ |
| ଅନ୍ଧାର | ଅନ୍ଧାର | ଦେକ୍ଖଉ | ଦେଖଉ |
| ସିଜ୍ଝଇ | ସିଝଇ | ସୁଣଉ | ଶୁଣଉ |
| ଜାଣଇ | ଜାଣଇ | ଦୁଇ | ଦୁଇ |
| ତହିଁ | ତହିଁ | ଚଲଉ | ଚଲଉ |
| ଧାବଇ | ଧାବଇ | ମଢ | ମଢ |
| ମରଇ | ମରଇ | ବୁଜ୍ଝଇ | ବୁଝଇ |
| ଏତ୍ଥୁ | ଏଥୁ | ଜାଣ | ଜାଣ |
| ଘୋଟ୍ଟଇ | ଘୋଟଇ | ଚଉଟ୍ଠ | ଚଉଠ |
| ପାଏ | ପାଏ | | |

**ଚର୍ଯ୍ୟାପଦାବଳୀର ଭାଷାତାତ୍ତ୍ୱିକ ବିଶ୍ଳେଷଣ :-**

ଚର୍ଯ୍ୟା ପଦାବଳୀରେ ଓଡିଆ ଭାଷାର ଅନନ୍ୟ ସାଧାରଣ ବିଶେଷତ୍ୱ ରହିଛି । ଏହାର ଧ୍ୱନି, ପଦଗଠନ ରୀତି ଓ ଶବ୍ଦତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ଓଡିଆ ଭାଷା ସହିତ ଅନେକ ସାମ୍ୟ ପରିଲକ୍ଷିତ ।

ଧ୍ୱନିତତ୍ତ୍ୱ ଦୃଷ୍ଟିରୁ ଦେଖିଲେ ଚର୍ଯ୍ୟାର 'ଋ' କାରର ଉଚ୍ଚାରଣ ନାହିଁ । ମାତ୍ର ଐ ଏବଂ ଔ ସ୍ଥାନେ ସ୍ଥାନେ ବ୍ୟବହୃତ ଚର୍ଯ୍ୟାରେ ଐ ଓ ଔ ଯଥାକ୍ରମେ 'ଅଇ' ଓ 'ଅଉ'ରେ ମଧ୍ୟ ପରିଣତ ହୋଇଥାଏ । ଯେପରି 'ଚଉଦିଶ', 'ଚଉସିଟ' ଓଡିଆରେ ମଧ୍ୟ 'ଗୌରବ' ଓ 'ଗଉରବ'ର ପ୍ରୟୋଗ ରହିଛି । ଚର୍ଯ୍ୟାପଦର ବିଶେଷଣ ହେଉଛି ଅନେକ ସ୍ଥାନରେ 'ଇ' କାର 'ଅ' କାରରେ ପରିଣତ ହୋଇଥାଏ । ଯଥା - ସାନ୍ଧଇ > ସାନ୍ଧିଅ ବାନ୍ଧଇ > ବାନ୍ଧିଅ, ଛାଡଇ > ଛାଡିଅ, ପଡଇ > ପଡଅ । ଏତଦ୍‌ବ୍ୟତୀତ ସ୍ୱରଉକ୍ତି - ଗ୍ରାହକ > ଗରାହକ, ବର୍ଷଇ > ବରିସିଅ, ଘ୍ରାଣ > ଘରଣ, 'ଟ' , 'ଠ' ରେ ଓ 'ଡ' ରେ ପରିଣତ ହେବା, 'ଧ' ଧ୍ୱନି 'ହ' ରେ ସ୍ୱରବର୍ଣ୍ଣରେ 'ହ' କାର ଆଗମ, ଓ ସ୍ଥାନେସ୍ଥାନେ ବର୍ଣ୍ଣ ବିପର୍ଯ୍ୟୟ- ଲଙ୍କା > ଲାଙ୍କ , ଲଗ୍ନ > ଲାଙ୍ଗ, କୃଷ୍ଣ > କନ୍‌ହୁ ପ୍ରଭୃତି ଦେଖାଯାଏ ।

ସଂସ୍କୃତ ପ୍ରାକୃତରେ ପରିଣତ ହେବା ସାଙ୍ଗେ ସଙ୍ଗେ ଶବ୍ଦରୂପ ଓ ଧାତୁ ରୂପରେ ଦି ବଚନର ଲୋପହୁଏ । କେବଳ ବେନି, ଦୁଇ ଭାଇ ଓ ଉଭୟ ପ୍ରଭୃତି ଶବ୍ଦ ଦ୍ୱିବଚନର ଚିହ୍ନ ଭାବରେ ରହେ ।

ଉଦାହରଣ ସ୍ୱରୂପ -

ବେନିଭ୍ରାତ ମୁନି ସଙ୍ଗେ ଦେଖେ ସିଦ୍ଧବନ

(ବୈଦେହୀଶ ବିଳାସ)

ଚର୍ଯ୍ୟାରେ - "ଚାନ୍ଦସୁଜ ବେନି ପଙ୍ଖା ଫାଳ"

ଓଡିଆ ଶବ୍ଦରୂପରେ ଏକ ବଚନ ଓ ବହୁବଚନ ପରସ୍ପର ଠାରୁ ଭିନ୍ନ । ଓଡିଆ ବହୁ ବଚନରେ ମାନେ, ଏ, ଗୁଡି, ଗୁଡିଏ , ଲୁଚି, ଲୁଚିଏ ପ୍ରଭୃତି ପ୍ରତ୍ୟୟ ବ୍ୟବହୃତ । ଚର୍ଯ୍ୟାରେ 'ଏ' ପ୍ରତ୍ୟୟର ବହୁଳବ୍ୟବହାର । ଯଥା- ଚୋରେନିଲ୍ , କୁକ୍‌କୁରୀପାଏ , ଚିଏ, ସେହିପରି ଆ'ପ୍ରତ୍ୟୟ ମଧ୍ୟ ଉଭୟରେ ଦେଖାଯାଏ । ଓଡିଆରେ –

ଯେବେ ଏହିରୂପେ ହୋଇଥାନ୍ତେ ସୀତା
କି ପାଁଇ ରାବମ ରାକ୍ଷସ ବଳବନ୍ତା ।
ଭଲମନ୍ଦ ଦୁଇ କଥାକୁ ନବିଚାରି
ଆଣନ୍ତା କାହିଁପାଇଁ ମଦନେ ଘାରି ।

**ଚର୍ଯ୍ୟାରେ :-**

ସୁସୁରା ନିଜ ଗେଲା ବହୁଡି ଜାଗଅ
ଆମ୍‌ହେ କୁନ୍ଦୁରେ ବୀରା ।

**କାରକ ଓ ବିଭକ୍ତିର ପ୍ରୟୋଗ :-**

ଓଡିଆ କର୍ତ୍ତା କାରକରେ ୧ମା ଏକ ବଚନରେ କୌଣସି ବିଭକ୍ତିର ଚିହ୍ନ ବ୍ୟବହୃତ ହୁଏନାହିଁ । ଚର୍ଯ୍ୟାପଦାବଳୀରେ ମଧ୍ୟ ସେହିପରି , ସର୍ବନାମ ବହୁ ବଚନାନ୍ତ 'ଏ' ପ୍ରତ୍ୟୟ ଓଡିଆରେ ସମସ୍ତ ଶବ୍ଦର ବହୁବଚନ ପ୍ରତ୍ୟୟ ରୂପରେ ବ୍ୟବହୃତ ହୁଏ । ଚର୍ଯ୍ୟାରେ ମଧ୍ୟ ଆଦିଏଁ, କାଦିଏଁ ପ୍ରଭୃତି 'ଏ' ପ୍ରତ୍ୟୟ ବ୍ୟବହୃତ ।

ସଂପ୍ରଦାନ କାରକ ଓ କର୍ମକାରକର ୪ର୍ଥୀ ଓ ୨ୟା ବିଭକ୍ତିର ପ୍ରତ୍ୟୟ ଓଡିଆରେ ସମାନ । ଚର୍ଯ୍ୟାରେ ମଧ୍ୟ ସେହିପରି କେ, କୁ, ରେ, ରେଁ ପ୍ରଭୃତି ୨ୟା ଓ ୪ର୍ଥୀ ଅଭିନ୍ନ ଭାବରେ ବ୍ୟବହୃତ ।

ସମସ୍ତ ସର୍ବନାମର ରୂପରେ ଦୁଇ ପ୍ରକାର ଭେଦ ରିହଛି – ସାଧାରଣ ଓ ସମ୍ମାନାର୍ଥକ । ଚର୍ଯ୍ୟାରେ ଉତ୍ତମ ପୁରୁଷ ବାଚକ ସର୍ବନାମ (ଅସ୍ମଦ) ଓ ମଧ୍ୟମ ପୁରୁଷ ବାଚକ ସର୍ବନାମର ଏହି ପରିରୂପ ଲକ୍ଷ୍ୟ କରାଯାଏ ।

| | ଉତ୍ତମ ପୁରୁଷ | | ମଧ୍ୟମ ପୁରୁଷ |
|---|---|---|---|
| କର୍ତ୍ତାକାରକ ୧ମା ବିଭକ୍ତି | –ଅହ୍ମେ | | ତୁମ୍‌ହେ |
| | (ଆମ୍ହେ) | | (ତୁମ୍ହେ), ତୁ |
| | ମଇ | ୨ୟା – | ତୋହୋରେ, ତୋରେ |
| | ହାଉଁ | | |
| | ମୋଏ | ୩ୟା – | ତୋଏ |
| ୨ୟା ବା ୪ର୍ଥୀ | ମୁକୁଁ | | |
| ୬ଷ୍ଠୀ | ମୋହର | ୬ଷ୍ଠୀ – | ତୋ, ତୋହର |
| | ମୋ | | ତୋରା |
| | ମୋର | | ତୋହୋରି |
| | ମୋରି | | |

ଓଡିଆ ଭାଷାରେ ଦୁଇ ପ୍ରକାର କ୍ରିୟା ଦେଖିବାକୁ ମିଳେ । ଯଥା–ମୌଳିକ ଓ ଯୌଗିକ । ମୌଳିକ କ୍ରିୟାରେ ମୂଳଧାତୁରେ ଭିନ୍ନ ଭିନ୍ନ ବିଭକ୍ତି ଯୋଗହୋଇ କ୍ରିୟା ନିଷ୍ପନ୍ନ ହୋଇଥାଏ, ଯଥା –ଖାଏ, ଖାଅବ, ଖାଇ, ଖାଇଲା ମାତ୍ର ଯୌଗିକ କ୍ରିୟାରେ ଇ ବା ଉ ପ୍ରତ୍ୟୟାନ୍ତ ସମାପିକା ରୂପରେ ବ୍ୟବହୃତ । ପ୍ରଥମରେ ଓଡିଆ ଭାଷାରେ ମୌଳିକ କ୍ରିୟାର ବ୍ୟବହାର ବିଶେଷଭାବରେ ହେଉଥିଲା । କିନ୍ତୁ ଏବେ ଯୌଗିକକ୍ରିୟାର ବ୍ୟବହାର ଅଧିକ । ଚର୍ଯ୍ୟାରେ ମୌଳିକ କ୍ରିୟାର ସ୍ୱରୂପ ଦେଖିବାକୁ ମିଳେ । ଏଥିରେ ଯୌଗିକ କ୍ରିୟା ନାହିଁ କହିଲେ ଚଳେ । ଓଡିଆ ପରି ଚର୍ଯ୍ୟାରେ ବର୍ତ୍ତମାନ, ଅନୁଜ୍ଞା, ଅତୀତ ଓ ଭବିଷ୍ୟତ କାଳର ବ୍ୟବହାର ଲକ୍ଷ୍ୟ କରାଯାଏ ।

| ବର୍ତ୍ତମାନ | ଅନୁଜ୍ଞା | ଅତୀତ | ଭବିଷ୍ୟତ |
|---|---|---|---|
| ଭଣଇ | ଫିଟଉ | ଅଇଲା | (ଇବ ପ୍ରତ୍ୟୟଯୋଗେ) |
| ପଢଇ | କରଉ | ଉଇଲା | ଦିବି |
| ନାଚନ୍ତି | ପୁଚ୍ଛତୁ | ଚଳିଲା | ହୋଇବ |
| ଜାଣଇ | ବାହଅ | ଆହାରିଲୁ | କରିବ |
| ବାଢଇ | ତୁଲହ | ବୁଡିଲି | ଜାଇବ |
| ଦିସଅ | ପୁଚ୍ଛୁ | ସୁତେଲି | ଖାଇବ |
| ଖଣଅ | ଆଣୁ | ଯେଗିଲି | କହିବ |
| ଫେଡଇ | ଟାଣଅ | ଚଡିଲା | ଦାଏବ |
| ବିଳସଇ | ସମାଅ | ବିହରିଉ | ଜେଏବ |
| ବସଇ | ରଜାଅ | ଟାଳିଉ | |
| ମାନଇ | | କଏଲା | |
| ଚାହଇ | | ଦିଲା | |
| | | ଫିଟିଲା | |

**କ୍ରିୟାବାଚକ ବିଶେଷ୍ୟ ଓ ବିଶେଷଣ -**

ଓଡିଆରେ ଅତୀତକାଳରେ ଧାତୁପରେ 'ଇଲ' ବା 'ଲ' ପ୍ରତ୍ୟୟ ସ୍ଥାନରେ 'ଇଲା' ବା 'ଲା' ଯୋଗ ହୁଏ । ମାତ୍ର ସେହି 'ଲା' ବା 'ଇଲା' ପ୍ରତ୍ୟୟାନ୍ତ ପଦ ଓଡିଆରେ ବିଶେଷଣ ଓ ବିଶେଷ୍ୟ ଉଭୟ ଭାବରେ ବ୍ୟବହୃତ ହୁଏ । ଚର୍ଯ୍ୟାରେ ମଧ୍ୟ 'ଲ' 'ଇଲା' ପ୍ରତ୍ୟୟ ଠିକ୍ ଏହିପରି ବ୍ୟବହୃତ ହୋଇଥିବାର ଲକ୍ଷ୍ୟ କରାଯାଏ । ଯଥା– 'ଦୁହିଲା ଦୁଧୁ', ସହଜ ଦେଲ ବାଜାଅ ।

ଅସମାପିକ କ୍ରିୟା – 'ଇ' ପ୍ରତ୍ୟୟ –'ଇଅ' ପ୍ରତ୍ୟୟ, ବି ଓ ମ ପ୍ରତ୍ୟୟ ଚର୍ଯ୍ୟାର ବିଶେଷତ୍ୱ । ଏଗୁଡିକ ଅସମାପିକାକ୍ରିୟା ଭାବରେ ବ୍ୟବହୃତ ।

'ଇ' ପ୍ରତ୍ୟୟ – ଜାଣି, ଯୋଇ, ପୁଚ୍ଛି , ମାରି, ହେରି, ବାନ୍ଧି, ଶୁଣି, ଲଇ, ଜାଇ, ଭେଳି, ଦେଖି । 'ଇଅ'– ପ୍ରତ୍ୟୟ ଧରିଅ, ମାରିଅ, ବୁଝିଅ, ନାଶିଅ, ଘୋରିଅ, ବୁଜିଅ, ଲଇଅ ।

ଅତଏବ ଭାଷାତତ୍ୱ ଦୃଷ୍ଟିରୁ ବିଚାର କଲେ ଓଡିଆ ଭାଷା ସହିତ ଚର୍ଯ୍ୟାପଦାବଳୀ ଅନେକ ସାମ୍ୟ ନିହିତ । ପ୍ରାଚୀନ ଓଡିଆ ଭାଷାର ସ୍ୱରୂପ ନିର୍ଣ୍ଣୟ ପାଇଁ ଚର୍ଯ୍ୟାପଦାବଳୀ ଏକାନ୍ତ ଆବଶ୍ୟକ ।

X X X X X

# ପ୍ରାଚୀନ ଓଡିଆ ଶିଳାଲେଖ ଓ ତମ୍ବାପଟା ସନନ୍ଦରେ ଓଡିଆ ଭାଷାର ସ୍ୱରୂପ -

ଭାଷାର ପ୍ରକୃତ ସ୍ୱରୂପ ଶିଳାଲେଖରେହିଁ ପ୍ରତିଫଳିତ ହୋଇଥାଏ । ଶିଳାଲେଖର ସମୟ ଅନୁସାରେ ସେହି ସମୟର ପ୍ରଚଳିତ ଭାଷା ସେଥିରେ ଖୋଦିତ ହୋଇଥାଏ । ଅବଶ୍ୟ ପ୍ରାଚୀନ ଓଡିଶାରେ ଲେଖିବାର ପ୍ରଧାନ ଉପକରଣ ଥିଲା ତାଳପତ୍ର; ମାତ୍ର ତାଳପତ୍ର ଗୁଡିକ ବହୁକାଳ ସ୍ଥାୟୀ ହୋଇ ରହି ନପାରେ । ଏଗୁଡିକ କୀଟଦ୍ରଷ୍ଟ କିମ୍ବା ମାଟି ପାଣି ସଂସ୍ପର୍ଶରେ ଆସିଲେ ନଷ୍ଟ ହୋଇଯାଏ । ସେଥିପାଇଁ ତାଳପତ୍ର ଅପେକ୍ଷା ଶିଳାଲେଖ ଓ ତମ୍ବା ସନନ୍ଦ ପଟା ଅଧିକ ଉପାଦେୟ ଓ ସ୍ଥାୟୀ ଭାବରେ ଲେଖନ କାର୍ଯ୍ୟରେ ବ୍ୟବହୃତ ହେଉଥିଲା । ଭାଷାର ଯଥାର୍ଥ ସ୍ୱରୂପ ନିର୍ଣ୍ଣୟପାଇଁ ଏହି ଉପାଦାନଗୁଡିକ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଓଡିଶାରେ ରାଜାମାନଙ୍କ ଦ୍ୱାରା ଖୁଣ୍ଟିଆ ନାମକ ଏକ ଖୋଦନ ବୃତ୍ତିଜୀବୀ ନିଯୁକ୍ତ ହେଉଥିଲେ । ସେମାନେ ଅଭିଲେଖ ବା ତାମ୍ରପତ୍ର ଗୁଡିକରେ ରାଜାମାନଙ୍କର ରାଜ୍ୟଜୟ, ଅନୁଶାସନ ଦଣ୍ଡାଦେଶ, ବ୍ରାହ୍ମଣ, ସନ୍ୟାସୀ, ପୂଜକ, ପୁରୋହିତ, ପଣ୍ଡିତ ଓ ଦେବଦେବୀମାନଙ୍କୁ ଦାନ ଦକ୍ଷିଣା ଦେବଦେବୀ ମାନଙ୍କର ସେବା ପୂଜା ନିମିତ୍ତ ନିଷ୍କର ଭୂମି, ସ୍ୱର୍ଣ୍ଣମୁଦ୍ରା, ଗୋ ସଂପଦ ଅର୍ପଣ ପ୍ରଭୃତି ଖୋଦନ କରୁଥିଲେ । ଏହି ବିବରଣୀ ମଧ୍ୟରୁ ଓଡିଆ ଭାଷାର ପ୍ରାଚୀନତା ଲକ୍ଷ୍ୟ କରାଯାଇପାରେ ।

ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା ମାନଙ୍କ ମଧ୍ୟରେ ମରହଟ୍ଟା ଓ ଓଡିଆ ଏହି ଦୁଇ ଭାଷା ଖୋଦିତ ଅଭିଲେଖ ଦୃଷ୍ଟିରୁ ଅତୀବ ଗୁରତ୍ୱପୂର୍ଣ୍ଣ । ଓଡିଆ ଭାଷା ମରହଟ୍ଟା ଭାଷା ଅପେକ୍ଷା କେତେକ କ୍ଷେତ୍ରରେ ଅଗ୍ରଣୀ । ଓଡିଶାରେ ଅଭିଲେଖଗୁଡିକ ମୁଖ୍ୟତଃ ଧାତୁଲେଖ ଓ ଶିଳାଲେଖ ।

ଧାତୁ ମଧ୍ୟରେ ତାମ୍ର ଅଧିକ ବ୍ୟବହୃତ । ଏଗୁଡିକ ମୁଖ୍ୟତଃ ଓଡିଶା ଓ ଆନ୍ଧ୍ର ପ୍ରଦେଶର ଉତ୍ତରାଞ୍ଚଳର ମନ୍ଦିର ଗାତ୍ରରେ, ସ୍ତମ୍ଭରେ ଅଥବା ସ୍ୱତନ୍ତ୍ର ଭାବରେ ନିର୍ମିତ ସ୍ତୁପ ଦେହରେ ଖୋଦିତ ।

**ପ୍ରାଚୀନ ଅଭିଲେଖର ପ୍ରଥମ ପର୍ଯ୍ୟାୟ-**

ଆଜି ପର୍ଯ୍ୟନ୍ତ ଯେତେ ଶିଳାଲେଖ ଆବିଷ୍କୃତ ହୋଇଛି ସେଥିମଧ୍ୟରୁ ପ୍ରାଚୀନତମ ହେଉଛି ୨ୟ ବଜ୍ରହସ୍ତ ଦେବଙ୍କର ଉରଜାମ ଶିଳାଲେଖ । ଏହାର ସମୟ ହେଉଛି ୧୦୫୧ ଖ୍ରୀଷ୍ଟାବ୍ଦ । ଏହି ଶିଳାଲେଖଟି ଆନ୍ଧ୍ର ପ୍ରଦେଶର ସିକାକୋଲ ତାଲୁକର ଉରଜାମ ତାଲୁକରେ ସ୍ଥାପିତ । ମାତ୍ର ଡଃ.ସତ୍ୟ ନାରାୟଣ ରାଜଗୁରୁ ସୋରୋ ନିକଟସ୍ଥ ଗଣ୍ଡିବେଢ ଗ୍ରାମରୁ ଆବିଷ୍କୃତ ଏକ ବୌଦ୍ଧ ପ୍ରତିମାର ପାଦଦେଶରେ ଖୋଦିତ ଦୁଇଧାଡି ଲେଖାକୁ ପ୍ରାଚୀନତମ ଓଡିଆ ଅଭିଲେଖ ବୋଲି ମତ ଦେଇଛନ୍ତି ଏବଂ ଏହାର ସମୟ ୧୦ମ/୧୧ଶ ଶତାବ୍ଦୀ ବୋଲି ମଧ୍ୟ ସ୍ଥିର କରିଛନ୍ତି । ସେ ଦୁଇଧାଡି ହେଉଛି -

"ଦେବ କହି ଭକତି କରୁଣ
ଅଛନ୍ତି ଭୋ କୁମାର ସେଣ"

ମାତ୍ର ଲିପିତତ୍ତ୍ୱ ଦୃଷ୍ଟିରୁ ଡଃ କୁଞ୍ଜବିହାରୀ ତ୍ରିପାଠୀ ଏହାକୁ ପ୍ରାଚୀନତମ ଅଭିଲେଖ ଭାବରେ ଗ୍ରହଣ କରନ୍ତି ନାହିଁ । ଯଦିବା ସେ ଏହାକୁ ୧୩ ଶତାବ୍ଦୀ କିମ୍ବା ତା ପୂର୍ବବର୍ତ୍ତୀ ଲେଖା ଭାବରେ ଗ୍ରହଣ କରିଛନ୍ତି । ଅବଶ୍ୟ ଏହାର ବହୁପୂର୍ବରୁ ଅର୍ଥାତ୍ ୭ମ ଶତାବ୍ଦୀରେ ମାଧବ ବର୍ମାଙ୍କ ଖୋଦିତ ଖୋର୍ଦ୍ଧା ତାମ୍ର ଶାସନରେ 'କୁମ୍ଭାର' ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀରେ ଖୋଦିତ ଅନନ୍ତ ବର୍ମାଙ୍କ ମଞ୍ଜୁଷା ତାମ୍ର ଶାସନରେ 'ଭିତରୁ' ଓ 'ପଦର' ଓଡିଆ ଶବ୍ଦ ବ୍ୟବହୃତ ହୋଇଥିବାର ଦେଖିବାକୁ ମିଳେ । ମାତ୍ର ଏଇ କେତୋଟି ଶବ୍ଦକୁ ଆଧାର କରି ଓଡିଆ ଭାଷାର ଉତ୍ପତ୍ତି ବିକାଶର ସମୟ ନିରୂପଣ କରିବା ନିରାପଦ ନୁହେଁ । ପ୍ରକୃତରେ ଦେଖିବାକୁ ଗଲେ ଏକାଣ୍ୟ ଖୋଦିତ 'ଉରଜାମ' ଶିଳାଲେଖ ହିଁ ପ୍ରାଚୀନତମ ଓଡିଆ ଶିଳାଲେଖର ଗୌରବ ବହନ କରେ । ଏଥିରେ ବ୍ୟବହୃତ ବହୁଶବ୍ଦ ପରବର୍ତ୍ତୀ ରଚନା ମାନଙ୍କରେ ବ୍ୟବହୃତ । ଏଥିରେ ବ୍ୟବହୃତ ଶବ୍ଦ ହେଉଛି - ମେଲାଣ, ଦେଲା, ଧିଲ (ଦେଲା) ଶଣି (ଶନି), ସନ୍ମୁଖେ (ସମ୍ମୁଖେ) ସମର, ରିପୁ, ଦର୍ପ, ମର୍ଦ୍ଦନ, ଭୁଜବଳ, ପରାକ୍ରମ, ଗଙ୍ଗା, ଅବଲମ୍ବନ, ସ୍ତମ୍ଭ, ଶ୍ରୀମଦ୍ ଅନନ୍ତ ବର୍ମାଦେବ, ବିଜୟ, ରାଜ୍ୟ, ସମ୍ବତ୍ସର ୧୯, ତୁଲା (ତୁଳା) ମାସ, ଶୁକ୍ଳ ପକ୍ଷ, ଦିନ, ପଞ୍ଚମୀ ବାର, ପର୍ବ, ଭାଗ, ସହସ୍ର, ସୁବର୍ଣ୍ଣ, ଦଣ୍ଡ, ସରସ୍ୱତୀ, ବଲ୍ଲଭ, ଶିଳା, ଲେଖିତ, ପ୍ରଭୃତି ତଦ୍‌ଭବ ଓ ତତ୍ସମ ଓଡିଆ ଶବ୍ଦଗୁଡିକ ବ୍ୟବହୃତ ହୋଇଅଛି ।

୨ୟରେ ୧୨୪୯ ମସିହାରେ ଦ୍ୱିତୀୟ ନରସିଂହ ଦେବଙ୍କ ଭୁବନେଶ୍ୱର ଦ୍ୱୈଭାଷିକ ଶିଳାଲେଖ (ତେଲୁଗୁ ଓ ଓଡିଆ) ଶିଳାଲେଖରେ ପ୍ରାଚୀନ ଓଡିଆ ଭାଷାର ଯଥାର୍ଥ ନିଦର୍ଶନ ମିଳେ । ଏଥିରେ ପୂର୍ଣ୍ଣାଙ୍ଗ ଓଡିଆ ବାକ୍ୟର ବିକାଶ ଲକ୍ଷ୍ୟ କରାଯାଏ –

"ଏ ବାଘମରା ଭୂମୀ ବାରବାଟୀ ଫଳଭୋଗ୍ୟ ଆସୀଆ ସତକେ କୀଲାକଇ ତପଚକ୍ର ବତୀକି ହାଥରଇ ଦୁଷ୍ ଗାଉଟ ଆଚାୟେଂ ପାଣୀଧୀଲା ।"

ଡଃ ସୁନୀତି କୁମାର ଚାଟାର୍ଜୀ ଏହି ଶିଳାଲେଖର ଭାଷା ଉପରେ ମତ ଦେଇ କହନ୍ତି, ଏଥିରେ ପରିଦୃଷ୍ଟ ଓଡିଆଭାଷା ମାଗଧୀ ଅପଭ୍ରଂଶ ଓ ପ୍ରାଚୀନ ଓଡିଆର ମଧ୍ୟବର୍ତ୍ତୀ ଭାଷା ଅଟେ । ଯେପରି ନାୟେକଂ, 'କଇ' ହାଥରଇ, ଯାହାକି ପ୍ରାଚୀନଓଡିଆରେ ନାୟକଂ, କହି, କୀଲା, ସବୁର ପରବର୍ତ୍ତୀ ରୂପ । ବିଶେଷ କରି ସାରଳା ମହାଭାରତରେ ଏହି ଶବ୍ଦ ଗୁଡିକର ବହୁଳ ପ୍ରୟୋଗ ଦେଖିବାକୁ ମିଳେ ।

ତ୍ରୟୋଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାନୁଦେବଙ୍କ (୧୨୬୩-୧୨୬୯) ରାଜତ୍ୱ କାଳରେ ଖୋଦିତ ଲକ୍ଷ୍ମୀ ନାରାୟଣ (ସୀମାଞ୍ଚଳସ୍ଥ) ମନ୍ଦିର ଶିଳାଲେଖରେ ପ୍ରାଚୀନ ଓଡିଆଭାଷାର କେତେକ ନମୁନା ଦେଖିବାକୁ ମିଳିଥାଏ ।

**ପ୍ରାଚୀନ ଓଡିଆ ଅଭିଲେଖର ୨ୟ ପର୍ଯ୍ୟାୟ :-**

ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଓଡିଆ ଭାଷା ପୂର୍ଣ୍ଣାଙ୍ଗ କଥିତ ଓ ସାହିତ୍ୟିକ ରୂପ ଧାରଣ କରିଥିବାର ନମୁନା ନିମ୍ନଲିଖିତ ଅଭିଲେଖ ଗୁଡିକରୁ ମିଳିଥାଏ । ଅନ୍ୟପକ୍ଷରେ ଏ ସମୟରେ ରଚିତ କାବ୍ୟ କବିତା ଗୁଡିକର ସଂପୂର୍ଣ୍ଣ ଉଦ୍ଧାର କରାଯାଇ ନଥିବାରୁ ଓଡିଆ ଭାଷା ଓ ସାହିତ୍ୟର କ୍ରମବିକାଶ ସଂପର୍କରେ ଆଲୋଚନା କଲାବେଳେ କେତେକ ଅସଙ୍ଗତି ଲକ୍ଷ୍ୟ କରାଯାଏ । ମାତ୍ର ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ସଂସ୍କୃତ ଭାଷାର କ୍ଲିଷ୍ଟ ସାହିତ୍ୟିକ ପଦ୍ଧତି ସାଧାରଣ ଜନ ସମାଜରୁ କ୍ରମେ ଲୋପ ପାଇ ସାଧାରଣ ଲୌକିକ ଓଡିଆ ଭାଷା କ୍ରମେ ପ୍ରାଧାନ୍ୟ ଲାଭ କରିଛି । ଏସମୟର ୩ଟି ଅଭିଲେଖକୁ ବିଚାରକୁ ନିଆଯାଇଥାଏ ।

୧. ୧୩୮୪ ଖ୍ରୀ: ରେ ଖୋଦିତ ୪ର୍ଥ ନରସିଂହ ଦେବଙ୍କ ପୁରୀ ତ୍ରିମାଳି ମଠ ତାମ୍ର ଫଳକ ସନନ୍ଦ । ଏଥିରେ ବ୍ୟବହୃତ ଓଡିଆ ଶବ୍ଦ ହେଉଛି – ଦକ୍ଷୀଣ ସୀମା ଭାଖର, (ଭାସ୍କର) ଗ୍ରାମର ଚକଳିଆ ଅଲଣ୍ଡା ବିଆଳି ଓତ୍‌ଥ ଭୁଇଁର ଉତ୍ତର ଦଣ୍ଡା ଅର୍ଦ୍ଧ ବଥପଡା ଗ୍ରାମର ଉତ୍ତର ରାଚଛର ଅର୍ଦ୍ଧ ବସାଖଣ୍ଡ ଗ୍ରାମର ଦୋସୀମାନ୍ତ ବନ୍ଧ ଉପର ନାଆ ପଥର କହୁମାଦି କରି ଲଙ୍କ ବଡ ଗ୍ରାମର ଉତ୍ତରଗାଳୀ ନଈର ଅର୍ଦ୍ଧ ମକୁଲୁଣ୍ଡା ଗ୍ରାମର ନଈତଡ ପାଣିଶିଳା ଶଂଭାର ପୂର୍ବହିଡ ପର୍ଯ୍ୟନ୍ତ ସୀମା ନମାଦି କୃତ୍ୱା ।"

**ପାଠାନ୍ତର –** ଦକ୍ଷିଣ ସୀମା । ଆ (ଭା) ଖରସାହି ଗ୍ରାମର ଚକଳିଆ ଲୁଣ୍ଡା ବିଆଳି ଓସ୍ତ ଭୂଇଁର ଉତ୍ତରଦଣ୍ଡା ଅର୍ଦ୍ଧ । ରଥପଡା ଗ୍ରାମର ଉତ୍ତର ରାସ୍ତାର ଅର୍ଦ୍ଧ । ରସାଖଣ୍ଡ ଗ୍ରାମର ଦୋସୀମାନ୍ତ ବନ୍ଧଉପର ନାଆ (ଳ) ପଥର କରି ଲଙ୍କଗଡ ଗ୍ରାମର ଉତ୍ତର ମାଳି ନଈର ଅର୍ଦ୍ଧ । ମହୁଲୁଣ୍ଡା ଗ୍ରାମର ନଈତଡ ପାଣି ସି(ଶି)ଳା । ଖଂଡାର ପୁର ଡିହ ପର୍ଯ୍ୟନ୍ତ ସୀମା ଦୁଆର କୃତ୍ୱା ।

୨. ୧୩୯୪ ଖ୍ରୀ: ରେ ଖୋଦିତ ୪ର୍ଥ ନରସିଂହ ଦେବଙ୍କର ଯାଜପୁର ସିଦ୍ଧେଶ୍ୱର ମନ୍ଦିରସ୍ଥ ସ୍ତମ୍ଭାଭିଲେଖ । ଏଥିରେ ବ୍ୟବହୃତ ଓଡିଆ ଶବ୍ଦ ଗୁଡିକ ହେଉଛି –

(୧) (ବୀର) ଶ୍ରୀ ନରସୀଙ୍ଗ ଦେବଙ୍କ ବୀଜେରାଜେ ସମଂଧୁ ୧୯ ସ୍ରାହି କକଡା କିସ୍ଣ ୧୪ ଚନ୍ଦ୍ର ବାରେ ।

(୨) ଚତୁର ଦୀଗେ (ଗ) ଦଣ୍ଡ ପରିକ୍ଷା ଶ୍ରୀକ୍ର (ଣ) ପଟାନାଏକ ବିସନାଥ ମାହା ସେନାପତୀଙ୍କ୍ର, ଦଣ୍ଡ ପରୀକ୍ଷା ପୁରୁବ ଦୀଗ ଦଣ୍ଡ ।

(୩) ପା(ଟ)ରୁ ନନ୍ଦୀକେସ୍ୱର ସନୀମୀଗ୍ରାଙ୍କ ବେହୋରଣେ ଏ ଦଣ୍ଡ-ପାଟର ପସାଇତ ମୁଦୁଲି କୋଠସିଣ ଭାଗଲୋକ ।

(୪) ସମସ୍ତ ବେହୋରଣେ ଅନୁମତେ ର ଆଙ୍ଗବୀସେ ଭୈମଗ୍ରାମ ଗ୍ରାମଜିତ ମାଢ ପ ୫୦ ସ ଏ ଭାଗ(କେ) ଦାନ

(୫) (ଓ)ହୋରୁ ପାଉକା ପାଇକା ଭେଟା ବୋଡା ପରି ଦରସନା ଯାବତ ଅବଦାନ ନାସ୍ତିକର(ରି) ବୀରଶ୍ରୀ (ନା)ର ସିଂଘ ଦେବ ।

**୨ୟ ଭାଗ :-**

(୬) ଙ୍କର ଆସ (କାମାର୍ଥେ)

(୭) ତୀଣେ ..... ଟୀପ ୧.

(୮) ସିଦ୍ଧେସର (ଜନା)ଙ୍କୁ ଦତ ପ୨

(୯) ମାଢ ...... ଦୁ (୨)

(୧୦) ଦ୍ରୋହୋ(କ)ରଇ.... (ର)ଇ

ଏଥିରେ ବ୍ୟବହୃ ଓଡିଆ ନରସିଂଘ ଦେବଙ୍କ ବୀଜେ ରାଜେ ସମ୍ବତ୍ (ସମଂଧୁ), ସ୍ରାହି, କକଡା (କର୍କଟ) କୃଷ୍ଣ(କିସ୍ଣ) ଚତୁରଦିଗେ ଶ୍ରୀକଣ ପଟ୍ଟନାୟକ ପୁରୁବ ସନାମୀଗ୍ର(ସନ୍ଧି ବିଗ୍ରହ) ବେହେରେଣେ ପସାଇତ ମୁଦୁଲି, ଅନୁମତି ମାଢ ପାଇକା, ଭେଟି (ଭେଟା) (ବୋଦା) ବଦାଇ (Offierings) (ଅର୍ପଣ) ପରିଦର୍ଶନୀ, ବିସୟେ (ବୀସେ) ଆଇ(ଆୟୁଷ) (ସୀଧେସର) ସିଦ୍ଧେଶ୍ୱର ପ୍ରଭୃତି ।

୩. ତୃତୀୟ ଅଭିଲେଖ ହେଉଛି ୧୩୯୫ – ୯୬ ମସିହାରେ ଖୋଦିତ ୪ର୍ଥ ନରସିଂହ ଦେବଙ୍କର ପୁରୀ ଶଙ୍କରାନନ୍ଦ ମଠର ତାମ୍ର ଫଳକ ସନନ୍ଦ । ଏଥିରେ ବ୍ୟବହୃତ ଓଡିଆ ଶବ୍ଦଗୁଡିକ ହେଉଛି – ବିଛା, ମଙ୍ଗଳବାରେ, ବାରଣାସୀ କଟକେ, ଶ୍ରୀଚରଣେ, ଭିତର, ନବରେ , ମହାପାତ୍ର, ଲାଣ୍ଡୁରଥ, ଜେନା, ଦ୍ୱାରା, ପରୀକ୍ଷା, ଗୋଚରେ, ମୁଦଲ, ଭୂମି, ଦେବକୂଟ, ଜପ ସମୟେ, ନାଏକର, କଲା, ପ୍ରମାଣେ, ଦଣ୍ଡା, ବୁଢା, ଲେଙ୍କା, ସେନାପ୍ତି, ଆଠ, ସାଇରେ(ଏକ ଗ୍ରାମର ନାମ), ଘରେ , ଏ, ଦୁବା, କରି, ଶାଏ, ନେବା, ସ୍ରାହି, ଉତ୍ତାରୁ, ବିଜେ, ଆସିବା, ଆଗେ, ବୋଇଲା, ଦେଉଳୀ ପ୍ରଭୃତି ।

**ଓଡିଆ ଅଭିଲେଖର ୩ୟ ପର୍ଯ୍ୟାୟ**

**(ପଞ୍ଚଦଶ ଓ ଷୋଡଶ ଶତାବ୍ଦୀ) (୧୪୩୫-୧୫୦୦)**

ଏହି ପର୍ଯ୍ୟାୟରେ ଅଧିକାଂଶ ଶିଳାଲେଖ ଓ ସନନ୍ଦ ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କର । କେବଳ ଏହି ସମୟ ମଧ୍ୟରେ ପ୍ରାୟ ୫୦ ଶିଳାଲେଖ ଲିଖିତ ହୋଇଥିବାର ଦୃଷ୍ଟାନ୍ତ ମିଳେ । କେବଳ ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କର ୨୦ଟି ଓଡିଆ ଶିଳା ଲେଖର ସନ୍ଧାନ ମିଳିଛି । କପିଳେନ୍ଦ୍ର ଦେବଙ୍କ ଶାସନ କାଳ ଅର୍ଥାତ୍ ୧୪୩୫ –୩୬ ଆରମ୍ଭ ବେଳକୁ ଓଡିଆ ଭାଷାର ପୂର୍ଣ୍ଣାଙ୍ଗ ବିକାଶ ଘଟିଲାଣି । ଆଦିକବି ସାରଳା ଦାସ ହିଁ ତାଙ୍କରି ସମୟରେ ଓଡିଆ ଭାଷାରେ ବିରାଟ ଗ୍ରନ୍ଥ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଆଦି ଗ୍ରନ୍ଥ ରଚନା କରିଥିଲେ । ଯଥାର୍ଥ ଭାବେ ଓଡିଆ ଭାଷା ଓ ସାହିତ୍ୟର ଏହାହିଁ ହେଉଛି ସୁବର୍ଣ୍ଣଯୁଗ । ଏହି ସମୟରେ ଅନେକ ଓଡିଆ ଶିଳାଲେଖ ଖୋଦିତ ହୋଇଛି । ଏହାର କାରଣ ହେଉଛି ଓଡିଆ ଭାଷା ରାଜକୀୟ ଭାଷାଭାବରେ ଶାସନ କାର୍ଯ୍ୟରେ ବ୍ୟବହୃତ ହେଲା ଓ ସଂସ୍କୃତ ଭାଷା କ୍ରମେ ଅପସରିଗଲା । ଗଙ୍ଗ ବଂଶର ଓଡିଆ ଅଭିଲେଖର ଭାଷା ଅପେକ୍ଷା ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମୟର ଭାଷା କିପରି ସରଳ ଓ ମାର୍ଜିତ ତାହାର ନମୁନା ନିମ୍ନଲିଖିତ ଉଦ୍ଧୃତିରୁ ଜଣାପାଏ ।

(କ) କପିଳେନ୍ଦ୍ର ଦେବଙ୍କ ଅଭିଲେଖ – (୧୪୩୫) –

୧. ଶ୍ରୀ ବିର କପିଳେସର ଦେବ ମହାରାଜାଙ୍କର ବିଜେ ରାଜ୍ୟେ ସମଷ୍ଟ ୪ ଅଙ୍କ ଶ୍ରାହି ।

୨. ମିଥୁନ ସଂକ୍ରାନ୍ତି କୃଷ୍ଣ ମଙ୍ଗଳବାର କୃତିବାସ କଟକେ ଭିତର ପୂଜା ଅବକାସେ ।

୩. ରାଏ ଗୁରୁବାସୁ ମାହାପାତ୍ର ଭୁବନେସର ମାହାପାତ୍ର ଏ ଦୁଇହେ ଆସି ଲିହାଇଲେ ଏ ।

୪. ଦୁହସର ଗୋଚରୋ ଆଗ୍ୟାଂ ବୋଲି ହୋଇଲା ଆମ୍ଭର ଓଡିଶା ରାଜ୍ୟେ କେତେରାଜା ।

୫. ମୂଳ ସବୁହେଁ ରାଜାଙ୍କୁ ହିତେ ବ୍ରତି ୟେ ଆପଣା ସଦାଚାରେ ଥିବେ ଅସଦ୍ ମାର୍ଗେ ।

୬. ନରହିବେଂ ରାଜାଙ୍କ ଅଣହିତେ ବ୍ରତିଲେ ରଜା ବାହାର କରି ତାହାର ସର୍ବସ ହରି(ଚ) ।

(ଖ) ପୁରୁଷୋତ୍ତମ ଦେବଙ୍କ ଅଭିଲେଖ (୧୪୭୨)

୧. ଶ୍ରୀଜୟଦୁର୍ଗା
୨. ଯୈ ନମଃ ବୀର ଶ୍ରୀ ଗ -
୩. ଜପତି ଗୌଡେଶ୍ୱର ନ -
୪. ବକୋଟି - କର୍ଣ୍ଣାଟ କଳବର୍ଗେଶ୍ୱ -
୫. ର ଶ୍ରୀ ପୁରୁଷୋତ୍ତମ ଦେବ ମହାରା -
୬. ଜାଙ୍କର/ପୋତେଶ୍ୱର ଉର୍ବଙ୍କୁ ଦାନ ଶା -
୭. ସୁନପଟା /ଏ ୫ ଅଙ୍କ ମେସଦି ୧୦ ଅଂ ସୋମ -
୮. ବାର ଗ୍ରହଣ କାଳେ ଗଙ୍ଗାଗଭେ ପୁରୁଷୋ -
୯. ତ୍ତମପୁର ଶାସନ ଭୂମୀ ଚଉଦ ସଅଷ୍ଟୋ -
୧୦. ତ୍ତର ବା ୧୪୦୮ ଟି ଦାନ ଦେଲୁଂ ଏ ଭୂମୀ
୧୧. ଯାବ ଚନ୍ଦ୍ରାର୍କେ ପୁତ୍ର ପୌତ୍ରାଦି -
୧୨. ପୁରୁଷାନୁକ୍ରମେ ଭୋଗ କ -
୧୩. ରୁଥିବ ଜଳାରା ମନିଷେ -
୧୪. ପସହିତ ଭୂମୀଦେଲୁଂ ।

(ଗ) ପ୍ରତାପରୁଦ୍ରଦେବଙ୍କ ଅଭିଲେଖ - (୧୫୦୦) ଶ୍ରୀଷ୍ଟାବ୍ଦ

୧. ବୀର ଶ୍ରୀ ଗଜପତି ଗଉଡେଶ୍ୱର ନବକୋଟୀ କର୍ଣ୍ଣାଟକ କଳବର ଗେସର (ବୀରବର ଶ୍ରୀ ପ୍ରତାପରୁଦ୍ର ଦେବ)
୨. ମହାରାଜାଙ୍କର ସମସ୍ତ ୪ ଅଙ୍କ ଶ୍ରାହୀ କକଡା ସୁ ୧୦ ବୁଧବାରେ ଅବଧାରିତ (ଆଇଗାଂ ପ୍ରମାଣେ ବଡ)
୩. ଠାକୁରଙ୍କ ଗୀତି ଗୋବିନ୍ଦ ଠାକୁର - ଭୋଗ ବେଳେ ଏ ନାଟ ହୋଇବ (।) ସଂଝ ଧୂପ ସରିଲାଠାରୁ ।
୪. ବଡ ସିଙ୍ଗାର ପରିଯନ୍ତେ ଏ ନାଟ ହୋଇବ (।) (ବଡ)ଠାକୁରଙ୍କ ସଂପରଦା କପିଳେଶ୍ୱର ଠାକୁରଙ୍କ ଦିଲା ।
୫. (ନାଚଣୀମାନେ ପୁରୁଣା ସଂପରଦା ତେଲଙ୍ଗୀ ସଂପରଦା ଏମାନେ ସବିହେଁଦା ବଡ ଠାକୁରଙ୍କ ଗୀତି-ଗୋ ।
୬. ବିନ୍ଦହୁଁ (ଆନ ଗୀତ ନ ସିଖିବେ / ଆନଗୀତ ନ) ଗାଇବେ (।) ଆନ ନାଟ ହୋଇ ପରମେଶ୍ୱରଙ୍କ ଛାମୁରେ ନୋ ।
୭. (ହ) ବ (ଏ ନାଟ ବିତରକେ ବଇଷ୍ଟମ ଗାଆଣ ଚାରିଜନ ଅଛନ୍ତି ଏମାନେ) ଗୀତି ଗୋବନ୍ଦ ଗୀତହିଂ ସେ ଗାଇବେ ।
୮. (ଏହାଙ୍କ ଠାରୁ ଅଶିଖିତମାନେ ଏକଶ୍ୱରରେ ଶୁଣି ଗୀତ ଗୋବିନ୍ଦ ଗୀତ ହୀ ଶିଖୀବେ ଆ) ନଗୀତ ନଶିଖିବେ (ଏହା) ।
୯. ଯେ ପରୀକ୍ଷା ଆନଗୀତ ନାଟ କରାଇଲେ ଜାଣି ସେ ଜଗନ୍ନାଥଙ୍କ ଦ୍ରୋହ କରଇ ।

ଓଡିଶାର ସୂର୍ଯ୍ୟବଂଶୀ ରାଜାମାନଙ୍କ ସମୟରେ ବହୁ ଓଡିଆ ଅଭିଲେଖର ପ୍ରସାର ଘଟିଥିଲା । କ୍ରମେ ଏହି ଅଭିଲେଖର ଭାଷାରେ ସମୟ ଅନୁସାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ପଞ୍ଚଦଶ ଶତାବ୍ଦୀର କୌଣସି କୌଣସି ଅଭିଲେଖରେ ଗୋଟିଏ ଗୋଟିଏ ଯାବନିକ ଶବ୍ଦର ପ୍ରୟୋଗ ଦେଖାଯାଏ । ମୋଗଲ ଶାସନ ବେଳକୁ ଏହାର ସଂଖ୍ୟା ଅଧିକ । ବାରିପଦା ମ୍ୟୁଜିୟମରେ ଏକ ଦ୍ୱିଭାଷିକ ଶିଳାଲେଖ (ହିନ୍ଦୀ ଓ ଓଡିଆ) ଏହାର ପ୍ରମାଣ । ମୋଗଲ ଶାସନ ସମୟରେ ଓଡିଆ ବ୍ୟାତୀତ କେତେକ ଫରାସୀ ଭାଷାରେ ଖୋଦିତ ଶିଳାଲେଖ ମଧ୍ୟ ରହିଛି । ମୋଟ ଉପରେ ଏପର୍ଯ୍ୟନ୍ତ ଗଙ୍ଗ ଓ ସୂର୍ଯ୍ୟବଂଶ ରାଜତ୍ୱ ସମୟର ୮୦ ଟି ଶିଳାଲେଖ ଆବିଷ୍କୃତ ହୋଇଛି । ଏଗୁଡିକ ଓଡିଆ ଭାଷାର କ୍ରମବିକାଶ ନିରୂପଣରେ ଯଥେଷ୍ଟ ସହାୟକ ।

**ଓଡିଆ ଅଭିଲେଖ/ଶିଳାଲେଖର କେତେକ ବୈଶିଷ୍ଟ୍ୟ**

୧. ଓଡିଆ ଅଭିଲେଖ ଗୁଡିକରେ ୧୨ ସ୍ୱରବର୍ଣ୍ଣ ଓ ୩୬ ଟି ବ୍ୟଞ୍ଜନ ବର୍ଣ୍ଣର ପ୍ରୟୋଗ ଲକ୍ଷ୍ୟ କରାଯାଏ ।
୨. ଉ, ଊ, ଓ ଇ, ଈ ର ବ୍ୟବହାରରେ କୌଣସି ସ୍ଥିରତା ନଥାଇ ଯଥେଚ୍ଛା ବ୍ୟବହୃତ ହୋଇଅଛି ।

୩.  ପ୍ରାଚୀନ ହସ୍ତ ଲିଖିତ ତାଳପତ୍ର, ପୋଥି, ଦଲିଲ ମାନଙ୍କରେ '   'ର ବ୍ୟବହାର ଦେଖାଯାଏ ।

୪.  କେତେକ ଅଭିଲେଖରେ 'ଯ' ଓ ଜ' ମଧ୍ୟରେ କୌଣସି ଭେଦ ଲକ୍ଷ୍ୟ କରାଯାଏ ନାହିଁ ।

୫.  ପ୍ରାଚୀନ ଓଡିଆରେ 'ର' 'ର' ଉଚ୍ଚାରଣ ସ୍ଥଳ ବିଶେଷରେ ଦେଖାଯାଇ ଥାଏ ଯଥା- କୃତ୍ତିବାସ > କୀର୍ତ୍ତିବାସ, ଋଣ > ରିଣ ।

୬.  ଅଧିକାଂଶ ପ୍ରାଚୀନ ଅଭିଲେଖରେ ବର୍ଣ୍ଣ ସଙ୍କୋଚନ ଦେଖାଯାଏ । ଯଥା - ଗୁରୁବାରେ > ଗୃବାରେ , ପୁରୁଷୋତ୍ତମ > ପୃଷୋତ୍ତମ

୭.  'ଶ' 'ଷ' 'ସ' ର ମଧ୍ୟ ଯଥେଚ୍ଛା ବ୍ୟବହାର ଦେଖାଯାଏ ।

୮.  ଅନ୍ୟ ଭାଷାର ପ୍ରଭାବ ଅନୁଯାୟୀ ଓଡିଆ ଶିଳା ଲେଖରେ ଦ୍ରାବିଡ ଓ ଯାବନିକ ଶବ୍ଦର ପ୍ରୟୋଗ ପରିଲକ୍ଷିତ ।

୯.  ଓଡିଆ ଶିଳାଲେଖରେ ବିଭିନ୍ନ ବିଭକ୍ତିର ରୂପ କର୍ମକାରକ କୁ 'ନ୍ତି' , (ବହୁବଚନ) ।

୧୦. ସଂପ୍ରଦାନ କାରକ - କୁ, କି (କଇ, କୈ) କେ, ବହୁବଚନରେ ଙ୍କୁ, ଙ୍କୀ, ଙ୍କଇ, ଙ୍କେ

କରଣ କାରକ -ଏଁ, ଏଂ

ଅପାଦାନ କାରକ - ତହୁଂ, ହୁଂ, ଉ, ଉଁ , ରୁ , ରୁଂ

୬ଷ୍ଠୀ ସମ୍ବନ୍ଧ ପଦ - ସ, ର, କୋ

ବହୁବଚନରେ ଙ୍କ, ଙ୍କର, ଙ୍କରି, ମାନର, ମାନଙ୍କର,

୭ମୀ ଅଧିକାରଣ କାରକ - ଏ, ଏଂ, ରେ, ଇ ରଇ , ଠି

୧୧. ଅନେକ ସମୟରେ ସ୍ୱର ଧ୍ୱନିଗୁଡିକ ଅନୁନାସିକ ଧ୍ୱନି ଭାବରେ ଉଚ୍ଚାରିତ ହୋଇଥାନ୍ତି ।

ସର୍ବୋପରି ଦେଖାଯାଏ ଯେ ଅଭିଲେଖରେ ବ୍ୟବହୃତ ଶବ୍ଦାବଳୀ ମଧ୍ୟରେ ସର୍ବାଧିକ ଶବ୍ଦ ହେଉଛି ତଦ୍‌ଭବ । ତତ୍ସମ ଶବ୍ଦର ପରିମାଣ ମଧ୍ୟ ଉଲ୍ଲେଖଯୋଗ୍ୟ ମାତ୍ର ଦେଶଜ ଶବ୍ଦର ପରିମାଣ ସ୍ୱଳ୍ପ ।

X X X X X X X

# ସାରଳା ଦାସଙ୍କ ମହାଭାରତରେ ଓଡିଆ ଭାଷାର ସ୍ୱରୂପ

ଓଡିଆଭାଷା ଗଙ୍ଗ ରାଜାମାନଙ୍କ ରାଜତ୍ୱରେ କ୍ରମେ ବିକାଶଲାଭ କରି ସୂର୍ଯ୍ୟବଂଶୀ ରାଜାମାନଙ୍କ ରାଜତ୍ୱ କାଳରେ ସଂପୂର୍ଣ୍ଣ ପରିପକ୍ୱ ହୋଇଥିବାର ଲକ୍ଷ୍ୟ କରାଯାଏ । ବିଶେଷକରି ଗଜପତି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ହିଁ ଓଡିଆ ଭାଷା ଓ ସାହିତ୍ୟ ବିକାଶର ଗୌରବମୟ ଯୁଗ ଏବଂ ଏହି ସମୟ ହେଉଛି ଆଦିକବି ସାରଳା ଦାସଙ୍କ ଓଡିଆ ମହାଭାରତ ରଚନାର କାଳ । ସାରଳା ଦାସ ତାଙ୍କ ମହାଭାରତ, ଚଣ୍ଡୀପୁରଣ ଓ ବିଲଙ୍କା ରାମାୟଣ ପରି ବିପୁଳ ସାରସ୍ୱତ କୃତି ମଧ୍ୟରେ ଓଡିଆ ଭାଷାର ବହୁ ବୈଚିତ୍ର୍ୟ ଫୁଟାଇଛନ୍ତି । ଅବଶ୍ୟ ଏ ସମୟକୁ ଓଡିଆ ଭାଷା ଶିଳାଲେଖରୁ ମୁକ୍ତି ଲାଭକରି ଅମରକୋଷ , ଶିଶୁବେଦ ଓ କଳସା ଚଉତିଶା ପରି କେତେକ ରଚନାରେ ନିଜର ସ୍ୱାତନ୍ତ୍ର୍ୟ ଓ ବିକଶିତ ରୂପ ପରିଗ୍ରହ କରିଛି । ମାତ୍ର ସାରଳା ଦାସଙ୍କ ରଚନାରେ ଓଡିଆ ଶବ୍ଦ ସମ୍ଭାର ପ୍ରତି ଦୃଷ୍ଟିଦେଲେ ଆମ୍ଭେମାନେ ତତ୍‌କାଳୀନ ଓଡିଆ ଭାଷାର ବ୍ୟାପକତା ଓ ଲୋକ ପ୍ରିୟତାରେ ବିସ୍ମିତ ହୋଇଯାଉ । ଏପ୍ରକାର ସମୃଦ୍ଧିଶାଳୀ ଭାଷାର ଆବିର୍ଭାବ ପୂର୍ବରୁ ଓଡିଆ ଭାଷାର ଅନେକ ଗ୍ରନ୍ଥ ରଚିତ ହୋଇଥିବାର ଅନୁମାନ କରାଯାଏ । ମାତ୍ର ସେ ସବୁର ଆବିଷ୍କାର ଏବେ ମଧ୍ୟ ସମ୍ଭବହୋଇ ପାରିନି ।

ସାରଳା ସାହିତ୍ୟର ଭାଷାରେ ଯେଉଁ ବୈଚିତ୍ର୍ୟ ଲକ୍ଷ୍ୟ କରାଯାଏ ତାହାହିଁ ତତ୍‌କାଳୀନ କଥିତ ଓ ଲୌକିକ ଭାଷାର ଅସଲ ରୂପ । ଏ ଭାଷାରେ ପ୍ରାକୃତ ଭାଷାର ସତ୍ତା ସମଧିକ ପରିମାଣରେ ବିଦ୍ୟମାନ । ପ୍ରାକୃତଭାଷାର ସାଦୃଶ୍ୟରେ – ବୟାଣ > ସଂ- ବୟାନ, ଅମିଳଣ > ଅମିଳନ, ମଳିଣ > ମଳିନ, ମୟାନ >ମଦନ , ଚୁହାଣ > ଚୌହାନ, ବଖାଣ > ବ୍ୟାଖ୍ୟାନ ପ୍ରଭୃତି ପ୍ରାଚୀନ ଓଡିଆ ଶବ୍ଦର ପ୍ରୟୋଗ ମହାଭାରତରେ ରହିଛି ।

(କ) ସାରଳା ଦାସଙ୍କ ରଚନାରେ ସ୍ଥଳ ବିଶେଷରେ ଯେଉଁସବୁ ପ୍ରାଚୀନ ଶବ୍ଦ ବ୍ୟବହୃତ ହୋଇଛି ସେଗୁଡିକର ଅର୍ଥ ବୋଧରେ କୌଣସି ବ୍ୟାଘାତ ସୃଷ୍ଟି ହୁଏ ନାହିଁ । 'ତୁ' ଏବଂ 'ମୁଁ ' ଶବ୍ଦରେ ୨ୟା ବିଭକ୍ତି ର ଚିହ୍ନ 'କୁ ' ର ପ୍ରୟୋଗ କରି 'ତୁକୁ ' ଏବଂ 'ମୁକୁ' ଶବ୍ଦବ୍ୟବହାର କରିଛନ୍ତି । ଏହାଛଡା ସାରଳା ଦାସ ତାଙ୍କ ଚଣ୍ଡୀପୁରାଣରେ 'କଇ' ପ୍ରତ୍ୟୟାନ୍ତ ଶବ୍ଦ ମଧ୍ୟ ପ୍ରୟୋଗ କରିଛନ୍ତି । ତାଙ୍କର ମହାଭାରତ ଓ ଚଣ୍ଡୀପୁରାଣରେ ଓଡିଆକ୍ରିୟାର ବିଭିନ୍ନ ରୂପ ଲକ୍ଷ୍ୟ କରାଯାଏ । ସଂସ୍କୃତରେ 'ଗଚ୍ଛସ' ଓ 'ବଦସି' ପରି ସାରଳା ଦାସ ଲେଖନ୍ତି – 'ଦେଖସ', ଥାଅସି, ଯାଅସି, ଯାସି, କହସି, ଶୁଣସି ।

(ଖ) ସାରଳା ଦାସ କୃଦନ୍ତ ପ୍ରତ୍ୟୟରେ ଅନ୍ତି, ନ୍ତେ, ଣ, ଲେ, ଇଲା, ଇଂ ଓ ଏଣ ର ବହୁଳ ପ୍ରୟୋଗ କରିଛନ୍ତି । ଗାନ୍ତି, ଗାବନ୍ତି, ବଦୟନ୍ତି, କଥୟନ୍ତି, ବୋଲନ୍ତି, ଲେଖନ୍ତେ, ପଢନ୍ତେ , ହୁଅନ୍ତେ

ଦେଇଣ, କରିଣ, ବସିଣ, ପ୍ରହାରିଣ,
କରିଲେ, ଘେନିଲେ, ସୁମରିଲେ, ଉଠିଲେ, କହିଲେ,
ହୋଇଲା, କରିଲା, ବସିଲା, ଉପୁଜିଲା,
କାନ୍ଦଇଂ, ଯାଇଂ, ହୁଅଇଂ ଉପୁଜଇଂ,
କାଳନ୍ତେଣ, ହସନ୍ତେଣ, ଯୋଡନ୍ତେଣ ।

ମହାଭାରତରେ ଅପଭ୍ରଂଶ ବା ତଭବ ଶବ୍ଦର ଭିନ୍ନଭିନ୍ନ ପ୍ରୟୋଗ ଲକ୍ଷ୍ୟ କରାଯାଏ । ଯେପରି ଯୁଧିଷ୍ଠିର > ଯୁଧିଷ୍ଠି > ଯୁଜେଷ୍ଠି > ଯୁଜେଷ୍ଠିର > ଯୁଧେଷ୍ଠିର । ସେହିଭଳି ଅନେକ ଶବ୍ଦର ପ୍ରାୟୋଗିକ ଭିନ୍ନତା ପରିଲକ୍ଷିତ ।

ଓପ୍ରୋଧ, ଅନ୍ତରୀଛ, ପ୍ରାକ୍ରର୍ମ, ବଇକୁଳ୍ୟ, କୋଇନ୍ତା, ଗେରସ୍ତ, ପାରାସର, ନଇବନ୍ଦ, କନେଷ୍ଟ, ବଖାଣ, ଉପଗାର, ପ୍ରୋହିତ, ଉସଧ, ପାଜାନ୍ତିକ, ସର୍ବସାଚୀ, ଜ୍ରୋଛନା,ଅଣାବୃଷ୍ଟି ଦୂଶାସନ, ଅବିଛନେ, ଗାଣ୍ଡିମ ଧନୁ, ବିକୋଦର ।

**କେତେକ ଅବ୍ୟୟ ପଦ ପ୍ରସଙ୍ଗରେ ଶବ୍ଦର ପ୍ରୟୋଗ :-**

କିସ, ଜିସ, ତିସ, ଯାବତ, ତାବତ, ଯେବଣ, କେବଣ, ପୁଣିହିଁ, ଏଥକଇ, ୟେହାତହୁଂ, ତହୁଂଣ, ତହୁଂ, ପ୍ରଭୃତି । ସ୍ତ୍ରୀ ପ୍ରତ୍ୟୟର କେତେକ ଶବ୍ଦ – ଆଦିତ୍ୟାଇ ଯମାୟଣୀ, କୁବେରାଇ, ଦକ୍ଷିଣାୟନୀ, ଚାଣ୍ଡାଳୁଣୀ, ପିଚାସୀ, ଗ୍ରିଧନୀ ଗୁଣବନ୍ତୀ, କାତ୍ୟାୟନୀ, ଭଦ୍ରିକା, ପିଚାସୁଣୀ, ଦେବତୀ, ଯଶୋବନ୍ତୀ, ଋଷିଆଣୀ, ଦୋଚାରୀ, ଦୋଚାରୁଣୀ ....

**କେତେକ ଶବ୍ଦ ବିନ୍ୟାସ ଚାତୁରୀ :-**

କ୍ଷତ୍ରୀୟ କୁଳ ଷଣ୍ଢ, ଜଗତେଣ ଜିତା, ଜଗଜନ ମୋହିନୀ, ଦୁର୍ବାର ଦନୁଜ, ପ୍ରଳୟନ୍ତ କାଳ, ନିକଳଙ୍କ ନିଶାପତି, ଚୋଖାର ତୁରଙ୍ଗମ, ସ୍ତିରୀକୁଳ ଉତ୍ତମା, ତ୍ରିମୁଣ୍ଡୀ ଗଭା, ନିର୍ଧୂମ ଅଗ୍ନି, ଦଶଦୋଷ ଅପ୍ରାଧ, ଅହି ସୁଲକ୍ଷଣୀ, ଦୁଲଣା କନ୍ୟା, ଅନ୍ଧାରି ବିଜେ, ଯଦୁକୁଳଷଣ୍ଢା, ମଉଳା ଆସ୍ଥାନ, ଖଡିଲେଖନ, ଘଣ୍ଟି ଘାଘୁଡି, ତ୍ରିକଛ ବସନ, ନଗ୍ର ପାଟଣା, ବାସ ଉଆସ, ମେଢ ମଣ୍ଡପ, ଆଣ୍ଠୁ ଆଣିପାଣି ଆଗିଆଣି ଥାଟ, ଟହ ଟହ ହସ, ଲଉଲଉ ଜିହ୍ୱା, ଲୁହୁ ଗର୍ଜନ, ରଣଝମ ଖଣ୍ଡା, ଧିକ୍ ଧିକ୍ ନାଚ ।

ସାରଳା ଦାସଙ୍କ ସମୟକୁ ଓଡିଆ ଭାଷାର ପୂର୍ଣ୍ଣ ବିକାଶ ସାଧିତ ହେଲାଣି । ଶ୍ରୀକୃଷ୍ଣଙ୍କର ସାନ୍ଦିପନୀ ଋଷିଙ୍କ ଗୃହରେ ପାଠପଢା ପ୍ରସଙ୍ଗରେ କବି ଓଡିଆ ଭାଷା ସହିତ ତତ୍‌କାଳୀନ ପ୍ରଚଳତଥିବା ଅନ୍ୟାନ୍ୟ ଭାରତୀୟ ଭାଷା ଓ ଲିପି ସମୂହର ଉଲ୍ଲେଖ କରିଛନ୍ତି ।

ଓଡିଆ ତେଲଙ୍ଗୀ ଯେ ନାଗେରୀ ଦଖିଣୀ
କନାଉଜ ଆହରଣ ଗଉଡୀ ଆଚକ୍ରାୟଣୀ
ବିରଞ୍ଚି ରାମହାଟୀ ମହାଭାଖା
ଡାହାଳ ବେଲାଳ ଆଦିଯେତେ ପଞ୍ଚମରେଖା
ଦଖିଣ ମଳର କାମେରି ଭାରଥି
ଭାଷା ଉଦେଶ ଯେକଲେକ ଶ୍ରୀପତି ।
ୟେକାଦଶ ଅକ୍ଷର ଭାଶ ଚଉଷଠି
ନବ ଦିବସେ ଲେଖନ ବିଦ୍ୟାପତ୍ର ପଟୀ ।

ପ୍ରକୃତରେ ଦେଖିବାକୁଗଲେ ସାରଳା ଦାସଙ୍କ ସାହିତ୍ୟ ସମ୍ଭାରରେ ସଂସ୍କୃତ, ପାଲି, ପ୍ରାକୃତ ଓ ଅପଭ୍ରଂଶ ଭାଷାର ବିପୁଳ ଶବ୍ଦ ବ୍ୟବହୃତ ହୋଇଛି । ଏତଦ୍ ବ୍ୟତୀତ ଅନେକ ଶବ୍ଦ ରହିଛି ଯାହାର ମୂଳ ନିରୂପଣ କରାଯାଇ ପାରିନାହିଁ, ଯଥା – ଗୁଗୁଚିଆ, ପହିଜ, ଝିମିଟି, ଆଡଚିରା, ବାଗ, କତି, ପୋରୁହ, ବୋଦା, କଟାଳି, ନୁଆରି , ହାଦେ, ଏରୁଣ୍ଡି, ବାଉଙ୍ଗି, ପୋଇଲି, ଉଗାଳ, ଟାହି, ଓରା, ଗଇଂଠା, ପଲମ, ଗଡୁ, ଉଚ୍ଛୁଡଇ ପ୍ରଭୃତି ।

ଅତଏବ ଓଡିଆ ଭାଷାର କ୍ରମବିକାଶ ପର୍ଯ୍ୟାୟରେ ସାରଳା ଦାସଙ୍କ ବିଶାଳ କୃତି ସମୂହ ଓଡିଆ ଭାଷାକୁ ସ୍ୱତନ୍ତ୍ର ଓ ସମୃଦ୍ଧ କରିପାରିଛି ।

**ମାଦଳାପାଞ୍ଜି**

ଓଡିଆ ଭାଷାର ଉନ୍ମେଷ ଓ ବିକାଶ ପର୍ଯ୍ୟାୟରେ ମାଦଳାପାଞ୍ଜିର ଅବଦାନକୁ ଅସ୍ୱୀକାର କରାଯାଇ ନପାରେ । ଏହାର ରଚନା କାଳ ସଂପର୍କରେ ମତ ପାର୍ଥକ୍ୟ ପରିଲକ୍ଷିତ ହେଲେହେଁ ଓଡିଆ ଭାଷାର କ୍ରମବିକାଶ କ୍ଷେତ୍ରରେ ଏହା ଏକ ଗୁରୁତ୍ୱ ପୂର୍ଣ୍ଣ ଗ୍ରନ୍ଥ । ମାଦଳାପାଞ୍ଜିର ରଚନା ବିଷୟରେ ଯେତେ ସବୁ ମତ ପ୍ରକାଶ ପାଇଛି ସେସବୁକୁ ଦୁଇ ଭାଗରେ ବିଭକ୍ତ କରି ଷୋଡଶ ଶତାବ୍ଦୀ ପୂର୍ବବର୍ତ୍ତୀ ପରବର୍ତ୍ତୀ ରଚନାରୂପେ ଆଲୋଚନା କରାଯାଇପାରେ । ଷୋଡଶ ଶତାବ୍ଦୀ ପୂର୍ବବର୍ତ୍ତୀର ଆଲୋଚକ ହେଉଛନ୍ତି ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ, ପଣ୍ଡିତ ଆର୍ତ୍ତବଲ୍ଲଭ ମହାନ୍ତି, ପ୍ୟାରୀମୋହନ ଆଚାର୍ଯ୍ୟ, ପଣ୍ଡିତ କୃପାସିନ୍ଧୁ ମିଶ୍ର । ପରବର୍ତ୍ତୀ ଆଲୋଚକ ହେଲେ ଡଃ ହରେକୃଷ୍ଣ ମହତାବ, ପଣ୍ଡିତ ନୀଳକଣ୍ଠ ଦାସ, ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ , ଡଃ କୁଞ୍ଜବିହାରୀ ତ୍ରିପାଠୀ, ମନମୋହନ ଚକ୍ରବର୍ତ୍ତୀ, ଡଃ ସୁନୀତି କୁମାର ଚାଟାର୍ଜୀ, ରମାପ୍ରସାଦ ନନ୍ଦ, ଡଃ ଖଗେଶ୍ୱର ମହାପାତ୍ର ।

ମାଦଳା ପାଞ୍ଜିରେ ବର୍ଣ୍ଣିତ ଷୋଡଶ ଶତାବ୍ଦୀର ପୂର୍ବବର୍ତ୍ତୀ ଘଟଣା ଗୁଡିକରେ ଅଧିକାଂଶ ସ୍ଥଳରେ ଐତିହାସିକ ସତ୍ୟର ଅପଲାପ ଘଟିଛି । ମାତ୍ର ପରବର୍ତ୍ତୀ ଘଟଣା ଗୁଡିକରେ ଐତିହାସିକ ସତ୍ୟ ନିହିତ । ଏହି ଦୃଷ୍ଟିରୁ ମାଦଳା ପାଞ୍ଜିର ରଚନା କାଳର ଆରମ୍ଭ ଷୋଡଶ ଶତାବ୍ଦୀ ଶେଷ ଭାଗବୋଲି ଗ୍ରହଣ କରାଯାଇପାରେ ।

ଏହାର ପ୍ରଥମ ପର୍ଯ୍ୟାୟରେ ବର୍ଣ୍ଣିତ ବିବରଣୀରେ ଷୋଡଶ – ସପ୍ତଦଶ ଶତାବ୍ଦୀର ଓଡିଆ ଗଦ୍ୟ ଭାଷାର ନମୁନା ଲକ୍ଷ୍ୟ କରାଯାଇପାରେ ।

(କ) ସେମାନେ କହିଲେ ମୁଗଲ ଗୋଳା ହୋଇଲାରୁ ସୋମୋଦ୍ର ମାଡି ଅଇଲାରୁ ଅପାରଦିନ ହୋଇଲା । ଶ୍ରୀପର୍ମେଶ୍ୱରଙ୍କୁ ପାତାଳୀ କରି ସୁନୁପୁର ଆଡେ କେଉଁ ଠାରେ ବିଜେ କରାଇଲେ ଗାଁଆତବ ନାହିଁ ।

(ଖ) ଓଭୋ ଭବିଷ ମହାରାଜା-ମାନେ, ଦେବତା ବ୍ରାହ୍ମଣଙ୍କୁ ଜଳ ଭଣ୍ଡାରକୁ, ରାଜନୀତି ବଏକୁ ମଧ୍ୟ କରି ମୁଁ ଯେମନ୍ତ ପ୍ରକାରେ ଭିଆଣ କରି ଦେଉଅଛି, ଏଥିକି ତୁମ୍ଭେମାନେ ନପୁଣି ବୋଲ ସେ ଦେଇଗଲେ ଆମ୍ଭର କି ହୋଇଲା, ଆମ୍ଭେ କି-। ଦବୁ ଏମନ୍ତ ନ ବୋଲିବାଏତ ଓଡିଶା ରାଇଜ ଯେ କେଶରୀ ରାଜାମାନଙ୍କୁ ଆଦିକରି ଗଙ୍ଗବଂଶେ ଆମ୍ଭ ଛ ପାଟ ସରିକି ରାଜ୍ୟ ଆୟହେଉଥିଲା ।

ମାଦଳା ପାଞ୍ଜିର ଏହି ଉଦ୍ଧୃତାଂଶରେ ମୁଖ୍ୟତଃ ତତ୍ସମ, ଅର୍ଦ୍ଧ ତତ୍ସମ ଓ ତଭବ ଶବ୍ଦର ବ୍ୟବହାର ଲକ୍ଷ୍ୟ କରାଯାଏ ।

**ତତ୍ସମ ଶବ୍ଦ** – କେଶରୀ, ପ୍ରଥମ, ମହାଦାନୀ, ସନ୍ନ୍ୟାସୀ ବ୍ରହ୍ମଚାରୀ, ବ୍ରାହ୍ମଣ ପ୍ରଭୁ , ଅପାରଦିନ, ବିଜେ, ଗାଁଆତବ, ଭଣ୍ଡାର, ରାଜ୍ୟ, ଗଙ୍ଗବଂଶ, ଆୟ ।

**ଅର୍ଦ୍ଧତତ୍ସମ :** – ଭବିଷ, ସପନ, ଭକତି, ପ୍ରମେଶ୍ୱର , ବରତନ, ଅରଜିତ, ପୁଣି, ସୋମୋଦ୍ର, ସୁନୁପୁର , ପ୍ରକାରେ, ପାତାଳୀ, ଖଣ୍ଡାଇତ, ମାଟି , ଦେବତା **ତଦ୍‌ଭବ ଶବ୍ଦ** ପରିଚ୍ଛା, ରାଇଜ, ସାଆନ୍ତ, ପଡିଆ, ଭିଆଣ, ବଏକୁ ।

ଅନଙ୍ଗଭୀମ ଦେବଙ୍କ ରାଜତ୍ୱ କାଳର ବିବରଣୀ ଷୋଡଶ ଶତାବ୍ଦୀର ଶେଷଭାଗ ଓ ସପ୍ତଦଶ ଶତାବ୍ଦୀର ପ୍ରଥଭାଗରେ ଲେଖା ଯାଇଥିବ ବୋଲି ଅନୁମାନ କରାଯାଇପାରେ ।

ଏହି ସମୟରେ ଓଡିଆ ଭାଷାରେ ପ୍ରଚଳିତ କେତେକ ଯାବନିକ ଶବ୍ଦମଧ୍ୟ ମାଦଳା ପାଞ୍ଜିରେ ଲକ୍ଷ୍ୟ କରାଯାଏ – ଫଉଜ, ହଜାର, ମୁଲକ, ଟଙ୍କା, ଗୋଳ ପ୍ରଭୃତି ।

ମାଦଳା ପାଞ୍ଜିରେ ବ୍ୟବହୃତ କେତେକ ପ୍ରାଚୀନ ଓଡିଆ ଶବ୍ଦର ପ୍ରୟୋଗ ମଧ୍ୟ ଦେଖିବାକୁ ମିଳେ, ଯଥା – ଏଥି, ପୁରେଇ, ବୋଇଲା, ହକରାକରି, ଏଥକୁ, ନୋହଇ, ଏମନ୍ତ ବୋଲି, କଉଁ, ଯଉଁ, ଥୋକାଏ, ଉତ୍ତାରେ, ଯେମନ୍ତ ପ୍ରକାରେ , ସବୁହିଁ, ସରିକି, ଗୋପଛ, କଣିଆ, ଭଣିଆ, ମଢଫୁଲି, ବାଖର, ମାଖୁନା ପ୍ରଭୃତି ।

**ରୁଦ୍ର ସୁଧାନିଧିରେ ଓଡିଆ ଗଦ୍ୟର ସ୍ୱରୂପ :**

ଷୋଡଶ ଶତାବ୍ଦୀରେ ବଳରାମ ଦାସ ଓ ଜଗନ୍ନାଥ ଦାସ ଓଡିଆ ଗଦ୍ୟ ଯେଉଁ ଭିତ୍ତି ସ୍ଥାପନ କରିଥିଲେ ନାରାୟଣାନନ୍ଦ ଅବଧୂତ ସ୍ୱାମୀ ତାହାରି ଉପରେ ନିର୍ମାଣ କରିଥିଲେ ଗଦ୍ୟର ବିଶାଳ ସୌଧ 'ରୁଦ୍ରସୁଧାନିଧି' । ସେତେବେଳକୁ ଓଡିଆ ପଦ୍ୟ ସହିତ ପଞ୍ଚସଖାଯୁଗର ବିପୁଳ ପଦ୍ୟ ସାହିତ୍ୟ ସମଗ୍ର ଓଡିଶାରେ ପ୍ରାସର ଲାଭ କରିସାରିଲାଣି । ସାରଳା ଦାସଙ୍କ ପରେ, ଜଗନ୍ନାଥ ଦାସ, ବଳରାମ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ ଏବଂ ତ୍ ତ୍ ପୂର୍ବରୁ ବତ୍ସାଦାସ ପ୍ରଭୃତି କବିଗଣ ପଦ୍ୟ ସାହିତ୍ୟର ବିଶାଳ ସାମ୍ରାଜ୍ୟ ଗଠନ କରିସାରିଥିଲେ । ତତ୍‌କାଳୀନ କଥିତ ଓଡିଆ ଭାଷାରେ ଗୀତା, ଭାଗବତ, ପୁରାଣ, ଚଉତିଶା ପ୍ରଭୃତି ରଚନାକରି ଭାଷାକୁ ଉନ୍ନତିର ଚରମ ସୋପାନରେ ପହଁଞ୍ଚାଇଥିଲେ । ଏ ଯୁଗରେ ଗଦ୍ୟ ଅପେକ୍ଷା ପଦ୍ୟର ଥିଲା ପ୍ରବଳ ପ୍ରଭାବ । କାରଣ 'ରୁଦ୍ରସୁଧାନିଧି' ରେ ପଦ୍ୟର ପ୍ରଭାବ ସ୍ପଷ୍ଟ ଅନୁମେୟ । ତେଣୁ 'ରୁଦ୍ରସୁଧାନିଧି' ଗ୍ରନ୍ଥକୁ ଗଦ୍ୟାତ୍ମକ କାବ୍ୟ ଭାବରେ ଗ୍ରହଣ କରାଯାଏ ; ମାତ୍ର ଏହାର ପଦର ଶେଷ ଅକ୍ଷର ସର୍ବତ୍ର ମେଳ ଖାଉନଥିବାରୁ ଏହାକୁ ଗଦ୍ୟ ରଚନା କହିବା ଅଧିକ ସମୀଚୀନ ।

ଉଦାହରଣ ସ୍ୱରୂପ ଏକଉଦ୍ଧୃତାଂଶକୁ ନିଆଯାଇପାରେ – ‘ ଶ୍ରୀ ଶିବାୟ ନମଃ :- ଶ୍ରୀ ଏକାମ୍ର, ବନ ଆଶ୍ରିତ ଶ୍ରୀ ଭୁବନେଶ୍ୱରୀ ଦେବୀର ବରପୁତ୍ର, ନିର୍ଦ୍ଦୋଷ ବାଗ ବିଶେଷ, ଆଗମଛନ୍ନ ପୁରୁଷାବତାର ଶାରଦା, ଶୁଦ୍ଧଧୀରେ ମତ୍ତଗର୍ବିତ , ଦିଗ୍‌ଜେ ପଣ୍ଡିତଙ୍କୁ ବିକ୍ରମ କେଶରୀ ପଣ୍ଡିତ ଜନ ସମୂହକୁ ସମ୍ମୋହକୃତ୍ ଉନ୍ମତ୍ତଯୁବା, ଯୁଦ୍ଧ ପଞ୍ଚାନନ, ନରାକୃତି କଣ୍ଠୀରବ, ପଞ୍ଚମବେଦ, ଷଟ୍‌ଶାସ୍ତ୍ର ନବଧା ବ୍ୟାକରଣ, ଅଷ୍ଟାଦଶ ବିଦ୍ୟା, ଗୀତା, ପୁରାଣ, ଛତିଶ ସ୍ମୃତି ନବନାଟକ , ସ୍ତମ୍ଭନ, ମୋହନ ବଶ୍ୟ, ଉଚ୍ଚାଟନ, ଗୋଟିକ ଅଞ୍ଜନ ପାଦୁକ, ଲେପନ, ରସରସାୟନ, ଉଲ୍ଲୁକ, କୁହୁକ, ମଣି, ମନ୍ତ୍ରୌଷଧି ଇତ୍ୟାଦି କରି ବିଦ୍ୟା ପଟଲ, ତପତ, କନକ କଣିକା, ଏବଂ ଭୂତ ନାରାୟଣାନନ୍ଦ ଅବଧୂତର ବାକ୍ୟବାଣୀ ନବରତ୍ନ ...... ”

ସପ୍ତଦଶ ଶତାବ୍ଦୀ ପୂର୍ବରୁ କାବ୍ୟକବିତା ଓ ସ୍ୱଳ୍ପ ଗଦ୍ୟ ରଚନାରେ ଯେପରି ସହଜ, ସରଳ, ଲୌକିକ ଓଡିଆ ଭାଷା ବ୍ୟବହୃତ ହୋଇଥିଲା ସପ୍ତଦଶ ଶତାବ୍ଦୀ ଏବଂ ପରବର୍ତ୍ତୀ କାଳରେ ଧୀରେ ଧୀରେ ତତ୍ସମ ଓ ତଦ୍ଭବ ଶବ୍ଦର ଆଳଙ୍କାରିକ ପ୍ରୟୋଗ ଭାଷାକୁ ଦୁର୍ବୋଧ୍ୟତା ଆଡକୁ ଟାଣିନେଲା । ସଂସ୍କୃତ କବିମାନଙ୍କ କାବ୍ୟାଦର୍ଶକୁ ଅନୁସରଣ କରି କବିମାନେ ନୂଆନୂଆ ଛନ୍ଦର ପ୍ରୟୋଗ କରି ଓଡିଆ କାବ୍ୟକୁ ସଂସ୍କୃତ-କାବ୍ୟର ସମକକ୍ଷ କରିବା ପାଇଁ ଚେଷ୍ଟା ଚଳାଇଲେ । ସେଥିପାଇଁ ସଂସ୍କୃତ ଅଭିଧାନ, ବ୍ୟାକରଣ, ଶାସ୍ତ୍ର, ପୁରାଣ, କାବ୍ୟମାନଙ୍କର ସାହାଯ୍ୟ ନିଆଗଲା । ଓଡିଆଭାଷାକୁ ପ୍ରାକୃତଭାଷା ବୋଲି କବିମାନେ ଅଭିହିତ କରିଥିଲେ ମଧ୍ୟ ସାରଳା ଯୁଗୀୟ ବା ପଞ୍ଚସଖା ଯୁଗୀୟ ପ୍ରାକୃତ ଲକ୍ଷଣ କାବ୍ୟ ଯୁଗୀୟ ଭାଷାରେ ପରିଲକ୍ଷିତ ହୁଏ ନାହିଁ । ଏଯୁଗର କାବ୍ୟାଦର୍ଶ ହେଲା –

ରସିକ ମାନସ ବଶ କରିବାପାଇଁ
ପରାକୃତେ ପ୍ରବନ୍ଧ କରିବି ଗୋସାଇଁ
ସନ୍ଦର୍ଭଗର୍ଭ ମଧୁରତର ବଚନ
ବର୍ଣ୍ଣ ଆଡମ୍ବର ମନ କର୍ଣ୍ଣରୋଚନ
ସରସ ସବକ୍ର ଭାବଗର୍ଭ ପୂରିତ
ସର୍ବଜନ ପ୍ରିୟହେବ ଏ ମୋର ଗୀତ ।

(କାଞ୍ଚନ ଲତା ପ୍ରଥମଛାନ୍ଦ)

ସପ୍ତଦଶ ଶତାବ୍ଦୀ ବେଳକୁ ଓଡିଆ କାବ୍ୟ ଯୁଗ ଆରମ୍ଭ ହୋଇ ଯାଇଥିଲେହେଁ ଆଷ୍ଟାଦଶ ଶତାବ୍ଦୀ ହୋଉଛି ରୀତିଯୁଗୀୟ କାବ୍ୟ ସୃଷ୍ଟିର ସୁବର୍ଣ୍ଣ ଯୁଗ । ଆଳଙ୍କାରିକ ରସାଳ କାବ୍ୟରଚନା କରି ଏ ଯୁଗର କବିମାନେ ସେପରି ଶବ୍ଦ ପାଣ୍ଡିତ୍ୟର ଉତ୍କର୍ଷ ପ୍ରତିପାଦନ କରିଛନ୍ତି ତାହା ଓଡିଆ ଭାଷାର ବିକାଶ ଓ ସମୃଦ୍ଧିର ଯଥାର୍ଥ ନିଦର୍ଶନ । ପ୍ରାକୃତ ଅପ୍ରାକୃତ ଅଥବା ଦିବ୍ୟ ଅଦିବ୍ୟ ଭାଷାର ମଧୁର ସମନ୍ୱୟରେ ଓଡିଆ ସାହିତ୍ୟ ଅଷ୍ଟାଦଶ ଶତାବ୍ଦୀର ଶେଷ ବେଳକୁ ଉନ୍ନତିର ଚରମ ସୀମାରେ ପହଞ୍ଚି ଭାରତୀୟ ଆଞ୍ଚଳିକ ଭାଷା ଭାବରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଥିଲା । ଫଳରେ ବହୁକାବ୍ୟ, ମହାକାବ୍ୟ, ଗୀତା, ଭାଗବତ, ପୁରାଣ ଓ ଅଜସ୍ର ଗୀତିକବିତା ଓ ପଦାବଳୀ ରଚନା କରାଯାଇଥିଲା ।

ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଓଡିଆ ଭାଷାରେ ସଂସ୍କୃତ , ତତ୍ସମ, ତଦଭବ, ଦ୍ରାବିଡ ଓ ଅଷ୍ଟ୍ରିକ ଶବ୍ଦ ସହ କେତେକ ବିଦେଶୀ ଭାଷାର ଶବ୍ଦର ପ୍ରୟୋଗ ଲକ୍ଷ୍ୟ କରାଯାଏ । ଏହ ବିଦେଶୀ ଭାଷାଗୁଡିକ ହେଉଛି ପାରସିକ, ଆରବିକ, ତୁର୍କ ଓ ପର୍ତ୍ତୁଗୀଜ । ମାତ୍ର ଉନବିଂଶ ଶତାବ୍ଦୀରେ ଇଂରେଜମାନେ ଓଡିଶା ଅଧିକାର କଲାପରେ ଇଂରାଜୀ ଭାଷାର ପ୍ରଭାବ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟିକଲା । ବାଣିଜ୍ୟ, ପ୍ରଶାସନ, ନିରାପତ୍ତା, ବିଚାର ବିଭାଗ, ରାଜସ୍ୱ, ଶିକ୍ଷା, ଧର୍ମ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ନୂତନ ନୂତନ ଉପାଦାନର ପ୍ରଚଳନ ଯୋଗୁଁ ଇଂରାଜୀ ଭାଷା ଓଡିଆ ଭାଷାରେ ଅନୁପ୍ରବେଶ କଲା । କେବଳ ଶବ୍ଦଗତ ନୁହେଁ, ଧ୍ୱନି, ରୂପ, ବାକ୍ୟ ବିଜ୍ଞାନ ଦୃଷ୍ଟିରୁ ଓଡିଆ ଭାଷା ଉପରେ ଇଂରାଜୀ ଭାଷାର ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହେଲା ।

ଅନ୍ୟପକ୍ଷରେ ଊନବିଂଶ ଶତାବ୍ଦୀରେ ମୁଦ୍ରଣଯନ୍ତ୍ରର ପ୍ରଚଳନ, ବହୁସଂଖ୍ୟାରେ ଆଧୁନିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ଥାପନ, ପାଶ୍ଚାତ୍ୟ ପଦ୍ଧତିରେ ଶିକ୍ଷାଦାନ, ପାଶ୍ଚାତ୍ୟ ଭାଷା ସାହିତ୍ୟ ଅଧ୍ୟୟନ ଯୋଗୁ ଓଡିଆ ଭାଷା କ୍ରମେ ବଳିଷ୍ଠ ଓ ବୈଚିତ୍ର୍ୟ ପୂର୍ଣ୍ଣ ହୋଇ ଉଠିଲା । ସଂପ୍ରତି ଭାରତର ଅନ୍ୟାନ୍ୟ ଆଞ୍ଚଳିକ ଭାଷା ପରି ଓଡିଆ ଏକ ସମୃଦ୍ଧ ଭାଷାର ଆସନ ଲାଭ କରିପାରିଛି ।

**(ଖ) ବିଭାଗ - ଭାଷା ପରିବର୍ତ୍ତନ (ଅର୍ଥ ପରିବର୍ତ୍ତନ ଓ ଧ୍ୱନି ପରିବର୍ତ୍ତନ)**

**ଭାଷା ପରିବର୍ତ୍ତନ -**

ମନୁଷ୍ୟର ଅମୂଲ୍ୟ ସଂପଦ ଓ ଭାବ ଅଭିବ୍ୟକ୍ତି ଓ ବିନିମୟର ଶ୍ରେଷ୍ଠ ମାଧ୍ୟ ଭାଷା ପରିବର୍ତ୍ତନଶୀଳ । ଯେକୌଣସି ନିତ୍ୟ ବ୍ୟବହୃତ ପଦାର୍ଥର ଯେପରି ପରିବର୍ତ୍ତନ ଘଟିଥାଏ ମନୁଷ୍ୟର ଭାଷା କ୍ଷେତ୍ରରେ ମଧ୍ୟ ଅନୁରୂପ ପରିବର୍ତ୍ତନ ଦେଖାଦିଏ । ମନୁଷ୍ୟ ଯୁଗ ଯୁଗ ଧରି ଯେଉଁ ଭାଷାକୁ ବ୍ୟବହାର କରି ଆସୁଛି ତାହାର ସ୍ୱରୂପ ଓ ପ୍ରକୃତିରେ ପରିବର୍ତ୍ତନ ହେବା ନିତାନ୍ତ ସ୍ୱାଭାବିକ । ମନୁଷ୍ୟର ସଭ୍ୟତା, ସଂସ୍କୃତି ଓ ବୌଦ୍ଧିକ ବିକାଶ କ୍ରମରେ ଭାଷାର ଗତିପଥରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଥାଏ । ନଦୀର ଧାରାପରି ଭାଷା ଏକ ଅଖଣ୍ଡ ପ୍ରବାହ । ସୃଷ୍ଟିର ନିୟମ ପରି ମଧ୍ୟ ଏହାର ସମୟର ପ୍ରବାହରେ ପରିବର୍ତ୍ତନ ଦେଖାଦେଇଥାଏ । ମାତ୍ର ନଦୀର ପ୍ରବଳ ସ୍ରୋତ ପରି ଏହାର ଗତି ନୁହେଁ ଅତ୍ୟନ୍ତ ମନ୍ଥର । ବିଭିନ୍ନ ପ୍ରଭାବ ଓ ଅଭ୍ୟାସ ବଳରେ ଧୀରେ ଧୀରେ ଏପରି ପରିବର୍ତ୍ତନ ଦେଖାଦିଏ ତାହା ହଠାତ୍ ଜଣାପଡେ ନାହିଁ କିଛି କାଳ ଗଲାପରେ ସେହ ବିଷୟରେ ଚିନ୍ତା ବା ଅନୁସନ୍ଧାନ କଲେ ମନୁଷ୍ୟ ତା'ର କହୁଥିବା ଭାଷାରେ ପରିବର୍ତ୍ତନ ଲକ୍ଷ୍ୟ କରେ । ଅନେକ କ୍ଷେତ୍ରରେ ମଧ୍ୟ ମନୁଷ୍ୟର ଜ୍ଞାତ ସାରରେ ଭାଷାର ପରିବର୍ତ୍ତନ ଘଟିଥାଏ । ମନୁଷ୍ୟ ଯେତେବେଳେ ନୂଆ ଶବ୍ଦ, ନୂଆ ବାକ୍ୟ ଓ ନୂଆ ଧ୍ୱନିର ବ୍ୟବହାର କରେ ସେତେବେଳେ ତା'ର କହୁଥିବା ପୂର୍ବ ଭାଷାରେ ବିଭିନ୍ନ ପରିବର୍ତ୍ତନ ଘଟେ । ଏହି ପରିବର୍ତ୍ତନକୁ ସାଧାରଣତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି -

୧. ଧ୍ୱନି ପରିବର୍ତ୍ତନ ।

୨. ରୂପ ପରିବର୍ତ୍ତନ ।

୩. ଅର୍ଥ ପରିବର୍ତ୍ତନ ।

କଥିତ ଭାଷାର ମୌଳିକ ରୂପ ହେଉଛି ଧ୍ୱନି । ଏହି ଧ୍ୱନିର ବା ଧ୍ୱନି ସମୂହର ବିନ୍ୟାସ ଓ ଶବ୍ଦଗଠନ ଓ ବାକ୍ୟ ରଚନା ପଦ୍ଧତି ହେଉଛି ଭାଷାର ରୂପ । ଏହି ରୂପର ଭାବ ହେଉଛି ଅର୍ଥ । ଭାଷାରେ ଧ୍ୱନିଗତ ପରିବର୍ତ୍ତନ ଯୋଗୁଁ ଉଚ୍ଚାରଣ ପ୍ରକ୍ରିୟାରେ ପରିବର୍ତ୍ତନ ଦେଖାଦିଏ - ଯଥା - ଗୃହ > ଘର, ସ୍କୁଲ > ଇସ୍କୁଲ । ରୂପ ପରିବର୍ତ୍ତନ ଯୋଗୁଁ ଭାଷାର ଆଙ୍ଗିକ ରୂପରେ ପରିବର୍ତ୍ତନ ଘଟେ ଯଥା- ଇତିହାସ > ଐତିହାସିକ , ଲୋଭ > ଲୋଭନୀୟ, ସତ୍ୟ > ଅସତ୍ୟ । ମାତ୍ର ଅର୍ଥ ବା ଭାବପରିବର୍ତ୍ତନରେ ଭାଷାର ତାତ୍ପର୍ଯ୍ୟ ବା ମର୍ମ ବଦଳିଯାଏ । ଯଥା - ମହୁରା - ମଧୁର ମାତ୍ର ଓଡିଆରେ ବିଷ, ବେଦନା, ଅର୍ଥ ଦୁଃଖ ମାତ୍ର ଡାଳିମ୍ବ ଫଳ ବିଶେଷକୁ ମଧ୍ୟ ବୁଝାଏ । ବୃଷଭ ଅର୍ଥ ବର୍ଷଣକାରୀ ମାତ୍ର ଓଡିଆରେ ଷଣ୍ଢ । ରୂଢି ପ୍ରୟୋଗ କ୍ଷେତ୍ରରେ - ବିରାଡି ବୈଷ୍ଣବ, ଓଳିଆରୁଗଜା ପ୍ରଭୃତିରେ ଆଭିଧାନିକ ଅର୍ଥ ବ୍ୟବହାରିକ ପଦ୍ଧତିରେ ପରିବର୍ତ୍ତିତ ହୋଇଯାଏ ।

ଭାଷାର ପରିବର୍ତ୍ତନ କାରଣକୁ ମୋଟାମୋଟି ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ (୧) ବାହ୍ୟକାରଣ (୨)ଅନ୍ତର୍ନିହିତ କାରଣ । ଯେଉଁ ପରିବେଶ ଓ ପରିସ୍ଥିତି ଭାଷା ଉପରେ ପ୍ରଭାବ ବିସ୍ତାର କରି ଭାଷାକୁ ପରିବର୍ତ୍ତନ କରେ ତାହା ବାହ୍ୟ ଓ ଭାଷା ବ୍ୟବହାର କ୍ଷେତ୍ରରେ ବକ୍ତାର ପ୍ରବୃତ୍ତି, ରୁଚି, ଉଚ୍ଚାରଣଗତ ବା ଶାରୀରିକ ଅକ୍ଷମତା କିମ୍ବା ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଭାଷା ପ୍ରୟୋଗରେ ଯେପରି ବିକୃତି ବା ପରିବର୍ତ୍ତନ ଦେଖାଦିଏ ତାହା ଅନ୍ତର୍ନିହିତ ବା ଆଭ୍ୟନ୍ତରୀଣ ।

**ବାହ୍ୟ କାରଣ :-**

୧. ଭୌଗୋଳିକ ପ୍ରଭାବ- ଭୌଗୋଳିକ ଅବସ୍ଥିତି ଭାଷାରେ ପରିବର୍ତ୍ତନ ଆଣିଥାଏ । କାରଣ ଜଳବାୟୁର ବୈଷମ୍ୟଯୋଗୁ ଶାରୀରିକ ଗଠନ ଓ ମାନସିକ ଅବସ୍ଥାର ପ୍ରଭାବରେ ଭାଷା ବ୍ୟବହାରରେ ପରିବର୍ତ୍ତନ ଦେଖାଦିଏ । ଗୋଟିଏ ଭୂଖଣ୍ଡରେ ବସବାସ କରୁଥିବା ବିଭିନ୍ନ ସଂପ୍ରଦାୟର ବ୍ୟକ୍ତିମାନେ ଜଳବାୟୁର ଭିନ୍ନତା ଅର୍ଥାତ୍, ପାହାଡିଆ , ନଦୀତଟ, ଜଙ୍ଗଲ, ସମତଳ

ଅଞ୍ଚଳ ଅଥବା, ଶୀତପ୍ରଧାନ ଓ ଗ୍ରୀଷ୍ମ ପ୍ରଧାନ ଅଞ୍ଚଳ ଯୋଗୁଁ ଭାଷା ବ୍ୟବହାରରେ ଅନେକ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରାଯାଏ । ଯେପରି ଶୀତ ପ୍ରଧାନ ଅଞ୍ଚଳର ଲୋକମାନଙ୍କ ମୁଖ ଅଧିକ ନ ଖୋଲିବା ଯୋଗୁ ବିବୃତ ଧ୍ୱନି ସଂବୃତ ଧ୍ୱନିପରି ଏବଂ ଗ୍ରୀଷ୍ମ ପ୍ରଧାନରେ ଲୋକମାନେ ସଂବୃତ ଧ୍ୱନିକୁ ଅପେକ୍ଷାକୃତ ବିବୃତଧ୍ୱନିପରି ଉଚ୍ଚାରଣ କରିଥାନ୍ତି । ଫଳରେ ଭାଷାଉଚ୍ଚାରଣରେ ପରିବର୍ତ୍ତନ ଦେଖାଦେବା ସ୍ୱାଭାବିକ ।

୨. ସାଂସ୍କୃତିକ ପ୍ରଭାବ :- ସଂସ୍କୃତି ସମାଜର ପ୍ରାଣ ସ୍ୱରୂପ । ସଂସ୍କୃତିର ପ୍ରଭାବ ଭାଷାକୁ ପ୍ରଭାବିତ କରିଥାଏ । ସାଂସ୍କୃତିକ ଜୀବନ ଧାରାର ଆଦର୍ଶ, ସ୍ୱଚ୍ଛତା, ଓ ଶୁଦ୍ଧତା ଅନୁସାରେ ଭାଷାର ପ୍ରୟୋଗରେ ଲକ୍ଷ୍ୟ କରାଯାଏ । ଏପରିକି ସମାଜର ଶାନ୍ତି, ଅଶାନ୍ତି, ସୁଖ ଦୁଃଖ ପରିବେଶ ଅନୁସାରେ ଭାଷା ମଧ୍ୟ ପ୍ରଭାବିତ ହୋଇଥାଏ । ତେଣୁ ପ୍ରତ୍ୟେକ ଭାଷାରେ ସେହି ସଂସ୍କୃତିର ଚିତ୍ର ପ୍ରତିଫଳିତ ହେବା ସ୍ୱାଭାବିକ । ବିଭିନ୍ନ ଧର୍ମ, ସଂପ୍ରଦାୟର ପ୍ରଚାର ଓ ପ୍ରସାର ଫଳରେ ସାଂସ୍କୃତିକ ଜୀବନ ପ୍ରବାହ ମଧ୍ୟ ପ୍ରଭାବିତ ହୋଇ ଭାଷାକୁ ପ୍ରଭାବିତ କରିଥାଏ ।

୩. ଜାତୀୟ ସମ୍ମିଳନ :- ସଭ୍ୟତାର ବିକାଶ ସହିତ ଗମନାଗମନର ସୁବିଧା ଯୋଗୁଁ ଐକ୍ୟ ଓ ପାରସ୍ପରିକ ସଂପର୍କର ସ୍ଥାପନ ହୋଇପାରୁଛି । ଭାରତବର୍ଷକୁ ଆର୍ଯ୍ୟମାନଙ୍କର ଆଗମନ ପୂର୍ବରୁ ଯେଉଁ ଅଷ୍ଟିକ, ଓବିଡ ଜାତି ବସବାସ କରି ରହିଥିଲେ ଆର୍ଯ୍ୟମାନେ ଆସିଲା ପରେ ସେମାନଙ୍କ ସହିତ ସଂପର୍କ ସ୍ଥାପିତ ହେଲା । କିଛିକାଳ ପରେ ଗ୍ରୀକ୍, ତୁର୍କ, ମୁସଲମାନ, ପାରସିକ ଓ ଆରବିକ ଓ ଉରୋପୀୟ ଜାତି ସହିତ ଆର୍ଯ୍ୟ, ଅଷ୍ଟ୍ରିକ ଓ ଦ୍ରାବିଡ ମାନଙ୍କର ମିଳନ ଫଳରେ ଭାଷା ଓ ସାଂସ୍କୃତିକ ସମ୍ମିଳନ ଘଟିଲା । ବିଦେଶୀ ଭାଷାର ବହୁ ଶବ୍ଦ ବିଭିନ୍ନ ମାଧ୍ୟମରେ ଭାରତୀୟ ଭାଷାକୁ ପ୍ରଭାବିତ କଲା । ଯଥା - ଖାଦ୍ୟ, ପାନୀୟ, ବେଶ, ପୋଷାକ ଔଷଧ, ସଂଗୀତ, ନୃତ୍ୟ, ଓ ବିଭିନ୍ନ ଦୈନନ୍ଦିନ ଜୀବନ ପ୍ରବାହରେ ବହୁ ବିଦେଶୀ ଶବ୍ଦର ପ୍ରଚଳନ ଦେଖାଦେଲା । ଏତଦ୍ ବ୍ୟତୀତ ବିଭିନ୍ନ ଧର୍ମ, ସାହିତ୍ୟ, ସାଂସ୍କୃତିକ, ରାଜନୀତିକ ସମ୍ମିଳନ ଜରିଆରେ ଭାଷାଗତ

୪. ପ୍ରଭାବ ପରିଲକ୍ଷିତ ହେଲା । **ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରସାର :-**

ଆଜିର ଯୁଗ ବିଜ୍ଞାନର ଯୁଗ । ବିଜ୍ଞାନର ଦ୍ରୁତ ପ୍ରସାର ଫଳରେ ଭାଷା ରାଜ୍ୟରେ ମଧ୍ୟ ଅନେକ ପ୍ରଭାବ ପଡିଲା ନୂଆ ନୂଆ ପଦାର୍ଥର ଉଦ୍ଭାବନ ଓ ସେଗୁଡିକର ପ୍ରୟୋଗ ଫଳରେ ଭାଷା ବ୍ୟବହାରରେ ଅନେକ ନୂତନ ନୂତନ ଶବ୍ଦ ପ୍ରବେଶ କଲା । ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ବ୍ୟବହୃତ ଶବ୍ଦ ପୁଞ୍ଜ ପ୍ରତ୍ୟେକ ଭାଷାରେ ବିକୃତ ହୋଇ ବା ଅବିକୃତହୋଇ ପ୍ରଚଳିତ ହେଲା ।

**୫. ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ବ୍ୟବହୃତ ଭାଷାର ପ୍ରଭାବ :-**

ଗମନା ଗମନର ସୁବିଧାହେତୁ ବାଣିଜ୍ୟ ଗତ ସଂପର୍କ ବୃଦ୍ଧିପାଇଲା । ଜାତି ଜାତି ମଧ୍ୟରେ ଅଥବା ଦେଶ ଦେଶ ମଧ୍ୟରେ ବିଭିନ୍ନ ବ୍ୟବସାୟ ଓ ବାଣିଜ୍ୟ କାରବାର ଦୃଷ୍ଟିରୁ ଅନେକ ନୂତନ ଶବ୍ଦର ଅନୁପ୍ରବେଶ ଘଟିଲା । ବହୁ ବିଦେଶୀ ଦ୍ରବ୍ୟର ବ୍ୟବହାର ଯୋଗୁ ଭାରତୀୟ ଭାଷାକ୍ରମେ ସମୃଦ୍ଧ ହେବାରେ ଲାଗିଲା ।

**୬. ଆର୍ଥିକ ଅବସ୍ଥା :**

ସମାଜରେ ବିଭିନ୍ନ ଶ୍ରେଣୀର ଲୋକେ ବାସ କରିଥାନ୍ତି । ଯେଉଁ ମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ, ଯେଉଁ ମାନେ ଧନୀ କିମ୍ବା ପଣ୍ଡିତ ବ୍ୟକ୍ତି ସେମାନଙ୍କ ଭାଷାରେ ଗାମ୍ଭୀର୍ଯ୍ୟ, ଆଡମ୍ବର ଓ ଶୁଦ୍ଧତା ପରିଲକ୍ଷିତ ହୁଏ । ମାତ୍ର ଯେଉଁ ଦରିଦ୍ର, ମୂର୍ଖ ଓ ଅନୁନ୍ନତ ସେମାନଙ୍କ ଭାଷା ନିରସ ଓ ଅମାର୍ଜିତ ଭାବରେ ଗଣ୍ୟ ହୁଏ ।

**୭. ସଂସର୍ଗ :-**

ଅବସ୍ଥା ଓ ପରିବେଶ ଅନୁସାରେ ଭାଷା ବ୍ୟବହାରରେ ଅନେକ ପରିବର୍ତ୍ତନ ଦେଖାଦିଏ । ସହରରେ ବାସକରୁଥିବା ଲୋକମାନଙ୍କର ଭାଷା ଓ ଗ୍ରାମରେ ବା ପଲ୍ଲୀ ଅଞ୍ଚଳରେ ବାସକରୁଥିବା ଲୋକ ଭାଷା ମଧ୍ୟରେ ପାର୍ଥକ୍ୟ ଲକ୍ଷ୍ୟ କରାଯାଏ ।

ପଲ୍ଲୀବାସୀ ଯଦି ସହରକୁ ଆସେ କିଛି ଦିନ ବସବାସ କରେ ତା'ର ଭାଷାରେ ମଧ୍ୟ ସଂସର୍ଗ ହେତୁ ଅନେକ ପରିବର୍ତ୍ତନ ଦେଖାଦେଇଥାଏ । ଏପରିକି ଗ୍ରାମର ଗୋଟିଏ ପରିବାରକୁ ସହରରୁ ହେଉ ଅଥବା ଅନ୍ୟ ଦୂର ଅଞ୍ଚଳରୁ ଗୋଟିଏ ଝିଅ ବୋହୁ ହୋଇ ଆସେ ତେବେ ପ୍ରଥମେ ପ୍ରଥମେ ତା'ର ନିଜ ଭାଷା ବ୍ୟବହାର କଲେ ମଧ୍ୟ କାଳକ୍ରମେ ପରିବାରର ଭାଷାର ପ୍ରଭାବରେ ତା'ର ଭାଷା ପରିବର୍ତ୍ତିତ ହୋଇଯାଏ । ଯଦି ବୋହୁଙ୍କ ସଂଖ୍ୟା ବଢିଯାଏ ତେବେ ସେ ଗ୍ରାମର ଭାଷା ମଧ୍ୟ ପରିବର୍ତ୍ତିତ ହୋଇଯାଏ ।

**୮. ଲିପିଦୋଷ :**

ଶବ୍ଦକୁ ଲିପିବଦ୍ଧ କଲାବେଳେ କେତେକ ତ୍ରୁଟି ଦେଖାଯାଏ । ଲିପି ଅନୁସାରେ ସେହି ଶବ୍ଦକୁ ଉଚ୍ଚାରଣ କଲାବେଳେ ଭାଷାରେ ଛାଏଁ ଛାଏଁ ପରିବର୍ତ୍ତନ ଘଟେ । ଯଥା – ସାଲେପୁରକୁ > Salipur ଆଳି > Aul, ବ୍ରହ୍ମପୁର >Berhampur, ତିରୁବନ୍ତପୁରମ> Trivendrum.

**ଆଭ୍ୟନ୍ତରୀଣ କାରଣ :**

୧. ଭାଷଣ ଅବୟବର ଅକ୍ଷମତା ଓ ଅସ୍ୱାଭାବିକତା ଶବ୍ଦ ଉଚ୍ଚାରଣ ସମୟରେ ଭାଷଣାବୟବର ଦୁର୍ବଳତା ଯୋଗୁଁ ଭାଷାରେ ପରିବର୍ତ୍ତନ ଦେଖାଦିଏ । ଏପରିକି, ଦାନ୍ତୁରା ଅଧିକ ଚଉଡା ପାଟି, ଛୋଟ ଜିହ୍ୱା, ଯୋଗୁଁ ଶବ୍ଦଠିକ୍ ବା ପୂର୍ଣ୍ଣରୂପେ ଉଚ୍ଚାରିତ ହୋଇପାରେ ନାହିଁ । ସ୍ୱରଯନ୍ତ୍ରର ସଂକୋଚନ ଓ ପ୍ରସାରଣରେ ବିକାର ଦେଖାଦେଲେ ଧ୍ୱନି ଉଚ୍ଚାରଣରେ ମଧ୍ୟ ପରିବର୍ତ୍ତନ ଦେଖାଦିଏ ।

୨. ଭ୍ରାନ୍ତ ଉଚ୍ଚାରଣ – ଶ୍ରବଣ ଯନ୍ତ୍ରର ଅସ୍ୱାଭାବିକତା ଯୋଗୁଁ ହେଉ ଅଥବା ବାଗ୍ ଯନ୍ତ୍ରର ବିକାଶଜନିତ ହେଉ କିମ୍ବା ଅନୁକରଣ ଜନିତ ତ୍ରୁଟି ହେଉ ଶବ୍ଦ ଉଚ୍ଚାରଣ କଲାବେଳେ ଶବ୍ଦରୂପରେ ପରିବର୍ତ୍ତନ ଦେଖାଦିଏ । ଏପରି ଭ୍ରାନ୍ତ ଉଚ୍ଚାରଣ ଅନେକ ପ୍ରକାର ହୋଇଥାଏ ଯଥା – ଲୋପ, ଆଗମ, ବିପର୍ଯ୍ୟୟ, ସମୀକରଣ, ବିଷମୀ କରଣ, ସ୍ୱରଭକ୍ତି ପ୍ରଭୃତି ।

ଲୋପ –(ଧ୍ୱନିଲୋପ – ସ୍ୱର ଓ ବ୍ୟଞ୍ଜନ, ଅକ୍ଷର ଲୋପ)

ଉଧାର > ଧାର

ସୁବର୍ଣ୍ଣ > ସ୍ୱର୍ଣ୍ଣ

ଆଗମ – (ଧ୍ୱନିଆଗମ – ସ୍ୱର ଓ ବ୍ୟଞ୍ଜନ, ଅକ୍ଷର)

ସ୍କୁଲ > ଇସ୍କୁଲ

ଷ୍ଟେସନ୍ > ଇଷ୍ଟେସନ

ଜେଲ > ଜିଅଲ

ସ୍ନାନ > ସିନାନ

ବିପର୍ଯ୍ୟୟ –ବୁଡିବା > ଡୁବିବା

ରିକ୍ସା > ରିସ୍କା

ହ୍ରଦ > ଦହ

ସମୀକରଣ–ଅଗ୍ନି > ଅଗ୍‌ଗି > ଅଗି

ଚକ୍ର > ଚକ୍‌କ > ଚକ

ବିଷମୀ କରଣ- ସମ୍ମାନ > ସନ୍‌ମାନ

ଲାଲ > ନାଲ

ସ୍ୱରଭକ୍ତି - ଭକ୍ତ > ଭକତ

ସ୍ୱପ୍ନ > ସପନ

**୩. ବଳାଘାତ ପ୍ରଭାବ :-**

ଧ୍ୱନିର ପରେ ଅଧିକ ବାୟୁ ନିଷ୍କାସିତ ହେଲେ ବା ବଳ ପ୍ରୟୋଗ କଲେ ପାର୍ଶ୍ୱବର୍ତ୍ତୀ ଧ୍ୱନି ଦୁର୍ବଳ ହୋଇଯାଏ ଏବଂ କାଳ କ୍ରମେ ତାହା ଲୋପ ହୋଇଯାଏ । ଯଥା - ଅଭ୍ୟନ୍ତର ଶବ୍ଦରେ ଥିବା 'ଭ୍ୟ' ଉପରେ ବଳ ପ୍ରୟୋଗ ହେତୁ 'ଅ' ଦୁର୍ବଳ ହୋଇ ଲୋପ ହୋଇ ଯିବାରୁ ଶବ୍ଦରେ ପରିବର୍ତ୍ତନ ଘଟି 'ଭିତର' ହୋଇଯାଏ ।

**୪. ଉଚ୍ଚାରଣରେ ପ୍ରାଧାନ୍ୟ :**

ଯଦି ଶବ୍ଦର କୌଣସି ସ୍ଥାନରେ ଅଧିକ ପ୍ରାଧାନ୍ୟ ଦିଆଯାଇ ଉଚ୍ଚାରଣ କରାଯାଏ ତାହେଲେ ଧ୍ୱନି ପରିବର୍ତ୍ତନ ଘଟେ, ଯଥା- ବୁଢା> ବୁଢ୍ଢା, ପୀଡା> ପୀଡ୍‌ଡା ।

**୫. ପ୍ରଯତ୍ନଲାଘବ :**

ବାଗ୍ ଧ୍ୱନି ଉଚ୍ଚାରଣ ପାଇଁ ପ୍ରଯତ୍ନ ଆବଶ୍ୟକ । ଏହି ପ୍ରଯତ୍ନ ପ୍ରକ୍ରିୟାରେ ଯଦି ଅବହେଳା କରାଯାଏ ତାହେଲେ ଧ୍ୱନି ଉଚ୍ଚାରଣରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ । ଯଥା-ବଡବାପା > ବଡାପା

ଜେଷ୍ଠତାତିକ > ଜେଠେଇ > ଦେଠେଇ

ଧୀରେନ୍ଦ୍ର > ଧୀରେନ୍

**୬. ଅନୁକରଣରେ ଅପୂର୍ଣ୍ଣତା :**

ଅନେକ ସମୟରେ ଅଶିକ୍ଷା ହେତୁ କେତେକ ବ୍ୟକ୍ତି ବିଦେଶୀ ଶବ୍ଦ ଅଥବା କଠିନ ଶବ୍ଦକୁ ଉଚ୍ଚାରଣ କଲାବେଳେ ଅନୁକରଣ ଜନିତ ତ୍ରୁଟି ଯୋଗୁ ଶବ୍ଦକୁ ବିକୃତଭାବରେ ଉଚ୍ଚାରଣ କରିଥାନ୍ତି । ଫଳରେ ଭାଷାରେ ପିରବର୍ତ୍ତନ ଦେଖାଦିଏ ଯଥା- କଣ୍ଟ୍ରାକ୍ଟର > କାନଟ୍ରାଇଟ, ହସପିଟାଲ > ହାଁସପାତାଳ, ଡକ୍ଟର > ଡାକତର, ସିଗ୍‌ନାଲ > ସିଙ୍ଗଲ, ଇଞ୍ଜେକ୍‌ସନ > ଇଙ୍ଗରସନ୍ ।

**୭. ଦ୍ରୁତକଥନ -**

ଅନେକ ସମୟରେ ଶବ୍ଦକୁ ଦ୍ରୁତଗତିରେ ଉଚ୍ଚାରଣ କଲାବେଳେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଯଥା - ଭୋଗମଣ୍ଡପ > ଭଣ୍ଡ

Thank you > ଥାଙ୍କୁ

**୮. ବ୍ୟାକରଣ ନିୟମ ଲଂଘନ ଓ ଅଶୁଦ୍ଧ ଉଚ୍ଚାରଣ -**

| ଶୁଦ୍ଧ | | ଅଶୁଦ୍ଧ |
|---|---|---|
| ଧୀରେ | - | ସଧୀରେ |
| ପୂଜାସ୍ପଦ | - | ପୂଜ୍ୟାସ୍ପଦ |
| ଅର୍ଦ୍ଧାଙ୍ଗୀ | - | ଅର୍ଦ୍ଧାଙ୍ଗିନୀ |
| ପାଟବ | - | ପାଟବତା |
| ଅନଟନ | - | ଅନାଟନ |
| ଧୂମ | - | ଧୂମ୍ର |
| ନରକ | - | ନର୍କ |
| ଏକତ୍ର | - | ଏକତ୍ରିତ |
| ପ୍ରତ୍ୟେକ | - | ପ୍ରତ୍ୟେକଟି |
| ଯଦିଚ | - | ଯଦିଓ |
| ମରକତ | - | ମର୍କତ |

**୯. ସାଦୃଶ୍ୟ -**

ଗୋଟିଏ ଶବ୍ଦର ରୂପ ଅନୁସାରେ ଅନ୍ୟ ଏକ ସେହିପରି ଶବ୍ଦ ଗଠନକୁ ସାଦୃଶ୍ୟ କୁହାଯାଏ । ଇଂରାଜୀରେ Shall ଏବଂ Will ରେ ଥିବା 'I' (ଲ) ଭବିଷ୍ୟତ କାଳରେ 'I' (ଲ) ରହି Should ଏବଂ Would ହୋଇଛି, ମାତ୍ର 'Can' ଶବ୍ଦରେ 'ଲ' 'I' ନଥାଇ ମଧ୍ୟ ସେହିପରି Could ହୋଇଛି । ଓଡିଆରେ ବନ୍ଧୁତା ସାଦୃଶ୍ୟରେ 'ମମତା' ଛନ୍ଦସୀ, ମାନସୀ ପରି କ୍ରନ୍ଦସୀ ଶବ୍ଦ ଗଠିତ ହୋଇ ଭାଷାରେ ପରିବର୍ତ୍ତନ ଘଟାଇଛି ।

**୧୦. ମନରୁ ଗଢି କହିବା :**

କେତେକ କ୍ଷେତ୍ରରେ ଦେଖାଯାଏ ଶବ୍ଦ ଉଚ୍ଚାରଣ କଲାବେଳେ ଗୋଟିଏ ଧ୍ୱନି ସ୍ଥାନରେ ଅନ୍ୟୟ ଏକ ଧ୍ୱନି ମନରୁ ଗଢି କହିଥାନ୍ତି । ତାହା କ୍ରମେ ଅଭ୍ୟାସରେ ପରିଣତ ହୋଇଯାଏ । ଯଥା - ଅନ୍ନ କୁ ଅର୍ଣ୍ଣ, ବେଶକୁ ଭେଶ, ପରିସ୍ରା ସ୍ଥାନରେ ପ୍ରିସାବ, ବର୍ତ୍ତମାନ ସ୍ଥାନରେ ବ୍ରତମାନ ପ୍ରଭୃତି ।

**୧୧. ଭାବାତିଶଯ୍ୟ :**

ଭାବପ୍ରବଣତା ଯୋଗୁଁ ଶବ୍ଦ ଉଚ୍ଚାରଣ ସମୟରେ ଅନେକ ପରିବର୍ତ୍ତନ ଦେଖାଦିଏ, ଯଥା - ଅତି ସ୍ନେହରେ ଲୋକେ କହିଥାନ୍ତି - ପାଗଳାଟାଏ - ବାୟାଣିଟା, ମୀନାକ୍ଷୀ କୁ ମିନି, ଦୁଷ୍ଟଟାଏ, ପାଜିଟାଏ, ପ୍ରଭୃତି ।

**୧୨. ରୂଢି ଓ ଅଳଙ୍କାର ପ୍ରୟୋଗ -**

ଶବ୍ଦର ଉଚ୍ଚାରଣ ସମୟରେ ଅଳଙ୍କାର ପ୍ରୟୋଗ ଦ୍ୱାରା ଶବ୍ଦର ଅର୍ଥକୁ ବଦଳାଇ ଦିଆଯାଏ । ଯଥା- ଗୋବର ଗଣେଶ, ବିରାଡି ବୈଷ୍ଣବ (ଠକ), ନାଗସାପ (ଭୟଙ୍କର) ଘର ଢିଙ୍କି କୁମ୍ଭୀର (ଭୟଙ୍କର ଶତ୍ରୁ), ସରଗ ଚାନ୍ଦ, ମେଣ୍ଢାଟାଏ, ଚିତା କାଟିବା, ହାତ ଧରିବା, ବିରାଡି ଆଖିବୁଜି ଦୁଧି ପିଇବା, ଓଳିଆରୁ ଗଜା ପ୍ରଭୃତି ।

**୧୩. ପୁନରୁକ୍ତି ଦୋଷ :**

ଯୁଗ୍ମ ଶବ୍ଦ ଉଚ୍ଚାରଣ କଲାବେଳେ ଏକ ଅର୍ଥ ଗ୍ରହଣ କରିଥାଏ । ସେଥିପାଇଁ ପୁନରୁକ୍ତି ଦୋଷ ଦେଖାଦିଏ । ଯଥା - ରୋଡ୍‌ରାସ୍ତା, ସେପଟସାଇଡ, ପୁଣିଫେରେ, ଆହୁରିପୁଣି , ପୂରାଫୁଲ୍ ।

**୧୪. ଅନ୍ଧ ବିଶ୍ୱାସ :**

ସାମାଜିକ ଅନ୍ଧ ବିଶ୍ୱାସ ଯୋଗୁଁ କେତେକ ସ୍ଥଳରେ ଶବ୍ଦ ଉଚ୍ଚାରଣରେ ବିକୃତି ଘଟିଥାଏ । ଯଥା- ସ୍ତ୍ରୀ ଲୋକମାନେ ଘରର ଶାଶୂ, ଶଶୁର, ଦେଢଶୁର ମଳାଶୁର, ସ୍ୱାମୀ ପ୍ରଭୃତିଙ୍କ ନାମ ଧରନ୍ତି ନାହିଁ । ସ୍ୱାମୀର ନାମ 'ରାମ' ଥିଲେ ତାକୁ 'ଟାମ' ଶଶୁର ନାମ କୃଷ୍ଣ ଥିଲେ ତାଙ୍କୁ ନୂଷ୍ଣ ପ୍ରଭୃତି ପରିବର୍ତ୍ତନ କରି ଡାକିଥାନ୍ତି । ଏହିପରି ଭାବରେ ବିଭିନ୍ନ କାରଣ ଯୋଗୁଁ ଭାଷାରେ ଅହରହ ପରିବର୍ତ୍ତନ ଘଟୁଛି । ଜ୍ଞାତ ସାରରେ ହେଉ ବା ଅଜ୍ଞାତ ସାରରେ ହେଉ, ମନ୍ଥର ହେଉ ବା ଚଞ୍ଚଳ ହେଉ ଧ୍ୱନିଗତ ହେଉ ବା ରୂପଗତ ହେଉ ଭାଷାରେ ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା । ଭାଷାପରିବର୍ତ୍ତନ କହିଲେ ଆମେ ଧ୍ୱନି ପରିବର୍ତ୍ତନ , ରୂପ ପରିବର୍ତ୍ତନ ଓ ଅର୍ଥ ପରିବର୍ତ୍ତନକୁ ହିଁ ବୁଝିଥାଉ ।

**ଭାଷାରେ ଅର୍ଥ ପରିବର୍ତ୍ତନ :**

ଆମର କଥିତ ଭାଷାକୁ ଦୁଇଟି ଦିଗରୁ ବିଚାର କରାଯାଇଥାଏ । ଗୋଟିଏ ତା'ର

ଧ୍ୱନି, ଧ୍ୱନିଗ୍ରାମ, ଶବ୍ଦ ଓ ବାକ୍ୟ ଅନ୍ୟଟି ତା'ର ଅଭ୍ୟନ୍ତର ଦିଗ ବା ରୂପ ଯାହାଭାବ ବା ଅର୍ଥ । 'ଘର' କହିଲେ (ଘ୍ + ଅ + ର୍ + ଅ) ଧ୍ୱନିକୁ ନେଇ ଗଠିତ ଏକ ଶବ୍ଦ ଯାହା ବାହ୍ୟରୂପ ମାତ୍ର 'ଘର' କହିଲେ ଯେଉଁଠାରେ ମନୁଷ୍ୟ ବାସକରେ ଯାହା ତା'ର ଆଶ୍ରୟ ସ୍ଥଳ । ଏହି ଅର୍ଥ ହିଁ ଭାଷାର ଆଭ୍ୟନ୍ତରୀଣ ରୂପ ଓ ଅସଲ ମୂଲ୍ୟ । "ଶବ୍ଦ ଓ ଅର୍ଥ ମଧ୍ୟରେ କୌଣସି କାର୍ଯ୍ୟ କାରଣ ସଂପର୍କ ନଥାଏ । ସଂସ୍କୃତରେ ଯାହାକୁ ଅଶ୍ୱବୋଲି କୁହାଯାଏ ଓଡିଆରେ ତାକୁ ଘୋଡା କହୁ । ତେଲୁଗୁରେ ଏହି ଘୋଡାକୁ 'ଗୁରୁମୁ' ତାମିଲିରେ 'କୁଜୀରେ' ଇଂରାଜୀରେ ହର୍ସ, ଫରାସୀରେ, ଶଭାଲ ବୋଲି କୁହାଯାଏ । ତେଣୁ ବ୍ୟବହୃତ ଶବ୍ଦ ଓ ସେମାନଙ୍କ ଦ୍ୱାରା ସୂଚିତ ବସ୍ତୁ ମଧ୍ୟରେ ପ୍ରକୃତରେ କୌଣସି କାର୍ଯ୍ୟ କାରଣର ସଂପର୍କ ନାହିଁ ।

ଭାଷାର ଉପଯୋଗିତା ହିଁ ତା'ର ଅର୍ଥ । ବକ୍ତା ଯାହା କହେ ଶ୍ରୋତା ତାହା ଶୁଣି ଯେଉଁ କାର୍ଯ୍ୟ ବା ପ୍ରତିକ୍ରିୟା ଦେଖାଏ ସେହିଥିରୁ ହିଁ ଅର୍ଥ ବୁଝାପଡେ । 'ଆସ' କହିଲା ମାତ୍ରେ ଶ୍ରୋତା ଯଦି ପଦଚାଳନାକରି ବକ୍ତାଙ୍କ ନିକଟବର୍ତ୍ତୀ ହୁଏ ତାହେଲେ 'ଆସ' ଶବ୍ଦର ଅର୍ଥ ଜଣାପଡେ । ତେଣୁ ଅଭିବ୍ୟକ୍ତିର ପ୍ରତିକ୍ରିୟା କିମ୍ବା ପ୍ରତ୍ୟକ୍ଷ ପ୍ରଦର୍ଶନ ଦ୍ୱାରା ଆମେ ଅର୍ଥ ବୁଝିଯାଉ ।" (ଭାଷା ଶାସ୍ତ୍ର ପରିଚୟ - ପୃ .୫୫୫, ଗୋଲୋକ ବିହାରୀ ଧଳ) ।

ବାକ୍ୟରେ ବ୍ୟବହୃତ ଶବ୍ଦମାନଙ୍କର ଭିନ୍ନ ଭିନ୍ନ ଅର୍ଥ ଥାଏ । ଗୋଟିଏ ଶବ୍ଦର ମଧ୍ୟ ଏକାଧିକ ଅର୍ଥ ପ୍ରକାଶପାଏ । ଭାରତୀୟ ବୈୟାକରଣ ଓ ଆଳଙ୍କାରିକ ଗଣ ଶବ୍ଦର ଅର୍ଥକୁ ମୁଖ୍ୟତଃ ଦୁଇ ଶ୍ରେଣୀରେ ବିଭକ୍ତ କରିଛନ୍ତି । (୧) ଅଭିଧା, (୨) ଲକ୍ଷଣା (ଲକ୍ଷ୍ୟାର୍ଥ) ବ୍ୟଞ୍ଜନା (ବ୍ୟଙ୍ଗାର୍ଥ) । ଅଭିଧା, ଅଭିଧାନିକ ବା ସାଧାରଣ ଅର୍ଥ , ଲକ୍ଷ୍ୟାର୍ଥ - ଏହାକୁ ଆରୋପିତ ଅର୍ଥ କୁହାଯାଏ । ଲକ୍ଷଣ ନିରୂପଣ କରି ଅନ୍ୟଏକ ଅର୍ଥ ଆରୋପଣ କରାଯାଏ । ସେହି ଶବ୍ଦକୁ ବାଚ୍ୟାର୍ଥ, ଲକ୍ଷ୍ୟାର୍ଥରେ ବ୍ୟବହାର ନକରି ଅନ୍ୟ ଏକ ସାରଶୂନ୍ୟ ଭାବରେ ପ୍ରୟୋଗ କଲେ ଯେଉଁ ଅର୍ଥ ପ୍ରତିପନ୍ନ ହୁଏ ତାହା 'ବ୍ୟଙ୍ଗାର୍ଥ' । ଯଥା- ଦିଲ୍ଲୀ ଭାରତର ରାଜଧାନୀ । ଏହା ଭାରତୀୟ ରାଜକାର୍ଯ୍ୟର ସର୍ବୋଚ୍ଚ କର୍ମସ୍ଥଳୀକୁ ବୁଝାଏ । ଏଠାରେ ଦିଲ୍ଲୀ ଅର୍ଥ ଅଭିଧା ବା ବାଚ୍ୟାର୍ଥ ଦୃଷ୍ଟିରୁ କରାଯାଇଛି । ମାତ୍ର ଯଦି କୁହାଯାଏ, ରାଜ୍ୟର ଦାବୀକୁ ଦିଲ୍ଲୀ ଅସ୍ୱୀକାର କଲା ତାହେଲେ ଦିଲ୍ଲୀର ପ୍ରତିଷ୍ଠିତ ସରକାର ଅସ୍ୱୀକାର କଲେ । ଏହା ଏକ ଆରୋପିତ ଅର୍ଥ ବା ଲକ୍ଷଣାର୍ଥ । ପୁନଶ୍ଚ ଆମେ ଯଦି ଦିଲ୍ଲୀ କା ଲଡୁ ବୋଲିକହୁ ତାହେଲେ ଦିଲ୍ଲୀ ଶବ୍ଦର ଉପର ଦୁଇଟି ଅର୍ଥକୁ ନବୁଝାଇ ଅନ୍ୟଏକ ସାରଶୂନ୍ୟ ବା ନିରର୍ଥକ ପରି ଜଣା ପଡେ ଯାହାକୁ ବ୍ୟଞ୍ଜନ ବା ବ୍ୟଙ୍ଗାର୍ଥ କୁହାଯାଏ ।

୨ୟରେ ପ୍ରକୃତି ପ୍ରତ୍ୟୟଗତ ମୌଳିକ ଅର୍ଥ ବିଶ୍ଳେଷଣ ଦୃଷ୍ଟିରୁ ଶବ୍ଦମାନଙ୍କୁ ତିନିଶ୍ରେଣୀରେ ବିଭକ୍ତ କରାଯାଇଛି - (୧) ଯୌଗିକ, (୨) ରୁଢ (୩) ଯୋଗରୁଢ । କୁମ୍ଭକାର- ପ୍ରକୃତିପ୍ରତ୍ୟୟଗତ ଏକ ଯୌଗିକ ଶବ୍ଦ (କୁମ୍ଭ - କୃ -ଅ), ମାତ୍ର ଯାହା ପ୍ରକୃତି ପ୍ରତ୍ୟୟ ଅର୍ଥକୁ ନବୁଝାଇ ଅନ୍ୟ ଏକ ଅର୍ଥକୁ ବୁଝାଏ ତାହା ରୁଢ ଶବ୍ଦ, ଯଥା- ବ୍ୟାଘ୍ର - ବି -ଆ- ଘ୍ରା + ଅ) ଯାହା ବିଶେଷଭାବରେ ଆଘ୍ରାଣ କରେ । ମାତ୍ର ବ୍ୟାଘ୍ର କହିଲେ ଏକ ଭୟଙ୍କର ପ୍ରାଣୀକୁ ବୁଝାଏ । ପୁନଶ୍ଚ ଯେଉଁ ଶବ୍ଦ ଯୌଗିକ ଓ ରୂଢର ଅର୍ଥକୁ ବୁଝଉଥିଲେ ମଧ୍ୟ ଗୋଟିଏ ଅର୍ଥରେ ବ୍ୟବହୃତ ହୁଏ- ଯେପରି 'ପଙ୍କଜ' (ପଙ୍କ- ଜନ୍ - ଯଅ) କେବଳ 'ପଦ୍ମ' କୁ ହିଁ ବୁଝାଏ ଏହାକୁ ଯୋଗରୂଢ ଶବ୍ଦ କୁହାଯାଏ ।

କେବଳ ଓଡିଆ ଭାଷାରେ ନୁହେଁ ପ୍ରାୟ ପ୍ରତ୍ୟେକ ଭାଷାରେ ଗୋଟିଏ ଗୋଟିଏ ଶବ୍ଦର ଅନେକ ଅର୍ଥ ହୋଇପାରେ । ପ୍ରାୟୋଗିକ କୌଶଳ ଅନୁସାରେ ଏବଂ ବିଶେଷ କରି ବ୍ୟଞ୍ଜନା ଅର୍ଥରେ ଶବ୍ଦର ଅର୍ଥ ମଧ୍ୟ ବଦଳିଯାଏ । 'ହରି' ଶବ୍ଦର ଅର୍ଥ ଈଶ୍ୱର, ସିଂହ, ମାଙ୍କଡ, ଗାତ, ଘୋଡା ପ୍ରଭୃତି ଅର୍ଥରେ ଯେପରି ବ୍ୟବହୃତ ସେହିପରି 'ମାରିବା' ଶବ୍ଦର ଅର୍ଥ ହତ୍ୟା କରିବା, ପିଟିବା, ଠକିବା ଅର୍ଥରେ ବ୍ୟବହୃତ ।

ସମୟର ବ୍ୟବଧାନରେ ଶବ୍ଦମାନଙ୍କର ସ୍ୱରୂପ ଯେପରି ପରିବର୍ତ୍ତିତ ହୁଏ ଅର୍ଥର ମଧ୍ୟ ବିଭିନ୍ନ ଦିଗରୁ ଓ କାରଣରୁ ପରିବର୍ତ୍ତନ ଘଟିଥାଏ । ତେଣୁ ଅର୍ଥ ପରିବର୍ତ୍ତନ କାରଣ ଓ ଦିଗ ବା ବୈଚିତ୍ର୍ୟ ଜାଣିବା ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ ।

**ଅର୍ଥ ପରିବର୍ତ୍ତନର କାରଣ :-**

**୧. ଶବ୍ଦର ବ୍ୟାପକ ପ୍ରୟୋଗ -**

**ଶାସ୍ତ୍ରୀ** – ଏହି ଶବ୍ଦର ପ୍ରକୃତ ଅର୍ଥ ଥିଲା ବେଦ, ବେଦାଙ୍ଗ ଓ ଦର୍ଶନ ପ୍ରଭୃତି ଶାସ୍ତ୍ରରେ ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତିକୁ ଶାସ୍ତ୍ରୀ ଉପାଧିରେ ଭୂଷିତ କରାଯାଉଥିଲା । ତାପରେ ଶିକ୍ଷକମାନଙ୍କୁ ଶାସ୍ତ୍ରୀ ବୋଲି କୁହାଗଲା । ଶେଷରେ ବ୍ରାହ୍ମଣ ଜାତି ମଧ୍ୟ ଶାସ୍ତ୍ରୀ ସଂଜ୍ଞା ଗ୍ରହଣ କଲେ । ଏକ ସମ୍ମାନଜନକ ପଦ କାଳକ୍ରମେ ଏକ ସାଧାରଣ ଅର୍ଥରେ ବ୍ୟବହୃତ ହେଲା ।

**୨. ପଣ୍ଡିତ -**

ବିଭିନ୍ନ ଶାସ୍ତ୍ରରେ ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ପଣ୍ଡିତ ବୋଲି କୁହାଯାଉଥିଲା । କାଳକ୍ରମେ ସଂସ୍କୃତରେ ଜ୍ଞାନ ଅର୍ଜନ କରି ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କୁ ପଣ୍ଡିତ ଆଖ୍ୟା ପ୍ରଦାନ କଲା । ବିଭିନ୍ନ ଶାସ୍ତ୍ର ଆଲୋଚନା ଓ ସଭା ସମିତିରେ ଶ୍ରୋତାମାନଙ୍କୁ ମଧ୍ୟ ପଣ୍ଡିତ ବର୍ଗ ବୋଲି ସମ୍ବୋଧନ କରାଯାଏ । ଶେଷରେ ବାକ୍ୟାର୍ଥ ପ୍ରକାଶ କରି ମୂର୍ଖ ବା ଅଜ୍ଞ ବ୍ୟକ୍ତି କୁ ପଣ୍ଡିତ ବୋଲି ଥଟ୍ଟା କରାଗଲା ।

**୩. ଅଳଙ୍କାର ପ୍ରୟୋଗ -**

ପ୍ରକୃତ ବସ୍ତୁ ସହିତ ଅପ୍ରକୃତ ବସ୍ତୁର ତୁଳନା ସାମ୍ୟ ଓ ନିକୃଷ୍ଟତା ଦର୍ଶାଇବା ପାଇଁ 'ଉପମା', 'ଯମକ', 'ରୂପକ', ଆଦି ଅଳଙ୍କାର ପ୍ରୟୋଗ କରାଯାଇ ଅର୍ଥର ଚମତ୍କାରିତା ପ୍ରଦର୍ଶନ କରାଯାଇଥାଏ । ଏହାଦ୍ୱାରା ଅର୍ଥର ପରିବର୍ତ୍ତନ ଘଟିଥାଏ । ଯଥା – ବିରାଡି ବୈଷ୍ଣବ (ଠକ), ଗଧ (ଅଳସୁଆ, ନିର୍ବୋଧ) ପଥର (ହୃଦୟହୀନ), ନାଗସାପ (ଭୟଙ୍କର), ଘର ଢିଙ୍କି କୁମ୍ଭୀର (ନିଜଲୋକ ଶତ୍ରୁ) ।

**୪. ଅଜ୍ଞାନ ଦୋଷ -**

ଶବ୍ଦର ପ୍ରକୃତ ଅର୍ଥ ନଜାଣି ତାହାର ପ୍ରୟୋଗ କଲେ ଅର୍ଥ ବଦଳିଯାଏ । ଯଥା– 'ପାଷାଣ୍ଡ'–ଏହାର ପ୍ରକୃତ ଅର୍ଥ ହେଉଛି ବୌଦ୍ଧ ସନ୍ନ୍ୟାସୀ ମାତ୍ର ଅଜ୍ଞତାଯୋଗୁଁ ଲୋକମାନଙ୍କ ଦ୍ୱାରା ଏହାର ଅର୍ଥରେ ପରିବର୍ତ୍ତନ ଦେଖାଯାଏ । ଏହା ଖରାପ ଅର୍ଥରେ ବା ଗାଳି ଅର୍ଥରେ ଦୁଷ୍ଟ, ବିଧର୍ମୀ ବିଚାର ଓ ବିବେକ ବିହୀନ ବ୍ୟକ୍ତିଙ୍କୁ ପ୍ରୟୋଗ କରାଯାଏ ।

**୫. ଅନ୍ଧବିଶ୍ୱାସ -**

କାଳକାଳ ଧରି ପରଂପରାକ୍ରମେ ସାମାଜିକ ଓ ପାରିବାରିକ ଜୀବନରେ ଚଳିଆସୁଥିବା ଅନେକ ଅନ୍ଧବିଶ୍ୱାସ ଯୋଗୁଁ ଭାଷାରେ ଅର୍ଥ ପରିବର୍ତ୍ତନ ଦେଖାଦେଇଥାଏ । ବିଶେଷ କରି ଗ୍ରାମାଞ୍ଚଳରେ ରହୁଥିବା ନାରୀମାନେ ବିବାହ କରିସାରିଲା ପରେ ନିଜର ସ୍ୱାମୀ, ଶାଶୂ ଶଶୁର, ମଳାଶୁର, ଅଜାଶୁର ପ୍ରଭୃତି ଗୁରୁଜନମାନଙ୍କର ନାମକୁ ଠିକ୍ ଭାବେ ଉଚ୍ଚାରଣ କରନ୍ତି ନାହିଁ କାରଣ ଠିକ୍ ଉଚ୍ଚାରଣ କଲେ ପାପ ଓ ଅଧର୍ମ ହେବ । ଶାଶୂର ନାମ ଯଦି 'ଚାନ୍ଦ' ତାହେଲେ କହିବେ 'ନାନ୍ଦ' । ଶଶୁରଙ୍କ ନାମ ଯଦି 'ସୁରେଶ' ତାହେଲେ କହିବେ 'ନୁରେଶ' । ସ୍ୱାମୀଙ୍କ ନାମ 'ରାମ' ତାହେଲେ କହିବେ 'ଟାମ' ପ୍ରଭୃତି । ଅନେକ ସ୍ତ୍ରୀ ନିଜର ସ୍ୱାମୀଙ୍କ ନାମ ନଧରି ଅନ୍ୟ ଆଗରେ କହନ୍ତି 'ଆମର ସେ', 'ଅମୁକର ବାପା' ଘରେ ନାହାଁନ୍ତି କିମ୍ବା କାମକୁ ଯାଇଛନ୍ତି ।

**୬. ସାମାଜିକ ପରିବେଶ ଅନୁସାରେ ଭାଷାର ପରିବର୍ତ୍ତନ -**

'ଭାଇ' ର ଅର୍ଥ ନିଜର ବଡ କିମ୍ବା ସାନ ସହୋଦର ବା ବଂଶୀୟ । ମାତ୍ର ବମ୍ବେରେ 'ଭାଇ' ଶବ୍ଦଟି 'କୁଲି' ଅର୍ଥରେ ବିଶେଷ ଭାବରେ ବ୍ୟବହୃତ । ଏବେ ସଭାସମିତିରେ 'ଭାଇ' ମିତ୍ର ଅର୍ଥରେ ବ୍ୟବହୃତ । ଏପରିକି ଆଜିକାଲି ସହରମାନଙ୍କରେ ରହୁଥିବା ଚାକିରିଆ ସ୍ୱାମୀସ୍ତ୍ରୀ ମଧ୍ୟରେ 'ଭାଇ'ର ବ୍ୟବହାର ଦେଖାଯାଏ । ସ୍ୱାମୀ ଅଫିସ୍ ଯିବାପାଇଁ ଉଠିବା ବିଳମ୍ବ ହେଲେ ସ୍ତ୍ରୀ ଡାକେ ହେ ଭାଇ ଉଠ, ଡେରିହେଲାଣି ।ସେହିପରି ଇଂରାଜୀରେ Sister ଅର୍ଥ ଭଉଣୀ ମାତ୍ର ଡାକ୍ତରଖାନାରେ ଧାଇକୁ ସମସ୍ତେ ସିଷ୍ଟର ବୋଲ ଡାକନ୍ତି । ମା' ଅର୍ଥ ଜନନୀ ବାପା ଅର୍ଥ ପିତା ମାତ୍ର ଅନେକ ପିତାମାତା ଶ୍ରଦ୍ଧାରେ ସେମାନଙ୍କ ପିଲାମାନଙ୍କୁ ଅଠରେ ମା, ଆରେ ବାପା ବୋଲି ସମ୍ବୋଧନ କରିଥାନ୍ତି ।

**୭. କେତେକ ଅଶୁଭ ଶବ୍ଦ ପରିବର୍ତ୍ତେ ଶୁଭ ଶବ୍ଦର ପ୍ରୟୋଗ-**

ମନୁଷ୍ୟ ସବୁଠାରୁ ମୃତ୍ୟୁକୁ ଭୟକରେ । 'ମୃତ୍ୟୁ' ଶବ୍ଦ ଉଚ୍ଚାରଣହିଁ ଅଶୁଭ ଓ ଏକ ଗାଳି । ସେଥିପାଇଁ ମୃତ ବ୍ୟକ୍ତିକୁ ମୃତ ବୋଲି ନକହି - ମହାପ୍ରୟାଣ , ସ୍ୱର୍ଗବାସ , ଇହଲୀଳା ସମ୍ବରଣ , ଦେହାନ୍ତ, ମୁକ୍ତି ଲାଭ, ପଞ୍ଚତ୍ୱ ପ୍ରାପ୍ତି ବୈକୁଣ୍ଠ ପ୍ରାପ୍ତି ବା ଗଙ୍ଗା ପ୍ରାପ୍ତି ଶବ୍ଦର ଉଚ୍ଚାରଣ କରାଯାଇଥାଏ । 'ବିଧବା' ନାରୀମାନଙ୍କ କ୍ଷେତ୍ରରେ ମଧ୍ୟ 'ବିଧବା' ନକହି ସିନ୍ଦୂର ଲିଭିଯିବା, ଚୂଡି ଚାଲିଯିବା, ସୋହାଗ ତୁଟିଯିବା ପ୍ରଭୃତି ଶବ୍ଦର ପ୍ରୟୋଗ କରାଯାଇଥାଏ ।

**୮. ବିଭିନ୍ନ ରୋଗ ସୂଚକ ଶବ୍ଦର ପରିହାର -**

କେତେକ ଭୟଙ୍କର ବା ମାରତ୍ମକ ରୋଗ ସୂଚକ ଶବ୍ଦର ଠିକ୍ ଉଚ୍ଚାରଣ ନକରି ମନୁଷ୍ୟ ଭୟରେ ଅନ୍ୟ ଶବ୍ଦ ବ୍ୟବହାର କରି ଅର୍ଥର ପରିବର୍ତ୍ତନ କରିଥାଏ । ଯେପରି ବସନ୍ତ, ହାଡଫୁଟି , ହଇଜା ପ୍ରଭୃତି ରୋଗକୁ ମା' ବା ଠାକୁରାଣୀ ବୋଲି ସମ୍ବୋଧନ କରି ପୂଜା ଅର୍ଚ୍ଚନା କରାଯାଏ । ଯକ୍ଷ୍ମାରୋଗକୁ ରାଜବ୍ୟାଧି , କୁଷ୍ଠରୋଗକୁ ବଡ ରୋଗ ବୋଲି କୁହାଯାଏ ।

**୯. ବ୍ୟଙ୍ଗ ବା ଥଟ୍ଟାରେ ଶବ୍ଦର ଅର୍ଥ ପରିବର୍ତ୍ତନ -**

ପଣ୍ଡିତଟାଏ କହିଲେ ମୂର୍ଖକୁ ବୁଝାଏ, ସେହିପରି ଖରାପ ପିଲାକୁ > ବଢିଆ ପିଲା, ଅସୁନ୍ଦରକୁ > କନ୍ଦର୍ପଟାଏ, ଅଧର୍ମୀକୁ > ଧର୍ମାବତାର ଓ ମିଥ୍ୟାବାଦୀକୁ > ଯୁଧିଷ୍ଠିର , ପ୍ରଭୃତିର ପ୍ରୟୋଗ ଦେଖାଯାଏ ।

**୧୦. ଆଧାର ପରିବର୍ତ୍ତନ -**

ଆଧାରର ପରିବର୍ତ୍ତନ ଘଟିଲେ ଶବ୍ଦର ଅର୍ଥ ପରିବର୍ତ୍ତନ ଦେଖାଦିଏ । ଉଦାହରଣ ସ୍ୱରୂପ 'ପତ୍ର' ଶବ୍ଦକୁ ନିଆଯାଇପାରେ । ପ୍ରଥମେ 'ପତ୍ର' କହିଲେ ଗଛର 'ପତ୍ର' କୁ ବୁଝାଉଥିଲା, ଏହିପତ୍ର ଉପରେ ଲିଖନ କାର୍ଯ୍ୟ ସଂପାଦିତ ହେଉଥିଲା । ପରବର୍ତ୍ତୀ କାଳରେ ଭୂର୍ଜ ବଲ୍‌କଳ ଉପରେ ଲିଖନ କାର୍ଯ୍ୟ ହେଲା । ପରବର୍ତ୍ତୀ କାଳରେ କାଗଜରେ ଲିଖନ କାର୍ଯ୍ୟ ହେବାରୁ 'କାଗଜ' କୁ 'ପତ୍ର' ବୋଲି କୁହାଗଲା । ପତ୍ର ଦେହରେ ପୂର୍ବେ ଚିଠି ବା ସମ୍ବାଦ ପ୍ରେରଣ ଓ ଲିଖନ କାର୍ଯ୍ୟ କରାଯାଉଥିଲା । ସେହିପରି କାଗଜରେ ମଧ୍ୟ ଉଭୟ କାର୍ଯ୍ୟ ଚାଲିଲା । ତେଣୁ ପତ୍ରର ଅନ୍ୟ ନାମ ଚିଠି ଭାବରେ ଗୃହୀତ ହେଲା ।

**୧୧. ନମ୍ର ପ୍ରଦର୍ଶନ -**

ଭଦ୍ରତା ବା ନମ୍ରତା ପ୍ରଦର୍ଶନ କରି ଜଣେ ବ୍ୟକ୍ତି କେତେକ ଶବ୍ଦ ବ୍ୟବହାର କରନ୍ତି ସେଥିରୁ ବ୍ୟଙ୍ଗାର୍ଥ ସୂଚିତ ହୋଇଥାଏ ।

ଗରିବ ଘର - ଧନୀବ୍ୟକ୍ତି ହେଲେମଧ୍ୟ କୌଣସି କାର୍ଯ୍ୟପାଇଁ ନିମନ୍ତ୍ରଣ କଲାବେଳେ କହନ୍ତି - " ଆପଣଙ୍କ ପାଦଟିକିଏ ଗରିବ ଘରେ ପଡୁ ।" କିମ୍ବା ସୁନ୍ଦର ପ୍ରାସାଦ ଫାଟକରେ ଲେଖାଯାଇଥାଏ - 'ଧୂଳିଘର' 'ବାଲିଘର' ପ୍ରଭୃତି । କେତେକ ତଳିଆ କର୍ମଚାରୀ ଅଫିସରେ କାମ କଲାବେଳେ ଉପର ଅଫିସରଙ୍କୁ ହାକିମ, ଅନ୍ନଦାତା, ସାହେବ, ବୋଲି ସମ୍ବୋଧନ କରନ୍ତି ।

**୧୨. ସାଦୃଶ୍ୟ -**

ସାଦୃଶ୍ୟ କାରଣ ଯୋଗୁଁ ଅନେକ ସମୟରେ ଅର୍ଥର ପରିବର୍ତ୍ତନ ଦେଖା ଦେଇଥାଏ । ସଂସ୍କୃତରେ 'ପ୍ରଶ୍ରୟ' ଶବ୍ଦର ଅର୍ଥ ଶିଷ୍ଟତା ବା ନମ୍ରତା ମାତ୍ର 'ଆଶ୍ରୟ' ଶବ୍ଦର ଅର୍ଥ ସାହାଯ୍ୟ । କିନ୍ତୁ ଆଶ୍ରୟ ଶବ୍ଦର ସାଦୃଶ୍ୟରେ ପ୍ରଶ୍ରୟ ଶବ୍ଦ ସାହାଯ୍ୟ ଅର୍ଥରେ ବ୍ୟବହୃତ ।

**୧୩. ରୂପ ପରିବର୍ତ୍ତନ -**

ଶବ୍ଦରେ ପୂର୍ବ ସର୍ଗ , (ଉପ ସର୍ଗ ) ଓ ପର ସର୍ଗ (ପ୍ରତ୍ୟୟ) ବା ସନ୍ଧି ଦ୍ୱାରା ନୂତନ ଶବ୍ଦ ଗଠନ ଯୋଗୁଁ ଅର୍ଥ ପରିବର୍ତ୍ତନ ଘଟିଥାଏ । ନାମଶବ୍ଦ 'ସୁ' ବା 'ଦୁ' , କର୍ମ ଶବ୍ଦରେ ଅପ, ଦୁଃ ଲଗାଇଲେ ଅର୍ଥର ସଂପୂର୍ଣ୍ଣ ପରିବର୍ତ୍ତନ ଘଟିଥାଏ । ହୃତ ଶବ୍ଦରେ ଆ, ନି, ସମ୍, ବି, ଉପସର୍ଗ ଲଗାଇ ଶବ୍ଦ ଗଠନ କଲେ ନୂତନ ଅର୍ଥ ସୃଷ୍ଟି ହୁଏ । ସତ୍ୟ ପୂର୍ବର 'ଅ' ଲଗାଇଲେ ଅସତ୍ୟ ହୁଏ, ଅର୍ଥ ବିପରୀତ ହୋଇଯାଏ ।

**୧୪. ଗୋଟିଏ ଶବ୍ଦର ଅନ୍ୟଶବ୍ଦ ସହିତ ମିଳନ -**

ଗୋଟିଏ ଶବ୍ଦର ଅନ୍ୟ ଶବ୍ଦ ସହିତ ମିଳିତ ହେଲେ ଉଭୟର ଅର୍ଥ ବଦଳିଯାଏ । ଉଦାହରଣ ସ୍ୱରୂପ - ଅରଣ୍ୟ ରୋଦନ, (ଅରଣ୍ୟ ଅର୍ଥ ଜଙ୍ଗଲ, ରୋଦନ ଅର୍ଥ କ୍ରନ୍ଦନ) ଏହାର ରୂଢ଼ ଅର୍ଥ ବୃଥା ଗୁହାରି କରିବା । ଚୂଲିକଥା - ବାଜେ ବା ମୂଲ୍ୟହୀନ କଥା, ଘର ଭାଙ୍ଗିବା - କ୍ଷତି ସାଧନକରିବା, ପ୍ରଭୃତି ।

**୧୫. ପ୍ରଯତ୍ନ ଲାଘବ -**

ଅଧିକ ଶବ୍ଦ ଉଚ୍ଚାରଣକୁ ଲଘୁ କରିବା ପାଇଁ ଲୋକମାନେ ଅନେକ ସମୟରେ ଏକାଧିକ ଶବ୍ଦରୁ ଏକମାତ୍ର ଶବ୍ଦ ରଖି ଅନ୍ୟ ଶବ୍ଦ ପରିହାର କରିଥାନ୍ତି । ଫଳରେ ଏହି ଏକମାତ୍ର ତା'ର ମୂଳ ଅର୍ଥକୁ ତ୍ୟାଗ କରି ସମୂହ ଶବ୍ଦର ଅର୍ଥକୁ ବହନ କରେ । ଯଥା - ରେଲ ଗାଡି > ରେଲ୍ Bicycle>cycle, Television > T.V., Telephone > ଫୋନ୍ ।

**୧୬. ପୁନରୁକ୍ତି ଦୋଷ -**

ଏକାର୍ଥବୋଧକ ଦୁଇଟି ଶବ୍ଦ ଏକତ୍ର ଏକ ଅର୍ଥରେ ବ୍ୟବହୃତ ହେଲେ ଅର୍ଥ ବିଜ୍ଞାନରେ ତାହାକୁ ପୁନରୁକ୍ତି ଦୋଷ କୁହାଯାଏ । ମିଳିତ ଶବ୍ଦ ସମସ୍ତ ଶବ୍ଦର ଅର୍ଥକୁ ତ୍ୟାଗ କରି ଗୋଟିଏ ସୀମିତ ଅର୍ଥ ଗ୍ରହଣ କରେ । ଯଥା - ରୋଡରାସ୍ତା, ସେପଟ ସାଇଡ୍, ଏପାଖ ସାଇଡ୍, ଆହୁରି ପୁଣି, ଫେରେ ପୁଣି, ପୂରା ଫୁଲ ପ୍ରଭୃତି ।

**୧୭. ପ୍ରତୀକ ବା ସଙ୍କେତ-**

କୌଣସି ବିଶେଷତ୍ୱ ବା ପ୍ରାଧାନ୍ୟ ଯୋଗୁଁ ଯଦି କୌଣସି ବସ୍ତୁ ବର୍ଗର ପ୍ରତୀକ ରୂପେ ବ୍ୟବହୃତ ହୁଏ ତେବେ ବସ୍ତୁ ସୂଚକ ଶବ୍ଦଟି ବସ୍ତୁକୁ ନବୁଝାଇ ବର୍ଗର ଅର୍ଥକୁ ଗ୍ରହଣ କରେ । ଯଥା - ଲାଲଝଣ୍ଡା> କମ୍ୟୁନିଷ୍ଟ ପାର୍ଟି ଗାନ୍ଧୀଟୋପି > କଂଗ୍ରେସ, ପଇତା > ବ୍ରାହ୍ମଣ, ଜଟା ଦାଢୀ > ବାବାଜୀ ବା ସନ୍ନ୍ୟାସୀ, ଲୁଙ୍ଗି > ମୁସଲମାନ ପ୍ରଭୃତି ।

**୧୮. ବ୍ୟକ୍ତିଗତ ବା ସଂପ୍ରଦାୟ ଦ୍ୱାରା ବ୍ୟବହୃତ ଶବ୍ଦ -**

ବ୍ୟକ୍ତିଗତ ରୁଚି ବା ସଂପ୍ରଦାୟ ଦ୍ୱାରା ବ୍ୟବହୃତ ଶବ୍ଦର ଅର୍ଥ ଭିନ୍ନ ଭିନ୍ନ ହୋଇଥାଏ । ଦୁଇଟି ସମଷ୍ଟିରେ ଗୋଟିଏ ଶବ୍ଦ ସମାନ ପ୍ରତିକ୍ରିୟା ସୃଷ୍ଟି କରିପାରେ ନାହିଁ । ଉଦାହରଣ ସ୍ୱରୂପ - ପରକୀୟା ପ୍ରୀତି ଜଣେ ଚୈତନ୍ୟପନ୍ଥୀ ବୈଷ୍ଣବ ମନରେ ଯେଉଁ ଭାବ ସୃଷ୍ଟିକରେ ଅନ୍ୟ ଧର୍ମ ବା ସଂପ୍ରଦାୟ ମଧ୍ୟରେ ସେପରି ଭାବ ସୃଷ୍ଟି କରି ପାରେ ନାହିଁ । ଈଶ୍ୱର ବିଶ୍ୱାସ, ଧର୍ମ, ପାପ, ପୁଣ୍ୟ, ଭକ୍ତି ; ଜପ, ଚୁମ୍ବନ, ଆଲିଙ୍ଗନ, ପ୍ରେମ, ପ୍ରୀତି ପ୍ରଭୃତି ଶବ୍ଦ ବ୍ୟକ୍ତିଗତ ଦୃଷ୍ଟିକୋଣ ଯୋଗୁଁ ଭିନ୍ନ ଭିନ୍ନ ଅର୍ଥ ଗ୍ରହଣ କରେ ।

**୧୯. ଲାକ୍ଷଣିକ ପ୍ରୟୋଗ -**

କୌଣସି ବସ୍ତୁ ବା ପଦାର୍ଥର ଅବୟବର ଚିତ୍ର ସ୍ପଷ୍ଟ କରିବା ଲାଗି ମନୁଷ୍ୟର ଅଙ୍ଗ ପ୍ରତ୍ୟଙ୍ଗ ସେହି ନିର୍ଜୀବ ପଦାର୍ଥ ସହିତ ବ୍ୟବହୃତ ହୋଇଥାଏ । ଯଥା ସୁରେଇ ବେକ, କଳସ ମୁହଁ, ପାନିଆଁ ଦାନ୍ତ, ନଡିଆ ଜଟା, ଚଉକୀ ଗୋଡ, ସମୁଦ୍ର ବକ୍ଷ, ନୌକାର କର୍ଣ୍ଣ, ଘରର ମୁହଁ, ହାଣ୍ଡିର ପେଟ, ସେହିପରି କଥାର ଅଗମୂଳ, କଥାର କଳି, ଗଳ୍ପ ପାଖୁଡା ।

**୨୦. ରୁଢି ପ୍ରୟୋଗ -**

ରୁଢି ପ୍ରୟୋଗ ଦ୍ୱାରା ବ୍ୟବହୃତ ଶବ୍ଦଗୁଚ୍ଛ ମଧ୍ୟରୁ କୌଣସି ଗୋଟିଏ ଶବ୍ଦର ଅର୍ଥ ସ୍ୱତନ୍ତ୍ର ଭାବରେ ପ୍ରତିପାଦିତ ହୁଏ ନାହିଁ । ସମସ୍ତ ଶବ୍ଦର ଅନ୍ୟ ଏକ ଧ୍ୱନିତ ଅର୍ଥ ପ୍ରକାଶ ପାଏ । ଯଥା- ଚିତା କାଟିବା (ଠକିବା), ଜିରାରୁ ଶିରା କାଢିବା (ଟିକିନିଖି ଭାବରେ ଆଲୋଚନା କରିବା) ଉଷୁନାଧାନ ଗଜାହେବା (ଅସମ୍ଭବ ସମ୍ଭବହେବା) ହାତ ବାରିସି (ବୋଲକରା ବ୍ୟକ୍ତି) ପ୍ରଭୃତି ।

**୨୧. ଧ୍ୱନିପରିବର୍ତ୍ତନ -**

ଧ୍ୱନିର ପରିବର୍ତ୍ତନ ଘଟିଲେ ଅର୍ଥର ପରିବର୍ତ୍ତନ ଘଟିଥାଏ । କେବଳ ଗୋଟିଏ ଭାଷାରେ ନୁହେଁ ପ୍ରାୟ ସବୁ ଭାଷାରେ ଏହି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ - ଧନ > ଧାନ, ମନ > ମୁନ > ମୁନୀ > ମାନୀ > ମୀନ, କଳ > କଳି > କଳା > କୁଳ > କେଳା ପ୍ରଭୃତି ।

**୨୨. ଗୋଲକ ଧନ୍ଦା ବା ପ୍ରହେଳିକା -**

ପ୍ରହେଳିକା ସୃଷ୍ଟି କରିବାପାଇଁ ଗୋଟିଏ ଗୋଟିଏ ଶବ୍ଦ ମଧ୍ୟରେ ପ୍ରକୃତ ଅର୍ଥକୁ ଗୋପନ ରଖାଯାଇଥାଏ । ଏହାକୁ ନାମଦିଆ ବୋଲି ମଧ୍ୟ କୁହାଯାଏ । ଯଥା- ଏଇଠି ଅଛି ସାତ କିଆ ବାରି ଡେଇ ପଡୁଛି (ପବନ), ଟିକି ବାଛୁରୀ ବେକରେ ପଘା (ଛୁଞ୍ଚି) ଏଠାରେ ବାଛୁରି ଅର୍ଥ ଛୁଞ୍ଚିକୁ ବୁଝାଏ ।

# ଅର୍ଥ ପରିବର୍ତ୍ତନର ବିଭିନ୍ନ ଦିଗ ବା ବୈଚିତ୍ର୍ୟ

ଭାଷାରେ ଅର୍ଥ ପରିବର୍ତ୍ତନର କାରଣ ସଂପର୍କରେ ଜାଣିବା ଯେପରି ଆବଶ୍ୟକ ସେହିପରି ଅର୍ଥ ପରିବର୍ତ୍ତନର ବିଭିନ୍ନ ଦିଗ ଓ ବୈଚିତ୍ର୍ୟ ସଂପର୍କରେ ଜାଣିବା ନିତାନ୍ତ ଦରକାର । ଶବ୍ଦର ଗୋଟିଏ ଅର୍ଥ କେତେବେଳେ ଅନେକ ଅର୍ଥରେ ତ ଅନେକ ଅର୍ଥ ଗୋଟିଏ ଅର୍ଥରେ ବ୍ୟବହୃତ ହୋଇଥାଏ । ପୁଣି କେତେବେଳେ ଭଲ ଅର୍ଥ ମନ୍ଦ ଅର୍ଥ ଗ୍ରହଣ କରେ ତ ମନ୍ଦ ଅର୍ଥ ଭଲ ଅର୍ଥ ଗ୍ରହଣ କରେ । କେତେବେଳେ ଗୋଟିଏ ଅର୍ଥ ପରିବର୍ତ୍ତେ ଅନ୍ୟ ଅର୍ଥର ଆଗମନ ହୁଏ । ଅର୍ଥ ପରିବର୍ତ୍ତନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରି ଭାଷାବିତ୍ J.Breil ମୁଖ୍ୟତଃ ତିନୋଟି ଦିଗ ସ୍ଥିର କରିଛନ୍ତି ।

(୧) ଅର୍ଥ ବିସ୍ତାର ବା ଅର୍ଥ ସଂପ୍ରସାରଣ –
(Expansion or widening of meaning)

(୨) ଅର୍ଥ ସଙ୍କୋଚନ –
(Contraction of meaning )

(୩) ଅର୍ଥାଦେଶ ବା ଅର୍ଥାଗମ –
(Transference of meaning)

ଏତଦ୍ ବ୍ୟତୀତ ଆଉ କେତୋଟି ଦିଗ ମଧ୍ୟ ଭାଷାବିତ୍‌ମାନେ ସ୍ଥିର କରିଛନ୍ତି ।

(୪) ଅର୍ଥୋତ୍କର୍ଷ ବା ଅର୍ଥ ଉନ୍ନୟନ –
(Elevation of meaning)

(୫) ଅର୍ଥାପକର୍ଷ ବା ଅର୍ଥର ଅବନମନ –
(Deterioration of meaning)

(୬) ଅର୍ଥ ବିଭାଜନ –
(Division of meaning)

**ଅର୍ଥ ବିସ୍ତାର-**

କେତେକ ଶବ୍ଦ ପୂର୍ବେ ସୀମିତ ଅର୍ଥରେ ବ୍ୟବହୃତ ହେଉଥିଲା ; ମାତ୍ର ପରେ ସେହି ଶବ୍ଦ ବିସ୍ତୃତ ବା ବ୍ୟାପକ ଅର୍ଥରେ ବ୍ୟବହୃତ ହେବାରୁ ଏଠାରେ ଅର୍ଥ ବିସ୍ତାର ଘଟିଲା । ଯଥା –

**କୁଶଳ –** ପ୍ରଥମେ ଏହା କୁଶସଂଗ୍ରହକାରୀକୁ ବୁଝାଉଥିଲା ; ମାତ୍ର ପରେ ଏହା କଷ୍ଟସାଧ୍ୟ କାର୍ଯ୍ୟ ଭାବରେ ଦେଖାଦେବାରୁ ଏହି ଅର୍ଥକୁ ଲୋକମାନେ ଭଲ ଅର୍ଥରେ 'ସବୁ କୁଶଳ ତ !" କିମ୍ବା କାର୍ଯ୍ୟ ଦକ୍ଷତାକୁ ବିଚାର କରି ଚତୁର ଓ ବୁଦ୍ଧିମାନ ଭାବରେ ଗ୍ରହଣ କଲେ – ' ସେ ଜଣେ କୁଶଳୀ କାରିଗର' ।

**ତେଲ –** ପୂର୍ବରୁ 'ତିଳ' ରୁ ଉତ୍ପନ୍ନ ତରଳ ପଦାର୍ଥକୁ ତେଲ ବୋଲି କୁହାଯାଉଥିଲା, ମାତ୍ର କାଳକ୍ରମେ ବିଭିନ୍ନ ତୈଳବୀଜରୁ ଉତ୍ପନ୍ନ ତେଲ ଯଥା– ସୋରିଷ, ଚନ୍ଦନ, ବାଦାମ, ଜଡା, ନଡିଆ, ପେଶି, କରଞ୍ଜ, ପ୍ରଭୃତିରୁ ଉତ୍ପନ୍ନ ତରଳ ପଦାର୍ଥକୁ ତେଲ ବୋଲି କୁହାଗଲା ।

**ଗବେଷଣା –** ପୂର୍ବରୁ ଏହାର ଅର୍ଥଥିଲା ଗାଇ ଖୋଜିବା (ଗୋ+ଏଷଣା) ମାତ୍ର ବର୍ତ୍ତମାନ ଏହା ଖୋଜିବା ବା ଅନୁସନ୍ଧାନ ଅର୍ଥରେ ବ୍ୟବହୃତ କ୍ରମେ ଜ୍ଞାନରାଜ୍ୟର ପ୍ରଧାନ ବିଭବ ଭାବରେ ପରିଗଣିତ ହେଉଛି । (ଗବେଷ୍+ ଣ+ ଅ) ଗବେଷଣା – ତଥ୍ୟାନୁସନ୍ଧାନ ।

**ଖାଇବା –** ଖାଇବାର ମୂଳ ଅର୍ଥ ଭୋଜନ କରିବା । ମାତ୍ର କାଳକ୍ରମେ ଗାଳି ଖାଇବା, ମାଡ ଖାଇବା, ଜୋତା ଖାଇବା, ବିଷ ଖାଇବା ପ୍ରଭୃତି ଅର୍ଥରେ ବ୍ୟବହୃତ ।

ଏହା ବ୍ୟତୀତ କେତେକ ବ୍ୟକ୍ତି ବାଚକ ବା ସ୍ଥାନ ବାଚକ ବିଶେଷ୍ୟର ଅର୍ଥ ବିସ୍ତାର ଘଟି ଗୁଣ ସୂଚକ ସାଧାରଣ ଅର୍ଥର ବାଚକ ହୋଇ ଯାଇଛି । ଯଥା– କୂଟନୀତିଜ୍ଞ ଅର୍ଥରେ – 'ଚାଣକ୍ୟ', କଳିଲଗାଇବା ଅର୍ଥରେ 'ନାରଦ', ଜାତି ଦ୍ରୋହୀ, ଅର୍ଥରେ ଶିଖି ମନାଇ, ଦେଶଦ୍ରୋହୀ ଅର୍ଥରେ ଜୟଚନ୍ଦ୍ର, ମହାକବି ଅର୍ଥରେ କାଳି ଦାସ, ପ୍ରାକୃତିକ ସୌନ୍ଦର୍ଯ୍ୟ ପୂର୍ଣ୍ଣ ସ୍ଥାନ ଭାବରେ ନନ୍ଦନ କାନନ, ଭୂସ୍ୱର୍ଗ – କାଶ୍ମୀର, ସୁଖ ଓ ଆନନ୍ଦ ପ୍ରଦାନ ସ୍ଥାନ ଭାବରେ ବୈକୁଣ୍ଠ, ଅମରାବତୀ ପ୍ରଭୃତି ।

**୨. ଅର୍ଥ ସଙ୍କୋଚନ –**

ଗୋଟିଏ ଶବ୍ଦ ପୂର୍ବେ ଅନେକ ଅର୍ଥରେ ବ୍ୟବହୃତ ହେଉଥିଲା ଏବଂ ପରେ ସୀମିତ ଅର୍ଥରେ ବ୍ୟବହୃତ ହେଉଥିବାରୁ ଏହାକୁ ଅର୍ଥ ସଙ୍କୋଚନ ପ୍ରକ୍ରିୟା କୁହାଯାଏ । ଉଦାହରଣସ୍ୱରୂପ –

**ସର୍ପ –** ର ମୂଳ ଅର୍ଥ ହେଉଛି ସରୀସୃପ । ଯେଉଁ ଜୀବ ଭୂମିରେ ଛାତିଦେଇ ଘୋଷାରି ହୋଇ ଗତିକରେ । କୁମ୍ଭୀର, ଝିଟିପିଟି , ବିଛା , ବେଙ୍ଗ, ଜିଆ, ଗୋଧି, ସାପ, ପ୍ରଭୃତି ପ୍ରାଣୀ । ମାତ୍ର କାଳକ୍ରମେ ଏହାର ଅର୍ଥ ସଙ୍କୁଚିତ ହୋଇ କେବଳ 'ସାପ' କୁ ବୁଝାଉଛି ।

**ଭାର୍ଯ୍ୟା –** ଏହାର ମୂଳ ଅର୍ଥଥିଲା ଯେଉଁ ନାରୀର ଭରଣ ପୋଷଣ କରାଯିବା ଉଚିତ ଅର୍ଥାତ୍ ଜନନୀ, ଭଗ୍ନୀ, କନ୍ୟା, ପତ୍ନୀ । ମାତ୍ର କାଳକ୍ରମେ ଏହା କେବଳ 'ପତ୍ନୀ'କୁ ବୁଝାଉଛି ।

**ବେଦନା –** ଏହି ଶବ୍ଦଟି ବିଦ୍ ଧାତୁର ଉତ୍ପନ୍ନ ଯାହାର ଅର୍ଥ ଅନୁଭବ, ସୁଖ, ଦୁଃଖ, କରୁଣା, ଆଶା, ନିରାଶା, ପ୍ରେମ, ଭୟ ପ୍ରଭୃତି । ମାତ୍ର ଏହା କେବଳ 'ଦୁଃଖ'କୁ ବୁଝାଉଛି ।

**ଘୃତ –** (ଘୃ + କ୍ତ) ଏହାର ଅର୍ଥହେଉଚି ସେଚିତ ବା ସେଚନୀୟ । ଜଳ, ମଧୁ, ତୈଳ, ଘିଅ ପ୍ରଭୃତି ସେଚନୀୟ ତରଳ ପଦାର୍ଥ । ମାତ୍ର କାଳକ୍ରମେ ଏହା କେବଳ 'ଘିଅ' କୁ ବୁଝାଉଛି ।

**ଅନ୍ନ –** (ଅନ୍ + କ୍ତ) ଯେକୌଣସି ଖାଦ୍ୟକୁ ଯଥା– ମିଷ୍ଟାନ୍ନ, ଘୃତାନ୍ନ, ଶାକାନ୍ନ, ପ୍ରଭୃତିକୁ ବୁଝାଉଥିଲା । ଏବେ ମଧ୍ୟ ଏହିଶବ୍ଦଗୁଡିକର ପ୍ରଚଳନ ଅଛି । ମାତ୍ର ଅନ୍ନ କହିଲେ ବର୍ତ୍ତମାନ କେବଳ 'ଭାତ' କୁ ବୁଝାଉଛି ।

**୩. ଅର୍ଥାଦେଶ –**

ଯେଉଁ ଠାରେ ଶବ୍ଦ ମୌଳିକ ଅର୍ଥ ତ୍ୟାଗକରେ ଏବ ତାହା ପରିବର୍ତ୍ତେ ଅନ୍ୟ ଏକ ଅର୍ଥ ଗ୍ରହଣ କରେ ସେଠାରେ ଅର୍ଥାଦେଶ ଦେଖାଦିଏ ।

**ବାଡି –** ସଂସ୍କୃତ 'ବାଟିକା' ଶବ୍ଦରୁ 'ବାଡି'ର ସୃଷ୍ଟି । ଏହାର ଅର୍ଥ ଉଦ୍ୟାନ । କାଳକ୍ରମେ ଘରର ପଛପାଖ ବା ସାମନାରେ ଥିବା ବଗିଚାକୁ ବୁଝାଏ । ବଙ୍ଗଳାରେ ଏହା 'ଘର' ଅର୍ଥରେ ବ୍ୟବହୃତ ।

**ଉଧାର –** ସଂସ୍କୃତ 'ଉଦ୍ଧାର' ଶବ୍ଦରୁ ଉତ୍ପନ୍ନ । ଏହାର ଅର୍ଥ ମୁକ୍ତ ହେବା ବା ମୁକ୍ତି ଦେବା, ମାତ୍ର କାଳକ୍ରମେ ଏହା କରଜ ବା ଋଣ ଅର୍ଥରେ ବା ସାହାଯ୍ୟ ଅର୍ଥରେ ବ୍ୟବହୃତ ।

**ଆଇ–** ସଂସ୍କୃତ 'ଆର୍ଯ୍ୟା' ଶବ୍ଦରୁ ଉତ୍ପନ୍ନ । ଏହାର ମୂଳ ଅର୍ଥ – ସମ୍ମାନାସ୍ପଦା, ଭଦ୍ରା ; ମାତ୍ର ଓଡିଆରେ ଏହା ମାତାମହୀ ଅର୍ଥରେ ସ୍ଥାନେ ସ୍ଥାନେ 'ମାଆ' ଅର୍ଥରେ ମଧ୍ୟ ବ୍ୟବହୃତ ।

**ସାହୁ –** ସଂସ୍କୃତ ଶବ୍ଦ 'ସାଧୁ'ରୁ ଉତ୍ପନ୍ନ । ଏହାର ମୂଳ ଅର୍ଥ ହେଲା ଉତ୍ତମ ଓ ସଚ୍ଚୋଟ ବ୍ୟକ୍ତି । ମାତ୍ର ଓଡିଆରେ ଏହା ଜାତିର ସଂଜ୍ଞା ଓ ମାଲିକ, ମହାଜନ ଅର୍ଥରେ ବ୍ୟବହୃତ ।

**ମୌନ -** ପ୍ରଥମେ ମୁନିର କର୍ମକୁ ବୁଝାଉଥିଲା ମାତ୍ର ବର୍ତ୍ତମାନ ଏହା 'ନୀରବତା' ଅର୍ଥରେ ବ୍ୟବହୃତ ହେଇ ସାର୍ବଜନୀନତା ଲାଭ କରିଛି ।

**୪. ଅର୍ଥୋତ୍କର୍ଷ -**

ଶବ୍ଦ ଯଦି କାଳକ୍ରମେ ନିକୃଷ୍ଟ ଅର୍ଥ ପରିହାର କରି ଉତ୍କୃଷ୍ଟ ଅର୍ଥ ଗ୍ରହଣ କରେ ସେଠାରେ ଅର୍ଥର ଉତ୍କର୍ଷ ପ୍ରତିପାଦିତ ହୁଏ ।

**କପଡା -** ସଂସ୍କୃତରେ 'କର୍ପଟକ' ରୁ ଉତ୍ପନ୍ନ । ଏହା ଚିରାକନା ଭାବରେ ବ୍ୟବହୃତ ହେଉଥିଲା, ମାତ୍ର ବର୍ତ୍ତମାନ ଏହା ଭଲ ବସ୍ତ୍ର ବା କନା ଭାବରେ ବ୍ୟବହୃତ ।

**ବିଦଗ୍ଧ -** ଏହି ଶବ୍ଦର ମୂଳ ଅର୍ଥ ଥିଲା ବିଶେଷ ଭାବରେ ଦଗ୍ଧ ଅର୍ଥାତ୍ ଜଳିଯିବା । ମାତ୍ର ପରେ ଏହି ଶବ୍ଦଟିର ଅର୍ଥ ପଣ୍ଡିତ, ବିଦ୍ୱାନ ଓ ରସିକବ୍ୟକ୍ତି ଅର୍ଥରେ ବ୍ୟବହୃତ ।

**ଅପରୂପ -** ସଂସ୍କୃତରେ ଏହାର ଅର୍ଥ କୁତ୍ସିତ ଅର୍ଥରେ ବ୍ୟବହୃତ ହେଉଥିଲା । ମାତ୍ର ବର୍ତ୍ତମାନ ଏହା ଅପୂର୍ବ ସୁନ୍ଦର, ଓ ମନୋହର ରୂପ ଭାବରେ ପ୍ରଚଳିତ ।

**ମୁଗ୍ଧ -** ର ମୂଳ ଅର୍ଥ 'ମୂଢ' ମାତ୍ର ପରେ ଏହା ଆନନ୍ଦିତ ବା ବିମୋହିତ ଅର୍ଥରେ ବ୍ୟବହୃତ ।

**ସାହସ -** ପ୍ରଥମେ ଏହାର ଅର୍ଥ ଥିଲା ହତ୍ୟା, ଲୁଣ୍ଠନ ଓ ବ୍ୟଭିଚାର । ମାତ୍ର କାଳକ୍ରମେ ଏହି ଶବ୍ଦଟି ଭଲକାର୍ଯ୍ୟ କରିବା ପାଇଁ ଉତ୍ସାହ ଭୟଶୂନ୍ୟ ବା ବୀରତ୍ୱ ଅର୍ଥରେ ବ୍ୟବହୃତ ।

**୫. ଅର୍ଥାପକର୍ଷ -**

ଯେଉଁଠାରେ କୌଣସି ଶବ୍ଦ ଉତ୍କୃଷ୍ଟ ଅର୍ଥ ତ୍ୟାଗକରି ନିକୃଷ୍ଟ ଅର୍ଥକୁ ଗ୍ରହଣ କରେ ସେଠାର ଅର୍ଥାପକର୍ଷ ଘଟେ ।

**ମହାଜନ -** ପ୍ରଥମେ 'ମହାଜନ' ଶବ୍ଦର ଅର୍ଥ ଥିଲା ସମ୍ମାନାସ୍ପଦ ଓ ଉତ୍ତମ ବ୍ୟକ୍ତି ; ମାତ୍ର କାଳକ୍ରମେ ଏହା ବଡ ବ୍ୟବସାୟୀଙ୍କ ଅର୍ଥରେ ସମ୍ବୋଧନ କରାଗଲା ।

**ମହାପାତ୍ର -** ପ୍ରଥମେ ମହାପାତ୍ର କହିଲେ ଶ୍ରେଷ୍ଠ ପାରିଷଦକୁ ବୁଝାଉଥିଲା, ମାତ୍ର କାଳକ୍ରମେ ଏହା ଏକ ସଂଜ୍ଞା ଅର୍ଥରେ ବ୍ୟବହୃତ ହେଲା ।

**ପାଷଣ୍ଡ -** ପ୍ରଥମେ 'ପାଷଣ୍ଡ' ଶବ୍ଦର ଅର୍ଥ ନୈଷ୍ଠିକ ବୌଦ୍ଧ ସନ୍ୟାସୀ କୁ କୁହାଯାଉଥିଲା ; ମାତ୍ର ପରେ ଏହା ଏକ ନିକୃଷ୍ଟ ଅର୍ଥରେ ବିଧର୍ମୀ, ଦୁରାଚାର ଓ ଦୁଷ୍ଟ ଅର୍ଥରେ ବ୍ୟବହୃତ ହେଲା ।

**ଅସୁର -** ଋଗବେଦରେ ପ୍ରଥମେ 'ଅସୁର' ଶବ୍ଦର ଅର୍ଥ ଥିଲା 'ଦେବତା', ମାତ୍ର ପରବର୍ତ୍ତୀ କାଳରେ ବା ପୁରାଣ ଯୁଗରେ ଏହା ଦୈତ୍ୟ ବା ରାକ୍ଷସ ଅର୍ଥରେ ବ୍ୟବହୃତ ହେଲା ।

**ଶାଳକ -** ପ୍ରଥମେ ଏହି ଶବ୍ଦର ଅର୍ଥଥିଲା ଶୋଭନୀୟ ବା ଶାଳୀନ, ମାତ୍ର ପରବର୍ତ୍ତୀ କାଳରେ ଏହା ନିକୃଷ୍ଟ ଅର୍ଥରେ 'ଶଳା' ଭାବରେ (ନିଜ ପତ୍ନୀର ଭାଇ ) ବ୍ୟବହୃତ ହୋଇ ଏକ ଗାଳିରେ ପରିଣତ ହେଲା ।

**ଶୋଧିବା -** ପ୍ରଥମେ ଏହାର ଅର୍ଥ ଥିଲା ସଂଶୋଧନ କରିବା ; ମାତ୍ର ପରେ ଏହା ତିରସ୍କାର ବା ଗାଳି ଅର୍ଥରେ ବ୍ୟବହୃତ ହେଲା ।

**୬. ଅର୍ଥ ବିଭାଜନ -**

ଶବ୍ଦାର୍ଥରେ ଯେଉଁ ଉତ୍କର୍ଷ ଓ ଅପକର୍ଷ କିମ୍ବା ସଂପ୍ରସାରଣ ଓ ସଂକୋଚନ ଦେଖାଯାଏ ତାହା ଅନେକ ସମୟରେ ଅର୍ଥ ବିଭାଜନ ଯୋଗୁଁ ସମ୍ଭବ ହୋଇଥାଏ, ମୂଳ ଭାଷାରେ ଯେଉଁ ଅର୍ଥଥାଏ ତାହାକାଳକ୍ରମେ ସେହି ମୂଳଭାଷା ସହିତ ସଂପୃକ୍ତ

ଅନ୍ୟାନ୍ୟ ଭାଷାମାନଙ୍କର ଭିନ୍ନ ଅର୍ଥରେ ବ୍ୟବହୃତ ହୁଏ । କିନ୍ତୁ ସଂପୃକ୍ତ ସବୁ ଭାଷାରେ ଏକପ୍ରକାର ପରିବର୍ତ୍ତନ ହୁଏ ନାହିଁ । ହୁଏତ ଗୋଟିଏ ଭାଷାରେ ଅପକର୍ଷ ଦେଖାଯାଏ । ଲାଟିନ୍ ଭାଷାରେ ବ୍ୟବହୃତ (Baron )ବାରୋନ୍ ଶବ୍ଦ ଲାଟିନ୍ ସହିତ ସଂପୃକ୍ତ ସ୍ପାନିସ୍, ପର୍ତ୍ତୁଗୀଜ, ଇତାଲୀୟନ ଓ ଫରାସୀ ଭାଷାରେ ଯେଉଁ ରୂପ ଗ୍ରହଣ କରିଛି ସେମାନଙ୍କର ଅର୍ଥ ପରୀକ୍ଷା କରି ଦେଖିଲେ ଦେଖାଯିବ ଯେ ମୂଳଶବ୍ଦର ଅର୍ଥରେ ବିଭାଜନ ଘଟି ଗୋଟିଏ ଭାଷାରେ ତହିଁରେ ଅବନମନ ହେଲାବେଳେ ଅନ୍ୟ ଭାଷାରେ ତାହାର ଉନ୍ନୟନ ଦେଖା ଦେଇଛି ଅଥଚ ଅନ୍ୟ କେତେକ ଭାଷାରେ ମୌଳିକ ଅର୍ଥ ପ୍ରାୟ ଅକ୍ଷୁଣ୍ଣ ରହିଛି ।

Baron - ଲାଟିନ୍‌ରେ ବଳବାନ୍ ବ୍ୟକ୍ତି

(ବାରୋ) -ଇତାଲିୟନରେ - ଦୁର୍ବୃତ୍ତ

ବାରନ୍ - ସ୍ପାନିସ୍ ରେ - ମନୁଷ୍ୟ

ବାରାଉଁ - ପର୍ତ୍ତୁଗୀଜ - ସ୍ୱାମୀ

ବାରନ୍ - ଫରାସୀ - ଆଭିଜାତ୍ୟ ସଂପନ୍ନ ବ୍ୟକ୍ତି

(ଭାଷା ଶାସ୍ତ୍ର ପରିଚୟ - ଗୋଲୋକ ବିହାରୀ ଧଳ)

ଅର୍ଥ ପରିବର୍ତ୍ତନର ବିଚାର କଲାବେଳେ ଶବ୍ଦର ନୂତନ ଅର୍ଥ କେଉଁ ସ୍ତରରେ, କିପରି କ୍ରମରେ କେଉଁ ଲେଖାରେ ବା କାହା ମୁଖରେ କିପରି ପରିସ୍ଥିତିରେ ପ୍ରଚଳିତ ହେଲା ତାହାର ଯଥାର୍ଥ ଓ ପ୍ରାମାଣିକ ତଥ୍ୟ ସଂଗ୍ରହ କରାଯିବା ଆବଶ୍ୟକ । ଏଥିପାଇଁ କେତେକ ନିୟମର ଅନୁସରଣ କରାଯାଇଛି – ସେଗୁଡିକ ହେଉଛି ବୌଦ୍ଧିକ ନିୟମ, ବିଶେଷୀକରଣ ନିୟମ, ଉଦ୍ୟୋତନ ନିୟମ, ଭ୍ରମ ଅବବୋଧ ନିୟମ, ଭେଦୀକରଣ ନିୟମ, ସାଦୃଶ୍ୟ ନିୟମ ।

XXXXX

# ଧ୍ୱନି ପିରବର୍ତ୍ତନର ବିଭିନ୍ନ କାରଣ

ଭାଷାର ନିତ୍ୟ ବ୍ୟବହାର ଓ ଅନ୍ୟ ଭାଷାର ପ୍ରଭାବ ଫଳରେ କଥିତ ଓ ଲିଖିତ ଭାଷାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ସେଥିରେ ମୂଳତଃ ଧ୍ୱନି ପରିବର୍ତ୍ତନ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ନୂତନ ଭାଷାର ସୃଷ୍ଟି ମୂଳରେ ମଧ୍ୟ ଧ୍ୱନି ପରିବର୍ତ୍ତନର କାରଣ ନିହିତ । ଧ୍ୱନି ପରିବର୍ତ୍ତନ, ଶାରୀରିକ, ମାନସିକ, ରାଜନୀତ, ସାମାଜିକ, ସାଂସ୍କୃତିକ ଓ ଭୌଗୋଳିକ କାରଣ ଯୋଗୁଁ ସମ୍ଭବପର ହୋଇଥାଏ ।

**୧. ବାଗ୍‌ଯନ୍ତ୍ରର ବିଭିନ୍ନତା -**

କଥିତ ଧ୍ୱନି ଉଚ୍ଚାରଣରେ ବାଗ୍‌ଯନ୍ତ୍ରର କାର୍ଯ୍ୟକାରିତା ବିବିଧ । ଏଥିପାଇଁ ବାଗ୍ ଯନ୍ତ୍ରର ଗଠନର ସ୍ୱାତନ୍ତ୍ୟ ନେଇ ଧ୍ୱନି ଉଚ୍ଚାରଣରେ ପାର୍ଥକ୍ୟ ଲକ୍ଷ୍ୟ କରାଯାଏ । ଜଣେ ବ୍ୟକ୍ତିର ମୁଖ ନିଃସୃତ ଧ୍ୱନି ଅନ୍ୟ ଜଣଙ୍କ ଠାରୁ ଏଥିପାଇଁ ସ୍ୱତନ୍ତ୍ର । ବିଶେଷକରି ଧ୍ୱନିଉଚ୍ଚାରଣ ପାଇଁ ଯେଉଁ ସବୁ ଅବୟବ କାର୍ଯ୍ୟକରିଥାନ୍ତି ଯଥା - ଓଠ, ଦାନ୍ତ, ଜିହ୍ୱା, କଣ୍ଠ, ସ୍ୱରଯନ୍ତ୍ର ପ୍ରଭୃତିର ଯଦି ଗଠନଗତ କିଛି ତ୍ରୁଟିରହେ ତାହେଲେ ତଦନୁସାରେ ଧ୍ୱନିର ଉଚ୍ଚାରଣ ପ୍ରକ୍ରିୟାରେ ପରିବର୍ତ୍ତନ ଦେଖାଦିଏ ।

**୨. ଶ୍ରବଣେନ୍ଦ୍ରିୟର ଭିନ୍ନତା-**

ମାନବଶିଶୁ ପ୍ରଥମେ ଶ୍ରବଣେନ୍ଦ୍ରିୟ ଓ ଅନୁକରଣ ଦ୍ୱାରା ଭାଷା ଶିକ୍ଷାକରେ । ଯଦି ତା'ର ଶ୍ରବଣେନ୍ଦ୍ରିୟ ଜନିତ ତ୍ରୁଟି ରେହେ ତାହେଲେ ଧ୍ୱନିକୁ ଠିକ୍ ଶୁଣିପାରେ ନାହିଁ । ଉଦାହରଣ ସ୍ୱରୂପ 'ଚାଉଳ' କୁ କେହିଯଦି 'ଚାଉର' ଭାବରେ ଶୁଣେ ତାହେଲେ 'ଚାଉର' ବୋଲି ଉଚ୍ଚାରଣ କରେ । ସେହପରି ଅନୁକରଣ କରି କହିଲାବେଳେ ମଧ୍ୟ ଅନୁରୂପ ପରିବର୍ତ୍ତନ ଦେଖାଦିଏ । ଇଂରାଜୀ Hospital କୁ ହାଁସପାତାଲ , 'ଇଂଜେକସନ'କୁ ଇଙ୍ଗରସନ, କଣ୍ଟ୍ରାକ୍‌ଟର କୁ କାନ୍‌ତରାଟି ପ୍ରଭୃତି କହିଥାଏ । ଆଉକେତେକ ଅଜ୍ଞତା ଯୋଗୁଁ ଶବ୍ଦକୁ ଠିକ୍ ଭାବରେ ଉଚ୍ଚାରଣ ନକରି ପାରିବାରୁ ଧ୍ୱନିର ପରିବର୍ତ୍ତନ ଦେଖାଦେଇଥାଏ । ଯଥା- କ-ାଉଣ୍ଡର > କୁ-ାଣ୍ଡର, ଓଭରସିଅରକୁ > ଉଗ୍ରେସର ।

**୩. ପ୍ରଯତ୍ନ ଲାଘବ -**

କେତେକ କ୍ଷେତ୍ରରେ ବକ୍ତା ଅଧିକ କହିବା ପାଇଁ ବିମୁଖ ହୁଏ । ଫଳରେ ସେ ଶବ୍ଦକୁ ସହଜ ଉଚ୍ଚାରଣ କରିବା ପାଇଁ ଚେଷ୍ଟା କରି ଧ୍ୱନିର ପରିବର୍ତ୍ତନ ଆଣିଥାଏ । ଭକ୍ତ > ଭକତ , ଧର୍ମ > ଧାମ, ସ୍ଥିର > ଥିର, ସ୍ଥାନ > ଥାନ ।

**୪. ଭାବପ୍ରବଣତା -**

ଅତ୍ୟଧିକ ସ୍ନେହ ଓ ଭାବପ୍ରବଣତା ଯୋଗୁଁ ବାପା, ମା, ସାଙ୍ଗସାଥୀମାନେ ସମ୍ବୋଧନ ସମୟରେ ଧ୍ୱନି ପରିବର୍ତ୍ତନ କରି କହିଥାନ୍ତି । ବନମାଳୀ > ବନା, ବିଜୟ > ବିଜୁ, ମିନତି > ମନି, ପାର୍ବତୀ > ପାର, ବିଦ୍ୟାଧର > ବିଦେଇ ।

**୫. ଦ୍ରୁତ କଥନ -**

କେତେକ ବ୍ୟକ୍ତି ଦ୍ରୁତ ଗତିରେ କଥା କହିଲାବେଳେ ଧ୍ୱନି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ବଡଦାଦା > ବଡଦା, Thank you > ଥାଙ୍କୁ , ଭୋଗମଣ୍ଡପ> ଭଣ୍ଡ, ବଡବାପା > ବଡାପା

**୬. ଅନ୍ୟଭାଷାର ପ୍ରଭାବ -**

କୌଣସି ଗୋଷ୍ଠୀ ବା ଜାତିର ଭାଷା ଅନ୍ୟ ଗୋଷ୍ଠୀ ବା ଜୀତିର ଭାଷା ସଂପର୍କରେ ଆସିଲେ ଓ ସେମାନଙ୍କ ମଧ୍ୟରେ ବିଚାର ବିନିମୟ ଓ ମିଳନ କାର୍ଯ୍ୟ ସାଧିତ ହେଲେ ଧ୍ୱନିଗତ ପରିବର୍ତ୍ତନ ଦେଖାଦେଇଥାଏ । ଆର୍ଯ୍ୟଜାତି ଦ୍ରାବିଡ ଜାତି ସଂସ୍ପର୍ଶରେ ଆସିବା ଫଳରେ ଟ, ଠ, ଡ, ଢ, ଣ ଆର୍ଯ୍ୟ ଭାଷାକୁ ପ୍ରବେଶ କରିଛି ।

**୭. ସ୍ୱାଭାବିକ ପରିବର୍ତ୍ତନ -**

କେତେକ ଭାଷାରେ ଧ୍ୱନିର ପରିବର୍ତ୍ତନ ପାଇଁ କୌଣସି କାରଣ ନଥାଏ । ଉଦାହରଣ ସ୍ୱରୂପ ସମୀପରେ ଣ, ନ, ମ ଇତ୍ୟାଦି ନାସିକ୍ୟ ବ୍ୟଞ୍ଜନ ଥିଲେ ଧ୍ୱନିର ଅନୁନାସିକା ଘଟିଥାଏ ଏପରି ପରିବର୍ତ୍ତନକୁ ନାସିକ୍ୟୀଭବନ କୁହାଯାଏ । ଯଥା କୁଅ > କୁହଁ, ହସିବା > ହଁସିବା, ସାପ > ସାଁପ, ।

ସେହିପରି ସମୀପରେ ର, ର (ର ଫଳା ରେଫ୍ ) ଷ୍ , ଶ୍ , ସ୍ ଥିଲେ ଦନ୍ତ୍ୟ ବ୍ୟଞ୍ଜନ ମୂର୍ଦ୍ଧନ୍ୟ ବ୍ୟଞ୍ଜନରେ ପରିଣତ ହୁଏ । କିନ୍ତୁ ଏହି ସବୁଧ୍ୱନି ନଥାଇ ମଧ୍ୟ ଶବ୍ଦର ଦନ୍ତ୍ୟ ବ୍ୟଞ୍ଜନ ମୂର୍ଦ୍ଧନ୍ୟ ବ୍ୟଞ୍ଜନରେ ପରିଣତ ହୁଏ । ଏହିପ୍ରକ୍ରିୟା ସ୍ୱତଃ ମୂର୍ଦ୍ଧନଗୀ ଭବନ କୁହାଯାଏ । ଯଥା- ପତିତ > ପଡିଆ ।

**୮. ସାହିତ୍ୟ ରଚନାରେ କୋମଳ ଭାବ ସୃଷ୍ଟିପାଇଁ ଧ୍ୱନି ପରିବର୍ତ୍ତନ -**

କାବ୍ୟ, କବିତା, ଗଳ୍ପ ଉପନ୍ୟାସ ଓ ନାଟକାଦି କ୍ଷେତ୍ରରେ ଭାବର ସ୍ୱଚ୍ଛଳ ଅଭିବ୍ୟକ୍ତି ଓ ଆହ୍ଲାଦ ଭାବ ସୃଷ୍ଟିପାଇଁ ଶବ୍ଦକୁ ଭାଙ୍ଗି ସହଜ କରି ପ୍ରୟୋଗ କରିଥାନ୍ତି ଯଥା - ରାଜ୍ୟ > ରାଇଜ, ବାଦ୍ୟ > ବାଇଦ, ସୂର୍ଯ୍ୟ > ସୁରୁଜ ।

**୯. ସାଦୃଶ୍ୟ (Analogy)**

କେତେକ କାଳ ଅନ୍ୟ କେତେକ ଶବ୍ଦର ସାମ୍ୟ ହେତୁ ନିଜ ଧ୍ୱନିର ପରିବର୍ତ୍ତନର କାରଣ ହୋଇଥାନ୍ତି । ସଂସ୍କୃତରେ ଦ୍ୱାଦଶ ସାଦୃଶ୍ୟରେ ଏକାଦଶ (ଏକଦଶ ହେବାର କଥା) । ସ୍ୱର୍ଗ ର ସାଦୃଶ୍ୟ ଅନୁସାରେ ନରକ > ନର୍କରେ ବ୍ୟବହୃତ । ସେହିପରି ନିରୋଷ୍ଠକ ସାଦୃଶ୍ୟାନୁଯାୟୀ ସରୋଷ୍ଠକ ହୋଇଛି ।

**୧୦. ଅନ୍ଧ ବିଶ୍ୱାସ -**

ଅନ୍ଧ ବିଶ୍ୱାସ ଯୋଗୁଁ ଅନେକ ଗୁଡିଏ ଶବ୍ଦକୁ ଜାଣି ମଧ୍ୟ ବିକୃତ କରି ଉଚ୍ଚାରଣ କରିଥାନ୍ତି । ଉଦାହରଣ ସ୍ୱରୂପ ହିନ୍ଦି ଭାଷାରେ ଗୋରି ଏକ ପ୍ରଧାନ ତରକାରୀ । ଏହାର ଆରମ୍ଭରେ ଗାଇ ଧ୍ୱନି ରହିଛି । ହିନ୍ଦୁମାନେ ଗାଇକୁ ଆଘାତ କଲେ ଦୋଷ ଲାଗିବ ବୋଲି ବିଶ୍ୱାସ କରୁଥିବାରୁ 'ଗୋଭୀ' > କୋଭି > କୋବି ବୋଲି କହିଥାନ୍ତି ।

**ଧ୍ୱନିପରିବର୍ତ୍ତନର ଦିଗ ବା ବୈଚିତ୍ର୍ୟ**

କଥିତ ଭାଷାରେ ଧ୍ୱନି ପରିବର୍ତ୍ତନ ମୁଖ୍ୟତଃ ଦୁଇଦିଗରୁ ଦେଖାଯାଏ । ଗୋଟିଏ ଦିଗ ହେଉଛି ସ୍ୱତଃ ସ୍ଫୁର୍ତ୍ତ ବା Spontaneous ଅନ୍ୟଦିଗଟି ସାପେକ୍ଷ ବା Conditional । ସ୍ୱତଃସ୍ଫୁର୍ତ୍ତ ଧ୍ୱନି ପରିବର୍ତ୍ତନ ସ୍ୱାଭାବିକ ଭାବରେ ଘଟିଥାଏ । ଯଥା- ସ୍ୱତଃ ଅନୁନାସିକୀ ଭବନ, ସ୍ୱତଃ ତାଲବ୍ୟୀ ଭବନ, ସ୍ୱତଃ ମୂର୍ଦ୍ଧନ୍ୟୀଭବନ । ମାତ୍ର ସାପେକ୍ଷ ପରିବର୍ତ୍ତନରେ କେତେକ କାରଣ ନିହିତ । ଏହି କାରଣ ଗୁଡିକ ସବୁଭାଷା କ୍ଷେତ୍ରରେ ପ୍ରଯୋଜ୍ୟ ନହେଲେ ମଧ୍ୟ ଏହି କାରଣରୁ ବିଭିନ୍ନ ଦିଗରେ ଧ୍ୱନିର ପରିବର୍ତ୍ତନ ଦେଖାଦେଇପାରେ ।

**୧. ଲୋପ (Elision) -**

ଅନେକ ସମୟରେ ସହଜ ଉଚ୍ଚାରଣ ଯୋଗୁଁ ଅଥବା ଦ୍ରୁତ ଉଚ୍ଚାରଣ ଓ ସ୍ୱାରାଘାତ ଯୋଗୁଁ କେତେକ ଧ୍ୱନିର ଲୋପ ଘଟିଥାଏ । ଏହି ପ୍ରକ୍ରିୟା ତ୍ରିବିଧ ଉପାୟରେ ଦେଖାଯାଏ (କ) ସ୍ୱର ଲୋପ, (ଖ) ବ୍ୟଞ୍ଜନ ଲୋପ ଓ (ଗ) ଅକ୍ଷର ଲୋପ ।

**(କ) ସ୍ୱର ଲୋପ -** ପୁନଶ୍ଚ ସ୍ୱରଲୋପ ତ୍ରିବିଧ ପ୍ରକାରେ ଦେଖାଯାଏ । ଆଦ୍ୟ ସ୍ୱର ଲୋପ, ମଧ୍ୟ ସ୍ୱର ଲୋପ ଓ ଅନ୍ୟସ୍ୱର ଲୋପ ।

ଆଦି ସ୍ୱରକୁ (Aphesis) କୁହାଯାଏ । ଅଲାବୁ > ଲାଉ , ଅଭ୍ୟନ୍ତର> ଭିତର, ଅସାର > ସାର ।

ମଧ୍ୟସ୍ୱର ଲୋପ- (Syncope)ଶବ୍ଦର ମଧ୍ୟବର୍ତ୍ତୀ ସ୍ୱରଧ୍ୱନିର ଲୋପକୁ ମଧ୍ୟସ୍ୱର ଲୋପ କୁହାଯାଏ ।

ସୁବର୍ଣ୍ଣ > ସ୍ୱର୍ଣ୍ଣ , ପରଶୁ > ପର୍ଶୁ, ନଗର > ନଗ୍ର ।

ଅନ୍ତ୍ୟସ୍ୱର ଲୋପ - ରାମ > ରାମ୍, କମଳ > କମଲ୍ , କଟକ > କଟକ୍ ।

**(ଖ) ବ୍ୟଞ୍ଜନ ଲୋପ -** ଏହା ତିନି ପ୍ରକାର ଆଦିବ୍ୟଞ୍ଜନ, ମଧ୍ୟ ବ୍ୟଞ୍ଜନ ଓ ପ୍ରାନ୍ତ ବ୍ୟଞ୍ଜନ ଲୋପ ।

ଆଦି ବ୍ୟଞ୍ଜନ ଲୋପ - ସ୍ଥିର > ଥର, ସ୍କନ୍ଧ > କାନ୍ଧ

ମଧ୍ୟ ବ୍ୟଞ୍ଜନ ଲୋପ - ନଗର > ନଅର, ଉପବାସ > ଉପାସ

ପ୍ରାନ୍ତ ବ୍ୟଞ୍ଜନ ଲୋପ - ତେଜସ୍ > ତେଜ, ଭବିଷ୍ୟତ୍ > ଭବିଷ୍ୟ

**(ଗ) ଅକ୍ଷର ଲୋପ -**ଏହା ୪ ପ୍ରକାର ଆଦ୍ୟକ୍ଷର, ମଧ୍ୟାକ୍ଷର, ଅନ୍ତ୍ୟାକ୍ଷର ଓ ସମାକ୍ଷର ।

ଆଦ୍ୟକ୍ଷର ଲୋପ -ଯଷ୍ଟିକ୍ > ଷ୍ଟିକ, ଅଧ୍ୟାପକ > ଓଝା

ମଧ୍ୟାକ୍ଷର ଲୋପ - ନାସିକା > ନାକ, ସଦ୍ୟକାଳ > ସକାଳ

ଅନ୍ତ୍ୟାକ୍ଷର ଲୋପ - ମୌକ୍ତିକ > ମୋତି, ମାତା > ମା

ସମାକ୍ଷର ଲୋପ (Haplology) - ପାନୋଦକ > ପାଦୁକା, ବଡଦାଦା > ବଡଦା

**୨. ଆଗମ -** ସ୍ୱରଲୋପର ବିପରୀତ ହେଉଛି ସ୍ୱରାଗମ । ଏହା ତିନି ପ୍ରକାରେ ଘଟିଥାଏ (୧) ସ୍ୱରାଗମ (୨) ବ୍ୟଞ୍ଜନାଗମ ଓ (୩) ଅକ୍ଷରାଗମ ।

**(କ) ସ୍ୱରାଗମ -** ଏହା ୪ ପ୍ରାକରେ ଘଟିଥାଏ ।

(୧) ଆଦି ସ୍ୱରାଗମ - ସ୍କୁଲ > ଇସ୍କୁଲ, ଷ୍ଟେସନ > ଇଷ୍ଟେସନ

(୨) ମଧ୍ୟସ୍ୱରାଗମ - ସ୍ନାନ > ସିନାନ, ପୃଥ୍ୱୀ > ପୃଥିବୀ

(୩) ଅନ୍ତ୍ୟସ୍ୱରାଗମ - ହଠାତ୍ > ହଠାତ

(୪)ସମସ୍ୱାରାଗମ - ତରୁଣ > ତରୁଣ, କରିଆ > କଇରିଆ

**(ଖ) ବ୍ୟଞ୍ଜନାଗମ -**ଏହା ତିନିପ୍ରକାର , ଯଥା - ଆଦି ବ୍ୟଞ୍ଜନାଗମ, ମଧ୍ୟ ବ୍ୟଞ୍ଜନାଗମ ଓ ଅନ୍ତ୍ୟବ୍ୟଞ୍ଜନାଗମ ।

(୧) ଆଦି ବ୍ୟଞ୍ଜନାଗମ - ଓଷ୍ଠ > ହୋଠ, ଅସ୍ଥି > ହାଡ

(୨) ମଧ୍ୟ ବ୍ୟଞ୍ଜନାଗମ - ବାନର > ବନ୍ଦର, ଶତପଥୀ > ଶତପସ୍ତୀ

(୩) ଅନ୍ତ୍ୟ ବ୍ୟଞ୍ଜନାଗମ - କରିୟା > କରିୟତ୍, କଲ > କଲହ

**(ଗ) ଅକ୍ଷରାଗମ-** (୧) ଆଦ୍ୟାକ୍ଷରାଗମ - ବଳ > ସବଳ

(୨) ମଧ୍ୟାକ୍ଷରାଗମ - ଖଳ > ଖରଳ

(୩) ଅନ୍ତ୍ୟାକ୍ଷରଗମ - ବହୁ > ବହୁରିୟା , ମୁଖ > ମୁଖଡା

**୩. ବିପର୍ଯ୍ୟୟ(Metathesis) -** ଏହା ୩ ପ୍ରକାର । ଯଥା- ସ୍ୱରବିପର୍ଯ୍ୟୟ, ବ୍ୟଞ୍ଜନ ବିପର୍ଯ୍ୟୟ, ଅକ୍ଷର ବିପର୍ଯ୍ୟୟ ।

(୧) ସ୍ୱରବିପର୍ଯ୍ୟୟ - ଦୁଇଟି ସ୍ୱର ଧ୍ୱନିର ପାରସ୍ପରିକ ସ୍ଥାନ ପରିବର୍ତ୍ତନକୁ ବିପର୍ଯ୍ୟୟ ବା ବିପର୍ଯ୍ୟାସ କୁହାଯାଏ । ଛୋଟ ପିଲା ଏବଂ ଅଶିକ୍ଷିତଲୋକଙ୍କ କଥାବାର୍ତ୍ତାରେ ଲକ୍ଷ୍ୟ କରାଯାଏ । ନାଳ > ନଳା, ପାଗଳା > ପଗଳା ।

(୨) ବ୍ୟଞ୍ଜନ ବିପର୍ଯ୍ୟୟ - ରିକ୍ସା > ରିସ୍କା, ବାକ୍ସ > ବାସ୍କ

(୩) ଅକ୍ଷର ବିପର୍ଯ୍ୟୟ - ମତଲବ > ମତବଲ , ହ୍ରଦ > ଦହ ।

**୪. ସମୀଭବନ(Assimilation) -** ଶବ୍ଦର ଉଚ୍ଚାରଣ ସମୟରେ ଯଦି ଦୁଇଟି ବିଷମଧ୍ୱନି ପାରସ୍ପରିକ ପ୍ରଭାବ ଦ୍ୱାରା ଅଥବା ଗୋଟିଏ ଅନ୍ୟ ପ୍ରଭାବରେ ନ୍ୟୁନାଧିକ ପରିମାଣରେ ସାମ୍ୟ ଲାଭକରେ ତେବେ ସହି ବ୍ୟାପାରକୁ ସମୀକରଣ ବା ସମୀଭବନ କୁହାଯାଏ । ଏହି ପ୍ରକ୍ରିୟା ତିନିଗୋଟି ପଦ୍ଧତିରେ ଘଟିଥାଏ । (କ) ପୂର୍ବବର୍ତ୍ତୀ ଧ୍ୱନି ପରବର୍ତ୍ତୀ ଧ୍ୱନିକୁ ପ୍ରଭାବିତ କରିପାରେ । (ଖ) ପରବର୍ତ୍ତୀ ଧ୍ୱନି ପୂର୍ବବର୍ତ୍ତୀ ଧ୍ୱନିକୁ ପ୍ରଭାବିତ କରି ପାରେ (ଗ) ପରସ୍ପର ପ୍ରଭାବରେ ଦୁଇଟି ଧ୍ୱନି ସାମ୍ୟଲାଭ କରିପାରନ୍ତି । ଅନ୍ୟ ଅର୍ଥରେ ଯଥାକ୍ରମେ ପୁରଗାମୀ, ପଶ୍ଚଗାମୀ ଓ ପାରସ୍ପରିକ ସମୀଭବନ ମଧ୍ୟ କୁହାଯାଏ ।

(କ) ସ୍ୱର ସମୀଭବନ – ଜୁଲମ > ଜୁଲୁମ, ସୁରଜ > ସୁରୁଜ

(ଖ) ବ୍ୟଞ୍ଜନ ସମୀଭବନ – ଅଗ୍ନ > ଅଗ୍‌ଗି, ପୁତ > ପୁତ୍ତ. ନୀଳା > ଲୀଳା, ନାଲ > ଲାଲ , ଲଙ୍ଗଳ > ନଙ୍ଗଳ ।

**୫. ସନ୍ଧି-** ପ,ବ, ମ, ଯ ଆଦି କେତେକ ବ୍ୟଞ୍ଜନ ଉଚ୍ଚାରଣରେ ସ୍ୱରର ନିକଟବର୍ତ୍ତୀ ହେବାରୁ ସ୍ୱରରେ ପିରବର୍ତ୍ତିତ ହୋଇଯାନ୍ତି ଏବଂ ପୁଣି ନିଜର ପୂର୍ବରେ ଥିବା ବ୍ୟଞ୍ଜନରେ ମିଶିଯାନ୍ତି । କେବେ କେବେ ଏହାଦ୍ୱାରା ଧ୍ୱନିମାନଙ୍କର ଏତେ ପରିବର୍ତ୍ତନ ଦେଖାଯାଏ ଯେ ସାଧାରଣତଃ ଏହା ବୁଝାପଡେ ନାହିଁ । ବ୍ୟଞ୍ଜନର ରୂପାନ୍ତର ସ୍ୱରଟି ପୂର୍ବ ବ୍ୟଞ୍ଜନରେ ମିଶିବାବେଳେ ବ୍ୟାକରଣର ସନ୍ଧିନିୟମ ଅନୁସୃତ ହୁଏ ନାହିଁ । ଧ୍ୱନି ବିଜ୍ଞାନର ସନ୍ଧି ନିୟମ ଅନୁସୃତ ହୋଇଥାଏ । ସପତ୍ନୀ > ପପତନୀ > ସବତନୀ > ସଉତୁଣୀ > ସୌତୁଣି > ନୟନ > ନଇନ > ନୈନ ।

**୬. ଉଷ୍ମୀ ଭବନ –** ଯେଉଁଠାରେ ସ୍ପର୍ଶ ଧ୍ୱନି ସଂଘର୍ଷୀ ବା ଉଷ୍ମ ଧ୍ୱନିରେ ପରିଣତ ହୋଇଯାଏ ସେଠାରେ ଉଷ୍ମୀଭବନ ହୁଏ । କେନ୍ତୁମ୍ ବର୍ଗରେ ଥିବା 'କ' ଧ୍ୱନି ସତମ୍ ବର୍ଗର ଉଷ୍ମଧ୍ୱନି (ଶ, ସ) ରେ ପରିଣତ ହୁଅନ୍ତି ।

ଲାଟିନ୍‌ରେ 'କେନ୍ତୁମ୍' –ଆଭେସ୍ତାରେ 'ସତମ୍' ,

ଗ୍ରୀକ୍‌ରେ କତୁନ୍ –ସଂସ୍କୃତରେ ଶତମ୍,

ବ୍ରିଟେନରେ କୈଁଟ– ଓଡିଆରେ ଶହେ ।

**୭. ଘୋଷୀ ଭବନ –** ଯେଉଁ ଧ୍ୱନି ଉଚ୍ଚାରଣ କଲାବେଳେ ସ୍ୱରତନ୍ତ୍ରୀ କଂପନ ଶୂନ୍ୟ ଓ ଢିଲା ହୋଇରହେ ବାୟୁ ଶ୍ୱାସନଳୀ ଦେଇ ଅବାଧରେ ନିର୍ଗତ ହୁଏ ତାହାକୁ ଅଘୋଷ ଧ୍ୱନି କୁହାଯାଏ । ବର୍ଗର ୧ମ, ୨ୟ ବର୍ଣ୍ଣ ଏବଂ 'ସ' ଧ୍ୱନି ଅଘୋଷ ମାତ୍ର ଏହି ଧ୍ୱନି ଯେତେବେଳେ ଘୋଷଧ୍ୱନି ବର୍ଗର ୩ୟ, ୪ର୍ଥ, ୫ମ ଏବଂ ଯ , ର, ଲ, ବ, ହ ସହିତ ଉଚ୍ଚାରିତ ହୁଏ ସେଠାରେ ଘୋଷୀଭବ ପ୍ରକ୍ରିୟା ସୃଷ୍ଟି ହୁଏ । ଯେଉଁଠି ଘୋଷ ଧ୍ୱନି ଅଘୋଷ ଧ୍ୱନିରେ ପରିଣତ ହୁଏ ସେଠାରେ ଅଘୋଷୀ ଭବନ ହୁଏ ।

ଘୋଷୀ ଭବନ – ଶାକ > ଶାଗ, ପ୍ରକଟ > ପ୍ରଘଟ

ଅଘୋଷୀ ଭବନ– ଠଗ > ଠକ, ବ୍ୟଜନ > ବିଞ୍ଚଣା

**୮. ମହାପ୍ରାଣୀ ଭବନ ଓ ଅଳ୍ପ ପ୍ରାଣୀ ଭବନ –**

ବର୍ଷର ୨ୟ ଓ ୪ର୍ଥ ବର୍ଣ୍ଣ ମହାପ୍ରାଣ । ମହାପ୍ରାଣ ଧ୍ୱନି ଅଳ୍ପ ପ୍ରାଣ ଧ୍ୱନିରେ ପରିଣତ ହେଲେ ଅଳ୍ପ ପ୍ରାଣୀଭବନ ଓ ଅଳ୍ପ ପ୍ରାଣ ଧ୍ୱନି ମାହପ୍ରାଣଧ୍ୱନିରେ ପରିଣତ ହେଲେ ମହାପ୍ରାଣୀ ଭବନ ହୁଏ ।

ମହାପ୍ରାଣୀ ଭବନ – କାଶ > ଖାସ, ହାତ> ହାଥ ,

ଅଳ୍ପପ୍ରାଣୀ ଭବନ – ସ୍ୱାଦିଷ୍ଠ > ସ୍ୱାଦିଷ୍ଟ, ସିନ୍ଧୁ > ହିନ୍ଦୁ, ପବନ > ପଭନ ।

**୯. ନାସିକ୍ୟୀ ଭବନ ଓ ଅନୁନାସିକ୍ୟୀ ଭବନ ଓ ସ୍ୱତଃ ନାସିକ୍ୟୀ ଭବନ –**

ନାସିକ୍ୟ ବ୍ୟଞ୍ଜନଧ୍ୱନି ଲୁପ୍ତ ହେବା ଫଳରେ ଯଦି ପୂର୍ବବର୍ତ୍ତୀ ସ୍ୱରଧ୍ୱନିକୁ ଅନୁସିକ କରେ ଏହାକୁ ଅନୁନାସିକ୍ୟୀଭବନ କୁହାଯାଏ । ଅନେକ ଏହାକୁ ନାସିକ୍ୟୀ ଭବନ ମଧ୍ୟ କହିଥାନ୍ତି । ବାମ > ବାଁ, ଗ୍ରାମ > ଗାଁ, କୋମଳ > କଅଁଳା, ଭ୍ରମର > ଭଅଁର ।

**ସ୍ୱତଃନାସିକ୍ୟୀ ଭବନ –** ଅନେକ ସମୟରେ ନାସିକା ବ୍ୟଞ୍ଜନର ସଂସର୍ଗ ନଥାଇ ମଧ୍ୟ ସ୍ୱରଧ୍ୱନି ଆପେ ଆପେ ଅନୁନାସିକ ହୋଇଯାଏ । ଏହାକୁ ସ୍ୱତଃ ନାସିକ୍ୟୀ ଭବନ କୁହାଯାଏ । କୂଅ > କୂହଁ, ଯୋଗୁ > ଯୋଗୁଁ , ଘାସ > ଘାଁସ, କର୍କଟ > କଙ୍କଡା ।

**୧୦. ମୂର୍ଦ୍ଧନ୍ୟୀ ଭବନ ଓ ସ୍ୱତଃ ମୂର୍ଦ୍ଧନ୍ୟୀ ଭବନ–**

ଋ, ର (ର ଫଳା ଓ ରେଫ୍) ସ, ଷ, ଶ ପ୍ରଭୃତି ଧ୍ୱନିର ସଂସ୍ପର୍ଶରେ ଆସିଲେ ଅନେକ ସମୟରେ ଦନ୍ତ୍ୟ ବ୍ୟଞ୍ଜନ ଧ୍ୱନି ମୂର୍ଦ୍ଧନ୍ୟ ଧ୍ୱନିରେ ପରିଣତ ହୋଇଯାଏ । ଏହାକୁ ମୂର୍ଦ୍ଧନ୍ୟୀଭବନ କୁହାଯାଏ । ବିକୃତ > ବିକଟ, ବୃଦ୍ଧ > ବୁଢା, ପ୍ରତିହାରୀ > ପଢିଆରୀ ।

**ସ୍ୱତଃ ମୂର୍ଦ୍ଧନ୍ୟୀ ଭବନ –** ଅନେକ ସମୟରେ ମୂର୍ଦ୍ଧନ୍ୟୀ ଭବନ ପଦ୍ଧତିରେ ବ୍ୟତିକ୍ରମ ଘଟି ସ୍ୱତଃ ମୂର୍ଦ୍ଧନ୍ୟୀ ଭବନ ହୋଇଥାଏ । ଯଥା – ପତତି > ପଡଇ, ବନ > ବଣ ।

**୧୧. ତାଲବ୍ୟୀ  ଭବନ ଓ  ସ୍ୱତଃ ତାଲବ୍ୟୀ ଭବନ -**

ଯ, ଚ ବର୍ଗର ଧ୍ୱନିର ସଂସ୍ପର୍ଶ ଯୋଗୁଁ ଯଗି ଦନ୍ତ୍ୟ ବ୍ୟଞ୍ଜନ ତାଲବ୍ୟ ବ୍ୟଞ୍ଜନରେ ପରିଣତ ହୁଏ ତାହେଲେ ସେଠାରେ ତାଲବ୍ୟୀ ଭବନ ହୁଏ ଏବଂ ସଂସ୍ପର୍ଶ ନଥାଇ ମଧ୍ୟ ଦନ୍ତ୍ୟ ବ୍ୟଞ୍ଜନ ତାଲବ୍ୟ ବ୍ୟଞ୍ଜନରେ ପରିଣତ ହେଲେ ସ୍ୱତ ତାଲବ୍ୟୀଭବନ ପ୍ରକ୍ରିୟା ସଂଘଟିତ ହୋଇଥାଏ । ତାଜା > ଚାଜା, ବାଦ୍ୟ > ବାଜା ।

**ସ୍ୱତଃ ତାଲବ୍ୟୀ ଭବନ -** ବାଦନ > ବାଜଣା, ଅବୋଧ > ଅବୁଝା

**୧୨. ମାତ୍ରା ଭେଦ -**

ଏହି ପ୍ରକ୍ରିୟାରେ ସ୍ୱର ବେଳେ ବେଳେ ହ୍ରସ୍ୱ ରୁ ଦୀର୍ଘ ଓ ଦୀର୍ଘରୁ ହ୍ରସ୍ୱ ହୋଇଯାଏ । ଏହା ଉପରେ ମଧ୍ୟ ସ୍ୱରାଘାତର ପ୍ରଭାବ ପଡିଥାଏ । ଆଷାଢ > ଅଷାଢ, ବାନର > ବନ୍ଦର , କଲ୍ୟ > କାଲି, ଲଜ୍ଜା > ଲାଜ ।

**୧୩. 'ସ' କାରୀ  ଭବନ -**

ସ୍ପର୍ଶ ସଂଘର୍ଷୀ ଧ୍ୱନି ଯଦି ସ, ଶ, ବା ଜ ପରି ( Z ) ଉଚ୍ଚାରିତ ହୁଏ ତାହେଲେ ଏହି ପଦ୍ଧତିକୁ 'ସ' କାରୀ ଭବନ କୁହାଯାଏ । ଆଛେ > ଆସେ , ଗାଛତାଲା > ଗାସ୍‌ତାଲା ।

**୧୪.'ର' କାରୀ  ଭବନ -**

'ସ' କାର ଯଦି ଘୋଷବତ୍ ଜ(Z) ପରିଣତ ହୋଇ ଶେଷରେ 'ର' କାରରେ ପରିଣତ ହୁଏ ତେବେ ତାହାକୁ ର-କାରୀ ଭବନ କୁହାଯାଏ ।

ପ୍ରାଚୀନ ଇଂରାଜୀରେ - Hasa > Haza >Hare

ଭାରୋପୀୟ ନିସ୍‌ଦୋ (Nisdo) > ନିଜ୍‌ଦ୍>(Nizda) > ନୀଡ୍ > ନୀର (ବଙ୍ଗଳା), ପନ୍ନଦହ> ପନ୍ଦର, ଏକାଦଶ > ଏକାଡହ > ଏଗାର ।

**୧୫. ସ୍ୱର ସଙ୍ଗତି -**

ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ସ୍ୱରଧ୍ୱନିର ପ୍ରଭାବରେ ପଦସ୍ଥିତ ଅନ୍ୟ ସ୍ୱର ଧ୍ୱନିର ପ୍ରକୃତି ଯଦି ପରିବର୍ତ୍ତିତ ହୋଇଯାଏ ଓ ମଧ୍ୟବର୍ତ୍ତୀ ସ୍ୱର ଧ୍ୱନିଗୁଡିକ ମଧ୍ୟରେ ସଂଗତି ବା ସାମଞ୍ଜସ୍ୟ ସଂପାଦିତ ହୁଏ ତେବେ ଏହି ପ୍ରକ୍ରିୟାକୁ ସ୍ୱର ସଂଗତି କୁହାଯାଏ । ବିଲାତି > ବିଲିତି, ଏକ୍ଷଣି > ଇଛୁଣି ବା ଏଛୁଣି, ବିଡାଳ > ବେଡାଳ,ଲିଖନ > ଲେଖନ ।

**୧୬. ଶ୍ରୁତି  ଧ୍ୱନି (Glide) -**

କଥା କହିଲାବେଳେ ପଦମଧ୍ୟସ୍ଥିତ ଧ୍ୱନିଗୁଡିକ ସବୁ ସମୟରେ ଛଡାଛଡି ଭାବରେ ଉଚ୍ଚାରିତ ହୁଏ ନାହିଁ । ଜିହ୍ୱା ଏକ ଧ୍ୱନିର ଉଚ୍ଚାରଣ ସଙ୍ଗେ ସଙ୍ଗେ ପରବର୍ତ୍ତୀ ଧ୍ୱନିର ଉଚ୍ଚାରଣ ମଧ୍ୟ କରିଦିଏ । ଏହି ଦ୍ରୁତ ଉଚ୍ଚାରଣ ଫଳରେ ଅନେକ ସମୟରେ ଗୋଟିଏ ଧ୍ୱନିର ଉଚ୍ଚାରଣ ସ୍ଥାନରୁ ଅନ୍ୟଧ୍ୱନିର ଉଚ୍ଚାରଣ ସ୍ଥାନକୁ ଯିବାବେଳେ ଜିହ୍ୱା ଅସତର୍କଭାବରେ ମଧ୍ୟବର୍ତ୍ତୀ କୌଣସି ଏକ ଧ୍ୱନି ଉଚ୍ଚାରଣ କରିପକାଏ । ଏହି ମଧ୍ୟବର୍ତ୍ତୀ ଆଗତ ଧ୍ୱନିକୁ ଶ୍ରୁତିଧ୍ୱନି କୁହାଯାଏ । ଏହା ବ୍ୟଞ୍ଜନ ହୋଇ ପାରେ ଅଥବା ସ୍ୱର ହୋଇପାରେ ।

'ନ' ଓ 'ର' ମଧ୍ୟରେ ଅନେକ ସମୟରେ 'ଦ' ଶୁଣାଯାଏ । ସୁନର > ସୁନ୍ଦର, ବାନର > ବାନ୍ଦର, ପନ୍ନରହ > ପନ୍ଦର , ପିଆନୋ > ପିୟାନୋ ।

**୧୭. ଅପିନିହିତ (Epenthesis) -**

ଶବ୍ଦ ମଧ୍ୟରେ ମଧ୍ୟ ଆଗକୁ ଅପିନିହିତ ନାମରେ ନାମିତ କରାଯାଇଛି । ଏହି ପଦ୍ଧତି ଅନୁସାରେ କେତେକ ସ୍ଥଳରେ କୌଣସି ବ୍ୟଞ୍ଜନର ପରବର୍ତ୍ତୀ ସ୍ୱର ସେହି ବ୍ୟଞ୍ଜନର ପୂର୍ବରେ ଆସି ଦେଖାଦିଏ । ଓଡିଆ ଭାଷାରେ ଏପରି ବ୍ୟବହାର ଅଧିକ ଦେଖାଯାଏ ନାହିଁ । ଉଦାହରଣ ସ୍ୱରୂପ - ବେଗି > ବେଇଗି, ବଂଶୀ > ବଇଁଶୀ, ଅରି > ଅଇରି । ସମ୍ବଲ ପୁରୀ ଓଡିଆର ପାନି > ପାଇନି ।

**୧୮. ଅଭିଶ୍ରୁତି (Umlant ବା Vowelmutation) -**

ଭାଷାବିତ୍ J.Grum ଜେ.ଗ୍ରୁମଙ୍କ ମତାନୁସାରେ ଏହାର ସାଧାରଣ ଅର୍ଥ ହେଉଛି ପଦର ଅନ୍ତବର୍ତ୍ତୀ କୌଣସି ସ୍ୱର ଦ୍ୱାରା ଅନ୍ୟ ସ୍ୱରର ପରିବର୍ତ୍ତନ । ସାଧାରଣତଃ ଅପିନିହିତ ଇ-କାରର ପ୍ରଭାବରେ ପୂର୍ବବର୍ତ୍ତୀ ସ୍ୱରଧ୍ୱନିର ପରିବର୍ତ୍ତନ ପ୍ରକ୍ରିୟା ହିଁ ଅଭିଶ୍ରୁତି । ବଙ୍ଗଳା ଭାଷାରେ ଏହା ଅଧିକ ଲକ୍ଷ୍ୟ କରାଯାଏ । ଚଲିଲ > ଚଇଲିଲ > ଚଇଲ୍ଲ > ଚଲ୍ଲ > ଚୋଲ୍ଲୋ, ବାଲିବ > ବଇଲବ, ବଲ୍‌ବ > ବୋଲ୍‌ବୋ ।

**୧୯. ଅପଶ୍ରୁତି (Ablant ବା Vowel gradation) -**

ଏହାକୁ ଅକ୍ଷର ଶ୍ରେଣୀକ୍ରମ, ଅକ୍ଷରାବସ୍ଥାନ ପ୍ରଭୃତି କୁହାଯାଇପାରେ । ଯଦି ପଦ ମଧ୍ୟସ୍ଥ ବ୍ୟଞ୍ଜନରେ କୌଣସି ପରିବର୍ତ୍ତନ ନଘଟି କେବଳ ସ୍ୱରର ପରିବର୍ତ୍ତନ ଘଟିବା ଦ୍ୱାରା ଅର୍ଥର ପରିବର୍ତ୍ତନ ଘଟେ ତେବେ ସେହି ପ୍ରକ୍ରିୟାକୁ ଅପଶ୍ରୁତି କୁହାଯାଏ ।ଏହା ମାତ୍ରିକ, ଗୁଣୀୟ ଓ ଗୁଣ ମାତ୍ରିକ ଭାବରେ ଘଟିଥାଏ । ମନ > ମାନ, ବସୁଦେବ > ବାସୁଦେବ, ତିଳ > ତୈଳ, ବର > ବୀର , ପବନ > ପାବନୀ, ଜନକ > ଜାନକୀ ।

**୨୦. ସାଦୃଶ୍ୟ (Analogy) -**

ଯଦି କୌଣସି ପଦର ଗଠନ ସାଦୃଶ୍ୟରେ ଅନ୍ୟପଦର ସୃଷ୍ଟି କରାଯାଏ ସେଠାରେ ସାଦୃଶ୍ୟ ହୁଏ ।

ଉଦାହରଣ ସ୍ୱରୂପ -

ବନ୍ଧୁତା ପଦର 'ତା' ପ୍ରତ୍ୟୟରେ ନୂତନ ପଦ ସୃଷ୍ଟି ହେଉଚି - ଦେବତା ଓ ମମତା ।

ସଂସ୍କୃତ 'ନରସ୍ୟ' ଅନୁକରଣରେ ନରସସ୍, ସାହୁସସ୍ ପଦର ଗଠନ କରାଯାଇଛି । ପୁନଶ୍ଚ ସଂସ୍କୃତରେ 'ରୋଜସୀ' ଛନ୍ଦସୀ, ମାନସୀ ଓ ପ୍ରେୟସୀ ପଦର ସୃଷ୍ଟି ।

**୨୧. ଯୋଡ କମଳ (Portmanteau word)**

ଦୁଇଟି ଶବ୍ଦର ଘନିଷ୍ଠ ମିଶ୍ରଣରେ ନୂତନ ଶବ୍ଦର ସୃଷ୍ଟି ହେଲେ ତାହାକୁ ଯୋଡ କମଳ କୁହାଯାଏ ।

ବରି + ବୈରୀ > ଔରି

ପୟୋଧର + ଭାର > ପୟୋଭାର

ଭାରତ + ଇଉରୋପୀୟ > ଭାରୋପୀୟ

**୨୨. ମିଶ୍ରଣ (Contamination)**

କୌଣସି ଶବ୍ଦର ସାଦୃଶ୍ୟ ଅନୁଯାୟୀ ଅନ୍ୟ କୌଣସି ଶବ୍ଦର ଆଂଶିକ ପରିବର୍ତ୍ତନ ଘଟିଲେ ସେହି ପ୍ରକ୍ରିୟାକୁ ମିଶ୍ରଣ କୁହାଯାଏ । ଓଡିଆର 'ରସ' ସାଦୃଶ୍ୟ ଅନୁଯାୟୀ 'ଅନାରସ' ଘର ସାଦୃଶ୍ୟରେ କଳଘର, ପାତାଳ ସାଦୃଶ୍ୟରେ ହାସପାତାଳ ।

**୨୩. ଲୋକନିରୁକ୍ତି (Folk Etymology)**

ଅନେକ ସମୟରେ ଦେଖାଯାଏ ଯେ କୌଣସି ବିଦେଶୀ ଶବ୍ଦ ବା ଅପରିଚିତ ଶବ୍ଦ ପରିଚିତ ଶବ୍ଦର ଅଳ୍ପ ବେଶି ଧ୍ୱନି ସାମ୍ୟ ଯୋଗୁଁ ପରିଚିତ ଶବ୍ଦର ଅର୍ଥ ଗ୍ରହଣ କରେ । ସାଧାରଣ ଲୋକସମାଜ ଦ୍ୱାରା ଏପରି ବ୍ୟୁତ୍ପତ୍ତିକୁ ଲୋକ ନିରୁକ୍ତି କୁହାଯାଏ । ମିଶ୍ରଣରେ ଶବ୍ଦର ଅର୍ଥ ପରିବର୍ତ୍ତନ ଘଟେନାହିଁ , ମାତ୍ର ଲୋକ ନିରୁକ୍ତିରେ ଅର୍ଥ ପରିବର୍ତ୍ତନ ଦେଖାଯାଏ ।

ଇଂରାଜୀ Armchair > ଓଡିଆର ଆରାମଚେୟାର ବିସ୍ଫୋଟକ > ବିଷଫୋଡା, ପକ୍ଷୀରାଜ, ପକ୍ଷୀରାଜ ଅର୍ଥ ଗରୁଡ । ମାତ୍ର ଘୋଡା ଶବ୍ଦ ଯୋଗୁଁ ଏହା ଦ୍ରୁତଗାମୀ ଅଶ୍ୱକୁ ବୁଝାଇ ପକ୍ଷୀରାଜ ଘୋଡା ହୋଇଛି ।

**୨୪. ବିଷମଚ୍ଛେଦ (Metamalysis)**

ଅଶିକ୍ଷିତ ବ୍ୟକ୍ତିଙ୍କ କଥାରେ ଏବଂ ସାଦୃଶ୍ୟ ପ୍ରଭାବରେ ବାକ୍ୟାଂଶର ଅଥବା ଶବ୍ଦର ବିକୃତ ବିଶ୍ଳେଷଣ ଫଳରେ ଅନେକ ସମୟରେ ଶବ୍ଦର ରୂପ ପରିବର୍ତ୍ତିତ ହୋଇଯାଏ । ଅଥବା ନୂତନ ପ୍ରତ୍ୟୟ ଅଥବା ଶବ୍ଦର ଉଦ୍‌ଭବ ହୁଏ । ଏହାକୁ ଶବ୍ଦ ବିକାର ବା ବିଷମଚ୍ଛେଦ କୁହାଯାଏ ସଂସ୍କୃତରେ ନବରଙ୍ଗ > ଆରବୀ ନାରଞ୍ଜ > ଇଂରାଜୀ anorange

ଅସୁର ଏକ ମୌଳିକ ଶବ୍ଦ, ଆରମ୍ଭରେ ଥିବା 'ଅ' କୁ ଉପସର୍ଗ ମନେ କରି ବିଷମ ଛେଦଦ୍ୱାରା ପୃଥକ କରାଯାଇ ସୁର ଅର୍ଥାତ୍ ଦେବତା ଶବ୍ଦର ସୃଷ୍ଟି ।

ବିଧବା ଶବ୍ଦ ପରବର୍ତ୍ତୀ କାଳର ବିଷମଚ୍ଛେଦ ହେବା 'ଧବ' ଶବ୍ଦର ସୃଷ୍ଟି ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଜଣାଗଲାଯେ କଥିତ ଭାଷାରେ ଧ୍ୱନି ପରିବର୍ତ୍ତନ ବିଭିନ୍ନ ଦିଗରୁ ଘଟୁଅଛି ।

**କେତେକ ସମ୍ଭାବିତ ପ୍ରଶ୍ନ**

ଏହି ଇଉନିଟ୍‌ରୁ ଦୁଇଟି ଦୀର୍ଘ ପ୍ରଶ୍ନ ଆସିବ ମାତ୍ର ଗୋଟିକର ଉତ୍ତର ଦେବାକୁ ହେବ ।

୧. ଇଣ୍ଡୋଇଉରୋପୀୟ ଭାଷା ପରିବାରର ସ୍ୱରୂପ ନିର୍ଣ୍ଣୟ କର ।

ଅଥବା

କେଉଁ କେଉଁ କାରଣରୁ ଭାଷାରେ ଅର୍ଥ ପରିବର୍ତ୍ତନ ଦେଖାଦିଏ ଆଲୋଚନା କର ।

୨. ଓଡିଆ ଭାଷାର ଉଦ୍ଭବ ଓ ବିକାଶ ଧାରା ନିରୂପଣ କର ।

ଅଥବା

ଧ୍ୱନିପରିବର୍ତ୍ତନରେ ବିଭିନ୍ନ ଦିଗ ସଂପର୍କରେ ଭାଷା ତାତ୍ତ୍ୱିକ ବିଶ୍ଲେଷଣ କର ।

*********

## ତୃତୀୟ ପତ୍ର
## ଚତୁର୍ଥ ୟୁନିଟ୍
# ଓଡ଼ିଆ ଲିପିର କ୍ରମ ବିକାଶ

ଓଡ଼ିଆ ଲିପି ଅନ୍ୟାନ୍ୟ ଆଧୁନିକ ଭାରତୀୟ ଲିପିମାନଙ୍କ ପରି ବ୍ରାହ୍ମୀଲିପିରୁ ବିକଶିତ । ଭାରତୀୟ ଲିପିର କ୍ରମବିକାଶ ଉପରେ ଆଲୋଚନା କରି ବିଶିଷ୍ଟ ଗବେଷକ ସ୍ୱର୍ଗତଃ ଗୌରୀଶଙ୍କର ହୀରାଲାଲ ଝା ଯେଉଁ ମତ ଦେଇଛନ୍ତି ସେଥିରୁ ଜଣାପଡ଼େ ଯେ, ଭାରତରେ ଲିପିର କ୍ରମବିକାଶ 'ବ୍ରାହ୍ମୀ' ଓ 'ଖରୋଷ୍ଟି' ଲିପିରୁ ସମ୍ଭବ ହୋଇଛି । ଏ ସମ୍ପର୍କରେ ସ୍ୱର୍ଗତଃ ଝା ବହୁ ବିଶିଷ୍ଟ ଗବେଷକଙ୍କ ମତ ନିରାକରଣ କରି, ନିଜ ମତ ଉପସ୍ଥାପିତ କରିଛନ୍ତି । ସେଥିରୁ ଜଣାଯାଏ ଯେ 'ବ୍ରାହ୍ମୀ' ଲିପିରୁ ଆଧୁନିକ ଭାରତୀୟ ଲିପିଗୁଡିକ ମଧ୍ୟରୁ ଅଧିକାଂଶ ଲିପିର ଉତ୍ପତ୍ତି ହୋଇଛି ।

ଓଡ଼ିଶାର ଅଭିଲେଖମାଳା ଏବଂ ତାଳପତ୍ର ପୋଥିଗୁଡିକର ଲିପିତାତ୍ତ୍ୱିକ ଅଧ୍ୟୟନ କଲେ ଖ୍ରୀଷ୍ଟପୂର୍ବ ତୃତୀୟ ଶତକରେ ଧଉଳିଗିରି ଓ ଜଉଗଡ଼ରେ ଉତ୍କୀର୍ଣ୍ଣ ଅଶୋକଙ୍କ ଅନୁଶାସନଠାରୁ ଆରମ୍ଭକରି ତାଳପତ୍ର ପୋଥିସମୂହର ଅବଲମ୍ବନରେ ଓଡ଼ିଆ ଲିପିର କ୍ରମବିବର୍ତ୍ତନର ଧାରା ନିର୍ଣ୍ଣୟ କରାଯାଇପାରେ । ଲେଖନକାରରଙ୍କ ବ୍ୟକ୍ତିଗତ କଳାତ୍ମକ ଅଭିରୁଚି ଏବଂ ଲିଖନ ଉପାଦାନ ଓ ଉପକରଣର ବୈଶିଷ୍ଟ୍ୟ ଅନୁସାରେ ଓଡ଼ିଆ ଲିପିରେ କେତେକ ରୂପଗତ ସ୍ୱାତନ୍ତ୍ର୍ୟ ପରିସ୍ଫୁଟିତ ହୋଇଥିଲେ ହେଁ, ଅଦ୍ୟାପି ଏଥିରେ ବ୍ରାହ୍ମୀ ଓ ଅନ୍ୟାନ୍ୟ ପ୍ରାଚୀନ ଲିପିର ସତ୍ତା ସୁସ୍ପଷ୍ଟ । ପ୍ରାଚୀନ କାଳରେ ଓଡ଼ିଶାରେ ଲିଖନର ପ୍ରଧାନ ମାଧ୍ୟମ ଥିଲା ପାଷାଣଗାତ୍ର, ତାମ୍ରଫଳକ ଓ ତାଳପତ୍ର ଏବଂ ଲିଖନର ଉପକରଣ ଥିଲା ଲୌହ ନିହାଣ ଓ ଲେଖନୀ । ଏହାରି ଭିତ୍ତିରେ ଓଡ଼ିଆ ଲିପିର ରୂପ-ସଙ୍ଗଠନରେ ଚତୁର୍ବିଧ ବୈଶିଷ୍ଟ୍ୟ ବିକଶିତ ହୋଇଥିଲା - ଅର୍ଦ୍ଧବୃତ୍ତାକାର ଶୀର୍ଷମୁଣ୍ଡଳି (Top Curve), ପୁଚ୍ଛ (Tail), ପୁଡ଼ା (Loop) ଏବଂ କୋଣହୀନ କୁଟିଳ ବକ୍ରରେଖା (Curve) । ଅବଶ୍ୟ ଏହି ସମସ୍ତ ରୈଖିକ ବୈଚିତ୍ର୍ୟ ଓଡ଼ିଆ ଲିଖନକାରଙ୍କର ,କାନ୍ତ ମୌଳିକ ସୃଷ୍ଟି ନ ହୋଇପାରେ, କାରଣ ପୂର୍ବେ ଅକ୍ଷର ଶୀର୍ଷଭାଗରେ ଆଭରଣ ନିମନ୍ତେ ଚୂଳ (ପରବର୍ତ୍ତୀ ବ୍ରାହ୍ମୀଲିପିରେ), ମୁଣ୍ଡଳି (ତାମିଳ ବୋଟ୍ଟେଳୁତ୍ତୁ ଲିପିରେ), ଚତୁଷ୍କୋଣୀ ପେଟିକା ଓ ଶଙ୍କୁ (ପଞ୍ଚମ/ଷଷ୍ଠ ଶତାବ୍ଦୀ ଲିପିରେ) ଇତ୍ୟାଦି ପ୍ରଚଳିତ ଥିଲା । କିନ୍ତୁ ତାଳପତ୍ର ଉପରେ ଲୌହ ଲେଖନୀରେ ଲେଖିବା ଦୃଷ୍ଟିରୁ ଶୀର୍ଷମୁଣ୍ଡଳି ଓ କୋଣହୀନ ବକ୍ରରେଖାର ଏବଂ ଅଳଂକରଣ କିମ୍ବା ଏକାଧିକ ଅକ୍ଷରର ଆକୃତିଗତ ସାଦୃଶ୍ୟ ମଧ୍ୟରେ ସ୍ୱତନ୍ତ୍ରତା ପରିସ୍ଫୁଟନ ପାଇଁ ପୁଡ଼ା ଓ ପୁଚ୍ଛର ପ୍ରୟୋଜନ ଉପଲବ୍ଧି କରି ଓଡ଼ିଆ ଲିପିକାର ଏହି ସବୁ ଆଭୂଷଣର ଯଥାର୍ଥ ଉପଯୋଗ ସାଧନ କରିଥିଲେ । ସୁତରାଂ ଓଡ଼ିଆ ଲିପିର କୌଣସି ଏକ ବୈଶିଷ୍ଟ୍ୟ ପ୍ରତି ଦୃଷ୍ଟି ଦେଇ ଏହା ବଙ୍ଗଳା, ନାଗରୀ ବା ତାମିଲ ଲିପିରୁ  ବିକଶିତ ହୋଇଛି ବୋଲି କହିବା ଭ୍ରମାତ୍ମକ ।

ଆଧୁନିକ ଓଡ଼ିଆ ଲିପିର ବିକାଶ ମୂଳରେ ପ୍ରାଚୀନ ଓଡ଼ିଶାରେ ପ୍ରଚଳିତ ବିବିଧ ଲିପିମାଳାର ଅବଦାନ ଅନସ୍ୱୀକାର୍ଯ୍ୟ । ଅଦ୍ୟାବଧି ଆବିଷ୍କୃତ ଅଭିଲେଖମାନଙ୍କ ଅବଲମ୍ବନରେ ସେହିସବୁ ଲିପିମାଳାର ଏକ ଐତିହାସିକ ବିବରଣୀ ବିଚାରଣୀୟ ।

ବ୍ରାହ୍ମୀ ଲିପି : ଜଉଗଡ଼ ଓ ଧଉଳିଗିରିସ୍ଥ ଅଶୋକାନୁଶାସନ
(ଖ୍ରୀ: ପୂ: ୩ୟ ଶତକ)
ଉଦୟଗିରିସ୍ଥ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖ
(ଖ୍ରୀ. ପୂ. ୧ମ ଶତକ)

| | |
|---|---|
| କୁଶାଣ ବ୍ରାହ୍ମୀ : | ଭଦ୍ରକସ୍ଥ ଗଣଙ୍କ ଅଭିଲେଖ (ଖ୍ରୀ: ୩ୟ ଶତକ) |
| ଗୁପ୍ତ ଲିପି : | ଧର୍ମରାଜଙ୍କ ସୁମଣ୍ଡଳ ତାମ୍ର ଶାସନ (ଖ୍ରୀ: ୫୭୦) |
| | ଲୋକବିଗ୍ରହଙ୍କ କଣାସ ତାମ୍ର ଶାସନ (ଖ୍ରୀ: ୬୦୦) |
| | ଶିବରାଜଙ୍କ ପଟିଆ କିଲ୍ଲା ତାମ୍ର ଶାସନ (ଖ୍ରୀ: ୬୦୨) |
| | ମାଧବ ବର୍ମାଙ୍କ ଗଞ୍ଜାମ ତାମ୍ର ଶାାସନ (ଖ୍ରୀ: ୬୨୦) |
| ପେଟିକାଶିର / ଶଙ୍କୁଶିର/ କୁଟିଳ ଲିପି : | ଗଙ୍ଗ, ଭୌମ, କର ଓ ସୋମବଂଶୀମାନଙ୍କ ଅଭିଲେଖ (ଖ୍ରୀ: ୮ମ-୧୧ଶ ଶତକ) |
| ଦକ୍ଷିଣ ନାଗରୀ : | (Buhler's later Kalinga Seript ସହ ତୁଳନୀୟ) ଉରଜାମ ଅଭିଲେଖ (ଖ୍ରୀ: ୧୦୫୧) |
| ଗ୍ରନ୍ଥ/ତାମିଳ : | ଭୁବନେଶ୍ୱରସ୍ଥ ଦ୍ୱିଭାଷିକ ଅଭିଲେଖ (ଖ୍ରୀ: ୧୨୬୧) |
| ନାଗରୀ : | ଶ୍ରୀ କର୍ମେଶ୍ୱର ଅଭିଲେଖ (ଖ୍ରୀ: ୧୪୦୩) |

ପ୍ରାୟ ସପ୍ତମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ଲିପି ପ୍ରୟୋଗ ଦିଗରେ ନାନାବିଧ ପରୀକ୍ଷା ପ୍ରଚଳିତ ଥିଲା । ବିଭିନ୍ନ ରାଜଶକ୍ତିର ଅଭ୍ୟୁଦୟ, ରାଜନୈତିକ ଦୃଷ୍ଟିରୁ ଓଡ଼ିଶାର ଭୌଗୋଳିକ ବିଭାଜନ ଏବଂ ବିଭିନ୍ନ ଐତିହ୍ୟ ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟବୋଧ ହେତୁ ଏକାଦିକ୍ରମେ ବିଭିନ୍ନ ଲିପିର ପ୍ରଚଳନ ହୋଇଥିଲା । ଶ୍ରୀ ସତ୍ୟନାରାୟଣ ରାଜଗୁରୁ ଏହି ପରିସ୍ଥିତିର ବିବରଣୀ ଦେଇ କହନ୍ତି - ‘‘ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରୁ ଆରମ୍ଭ କରି ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ଯେଉଁ ଶାସନାବଳୀ ଓଡ଼ିଶାରେ ଉତ୍କୀର୍ଣ୍ଣ କରାଯାଇଛି, ସେଗୁଡିକ ପରୀକ୍ଷା କଲେ ସ୍ପଷ୍ଟ ଜଣାଯାଏ ଯେ, ମଧ୍ୟଯୁଗରେ ପ୍ରଚଳିତ ଦୁଇ ପ୍ରକାର ଲିଖନଶୈଳୀ ଅନ୍ତର୍ଗତ ବର୍ଣ୍ଣମାଳା କାଳକ୍ରମେ ସାମାନ୍ୟ ପରିବର୍ତ୍ତିତ ଆକାରରେ ଦେଖାଦେଲା । ତା'ଫଳରେ ଓଡ଼ିଶାରେ ବିଭିନ୍ନ ପ୍ରକାରଲେଖା ଦେଖାଗଲା । ପୂର୍ବୋତ୍ତର ଅଞ୍ଚଳସ୍ଥ ଭୌମ, ତୁଙ୍ଗ, ଶୁଳ୍କି, ନନ୍ଦୋଭବ ପ୍ରଭୃତି ବଂଶୀୟ ରାଜାମାନେ ଯେଉଁ ଲିପି ସେମାନଙ୍କର ଶାସନାବଳୀରେ ବ୍ୟବହାର କରିଛନ୍ତି, ତାହା ଓଡ଼ିଶାର ଦକ୍ଷିଣ ପଶ୍ଚିମାଞ୍ଚଳରେ ପ୍ରାୟ ଦେଖାଯାଏ ନାହିଁ । ଦକ୍ଷିଣାଞ୍ଚଳ, ଅର୍ଥାତ୍ କଳିଙ୍ଗରେ ତତ୍କାଳୀନ ବ୍ୟବହୃତ ଲିପି ସଙ୍ଗେ ସେ ସମୟରେ ପଡୋଶୀ ରାଜ୍ୟ ବେଙ୍ଗୀରେ ବ୍ୟବହୃତ ଲିପିର ସାମଞ୍ଜସ୍ୟ ସ୍ପଷ୍ଟ ଲକ୍ଷିତ ହୁଏ । ସେହିପରି ପଶ୍ଚିମାଞ୍ଚଳ, ଅର୍ଥାତ୍ ଦକ୍ଷିଣ-କୋଶଳରେ ସୋମବଂଶୀ ଭଞ୍ଜ, ନାଗ ପ୍ରଭୃତି ରାଜାମାନଙ୍କ ବ୍ୟବହୃତ ଲିପିରେ ଉତ୍ତର-ଭାରତୀୟ ଶୈଳୀର ପ୍ରଭାବ ପଡିଥିବା ଦେଖାଯାଏ । ପୂର୍ବ-ଭାରତୀୟ ଶୈଳୀ ଭୌମମାନଙ୍କର ବ୍ୟବହୃତ ଅନୁଶାସନ ଗୁଡିକରେ ପରିଦୃଷ୍ଟ ହୁଏ । ସଂକ୍ଷେପରେ କହିବାକୁ ଗଲେ, ଭାରତୀୟ ବର୍ଣ୍ଣମାଳାର ପ୍ରାଚୀନ ଆକୃତି କାଳକ୍ରମେ ପ୍ରାଦେଶିକ ଭେଦରେ ବଦଳିଯିବା ସଙ୍ଗେ ସଙ୍ଗେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଏପରି ଲିପିର ଭେଦ ଘଟିଥିଲା ।’’

ଏହି ସମୟରେ ଲିପି ପ୍ରୟୋଗ କ୍ଷେତ୍ରରେ ଯେଉଁ ପରୀକ୍ଷାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା, ତାର ଏକ ବିଚିତ୍ର ଦୃଷ୍ଟାନ୍ତ ହେଉଛି ଯେ ଅନନ୍ତବର୍ମ ଦେବଙ୍କ ମଣ୍ଡାସା ତାମ୍ରଶାସନରେ (ଖ୍ରୀ: ୯୯୯) ବ୍ୟବହୃତ ସର୍ବମୋଟ ୭୩୮ଟିଅକ୍ଷର ମଧ୍ୟରୁ ୧୯୯ଟି ଦକ୍ଷିଣ-ନାଗରୀ, ୫୯ଟି ତେଲଗୁ, ୧୦୧ଟିଗ୍ରନ୍ଥ, ୧୫୭ଟି ଓଡ଼ିଆ ଏବଂ ଅବଶିଷ୍ଟାଂଶ କଳିଙ୍ଗ ଗଙ୍ଗମାନଙ୍କ ବ୍ୟବହୃତ ଲିପି ସଦୃଶ । ସ୍ଥୂଳତଃ ଏହି ସମୟରେ ବିଭିନ୍ନ ଲିପିର ଆଦର୍ଶରେ ଓଡ଼ିଆ ବର୍ଣ୍ଣମାଳାର ଯଥାର୍ଥ ଓ ସୁନ୍ଦର ଉଲ୍ଲେଖ ନିମନ୍ତେ ସର୍ବବିଧ ପରୀକ୍ଷା ଓ ପ୍ରୟୋଗ ଆରମ୍ଭ ହୋଇଥିଲା । ଧ୍ୱନିତାତ୍ତ୍ୱିକ ଦୃଷ୍ଟିକୋଣରୁ ଳ-ଲ, ଯ-ୟ, ବ-ୱ ମଧ୍ୟରେ ଭେଦ ପ୍ରଦର୍ଶନ ପାଇଁ ବିଶିଷ୍ଟ ଆଭୂଷଣ ପ୍ରୟୋଗ ରଚନା-ସୌନ୍ଦର୍ଯ୍ୟ ଓ ସ୍ଥାୟିତ୍ୱବୃଦ୍ଧି ଦୃଷ୍ଟିରୁ ଶୀର୍ଷ-ମୁଣ୍ଡଳୀ ଓ କୁଟିଳ ରେଖାବିନ୍ୟାସ, ସୌନ୍ଦର୍ଯ୍ୟବୃଦ୍ଧି ଓ ଧ୍ୱନିଗତ ସ୍ୱାତନ୍ତ୍ର୍ୟ ପ୍ରକାଶ ପାଇଁ ପୁଚ୍ଛ ସଂଯୋଜନ ଆଦି କେତେକ ଚାରିତ୍ରିକ ବୈଶିଷ୍ଟ୍ୟର ପ୍ରଚଳନ ହୋଇଥିଲା । ଅନୁମାନ କରାଯାଏ, ତୋଷଳୀର ଭୌମବଂଶୀୟ ରାଜାମାନେ ପ୍ରଥମେ ପୁଚ୍ଛର

ପ୍ରୟୋଗ ଆରମ୍ଭ କରିଥିଲେ ଏବଂ କୋଶଳୋତ୍କଳର ସୋମବଂଶୀ ରାଜାମାନେ କୁଟିଳାକ୍ଷର ବହୁଳ ପ୍ରଚାର କରିଥିଲେ । ପରବର୍ତ୍ତୀ କାଳରେ ଏହି ପୁଚ୍ଛ ଓ କୁଟିଳ ରେଖା ବ୍ୟାପକ ଉଦ୍ଦେଶ୍ୟରେ ଓଡ଼ିଆ ଲିପିରେ ସଂରକ୍ଷିତ ହୋଇଥିଲା ।

ଐତିହାସିକ କାରଣରୁ ତଥା ଶୈଳୀଗତ ସମତା ଦୃଷ୍ଟିରୁ ଓଡ଼ିଆ ଲିପି ମୁଖ୍ୟତଃ ଚାରୋଟି ଭାରତୀୟ ଲିପି ସହିତ ତୁଳନୀୟ–ତାମିଲ ଓ ତେଲଗୁ, ବଙ୍ଗଳା ଏବଂ ନାଗରୀ । ଓଡ଼ିଆ ଲିପିର କ୍ରମବିକାଶ ସମ୍ବନ୍ଧରେ ସୁସ୍ପଷ୍ଟ ଧାରଣା ଦେବା ଏକ ଦୁରୁହ ବ୍ୟାପାର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ତଥାପି ଆଜି ସୁଦ୍ଧା ଯେତିକି ଐତିହାସିକ ଉପାଦାନ ମିଳିଛି, ତା'ରି ସାହାଯ୍ୟରେ ଓଡ଼ିଆ ଲିପିର କ୍ରମବିକାଶ ସମ୍ବନ୍ଧରେ ଏକ ଧାରଣା କରାଯାଇ ପାରେ ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ସମ୍ରାଟ୍ ଅଶୋକ କଳିଙ୍ଗ ଜୟ କରି ଧଉଳି ଓ ଜଉଗଡରେ ଯେଉଁ ଲିପିରେ ଧର୍ମାନୁଶାସନ ଖୋଦନ କରିଥିଲେ, ତାହା ହିଁ ହେଉଛି ଓଡ଼ିଶାର ପ୍ରାଚୀନତମ ଲିପି । ଉକ୍ତ ଲିପିକୁ ପଣ୍ଡିତମାନେ 'ବ୍ରାହ୍ମୀ' ଲିପି ନାମରେ ଅଭିହିତ କରିଛନ୍ତି ।

ଓଡ଼ିଶାରେ ଅଶୋକଙ୍କ ପରବର୍ତ୍ତୀ କାଳରେ ଯେଉଁ ଲିପି ବ୍ୟବହୃତ ହୋଇଛି, ତନ୍ମଧ୍ୟରେ ମହାମେଘବାହନ ଖାରବେଳଙ୍କ ସମୟରେ ଖୋଦିତ ଉଦୟଗିରିର ହାତୀଗୁମ୍ଫା ଲିପି ହିଁ ପ୍ରାଚୀନତମ । ଏହି ଲିପିକୁ 'ବ୍ରାହ୍ମୀ' ଲିପି ନାମରେ ଅଭିହିତ କରାଯାଉଥିଲେ ହେଁ ଏହାର ଆକୃତି ଅଶୋକ କାଳୀନ ଲିପି ଖୋଦନ ପ୍ରଣାଳୀ ଠାରୁ କେତେକ ପରିମାଣରେ ଭିନ୍ନ ଥିବାର ପରିଲକ୍ଷିତ ହୁଏ । ଗୋଟିଏ ବିଷୟ ବିଶେଷ ଲକ୍ଷ୍ୟ କରିବାର କଥା ଯେ, ଓଡ଼ିଶାରେ ଲିପିର ଆରମ୍ଭ ଯୁଗରୁ ଆଜି ସୁଦ୍ଧା 'ଠ' ଅକ୍ଷରର ଆକୃତିରେ କୌଣସି ପରିବର୍ତ୍ତନ ଘଟିନାହିଁ ।

ଖ୍ରୀ:ଅ: ଚତୁର୍ଥ ଶତାବ୍ଦୀଠାରୁ ଆରମ୍ଭ କରି ଷଷ୍ଠ ଶତାବ୍ଦୀ ସୁଦ୍ଧା ଓଡ଼ିଶାର ମାଠରବଂଶୀୟ ରାଜାମାନଙ୍କ ଦ୍ୱାରା କେତେଗୁଡ଼ିଏ ଦାନପତ୍ର ଦିଆଯାଇ, ସେଥିରେ ଆଞ୍ଚଳିକ ଲିପିର ବ୍ୟବହାର କରାଯାଇଥିଲା । ସେହି ବଂଶର ବିଶାଖବର୍ମା, ଭଗବର୍ମା ଆଦି ରାଜାମାନେ ଯେଉଁ ଦାନପତ୍ର ଦେଇଛନ୍ତି, ସେଥିରୁ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀଠାରୁ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ବ୍ୟବହୃତ ଲିପିର ଆକୃତି ସମ୍ବନ୍ଧରେ କେତେକ ଧାରଣା କରିହୁଏ । ଉକ୍ତ ଲିପି ସହିତ ଗୁପ୍ତବଂଶୀୟ ସମ୍ରାଟ ସମୁଦ୍ରଗୁପ୍ତଙ୍କ ପ୍ରୟାଗ ସ୍ତମ୍ଭଲିପିର ସାମଞ୍ଜସ୍ୟ ଥିବାରୁ ତାହାକୁ 'ଗୁପ୍ତଲିପି' ନାମରେ ନାମିତ କରାଯାଇପାରେ ।

ମାଠର ରାଜାମାନଙ୍କ ଅମଳରେ ବ୍ୟବହୃତ ଲିପିରେ କ, ଖ, ଗ, ଗ, ଣ, ଥ, ପ, ଷ – ଏହି ଆଠୋଟି ଅକ୍ଷରର ଆକୃତି ଆଧୁନିକ ଓଡ଼ିଆ ଲିପିରେ ବ୍ୟବହୃତ କ, ଖ, ଗ, ଘ, ଣ, ତ, ପ, ଷ ସହିତ କେତେକାଂଶରେ ମିଶିଯାଉଛି । କାଳର ବିବର୍ତ୍ତନ ତଥା ଲେଖନ ପ୍ରଣାଳୀର ପରିବର୍ତ୍ତନ ଫଳରେ ଆଧୁନିକ ଅକ୍ଷରଗୁଡିକର ଆକୃତି ଯାହା ସମ୍ଭବ ହୋଇପାରିଛି, ଆଜକୁ ପ୍ରାୟ ଷୋଳଶହ ବର୍ଷ ପୂର୍ବେ ସେ ଧରଣର ଉନ୍ନତି ଆଶା କରାଯାଇ ନ ପାରେ । ଏଥିରୁ ଅନୁମାନ କରାଯାଇ ପାରେ ଯେ, ଖ୍ରୀଷ୍ଟୀୟ ଚତୁର୍ଥ ପଞ୍ଚମ ଶତାବ୍ଦୀ ବେଳକୁ ଓଡ଼ିଆ ଲିପିର ମୂଳଭିତ୍ତି ଆରମ୍ଭ ହୋଇଥିଲା ।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀଠାରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଦକ୍ଷିଣ କୋଶଳ ଓ କଳିଙ୍ଗରେ 'ପେଟିକା ଶୀର୍ଷକ' (Boxheaded) ଲିପି ପ୍ରଚଳିତ ଥିଲା । ଏ' ପ୍ରକାର ଲିପିର ବ୍ୟବହାର ସର୍ବପ୍ରଥମେ ବାକାଟକବଂଶୀୟ ମହାରାଜା ପ୍ରବରସେନ (୨ୟ)ଙ୍କ ପ୍ରଦତ୍ତ ତାମ୍ରଫଳକରେ ଦେଖିବାକୁମିଳେ । ତା'ପରେ ନନ୍ଦବଂଶୀୟ ରାଜା ଭଗଦତ୍ତ ବର୍ମା, ଶରଭପୁରୀୟ ରାଜା ସୁଦେବରାଜ ଏବଂ ତାଙ୍କ ପରବର୍ତ୍ତୀ ଯୁଗରେ ଦକ୍ଷିଣ କୋଶଳର ଶ୍ରୀପୁରଠାରୋ ଶାସନ କରୁଥିବା ପାଣ୍ଡୁବଂଶୀୟ ରାଜା ମହାଶିବ ଚିବର ଦେବଙ୍କ ପ୍ରଦତ୍ତ ତାମ୍ରଫଳକ ଓ ସ୍ୱର୍ଣ୍ଣମୁଦ୍ରାରେ ମଧ୍ୟ 'ପେଟିକା ଶୀର୍ଷକ' ଲିପି ବ୍ୟବହୃତ ହୋଇଥିଲା ।

ପୂର୍ବୋକ୍ତ ଚିବର ଦେବଙ୍କ ସମସାମୟିକ କଳିଙ୍ଗର ଗଙ୍ଗବଂଶୀୟ ରାଜା ଇନ୍ଦ୍ରବର୍ମା, ସାମନ୍ତବର୍ମା ଓ ହସ୍ତୀବର୍ମାଙ୍କ ଦାନପତ୍ରରେ ଏହି 'ପେଟିକାଶୀର୍ଷକ' ଲିପିର ବ୍ୟବହାର ଦେଖାଯାଏ । ଏହି ସମୟରେ ଓଡ଼ିଶାର ଦକ୍ଷିଣ–ପଶ୍ଚିମାଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳରେ ପ୍ରସ୍ତୁତ ଲିପିର ପ୍ରଚଳନ ସମ୍ବନ୍ଧରେ କୌଣସି ପ୍ରମାଣ ଉପଲବ୍ଧ ହୁଏ ନାହିଁ ।

ପ୍ରୋକ୍ତ 'ପେଟିକାଶୀର୍ଷକ' ଲିପି ସହିତ ଆଧୁନିକ ଓଡ଼ିଆ ଲିପିର ବିଶେଷ ସାମଞ୍ଜସ୍ୟ ନଥିଲେ ମଧ୍ୟ ଏ, ଗ, ଚ, ଠ, ଧ, ନ, ବ ଆଦି ବର୍ଣ୍ଣମାଳାର ଗଠନଶୈଳୀ ଉପରେ 'ପେଟିକାଶୀର୍ଷକ' ଲିପିର ପ୍ରଭାବ କେତେକାଂଶରେ ପଡିଛି ।

ଖ୍ରୀଷ୍ଟୀୟ ସପ୍ତମ ଅଷ୍ଟମ ଶତାବ୍ଦୀ ପରେ ପରେ, ଭାରତର ବିଭିନ୍ନ ଅଞ୍ଚଳରେ ପ୍ରାଦେଶିକ ଭାଷାର ଅୟମାରମ୍ଭ ହୋଇଥିଲା । ତେଣୁ ସେ ସମୟର ଲିପି ଉପରେ ମଧ ଆଞ୍ଚଳିକ ପ୍ରଭାବ ଊଣା ଅଧିକେ ପରିଲକ୍ଷିତ ହେଲା । ସେହିପରି ପରିପ୍ରେକ୍ଷୀରେ ଭାରତୀୟ ଲିପିଗୁଡିକ ଉତ୍ତରାଞ୍ଚଳୀୟ ଲିପି ଓ ଦକ୍ଷିଣାଞ୍ଚଳୀୟ ଲିପି ଭେଦରେ ଦୁଇ ଭାଗରେ ବିଭକ୍ତ ହୋଇଥିବାର ଦେଖାଯାଏ । ସେ ସମୟରେ ଅଞ୍ଚଳରେ ବ୍ୟବହୃତ ଲିପି ମଧରେ ଏତେ ପାର୍ଥକ୍ୟ ପରିଲକ୍ଷିତ ହେଲା ଯେ, ତାହା ଗୋଟିଏ ପ୍ରାଚୀନ ଲିପିର ଦୁଇଟି ଆଞ୍ଚଳିକ ଶାଖା ବୋଲି କହିବାକୁ ଲିପିତତ୍ତ୍ୱ ବିଦ୍‌ମାନେ କୁଣ୍ଠା ବୋଧକଲେ ।

ସେତିକିବେଳେ କଳିଙ୍ଗ ତଥା ଉତ୍କଳର ଶାସନ କ୍ଷମତା ଅତ୍ୟନ୍ତ ଦୃଢ଼ୀଭୂତ ହୋଇଥିବାରୁ, ଭାରତର ରାଜନୈତିକ କ୍ଷେତ୍ରରେ ଏ ଦୁଇ ରାଜ୍ୟର ପ୍ରତିପତ୍ତି ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା । ତେଣୁ ଦୁଇ ରାଜ୍ୟର ଲିପି ତଥା ବର୍ଣ୍ଣମାଳାରେ ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଅନେକ ପାର୍ଥକ୍ୟ ପରିଦୃଷ୍ଟ ହେଲା । ଗଙ୍ଗବଂଶୀୟ ରାଜାମାନେ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀ ସୁଦ୍ଧା କଳିଙ୍ଗରେ ଯେଉଁ ଲିପିର ବ୍ୟବହାର କରୁଥିଲେ, ତାହା ଦକ୍ଷିଣ ଓ ଉତ୍ତର ଭାରତୀୟ ବର୍ଣ୍ଣମାଳାର ଏକ ସମ୍ମିଳିତ ରୂପ ବୋଲି ପ୍ରଖ୍ୟାତ ଲିପିତତ୍ତ୍ୱବିଦ୍‌ମାନେ ମତ ପୋଷଣ କରନ୍ତି । ଆଧୁନିକ ଓଡ଼ିଶାର ପୂର୍ବୋତ୍ତର ଅଞ୍ଚଳରେ ରାଜତ୍ୱ କରୁଥିବା ଭୌମକର, ତୁଙ୍ଗ, ଶୁଲ୍‌କି, ନନ୍ଦୋଦ୍ଭବ ବଂଶୀ ରାଜାମାନେ ଯେଉଁ ଲିପି ବ୍ୟବହାର କରି ନିଜ ନିଜ ବଂଶର ପ୍ରଶସ୍ତିମୂଳକ ଦାନପତ୍ରମାନ ପ୍ରଦାନ କଲେ ସେ ଲିପିର ପ୍ରଚଳନ ଦକ୍ଷିଣ ପଶ୍ଚିମାଞ୍ଚଳରେ ପ୍ରାୟ ଦେଖିବାକୁ ମିଳିଲା ନାହିଁ ଏବଂ ତା' ଉପରେ ପୂର୍ବ-ଭାରତରେ ବ୍ୟବହୃତ ଲିପିର ପ୍ରତ୍ୟକ୍ଷ ପ୍ରଭାବ ପଡିଥିଲା । କଳିଙ୍ଗର ରାଜାମାନେ ଯେଉଁ ଲିପି ବ୍ୟବହାର କରି ଦାନପତ୍ରମାନ ପ୍ରଦାନ କଲେ, ତାହା ଦକ୍ଷିଣ-ଭାରତର 'ବେଙ୍ଗୀ' ଆଦି ରାଜାମାନଙ୍କ ଦ୍ୱାରା ବ୍ୟବହୃତ ଲିପି ସହିତ ଅନେକ ପରିମାଣରେ ସାମଞ୍ଜସ୍ୟ ରକ୍ଷା କରିପାରିଥିଲା । ଠିକ୍ ସେହିପରି ଓଡ଼ିଶାର ପଶ୍ଚିମାଞ୍ଚଳ, ଅର୍ଥାତ୍ ଦକ୍ଷିଣ କୋଶଳର ସୋମ ତଥା ନାଗବଂଶୀୟ ରାଜାମାନଙ୍କ ଦ୍ୱାରା ବ୍ୟବହୃତ ଲିପିରେ ଉତ୍ତର ଭାରତୀୟ ଲିପିର ପ୍ରଭାବ ବିଶେଷ ଭାବରେ ପଡିଥିଲା ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଯେଉଁ ଲିପି ସେ ସମୟରେ ବ୍ୟବହୃତ ହେଉଥିଲା, ତା' ସହିତ ଆଧୁନିକ ଓଡ଼ିଆ ବର୍ଣ୍ଣମାଳାର କେଉଁ କେଉଁ ଅକ୍ଷରର ସାମଞ୍ଜସ୍ୟ ଅଧିକ ଥିଲା, ସେ ସମ୍ପର୍କରେ ବିଶେଷ ଅନୁଧ୍ୟାନ କରି ଲିପିତତ୍ତ୍ୱବିଦ୍ ପଦ୍ମଶ୍ରୀ ରାଜଗୁରୁ ଗୋଟିଏ ଲିପିମାଳା ପ୍ରସ୍ତୁତ କରିଛନ୍ତି । ସେହି ଲିପିମାଳାରୁ ଜଣାଯାଏ ଯେ, ଅନନ୍ତବର୍ମା ଚୋଡଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ଭାନୁଦେବ ତୃତୀୟ (ଖ୍ରୀ:ଅ: ୧୦୭୭-୧୩୭୮)ଙ୍କ ରାଜତ୍ୱ ପର୍ଯ୍ୟନ୍ତ ଦାନପତ୍ରରେ ବ୍ୟବହୃତ ଲିପି ସହିତ ଆଧୁନିକ ଓଡ଼ିଆ ଲିପିର ''ଅ, ଆ, ଉ, କ, ଘ, ଜ, ଟ, ଡ, ତ, ଦ, ଧ, ନ, ବ, ଭ, ଯ, ର, ଳ, ସ, ହ'' ପ୍ରଭୃତି ସହ ଆଂଶିକ ସାମଞ୍ଜସ୍ୟ ଏବଂ ''ଏ, ଐ, ଓ, ଔ, କ,ଗ, ଠ, ଣ, ଥ, ପ, ଫ, ଶ, ଷ, କ୍ଷ'' ସହିତ ପୂର୍ଣ୍ଣ ସାମଞ୍ଜସ୍ୟ ରହିଛି ।

ଗଙ୍ଗବଂଶୀୟ ରାଜା ନରସିଂହ ଦେବ ଚତୁର୍ଥଙ୍କ (ଖ୍ରୀ: ଅ: ୧୩୭୮-୧୪୧୪) ଅମଳରେ ଯେଉଁ ଲିପି ଦାନପତ୍ର ଗୁଡିକରେ ବ୍ୟହୃତ ହୋଇଛି, ସେଥିମଧ୍ୟରୁ ''ଚ, ଛ, ଜ, ଭ, ସ'' ବ୍ୟତୀତ ଅନ୍ୟ ସମସ୍ତ ଅକ୍ଷରରେ ଆଧୁନିକ ଓଡ଼ିଆ ବର୍ଣ୍ଣମାଳାର ସ୍ପଷ୍ଟ ରୂପ ପ୍ରକଟିତ ହୋଇଛି, ଅର୍ଥାତ୍ ଉକ୍ତ ବର୍ଣ୍ଣମାଳାର ଆକୃତିକୁ ସାମାନ୍ୟ ପରିବର୍ତ୍ତନ କରି ଆଧୁନିକ ବର୍ଣ୍ଣମାଳାରୂପେ ବ୍ୟବହାର କରାଯାଇପାରେ ।

ଖ୍ରୀ:ଅ: ୧୪୩୫ ପରେ, ଅର୍ଥାତ୍ ସୂର୍ଯ୍ୟବଂଶର ରାଜତ୍ୱ ସମୟରେ, ଯେଉଁ ଲିପି ଓଡ଼ିଶାରେ ବ୍ୟବହୃତ ହେଉଥିଲା ତାହାକୁ ପଦ୍ମଶ୍ରୀ ରାଜଗୁରୁ 'ପ୍ରତ୍ନ ଓଡ଼ିଆ ଲିପି' ବୋଲି ମତ ଦିଅନ୍ତି । ମାତ୍ର ତତ୍କାଳୀନ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ଯେ, ସେତେବେଳେ ଦୁଇ ପ୍ରକାର ଲିପି ଓଡ଼ିଶାରେ ବ୍ୟବହୃତ ହେଉଥିଲା । ବିଜ୍ଞ ପଣ୍ଡିତ ସମାଜ 'ପ୍ରତ୍ନ ଓଡ଼ିଆ' ଲିପିର ପ୍ରଚଳନ କରୁଥିବାବେଳେ ସାଧାରଣ ଜନତା ବିଶୁଦ୍ଧ ଓଡ଼ିଆ ଲିପି ବ୍ୟବହାର କରୁଥିଲେ । କାରଣ କପିଳେନ୍ଦ୍ର ଦେବ ଗଜପତିଙ୍କ ସମୟ ବେଳକୁ ଶୂଦ୍ରମୁନି ସାରଳାଦାସଙ୍କ ବିଶାଳ ଗ୍ରନ୍ଥ ମହାଭାରତ, ସପ୍ତକାଣ୍ଡ ରାମାୟଣ, ଚଣ୍ଡୀପୁରାଣ ଆଦିର ରଚନା ଆରମ୍ଭ ହୋଇଥିଲା ଏବଂ ତତ୍‌ପୂର୍ବରୁ 'ନାଥ ସାହିତ୍ୟ' ଓ 'ସିଦ୍ଧ

ସାହିତ୍ୟ' ଆଦିର ବିକାଶ ହୋଇ ସାରିଥିଲା । ସେତେବେଳେକୁ ଓଡ଼ିଆ ଲିପିର ବିକାଶ ସମ୍ଭବ ହୋଇ ନ ଥିଲେ, ସାହିତ୍ୟ-ଜଗତରେ ଏତେ ବଡ଼ଗ୍ରନ୍ଥ ରଚନା କିପରି ସମ୍ଭବ ହୋଇଥାନ୍ତା । ଗଜପତି ରାଜତ୍ୱ ସମୟରେ ପ୍ରଦତ୍ତ ଅନେକ ଶିଳାଲେଖ ଓ ତାମ୍ରଫଳକରେ ପୂର୍ଣ୍ଣ ବିକଶିତ ଓଡ଼ିଆ ଲିପିର ପ୍ରମାଣ ମିଳୁଛି । ତେଣୁ ନିଃସନ୍ଦେହରେ କୁହାଯାଇ ପାରେ ଯେ, ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଲିପି ପୂର୍ଣ୍ଣ ବିକଶିତ ଅବସ୍ଥାରେ ଉପନୀତ ହୋଇଥିଲା ।

## ତାଳପତ୍ର ପୋଥିରେ ଓଡ଼ିଆ ଲିପି

ଓଡ଼ିଶାରେ ଆଜିସୁଦ୍ଧା ଯେତେ ତାଳପତ୍ର ପୋଥି ମିଳିଛି, ସେଗୁଡ଼ିକରେ ବର୍ତ୍ତୁଳାକୃତି ଅକ୍ଷର ବ୍ୟବହୃତ ହୋଇଛି । ଏହି ବର୍ତ୍ତୁଳାକୃତି ଅକ୍ଷରର ଆରମ୍ଭ କେବେ ହେଲା ସେ ସମ୍ବନ୍ଧରେ ଲିପିତତ୍ତ୍ୱବିଦ୍‌ମାନେ କେତେକ ନିଶ୍ଚିତ ଧାରଣା ଉପସ୍ଥାପିତ କରନ୍ତି ।

ସୁଦୂର ଦକ୍ଷିଣ-ଭାରତରେ ଅଶୋକୋତ୍ତର ଯୁଗରେ 'ବଟ୍ଟେଲୁତ୍ତୁ' ନାମରେ ଏକ ପ୍ରାଚୀନ ଲିପି ବ୍ୟବହୃତ ହେଉଥିଲା । ଉକ୍ତ 'ବଟେଲୁତ୍ତୁ' ଶବ୍ଦର ଅର୍ଥ 'ବର୍ତ୍ତୁଳତ୍ୱ' । ସେହି ବର୍ତ୍ତୁଳାକୃତି ଅକ୍ଷରଗୁଡ଼ିକୁ ତାଳପତ୍ର ଉପରେ ଲେଖିବା ଅଧିକ ସହଜସାଧ୍ୟ କାରଣ 'ବ୍ରାହ୍ମୀ ଲିପି'ର କୋଣଯୁକ୍ତ ଅକ୍ଷରଗୁଡ଼ିକ ତାଳପତ୍ରରେ ଲେଖାଯିବା ଆଦୌ ସହଜନୁହେଁ । ସେହି ଦୃଷ୍ଟିରୁ ତାଳପତ୍ରରେ ବଟ୍ଟେଲୁତ୍ତୁ ଅକ୍ଷର ଲେଖାଯିବା ପଦ୍ଧତି ଦାକ୍ଷିଣାତ୍ୟରେ ପ୍ରଥମେ ବ୍ୟବହୃତ ହୋଇଥିଲା । ବିଶେଷତଃ ଦାକ୍ଷିଣାତ୍ୟରେ ତାଳପତ୍ରର ସୁଲଭତା ଲିପିତତ୍ତ୍ୱବିତ୍‌ଙ୍କ ଉଦ୍ୟମକୁ ଅଧିକ ସାହାଯ୍ୟ କରିଥିଲା ।

ଓଡ଼ିଶାରେ ଲେଖନର ଆଧାରରୂପେ ତାଳପତ୍ର କେବେ ବ୍ୟବହୃତ ହେଲା ସେ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳିନାହିଁ । ପଦ୍ମଶ୍ରୀ ରାଜଗୁରୁଙ୍କର ଏକ ଆଲୋଚନାରୁ ଜଣାଯାଏ ଯେ, ଓଡ଼ିଶାରେ ଶୈଳୋଦ୍ଭବ ରାଜାମାନଙ୍କ ସମୟ ବେଳକୁ ଲେଖନର ଆଧାରରୂପେ ତାଳପତ୍ରର ବ୍ୟବହାର ଆରମ୍ଭ ହେଲାଣି । କାରଣ ଶୈଳୋଦ୍ଭବ ବଂଶର ଏକ ପ୍ରଶସ୍ତି ତାଳପତ୍ରରୁ ଉଦ୍ଧୃତ ହୋଇଥିବାର ସେ ଅନୁମାନ କରନ୍ତି ।

ଆହୁରି ମଧ୍ୟ ଜଣାଯାଏ ଯେ, ଶୈଳୋଦ୍ଭବ ରାଜବଂଶ ସମୟରୁ ଓଡ଼ିଶାରେ ମନ୍ଦିର ନିର୍ମାଣ କଳାର ବିକାଶ ଆରମ୍ଭ ହୋଇଥିଲା । ଶିଳ୍ପୀମାନେ ଗୋଟିଏ ମନ୍ଦିର ନିର୍ମାଣ କରିବା ପୂର୍ବରୁ ତାର ପ୍ରାରମ୍ଭିକ ନକ୍‌ସା ତାଳପତ୍ରରେ ପ୍ରସ୍ତୁତ କରି ପୃଷ୍ଠପୋଷକଙ୍କ ଅନୁମୋଦନ ଲାଗି ଉପସ୍ଥାପିତ କରୁଥିବେ ଏବଂ ମନ୍ଦିର ନିର୍ମାଣର ଆବଶ୍ୟକୀୟ ସାମଗ୍ରୀର ଅଟକଳ ମଧ୍ୟ ତାଳପତ୍ରରେ ଲେଖି ଯୋଜନା ପ୍ରସ୍ତୁତ କରୁଥିବେ । ତେଣୁ ଅନୁମାନ କରାଯାଏ ଯେ, ଖ୍ରୀଷ୍ଟୀୟ ଷଷ୍ଠ ସପ୍ତମ ଶତାବ୍ଦୀ ବେଳକୁ ତାଳପତ୍ର ଉପରେ ଓଡ଼ିଆ ଲିପିର ଲେଖନ ଆରମ୍ଭ ହୋଇଥିବ । ଅନ୍ୟାନ୍ୟ ପ୍ରମାଣ ମିଳିବା ପର୍ଯ୍ୟନ୍ତ ଆପାତତଃ ଏ'ପ୍ରକାର ଅନୁମାନ ଉପରେ ଆସ୍ଥା ସ୍ଥାପନ କରାଯାଇ ପାରେ ।

ଖ୍ରୀ: ଅ: ପଞ୍ଚଦଶ ଶତାବ୍ଦୀର ଶେଷ ଦଶକରୁ ଆରମ୍ଭ କରି ବିଂଶ ଶତାବ୍ଦୀର ପୂର୍ବାର୍ଦ୍ଧ ମଧ୍ୟରେ ଲିଖିତ ସହସ୍ର ସହସ୍ର ତାଳପତ୍ର ପୋଥି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛି । ଉକ୍ତ ତାଳପତ୍ରଗୁଡ଼ିକରେ ବ୍ୟବହୃତ ଲିପି ଏବଂ ଆଧୁନିକ ମୁଦ୍ରାଯନ୍ତ୍ର ସାହାଯ୍ୟରେ କାଗଜ ଉପରେ ଲିଖିତ ଲିପି ମଧ୍ୟରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୁଏ ।

ବର୍ତ୍ତମାନ ସୁଦ୍ଧା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ତାଳପତ୍ର ପୋଥି ମଧ୍ୟରେ କଟକ ଜିଲ୍ଲାର ଧର୍ମଶାଳା ଅଞ୍ଚଳରୁ ସଂଗୃହୀତ 'ଅଭିନବ ଗୀତଗୋବିନ୍ଦ' ନାମକୁ ତାଳପତ୍ର ପୋଥିଟି ପ୍ରାଚୀନତମ ବୋଲି ଐତିହାସିକ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର ମତ ଦିଅନ୍ତି । ଉକ୍ତ ପୋଥିରେ ପ୍ରଦତ୍ତ ପୁଷ୍ପିକାର ଆଲୋଚନା କରି ଶ୍ରୀଯୁକ୍ତ ମହାପାତ୍ର ତାହାକୁ ଗଜପତି ପୁରୁଷୋତ୍ତମ ଦେବଙ୍କ ୩୪ ଅଙ୍କ, ଅର୍ଥାତ୍ ଖ୍ରୀ:ଅ: ୧୪୯୩ର ନକଲ ବୋଲି ପ୍ରମାଣ କରିଛନ୍ତି ।

ଉକ୍ତ 'ଅଭିନବ ଗୀତଗୋବିନ୍ଦ' ପୋଥିରେ ଯେଉଁ ଓଡ଼ିଆ ଅକ୍ଷରମାନ ବ୍ୟବହୃତ ହୋଇଛି, ସେଥିରୁ ସ୍ପଷ୍ଟଭାବରେ ଜଣାଯାଏ ଯେ, ଆଧୁନିକ ଓଡ଼ିଆ ବର୍ଣ୍ଣମାଳା ଏବଂ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ବ୍ୟବହୃତ ବର୍ଣ୍ଣମାଳା ମଧ୍ୟରେ କେତେକ ତାରତମ୍ୟ ରହିଛି । ବିଶେଷତଃ

''ଅ, ଆ, ଧ, ନ୍ତ, ନ୍ଧ, ରୁ, ଦ୍ୟ, କୃ, ତ୍ର୍ୟ, ଊ, କ୍ତି, ତ୍ର'' ଆଦି କେତୋଟି ଅକ୍ଷର ସହିତ ଆଧୁନିକ ଅକ୍ଷରର କୌଣସି ସାମଞ୍ଜସ୍ୟ ନାହିଁ ।

ଅନ୍ୟାନ୍ୟ ତାଳପତ୍ର ପୋଥିଗୁଡିକରେ ମଧ୍ୟ ଓଡ଼ିଆ ଅକ୍ଷରର ଲେଖନ ପ୍ରଣାଳୀରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୁଏ । ବିଶେଷତଃ ''ଅ, ଆ, ର, ଌ, ଏ, କ, ଟ, ଦ, ଭ, ହ ତଥା ତ୍ୟ, ତ୍ତ୍ୱ, ଦ୍‌ଗ, ଦ୍ଦ, ଦ୍ଧ, କ୍ତ ଓ କ୍ମ ଆଦି ପୋଥି ଅକ୍ଷର ସହିତ ଆଧୁନିକ ଅକ୍ଷରର ବିଶେଷ ସମ୍ପର୍କ ନାହିଁ ।

ପୋଥି ଲେଖନ ପ୍ରଣାଳୀରେ ଗୋଟିଏ ବିଶେଷ ପାର୍ଥକ୍ୟ ପ୍ରତି ବୋଧହୁଏ ସାଧାରଣ ପାଠକଙ୍କର ଦୃଷ୍ଟି ପଡ଼େ ନାହିଁ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ଶହ ଶହ ତାଳପତ୍ର ପୋଥିର ଅକ୍ଷର ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ, ଅଞ୍ଚଳ ଭେଦରେ ଅକ୍ଷର ଲେଖନ ପ୍ରଣାଳୀର ଭେଦ ପରିଲକ୍ଷିତ ହୁଏ । ଆହୁରି ମଧ୍ୟ ସିଦ୍ଧହସ୍ତ ଲେଖକ ଓ ନବୀନ ଲେଖକଙ୍କ ଲେଖାରେ ମଧ୍ୟ ଅକ୍ଷରର ଆକୃତି ପରିବର୍ତ୍ତିତ ହୋଇଥିବାର ଦୃଷ୍ଟାନ୍ତ ବିରଳ ନୁହେଁ ।

ସାଧାରଣତଃ ସଂସ୍କୃତଜ୍ଞ ଲିପିକାରଙ୍କ ଲେଖାରେ ଲେଖନଗତ ପ୍ରମାଦ ପ୍ରାୟ ପରିଲକ୍ଷିତ ହୁଏ ନାହିଁ । କିନ୍ତୁ ଅନ୍ୟ ଲିପିକାରଙ୍କ ଲେଖାରେ ବର୍ଣ୍ଣାଶୁଦ୍ଧିର ମାତ୍ରା ବହୁଳ ଭାବରେ ଦେଖାଯାଏ ।

କେବଳ ରୁ, ରୂଓ ର ଅକ୍ଷରର ଲେଖନରେ ସିଦ୍ଧହସ୍ତ ଲେଖକ ତଥା ସାଧାରଣ ଲେଖକଙ୍କ ମଧ୍ୟରେ କିଛି ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । 'ରୁ ଓ ରୂ' କୁ ଉଭୟ ଧରଣର ଲେଖକ 'ର' ଓ 'ର' ରୂପେ ଉଲ୍ଲେଖ କରିଛନ୍ତି । ତେଣୁ ବର୍ଣ୍ଣାଶୁଦ୍ଧି ଦୃଷ୍ଟିରୁ 'ଋଷି'ଓ ରୁଚି ପାଇଁ ବ୍ୟବହାର କରାଯାଇଛି । ଠିକ୍ ସେହିପରି ଭାବରେ 'ଲୁ' ଅକ୍ଷରଟିକୁ ଅନେକ ପୋଥିରେ ସ୍ୱର 'ଌ' ରୂପେ ଲେଖାଯାଇଥିବାର ଦେଖାଯାଏ ।

ଖ୍ରୀଷ୍ଟାବ୍ଦ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରୁ ଓଡ଼ିଶାରେ 'କରଣି ଲିପି' ନାମରେ ଗୋଟିଏ ଲିପି ଆବିଷ୍କୃତ ହୋଇଛି । ଖୁବ୍ ସମ୍ଭବତଃ ଏହି ଲିପି ଓଡ଼ିଶାରେ ଇଂରେଜ ରାଜତ୍ୱର ଆରମ୍ଭରୁ ଅଦ୍ୟାବଧି କଚେରିରେ ନକଲକାରରୂପେ ପରିଚିତ ମୋହରିରମାନଙ୍କ ଦ୍ୱାରା ବ୍ୟବହୃତ ହେଉଛି । ବୋଧହୁଏ ଓଡ଼ିଆ ବର୍ଣ୍ଣମାଳାକୁ ଦ୍ରୁତଗତିରେ ଲେଖିବାର ଉଦ୍ୟମ ଫଳରେ 'କରଣି ଅକ୍ଷର' ସୃଷ୍ଟି ହୋଇଛି । ଓଡ଼ିଶାର ଅଧିକାଂଶ ସାକ୍ଷର ବ୍ୟକ୍ତି ଏ' ପ୍ରକାର ଲିପି ସହିତ ଆଦୌ ପରିଚିତ ନୁହଁନ୍ତି । କେବଳ ଜମିଦାରୀ ସିରସ୍ତା ଓ କଚେରିରେ କରଣି ଲିପି ପ୍ରଚଳନ ଥିବାର ଦେଖାଯାଏ । ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀ ପୂର୍ବରୁ ନକଲ କରାଯାଇଥିବା କୌଣସି ପୋଥିରେ 'କରଣି ଅକ୍ଷର' ଦେଖାଯାଏ ନାହିଁ । ତେଣୁ 'କରଣି ଲିପି'କୁ କେହି କେହି 'କଚେରି ଲିପି' ବୋଲି ନାମିତ କରିଛନ୍ତି ।

**ସଂକ୍ଷେପରେ, ଓଡ଼ିଆ ଲିପିର ଉତ୍ପତ୍ତି ଓ କ୍ରମବିକାଶ**

* ଉଚ୍ଚାରିତ ଧ୍ୱନିକୁ ଯେ ସାଇତି ରଖେ ତାହାକୁ ଲିପି କୁହାଯାଏ ।
* ଲିପ୍ୟତେ ଇତି ଲିପିଃ ।
* ଧ୍ୱନିର ଲିପିବଦ୍ଧ ରୂପ ବର୍ଣ୍ଣ ।
* ପ୍ରତ୍ନତାତ୍ତ୍ୱିକ ଆବିଷ୍କାରରୁ ଜଣାଯାଏ, ଖ୍ରୀ.ପୂ. ଦୁଇହଜାର ବର୍ଷ ପୂର୍ବେ ଲିପିର ପ୍ରଥମ ଉଦ୍ଭାବନ ହୋଇଥିଲା ।
* 'ଚିତ୍ରଲିପି' ଲିପିର ପ୍ରାଥମିକ ରୂପ ।
* ଲିପିତତ୍ତ୍ୱବିତ୍‌ମାନଙ୍କ ମତରେ ସୈନ୍ଧବ ଲିପି ହେଉଛି ଭାରତ ବର୍ଷରେ ଆବିଷ୍କୃତ ପ୍ରାଚୀନତମ ଲିପି ।

* ଏହାର ନମୁନା ତତ୍‌କାଳୀନ ମୃତ୍ତିକା ନିର୍ମିତମୁଦ୍ରା ଓ ଗୃହୋପକରଣମାନଙ୍କରୁ ମିଳିଥାଏ ।

* ଏହା ଚିତ୍ରଲିପି ଓ ଧ୍ୱନି ସାଙ୍କେତିକ ଲିପିର ମଧ୍ୟବର୍ତ୍ତୀ ଅବସ୍ଥା ।

* ଏହି ଲିପିଗୁଡ଼ିକ ସହିତ ପାରଂପରିକ ଲିପିର ସମ୍ପର୍କ ଲକ୍ଷ୍ୟ କରାଯାଏ ନାହିଁ ।

* ଏ ଯାବତ୍ ଏହି ଲିପିକୁ ପାଠକରିବା ସମ୍ଭବ ହୋଇନାହିଁ ।

* ଭାରତବର୍ଷରୁ ଆବିଷ୍କୃତ ଓ ପଠିତବ୍ୟ ଲିପିମାନଙ୍କ ମଧ୍ୟରେ ପ୍ରାଚୀନ ବ୍ରାହ୍ମୀଲିପି ହିଁ ହେଉଛି ସର୍ବ ପ୍ରଥମ ।

* ବ୍ରାହ୍ମୀଲିପି ପ୍ରଚଳନ ସମୟରେ ପଞ୍ଜାବ ଅଞ୍ଚଳରେ ଖରୋଷ୍ଠୀ ଲିପିର ବ୍ୟବହାର କରାଯାଉଥିଲା ।

* ମାତ୍ର ଏହି ଲିପି ଭାରତୀୟ ଲିପି ନ ଥିବାରୁ କ୍ରମେ ପରିତ୍ୟକ୍ତ ହୋଇଯାଇଥିଲା ।

* ତେଣୁ ଭାରତୀୟ ଗ୍ରନ୍ଥମାନଙ୍କରେ ମୁଖ୍ୟତଃ ବ୍ରାହ୍ମୀଲିପି ବ୍ୟବହୃତ ହେଉଥିଲା ।

* ଭାରତରେ ଲିଖିତ ଗ୍ରନ୍ଥମାନଙ୍କ ମଧ୍ୟରେ ଯାସ୍କଙ୍କ 'ନିରୁକ୍ତ', ପାଣିନୀଙ୍କ 'ଅଷ୍ଟାଧ୍ୟାୟୀ' ଓ ପତଞ୍ଜଳିଙ୍କ 'ମହାଭାଷ୍ୟ' ପ୍ରାଚୀନତମ ।

* ତେଣୁ ବ୍ରାହ୍ମୀଲିପିର ଉଦ୍ଭବ କାଳ ଖ୍ରୀ.ପୂ. ୫୦୦ ପୂର୍ବରୁ ହୋଇଥିଲା ।

* ବେଦ (ବ୍ରହ୍ମ)ର ସ୍ଥାୟୀତ୍ୱ ପାଇଁ ଏହି ଲିପିର ଉଦ୍ଭାବନ ହୋଇଥିବାରୁ ଏହାର ନାମ ବ୍ରାହ୍ମଲିପି ।

* ଭାରତୀୟ ଆର୍ଯ୍ୟଭାଷାରେ ଯେଉଁସବୁ ଲିପି ବ୍ୟବହାର ହେଉଛି, ସେ ସବୁର ମୂଳ ହେଉଛି ବ୍ରାହ୍ମୀଲିପି ।

* ତେଣୁ ଅନ୍ୟାନ୍ୟ ଭାରତୀୟ ଲିପି ପରି ଓଡ଼ିଆ ଲିପି ମଧ୍ୟ ବ୍ରାହ୍ମୀଲିପିର କ୍ରମବିବର୍ତ୍ତନ ରୂପ ।

**୧. ପ୍ରାଚୀନ ବ୍ରାହ୍ମୀଲିପି (ଖ୍ରୀ.ପୂ. ପଞ୍ଚମରୁ ଖ୍ରୀ.ପୂ. ୨ୟ ଶତାବ୍ଦୀ)**

* ଅଶୋକଙ୍କ ଅନୁଶାସନଗୁଡ଼ିକ ଏହି ଲିପିର ଲେଖା ହୋଇଛି ।

* ଖ୍ରୀ.ପୂ. ୩ୟରେ ଅଶୋକଙ୍କ ଦ୍ୱାରା ଖୋଦାୟିତ ଧଉଳି ଓ ଜଉଗଡ଼ର ଧର୍ମାନୁଶାସନଗୁଡ଼ିକରେ ଯେଉଁ ଲିପି ବ୍ୟବହୃତ ହୋଇଛି, ତାହାହିଁ ପ୍ରାଚୀନତମ ଓଡ଼ିଆ ଲିପି ।

* ପ୍ରାଚୀନ ବ୍ରାହ୍ମୀଲିପି ମୁଖ୍ୟତଃ ମୌର୍ଯ୍ୟ ଶାସନକାଳରେ ପ୍ରଚଳିତ ଥିବାରୁଏହାକୁ ମୌର୍ଯ୍ୟକାଳୀନ ବ୍ରାହ୍ମୀଲିପି ଭାବରେ ମଧ୍ୟ ଅଭିହିତ କରାଯାଇପାରେ ।

* ଏହି ଲିପିର ଅକ୍ଷରଗୁଡ଼ିକ ଉପରେ ବିନ୍ଦୁ ଯୋଗ କରିବା ପଦ୍ଧତି ନ ଥିଲା ।

* ପରବର୍ତ୍ତୀ କାଳରେ ଏହି ଲିପିର ସୌନ୍ଦର୍ଯ୍ୟବର୍ଦ୍ଧନ ନିମିତ୍ତ ବିନ୍ଦୁ ବା ଚୂଳ ଯୋଗ କରାଯାଇଥିଲା ।

* ପରେ କୌଣସି କୌଣସି ଲିପିକାରା ସରଳରେଖାଯୁକ୍ତ ବ୍ରାହ୍ମୀଲିପିକୁ କ୍ରମଶଃ ବକ୍ର ଓ ଗୋଲା କରି ଲେଖୁଥିଲେ ।

**୨. 'ବ୍ରାହ୍ମୀଲିପି'ର ଦ୍ୱିତୀୟ ସ୍ତର (କୁଶାଣ ଲିପି) (ଖ୍ରୀ.ପୂ.ପ୍ରଥମରୁ ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀ)**

* ବ୍ରାହ୍ମୀଲିପିରେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରାଗଲା ।

* ଏହିଲିପି ମୁଖ୍ୟତଃ କୁଶାଣ ଶାସନରେ ବ୍ୟବହୃତ ହେଉଥିବାରୁ ଏହାକୁ କୁଶାଣକାଳୀନ ବ୍ରାହ୍ମୀଲିପି ବୋଲି କୁହାଯାଏ ।

* ଖାରବେଳଙ୍କ ହାତୀଗୁମ୍ଫା (ଉଦୟଗିରି) ଶିଳାଲେଖ ।

* ବାଲେଶ୍ୱର ଜିଲ୍ଲା ଭଦ୍ରକରୁ ପ୍ରାପ୍ତ ରାଜାଗଣଙ୍କ ଅଭିଲେଖ (ଖ୍ରୀ.ୟ. ୪ର୍ଥ ଶତାବ୍ଦୀ) କୁଶାଣ ବ୍ରାହ୍ମୀଲିପିର ନମୁନା ।

**୩. ବ୍ରାହ୍ମୀଲିପିର ତୃତୀୟ ସ୍ତର (ଗୁପ୍ତଲିପି) (ଖ୍ରୀ.ୟ. ୪ର୍ଥ-୭ମ ସପ୍ତାବ୍ଦୀ)**

* ଉତ୍ତର ଭାରତର ଗୁପ୍ତ ସମ୍ରାଟବର୍ଗ ଓ ସମକାଳୀନ ରାଜାମାନଙ୍କ ଦ୍ୱାରା ଖୋଦାୟିତ ଶିଳାଲେଖ ଓ ତାମ୍ରଲେଖରେ କୁଶାଣ ବ୍ରାହ୍ମୀଲିପିର ବିକଶିତ ସ୍ତର ଦେଖିବାକୁ ମିଳେ ।

* ଗୁପ୍ତ ରାଜତ୍ୱକାଳରେ ଏହାର ପ୍ରଚଳନ ଥିବାରୁ ଏହାକୁ ଗୁପ୍ତଲିପି କୁହାଯାଏ ।

* ଏହି ସମୟର ଲିପିରେ ବ୍ୟବହୃତ କ, ଗ, ଣ, ଥ, ଦ ଏବଂ ଶ ପ୍ରଭୃତି ସହିତ ଆଧୁନିକ ଓଡ଼ିଆ ଅକ୍ଷରର ସାଦୃଶ୍ୟ ରହିଛି ।

* କଳାହାଣ୍ଡିରୁ ପ୍ରାପ୍ତ ମହାରାଜା ତୁଷ୍ଟିକରଙ୍କ ତାମ୍ରପତ୍ର (୪ର୍ଥ ଶତାବ୍ଦୀ) ।

* ଧର୍ମରାଜଙ୍କ ସୁମଣ୍ଡ ତାମ୍ରଶାସନ (୫୬୯-୭୦ ଖ୍ରୀ.ଅ.)

* ମହାରାଜା ଶମ୍ଭୁଯଶଙ୍କର ସୋରୋ ତାମ୍ର ଶାସନ (୫୭୯-୮୦ ଖ୍ରୀ.) ।

* ଲୋକ ବିଗ୍ରହଙ୍କର କଣାସ ତାମ୍ର ଶାସନ (୫୯୯ ଖ୍ରୀ.)

* ଶିବରାଜଙ୍କ ପଟିଆ ଜିଲ୍ଲା ତାମ୍ର ଶାସନ (୬୦୨ ଖ୍ରୀ.)

* ମାଧବ ବର୍ମାଙ୍କ ଗଞ୍ଜାମ ତାମ୍ର ଶାସନ (୬୨୦ଖ୍ରୀ.) ପ୍ରଭୃତିରେ ଏହି ଲିପିର ବ୍ୟବହାର ହୋଇଛି।

**୪. ଚତୁର୍ଥସ୍ତର**

**ମଧ୍ୟ ଯୁଗର କଳିଙ୍ଗ ଲିପି, ସୂକ୍ଷ୍ମକୋଣୀ ଲିପି, କଣ୍ଟକ ଶୀର୍ଷକ ଲିପି, କୀଳକଶୀର୍ଷକ ଲିପି, ସିଦ୍ଧ ମାତୃକା ଲିପି ବା କୁଟିଳ ଲିପି (୭ମରୁ ୧୧ଶ ଶତାବ୍ଦୀ)**

* ୭ମରୁ ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗରେ ଭଞ୍ଜ, ତୁଙ୍ଗ, ଶୁଳ୍‌କି, ବିଗ୍ରହ, ଭୌମ, ଶୈଳୋଦ୍‌ଭବ ଓ ଗଙ୍ଗ ଆଦି ରାଜବଂଶଙ୍କ ଶିଳାନୁଶାସନରେ ଯେଉଁ ଲିପି ବ୍ୟବହୃତ ହେଉଥିଲା ତାହାକୁ ମଧ୍ୟଯୁଗର କଳିଙ୍ଗ ଲିପି କୁହାଯାଏ ।

* ମଧ୍ୟଯୁଗୀୟ ଭାରତର ପୂର୍ବାଞ୍ଚଳରେ ଏହି ଲିପିର ପ୍ରଚଳନ ଲକ୍ଷ୍ୟ କରାଯାଏ ।

* ଏହି ଲିପିଗୁଡିକର ଶୀର୍ଷ ସୂକ୍ଷ୍ମକୋଣ, କଣ୍ଟକ, କୀଳକ ଅଥବା ସିଦ୍ଧମାତୃକା ଆକୃତି ଧାରଣ କରିଥିବାରୁ ଏହାକୁ ସୂକ୍ଷ୍ମକୋଣୀ, କଣ୍ଟକଶୀର୍ଷକ, କୀଳକ, ସିଦ୍ଧ ମାତୃକା ଆଦି ନାମରେ ଅଭିହିତ କରାଯାଇଛି ।

* ଏହି ଲିପି କ୍ରମଶଃ ସରଳରୁ କୁଟିଳା ହୋଇଥିବାରୁ ଏହାକୁ କୁଟିଳ ଲିପି ମଧ୍ଯ କୁହାଯାଏ ।

* କେହି କେହି ଏହାକୁ ପେଟିକା - ଶୀର୍ଷକ ନାମ ଦେଇଛନ୍ତି ।

* ମହାସାମନ୍ତ ମାଧବରାଜାଙ୍କ ଗଞ୍ଜାମ ତାମ୍ର ଲେଖ

* ସୈନ୍ୟଭୀତ ମାଧବ ରାଜାଙ୍କ ଖୋରଧା ତାମ୍ରଲେଖ

* ଶୁଭକରଙ୍କ ନେଉଳପୁର ଅଭିଲେଖ

* ଦାଣ୍ଡୀ ମହାଦେବୀଙ୍କ ଦୁଇଟି ଦାନପତ୍ର

* ବିଦ୍ୟାଧର ଭଞ୍ଜଙ୍କ ସନନ୍ଦ

* ନେଟ୍ଟ ଭଞ୍ଜଙ୍କ ତାମ୍ର ଶାସନ

* କଟକର ସୋମବଂଶୀ ରାଜାଙ୍କର ଅଭିଲେଖ

* ଦ୍ୱିତୀୟ ମହାଭବ ଗୁପ୍ତଙ୍କ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଦପଲ୍ଲୀ ଫଳକ ପ୍ରଭୃତିର ଏହି ଲିପି ବ୍ୟବହୃତ ହୋଇଛି ।

**୫. ପଞ୍ଚମସ୍ତର, ପ୍ରନ୍ନ ଓଡ଼ିଆ ଲିପି / ପ୍ରନ୍ନ ବଙ୍ଗୀୟ ଲିପି, ମାଗଧୀ ଲିପି, ଗୌଡି ଲିପି (୧୧ଶରୁ ୧୪ଶ ଶତାବ୍ଦୀ)**

* ଏହି ଲିପିମାଳାର ଆକୃତି ଆଧୁନିକ ଓଡ଼ିଆ ଲିପିମାଳା ସଙ୍ଗରେ ଅଧିକାଂଶ କ୍ଷେତ୍ରରେ ସମାନ ।

* ଅ, ଆ, ଇ, ଈ, ଉ, ଊ, ଏ, ଐ, ଓ, ଔ, କ, ଖ, ଗ, ଜ, ଠ, ତ, ଧ, ମ, ଯ, ର, ଳ, ଲ, ବ, ଶ, ଷ, ହ ପ୍ରଭୃତି ବର୍ଣ୍ଣଗୁଡିକ ନିର୍ଦ୍ଦିଷ୍ଟ ଆକୃତି ଲାଭ କରିସାରିଥିଲା ।

* ଡ. ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ସୋର ନିକଟସ୍ଥ ଗଣ୍ଡିବେଢ଼ା ଗ୍ରାମରୁ ପ୍ରାପ୍ତ ବୌଦ୍ଧ ପ୍ରତିମାର ପାଦଦେଶରେ ଲିଖିତ ଦୁଇଟି ପଂକ୍ତି ସର୍ବପ୍ରଥମ ପ୍ରନ୍ନ ଓଡ଼ିଆ ଲିପିର ବ୍ୟବହାର ।

* ପ୍ରନ୍ନ ଓଡ଼ିଆ ଲିପିର ଉଭୟ ଉତ୍ତର ଭାରତୀୟ ଓ ଦକ୍ଷିଣ ଭାରତୀୟ ଲିପି ସମନ୍ୱୟ ଘଟିଥିଲା ।

**୬. ପ୍ରାଚୀନ ଓଡ଼ିଆ ଲିପି (୧୪ଶରୁ ୧୬ଶ ଶତାବ୍ଦୀ)**

* ପ୍ରନ୍ନ ଓଡ଼ିଆର ପରବର୍ତ୍ତୀ ସ୍ତର

* ଏହା ନାଗରୀ ଲିପି ପ୍ରଭାବିତ ଲିପି

* ୧୩୯୫ରେ ଖୋଦିତ ଚତୁର୍ଥ ନରସିଂହ ଦେବଙ୍କ ପୁରୀ ଶଙ୍କରାନନ୍ଦ ମଠର ତାମ୍ରଫଳକ ସନନ୍ଦରେ ବ୍ୟବହୃତ ଲିପି, ନାଗରୀ ପ୍ରଭାବିତ ପ୍ରାଚୀନ ଓଡ଼ିଆ ଲିପି ।

* ୧୪୦୩ ଖ୍ରୀ.ରେ ଖୋଦିତ ଶ୍ରୀ କୁର୍ମେଶ୍ୱର ମନ୍ଦିର ଅଭିଲେଖର ଲିପି ଆଧୁନିକ ଦେବନାଗରୀ ଲିପିଦ୍ୱାରା ବହୁଳ ଭାବେ ପ୍ରଭାବିତ ।

* କେତେକ ଓଡ଼ିଆ ଅକ୍ଷର ସହିତ ନାଗରୀ ଅକ୍ଷରର ଏପରି ସାଦୃଶ୍ୟ ରହିଛି ଯେ, ଓଡ଼ିଆ ଅକ୍ଷର ଶୀର୍ଷ ଦେଶର ମୁଣ୍ଡଳୀ ପରିବର୍ତ୍ତେ ରେଖା ଟାଣିଦେଲେ ସେ ଗୁଡ଼ିକ ନାଗରୀ ଅକ୍ଷର ହୋଇଯିବ ଙ୍କ, ଧ, ମ ।

## ଆଧୁନିକ ଓଡ଼ିଆ ଲିପି (୧୬ଶରୁ ଅଦ୍ୟାବଧି)

ଓଡ଼ିଆ ଲିପିର ମୁଖ୍ୟତଃ ୪ଟି ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଏ ।

୧. ଶିରୋଦେଶରେ ଅର୍ଦ୍ଧବୃତ୍ତାକାର ମଣ୍ଡଳୀ (Top curve)

୨. ପୁଡ଼ା (loop)

୩. ପୁଚ୍ଛ (tail)

୪.	କୋଣହୀନ କୁଟିଳ ବକ୍ରରେଖା (curve)

* ଏହି ଆଧୁନିକ ଓଡ଼ିଆ ଲିପି ଦାକ୍ଷିଣାତ୍ୟର ତାମିଲ ବଟ୍ଟେଲୁତ୍ତୁ ବର୍ଣ୍ଣମାଳା ଅନୁକରଣରେ ସୃଷ୍ଟି ବୋଲି ଲିପି ତତ୍ତ୍ୱିତ୍‌ମାନେ ମତ ଦିଅନ୍ତି ।

* ଡ. ଖଗେଶ୍ୱର ମାହାପାତ୍ର ଏକ ତିବ୍ବତୀୟ ଧର୍ମଶାସ୍ତ୍ର ପୋଥି ଆବିଷ୍କାର କରିଛନ୍ତି, ଯହିଁରେ ୱାର୍ତ୍ତୁଲିପି ବ୍ୟବହୃତ ହୋଇଛି । ଓଡ଼ିଆ ବର୍ତ୍ତୁଳଲିପି ସହିତ ଏହାର ବହୁ ସାମଞ୍ଜସ୍ୟ ରହିଛି ।

ପୋଥିରେ ବ୍ୟବହୃତ ଇ, ଈ, ଏ, ଓ, କ, ଖ, ଗ, ଙ, ଚ, ଜ, ଟେ, ଠ, ଡ, ଢ଼, ଣ, ତ, ଥ, ଦ, ଧ, ନ, ପ, ଫ, ବ, ମ, ଯେ, ଳ, ଶ, ଷ, ସ, ଅବିକଳ ଓଡ଼ିଆ ପରି ଓ ଅ'ଆ ପ୍ରାଚୀନ ଓଡ଼ିଆ ଅକ୍ଷର ପରି ରହିଛି । ଅନୁସ୍ୱାର, ବିସର୍ଗ ଚିହ୍ନ ମଧ୍ୟ ଏଥିରେ ବ୍ୟବହୃତ ହୋଇଛି । ଅନେକ ସମୟରେ ବଙ୍ଗାଳୀମାନେ ସେମାନଙ୍କ ଜାତୀୟ ପ୍ରୀତି ପରବଶ ହୋଇ ଓଡ଼ିଆ ଲିପି ୧୬ଶ ଶତାବ୍ଦୀ ପରେ ବଙ୍ଗଳା ଲିପର ଉଦ୍‌ଭୂତ ହୋଇଛି ବୋଲି ମତ ଦେଇଥାନ୍ତି ।

"In the south the Bengaliscript was used through out Odisha. ××× The modern cursive Oriya script was developed out of the Bengali after the 15th Century A.D. like the modern Assamese." - 'The Origin of the Bengali script, 1919 - R.D. Banerjee'

ତେବେ ଓଡ଼ିଶାର ବହୁ ବିଶିଷ୍ଟ ଭାଷା ବିଜ୍ଞାନୀ ଏ ମତକୁ ଖଣ୍ଡନ କରିଛନ୍ତି । ଭାଷାବିତ୍ ଡ. ବାସୁଦେବ ସାହୁଙ୍କ ମତରେ ''ବାସ୍ତବତଃ ୧୦ମ ଶତାବ୍ଦୀ ବେଳକୁ ଓଡ଼ିଆ ଲିପି ବଙ୍ଗଳା ଲିପିଠାରୁ ସ୍ୱତନ୍ତ୍ର ମାର୍ଗରେ ଗତିକରି ବିକଶିତ ହୋଇଥିଲା ।'' – 'ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ, ପୃ. ୬୭'

ଗବେଷଣାରୁ ଜଣାଯାଏ, ଓଡ଼ିଆ ଲିପି ବିଶେଷ ଭାବରେ ନାଗରୀ, ଦକ୍ଷିଣ ନାଗରୀ (ଉତ୍ତର କାଳୀନ କଳିଙ୍ଗ ଲିପି), ତାମିଲ ଲିପି ଓ ତେଲଗୁ ଲିପି ଦ୍ୱାରା ପ୍ରଭାବିତ ହୋଇଥିଲା । ଯାହା ଫଳରେ ଉତ୍ତର ଭାରତୀୟ ଲିପି ପରି ଏହାର ଶିରୋଦେଶରେ ସାମନ୍ତରାଳ ରେଖା ନ ଥାଇ ଦକ୍ଷିଣ ଭାରତୀୟ ଲିପି ଅନୁକରଣରେ ବର୍ତ୍ତୁଳ ଆକାର ଧାରଣ କଲା । ମାତ୍ର ବଙ୍ଗଳା ଲିପିର ଶିରୋଦେଶରେ ସାମନ୍ତରାଳ ରେଖା ଲକ୍ଷ୍ୟ କରାଯାଏ । ଏହା ଉତ୍ତର ଭାରତୀୟ ଲିପିର ବୋଲି ଗ୍ରହଣ କରାଯାଇପାରେ । ବଙ୍ଗଳା ଓ ଓଡ଼ିଆ ଲିପିର ଅନ୍ୟ ଏକ ପ୍ରଭେଦଟି ହେଲା ବଙ୍ଗଳାର କେତେକ ଅକ୍ଷର କୋଣଯୁକ୍ତ ହେବା ବେଳେ ଓଡ଼ିଆରେ କୁଟିଳାକୃତି ହେଲା ଏବଂ ଅନ୍ୟ କେତେକ ବଙ୍ଗଳା ଅକ୍ଷରର ଉପରବାମ ଭାଗସ୍ଥ କ୍ଷୁଦ୍ର ତ୍ରିଭୂଜ ଓ ପୁଡ଼ା ପରିତ୍ୟକ୍ତ ହେଲା ବେଳେ ଓଡ଼ିଆ ଏହା ବ୍ୟବହୃତ ହୋଇଛି ।

ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଦାକ୍ଷିଣାତ୍ୟର 'ବଟ୍ଟେଲୁତ୍ତୁ' ଲିପି ହେଉଛି ତାମିଲ ଭାଷାର ଅଶୋକଙ୍କ ପରବର୍ତ୍ତୀ ଯୁଗର ବର୍ଣ୍ଣମାଳା । ତାହା ପ୍ରଧାନତଃ ତାଞ୍ଜୋର ଜିଲ୍ଲାର ଦକ୍ଷିଣରେ ପୁଣି ଦକ୍ଷିଣ ମାଲବାର ଏବଂ ଟ୍ରାବନକୋର ଜିଲ୍ଲାମାନଙ୍କରେ ପ୍ରଚଳିତ ଥିଲା । ଏ ଅଞ୍ଚଳଟି ପୂର୍ବେ ପାଣ୍ଡ୍ୟ ଓ ଚେର ବଂଶୀୟ ରାଜାମାନଙ୍କର ଶାସନାଧୀନ ଥିଲା । ଆଧୁନିକ ଓଡ଼ିଆ ବର୍ଣ୍ଣମାଳାର ପ୍ରଥମ ଦୁଇଟି ଅକ୍ଷର, ଅର୍ଥାତ୍ ଅ ଏବଂ ଆ ପୂର୍ବୀ ଉତ୍ତର ଭାରତୀୟ କୌଣସି ଲିପିରେ ନାହିଁ ।

ଦାକ୍ଷିଣାତ୍ୟ ପରି ଓଡ଼ିଶାରେ ତାଳପତ୍ର ସୁଲଭ ଥିବାରୁ ତାଳ ପତ୍ରରେ ଲେଖିବା ପରମ୍ପରା ଲକ୍ଷ୍ୟ କରାଯାଏ । ଶୈଳୋଦ୍ଭବ ରାଜବଂଶର ରାଜତ୍ୱକାଳର ଏକ ତାଳପତ୍ରରେ ରାଜକୀୟ ପ୍ରଶସ୍ତି ଲିଖିତ ହୋଇଥିବାର ପ୍ରମାଣ ମିଳିଛି । ଏହି ରାଜ ବଂଶର ରାଜତ୍ୱ କାଳରେ ଓଡ଼ିଶାରେ ମନ୍ଦିର ନିର୍ମାଣ କଳାର ବିକାଶ ଆରମ୍ଭ ହୋଇଥିଲା । ମନ୍ଦିର ନିର୍ମାଣ ପୂର୍ବରୁ ଶିଳ୍ପୀମାନେ ତାଳପତ୍ରରେ ସମ୍ଭବତଃ ନକ୍ସା ପ୍ରସ୍ତୁତି କରି ଅନୁମୋଦନ କାମନା କରୁଥିବେ । ଷଷ୍ଠ-ସପ୍ତମ ଶତାବ୍ଦୀ ବେଳକୁ ତାଳପତ୍ର ଉପରେ ଓଡ଼ିଆ ଲିପିର ମଧ୍ୟ ପ୍ରଚଳନ ହୋଇଥିବ ବୋଲି ଗବେଷକମାନେ ମତ ଦିଅନ୍ତି ।

**ସହାୟକ ଗ୍ରନ୍ଥ -**


୧. ଓଡ଼ିଆ ଲିପି ଓ ଭାଷା, ଡ. ଖଗେଶ୍ୱର ମହାପାତ୍ର (ଗ୍ରନ୍ଥମନ୍ଦିର, ୧୯୮୦)

୨. ଓଡ଼ିଆ ଲିପିର କ୍ରମ ବିକାଶ - ସତ୍ୟ ନାରାୟଣ ରାଜଗୁରୁ

୩. ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମ ବିକାଶ - ଡ. ବଂଶୀଧର ମହାନ୍ତି (ଫ୍ରେଣ୍ଡସ୍, ୧୯୯୨)

୪. ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ - ପଣ୍ଡିତ୍ ନୀଳମଣି ମିଶ୍ର


-୦-

# ପଞ୍ଚମ ୟୁନିଟ୍

# ଓଡ଼ିଆ ଭାଷା ଉପରେ ବିଭିନ୍ନ ଭାଷା ଗୋଷ୍ଠୀର ପ୍ରଭାବ

## ଓଡ଼ିଆ ଭାଷାରେ ଆଦିବାସୀ ଭାଷାର ପ୍ରଭାବ

ବର୍ତ୍ତମାନ ପୃଥିବୀରେ ପ୍ରାୟ ୬.୯୧୨ ଜୀବନ୍ତ ଭାଷା କଥିତ ହେଉଅଛି (Ethnologue, 2005 edition) ଏଗୁଡ଼ିକୁ କେତୋଟି ଭାଷା ପରିବାରରେ ଅନ୍ତର୍ଭୁକ୍ତ କରାଯାଇଥାଏ । ଏହି ଭାଷା ପରିବାରଗୁଡ଼ିକ ମଧ୍ୟରେ ୮ଟି ପରିବାର ମୁଖ୍ୟ । ଯଥା–ଇଣ୍ଡୋ-ୟୁରୋପୀୟ ବା ଇଣ୍ଡୋଜର୍ମାନିକ୍, ସେମିଟିକ୍-ହେମିଟିକ୍, ଫିନୋ-ଉଗ୍ରୀଆନ୍, ତୁର୍କୀ-ମଙ୍ଗୋଲ-ମାଞ୍ଚୁ, ଇଣ୍ଡୋ-ଚାଇନିଜ୍ ବା ଚିନୋ-ତିବ୍‌ବତାନ୍, ଦ୍ରାବିଡ଼, ବାଣ୍ଟୁ ଓ ଅଷ୍ଟ୍ରିକ୍ ଭାଷା ପରିବାର ।

ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଯଥା :- (କ) ଅଷ୍ଟ୍ରିକ୍ ପରିବାରୀୟ, (ଖ) ଦ୍ରାବିଡ ପରିବାରୀୟ ।

### (କ) ଅଷ୍ଟ୍ରିକ୍ ପରିବାରୀୟ -

ଅଷ୍ଟ୍ରେଲିଆ, ପୂର୍ବଭାରତ, ଦକ୍ଷିଣ ଭାରତ, ଚୀନର ଦକ୍ଷିଣ ପୂର୍ବାଞ୍ଚଳ, ଶ୍ୟାମ, ବ୍ରହ୍ମଦେଶ, ନିକୋବର, ଖାସୀ, ଜୟନ୍ତୀ, ପ୍ରଶାନ୍ତ ମହାସାଗରସ୍ଥ ଦ୍ୱୀପପୁଞ୍ଜ ପ୍ରଭୃତିର ପାର୍ବତୀ ଅଞ୍ଚଳରେ ଆଦିବାସୀମାନଙ୍କ ଦ୍ୱାରା କଥିତ ଭାଷାକୁ କୁହାଯାଏ ଅଷ୍ଟ୍ରିକ୍ ଭାଷା ପରିବାର । ସାଧାରଣତଃ ଅଷ୍ଟ୍ରେଲିଆ ଓ ଏସିଆ ମହାଦେଶର ବିଭିନ୍ନ ଅଞ୍ଚଳରେ ଏହି ଭାଷା କଥିତ ହେଉଥିବାରୁ ଏହାକୁ ଆଧୁନିକ ଭାଷାବିତ୍‌ମାନେ ଅଷ୍ଟ୍ରୋଏସିଆଟିକ୍ ଭାଷା। ପରିବାର ନାମରେ ମଧ୍ୟ ଅଭିହିତ କରିଛନ୍ତି । ଏହାର ଅନ୍ୟ ଏକ ନାମ ଆଗ୍ନେୟ ପରିବାର ।

ମାଲୟୀ, ନିକୋବରୀ, ମନ୍‌ଖ୍ମେର, ପଲୌଗ, ୱା, ଖାସୀ, ଜାଭାନିଜ, ବାଲିନିଜ୍ ଫର୍ମୋଜାନ୍, ଫିଲପାଇନିଜ୍, ମୁଣ୍ଡା ପ୍ରଭୃତି ହେଉଛି ଅଷ୍ଟ୍ରିକ୍ ପରିବାରର ଉଲ୍ଲେଖଯୋଗ୍ୟ ଭାଷା । ଏଗୁଡିକ ମଧ୍ୟରେ ମୁଣ୍ଡା ହେଉଛି ଅଧିକ ଉନ୍ନତ ଭାଷା ଓ ଏହା ଉପରେ ଅଧିକ ଭାଷାତାତ୍ତ୍ୱିକ ଅଧ୍ୟୟନ କରାଯାଇଅଛି ।

ମୁଣ୍ଡାର ପ୍ରଧାନ କ୍ଷେତ୍ର ହେଉଛି ଭାରତ । ମୁଣ୍ଡାମାନେ ହେଉଛନ୍ତି ଭାରତର ଆଦିମ ଆଦିବାସୀ । ଭାରତକୁ ଦ୍ରାବିଡ଼ ଓ ଆର୍ଯ୍ୟମାନେ ଆସିବା ପୂର୍ବରୁ ଏମାନେ ଏଠାରେ ବାସ କରୁଥିଲେ । ମୁଣ୍ଡା ଭାଷା ଉତ୍ତର ପ୍ରଦେଶରେ କିଛି ଅଂଶ, ନେପାଳର କିଛି ଅଂଶ, ମଧ୍ୟ ପ୍ରଦେଶର ସୀମାନ୍ତ, ବିହାରର ଦକ୍ଷିଣରେ ଥିବା ପାହାଡ଼ମାଳା, ପଶ୍ଚିମ ବଙ୍ଗଳା, ତାମିଲନାଡୁର କେତେକ ଅଞ୍ଚଳ ଓ ଓଡ଼ିଶାର ଅରଣ୍ୟାଞ୍ଚଳରେ ଆଦିବାସୀମାନଙ୍କ ଦ୍ୱାରା କଥିତ ହୋଇଥାଏ । ଭାରତରେ ପ୍ରଚଳିତ ଅନ୍ୟ ତିନୋଟି ଭାଷା ପରିବାର (ଭାରତୀୟ ଆର୍ଯ୍ୟ, ଚୀନ-ତିବବତୀୟ ଓ ଦ୍ରାବିଡ଼ ଭାଷା) ଉପରେ ଏହାର ଉଲ୍ଲେଖନୀୟ ପ୍ରଭାବ ପଡିଅଛି । ଓଡ଼ିଶାର ଆଦିବାସୀମାନଙ୍କ ଦ୍ୱାରା କଥିତ କୋହ୍ଲ, ସଉରା, ସାନ୍ତାଳୀ, ହୋ, ମାହାଳୀ, ପରଜା, ଗଦ୍‌ବା, ଜୁଆଙ୍ଗ, ଦିଡ଼୍‌ଡ଼ାଇ, ବଣ୍ଡା ଆଦି ଅଷ୍ଟ୍ରିକ୍ ଭାଷା ପରିବାର (ମୁଣ୍ଡାଗୋଷ୍ଠୀ)ର ଅନ୍ତର୍ଗତ ।

### (ଖ) ଦ୍ରାବିଡ଼ ପରିବାରୀୟ -

ଓଡ଼ିଶାର କନ୍ଧ ଭାଷା, ଗଣ୍ଡଭାଷା, ଓରାଓଁ (କୁରୁଖ୍) ଭାଷା, ପର୍ଜୀ ଭାଷା ପ୍ରଭୃତି ଦ୍ରାବିଡ଼ ପରିବାରର ଅନ୍ତର୍ଭୁକ୍ତ । କନ୍ଧ ଭାଷାର ଅନ୍ୟ ନାମ କୁଇ ଭାଷା ।

## ପୃଥିବୀରେ ଆଦିବାସୀଗୋଷ୍ଠୀ

କେବଳ ଭାରତ ବର୍ଷରେ ନୁହେଁ ବ୍ରହ୍ମଦେଶ, ଇଣ୍ଡୋଚୀନ, ମାଳୟ, ନିକୋବର, ଇଣ୍ଡୋନେସିଆ, ପଲିନେସିଆ, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ, ଅଷ୍ଟ୍ରେଲିଆ ଓ ଆଫ୍ରିକାରେ ବିପୁଳ ସଂଖ୍ୟାରେ ଆଦିବାସୀମାନେ ବାସକରୁଛନ୍ତି । ପ୍ରତ୍ନତାତ୍ତ୍ୱିକମାନେ ବିଶ୍ୱାସ କରନ୍ତି ଯେ ଏକଦା 'ଗଣ୍ଡଓ୍ୱାନା ଲ୍ୟାଣ୍ଡ' ନାମକୁ ଏକ ବିରାଟ ଭୂଖଣ୍ଡର ଏମାନେ ଥିଲେ ଅଧିବାସୀ । କାଳକ୍ରମେ ଏହି ବିରାଟଭୂଖଣ୍ଡ ଖଣ୍ଡ ବିଖଣ୍ଡ ହୋଇ ଯାଇଛି ଓ ତେଣୁ ଆଦିବାସୀମାନେ ପରସ୍ପର ଠାରୁ ବିଚ୍ଛିନ୍ନ ହୋଇଯାଇଛନ୍ତି । ତଥାପି ସେମାନଙ୍କ ମଧ୍ୟରେ ସାଂସ୍କୃତିକ ଓ ଭାଷାଗତ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଇଥାଏ ।

## ଓଡ଼ିଶାରେ ଆଦିବାସୀ

୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ଆଦିବାସୀମାନଙ୍କର ସଂଖ୍ୟା ୮,୧୪୫,୦୮୧, ଅର୍ଥାତ୍ ୨୨.୧ ଶତକଡ଼ା । ଓଡ଼ିଶାରେ ଆଦିବାସୀମାନଙ୍କ ସଂଖ୍ୟା ମାଲକାନାଗିରିରେ ୫୭.୪ ଶତକଡ଼ା, ମୟୁରଭଞ୍ଜରେ ୫୬.୦୬, ରାୟଗଡ଼ାରେ ୫୫.୮ ନବରଙ୍ଗପୁରରେ ୫୫ ଶତକଡ଼ା ସର୍ବାଧିକ ଅଟେ । ମୟୁରଭଞ୍ଜର କୁଳିଅଣା ଓ ବୈଦ୍ୟପୁର, ଢ଼େଙ୍କାନାଳ, ତାଳଚେର, ଅନୁଗୋଳ ପ୍ରଭୃତି ସ୍ଥାନରୁ ଯେଉଁ ପ୍ରାଚୀନ ଓ ନୂତନ ପ୍ରସ୍ତର ଯୁଗର ଅସ୍ତ୍ର ଶସ୍ତ୍ର ମାଟିତଳୁ ମିଳିଛି, ସେଗୁଡିକ ସହିତ ମାଳୟର ସିମ୍ପିରିଂ, ବ୍ରହ୍ମଦେଶ, ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ପ୍ରଭୃତିରୁ ମିଳିଥିବା ପ୍ରାଚୀନ ଓ ନୂତନ ଯୁଗର ଅସ୍ତ୍ରଶସ୍ତ୍ରର ଯଥେଷ୍ଟ ସାମଞ୍ଜସ୍ୟ ରହିଛି । କେନ୍ଦୁଝରର ଜୁଆଙ୍ଗ ଆଦିବାସୀମାନଙ୍କର ଅସ୍ତ୍ରଶସ୍ତ୍ର ସହିତ ମାଳୟ ଓ ପେଗୁରୁ ମିଳୁଥିବା ପ୍ରାଗୈତିହାସିକ ଯୁଗର ଅସ୍ତ୍ରଶସ୍ତ୍ରର ମଧ୍ୟ ଯଥେଷ୍ଟ ମେଳ ରହିଛି । ତେଣୁ ଓଡ଼ିଶାରେ ଆଦିବାସୀମାନେ ପ୍ରାଗୈତିହାସିକ ଯୁଗରୁ ବାସକରି ଆସୁଥିବାର ଐତିହାସିକ ପ୍ରମାଣ ମିଳୁଅଛି । ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ଓ ମାଳୟର ଆଦିବାସୀମାନଙ୍କର ବିଶ୍ୱାସ ଯେ ସେମାନେ ବିଦେଶାଗତ କ୍ଲିଂ ଜାତିର ବଂଶଧର । ଏହି 'କ୍ଲିଂ' 'କଳିଙ୍ଗର'ର ରୂପାନ୍ତର ମାତ୍ର । ତେଣୁ ପ୍ରମାଣିତ ହେଉଛି ଯେ ଓଡ଼ିଶାର ଆଦିବାସୀମାନେ ଯାଇ ମାଳୟ ଓ ପେଗୁରେ ବାସ କରୁଥିଲେ । ଏକଦା ଭାରତର ଆଦିବାସୀମାନେ ଓ ମୁଖ୍ୟତଃ ଓଡ଼ିଶାର ଆଦିବାସୀମାନେ ବିଶାଳ କିରାତ ରାଜ୍ୟ, ଅସୁର ରାଜ୍ୟ, ନିଷାଦ ରାଜ୍ୟ ଓ ନାଗରାଜ୍ୟ ପ୍ରତିଷ୍ଠା କରିଥିଲେ । ଭାରତ ବାହାରେ ସାମୁଦ୍ରିକ ଦ୍ୱୀପପୁଞ୍ଜମାନଙ୍କରେ ମଧ୍ୟ ସେମାନେ ଉପନିବେଶ ସ୍ଥାପନା କରିଥିଲେ ।

## ଆଦିବାସୀ ପ୍ରଭାବିତ ଓଡ଼ିଆ ସଂସ୍କୃତି

ଓଡ଼ିଶାର ସଂସ୍କୃତି ଓତପ୍ରୋତ ଭାବରେ ଆଦିବାସୀ ସଂସ୍କୃତି ସହିତ ଜଡିତ । ପରବର୍ତ୍ତୀକାଳରେ ଓଡ଼ିଶାବାସୀ ନିଜକୁ ଆର୍ଯ୍ୟ ଭାବରେ ପରିଚିତ କରାଉଥିଲେ ମଧ ଆଚରଣ, ରୀତି ନୀତି, ପୁଣ୍ୟ ପର୍ବ, ଧର୍ମବିଶ୍ୱାସ ସବୁଥିରେ ସେ ଆଦିବାସୀ ସଂସ୍କୃତିଦ୍ୱାରା ପ୍ରଭାବିତ । ଓଡ଼ିଶାର ସଂସ୍କୃତି ହେଉଛି ଜଗନ୍ନାଥ-ସଂସ୍କୃତି । ଓଡ଼ିଶାର ସଂସ୍କୃତିର ପ୍ରାଣକେନ୍ଦ୍ର, ଓଡ଼ିଶାର ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥ ହେଉଛନ୍ତି ମୂଳତଃ ଆଦିବାସୀ-ପୂଜିତ, ଆଦିବାସୀ-ପ୍ରତିଷ୍ଠିତ ଦେବତା । ଓଡ଼ିଶାର ଲୋକସଙ୍ଗୀତ, ଲୋକକଥା, ଓଷାବ୍ରତ, ଶିଳ୍ପ ବାଣିଜ୍ୟ ପ୍ରଭୃତିରେ ଆଦିବାସୀ ମୁଦ୍ରାଙ୍କନ ସୁସ୍ପଷ୍ଟ । ଓଡ଼ିଆ ଭାଷା, ଓଡ଼ିଆ ଜାତି ମୂଳରେ ରହିଛି 'ଓଡ଼' (ଆଦିବାସୀ) ମାନଙ୍କର ପ୍ରଭାବ । ପ୍ରାଚୀନ ଓଡ଼ିଆ ସଭ୍ୟତା, ଆଦିବାସୀ ସଭ୍ୟତାଠାରୁ ବିଶେଷ ଦୂରବର୍ତ୍ତୀ ନୁହେଁ ।

## ସାହିତ୍ୟର ଆଦି କାଳରେ ଆଦିବାସୀ ଭାଷାର ପ୍ରୟୋଗ -

'ନାଟ୍ୟଶାସ୍ତ୍ରମ୍'ର ରଚନା ବେଳକୁ ଭାରତ ବର୍ଷରେ ନାଟକୋପଯୋଗୀ ଯେଉଁ କେତୋଟି 'ବିଭାଷା' ପ୍ରଚଳିତ ଥିଲା ତନ୍ମଧ୍ୟରେ ଔଡ୍ରୀ (ଉଡ୍ରଜା) ହେଉଛି ଅନ୍ୟତମ ନାଟ୍ୟଶାସ୍ତ୍ରରେ ଉଲ୍ଲେଖ ଅଛି -

''ଶବରାଭୀରା ଚଣ୍ଡାଳ ସଚର ଦ୍ରାବିଡୋଡ୍ରଜାଃ
ହୀନାବନେଚରାଣାଂଚ ବିଭାଷା ନାଟକେ ସ୍ମୃତାଃ ।''

ଏଗୁଡିକୁ ବିଭାଷା କହିବାର କାରଣ ହେଉଛି, ଏଗୁଡ଼ିକରେ କେତେକ ଆର୍ଯ୍ୟେତର ଉପାଦାନ ମିଶି ରହିଥିଲା ଓ ଓଡ଼ିଆ ଭାଷାରେ ମିଶ୍ରିତ ଏଇ ଆର୍ଯ୍ୟେତର ଉପାଦାନ ହେଉଛି ଆଦିବାସୀ ଓ ଦ୍ରାବିଡ଼ । ସପ୍ତଦଶ ଶତାବ୍ଦୀର ବିଶିଷ୍ଟ ଆଳଙ୍କାରିକ ମାର୍କଣ୍ଡେୟ ତାଙ୍କର 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥରେ ଯେଉଁ 'ସାବର ଔଡ୍ରୀ' ନାମକୁ ସଙ୍କର ଭାଷାର ଉଲ୍ଲେଖ କରିଛନ୍ତି, ସେଥିରେ ଶବର (ଆଦିବାସୀ) ଭାଷାର ଯଥେଷ୍ଟ ପ୍ରଭାବ ରହିଛି । ଏହି 'ସାବର ଔଡ୍ରୀ' ବିଭାଷା ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ପୁରୁଷୋତ୍ତମ ଦେବଙ୍କ ପ୍ରାକୃତାନୁଶାସନରେ ଯେଉଁ 'ଔଡ୍ରୀ ଅପଭ୍ରଂଶ'ର ଉଲ୍ଲେଖ ରହିଛି, ତହିଁରେ ମଧ୍ୟ ଆଦିବାସୀ ଭାଷାର ପ୍ରଭାବ ରହିଛି । ଓଡ଼ିଶାର ଅନ୍ୟତମ ନାମ 'କଳିଙ୍ଗ' ମଧ୍ୟ ଏକ ଆଦିବାସୀ ଶବ୍ଦ ବୋଲି ବିଦ୍ୱାନ୍‌ମାନେ ମତ ଦେଇଥାନ୍ତି ।

ଆଦିବାସୀ ଭାଷାରେ କାଳକ୍ରମେ ପ୍ରାନ୍ତୀୟ ଭାଷାର ଶବ୍ଦାବଳୀ ତଥା ପ୍ରାନ୍ତୀୟ ଭାଷା ମାଧ୍ୟମରେ ସଂସ୍କୃତ ଶବ୍ଦାବଳୀ ସ୍ଥାନ ପାଇଛି । ଏହି ଶବ୍ଦଗୁଡିକ ଅନେକ ସମୟରେ ଉତ୍ପତ୍ତି ଉତ୍ସ ସଂପର୍କରେ ଦ୍ୱନ୍ଦ୍ୱରେ ପକାଇଥାଏ । ଶବ୍ଦଗୁଡିକ ଆଦିବାସୀ ଭାଷାରୁ ପ୍ରାନ୍ତୀୟ ଭାଷାକୁ ଆସିଛି କି ସଂସ୍କୃତ ଭାଷାରୁ ପ୍ରାନ୍ତୀୟ ଭାଷାକୁ ଆସିଛି ଅଥବା ସଂସ୍କୃତରୁ ଆଦିବାସୀ ଭାଷାକୁ ଆସିଛି, ତାହା ଜାଣିବା ପାଇଁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ହୁଏ ।

ଭାଷାବିତ୍‌ମାନଙ୍କ ମତରେ ନିମ୍ନଲିଖିତ ଶବ୍ଦଗୁଡିକ ଆଦିବାସୀ ଭାଷାମାନଙ୍କରୁ ସଂସ୍କୃତ ଭାଷାରେ ଗୃହୀତ ହୋଇଅଛି–

ଅଲାବୂ, କଦଳୀ, କମ୍ବଳ, ଗଙ୍ଗା, ଗୁବାକ, ତାମ୍ବୁଳ, ନାରିକେଳ, ପୂଜା, ଭେଜ, ମୟୂର, ମୀନ ଇତ୍ୟାଦି ।

**ଓଡ଼ିଆ ଭାଷାରେ ଆଦିବାସୀ ଶବ୍ଦ**

ଓଡ଼ିଆ ଭାଷାରେ ମୁଣ୍ଡାରୀ, କୁରୁଖ୍ (ଓରାଓଁ), ସାନ୍ତାଳୀ, ଶବର, କୁଇ, ଗଣ୍ଡ, ଜୁଆଙ୍ଗ, ହୋ, କୋରଓ୍ୱା, କୋଡ଼ା ପ୍ରଭୃତି ଆଦିବାସୀ ଭାଷାର ଶବ୍ଦ କ୍ଷୀର ନୀର ପରି ମିଶି ରହିଛି ଓ ଓଡ଼ିଆର ଦୈନନ୍ଦିନ ଜୀବନଯାପନ ସହିତ ଏଗୁଡିକ ଏପରି ଭାବରେ ଜଡ଼ିତ ଯେ ଏଗୁଡ଼ିକ ହିଁ ଓଡ଼ିଆ ଭାଷାର ମୌଳିକ ସର୍ବସ୍ୱ ବୋଲି ବିବେଚିତ ହୁଏ । ଏହି ଶବ୍ଦାବଳୀ ମୁଖ୍ୟତଃ ଦେଶଜ ଓଡ଼ିଆ ଶବ୍ଦ ଭାବରେ ଅଭିହିତ ହୋଇଥାଏ ।

ଅନେକ ଶବ୍ଦ ବିଭିନ୍ନ ଆଦିବାସୀ ଭାଷାରେ ବ୍ୟବହୃତ ହୋଇଥାଏ । ତେଣୁ ସେଗୁଡ଼ିକ କେଉଁ ଆଦିବାସୀ ଭାଷାରୁ ଗୃହୀତ ସଠିକ ଭାବରେ କହିହେବ ନାହିଁ । ତଳେ ବିଭିନ୍ନ ଆଦିବାସୀ ଭାଷାରୁ ଗୃହୀତ ଶବ୍ଦଗୁଡ଼ିକର ତାଲିକା ଦିଆଯାଇଛି । ଆବଶ୍ୟକ ସ୍ଥଳେ ସେଗୁଡ଼ିକର ଅର୍ଥ ଉଲ୍ଲେଖ କରାଯାଇଛି ।

**ମୁଣ୍ଡାରୀ – ଓଡ଼ିଆ**

| **ମୂଳ ମୁଣ୍ଡାରୀ ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| ଅମିବା | ପହଞ୍ଚିବା | ଅମିବା (ପ. ଓଡ଼ିଆ) | ପହଞ୍ଚିବା |
| ଆଙ୍ଗ | ମେଲାପାଟି | ଆଁ | ମେଲା ପାଟି |
| ଓରା | ଘର | ଓରା | ଛାତରେ ବ୍ୟବହୃତ କାଠ |
| କଜି | କଳହ | କଜିଆ | କଳହ |
| କୁଡ଼ି | କୋଡିଏ | କୋଡି | କୋଡିଏ |
| କୁରୀ | କକାଙ୍କ ସ୍ତ୍ରୀ | ଖୁଡ଼ୀ | କକାଙ୍କ ସ୍ତ୍ରୀ |
| କୁଲିଆ | କୋକିଶିଆଳି | କୁହ୍ଲିଆ (ପ.ଓ.) | ବିଲୁଆ |
| କେରା | ବେଙ୍କାଏ, ଗୋଛା | କେରା | ବେଙ୍କା, ଗୋଛା |
| ଚାଉଳ | –––– | ଚାଉଳ | |

| | | | |
|---|---|---|---|
| ଚିରୁରୁନୀ | ପିଶାଚୀ | ଚିରୁଗୁଣୀ | |
| ଚେମ୍‌ରେ | ପକ୍ଷୀବିଶେଷ | ଚେମରୀ | ପକ୍ଷୀବିଶେଷ, ଲତାବିଶେଷ |
| ଟୁଙ୍କିଓ | ଡାଲା | ଟୋକେଇ | |
| ଡେବିରି | ବାମ | ଡେବିରି | |
| ଧାଙ୍ଗଡ଼ା | ଆଦିବାସୀ ଯୁବକ | ଧାଙ୍ଗଡ଼ା | |
| ପାଇଟି | କାମ | ପାଇଟି | |
| ମାହାଲିଆ | ମାଗଣା | ମାହାଲିଆ | |
| ମୋଟୋ | ମୋଟା | ମୋଟା | |
| ଲେଡି | ପକ୍ୱ | ଲେଡି (ପ.ଓ.) | ପକ୍ୱ |
| ସେଟା | କୁକୁର | ହେଟା | ହେଟା ବାଘ |

**କୁରୁଖ (ଓରାଓଁ)– ଓଡ଼ିଆ**

| **ମୂଳ କୁରୁଖ ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| ଅଡ୍‌ଡୋ | ବୁଢ଼ା ବଳଦ | ହଡା | |
| ଅରଖା | ଅରଖ ଫୁଲ | ଅରଖ | |
| ଆଖରାନା | ନୃତ୍ୟସ୍ଥଳ | ଆଖଡ଼ା | ଖେଳ, ନାଚ, ଅଭିନୟସ୍ଥଳ |
| ଆରି | ବନ୍ଧ, ବାଡ଼ | ଆଡ଼ି | ବନ୍ଧ, ଅର୍ଗଳ |
| ଉଲ୍ଲା | ଦିନ | ଓଳି | ଦିବସର ଅର୍ଦ୍ଧସମୟ |
| ଓର | ଠାବ | ଓର | |
| କକା | ବାପାଙ୍କ ସାନଭାଇ | କକା | |
| କଚରାନା | କଚାଡିବା | କଚାଡିବା | |
| କଣ୍ଡା | ତନ୍ତୀମାନଙ୍କର ଥୋରିରେ ଦିଆଯାଉଥିବା ସୂତାକାଠି | କଣ୍ଡା | |
| କରିଖୋ | ଛୁଞ୍ଚି | ଖଡିକା | ନଡ଼ିଆ ପାତ୍ରର ଡାଙ୍ଗ, ଝାଡୁ |
| କାକୀ | ଖୁଡ଼ୀ | କାକୀ | |
| କାବୁ | ପୋଷା | କାବୁ | ଛାନିଆ, ଭୀତ, ବଶୀଭୂତ |
| କୁଟଣୀ | କପଟା, ତାନ୍ତ୍ରିକା | କୁଟୁଣୀ | ତାନ୍ତ୍ରିକା |
| କୁଛା | ନଡା, ପାଳ | କୁଟା | |
| କୁଡ୍‌ଡି | ମାଟି ଖୋଳିବା ପାଇ ଉପକରଣ ବିଶେଷ | କୋଡି | |
| କୁଢ଼ | ଗଦା, ସ୍ତୂପ | କୁଢ଼ | |

| | | | |
|---|---|---|---|
| କୁଣ୍ଡୋ | ଧାନଚୋପା | କୁଣ୍ଡା | |
| କୁନା | ଛୋଟ | କୁନା | ଛୋଟ ଶିଶୁ |
| କୁରିଆ | କୁଡ଼ିଆ | କୁଡ଼ିଆ | |
| କେନ୍ଦ୍ରା | ବାଦ୍ୟଯନ୍ତ୍ର ବିଶେଷ | କେନ୍ଦରା | |
| କୋକ୍ରୋ | କୁକୁଡ଼ା | କୁକୁଡ଼ା | |
| କୋସା | ପଣସ ଫୁଟ | କୋସା | |
| ଖଲ୍ଲି | ପତ୍ରନିର୍ମିତ ପାତ୍ର | ଖଲି | |
| ଖସି | ସ୍ଖଳିତ | ଖସି | |
| ଖାଲ | ଗାତ, ଗାଡ଼ | ଖାଲ | ଗାତ, ନିମ୍ନସ୍ଥାନ |
| ଖୋଳପା | ଖୋଳ | ଖୋଳପା | ଚୋପା, ଖୋଳ |
| ଖୋସା | କବରୀ ସଜ୍ଜା ବିଶେଷ | ଖୋଷା | |
| ଗଇଣ୍ଡା | ଜଙ୍ଗଲୀ ଜନ୍ତୁ ବିଶେଷ | ଗଣ୍ଡା | |
| ଗିଙ୍ଗଟି | ଗେଙ୍ଗୁଟି | ଗେଙ୍ଗୁଟି | |
| ଗୁଣ୍ଡା | ଭାତ ଗୁଳା | ଗୁଣ୍ଡା | |
| ଗୋଟା | ଗୋଟାଳିଆ | ଗୋଟା | |
| ଗୋଟାଏ | ଏକଟି | ଗୋଟାଏ | |
| ଚାଳି | ଛୋଟଘର | ଚାଳି | |
| ଚୁଟେ | ଚୁଟି | ଚୁଟି | |
| ଚେରା | ପାଣି ଛିଞ୍ଚିବା | ଛେରା | |
| ଚୋପା | ଫଳ ବା ଶସ୍ୟର ଖୋଳପା | ଚୋପା | |
| ଜାଗୁ | ପଖାଳ | ଜାଉ | ମିଠାଭାତ ମଣ୍ଡ |
| ଜୋବ୍ରା | ସନ୍ତସନ୍ତିଆ ସ୍ଥାନ | ଜୋବ୍ରା | ନଈକୂଳିଆ ସ୍ଥାନ |
| ଝଟା | ବଣ | ଝଟା | ଶିମ୍ବ ଲଟା |
| ଝପି, ଝମ୍ପି | ତଲାରି | ଝାମ୍ପି | |
| ଝମରା | ବହୁତଲୋକ ଜମାହେବା | ଝାମଲା | ଗହଳି, ଜଞ୍ଜାଳ, ସମସ୍ୟା |
| ଝରା | ଝରଣା | ଝରା | ଝରଣା, ଝରିଥିବା |
| ଟାଙ୍ଗରା | ଟାଣୁଆ ପଥୁରିଆ ଭୂଇଁ | ଟାଙ୍ଗରା | ଟାଣୁଆ ପଥୁରିଆ ଭୂଇଁ, ଚନ୍ଦା |

| | | | |
|---|---|---|---|
| ଟାଟି | ବାଉଁଶ ପାତିଆରେ ତିଆରି କବାଟ, ଚାଞ୍ଚରା | ତାଟି | |
| ଟୁଙ୍କି | ଡାଲା | ଟୋକେଇ | |
| ଟୋଙ୍ଗେ | କୁରାଢ଼ି | ଟାଙ୍ଗିଆ | |
| ଟୋପର | ଛତା | ଟୋପର | ଛତା, ଟୋପି, ଘୋଡଣି |
| ଠେକ୍କୀ | ଛୋଟ ମାଟିଘଡି | ଠେକି | |
| ଡାହିୟା | ଡାଳ, ଶାଖା | ଡାହି | |
| ଡେବ୍ବା | ବାମ | ଡେବିରି | |
| ଡୋଙ୍ଗା | ନୌକା | ଡଙ୍ଗା | |
| ଢ଼ପ୍ପା | ଗୀତ ବିଶେଷ | ଢ଼ପା | ଗୀତ ବିଶେଷ, ଚାଲି ବିଶେଷ |
| ଢ଼ିଙ୍କି | ଢ଼ିଙ୍କି | ଢ଼ିଙ୍କି | |
| ଢୁଲ୍କି | ବାଦ୍ୟ ବିଶେଷ | ଢ଼ୋଲ୍କି | |
| ଢ଼େକ୍କା | ଟେକା | ଢ଼େଙ୍କାଳ | |
| ଢ଼ୋକ | ଥରେ ପାରି ପିଇବା | ଢ଼ୋକ | |
| ତଡ଼ା | ବାଡି | ତଡ଼ା | ବାଡ଼ି, କାଠଖଣ୍ଡ |
| ଦାଣ୍ଡି | ଗୀତ | ଦାଣ୍ଡି | ଗୀତର ବୃତ୍ତ ବିଶେଷ |
| ପଗା | ପଗଡ଼ି | ପାଗ | ପଗଡ଼ି |
| ପଡ଼ା | ଗାଁ | ପଡ଼ା | ଛୋଟ ଗାଁ |
| ପାଳି | ଥର | ପାଳି | |
| ପିଣ୍ଡା | ବରଣ୍ଡା | ପିଣ୍ଡା | |
| ପୁଡ଼ା | ପୁଡ଼ିଆ | ପୁଡ଼ା | |
| ପୋକ | କୀଟ | ପୋକ | |
| ଫସ୍କା | ହାଲୁକା (ମାଟି) | ଫସ୍କା | |
| ବିଣ୍ଡି | ବିଣ୍ଡା | ବିଣ୍ଡା | |
| ବୁସ୍ସୁ | କୁଶ | ଭୁଷି | ଗୋ ଖାଦ୍ୟ ତୃଣଜାତ ପଦାର୍ଥ |
| ବେଲ | ଜମି, କ୍ଷେତ | ବିଲ | |
| ମହି | ଆମ୍ବିଳା ଦହିରସ | ମହି | ଦହି ପକାଇବା ପାଇଁ ପୂର୍ବରୁ ରଖା ଯାଇଥିବା ଦହିପାଣି |
| ମଣ୍ଡି | ରନ୍ଧା ଭାତ | ମଣ୍ଡ | ମିଠାହୀନ ଜାଉ |
| ମିଟିକି | ଆଖି ମାରିବା | ମିଟକା | ଆଖିମରା, ଠାର |

| | | |
|---|---|---|
| ମୁର୍‌ହି | ଭୁଜା | ମୁଢ଼ି |
| ମେର୍‌ହା, ମେଢ଼ା | ମେଷ | ମେଣ୍ଢା |
| ଲୁଣ୍ଡି | ତନ୍ତ୍ରୀମାନଙ୍କର ଲୁଗା ବୁଣା ପୂର୍ବରୁ ସୂତା ସଜ୍ଜୀକରଣ, ତାସଣର ପୂର୍ବାବସ୍ଥା | ଲୁଣ୍ଡି |

**ସାନ୍ତାଳୀ – ଓଡ଼ିଆ**

| **ମୂଳ ସାନ୍ତାଳୀ ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| ଅଗରା | ଶସ୍ୟ ବିଶେଷ | ଅଗରା | ଶସ୍ୟ ବିଶେଷ |
| ଅଝଟ | ଅମାନିଆ | ଅଝଟ | |
| ଅଟ | ଘେରା | ଅଟେଇ | ଧାନ ରଖିବା ଘର, ଗଛ ଚାରିପାଖରେ ଘେର |
| ଅଟୁକୁରା | ସନ୍ତାନହୀନ | ଆଣ୍ଟୁକୁଡ଼ା | |
| ଅଡ଼ | ଗୋଗୋଷ୍ଠ ରହିବା ନିମିତ୍ତ ଘେରା | ଅଡା | |
| ଅଡାଅଡି | ଶତ୍ରୁତା | ଅଡାଅଡି | |
| ଅଡିବା | ଜିଦ୍‌ଧରି ବସିବା | ଅଡିବା | |
| ଅଣ୍ଡିରା | ପୁରୁଷ | ଅଣ୍ଡିରା | |
| ଅଦଉତ | ଶତ୍ରୁତା | ଅଦଉତ | |
| ଅରୁମା | ଝାମ୍ପୁଲା ଗଛ, ବୁଦା | ଅରମା | ଜଙ୍ଗଲିଆ ସ୍ଥାନ |
| ଅଲନ୍ଧା | ଅଲନ୍ଧୁ | ଅଲନ୍ଧୁ | |
| ଅସନା | ମଇଳା | ଅସନା | |
| ଓରା | ଛାତର କାଠ ବିଶେଷ | ଓରା | |
| ଖୁଣ୍ଟି | ଖମ୍ବ | ଖୁଣ୍ଟି | |
| ଗଗ୍ରା | ଗରା | ଗଗରା, ଗରା | |
| ଗଡେଲ୍ | ଅନେକ | ଗୁଡିଏ | |
| ଚକମକି | ଚକମକି ପଥର | ଚକମକି, ଝକମକି | |
| ଚାଉଳ | ତଣ୍ଡୁଳ | ଚାଉଳ | |
| ଚାଉଳି | ପିଜୁଳି | ଚାଉଳି | |
| ଚାଳ | ନଡ଼ାଛପର ଛାତ | ଚାଳ | |
| ଚାଳି | ନଡାଛପର ଛୋଟଘର | ଚାଳି | |

| | | | |
|---|---|---|---|
| ଚିତି | ସାପ ବିଶେଷ | ଚିତି, ଚିଟି | ସାପ ବିଶେଷ |
| ଚିତୋଲ | ମତ୍ସ୍ୟ ବିଶେଷ | ଚିତଳ, ଚିତୋଳ | ମତ୍ସ୍ୟ ବିଶେଷ |
| ଚୁଆ | ଝରଣା | ଚୁଆ | ଝରଣା, ପାଣିଗାତ, ଛୋଟ ପୋଖରୀ |
| ଚୁଟ୍‌କି | ଛୋଟ ଖଣ୍ଡା | ଚୁଟ୍‌କି | ଛୋଟ ଖଣ୍ଡା |
| ଚୁଟିଆ | ମୂଷା ବିଶେଷ | ଚୁଟିଆ | ମୂଷା ବିଶେଷ |
| ଚୁରୁନୀ | ପିତାଶୁଣୀ | ଚିରୁଗୁଣୀ | |
| ଚୁହ୍ଲା | ଚୂଲୀ | ଚୂହ୍ଲି | ଚୂଲୀ |
| ଛଟପଟ | କଲବଲ | ଛଟପଟ | |
| ଛପର | ଚାଳଛୁଆଣି | ଛପର | |
| ଛପରି | କୁଡ଼ିଆ | ଛପରି | |
| ଛେଚୋର | ଅବାଧ୍ୟ | ଛେଚଡା | ଛେଚା ଖାଇବା ବ୍ୟକ୍ତି |
| ଡଙ୍ଗ | ଡେଙ୍ଗା | ଢ଼େଙ୍ଗ, ଢ଼େଙ୍ଗା | |
| ଡହଲ | କୁକୁରର ଏକ ଜାତି | ଡାହାଳ | |
| ଡାର୍‌ | ଶାଖା | ଡାହି | |
| ଡିଙ୍ଗ | ଦୁର୍ବଳ, ଅଳସୁଆ | ଡିଙ୍ଗର | ପତଳା ଲୋକ, ଅଣଓସାରିଆ ରାସ୍ତା |
| ଡିହୁ | ଖାଲିସ୍ଥାନ | ଡିହ | |
| ଡୁଙ୍ଗି | ଛୋଟ ଡଙ୍ଗା | ଡୁଙ୍ଗି, ଡଙ୍ଗି | |
| ଡୁଙ୍ଗି, ଡୁଙ୍ଗା | କାଠି, ଛୋଟ କାଠ | ଡାଙ୍ଗି, ଡୁଙ୍ଗା | |
| ଡୁଙ୍ଗୁ | ଜଙ୍ଗଲୀ | ଡୁଙ୍ଗୁରୁ | ବଣୁଆ, ଜଙ୍ଗଲୀ |
| ଡୁବି | ମାଟି ଦୀପ | ଡୁବି, ଡିବି, ଡାବି | |
| ଡୁଲି | ବଡ଼ ଧାନବୋଝ ବା ଡାଲା | ଡୋଲି | |
| ଢୁଲ୍‌କି | ବାଜା ବିଶେଷ | ଢୁଲ୍‌କି | |
| ଢ଼ିପ | ଉଚ୍ଚ ସ୍ଥାନ | ଢ଼ିପ | |
| ଢ଼େଙ୍କ | ବଗ ବିଶେଷ | ଢ଼େଙ୍କ, ଢ଼େଙ୍କିଆ | ବଗ ବିଶେଷ |
| ଢ଼େଙ୍କି | ଢ଼ିଙ୍କି | ଢ଼େଙ୍କି, ଢ଼ିଙ୍କି | |
| ଢ଼େଙ୍କିଆ | ଢ଼ିଙ୍କିଆ ବାଘ | ଢ଼େଙ୍କିଆ, ଢ଼ିଙ୍କିଆ | ଢ଼ିଙ୍କିଆ ବାଘ |
| ଢ଼େଲ୍‌କା | ଟେଳା, ଟେକା | ଢ଼େଲକ, ଢ଼େଳା | |
| ଢ଼ୋଲ | ବାଦ୍ୟ ବିଶେଷ | ଢ଼ୋଲ | |
| ଢ଼ୋଲୋ | ମୋଟା | ଢ଼ୋଲା | ମୋଟା, ହୁଗୁଳା |
| ଦାରେ | ବୃକ୍ଷ | ଦାରୁ | ବୃକ୍ଷ |

| | | | |
|---|---|---|---|
| ଦୁର | ଡୋର, ସୂତା, ଦଉଡି | ଡୋର | ଦଉଡି, ସୂତା |
| ଦୁରିଆ | ସୂତା ଲୁଗା | ଡୋରିଆ | ବସ୍ତ୍ରବିଶେଷ |
| ଧଡ୍ରା | ପତଳା | ଧଡ଼ରା, ଧେଡ଼ରା | ଚର୍ମସାର, ଦୁର୍ବଳ, ପତଳା |
| ଧୋଣ୍ଡ | ସାପବିଶେଷ | ଧଣ୍ଡ | |
| ଧୋଣ୍ଡା | ଫୁଲତୋଡା | ଧଣ୍ଡା | |
| ପୁସି | ପୋଷା, ଆଦରଣୀୟା | ପୁଷି | |
| ପୋଟ | ଉଦର | ପେଟ | |
| ବଟୁ | ଛୋଟ ଥଳି | ବଟୁଆ | ପାନବଟା |
| ବତର | ଠିକ୍ ସମୟ (ବର୍ଷାସମୟ) | ବତର | ଓଦା |
| ବତରା | ଓଦା | ବତର | ଓଦା |
| ବତା | ବାଉଁଶ ଫାଳ | ବତା | କାଠଫାଳ, ବାଉଁଶଫାଳ |
| ବାଉଟିଆ | ହରିଣ | ବାଉଟିଆ | ହରିଣ ଜାତୀୟ ପଶୁ |
| ବାଉରୀ | ବାଙ୍ଗରା, ଗେଡା | ବାଉରି | ହରିଜନଜାତି ବିଶେଷ |
| ବାଟି | ତାଟିଆ | ବାଟି | ତାଟିଆ |
| ବିଣ୍ଡ | ବିଣ୍ଡା, ବିଡ଼ା | ବିଣ୍ଡା | ବିଡ଼ା |
| ବୁଟେଲ | ବେଶିକୁହାଳିଆ | ଭୋଟା | |
| ବୁଦ | ବୁଦା | ବୁଦ, ବୁଦା | |
| ବେକେବେକେ | ବାଜୁରୁ ବାଜୁରୁ | ବକବକ | |
| ବେଠି | ବିନା ପାରିଶ୍ରମିକରେ ପରିଶ୍ରମ ବେଠି | | |
| ବୋଡ଼ | ସାପବିଶେଷ | ବୋଡ଼ା | ସାପବିଶେଷ |
| ବୋଦ | ଛାଗ | ବୋଦା | |
| ଭାଉ | ଦାମ୍ | ଭାଉ | |
| ଭିଟ୍ | ଜନ୍ମମାଟି | ଭିଟା | |
| ଭୁସ୍ | ହଠାତ୍ | ଭୁସ୍ (କିନା) | ହଠାତ୍ |
| ଭେଡ଼ | ଭେଡ଼ା | ଭେଡ଼ା | |
| ଭୋଗଡୋ | ମୋଟା | ବଗଡ଼ା | ବଗଡ଼ା (ଚାଉଳ ଭାତ) |
| ଭୋସ୍ | ଗୋଞ୍ଜିବା | ଭୁଷିବା | |
| ସେଟା | ହେଟାବାଘ | ହେଟା | |

**ଶବର – ଓଡ଼ିଆ**

| **ମୂଳ ଶବର ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| ଅଗେଡ୍‌ଡ଼ା | ଅଗାଡ଼ି | ଅଗାଡ଼ି | ଶସ୍ୟହୀନ ଧାନ |
| ଉଗା | ଗାଳି, ଉଲୁଗୁଣା | ଉଘା | ଗାଳି, ଉଲୁଗୁଣା |
| ଏଡିନ୍ | ଏଣ୍ଡି (ପୋକ) | ଏଣ୍ଡି | |
| ଓମ୍‌ଡା | ଅମଡ଼ା (ବାଟ) | ଅମଡ଼ା | |
| ଓର | ଚାଷ | ଓଡ଼ | ଥରେ ଚାଷ, ଚାଷ |
| କକୁନ୍ | କକା | କକା | |
| କଡୁନ୍ | ହସ୍ତବଳୟ | କଡା, ଖଡୁ | ହସ୍ତବଳୟ |
| କଲାନ୍ | ବଧିର | କାଲା | |
| କିଣ୍ଟେ | ଜଡାତେଲ | କାଣ୍ଟି | ତେଲର ମଇଳାଅଂଶ |
| କୁଣ୍ଢେଇ | ଖେଳନାମୂର୍ତ୍ତି | କୁଣ୍ଢେଇ | |
| କୁମ୍ପିନ୍ | ଛୋଟପାତ୍ର | କୁମ୍ପି,କୁମ୍ପା | ଛୋଟପାତ୍ର, କୁମ୍ପିବାଣ |
| କୁରୁନ୍ | ଆନ୍ଦରେ ଅଧୀର | କୁରୁନ୍ | ଆନନ୍ଦରେ କୁରୁଳିକା, ମୁଣ୍ଡବାଳ ଫୁଁରୁଫୁଁରୁ ହେବା |
| କୁଲ୍ଲାଲ | କୋକିଶିଆଳି | କୁହ୍ଲିଆ (ପ.ଓ.) | ବିଲୁଆ |
| କେନ୍ତାରେନ୍ | ଅନାବୃଷ୍ଟି | କାନ୍ତାର | ନିର୍ଜନ ସ୍ଥାନ |
| କୋଡି | କୋଡ଼ିଏ | କୋଡି | କୋଡ଼ିଏ |
| ଗଡ଼ | କାଠଖଣ୍ଡ | ଗଡ଼ | କାଠଖଣ୍ଡ |
| ଗଡ଼ନ, ଗୋଡ଼େନ | ଦୁର୍ଗ | ଗଡ଼ | ଦୂର୍ଗ |
| ଗୁଡ଼ିନ୍ | ଛୋଟ ପଥର | ଗୋଡି | |
| ଜୋଡ | ଝରାଣା | ଜୋଡ | ପାଣିଜାଗା |
| ଡାଙ୍ଗୁନ୍ | କାଠି, ଛୋଟ କାଠ | ଡାଙ୍ଗ | |
| ତାଟିଆ | ଗିନା | ତାଟିଆ | |
| ଧାଙ୍ଗଡ଼ା | ଆଦିବାସୀ ଯୁବକ | ଧାଙ୍ଗଡା | |
| ପଡ଼ିଆ | ପ୍ରାନ୍ତର | ପଡିଆ | |
| ପଢୁଆ | ଛୋଟ ଡଙ୍ଗା | ପଢ଼ଉ | ଛୋଟ ଡଙ୍ଗା |
| ପଲ୍ଲେନ | ପଲ୍ଲୀ | ପଲ୍ଲୀ | |

| | | | |
|---|---|---|---|
| ପିପାନ୍ | ଡବା, ଟିଣ, ପାତ୍ର | ପିମ୍ପା | |
| ବୁଡ଼ବୁଡ଼େନ୍ | ବୁଢ଼ିବୁଢ଼ିଆଣୀ(ପୋକ) | ବୁଢ଼ିବୁଢ଼ିଆଣୀ | |
| ସରୁ | ପତଳା | ସରୁ | |
| ସିଣ୍ଡି | ମଦ ବିକ୍ରେତା | ଶୁଣ୍ଢି | |

**କୁଇ – ଓଡ଼ିଆ**

| **ମୂଳ କୁଇ ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| ଆବା | ବାପା | ବା | ବାପା |
| ଓରା | ଛାତର କାଠ ବିଶେଷ | ଓରା | |
| କୋଡ଼ି | କୋଡ଼ିଏ | କୋଡି | କୋଡ଼ିଏ |
| କୋଡ଼ିଙ୍ଗା | ବଳଦ ବିଶେଷ | କଳିଙ୍ଗା | ବଳଦ ବିଶେଷ |
| ଡୋ, ଢ଼ୋର୍ | ଘୁମେଇବା | ଖୋଳ୍, ଢୁଳ୍ | ଘୁମେଇବା |
| ପଗା | ଗଣ୍ଡି | ପଗ | ଗଣ୍ଡି |
| ପଡ଼ି | ଛୋଟଗାଁ | ପଡା | ଛୋଟଗାଁ |
| ପଣ୍ଡି | ଯଷ୍ଟି | ବାଡ଼ି | ଯଷ୍ଟି |

**ଗଣ୍ଡ – ଓଡ଼ିଆ**

| **ମୂଳ ଗଣ୍ଡ ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| କଇଁଆ | ଫଳ | କଇଁଆ | ତେନ୍ତୁଳି ଫଳ |
| ଖୁରସ୍ | ଜନ୍ତୁ ବିଶେଷ | ଖୁରଙ୍ଗ | |
| ଗଧି | ଭାଲୁ | ଗୋଧି | ଗୋଧି ସାପ |
| ଘୁଷରା | ଘୁଷୁରି | ଘୁଷୁରି | |
| ଚାଲ୍ | ଚାଉଳ | ଚାଉଳ | |
| ଲାକ୍ | ଦୂର ବାଟ | ଲଙ୍କା | ଦୂରବାଟ, ଦେଶବିଶେଷ |

**ଜୁଆଙ୍ଗ – ଓଡ଼ିଆ**

| **ମୂଳ ଜୁଆଙ୍ଗ ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| କା | ଭାଇ | କକା, କକା | ବାପାଙ୍କ ସାନଭାଇ |
| ବା | ବାପା | ବା | ବାପା |
| ବୁଆ | ଧାନ | ବୁଆ | ଛୋଟ ଧାନ |
| ମେରମ୍ | ଛେଳି | ମେଣ୍ଢା | ମେଷ |
| ଲଙ୍କା | ଦୂର ବାଟ | ଲଙ୍କା | ଦୂରବାଟ, ଦେଶବିଶେଷ |
| ସେଟାରା | ହେଟା ବାଘ | ହେଟା | |

**ହୋ - ଓଡ଼ିଆ**

| **ମୂଳ ହୋ ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| କାଲା | ବଧିର | କାଲା | |
| କିଲା | ଛୋଟ ଖୁଣ୍ଟ ବା କାଠି | କିଲା | |
| ଗେଣ୍ଡା | ଶାମୁକା-ଜୀବ | ଗେଣ୍ଡା | |
| ଚାଉଳ | ତଣ୍ଡୁଳ | ଚାଉଳ | |
| ଚାଉଳି | ପିଜୁଳି | ଚାଉଳି, ଚାଉଳିଆ | ପିଜୁଳି |
| ଟୁକି | ଡାଲା | ଟୋକେଇ | |
| ଡିବାରି | ଦୀପ | ଡିବିରି | |
| ଢ଼ୋଲ | ବାଦ୍ୟବିଶେଷ | ଢ଼ୋଲ | |
| ଢ଼ୋଲା | ମୋଟା | ଢ଼ୋଲା | ମୋଟା, ହୁଗୁଳା |
| ନଇ, ଲଇ | ଲଟା | ନଇ, ଲଇ | ଲଟା, ଲଟାରୁ ଜାତ ଦଉଡି |
| ପାଇଟି | କାମ | ପାଇଟି | କାମ, ଖିଅର |
| ବାଦୁଡି | ପକ୍ଷୀବିଶେଷ | ବାଦୁଡି | |
| ବୋକା | ବୁଦ୍ଧିହୀନ | ବୋକା | |
| ସେଟା | ହେଟା ବାଘ | ହେଟା | |
| ହଡା | ବୁଢ଼ା ବଳଦ | ହଡା | |

**କୋରଓ୍ୱା - ଓଡ଼ିଆ**

| **ମୂଳ କୋରଓ୍ୱା ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| ଓରାଓ | ଛାତର କାଠବିଶେଷ | ଓରା | |
| ଲଙ୍ଗ୍‌କାର | ଦୂର ବାଟ | ଲଙ୍କା | ଦୂରବାଟ, ଦେଶ ବିଶେଷ |

**କୋଡା- ଓଡ଼ିଆ**

| **ମୂଳ କୋଡ଼ା ଶବ୍ଦ** | **ଅର୍ଥ** | **ଓଡ଼ିଆ ଶବ୍ଦ** | **ଆବଶ୍ୟକ ସ୍ଥଳେ ଅର୍ଥ** |
|---|---|---|---|
| ଓରା | ଛାତର କାଠ ବିଶେଷ | ଓରା | |
| ସେଟା | ହେଟା ବାଘ | ହେଟା | |

ଏହା ଛଡା ପିଲା, ତୋଟା, ଉହୁଙ୍କିବା, ଚୁମୁଟିବା ଆଦି ଶବ୍ଦ ମୁଣ୍ଡାରୀ ଭାଷାରୁ ଆସିଥିବା ସମ୍ଭବ ବୋଲି ଡ଼ଃ କୁଞ୍ଜବିହାରୀ ତ୍ରିପାଠୀ ଅନୁମାନ କରନ୍ତି । ତେବେ ପିଲା, ତୋଟା ଶବ୍ଦ ଦୁଇଟି ଦ୍ରାବିଡ଼ ଶବ୍ଦ ବୋଲି ବହୁ ଭାଷାବିତ୍ ମତ ଦେଇଛନ୍ତି । ଅନେକ ଶବ୍ଦ ଉଭୟ ଦ୍ରାବିଡ଼ ଶବ୍ଦ ବୋଲି ବହୁ ଭାଷାବିତ୍ ମତ ଦେଇଛନ୍ତି । ଅନେକ ଶବ୍ଦ ଉଭୟ ଦ୍ରାବିଡ଼ ଓ ଅଷ୍ଟ୍ରିକ୍ ଭାଷାରେ ପ୍ରଚଳିତ ଥିବାରୁ ଏପରି ଦ୍ୱନ୍ଦ୍ୱ ଦେଖା

ଦେଇଥାଏ । ଓର, ଓଡ଼ ଶବ୍ଦ ଦୁଇଟି ମଧ୍ୟ ଉଭୟ ଦ୍ରାବିଡ଼ ଓ ଆଦିବାସୀ ଭାଷାରେ ବହୁ କାଳରୁ ପ୍ରଚଳିତ । ଦ୍ରାବିଡ଼ ଓ ଅଷ୍ଟ୍ରିକ୍ ଭାଷାର ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ରରେ ପ୍ରାମାଣିକ ଗବେଷଣାର ଆବଶ୍ୟକତା ରହିଛି ।

**ବିଭିନ୍ନ ଆଦିବାସୀ ଭାଷାରେ ସାଧାରର ଶବ୍ଦ**

ଆଦିବାସୀ ଭାଷାଗୁଡ଼ିକ ମଧ୍ୟରେ ପାରସ୍ପରିକ ବହୁ ସାଦୃଶ୍ୟ ଥିବାରୁ ଅନେକ ଶବ୍ଦ ବିଭିନ୍ନ ଆଦିବାସୀ ଭାଷାରେ ଦେଖିବାକୁ ମିଳେ । ତାହାର କେତୋଟି ଉଦାହରଣ ତଳେ ପ୍ରଦତ୍ତ ହୋଇଅଛି ।

| **ସାଧାରଣ ଶବ୍ଦ** | **ଆଦିବାସୀ ଭାଷାବଳୀ** |
|---|---|
| ଅଡ଼୍ଡ଼ୋ, ହଡ଼ା | କୁରୁଖ, ହୋ |
| ଓର, ଓରା, ଓରାଓ | ମୁଣ୍ଡାରୀ, ସାନ୍ତାଳୀ, କୁଇ, କୋରଓ୍ୱା, କୋଡ଼ା |
| କକା, କକୁନ୍ | କୁରୁଖ, ଶବର |
| କଲାନ୍, କାଲା | ହୋ, ଶବର |
| କୁଡ଼ି, କୁଡ଼୍ଡ଼ି, କୋଡ଼ି | ମୁଣ୍ଡାରୀ, କୁରୁଖ, କୁଇ, ଶବର |
| କୁଲ୍ଲାଲ, କୁହ୍ଲିଆ | ମୁଣ୍ଡାରୀ, ଶବର |
| ଚାଉଳ, ଚାଲ୍ | ମୁଣ୍ଡାରୀ, ସାନ୍ତାଳୀ, ହୋ, ଗଣ୍ଡ |
| ଚାଉଳି | ହୋ, ସାନ୍ତାଳୀ |
| ଚାଳି | କୁରୁଖ୍, ସାନ୍ତାଳୀ |
| ଚିରୁଗୁନୀ, ଚୁରିନ୍, ଚୁରୁନୀ | ମୁଣ୍ଡାରୀ, ସାନ୍ତାଳା |
| ଟୁକି, ଟୁଙ୍କି | ମୁଣ୍ଡାରୀ, କୁରୁଖ, ହୋ |
| ଡାଙ୍ଗନ୍, ଡୁଙ୍ଗା, ଡୁଙ୍ଗୀ | ସାନ୍ତାଳୀ, ଶବର |
| ଡିବାରି, ଡିବି, ଡିବିରି, ଡୁବି | ସାନ୍ତାଳୀ, ହୋ |
| ଡୁଙ୍ଗୀ, ଡୋଙ୍ଗା | କୁରୁଖ, ସାନ୍ତାଳୀ |
| ଡେବା, ଡେବିରି | ମୁଣ୍ଡାରୀ, କୁରୁଖ |
| ଢ଼ିଙ୍କି | କୁରୁଖ, ସାନ୍ତାଳୀ |
| ଢୁଲ୍କି, ଢ଼ୋଲ | କୁରୁଖ, ସାନ୍ତାଳୀ, ହୋ |
| ଢ଼େକ୍କା, ଢ଼େଲ୍କା | କୁରୁଖ, ସାନ୍ତାଳୀ |
| ଢ଼ୋଲା | ସାନ୍ତାଳୀ, ହୋ |
| ଧାଙ୍ଗଡ଼ା | ମୁଣ୍ଡାରୀ, ଶବର |
| ପାଇଟି | ମୁଣ୍ଡାରୀ, ହୋ |
| ଲଙ୍କା, ଲଙ୍ଗକାର, ଲାକ୍ | ଜୁଆଙ୍ଗ, ଗଣ୍ଡ, କୋରଓ୍ୱା |
| ସେଟା, ସେଟାରା, ହେଟା | ମୁଣ୍ଡାରୀ, ସାନ୍ତାଳୀ, କୋଡା, ଜୁଆଙ୍ଗ, ହୋ |

**ସଂସ୍କୃତ ଶବ୍ଦ ସହିତ ସାମ୍ୟ**

କେତୋଟି ଓଡ଼ଆ ଶବ୍ଦ ଆଦିବାସୀ ଭାଷାରୁ ଆସିଛି ବୋଲି ମନେ ହେଲେ ହେଁ ସଂସ୍କୃତ ଶବ୍ଦ ସହିତ ଧ୍ୱନିଗତ ଓ ଅର୍ଥଗତ ସାମ୍ୟ ଥିବାରୁ ତାହା ପ୍ରକୃତରେ କେଉଁ ଭାଷାରୁ ଆସିଛି ନିର୍ଣ୍ଣୟ କରିବା କଷ୍ଟକର ହୋଇପଡ଼େ । ତୁଳନା ପାଇଁ ତଳେ କେତୋଟି ଶବ୍ଦ ଦୃଷ୍ଟାନ୍ତ ସ୍ୱରୂପ ପ୍ରଦତ୍ତ ହୋଇଅଛି ।

| **ଓଡ଼ିଆ ଶବ୍ଦ** | **ଆଦିବାସୀ ଶବ୍ଦ** | **ସଂସ୍କୃତ ଶବ୍ଦ** |
|---|---|---|
| ଅଗାଡ଼ି | ଅରୋଡ଼୍ଡା | ଅକାର୍ଯ୍ୟ, ଅଗ୍ରାର୍ଦ୍ଧ |
| ଅରଖ | ଅରଖା | ଅର୍କ |
| ଅଳନ୍ଧୁ | ଅଲନ୍ଧା | ଅଳଂଧୂମ |
| ଆଖଡ଼ା | ଆଖରାନା | ଆଖେଟକ |
| କଡ଼ା | କଡ୍ଡୁନ୍ | କଟକ |
| କାଲା | କଲାନ୍ | କଲୁ |
| କିଲା | କିଲା | କୀଲକ |
| କୁକୁଡ଼ା | କୋକ୍ରୋ | କୁକ୍କୁଟ |
| କୁଟୁଣୀ | କୁଟରୀ | କୂଟିନୀ |
| କେନ୍ଦରା | କେନ୍ଦ୍ରା | କଣ୍ଡୋଳକ |
| ଗଡ (କାଠଖଣ୍ଡ) | ଗଡ | ଗର |
| ଚିତଳ (ମାଛ) | ଚିତୋଲ | ଚିତ୍ରଳ |
| ଚିତି (ସାପ) | ଚିତି | ଚିତ୍ରିତ |
| ଚୁଆ | ଚୁଆ | ଚ୍ୟୁତ |
| ଚୂଲୀ | ଚୁହ୍ଲା | ଚୂଲିକା |
| ଜାଉ | ଜାଗୁ | ଯବାଗୂ |
| ଝରା | ଝରା | ଝର |
| ଡିବି | ଡିବି | ଦୀପିକା |
| ଢ଼ିପ | ଢ଼ିପ | ଦ୍ୱୀପ |
| ଦାରୁ (ବୃକ୍ଷ) | ଦାରେ | ଦାରୁ |
| ନଇ, ଲଇ | ନଇ, ଲଇ | ଲତିକା |
| ପଡ଼ିବଆ | ପଡ଼ିଆ | ପତିତା |
| ପଢ଼ଉ | ପଢୁଅ | ପ୍ଳବ |

| | | |
|---|---|---|
| ପଲ୍ଲୀ | ପଲ୍ଲେନ୍ | ପଲ୍ଲୀ |
| ପାଇଟି | ପାଇଟି | ପ୍ରବୃତ୍ତି |
| ପାଳି | ପାଳି | ପଂକ୍ତି |
| ପିଣ୍ଡା | ପିଣ୍ଡା | ପିଣ୍ଡକ |
| ପୁଡ଼ା | ପୁଡ଼ା | ପୁଟକ |
| ପୁସି | ପୁସି | ପୋଷିତ |
| ବିଲ | ବେଲ | ବିଳ |

ଉପର୍ଯ୍ୟୁକ୍ତ ଉଦାହରଣରୁ ଅନୁମିତ ହେଉଛି, କେତେକ ସଂସ୍କୃତ ଶବ୍ଦ ଓଡ଼ିଆରେ ତଦ୍‌ଭବ ରୂପ ନେବା ପରେ ଆଦିବାସୀ ଭାଷାରେ ସ୍ଥାନ ଲାଭ କରିଥାଇପାରେ । ଓଡ଼ିଆ ଭାଷା ଆଦିବାସୀ ଭାଷାଦ୍ୱାରା ଯେପରି ପ୍ରଭାବିତ ହୋଇଛି, ଆଦିବାସୀ ଭାଷା ତାଠାରୁ ଅଧିକ ପରିମାଣରେ ଓଡ଼ିଆ ଭାଷାଦ୍ୱାରା ପ୍ରଭାବିତ ହୋଇଛି । ଆଦିବାସୀମାନେ ସଭ୍ୟ ଜଗତ୍ ସହିତ ଅଧିକ ଅଧିକ ସଂପୃକ୍ତ ହେବା ଫଳରେ, କାଳକ୍ରମେ ପର୍ଯ୍ୟାପ୍ତ ଶବ୍ଦ ସ୍ଥାନୀୟ ଓଡ଼ିଆ ଭାଷାରୁ ଗ୍ରହଣ କରିଛନ୍ତି ।

–୦–

# ଓଡ଼ିଆ ଭାଷାରେ ଦ୍ରାବିଡ଼ ପ୍ରଭାବ

ଭାରତବର୍ଷରେ ପ୍ରଚଳିତ ଭାଷା-ପରିବାର ମଧ୍ୟରେ ୪ଟି ହେଉଛି ମୁଖ୍ୟ । ଯଥା :- ଭାରୋପୀୟ ଭାଷା-ପରିବାର, ଅଷ୍ଟ୍ରିକ୍ ଭାଷା-ପରିବାର, ଦ୍ରାବିଡ଼ ଭାଷା-ପରିବାର ଓ ଚୈନିକ-ତିବ୍ଦତୀୟ ଭାଷା-ପରିବାର । ଭାରତ ବର୍ଷରେ ପ୍ରଚଳନ ଦୃଷ୍ଟିରୁ ଅଷ୍ଟ୍ରିକ୍ ଓ ଦ୍ରାବିଡ଼ ଭାଷା-ପରିବାର ଦୁଇଟି ଭାରୋପୀୟ ଭାଷା-ପରିବାରଠାରୁ ଅଧିକ ପ୍ରାଚୀନ ।

୨୦୧୩ ଜନଗଣନା ଅନୁଯାୟୀ ଓଡ଼ିଶାର ଜନସଂଖ୍ୟା ୪.୩୧ କୋଟି । ୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ତେଲଗୁମାନଙ୍କର ସଂଖ୍ୟା ହେଉଛି ୨୧୪,୦୧୦ । ଏମାନଙ୍କର ବାସସ୍ଥାନ ମୁଖ୍ୟତଃ ଦକ୍ଷିଣ ଓଡ଼ିଶା । ଭାରରୋପୀୟ ଭାଷାପରିବାର ଓ ଦ୍ରାବିଡ଼ ଭାଷାପରିବାରର ବ୍ୟାକରଣ ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ । ଭାରୋପୀୟ ଭାଷାପରିବାରର ଅନ୍ତର୍ଭୁକ୍ତ ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ଭାଷାର ବ୍ୟାକରଣଗତ ପ୍ରଭାବ ପଡ଼ିନାହିଁ କହିଲେ ଚଳେ । ତେବେ ଏହାର ଶାବ୍ଦିକ ପ୍ରଭାବ ହେଉଛି ଉଲେଖଯୋଗ୍ୟ । ଦ୍ରାବିଡ଼ ଶବ୍ଦଗୁଡ଼ିକ ଓଡ଼ିଆ ଶବ୍ଦସମ୍ଭାର ମଧ୍ୟରେ ଏପରି ଏକାତ୍ମ ଭାବରେ ମିଶି ଯାଇଛି ଯେ ଅନେକ ସମୟରେ ଏଗୁଡ଼ିକ ଖାଣ୍ଟି ଓଡ଼ିଆ ଶବ୍ଦ ପରି ମନେ ହୋଇଥାଏ । ଅନେକ ଦ୍ରାବିଡ଼ ଶବ୍ଦ ଏହି କାରଣରୁ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଦେଶଜ ଶବ୍ଦ ରୂପେ ନିର୍ଦ୍ଦେଶିତ ହୋଇଅଛି । ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଦ୍ରାବିଡ଼ ଶବ୍ଦାବଳୀ ଓ ଆଦିବାସୀ ଶବ୍ଦାବଳୀ ହିଁ ହେଉଛି ଓଡ଼ିଆ ଭାଷାର ଦେଶଜ ଶବ୍ଦ । ଦ୍ରାବିଡ଼ ଭାଷା ଅଧ୍ୟୟନ ନ କଲେ ଓଡ଼ିଆ ଭାଷାରେ ମିଶି ରହିଥିବା ଏହିସବୁ ଦ୍ରାବିଡ଼ ଶବ୍ଦକୁ ଜାଣି ହେବନାହିଁ । ଓଡ଼ିଆ ଭାଷାର ଶରୀର ଗଠନରେ ସଂସ୍କୃତ, ଆଦିବାସୀ ଓ ବହୁ ବୈଦେଶିକ ଭାଷା ପରି ଦ୍ରାବିଡ଼ ଭାଷା ମଧ୍ୟ ଏକ ଅଂଶଦାର । ତେଣୁ ଓଡ଼ିଆ ଭାଷା ଅଧ୍ୟୟନ କ୍ଷେତ୍ରରେ ଦ୍ରାବିଡ଼ ଭାଷାର ଅଧ୍ୟୟନ ଅପରିହାର୍ଯ୍ୟ ।

## ଦ୍ରାବିଡ଼ ଜାତିର ପ୍ରାଚୀନତା

ଆର୍ଯ୍ୟମାନଙ୍କର ଭାରତବର୍ଷକୁ ଆଗମନର ବହୁ ପୂର୍ବରୁ ଭାରତର ଉତ୍ତର-ପଶ୍ଚିମ ଅଞ୍ଚଳରେ ସିନ୍ଧୁ-ଉପତ୍ୟକାରେ ଦ୍ରାବିଡ଼ମାନେ ଏକ ସମୃଦ୍ଧ ସଭ୍ୟତା ପ୍ରତିଷ୍ଠା କରି ପାରିଥିଲେ । ହରପ୍ପା ଓ ମହେଞ୍ଜୋଦାରୋର ପ୍ରତ୍ନତାତ୍ତ୍ୱିକ ଭଗ୍ନାବଶେଷରୁ ଏହା ପ୍ରମାଣିତ ହୋଇଅଛି । ଅନେକ ଗବେଷକ ମନେ କରନ୍ତି, ସିନ୍ଧୁ-ଉପତ୍ୟକାରେ ଏଭଳି ସମୃଦ୍ଧ ସଭ୍ୟତା ପ୍ରତିଷ୍ଠା କରିବା ପୂର୍ବରୁ ଏମାନେ ଦକ୍ଷିଣ ଭାରତରେ ବିଭିନ୍ନ ସ୍ଥାନରେ ଉନ୍ନତ ସଭ୍ୟତା ଗଠନ କରିଥିଲେ । ନର୍ମଦା ଓ ଗୋଦାବରୀ ନଦୀର ଉପତ୍ୟକାଠାରୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ଏମାନଙ୍କର ସଭ୍ୟତା ଗଢ଼ି ଉଠିଥିଲା । ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ ପ୍ରଭୃତି ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ଗବେଷଣା ଚଳାଇ ଅନେକ ବିଦେଶୀ ଗବେଷକ ଅନୁମାନ କରନ୍ତି ଯେ ଏହି ଅଞ୍ଚଳରୁ ଦ୍ରାବିଡ଼ମାନେ ସିନ୍ଧୁ ଉପତ୍ୟକାକୁ ଯାଇ ନଗର ସଭ୍ୟତାର ସ୍ଥାପୟିତା ହୋଇଥିଲେ । ବହୁ ଗବେଷକ ଏକମତ ହୋଇଥାଆନ୍ତି ଯେ ଏମାନଙ୍କର ସଭ୍ୟତା ସହିତ ସୁମେରିଆ, ମେସୋପଟାମିଆ, ବେବିଲୋନ୍, ଏସିରିଆ ଓ ଚାଲଦୀୟ ସଭ୍ୟତାରା ଘନିଷ୍ଠ ସଂପର୍କ ଥିଲା । ଭୂମଧ୍ୟ ସାଗରୀୟ ଅଞ୍ଚଳରୁ ଦ୍ରାବିଡ଼ମାନେ ଭାରତବର୍ଷର ପଶ୍ଚିମଘାଟ ଦେଇ ଭାରତବର୍ଷକୁ ପ୍ରବେଶ କରିଥିଲେ । ପ୍ରଥମେ ଦକ୍ଷିଣ ଭାରତ ଏମାନଙ୍କର ପ୍ରଧାନ ବାସଭୂମି ଥିଲା ଓ କାଳକ୍ରମେ ଏମାନଙ୍କର ସଭ୍ୟତା ଉତ୍ତର ଭାରତ ତଥା ପୂର୍ବ-ଭାରତରେ ପ୍ରସାର ଲାଭ କରିଥିଲା । ଏମାନେ ଅଷ୍ଟ୍ରିକ୍‌ମାନଙ୍କଠାରୁ ଯଥେଷ୍ଟ ସଭ୍ୟ ଥିଲେ ଓ ଏମାନଙ୍କର ସଭ୍ୟତା ଥିଲା ନଗର ସଭ୍ୟତା ।

## ସଂସ୍କୃତ ଓ ଅନ୍ୟାନ୍ୟ ଭାରତୀୟ ଆର୍ଯ୍ୟ ଭାଷା ଉପରେ ଦ୍ରାବିଡ଼ ପ୍ରଭାବ

ଦ୍ରାବିଡ଼ ଓ ଆର୍ଯ୍ୟମାନଙ୍କ ମଧ୍ୟରେ ପ୍ରଥମେ ଶତ୍ରୁତା ଦେଖା ଦେଇଥିଲେ ମଧ୍ୟ ଗୋଟିଏ ଭୂଖଣ୍ଡରେ ରହିବା ଫଳରେ କ୍ରମଶଃ ସେମାନଙ୍କ ମଧ୍ୟରେ ପାରସ୍ପରିକ ମୈତ୍ରୀ ସ୍ଥାପିତ ହୋଇଥିଲା ଓ ଉଭୟ ସଂସ୍କୃତି ପରସ୍ପର ଉପରେ ପ୍ରଭାବ ପକାଇଥିଲେ । କେବଳ ସଂସ୍କୃତି କ୍ଷେତ୍ରରେ ନୁହେଁ ଭାଷା କ୍ଷେତ୍ରରେ ମଧ୍ୟ ପାରସ୍ପରିକ ସଂପର୍କ ଓ ସମନ୍ୱୟ ସଂଘଟିତ ହୋଇଥିଲା । ଦ୍ରାବିଡ଼ ଭାଷା ସଂସ୍କୃତ ଭାଷାଦ୍ୱାରା ଯେପରି ପ୍ରଭାବିତ ହୋଇଥିଲା, ସଂସ୍କୃତ ଭାଷା ଦ୍ରାବିଡ଼ ଭାଷାଦ୍ୱାରା ସେହିପରି ପ୍ରଭାବିତ ହୋଇଥିଲା । ଅବଶ୍ୟ ସଂସ୍କୃତ ଭାଷା ଉପରେ ଦ୍ରାବିଡ଼ ଭାଷାର

ବାକ୍ୟତତ୍ତ୍ୱ ଓ ବ୍ୟାକରଣ ଆଦିର ବିଶେଷ ପ୍ରଭାବ ପଡ଼ିନାହିଁ କହିଲେ ଚଳେ । ତଥାପି ବହୁ ଶାବ୍ଦିକ ପ୍ରଭାବ ସଂସ୍କୃତ ଭାଷାକୁ ନିଶ୍ଚିତ ଭାବରେ ସମୃଦ୍ଧତର କରିଅଛି । ସଂସ୍କୃତ ଓ ଅନ୍ୟାନ୍ୟ ଭାରତୀୟ ଆର୍ଯ୍ୟ ଭାଷାମାନଙ୍କ ଉପରେ ଦ୍ରାବିଡ଼ ଭାଷାର ନିମ୍ନଲିଖିତ ପ୍ରଭାବ ଉଲ୍ଲେଖଯୋଗ୍ୟ । ଯଥା :–

(୧) ଆର୍ଯ୍ୟ ପରିବାରର ମୂର୍ଦ୍ଧନ୍ୟ ଧ୍ୱନିଗୁଡ଼ିକ (ଟ, ଠ, ଡ, ଢ଼, ଣ) ତାଡ଼ିତ ଧ୍ୱନି (ଡ଼,ଢ଼) ଦ୍ରାବିଡ଼ ପରିବାର ପ୍ରଭାବର ଫଳ । (୨) ଅନେକ ଭାରତୀୟ ଆର୍ଯ୍ୟ ଭାଷାରେ 'ଲ' ('ଲ୍') ସ୍ଥାନରେ 'ର' ଓ 'ର୍' ସ୍ଥାନରେ 'ଳ୍' ('ଲ୍') ହୁଏ । ଯଥା – ଗଳା = ଗର, ହରିଦ୍ରା = ହଳଦି । ଏହା ଦ୍ରାବିଡ଼ ପରିବାରର ପ୍ରଭାବ । (୩) ଅନେକ ଭାଷାବିତ୍‌ଙ୍କର ମତ ଭାରତୀୟ ଆର୍ଯ୍ୟ ଭାଷାମାନଙ୍କରେ ପ୍ରଚଳିତ ତିନି ଲିଙ୍ଗ ହେଉଛି ଦ୍ରାବିଡ଼ ପ୍ରଭାବର ଫଳ, (୪) ଆର୍ଯ୍ୟ ଭାଷାମାନଙ୍କରେ ଷୋହଳ ଉପରେ ଆଧାରିତ ସେର–ଛଟାଙ୍କି, ଟଙ୍କା–ଅଣା, କାହାଣ–ପଣ ମାପ ଦାବିହ ଭାଷା ପରିବାରର ଦାନ, (୫) ପରସର୍ଗ ତଥା ସହାୟକ କ୍ରିୟାର ପ୍ରୟୋଗ ଏହାର ପ୍ରଭାବ ବୋଲି ଅନେକଙ୍କର ମତ, (୬) ଭାରତୀୟ ଆର୍ଯ୍ୟ ଭାଷାମାନଙ୍କରେ ତିଙନ୍ତ ଅପେକ୍ଷା କୃଦନ୍ତୀୟ ରୂପର ଅଧିକ ପ୍ରୟୋଗ ମଧ୍ୟ ଏହି ପରିବାରର ପ୍ରଭାବ । (୭) ସଂସ୍କୃତ ତଥା ଅନ୍ୟ ଭାରତୀୟ ଆର୍ଯ୍ୟ ଭାଷାମାନଙ୍କରେ ପ୍ରଚଳିତ ପର୍ଯ୍ୟାପ୍ତ ଶବ୍ଦର ମୂଳ ହେଉଛି ଦ୍ରାବିଡ଼ । ଯଥା : ଆଣି (ତାମିଲ, ଆଣି), ଅମ୍ବା (ତା, ଅମ୍ମା), ଅର୍ବୁଦ, ଅଣ୍ଡ, ଅପୋଗଣ୍ଡ, ଆଳବାଳ, ଅଳସ, ଅଳନ୍ଧୁ, ଅଳୀକ, ଅଙ୍କ, ଆଖେଟ, ଆଡମ୍ବର, ଆଢ଼୍ୟ, ଅରି, ଅଙ୍କ, ଆଳୁ, ଆଳି (ତେଲୁଗୁ, ଆଳି), କଳା (ତା, କଲ୍‌ଧାତୁଜ = Art), କୁଡ଼ିଆ (ତା, କୁଡ଼ି), ଅଟବୀ (ତା, ଅଟବୀ), ନୀର (ତା, ନୀର), ମୀନ (ତା, ମୀନ), ଉଲୂଖଳ (ତା, ଉଲ୍ଲୁଖଲ), କଠିନ (ତା, କଠିନ), କୋକିଳ, ଖଣ୍ଡନ, ପଗ (ତା, ପଗ୍ଗୁ), ବଳୟ (ତା, ବଲେୟି), ଶାବ (ତା, ଶା ଧାତୁଜ = ମରିବା), କରବାଳ (ତା, ତେ, କର–ବାଳ), କୁକ୍କୁର (ତା, କୁର୍ ଧାତୁଜ କୁର୍‌କୁର୍ = ଭୁକିବା ପଶୁ = କୁକୁର), କୋଣ (ତା, କୋଣ),କେୟୂତ (ତା, ପେଟ୍‌ଟି = ଥଳି, ଟୋକେଇ) ଫଳ, (ତା, ତେ, ପଳମ୍ = ପାଚିଲା ଫଳ), ମର୍କଟ (ତା, ତେ, ମର୍–କଟ୍ଟୁ), ବଲ୍ଲୀ (ତା, ତେ, ବଲ୍‌ଧାତୁଜ = ବଙ୍କେଇବା ଉଦ୍‌ଭିଦ), ମଣି, ମୁକୁଳ (ତା, ତେ, ମୁଗ୍ ଧାତୁଜ = ରୁଦ୍ଧ ବା ଅସ୍ଫୁଟ ଫୁଲ, କଳିକା) ଇତ୍ୟାଦି ।

## ଭାରତରେ ପ୍ରଚଳିତ ବିଭିନ୍ନ ଦ୍ରାବିଡ଼ ଭାଷା

କଥକ ସଂଖ୍ୟା ଦୃଷ୍ଟିରୁ ଦ୍ରାବିଡ଼ ହେଉଛି ଭାରତକ ଦ୍ୱିତୀୟ ବୃହତ୍ତମ ଭାଷା । ଭାରତର ପ୍ରାୟ ଏକ ଷଷ୍ଠାଂଶ ଲୋକ ଏହି ଭାଷାରେ କଥାବାର୍ତ୍ତା କରିଥାନ୍ତି । ପୃଥିବୀର ଭାଷାଭାଷୀଙ୍କ ସଂଖ୍ୟା ଦୃଷ୍ଟିରୁ ଦ୍ରାବିଡ଼ ଭାଷାଗୋଷ୍ଠୀ ପଞ୍ଚମ । ଭାରତରେ ପ୍ରଚଳିତ ଦ୍ରାବିଡ଼ ଭାଷା ପରିବାରର କେତୋଟି ପ୍ରଧାନ ଭାଷା ହେଉଛି ତାମିଲ୍, ତେଲୁଗୁ, ମଲୟାଲମ୍, କାନ୍ନାଡ଼ୀ, ତୁଲୁ, କୁଡାଗୁ (କୁର୍ଗୀ), ଟୁଡା, କୋଟା, ମାଲ୍‌ଟୋ, କୋଲାମୀ, ବ୍ରାହୁଇ ପ୍ରଭୃତି । କେତେକ ଭାଷାବିତ୍ ଅଷ୍ଟ୍ରିକ୍ ଭାଷାନ୍ତର୍ଭୁକ୍ତ କୁରୁଖ୍, କୁଇ, ଗଣ, କନ୍ଧ, ପ୍ରଭୃତି ଭାଷାକୁ ମଧ୍ୟ ଦ୍ରାବିଡ଼ ଭାଷା ପରିବାରର ଅନ୍ତର୍ଭୁକ୍ତ କରିଥାନ୍ତି । ଏଥି ମଧ୍ୟରୁ କେତୋଟି ମୁଖ୍ୟ ଭାଷା ସଂପର୍କରେ ଏଠାରେ ସଂକ୍ଷେପରେ ଆଲୋଚନା କରାଯାଉଅଛି ।

## ତାମିଲ୍

ଏହି ଭାଷା ଉତ୍ତର ଲଙ୍କା ଓ ଭାରତର ତାମିଲ୍‌ନାଡୁ ଠାରୁ କୁମାରୀକା ଅନ୍ତରୀପ ପର୍ଯ୍ୟନ୍ତ ଅଞ୍ଚଳରେ ଅଧିକ ପରିମାଣରେ କଥିତ ହୋଇଥାଏ । ଭାରତବର୍ଷରେ ଏହି ଭାଷାଭାଷୀ ସଂଖ୍ୟା ୫ କୋଟିରୁ କିଛି କମ୍ । ଦ୍ରାବିଡ଼ ଭାଷା ପରିବାର ମଧ୍ୟରେ ତାମିଲ ଭାଷା ହେଉଛି ପ୍ରାଚୀନତମ । ସିନ୍ଧୁ–ଉପତ୍ୟକା ସଭ୍ୟତାରେ ବ୍ୟବହୃତ ଲିପି ପ୍ରନ୍–ତାମିଲ୍ (Proto-Tamil) ଲିପି ବୋଲି କେତେକ ଐତିହାସିକ ଭାଷାବିତ୍ ଅନୁମାନ କରିଥାନ୍ତି ।

ତାମିଲ୍ ଭାଷା ଓ ସାହିତ୍ୟର ବିକାଶରେ ସଙ୍ଗମ୍ (ସଂ, ସଂଘମ୍) ସାହିତ୍ୟର ଭୂମିକା ଅବିସ୍ମରଣୀୟ । ପ୍ରଥମ ସଙ୍ଗମ୍‌ର ସମୟ ହେଉଛି ଆନୁମାନିକ ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀ । ଏଥିରୁ ଅନୁମିତ ହେଉଛି, ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀ ବେଳକୁ ତାମିଲ୍ ଭାଷା ନିଶ୍ଚିତ ଭାବରେ ପୂର୍ଣ୍ଣାଙ୍ଗ ରୂପ ଲାଭ କରି ସାରିଥିଲା । ଏହି ସଙ୍ଗମ୍‌ମାନଙ୍କରେ ତାମିଲ୍ ଭାଷାର ପ୍ରାଚୀନତମ ରଚନା ସୃଷ୍ଟିଲାଭ କରିଅଛି ।

## ତେଲୁଗୁ

ଦକ୍ଷିଣ ଭାରତର ଆନ୍ଧ୍ର ପ୍ରଦେଶ ତେଲୁଗୁ ଭାଷାର ପ୍ରଧାନ କ୍ଷେତ୍ର । ଏହା ଛଡ଼ା ସିଂହଳ, ବେଲୁଚିସ୍ଥାନ, ମଧ୍ୟ ପ୍ରଦେଶ, ବିହାର, ଓଡ଼ିଶା, ତାମିଲ୍‌ନାଡୁ, କର୍ଣ୍ଣାଟକ ଓ କେରଳରେ ମଧ୍ଧ ଏହି ଭାଷାଭାଷୀମାନେ ବାସକରନ୍ତି । କଥକ ସଂଖ୍ୟା ଦୃଷ୍ଟିରୁ ଭାରତରେ ଏହା ବୃହତ୍ତମ ଦ୍ରାବିଡ଼ ଭାଷା (ଦ୍ୱିତୀୟ ହେଉଛି ତାମିଲ୍) । ଭାରତରେ ଏହି ଭାଷାଭାଷୀ ସଂଖ୍ୟା ପ୍ରାୟ ୫ କୋଟି । ଖ୍ରୀ: ପୂ: ପ୍ରାୟ ଏକ ହଜାର ବର୍ଷ ପୂର୍ବରୁ ଏହି ଭାଷା ସୃଷ୍ଟିଲାଭ କରିଛି ବୋଲି ଭାଷାବିତ୍‌ମାନେ ଅନୁମାନ କରନ୍ତି ।

## ମାଲୟାଲମ୍

ଏହି ଭାଷା ତାମିଲ୍ ଭାଷାର ଏକ ଶାଖା ଏବଂ ଏହାର ଉନ୍ମେଷ କାଳ ନବମ ଶତାବ୍ଦୀ । ଏହାର ପ୍ରଧାନ ପ୍ରଚଳନ କ୍ଷେତ୍ର କେରଳ ପ୍ରଦେଶ । ଏହାଛଡ଼ା ମାଲବାର ଉପକୂଳଠାରୁ ଦକ୍ଷିଣରେ କୁମାରିକା ପର୍ଯ୍ୟନ୍ତ ଅଞ୍ଚଳରେ ଓ ଲାକ୍ଷା ଦ୍ୱୀପରେ ମଧ୍ୟ ଏହିଭାଷା କଥିତ ହୋଇଥାଏ । 'ମାଲୟାଲମ୍' ଶବ୍ଦର ଅର୍ଥ ହେଉଛି ପାର୍ବତ୍ୟ (ମାଲୟ) ଉପତ୍ୟକା (ଆଲମ୍) ବା ଅଞ୍ଚଳ । ପାର୍ବତ୍ୟ ଅଞ୍ଚଳର ଅଧିବାସୀମାନଙ୍କ ଦ୍ୱାରା ଏହିଭାଷା ପ୍ରଥମେ କଥିତ ହେଉଥିଲା ବୋଲି ଅନୁମାନ କରାଯାଏ । ବ୍ରାହ୍ମଣମାନଙ୍କ ଯୋଗୁ ଏହି ଭାଷାରେ ବହୁଳ ଭାବରେ ସଂସ୍କୃତ ପ୍ରଭାବ ପରିଲକ୍ଷିତ ହୋଇଥାଏ । ଏହି ଭାଷାରେ ରଚିତ ସାହିତ୍ୟର 'ମଣିପ୍ରବାଳ' ନାମକୁ ଏକ ଶୈଳୀରେ ସଂସ୍କୃତ ଶବ୍ଦର ପ୍ରାଚୁର୍ଯ୍ୟ ଦେଖିବାକୁ ମଳେ ।

## କାନ୍ନାଡୀ

ଦ୍ରାବିଡ଼ ଭାଷାର ତୃତୀୟ ପ୍ରଧାନ ଭାଷା ହେଉଛି କାନ୍ନାଡୀ । ଏହାର ପ୍ରଧାନ କ୍ଷେତ୍ର ହେଉଛି କର୍ଣ୍ଣାଟକ । ଏହାଛଡ଼ା କୁର୍ଗ, ତାମିଲ୍‌ନାଡୁ, ମହାରାଷ୍ଟ୍ର ପ୍ରଭୃତିରେ ଏହି ଭାଷାକଥିତ ହୋଇଥାଏ । ଏହି ଭାଷା ତାମିଲ୍ ଭାଷାର ନିକଟବର୍ତ୍ତୀ । ଏହାର ଲିପି ସହିତ ମଧ୍ୟ ତାମିଲ୍ ସୌସାଦୃଶ୍ୟ ଲକ୍ଷ୍ୟ କରାଯାଏ । ଏହି ଭାଷାର ପ୍ରାଚୀନତମ ସ୍ୱରୂପ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକର ଏକ ଗ୍ରୀକ୍ ନାଟକରେ ଦେଖିବାକୁ ମିଳେ । ତେଣୁ ଖ୍ରୀଷ୍ଟପୂର୍ବ ଅନ୍ତତଃ ପଞ୍ଚମ ଶତାବ୍ଦୀ ବେଳଠାରୁ ଏହାର ଉଦ୍‌ଭବ ଘଟି ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକ ବେଳକୁ ବିକାଶ ସାଧିତ ହୋଇ ସାରିଥିଲା ବୋଲି ଅନୁମାନ କରାଯାଏ । ଖ୍ରୀଷ୍ଟୀୟ ପ୍ରାୟ ୫୦୦ ଶତାବ୍ଦୀରେ ଏହି ଭାଷାର ପ୍ରାଚୀନତମ ଅଭିଲେଖ ଆବିଷ୍କୃତ ହୋଇଅଛି ।

## ଓଡ଼ିଆ ଭାଷାରେ ଦ୍ରାବିଡ଼ ପ୍ରଭାବ

ଓଡ଼ିଆ ଭାଷାରେ ଦ୍ରାବିଡ଼ ପ୍ରଭାବର କେତୋଟି କାରଣ ନିରୂପଣ କରାଯାଇପାରେ ।

ଓଡ଼ିଆ ଭାଷା ସଂସ୍କୃତ ଭାଷାରୁ ଜନ୍ମ ଲାଭ କରିଅଛି । ସଂସ୍କୃତ ଭାଷାରେ ଦ୍ରାବିଡ଼ ଭାଷାର ବହୁ ଶବ୍ଦ ଗୃହୀତ ହୋଇଅଛି । ତେଣୁ ସଂସ୍କୃତ ଭାଷା ମାଧ୍ୟମରେ ବହୁ ଦ୍ରାବିଡ଼ ଶବ୍ଦ ଓଡ଼ିଆ ଭାଷାରେ ଅନୁପ୍ରବେଶ ଲାଭ କରିଅଛି ।

ଦକ୍ଷିଣ ଭାରତର ଦ୍ରାବିଡ଼ ଭାଷାଭାଷୀ ଅଞ୍ଚଳ ଓଡ଼ିଶାର ପଡ଼ୋଶୀ ଅଞ୍ଚଳ । ବର୍ତ୍ତମାନ ଆନ୍ଧ୍ର ପ୍ରଦେଶ ଓଡ଼ିଶାର ଦକ୍ଷିଣସ୍ଥ ପଡୋଶୀ ଅଞ୍ଚଳ । ବହୁକାଳ ଧରି ଓଡ଼ିଶାର ଦକ୍ଷିଣାଞ୍ଚଳ (ଗଞ୍ଜାମଜିଲ୍ଲାଓ କୋରାପୁଟ ଜିଲ୍ଲା) ଇଂରଜ ଶାସନ କାଳରେ ତତ୍‌କାଳୀନ ମାନ୍ଦ୍ରାଜ ପ୍ରଦେଶରେ ମିଶି ରହିଥିଲା ।

ଓଡ଼ିଶାର ରାଜା ଖାରବେଳ ବହୁ ଦ୍ରାବିଡ଼ ଭାଷୀ ଅଞ୍ଚଳ ଜୟ କରିଥିଲେ । ତେଣୁ ସେହି ସମୟଠାରୁ ଓଡ଼ିଶାର ବହୁ ଲୋକ ଦ୍ରାବିଡ଼-ଭାଷୀ ଅଞ୍ଚଳରେ ଯାଇ ବାସ କରିଥିବେ ଓ ବହୁ ଦ୍ରାବିଡ଼ଭାଷୀ ଓଡ଼ିଶାରେ ଆସି ବାସ କରିଥିବେ ।

ଚୋଡ଼ଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ଦାକ୍ଷିଣାତ୍ୟର ଦ୍ରାବିଡ଼ଭାଷୀ ଗଙ୍ଗବଂଶୀୟ ରାଜାମାନେ ପ୍ରାୟ ଚାରିଶହ ବର୍ଷ ଧରି ଓଡ଼ିଶାରେ ରାଜତ୍ୱ କରୁଥିଲେ । ଶାସନ କାର୍ଯ୍ୟରେ ପରିଚାଳନା ନିମିତ୍ତ ସେମାନେ ବାଧ୍ୟବାଧକତା ପୂର୍ବକ ତେଲୁଗୁ ବା ତାମିଲ ଭାଷାକୁ ରାଜଭାଷା କରି ନ ଥିଲେ ସତ, ତଥାପି ଅଭିଲେଖମାନଙ୍କର ଓଡ଼ିଆ ଭାଷା ସହ ତେଲୁଗୁ ଭାଷା ପ୍ରଚଳନ ପ୍ରଚେଷ୍ଟା ଚଳାଇଥିଲେ । ଅନେକ ଦ୍ରାବିଡ଼ଭାଷୀ

ଶାସନ ବିଭାଗରେ ନିଯୁକ୍ତି ପାଇଥିବା ସମ୍ଭବ । ସେମାନେ ଓଡ଼ିଶାରେ ଦ୍ରାବିଡ଼ ଭାଷାର ପ୍ରସାର ଦିଗରେ ପ୍ରଚେଷ୍ଟା କରିଥିବେ ।

କପିଳେନ୍ଦ୍ର ଦେବଙ୍କ ସମୟକୁ ଦକ୍ଷିର ଓଡ଼ିଶାରେ ଦ୍ରାବିଡ଼ ଭାଷୀମାନଙ୍କର ସଂଖ୍ୟା ବଢ଼ି ଯାଇଥିଲା । ତେଣୁ କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବଙ୍କ ପରି ଓଡ଼ିଆ ରାଜାମାନେ ମଧ୍ୟ ଦକ୍ଷିଣାଞ୍ଚଳରେ ଶାସନର ସୌକର୍ଯ୍ୟ ନିମିତ୍ତ ତେଲୁଗୁ ଭାଷାରେ ଅନେକ ଅଭିଲେଖ, ସନନ୍ଦ ଆଦି ଲିପିବଦ୍ଧ କରାଇଅଛନ୍ତି ।

ଅତି ପ୍ରାଚୀନକାଳରୁ ଓଡ଼ିଶାର ବାଣିଜ୍ୟ-ବ୍ୟବସାୟ ଉତ୍ତର ଭାରତ ସହିତ ଯେତିକି ସଂପୃକ୍ତ ନୁହେଁ, ଦକ୍ଷିଣ ଭାରତ ସହିତ ତା'ଠାରୁ ଅଧିକ ସଂପୃକ୍ତ । ଉଭୟ ଉତ୍କଳୀୟ ଓ ଦ୍ରାବିଡ଼ ଜାତି ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟରେ ଖ୍ୟାତି ଲାଭ କରିଥିଲେ । ବାଣିଜ୍ୟ ବ୍ୟପଦେଶରେ ଉଭୟେ ଉଭୟଙ୍କ ରାଜ୍ୟକୁ ଯାଇ ଅଥବା ଉଭୟ ଏକତ୍ର ବିଦେଶକୁ ଯାଇ ପରସ୍ପରର ଭାଷା ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

ଗଙ୍ଗବଂଶର ରାଜତ୍ୱ କାଳରୁ ଓଡ଼ିଶାରେ ବହୁ ସଂଖ୍ୟାରେ ଦ୍ରାବିଡ଼ ଜାତିର ବ୍ୟବସାୟୀମାନେ ଅବାଧ ବାଣିଜ୍ୟର ସୁବିଧା ଲାଭ କରିଥିବେ । ଓଡ଼ିଶାରେ ଏହି କ୍ରମରେ କୁମୁଟିମାନେ ବିସ୍ତାର ଲାଭ କରି ବର୍ତ୍ତମାନ ଓଡ଼ିଆ ଜାତିରେ ପରିଣତ ହୋଇଯାଇଛନ୍ତି । ଏବେ ବି ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ଦ୍ରାବିଡ଼ଭାଷୀ ବ୍ୟବସାୟୀମାନଙ୍କ ସଂଖ୍ୟା ଓଡ଼ିଆଭାଷୀ ବ୍ୟବସାୟୀମାନଙ୍କ ସଂଖ୍ୟା ତୁଳନାରେ କିଛି କମ୍ ନୁହେଁ, ବରଂ ଅନେକତ୍ର ଅଧିକ ।

ଜଗନ୍ନାଥ ଧାମ ହେଉଛି ସର୍ବଧର୍ମ-ସଂସ୍କୃତିର ସମନ୍ୱୟ ମଣ୍ଡପ । ଦକ୍ଷିଣ ଭାରତରୁ ଅନେକ ଧର୍ମ ପ୍ରଚାରକ ଜଗନ୍ନାଥ ଧାମକୁ ଆସିଛନ୍ତି । ଧର୍ମ ପ୍ରଚାର ପାଇଁ ସେମାନେ ଓଡ଼ିଆ ଭାଷା ଶିଖିଥିବେ ଅଥବା ଓଡ଼ିଆମାନଙ୍କୁ ନିଜ ଭାଷା ଶିଖାଇ ଥିବେ ।

ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ବାସ କରି ଆସୁଥିବା କନ୍ଧ, ପରଜା, ଖଣ୍ଡ ପ୍ରଭୃତି ଆଦିବାସୀମାନେ କ୍ରମେ ଦ୍ରାବିଡ଼ ଭାଷା ଶିଖିଛନ୍ତି । ବର୍ତ୍ତମାନ ଓଡ଼ିଶାର କନ୍ଧ, ଗଣ୍ଡ, ପରଜାମାନେ ବହୁଳ ଭାବରେ ଦ୍ରାବିଡ଼ ଭାଷା କହିଥାନ୍ତି । ଏହି ଗୋଷ୍ଠୀର ଆଦିବାସୀମାନେ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ବହୁ ସଂଖ୍ୟାରେ ବାସ କରନ୍ତି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଠାରୁ ଯେପରି ବହୁସଂଖ୍ୟାରେ ଓଡ଼ିଆଭାଷୀ ଆନ୍ଧ୍ର ପ୍ରଦେଶରେ ରହିଛନ୍ତି, ସେହିପରି ବହୁ ସଂଖ୍ୟାରେ ଦ୍ରାବିଡ଼ ଭାଷୀ ଓଡ଼ିଶା ପ୍ରଦେଶରେ ରହିଛନ୍ତି ।

ଅନେକ ଓଡ଼ିଆ ଶ୍ରମିକ ଦ୍ରାବିଡ଼ଭାଷୀ ଅଞ୍ଚଳମାନଙ୍କୁ ଯାଉଛନ୍ତି ଓ ଅନେକ ଦ୍ରାବିଡ଼ଭାଷୀ ଶ୍ରମିକ ଓଡ଼ିଶାକୁ ଆସୁଛନ୍ତି ।

## ଓଡ଼ିଆ ଭାଷାରେ ଦ୍ରାବିଡ଼ ଭାଷାର ପ୍ରଭାବ

ଭରତ ମୁନିଙ୍କ ନାଟ୍ୟଶାସ୍ତ୍ରରେ ଉଲ୍ଲିଖିତ ''ଶବରାଭୀର ଚଣ୍ଡାଳ ସଚରି ଦ୍ରାବିଡୋଡ୍ରଜାଃ'' ବାକ୍ୟଟିରେ ଥିବା 'ଦ୍ରାବିଡୋଜାଃ' ଯୁଗ୍ମଶବ୍ଦଟି ଦୁଇଟି ଅର୍ଥ ବହନ କରିବାର ସମ୍ଭାବନା ରହିଛି । ଯଥା : (କ) 'ଦ୍ରାବିଡ଼' ଭାଷା ଓ 'ଉଡ୍ରଜା' ବା ଓଡ଼ିଆ ଭାଷା, (ଖ) ଦ୍ରାବିଡ଼ ଭାଷା ଅନ୍ତର୍ଭୁକ୍ତ ଉଡ୍ରଜା ବା ଓଡ଼ିଆ ଭାଷା । ଦ୍ୱିତୀୟ ଅର୍ଥଟିରେ 'ଦ୍ରାବିଡ଼' ଶବ୍ଦ ଏକ ବିଶେଷଣ ପଦ । ଏହି ମତକୁ ଗ୍ରହଣ କଲେ ଓଡ଼ିଆ ଭାଷା 'ଅନ୍ୟତମ ଦ୍ରାବିଡ଼ ଭାଷା' ବା 'ଦ୍ରାବିଡ଼ ଭାଷା ପ୍ରଭାବିତ ଭାଷା' ବୋଲି ଗୃହୀତ ହେବ ।

ଓଡ଼ିଆ ଭାଷାକୁ ବିଭାଷା କହିବା ମୂଳରେ ଅଷ୍ଟ୍ରିକ୍ (ଆଦିବାସୀ) ଭାଷାର ମିଶ୍ରଣ ଯେପରି ବିଚାର୍ଯ୍ୟ, ଦ୍ରାବିଡ଼ ଭାଷାର ମିଶ୍ରଣ ମଧ୍ୟ ସେତିକି ବିଚାର୍ଯ୍ୟ ।

ମନୁଙ୍କ ସମୟରେ ଓଡ଼ିଶାକୁ ବ୍ରାତ ବା ପତିତମାନଙ୍କର ଦେଶ ବୋଲି କୁହାଯାଉଥିବାର ପ୍ରଧାନ କାରଣ ହେଉଛି ସେ କାଳରେ ଓଡ଼ିଶାରେ ବହୁତ ସଂଖ୍ୟାରେ ଦ୍ରାବିଡ଼ ବସତି ରହିଥିଲା ।

ଓଡ଼ିଶାର ଏକ ପ୍ରାଚୀନ ନାମ ହେଉଛି 'କଳିଙ୍ଗ' । 'କଳିଙ୍ଗ' ଶବ୍ଦର ମୂଳ ଉତ୍ସ ରୂପେ 'କୁଲିଙ୍ଗ' ବା 'କ୍ଲୀଙ୍ଗ୍'ଶବ୍ଦକୁ ଗ୍ରହଣ କରାଯାଇଥାଏ ।

ଏହାର ଉତ୍ସ 'କ-ଲିଙ୍ଗ' ମଧ୍ୟ ହୋଇପାରେ । 'କ-ଲିଙ୍ଗ'ର ଅର୍ଥ ହେଉଛି 'ଶିବ ଲିଙ୍ଗ' । ବହୁ ପ୍ରାଚୀନ କାଳରୁ ଦ୍ରାବିଡ଼-ଅଧ୍ୟୁଷିତ ଓଡ଼ିଶା 'କ-ଲିଙ୍ଗ' ଦେଶ (ଶିବ-ଲିଙ୍ଗର ଦେଶ) ବୋଲି ବିବେଚିତ ହୋଇଥାଇପାରେ । ଦ୍ରାବିଡ଼ମାନେ ଶିବ - ଉପାସକ ଭାବରେ ସୁପରିଚିତ ।

ଓଡ଼ଶା ଓ ଓଡ଼ିଆ ଶବ୍ଦ ସୃଷ୍ଟି ମୂଳରେ ରହିଛି 'ଓଡ଼' ଶବ୍ଦ । ଏହାକୁ ଅନେକେ ଦ୍ରାବିଡ଼-ମୂଳ ବୋଲି ଗ୍ରହଣ କରିଥାନ୍ତି ।

ବିଖ୍ୟାତ ଭାଷାବିତ୍ ଡକ୍ଟର ସୁନୀତି କୁମାର ଚାଟର୍ଜୀଙ୍କ ମତରେ 'ଖାରବେଳ' ଶବ୍ଦଟି ତେଲୁଗୁ ଶବ୍ଦ (ଖାର = କଳା, ବେଳ = ବର୍ଚ୍ଛା) । ଏହାର ଅର୍ଥ ହେଉଛି କୃଷ୍ଣବର୍ଣ୍ଣର ବର୍ଚ୍ଛାପରି କଳା ଓ ଭୟଙ୍କର । ହାତୀଗୁମ୍ଫା ଶିଳାଲେଖରେ ବ୍ୟବହୃତ 'କୁଡ଼େପ', 'ବଡୁଖ' ଶବ୍ଦ ଦୁଇଟି ମଧ୍ୟ ତତ୍କାଳୀନ ଦ୍ରାବିଡ଼ ଭାଷାର ଶବ୍ଦ । ଓଡ଼ିଶାର ରାଜା, ଖାରବେଳଙ୍କ ସମୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକ । ତେଣୁ ଓଡ଼ିଆ ଭାଷାରେ ତେଲୁଗୁ ଶବ୍ଦର ବ୍ୟବହାର ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକ ପୂର୍ବରୁ ଆରମ୍ଭ ହୋଇ ଯାଇଛି ।

ଓଡ଼ିଆ ଭାଷାରେ ଅଷ୍ଟମ ଶତାବ୍ଦୀ ପୂର୍ବରୁ ପ୍ରଚଳିତ ଦ୍ୱିତୀୟା ବିଭକ୍ତି 'କୁ' ପ୍ରତ୍ୟୟ ମଧ୍ୟ ଦ୍ରାବିଡ଼ ଭାଷାରୁ ଗୃହୀତ ହୋଇଅଛି ।

**ଓଡ଼ିଆ ଭାଷାରେ ଦ୍ରାବିଡ଼ ଶବ୍ଦ ସମ୍ଭାର**

ସହସ୍ରାଧିକ ବର୍ଷ ଧରି ଦ୍ରାବିଡ଼ ଭାଷା ଓଡ଼ିଆ ଭାଷା ଉପରେ ମୁଖ୍ୟତଃ ଶାବ୍ଦିକ ପ୍ରଭାବ ପକାଇ ଆସିଛି । ତାହାର ଏକ ସଂକ୍ଷିପ୍ତ ତାଲିକା ତଳେ ଦିଆଯାଇଛି -

| **ଓଡ଼ିଆ ଶବ୍ଦ** | **ମୂଳ ଦ୍ରାବିଡ଼ ଶବ୍ଦ** | **ଅର୍ଥ** |
|---|---|---|
| ଅକସ | ଅକଇ | ହିଂସା, ଅସ୍ୱୟା, ଅସୁବିଧା |
| ଅଗାଡ଼ | ଆଗାଡ଼ି, ଆଗାଡୁ | ଶସହୀନ ଧାନଶସ୍ୟ |
| ଅଡା | ଅଡ୍ଡ଼ା | ଷାଠିଏ ତୋଳା-ବିଶିଷ୍ଟ ମରିମାପକ ପାତ୍ର |
| ଅଡୁଆ | ଅଡଓ୍ୱା | ଅସୁବିଧା, ପ୍ରତିବନ୍ଧକ |
| ଅଣ | ଅଣମ୍ | ଝୋଳ |
| ଅଣି | ଅଣି | ଓଲି, ଚେହେରା |
| ଅଣି (କଳା) | ଆଣି | କିଳା, କଣ୍ଟା |
| ଅଣ୍ଟା | ଉଟ୍ଟୁ, ଉଟା | କଟି |
| ଅରା | ଅର୍ରା | ଅକ୍ସ |
| ଅରୁଆ | ଅରି, ଅରା | ଅସିଝା ଧାନରୁ ଜାତ ଚାଉଳ |
| ଅର୍ଗଳି | ଅର୍ଗଲ୍ | ଆଡ଼ କାଠ, ପଥରୋଧକ ଯନ୍ତ୍ର |
| ଅର୍ଦଳି | ଅର୍ଦ୍ଦୁନି | ହଇରାଣ, ଅଳି, ଜଞ୍ଜାଳ |
| ଆକଟ | ଅକଟ୍ଟନ୍ | ରୋଧ |
| ଆକ୍ରା | ଆକ୍‌ରା | ଲୋଡା |
| ଆଟିକା | ଆଟିକ | ମାଟି ହାଣ୍ଡି |
| ଆଟୁ | ଆଟକ | ମାଟି ଭାଡି, ମାଟି ଛାତ |
| ଆଡ଼ | ଆଡ଼ | ଘୁଞ୍ଚିଯିବା |
| ଆଡତି | ଅଡତି | ଉନ୍ନତି, ଆଡ଼ମ୍ବର |
| ଆଡ଼ି | ଆଡ଼ି | ପ୍ରତିବନ୍ଧକ, ହିଡ, ବାଡ |
| ଆଣି | ଆଣି | ସୌନ୍ଦର୍ଯ୍ୟ, ଟେକ, ଆଡ଼ମ୍ବର |
| ଆରିସା | ଅରିସା, ଅରିସି, ଅରିସୁ | ତେଲ ପିଠା (ଚାଉଳ ଚୂନା ଓ ଗୁଡ଼ରେ ତିଆରି ତେଲଛଣା ପିଠା) |

| | | |
|---|---|---|
| ଉତ୍କଳ | ଓକ୍‌କଲମ୍ | କୃଷିପ୍ରଧାନ ଦେଶ (ଓଡ଼ିଶା) |
| ଉଲ୍ଲୁ | ଉଲ୍ଲୁ | ବୋକା |
| ଏଣ୍ଡୁରି | ଇଡ଼ଲି | ବିରିପିଠା ବିଶେଷ |
| ଓଡ଼ | ଓର | ଥର |
| ଓର | ଓର | ଥର |
| ଓଲିଆ | ଉଲାଉ | ବାରବୁଲା |
| କଉ | କୟଲ୍ | ମାଛବିଶେଷ |
| କଉଡହି | କଉଟି, କଉଡି, କଉଡେ | କପର୍ଦ୍ଦକ |
| କକା | କୁକୁ (ବଡ଼ଭାଇ) | ବାପାଙ୍କ ସାନ ଭାଇ |
| କଚଟ | କଚୟୁ | ମଳି |
| କଚ୍ଛା | କଚ୍ଛେ, କଚ୍ଛ,କଚ୍ଛଇ | ଲୁଗାର ପଛପାଖ ଫେର |
| କଟମ୍ବା | କଟମା | ମୃଗ ଛାଲ, ତୃଣ ବିଶେଷ |
| କଟାଳ | କୁଟଲ,କଟେଲ, | ଜିଦ୍, ଜଞ୍ଜାଳ, କାନ୍ଦ |
| କଡ଼ | କଡ଼ି, କରେଇ | କୂଳ, ପାର୍ଶ୍ୱ |
| କଡ଼ା | କଡୁ | କଟୁ, କଠୋର, କଠିନ |
| କଡ଼ା | କଡ଼, କଡ଼ା | ହସ୍ତାଳଙ୍କାର ବିଶେଷ, ବଳୟ |
| କଡ଼ି | କଡ଼ି, କରି | ଛାରକାଠ ବିଶେଷ, ବାଡ଼ି |
| କଢ଼ି | କଳି | କୋରକ |
| କରି | କଣୁ, କଣ, କଣେ | ବାଉଁଶ ଡାଙ୍ଗ, କ୍ଷୁଦ୍ରାଂଶ |
| କତା | କୋତାହାଇ | ନଡ଼ିଆ ଉପର ତନ୍ତୁ |
| କରିଆ | କରୟାମ୍ | ଗାମୁଛା |
| କଳେଇ | କଳାଇ | ଶସ୍ୟଗୁଚ୍ଛ |
| କା | କା | ଅଧିକାଶକ୍ତି, ପ୍ରତିନିଧିତ୍ୱ, ରୂପାନ୍ତର |
| କାଉ | କାକି, କାକ୍‌କ, କାକ୍‌କଇ, କାଗେ | କାକ ପକ୍ଷୀ |
| କାକୁଡ଼ି | କକ୍‌କିରି କାକ୍‌କିର | ଫଳ ବିଶେଷ |
| କାଞ୍ଚୁଳା | କଛ କଚ୍ଛେ, କଚ୍ଛୁ | ବ୍ଲାଉଜ୍ ନାରୀଙ୍କର ବକ୍ଷଚ୍ଛଦ, ଚେଳ |
| କାଞ୍ଜି | କାଞ୍ଜି, କାଞ୍ଚ୍ | ଆମ୍ବିଳି ତୋରାଣି ଓ ପରିବାରେ ନିର୍ମିତ ତରକାରି |
| କାଟୁ | କାଟୁ | ଜଙ୍ଗଲ (ହିଞ୍ଜଳି କାଟୁ) |
| କାତ | କାତ | କ୍ଷେପଣୀ, ନାବଚାଳନୀ ସୃଷ୍ଟି |
| କାତି | କାତ୍ତି | କଟୁରି |
| କାନ୍ଥ | କାତମ୍ | ପାଚେରି |
| କାଲ | କେଲ | ବଧିର |
| କାଲୁଆ | କଲୱା | ଅତି ଥଣ୍ଡା |
| କୁଟୁ କୁଟୁ | କୁଟ୍ଟୁ କୁଟ୍ଟୁ | ଯନ୍ତ୍ରଣା |
| କୁଡ଼ିଆ | କୁଡ଼ି | କୁଟିର |
| କୁଡୁଆ | କୁଡୁ, କୋଡା | ମାଟିପାତ୍ର–ବିଶେଷ |

| | | |
|---|---|---|
| କୁଢ଼ିଆ | କୂଟ୍‌ରିଆ | ନୀଚ, ଅଳସୁଆ |
| କୁଣ୍ଡ | କୁଡ଼େମ୍, କୁଣ୍ଡ, କୁଟମ୍ | ପାଣି ରଖିବାର ପାତ୍ର |
| କୁଦ | କୁଡ୍ | ସ୍ତୁପ,ଗଦା |
| କୁନି | କୁନି, କୁନୁ (ଛୋଟପକ୍ଷୀ) | ଛୋଟ ଶିଶୁ |
| କୁମୁଟି | କୁମୁଟି | ଦ୍ରାବିଡ଼ ବ୍ୟବସାୟୀ ଜାତି ବିଶେଷ |
| କୁରାଢ଼ି | କୋଟାରି, କୋଟାଳି, କୋଡାଳି | ଟାଙ୍ଗିଆ |
| କୁରୁବେଲି | କୋଟିବେଲି, କୋଟୁବେଲି | ପୁଷ୍ପବିଶେଷ |
| କୁଲୁକୁଲିଆ | କୁଲ୍ଲା କୁଲ | ଶୀତଳିଆ, ଥଣ୍ଡାଳିଆ, ଜାଡୁଆ |
| କୋଇଲି | କୋଲି | କୋକିଳା (ପକ୍ଷୀବିଶେଷ) |
| କୋଇଲି | କୋଏଲ୍, କୋୟଲ୍, କୋୟିଲ୍ | ମନ୍ଦିର (କୋଇଲି ବୈକୁଣ୍ଠ) |
| କୋଟ | କୋଟଇ, କୋଟ୍ଟୁ, କୋଡୁ | ଶିଖର, ଦୁର୍ଗ (ଧରାକୋଟ, ଖଲ୍ଲିକୋଟ) |
| କୋଣ୍ଡା | କୋଣ୍ଡ | ପାହାଡ଼ (ରସୁଲ କୋଣ୍ଡା) |
| ଖଟି | କୁଞ୍ଚୁ | ଆଡ୍‌ଡ଼ାସ୍ଥଳ |
| ଖଦା | କୋଡା | ସାରଶୂନ୍ୟ ବସ୍ତୁ |
| ଖଲି | କଲି | ପତ୍ରନିର୍ମିତ ପାତ୍ର |
| ଖାଲ | କଲ୍ | ଗହୀରାଜାଗା |
| ଖୁରୁଡ଼, ଖୁରୁଡ଼ି | କୁରିଡ଼ି | ଶୁଖିଲା ନଡ଼ିଆ ଭିତର ଗୋଟାଳିଆ ଶସ |
| ଗଣ୍ଡ | ଗଣ୍ଡ | ବଡ଼ (ଗଣ୍ଡ ମୂର୍ଖ) |
| ଗଦା | ଗୁଡ୍‌ଡ଼ା | ସ୍ତୁପ, ଜମା, ଏକତ୍ରିତ |
| ଗହଣ | କାୟନି | ସଙ୍ଗ, ଗହଳ |
| ଗାଣ୍ଡୁ | ଗାଡ୍‌ଡୁ | ଗୋଲାକାର ମାଂସଳ ନାଭି |
| ଗିନା | ଗିନ୍ନେ | ଛୋଟ ତାଟିଆ |
| ଗିରା | ଗିରୁ | ଗାର |
| ଗୁଗୁଚିଆ | ଗୁଗୁଜା | ତୃଣବିଶେଷ |
| ଗୁଡା, ଗୁଡାଏ, ଗୁଡିକ | ଗୁଡ଼ା | ବହୁତ, ସମୂହ |
| ଗୁଡ଼ା | ଗୁଡ୍‌ଡ଼ | ପାହାଡ଼ (ବାଲିଗୁଡ଼ା) |
| ଗୁଣ୍ଡ | ଗୁଣ୍ଡା | ଚୂର୍ଣ୍ଣ |
| ଗୁଣ୍ଡିଚା | ଗୁଣ୍ଡିଛା | ଗୁଣ୍ଡିଛା ନାମ୍ନୀ ରାଣୀ, ଗୁଣ୍ଡିଚା ଯାତ୍ରା |
| ଗୁଲି | କୋଲେ | ନିଶାଦ୍ରବ୍ୟ ବିଶେଷ |
| ଗେଡ଼ା | ଗଡ଼ା | ବାଙ୍ଗରା |
| ଗୋଜା | ଗୁଜୁ | ମୁନିଆ, ସୂକ୍ଷ୍ମାଗ୍ର |
| ଗୋଟି, ଗୋଟିଏ | ଅକୋଟି | ଏକ |
| ଗୋଡ | କୋଡ଼ା | ଆଣ୍ଠୁଠାରୁ ପାଦ ପର୍ଯ୍ୟନ୍ତ ଅବୟବ |

| | | |
|---|---|---|
| ଗୋବ, ଗୋବା | ଗୋବ୍‌ବ | ବାଡ଼ି ବା ଠେଙ୍ଗାରେ ଆଘାତ |
| ଚକଥ ଚକ୍ | ଚୋକକୁ, ଚୋକୁ | ଉଜ୍ଜ୍ୱଳ |
| ଚଟୁ | ଟଙ୍କୁ (କଡେଇ) | ରୋଷେଇରେ ବ୍ୟବହୃତ ଉପକରଣ<br>ଅଗ୍ନିଧାରଣ ଉପକରଣ । |
| ଚାଞ୍ଚ | ଚାଞ୍ଚଇ, ଚାଚ୍ଚା | ବାଉଁଶ ପାତିରେ ନିର୍ମିତ ବସ୍ତୁ |
| ଚାଞ୍ଚଡ଼ା | ଚାଚ୍ଚାରା | ବାଉଁଶ ପାତିରେ ନିର୍ମିତ ବସ୍ତୁ, ଓସାରିଆ ପଥର |
| ଚାରୁ | ଚାରୁ | ଖଟା–ରାଗ ଝୋଳଶେଷ |
| ଚାଳ | ଚାର୍ | ନଡା ଛପର ଛାତ |
| ଚିକିଟା | ଚିକଟ୍ | ତେଲ–ଅସନା |
| ଚିକିଟି | ଚିକ୍‌କଟି(ଶିମ୍ଧ ଫସଲ କ୍ଷେତ) | ଦକ୍ଷିଣ ଓଡ଼ିଶାର ଏକ ଶସ୍ୟସମୃଦ୍ଧ ଅଞ୍ଚଳ |
| ଚିଙ୍ଗୁଡ଼ି | ସିଗୁଡ଼ି | ମତ୍ସ୍ୟବିଶେଷ |
| ଚିତଉ | ଚିତଇ, ଚିତ, ଚିଦେ | ପିଠାପାଇଁ ପ୍ରସ୍ତୁତ ଚାଉଳ ସୋଦ,<br>ଚିତ୍ର ପାଇଁ ପ୍ରସ୍ତୁତ ଚାଉଳବଟା |
| ଚିନା | ଚିନା, ଚିନ୍ନମ | ଖୁବ୍ ଅଳ୍ପ ଜିନିଷ, କଣିକାଏ<br>ସୁନାର ଓଜନମାପ–ବିଶେଷ |
| ଚିରା | ଚୁର, ଚୁରଇ | ଜୀର୍ଣ୍ଣ, ଚିରାଯାଇଥିବା, କଟିଯାଇଥିବା<br>(torn) |
| ଚିଲ | ଚେଓ୍ୱଲ୍ | ପକ୍ଷୀବିଶେଷ |
| ଚୁଆ | ଚୁଆ | ଛୋଟ ଜଳାଶୟ, ଛୋଟ କୃତ୍ରିମ ଝର |
| ଚୁଟି | ଜୁଟ୍ଟୁ | ଊର୍ଦ୍ଧ୍ୱ ଶିଖା, ଚୂଳ |
| ଚେମରି | ଚିମିଲି | ଛୋଟ ପକ୍ଷୀବିଶେଷ, ଲତାବିଶେଷ |
| ଛପା | ଚାପ ଚାପ୍‌ପ, ଚାପ୍‌ଫଇ, ଚାପେ | ମସିଣା |
| ଛାଟ | ଚାଟ୍ଟି | ସରୁବେତ |
| ଛିଡ଼ିକା | ସିଡ଼ି (କା) | କ୍ଷୁଦ୍ର କ୍ଷୁଦ୍ର ଅଂଶ |
| ଛୋଟ | ଚ୍ଛୋଟ୍ଟ | କ୍ଷୁଦ୍ର |
| ଛୋଟା | ଚ୍ଛୋଟ୍ଟୁ | ଲେଙ୍ଗଡ଼ା, ଖଞ୍ଜା |
| ଜୁଆଳି | ଜଲି | ଦୁଇଟି ବଳଦ ବେକରେ ଲଦା ଯାଉଥିବା କାଠ |
| ଝାଞ୍ଜି | ବିଞ୍ଜା | ଗରମ ପବନ |
| ଝମିଟି | ଚୁମାଟ୍ଟୁ | ଖେଳବିଶେଷ |
| ଝୁଟି, ଝୋଟି | ଚୁଟ୍ଟି | ଚିତା |
| ଟାପରା | ଟେପର୍ | ଥଟ୍ଟା |
| ଟାହି | ଟଇ, ଟହି | ଥଟ୍ଟା |
| ଟିକିଲି | ଟିକଲୁ | ଥଟ୍ଟା |

| | | |
|---|---|---|
| ଟେକ | ଟୁକ୍କୁଉ | ଉଚ୍ଚ, ଗୌରବ |
| ଟେରା | ଟେରୁ, ଟେର, ଟେରେ, ଟିର, ଟିରଇ | ପରଦା ବାଡ଼, ଆଢୁଖା |
| ଟୋପର, ଟୋପା | ଟପ୍ପର | ବିନ୍ଦୁ, ଟୋପି |
| ଡିବି | ଡିବି | ଦୀପାଳି |
| ଢ଼ିଙ୍କି | ଡୋଙ୍କୁ | କୁଟିବା ଯନ୍ତ୍ର |
| ତଣ୍ଟି | ତୋଣ୍ଟାଇ, ଖୋଣ୍ଟଇ, ତୋଣ୍ଟ | ଗଳା |
| ତଣ୍ଡ | ତଣ୍ଡେମ୍ | ଶାସ୍ତି |
| ତନାବି | ଟିନା | କୋଠା ଛାତ, ଶନ୍ଦ୍ରଶାଳ ପୁର |
| ତଲ | ତଲ | ମୁଣ୍ଡ |
| ତଲାରି, ତଲେଇ | ତଲଇ | ଝାମ୍ପି, ଆହୁଲା |
| ତାଟି | ଟଟ୍ଟି, ତଟ୍ଟି, ତଟ୍ଟିକ | ଅସ୍ଥାୟୀ ବାଡ଼ ବା କବାଟ |
| ତାଟିଆ | ତଟ୍ଟାମ | ଗିନା |
| ତୋଟା | ତୋଟେମ୍ | ଫଳବୃକ୍ଷ–ଉଦ୍ୟାନ |
| ତୋରାଣି | ତରଓ୍ୱାଣି | ଭାତା ସହିତ ସିଦ୍ଧ ପାନୀୟ, ପେଜ |
| ଥୋରି | ତାରୁ | ସୂତାକଣ୍ଡା ରଖାଯିବା ତନ୍ତ ଉପକରଣ ବିଶେଷ |
| ଦନା | ଦୁନ୍ନା, ଦୋନ୍ନା | ପତ୍ରନିର୍ମିତ ଥାଳ |
| ଦୋସା | ଦୋସା, ଦୋସେ | ପିଠାବିଶେଷ |
| ଧଣ୍ଡା | ଧଣ୍ଡା | ଲମ୍ବା ଫୁଲମାଳ |
| ନଳୀ | ନଲାଲି | ପୋଲା ବାଉଁଶ |
| ନିକ | ନାକୁ | ସୁନ୍ଦର |
| ନୁଖୁରା | ନେକିର | ତୈଳହୀନ ରୁକ୍ଷ |
| ନେତ୍ର | ନେର୍ତ୍ତି, ନେତ୍ରମ୍ | ସରୁ ଲୁଗା, କନା, ପତାକା |
| ପଉଟି | ପଉଟି | ଧାନ ଚାଉଳାଦି ଶସ୍ୟର ମାପବିଶେଷ |
| ପଗ | ପଗୁ | ଛୋଟ ନୌକା |
| ପଣ | ପଣେମ୍ | ପ୍ରାଚୀନ ଗଣନାବିଶେଷ(୧/୧୬ କାହାଣ) |
| ପରଳ | ପୁରାଲ | ଡୋଳା–ଆବରଣ |
| ପଲ | ପଲେ, ପଲ୍ଲେ, ପଲ୍ଲି | ପଶୁପକ୍ଷୀର ଦଳ |
| ପଲମ | ପଲୟମ୍ ପଲ୍ଲମ, ପଲ୍ଲେମ୍ମୁ, ବଲ୍ଲମୁ | ମାଟିର ଚଟକା ପାତ୍ରବିଶେଷ |
| ପଳ | ପଳ | ତରଳ ପଦାର୍ଥର ମାପବିଶେଷ |
| ପହଁରା | ପରକେ | ଝାଡୁ |
| ପାଇଟି | ପାଇଲ୍, ପାଇଟୁ | କାମ |
| ପାଞ୍ଜି | ପାଞ୍ଜି, ପଞ୍ଚ, ପଞ୍ଚେ | ଲୁଗା |
| ପାନିଆ | ପିନ୍ନାଇ | କେଶପ୍ରସାଧନ ଉପକରଣ ବିଶେଷ (Comb) |
| ପିଣ୍ଡା | ପଣ୍ଡାଲ୍, ପିଣ୍ଡାଲ୍ | ବରଣ୍ଡା |
| ପିପଳି | ପିପ୍ପିଲ୍ଲି, ପିପ୍ପଲି | ଔଷଧ ବିଶେଷ (pepper) |

| | | |
|---|---|---|
| ପିଲା | ପିଲାଇ, ପିଲେ | ଶିଶୁ |
| ପୁଆ | ପୁୟା | ଗଜା ଡାଳ, ଗଳା କାଣ୍ଡ |
| ପୁସି | ପୁସଇ, ପୁଇି | ବିଲେଇ |
| ପେଞ୍ଚ | ପେଇ, ପେଚି | ଷଡ୍‌ଯନ୍ତ୍ର, ଗୋଳମାଳ |
| ପେଟ | ପୋଈ, ପୋଈଇ, ପୋଟେ | ଉଦର |
| ପେଣ୍ଠୀ | ପେଣ୍ଠି, ପେଟଇ | ମାଇ ପଶୁ (ବାଂଝ ଛେଳି) |
| ପୋଇଲି | ପୋଲି | ଦାସୀ |
| ପୋଢୁଅ | ପୋଡ୍‌ଡ଼, ପୋଈୁ, ବୋର୍‌ରେ | ଅଣ୍ଡିରା ମଇଁଷି |
| ପୋଲା | ପୋଲା | ଶୂନ୍ୟଗର୍ଭ |
| ଫଙ୍କଡ଼ | ପୋକ୍‌କରି | ଛତରା |
| ବଟୁଆ | ବଈ, ବଈଲ, ବଈିଲ | ପାନବଟା, ପାନ ସରଞ୍ଜାମ ରଖିବା ଥଳି |
| ବରା | ବରୁ | ତେଲଛଣା ବିରିପିଠା ବିଶେଷ |
| ବଳା | ବାଲମ୍, ବଳେୟି | ପାଦାଳଙ୍କାର, ହସ୍ତାଳଙ୍କାର |
| ବାଗ | ବାକୁ | ନିୟନ୍ତ୍ରଣ-ରଜ୍ଜୁ |
| ବାଟି | ବାଟି | କୋଡିଏ ମାଣ |
| ବାଡ଼ | ବାରୁ | ଘେର (fence) |
| ବାଡି | ବଟି, ବଡିୟ | ଯଷ୍ଟି |
| ବିଟ | ବିଈମ୍ | ଠେସକାଠ ବା କାଠି (cross-beam) |
| ବିଟାଳ | ବାଣ୍ଟୁ (ଲ) | ଜାତିଚ୍ୟୁତ |
| ବିଲ | ବୟଲ, ବୟାଲ, ବୟଲୁ | କ୍ଷେତ |
| ବିଲେଇ | ପିଲ୍ଲି, ବିଲ୍ଲି | ବିରାଡ଼ି |
| ବିଶା | ବିସା | ୮ ଫୁଲ ବିଶିଷ୍ଟ ଓଜନ |
| ବେଣ୍ଟ | ବେଣ୍ଟି | କାତି-କୁରାଢ଼ି ମୁଠା |
| ବୋଦା | ବୋଡ୍‌ଡେ | ବଳିଯୋଗ୍ୟ ଛାଗ |
| ଭାଣ୍ଡ | ବୋଣ୍ଡା | ଯେ ବାଜେ କଥା ଗପନ୍ତି |
| ଭାରଦା | ଭାରତନ | ଅଣପୁରୁଷିଆ |
| ଭୁଆ | ବାବୁଗା | ଅଣ୍ଡିରା (ବରାଡି) |
| ଭେଣ୍ଡି | ବେଣ୍ଟଇ, ବେଣ୍ଡ, ଭେଣ୍ଟ, ଭେଣ୍ଡେ | ପରିବା ବିଶେଷ |
| ମଣୋହି | ମନାଇ | ରାଜା ଓ ଦେବତାମାନଙ୍କ ଭୋଜନ |
| ମଲାଙ୍ଗ | ମଲ୍ଲୁ | ଅନ୍ୟ ବୃକ୍ଷାଶ୍ରିତ ଚେର ବା ଲତା |
| ମଲ୍ଲୀ | ମଲ୍ଲେ, ମୁଲ୍ଲ, ମୁଲ୍ଲଇ, ମୁଲ୍ଲେ | ପୁଷ୍ପବିଶେଷ |
| ମାଠ | ମେଈା, ମେଈେ, ମେଈଇ | ସୌଖିନ୍ ବସ୍ତ୍ରବିଶେଷ |
| ମାଢ଼ | ମାଢ଼ | ସୁନା ଓଜନର ମାପବିଶେଷ |
| ମାଣ | ମଣ୍ | ଜମିମାପ ବିଶେଷ ୧/୨୦, ବାଟି |
| ମାଳ | ମାଲ୍ଲେଇ, ମାଲେଇ | ପାହାଡ଼, ଘନ ଜଙ୍ଗଲ, ପାହାଡିଆ ଅଞ୍ଚଳ |
| ମୀନ | ମୀନ ମୀନ୍ | ମାଛ |
| ମୁଚୁଳା | ମୁଚୁନି | ମାଣ୍ଡି, ତଳିଆ |
| ମୁଛ | ମିଇାଇ | ନିଶ, ଦାଢ଼ି |

| | | |
|---|---|---|
| ମୁଣ୍ଡ | ମୁଡ଼ଲି, ମୋଡଲି | ମଥା |
| ମୁନ୍ଦୁସୁଲୀ | ମୁଡୁସନ୍ | ପରିବାରୀ |
| ମୁନିକା | ମୁନଗ, ମୁରିଣ୍ଡି, ମୁରୁଣକଇ | ସଜନା ଛୁଇଁ |
| ମେଢ଼ | ମେଞ୍ଚ, ମେଞ୍ଚଇ, ମିଡ୍‌ଡ଼, ମେଡ଼ା | ଉପର ମହଲା, କୋଠା, ପ୍ରାଚୀର |
| ମେଢ଼ି | ମେଢ଼ି, ମେଳି | ମେଳି |
| ମୋଡ଼ | ମୁରି, ମୋଡଲି, ମୁଡ଼ଲି | ରାସ୍ତାର ଶେଷାଂଶ |
| ମୋଡ଼ା | ମୁରୁକୁ | କ୍ରନ୍ଦନ, ଗର୍ଜନ |
| ରାଣ | ରାଣ | ଶପଥ |
| ଶବ | ଶାବ (ଶା-ଧାତୁଜ) | ମୁର୍ଦ୍ଦାର |
| ସଢ଼େଇ | ସିଢ଼ାଇ | ନଡ଼ିଆର କଠିନ ଆବରଣ |
| ସରୁ | ସୁରମ | ସଂକୀର୍ଣ୍ଣ, ଶୀର୍ଣ୍ଣ |
| ସାନ | ସିନ୍ନ | ଛୋଟ |
| ସିପ | ଚିପ୍‌ପି | ଶାମୁକା |
| ସିରିକାଏ | ସିରୁ | ଅଳ୍ପ |
| ହାଦେ | ଅଦ୍ଧେ, ଅଛେ | ନିଶ୍ଚିତ ଭାବେ |
| ହାଲିଆ | ସାଲିଆ | କ୍ଳାନ୍ତ |
| ହୁଡ଼ା | ଉଡ୍‌ଡ଼ା | ବନ୍ଧ, ହିଡ଼ |

## ଓଡ଼ିଆ ଭାଷାରେ ଦ୍ରାବିଡ଼ କ୍ରିୟା

ନିମ୍ନଲିଖିତ ଓଡ଼ିଆ କ୍ରିୟାଗୁଡିକ ଦ୍ରାବିଡ଼ ଭାଷାରୁ ଆହୃତ ହୋଇଛି । ଦ୍ରାବିଡ଼ ମୂଳ ଧାତୁଗୁଡ଼ିକୁ ବନ୍ଧନୀ ମଧ୍ୟରେ ଦର୍ଶାଇ ଦିଆଯାଇଅଛି -

ଅଟକିବା (ଅଟକ୍‌କୁ), ଅଡ଼େଇବା (ଓଡ୍ଡୁ), ଆଗୁଳିବା (ଆଗୁ), ଅଡ଼ିବା (ଅଡ଼ା), ଉହୁଙ୍କିବା (ଉହୁଙ୍କୁ), କଟାଳିବା (କଟ୍ଟଲୁ), କାଟିବା (କଚ୍ଛେ), କାଢ଼ିବା (କର୍‌ରି), କୁଟିବା (କୁଟ୍ଟୁ), କୁଢ଼େଇବା (କୁର୍‌ରୁ), କୁଣ୍ଡେଇବା (କୋଣ୍ଡେ), କୁଦିବା (କୁଦୁ), କୁରୁଳିବା (କୁଡୁଙ୍ଗ), କୋରିବା (କୋର୍‌ରୁ), ଖୁଣ୍ଟିବା (କୁଟ୍ଟୁ), ଖୁସିବା (କୁସି), ଖେଞ୍ଚିବା (ଖେଚ୍‌ନା), ଗଢ଼ିବା (ଗରା), ଗୁଞ୍ଜିବା (ଗୁଞ୍ଜୁ), ଚାପିବା (ଚାପ୍‌ପୁ), ଚିଢ଼ିବା (ଚିଡ୍ଡୁ), ଚିପିବା (ଚିପ୍‌ପୁ), ଚିମୁଟିକା (ଚିମୁଟ), ଚିରିବା (ଚିରୁ), ଚିଲେଇବା (ଚିଲୁ), ଚୁଣ୍ଟିବା (ଚୁଣ୍ଟୁ), ଜଗିବା (ଜୋକେ), ଝାଙ୍କିବା (ଜାଙ୍କ୍, ଝାଙ୍କ୍), ଝଡ଼ିବା (ଜଡ଼ି), ଝାଡିବା (ଜାଡ଼ି), ଟାକିବା (ଟାକ୍), ଟୁକିବା (ଟୁକ୍କୁ), ଟେକିବା (ଟେକ୍କୁ), ଡଉରିବା (ଡୁରୁବୁ), ଠେଲିବା (ଠେଲୁ), ଢୁଳାଇବା (ଢୁଲ୍, ହଲ), ତକାଇବା (ଟାକାଇ, ତାକାଇ), ତୋଡିବା (ତୋଡ୍ଡୁ), ତୋଳିବା (ତୋଳୁ), ପାଡିବା (ପେଲ୍), ପିଟିବା (ପିଟାଇ), ବଳିବା (ବଲି), ବାଣ୍ଟିବା (ବାଣ୍ଟି), ବିଞ୍ଚିବା (ବିଚ୍ଚୁ), ବୋବେଇବା (ବୋବେ), ମେଣ୍ଟିବା (ମେଣ୍ଟ), ମେଲିବା (ମେଲାର୍, ମଲାର୍), ମୋଡ଼ିବା (ମୋର୍‌ରେ, ମୁର୍‌ରେ), ରଡିବା (ଅରଡୁ), ଲେପେଟିବା (ଲେପେଟ୍ଟୁ), ସଢ଼ିବା (ସୋଡେ, ସୋଢ଼େ), ଓରିବା (ସର୍‌ରେ), ହଜିବା (ହଜ୍) ଇତ୍ୟାଦି ।

**ଓଡ଼ିଆ ଭାଷାରେ ଦ୍ରାବିଡ଼ ଧ୍ୱନି**

ଟ, ଠ, ଡ, ଢ଼, ଣ – ଏହି ମୂର୍ଦ୍ଧନ୍ୟ ଧ୍ୱନିଗୁଡ଼ିକ ମୂଳ ଇଣ୍ଡୋୟୁରୋପୀୟ ଭାଷା ପରିବାର ବା ପୃଥିବୀର ଅନ୍ୟ କୌଣସି ଭାଷା ପରିବାରରେ ବ୍ୟବହୃତ ହେଉନଥିଲା । ମୂଳତଃ ଏହା ଦ୍ରାବିଡ଼ ଭାଷା ପରିବାରର ଧ୍ୱନି । ସଂସ୍କୃତ ଭାଷା ଦ୍ରାବିଡ଼ ଭାଷାରୁ ଏହି ଧ୍ୱନିଗୁଡ଼ିକ ଗ୍ରହଣକରିଅଛି । ଓଡ଼ିଆ ଭାଷା ଦ୍ରାବିଡ଼ ଭାଷାରୁ ପ୍ରତ୍ୟକ୍ଷ ଭାବରେ ଅଥବା ସଂସ୍କୃତ ମାଧ୍ୟମରେ ପରୋକ୍ଷ ଭାବରେ ଏହି ଧ୍ୱନିଗୁଡ଼ିକୁ ଗ୍ରହଣ କରିଅଛି ।

**ଓଡ଼ିଆ ଭାଷାରେ ଦ୍ରାବିଡ଼ ପ୍ରତ୍ୟୟ**

ପ୍ରାୟ ସବୁ ଦ୍ରାବିଡ଼ ଭାଷାରେ କର୍ମକାରକ ଦ୍ୱିତୀୟ ବିଭକ୍ତିରେ ଓ ସଂପ୍ରଦାନ କାରକ ଚତୁର୍ଥୀ ବିଭକ୍ତିରେ 'କୁ' (କ୍କୁ) ପ୍ରତ୍ୟୟର ବ୍ୟବହାର ଅଛି । ଓଡ଼ିଆ 'କୁ', 'କି', 'କଇ', 'କେ' ପ୍ରଭୃତି ପ୍ରତ୍ୟୟର ମୂଳ ହେଉଛି ଏହି ଦ୍ରାବିଡ଼ ପ୍ରତ୍ୟୟ 'କୁ' ବା 'କ୍କୁ' ହିନ୍ଦୀ 'କୋ' ପ୍ରତ୍ୟୟ, ବଙ୍ଗଳା 'କେ' ପ୍ରତ୍ୟୟର ମୂଳ ରୂପେ ମଧ୍ୟ ଏହି ଦ୍ରାବିଡ଼ ପ୍ରତ୍ୟୟ 'କୁ' ଗୃହୀତ ହୋଇଥାଏ ।

**ଓଡ଼ିଆ, ଆଦିବାସୀ ଦ୍ରାବିଡ଼**

ଅତି ପ୍ରାଚୀନ କାଳରୁ ଅଷ୍ଟ୍ରିକ୍ ଜାତି ସହିତ ଦ୍ରାବିଡ଼ ଜାତି ଏକତ୍ର ମିଳିମିଶି ବାସ କରି ଆସିଅଛନ୍ତି । ତେଣୁ ଏମାନଙ୍କ ଭାଷାରେ ପାରସ୍ପରିକ ଶବ୍ଦ – ବିନିମୟ ହୋଇଥିବା ଅତି ସ୍ୱାଭାବିକ । ଏହି କାରଣରୁ ଅନେକ ଶବ୍ଦ ଉଭୟ ଭାଷାରେ ବ୍ୟବହୃତ ହୋଇଥାଏ ଓ ଏଗୁଡ଼ିକ ମୂଳତଃ କେଉଁ ଭାଷାର ନିର୍ଣ୍ଣୟ କରିବା କଷ୍ଟକର ବ୍ୟାପାର । ଏହିଭଳି ଅନେକ ଶବ୍ଦ ଓଡ଼ିଆରେ ବ୍ୟବହୃତ ଯାହା ଦ୍ରାବିଡ଼ ଓ ଆଦିବାସୀ ଉଭୟ ଭାଷାରେ ପ୍ରଚଳିତ । ଏହାର କେତୋଟି ଦୃଷ୍ଟାନ୍ତ ହେଉଛି –

| **ଓଡ଼ିଆ** | **ଆଦିବାସୀ** | **ଦ୍ରାବିଡ଼** |
|---|---|---|
| ଅଗାଡ଼ି | ଅଗେଡ୍ଡ଼ା | ଅଗାଡ଼ି, ଅଗାଡୁ |
| ଅଡ଼ା | ଅଡ଼, ଅଡା, ଅଢ଼ା | ଅଡ୍ଡ଼ା |
| ଆଡ଼ି | ଆରି | ଆଡ଼ି |
| ଓଡ଼ | ଓଡ଼, ଓର | ଓର |
| କକା | କକା | କୁକୁ |
| କାଲ | କଲାନ୍ | କେଲ |
| କୁରୁଳିବା | କୁରୁନ୍ | କୁର୍ଡୁଙ୍ଗ |
| ଖଲି | ଖଲ୍ଲି | କଲି |
| ଖାଲ | ଖାଲ | କଲ |
| ଚାଳ | ଚାଳ | ଚାର୍ |
| ଚୁଆ | ଚୁଆ, ଚୁୟା | ଚୁଆ |
| ଚୁଟି | ଚୁଟେ | ଜୁଟୁ |
| ଟୋପର | ଟୋପର | ଟପ୍ପର |
| ଡିବି | ଡିବି, ଡିବିରି, ଡିବାରି | ଡିବି |

| | | |
|---|---|---|
| ଢ଼ିଙ୍କି | ଢ଼ିଙ୍କି | ଢ଼ୋଙ୍କୁ |
| ଢ଼ୋଲ୍ | ଢ଼ୋ | ଢୁଲ୍, ଢୁଲ୍ |
| ତାଟି | ଟାଟି | ଟଟ୍ଟି, ତଟ୍ଟି, ତଟ୍ଟିକ |
| ତାଟିଆ | ତାଟିଆ | ତଟ୍ଟାମ |
| ପଗ | ପଗ | ପଗୁ |
| ପଢ଼ଉ | ପଡୁଅ | ପାଡୁ |
| ପାଇଟି | ପାଇଟି | ପାଇଟୁ |
| ପିଟିବା | ପିଟନା | ପିଟାଇ |
| ପିଣ୍ଡା | ପିଣ୍ଡା | ପଣ୍ଡାଲ୍ ପିଣ୍ଡାଲ୍ |
| ପୁସି | ପୁସି | ପୁସଇ, ପୁଚ୍ଚି |
| ପେଟ | ପେଟ୍ଟ, ପୋଟ୍ଟ, ପୋଟ୍ଟା | ପୋଟେ, ପୋଟ୍ଟ, ପୋଟ୍ଟଇ |
| ବଟୁଆ | ବଟୁ | ବଟ୍ଟ, ବଟ୍ଟଲ, ବଟ୍ଟିଲ |
| ବାଡ଼ି | ବଡୁରେ | ବଟି, ବଡିୟ |
| ବିଲ | ବେଲ | ବୟଲ, ବୟାଲ, ବୟଲୁ |
| ସରୁ | ସରୁଆ | ସୁରମ |

**ଓଡ଼ିଆ – ଦ୍ରାବିଡ଼ ସଂସ୍କୃତ**

ସଂସ୍କୃତ ଦ୍ରାବିଡ଼ଦ୍ୱାରା ଓ ଦ୍ରାବିଡ଼ ସଂସ୍କୃତ ଦ୍ୱାରା ପ୍ରଭାବିତ ହେବା ଫଳରେ ଅନେକ ଶବ୍ଦ ଉଭୟ ଭାଷାରେ ବିକୃତ ଅଥବା ଅବିକୃତ ରୂପରେ ପ୍ରଚଳିତ । ଓଡ଼ିଆ ଭାଷାରେ ଏପରି ଅନେକ ଶବ୍ଦ ପ୍ରଚଳିତ, ଯାହାର ଆଗମ–ଉତ୍ସ ସଂସ୍କୃତ କି ଦ୍ରାବିଡ଼ ନିର୍ଣ୍ଣୟ କରିବା କଷ୍ଟକର ହୋଇଥାଏ, କାରଣ ଉଭୟ ଦ୍ରାବିଡ଼ ଓ ସଂସ୍କୃତ ସହିତ ଏଗୁଡିକର ଧ୍ୱନିସାମ୍ୟ ରହିଛି । ଯଥା :–

| **ଓଡ଼ିଆ** | **ଦ୍ରାବିଡ଼** | **ସଂସ୍କୃତ** |
|---|---|---|
| ଅଗାଡ଼ି | ଆଗାଡ଼ି, ଆଗାଡୁ | ଅକାର୍ଯ୍ୟ, ଅଗ୍ରାର୍ଦ୍ଧ |
| ଉତ୍କଳ | ଓକ୍କଲ | ଉତ୍କଳ |
| କଉଡି | କଉଟି, କଉଡ଼ି, କଉଡ଼େ | କପର୍ଦ୍ଦିକା |
| କଡ଼ା (ବଳା) | କଡ଼ | କଟକ |
| କାକ | କାକି, କାକ୍କ, କାକ୍କଇ, କାଗେ | କାକ |

| | | |
|---|---|---|
| କାକୁଡ଼ି | କକ୍‌କରି, କାକ୍‌କର | କର୍କଟିକା |
| କାଲ | କେଲ | କଲ୍ଲ |
| କୁଡିଆ | କୁଡ଼ି | କୁଟି |
| କୁଢ଼ିଆ | କୂଚ୍‌ରିଆ | କୁଷ୍ଠିକ |
| କୁରାଢ଼ି | କୋଟାରି, କୋଟାଳି, କୋଢ଼ାଳି | କୁଠାରିକା |
| କୋଇଲି | କୋଲି | କୋକିଳ |
| ଗହଣ | କାୟନି | ଗହନ |
| ଚିଙ୍ଗୁଡ଼ି | ସିଗୁଡ଼ି | ଚିଙ୍ଗଟକ |
| ଚିତଉ | ଚିତଇ, ଚିତ, ଚିଦ | ଚିତ୍ରାଗୂ |
| ଚୁଆ | ଚୁଆ | ଚ୍ୟୁତ |
| ଜୁଆଳି | ଜଲି | ଯୁଗପାଳି |
| ଡିବି | ଡିବି | ଦୀପିକା |
| ଡଣ୍ଡ | ତଣ୍ଡେମ୍ | ଦଣ୍ଡ |
| ନଳୀ | ନଲାଲି | ନଳୀ |
| ନାରଙ୍ଗ | ନବରଙ୍ଗ | ନବରଙ୍ଗ |
| ନେତ | ନେର୍ତ୍ତି, ନେତ୍ରମୁ | ନେତ୍ର |
| ପଗ | ପଗୁ | ପବ |
| ପଢ଼ଉ | ପାଡୁ | ପ୍ଲବ |
| ପରଳ | ପୁରାଲ | ପଟଳ |
| ପାଇଟି | ପାଇଟୁ | ପ୍ରବୃତ୍ତି |
| ପାନିଆ | ପିନ୍ନାଇ | ପର୍ଣ୍ଣିକା |
| ପିଣ୍ଡା | ପିଣ୍ଡାଲ୍, ପଣ୍ଡାଲ୍ | ପିଣ୍ଡକ |
| ପିପଳି | ପିପ୍‌ପିଲ୍ଲି, ପିପ୍‌ପଲି | ପିପ୍‌ପଳୀ |
| ପୁଆ | ପୁୟା | ପୁତ୍ର |
| ପୁସି | ପୁସଲ, ପୁଚ୍ଛି | ପୋଷିତା |
| ପେଟ | ପୋଚ୍ଛ, ପୋଚ୍ଛି, ପୋଟେ | ପେଟ |
| ଫଳ | ଫଳ | ଫଳ |

| | | |
|---|---|---|
| ବଳା | ବାଲାମ୍, ବଳେୟି | ବଳୟ |
| ବାଗ | ବାକୁ | ବଲ୍‌ଗା |
| ବାଟି | ବାଟି | ବାଟିକା |
| ବାଡ଼ | ବାରୁ | ବର୍ମ୍ମ |
| ବିଲ | ବୟଲ,ବୟଲୁ,ବୟାଲ | ବିଳ |
| ବେଣ୍ଟ | ବେଣ୍ଟି | ବୃନ୍ତ |
| ମାଙ୍କଡ଼ | ମର୍କଟୁ | ମର୍କଟ |
| ମୁଛ | ମିଛାଇ | ଶ୍ମଶ୍ରୁ |
| ମୃଦୁସୁଲୀ | ମୁଡ଼ୁସନ୍ | ମୃଦୁଶୀଳା |
| ମେଢ଼ି | ମେଡ଼ି,ମେଳି | ମେଳ |
| ଶବ | ଶାବ | ଶବ |

## ଦ୍ରାବିଡ଼ ଭାଷାର ପ୍ରାଚୀନତା

ଆର୍ଯ୍ୟମାନେ ଭାରତବର୍ଷକୁ ଆସି ଏମାନଙ୍କୁ ପରାଜିତ କରିଥିଲେ ମଧ୍ୟ ଏମାନଙ୍କର ସଭ୍ୟତା ଓ ସଂସ୍କୃତିରୁ ଅନେକ ଉପାଦାନ ଗ୍ରହଣ କରିଥିଲେ । ହିନ୍ଦୁ ଦେବଦେବୀମାନଙ୍କ ମଧ୍ୟରେ ଶିବ, ପାର୍ବତୀ ଓ ବିଷ୍ଣୁ ହେଉଛନ୍ତି ମୂଳତଃ ଦ୍ରାବିଡ଼ମାନଙ୍କର ଦେବତା । କୃଷି, ଶିଳ୍ପ, ଗୋପାଳନ, ହସ୍ତୀପାଳନ, ତନ୍ତ୍ର, ଯୋଗସାଧନା, ଜ୍ୟୋତିଷ ଚର୍ଚ୍ଚା ଇତ୍ୟାଦି କ୍ଷେତ୍ରରେ ମଧ୍ୟ ଦ୍ରାବିଡ଼ମାନଙ୍କର ଅଭିଜ୍ଞତା ଥିଲା ବୋଲି ପୁରାତତ୍ତ୍ୱବିତ୍‌ମାନେ ଅନୁମାନ କରନ୍ତି । ଭାବର ପ୍ରକାଶ ପାଇଁ ଏମାନେ ଏକ ଲିପିର ଆବିଷ୍କାର କରିଥିଲେ । ଏହି ଲିପିର ଏକ ବିକଶିତ ରୂପ ହେଉଛି ତାମିଲ୍ ଲିପି । ତେଣୁ ଦ୍ରାବିଡ଼ ଭାଷା ଅଢ଼େଇ ହଜାର ବର୍ଷରୁ ଅଧିକ ପ୍ରାଚୀନ ବୋଲି ପ୍ରମାଣିତ ହୋଇଥାଏ ।

–୦–

# ଓଡ଼ିଆ ଭାଷାରେ ଯାବନିକ ଭାଷାର ପ୍ରଭାବ

ବୈଦେଶିକ ଭାଷା ଅନେକ କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟାକରଣ, ଶୈଳୀ ଓ ଆଙ୍ଗିକକୁ ପ୍ରଭାବିତ କରିଛି ଓ ଅନେକ କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟାକରଣଦ୍ୱାରା ପ୍ରଭାବିତ ହୋଇ ପରିବର୍ତ୍ତିତ ରୂପ ଗ୍ରହଣ କରିଛି । ବହୁକାଳ ଧରି ପାରସିକ ଓ ଆରବୀୟ ଭାଷା ଓଡ଼ିଶାର କୋର୍ଟ କଚେରୀର ଭାଷା ରୂପେ ପ୍ରଚଳିତ ହୋଇ ଆସୁଥିଲା । ମକଦ୍ଦମାର ରାୟ, ଖଜଣାପାଉତି, ରସିଦ, ହାଣ୍ଡନୋଟ୍, ସନନ୍ଦ, ଦାନପତ୍ର ପ୍ରଭୃତିରେ ଅନେକ କାଳ ପର୍ଯ୍ୟନ୍ତ ଉଭୟ ଓଡ଼ିଆ-ପାରସିକ ଭାଷା ବ୍ୟବହୃତ ହେଉଥିଲା । ଆଜି ପର୍ଯ୍ୟନ୍ତ ଇଂରେଜୀ ଭାଷା ଆମ ଶିକ୍ଷାର ମାଧ୍ୟମ ରୂପେ ଓ କୋର୍ଟ କଚେରୀରେ ଭାଷାରୂପେ ଚଳି ଆସୁଅଛି । ଏହିପରି ଓଡ଼ିଆ ଭାଷା ବିଦେଶୀ ଭାଷାର ପ୍ରଭାବକୁ ସ୍ୱୀକୃତି ଦେଇଛି ଓ ତଦ୍ୱାରା ନିଜର ସମୃଦ୍ଧି ସାଧନ କରିପାରିଅଛି । ଆରବୀ, ପାରସିକ ତୁର୍କ ଆଦି ଭାଷାଗୁଡିକ ଯାବନିକ ଭାଷା ଭାବରେ ପରିଚିତ ।

ଓଡ଼ିଶା ମାଟିରେ ପ୍ରଥମ ବୈଦେଶିକ ଜାତି ହେଉଛି ମୁସଲମାନ । ଗଙ୍ଗବଂଶର ଶାସନକାଳ ପର୍ଯ୍ୟନ୍ତ ଅର୍ଥାତ୍ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ଶକ୍ତିଶାଳୀ ନରପତିମାନଙ୍କର ଦୃଢ଼ ସମରନୀତି ଓ ରାଜନୀତି ବିଚକ୍ଷଣତା ଯୋଗୁଁ କୌଣସି ମୁସଲମାନ ଶକ୍ତି ଓଡ଼ିଶା ଆକ୍ରମଣ କରିବାକୁ ସାହସୀ ହୋଇନାହାନ୍ତି, ମାତ୍ର ପଡୋଶୀ ପ୍ରଦେଶରୁ ଜଣେ ଅଧେ ମୁସଲମାନ ଆସି ଓଡ଼ିଶାରେ ବାସ କରିଥିବାର ପ୍ରମାଣ ମିଳେ । ମାଦଳା ପାଞ୍ଜିର ବିବରଣ ଅନୁସାରେ ଉତ୍କଳର କେଶରୀବଂଶର ଶେଷ ନରପତି ସୁବର୍ଣ୍ଣ କେଶରୀ (୧୧ଶ ଶତାବ୍ଦୀର ମଧ୍ୟଭାଗ) ଥରେ ବ୍ରାହ୍ମଣ ବାସୁଦେବ ରଥଙ୍କ ଠାରୁ ଟଙ୍କା ଗ୍ରହଣ କଲା ପରେ ସେହି ଭୂମିକୁ ଅନ୍ୟ ଜଣେ ପଠାଣକୁ ଲେଖିଦେଲେ । ବ୍ରାହ୍ମଣ ରାଜାଙ୍କ ଆଗରେ ଏ ଅନ୍ୟାୟର ପ୍ରତିବାଦ କରିବାରୁ ରାଜା କହିଥିଲେ "ତୁ ଜାଣୁ, ସେ ପଠାଣ ଜାଣେ ।" ଏଥିରୁ ପ୍ରମାଣିତ ହୁଏ, ଜଣେ ଅଧେ ପଠାଣ ସେତେବେଳେକୁ ଓଡ଼ିଶାର ବାସିନ୍ଦା ହୋଇ ସାରିଥିଲେ ।

ସର୍ବପ୍ରଥମେ ତୃତୀୟ ଅନଙ୍ଗଭୀମ ଦେବଙ୍କ ରାଜତ୍ୱ କାଳରେ (ତ୍ରୟୋଦଶ ଶତାବ୍ଦୀର ମଧଭାଗରେ) ମୁସଲମାନମାନଙ୍କର ଓଡ଼ିଶା ଆକ୍ରମଣ ଆରମ୍ଭ ହୁଏ । ତା' ପରେ ଦିଲ୍ଲୀର ସମ୍ରାଟ ମହମ୍ମଦ ବିନ୍ ତୋଗଲକଙ୍କର ଉତ୍ତରାଧିକାରୀ ଫିରୋଜଶାହ ତୋଗଲକ ୧୩୬୦ ଖ୍ରୀ:ରେ ଓଡ଼ିଶାର ବାରାଣସୀ କଟକ ବା ବାରବାଟୀ ଦୁର୍ଗ ଆକ୍ରମଣ କରି ଅମାନୁଷିକ ଅତ୍ୟାଚାର ଚଳାନ୍ତି । ଏ ସଂପର୍କୀୟ ବିବରଣୀ ସିରାତି ଫିରୋଜସାହି ଓ ତାରିଖି-ଫିରୋଜ-ସାହି ଗ୍ରନ୍ଥରେ ବର୍ଣ୍ଣିତ ଅଛି । ଏହାପରେ କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ, ଚକ୍ରପ୍ରତାପ ଓ ମୁକୁନ୍ଦଦେବଙ୍କ ସହିତ ମୁସଲମାନମାନଙ୍କର ବାରମ୍ବାର ସଂଘର୍ଷ ଦେଖାଦେଇଛି । ଓଡ଼ିଶାର ଦକ୍ଷିଣରେ ବାହାମନୀ ଓ ଗୋଲକୁଣ୍ଡା ଏବଂ ଉତ୍ତରରେ ବଙ୍ଗର ସୁଲତାନମାନେ ବାରମ୍ବାର ଓଡ଼ିଶା ଆକ୍ରମଣ କରିବାକୁ ଚେଷ୍ଟା କରିଛନ୍ତି । ଶେଷରେ ମୁକୁନ୍ଦଦେବଙ୍କ ମୃତ୍ୟୁରେ ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ମୁସଲମାନ (ବଙ୍ଗଳାର ଆଫଗାନ) ଶକ୍ତି ଆଗରେ ନିଜର ସ୍ୱାଧୀନତା ହରାଇଛି । ଶାସନର ସୁବିଧା ଦୃଷ୍ଟିରୁ ଏହି ସମୟରୁ ଓଡ଼ିଶାରେ ମୁସଲମାନମାନେ ସେମାନଙ୍କ ଭାଷାର ପ୍ରଚଳନ ପାଇଁ ସଚେଷ୍ଟ ହୋଇଛନ୍ତି । ବାରିପଦା ମ୍ୟୁଜିୟମରୁ ପ୍ରାପ୍ତ ୧୫୮୭ ଖ୍ରୀଷ୍ଟାବ୍ଦର ଏକ ଦ୍ୱୈଭାଷିକ ଅଭିଲେଖରେ ଓଡ଼ିଆ ଭାଷା ଉପରେ ପାରସିକ ଭାଷାର ପ୍ରଭାବ ପରିଲକ୍ଷିତ ହୁଏ । ଏଥିରୁ ପ୍ରମାଣିତ ହୁଏ ଯେ ଓଡ଼ିଶା ଅଧିକାରର ମାତ୍ର ୨୦ ବର୍ଷ ଭିତରେ ମୁସଲମାନମାନେ ଓଡ଼ିଶାରେ ପାରସିକ ଭାଷା-ପ୍ରଚଳନର ଆରମ୍ଭ କରିଦେଇଥିଲେ ।

## ସରକାରୀ ଭାଷାରୂପେ ଯାବନିକ ଭାଷା

ନାଗପୁରର ମରହଟ୍ଟାମାନେ ୧୭୫୧ ଖ୍ରୀଷ୍ଟାବ୍ଦରେ ବଙ୍ଗର ସୁଲତାନ ଆଲିବର୍ଦ୍ଦି ଖାଁଙ୍କୁ ପରାସ୍ତ କରି ଓଡ଼ିଶା ଅଧିକାର କରିଥିଲେ । ୧୭୫୧ରୁ ୧୮୦୩ ପର୍ଯ୍ୟନ୍ତ ଓଡ଼ିଶାରେ ମରହଟ୍ଟା ଶାସନ ପ୍ରଚଳିତ ଥିଲା । ମରହଟ୍ଟାମାନେ ସେମାନଙ୍କର ଶାସନକାଳ ମଧ୍ୟରେ ପାରସିକ ଭାଷାକୁ ହିଁ ସରକାରୀ ଭାଷାରୂପେ ଗ୍ରହଣ କରିଥିଲେ । ମରହଟ୍ଟୀ ଭାଷାରେ ଲିଖିତ ସରକାରୀ କାଗଜପତ୍ର ସଂଖ୍ୟା ଅତି ନଗଣ୍ୟ । ଓଡ଼ିଶାର ଜମିଜମା ଓ ସରକାରୀ କାଗଜପତ୍ର, ରସିଦ, ପାଉତି, ହାଣ୍ଡନୋଟ, ସନନ୍ଦ ପ୍ରଭୃତି ଯାବନିକ ଭାଷାରେ ଲିଖିତ ହୋଇଥିଲା । କେତେକ ସ୍ଥଳରେ ଯାବନିକ ଓ ଓଡ଼ିଆ କିମ୍ବା ଯାବନିକ ଓ ମରହଟ୍ଟା ଉଭୟ ଭାଷାରେ ଏଗୁଡିକ ଲେଖାଯାଉଥିଲା ।

୧୮୦୩ରୁ ୧୮୨୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ରେଭିନ୍ୟୁ ବୋର୍ଡର ସଦସ୍ୟ ଥିବା ବି.ଜି.ଟଏନ୍‌ବି ତାଙ୍କ A Sketch of the History of Odisha from 1803 to 1828 ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଯେ ଇଂରେଜମାନେ ୧୮୦୩ ଖ୍ରୀ.ରେ ଓଡ଼ିଶା ଆକ୍ରମଣ କରିବା ପର୍ଯ୍ୟନ୍ତ ଓଡ଼ିଶାର କଚେରୀ ଓ ଅନ୍ୟାନ୍ୟ ଅଫିସମାନଙ୍କରେ ପାରସିକ ଭାଷା ସରକାରୀ ଭାଷାରୂପେ ପ୍ରଚଳିତ ଥିଲା । ୧୮୦୫ ଖ୍ରୀଷ୍ଟାବ୍ଦ ପୂର୍ବରୁ କମିଶନରମାନେ ଦେଶବାସୀଙ୍କୁ ସରକାରୀ କାଗଜପତ୍ର ଓଡ଼ିଆ ତଥା ପାର୍ସୀ ଭାଷାରେ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଡକ୍ଟର ବି.ସି. ରାୟଙ୍କର Odisha under the Marathas ଗ୍ରନ୍ଥରୁ ଜଣାଯାଏ ଯେ ୧୮୦୩ରୁ ୧୮୨୮ ପର୍ଯ୍ୟନ୍ତ ବ୍ରିଟିଶ୍ ଶାସନକାଳରେ ଆଇନ୍ କାନୁନ୍ ସବୁ ବଙ୍ଗଳା ଓ ପାର୍ସୀ ଭାଷାରେ ଅନୂଦିତ ହୋଇଥିଲା । ୧୮୨୮ରେ Ewer ଲେଖିଥିଲେ ଯେ ଓଡ଼ିଶାର ତତ୍କାଳୀନ କୋର୍ଟ କଚେରୀର ଭାଷା ଥିଲା ମୁଖ୍ୟତଃ ପାର୍ସୀ ଏହିପରି ଭାବରେ ଓଡ଼ିଶାର ଶାସନ କ୍ଷେତ୍ରରେ ପାରସିକ ଓ ଆରବୀୟ ଭାଷା ପ୍ରଚଳିତ ହୋଇ ଓଡ଼ିଆ ଭାଷାରେ ଅନୁପ୍ରବେଶ କରିବାର ଅଧିକାର ଓ ସୁଯୋଗ ଲାଭ କରିଥିଲା ।

### ପ୍ରାଚୀନ ଓଡ଼ିଆ ଅଭିଲେଖ ଓ ପ୍ରାଚୀନ ସଂସ୍କୃତ ଗ୍ରନ୍ଥରେ ଯାବନିକ ଶବ୍ଦ

ଓଡ଼ିଶାରେ ମୁସଲମାନ ରାଜତ୍ୱର ଆରମ୍ଭ ପୂର୍ବରୁ ମଧ୍ୟ ଓଡ଼ିଆ ଭାଷାରେ ପାରସିକ ଓ ଆରବୀୟ ଶବ୍ଦର ପ୍ରୟୋଗ ହୋଇଥିବାର ପ୍ରମାଣ ଆମେ ଓଡ଼ିଶାର ପ୍ରାଚୀନ ଅଭିଲେଖ ତଥା ପ୍ରାଚୀନ ସାହିତ୍ୟରୁ ପାଉ ।

୧୪୦୩ ଖ୍ରୀଷ୍ଟାବ୍ଦର ଗୋଟିଏ ଶିଳାଲେଖରେ ଦାତାଙ୍କ ନାମ ହେଉଛି 'ଲଡୋଉ ସୁରତ୍ରାଣ' । ସେ ବ୍ରାହ୍ମଣ ହେଲେ ମଧ୍ୟ ତାଙ୍କ ନାମଟି ଯାବନିକ ମନେହୁଏ । ଏଥିରେ ଦାତାଙ୍କୁ ଲଡ଼େଇପ୍ରିୟ ସୁଲତାନ ଭାବରେ ଚିତ୍ରଣ କରାଯାଇଛି । ତତ୍‌ପୂର୍ବରୁ ୧୪ଶ ଶତାବ୍ଦୀର ସଂସ୍କୃତ ବିଶାରଦ ଉତ୍କଳୀୟ କବି ବିଶ୍ୱନାଥ କବିରାଜ ତାଙ୍କର 'ସାହିତ୍ୟ ଦର୍ପଣ'ରେ ସୁଲତାନ ଅର୍ଥରେ ସୁରତ୍ରାଣ ଶବ୍ଦ ଓ ନାମବାଚକ ଆଲାଉଦ୍ଦୀନ ଅର୍ଥରେ ଆଲାବଦୀନ ଶବ୍ଦ ପ୍ରୟୋଗ କରିଅଛନ୍ତି –

(କ) ''ଗଙ୍ଗାଭ୍ୟସି ସୁରତ୍ରାଣ ତବ ନିଃଶାନ ନିସ୍ୱନଃ
ସ୍ନାତୀ ବାରିବଧୂ ବର୍ଗ ଗର୍ଭ–ପାତନ–ପାତକୀ ।''

(ଖ) ''ସନ୍ଧୌ ସର୍ବସ୍ୱ ହରଣଂ ବିଗ୍ରହେ ପ୍ରାଣନିଗ୍ରହଃ
ଅଲାବଦୀନ ନୃପତୌ ନ ସନ୍ଧି ନ ଚ ବିଗ୍ରହଃ ।''

ପୁରୁଷୋତ୍ତମ ଦେବଙ୍କର ଏକ ଶିଳାଲେଖରେ 'ମୁକାବିଲା' ଓ 'ତିଆରୁଅଛୁ' ଶବ୍ଦର ବ୍ୟବହାର ହୋଇଅଛି । ଏହିଶବ୍ଦ ଦୁଇଟି ଯଥାକ୍ରମେ ଆରବୀ 'ମୁକାବିଲାତ୍' ଶବ୍ଦ ଓ 'ତୈୟାର୍ କ୍ରିୟାରୁ ଆସିଅଛି । ୧୫୨୫ ଖ୍ରୀଷ୍ଟାବ୍ଦର ଗୋଟିଏ ଶିଳାଲେଖରେ ବ୍ୟବହୃତ 'ଜପରାଶି' ଶବ୍ଦଟି ପାରସିକ 'ଚପରାଶି' ଶବ୍ଦରୁ ଉଦ୍ଧୃତ । ୧୫୪୭ ଖ୍ରୀଷ୍ଟାବ୍ଦରେ ଅନ୍ୟ ଏକ ଶିଳାଲେଖରେ ବ୍ୟବହୃତ ହଦ, ସରିହଦ,କମଦ, ଶବ୍ଦ ତିନୋଟି ଯାବନିକ। ହଦ (ସୀମା) ଆରବୀ, 'ହଦ୍'ରୁ ସର (ପ୍ରଧାନ) ପାରସିକ 'ସର'ରୁ ଓ କମଦ (ମୂଲ୍ୟ) ଆରବୀ 'କିମ୍ମତ୍'ରୁ ଉତ୍ପାରିତ । ଏହିପରି ଭାବରେ ମୁସଲମାନ ରାଜତ୍ୱର ଆରମ୍ଭ (୧୫୬୮ ଖ୍ରୀଷ୍ଟାବ୍ଦ) ପୂର୍ବରୁ ଓଡ଼ିଆ ଭାଷାରେ ଯାବନିକ ଶବ୍ଦ ପ୍ରବେଶ ଲାଭ କରି ସାରିଥିଲା ।

### ରେକର୍ଡ ପତ୍ରରେ ଯାବନିକ ଶବ୍ଦ

୧୫୬୮ଖ୍ରୀଷ୍ଟାବ୍ଦରୁ ବ୍ରିଟିଶ୍ ରାଜତ୍ୱକାଳ ପର୍ଯ୍ୟନ୍ତ ଉଭୟ ପାରସିକ ଓ ଓଡ଼ିଆ ଭାଷା ଓଡ଼ିଶାର କଚେରୀ ଭାଷା ରୂପେ ପ୍ରଚଳିତ ଥିବା କଥା ପୂର୍ବରୁ ଆଲୋଚିତ । ଏହି ସମୟ ମଧ୍ୟରେ ଉଭୟ ଭାଷା ଓ ଲିପିରେ ଲିଖିତ ଅସଂଖ୍ୟ ବଏନାମା, କବଲା, ପଟ୍ଟାପାଉତି, ରସିଦ, ଆଜ୍ଞାପତ୍ର ଓ ଦାନପତ୍ର ଆଦି ଏଯାବତ୍ ଓଡ଼ିଶାର ଗ୍ରାମେ ଗ୍ରାମେ ଗୃହେ ଗୃହେ ପରିଦୃଷ୍ଟ ହୁଏ । ଓଡ଼ିଶା ରାଜ୍ୟ ଅଭିଲେଖାଗାର, ବିଭିନ୍ନ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ଓ ବାରିପଦା ସଂଗ୍ରହାଗାର ପ୍ରଭୃତିରେ ସହସ୍ର ସହସ୍ର ଅଭିଲେଖ ସଂଗୃହୀତ ଓ ସଂରକ୍ଷିତ ଯହିଁରେ ପାରସିକ ଭାଷା ଓ ଲିପି ସ୍ଥାନ ପାଇଛି ଏବଂ ଓଡ଼ିଆ ଭାଷା ସହିତ ପାରସିକ ଭାଷା କ୍ଷୀରନୀର ପରି ମିଶି ରହିଛି । ତହିଁରୁ ଅଳ୍ପ କେତୋଟିର ନମୁନା ଏଠାରେ ପ୍ରଦତ୍ତ ହୋଇଛି ଓ ଯାବନିକ ଶବ୍ଦଗୁଡ଼ିକୁ ରେଖାଙ୍କନ ଦ୍ୱାରା ଚିହ୍ନାଇ ଦିଆଯାଇଛି –

(୧) ''**ଦିଆନ ମୀରୀଜା ସଇଦ ବେଗଙ୍କୁ** ଶ୍ରୀହସ୍ତ ପତ୍ର । ବଡ଼ ଦଦାଇ **ଠାକୁରେ** ଜେ ପରମାନନ୍ଦ ସାଆନ୍ତରାଙ୍କୁ ଗୋଚର୍ମ ଦାନ ଗୋ୧ଙ୍କା ଭୁମୀ ପଞ୍ଚସୀ ବା ୨୫ଟୀ ଆଗ୍ୟାଂ ଦୈଥୀଲେ ଏ ଭୂମୀ ଏ ପାଇ ନ ଥିଲା । ଏବେ ଏ ଭୂମି ପୁନର୍ଦାନ ଆଜ୍ଞାଂ ଦେଲୁଂ । ଜାବତ ଚନ୍ଦ୍ରାର୍କେ ଦାନ ଭୋଗେ ଏହାକୁ ଆଏ କରାଇବ ।''

(୨) ସମସ୍ତ ଅଚ୍ଚଙ୍କ **ସ୍ନ** ୧୨୦୯ **ସାଲେ** ରବୀସାନି ୧୭ **ତାରିକେ** ସୁଖୁନଇ ବିସେ ରତନାକର କାନଗୋଇ । ଓ । .......... ଏ ନିମନ୍ତେ ଭସ୍ମକ୍ରେୟ ପତର ଲେଖିଦେଲୁ । ଆମ୍ଭଙ୍କୁ ଆମ୍ଭ **ତାଲୁକ** ବାକୀ ପାଇକାଶ୍‌ତାର ଲାଗିଲାକୁ ଆମ୍ଭ ତାଲୁକ ଖଦୁକାସ୍ତା ଝାଡଶପୁର **ରକବା**ରୁ ଅରାଜିବଜଂର **ଜମା ଖାରାଜୀ** କୋଠଘର କିଆରି **ଦରପଦିକେ** ଚଉବିଶି **ଦସ୍ତି** ପଦିକାରେ ଜମି ବାଇସି ମାଂ । ୨୨ ଗୁଣ୍ଠ ଛ ବିସୁଆ ତୁମ୍ଭଙ୍କୁ ବିକି କାଳ ଉଚିତ ପ୍ରମାଣେ ଧନ କଉଡି ଏକୋଇସି କା ୨୧ ମାଣ ନଅପଣ ନେଇ **ସରକାର** ବାଲି ତଲେ ପୁରୁଷୋତ୍ତମ ସେନାପତୀଙ୍କ **ତହବିଲରେ ଦାଖିଲି** କଲୁ । ତୁମ୍ଭେ ଏ ଜମିରେ ଘର କରି ନାନା **ମହାସୁଲ** ଗଛ ବୃକ୍ଷ ଲଗାଇ ..........ଜାବତ ଚନ୍ଦ୍ରାର୍କେ **ଅମଲ** କରିବ । ........ ଏ **ଜମି** ବୀକା ଭସ୍ମ କ୍ରେୟ ପତର ରତନାକରା **କାନଗୋଇର** ସହି ଚକବନ୍ଦି ।

୪/ଇସାଦ – ଲୋକନାଥ ଦାସ **ଗୋମସ୍ତେ**

× × × × ନରେନ୍ଦ୍ର ରାୟ **କାନଗୋୟ ସଦରଇ କବଲା ସହି**

× × × × କୃପାସିନ୍ଧୁ ମାହାନ୍ତୀଂ **ମୋହରିର**

ଓଡ଼ିଆ **ସିରସ୍ତେ ବାଜେ ଆରାଜୀ** ।

ବ୍ରିଟିଶ ରାଜତ୍ୱର ଆରମ୍ଭ ପରେ ୩୭ ବର୍ଷ ପର୍ଯ୍ୟନ୍ତ ମଧ୍ୟ ଉଭୟ ପାରସିକ ଓ ଓଡ଼ିଆ ଭାଷା ଓଡ଼ିଶାର କଚେରୀ ଭାଷା ଥିଲା । ୧୮୪୦ ମସିହା ଜୁନ୍ ୧୮ ତାରିଖରେ ଲିଖିତ ମକଦ୍ଦମା ସଂକ୍ରାନ୍ତୀୟ ଏକ ସରକାରୀ ପତ୍ର ଏହାର ଅଭ୍ରାନ୍ତ ନମୁନା । ଏଥିରେ ଶ୍ନ, ମସିହା, ତାରିଖ, ଯିଲେ, ବାହାଦୁର, ମାଫୀକେ, ମକଦ୍ଦମା, କାଗଜ, ଲାଖରାଜ, ଜମି, ବାହାଲୀ, ହଜୁର, ମହସୁଫଡ଼, ସନ୍, ରବକାରୀ, ଉପୁହାତ, ମଟକୁରକୁ, ମୁଦାଲ, ଦଖଲ, ତଯବୀଯ, ଖତିଆନ, ହାସିଲ, ଆଇନ, ହୁକୁମ, ମାଫିକେ, ଯୁରୁର୍, ନକ୍ସା, ଭେଯାଯାଉ, ସାହେବ, ନକଲ, ୱାକ୍‌ଫକ ପ୍ରଭୃତି ଶବ୍ଦ ବ୍ୟବହୃତ । ଗୋଟିଏ ଗୋଟିଏ ଶବ୍ଦ ବାରମ୍ବାର ବ୍ୟବହୃତ ହୋଇଛି । ୧୪୭ ଶବ୍ଦ ବିଶିଷ୍ଟ ଏହି ପତ୍ରରେ ୬୮ଟି ଶବ୍ଦ ହେଉଛି ଯାବନିକ । ସରକାରୀ କାଗଜ ପତ୍ରରେ ଯାବନିକ ଭାଷାର କେତେଦୂର ପ୍ରଭାବ ଥିଲା, ଏଥିରୁ ସହଜରେ ଅନୁମେୟ ।

**ଓଡ଼ିଆ ସାହିତ୍ୟ ଗ୍ରନ୍ଥରେ ଯାବନିକ ଶବ୍ଦ**

କେବଳ ଅଭିଲେଖ ବା ସରକାରୀ କାଗଜପତ୍ରମାନଙ୍କରେ ନୁହେଁ ଓଡ଼ିଆ ସାହିତ୍ୟରେ ମଧ୍ୟ ମୋଗଲ ରାଜତ୍ୱ ଆରମ୍ଭର ପ୍ରାୟ ଶହେ ବର୍ଷ ପୂର୍ବରୁ ଯାବନିକ ପ୍ରଭାବ ପରିଲକ୍ଷିତ ହୁଏ । ବଚ୍ଛା ଦାସଙ୍କ କଳସା ଚଉତିଶାରେ ସର୍ବପ୍ରଥମେ ଆମେ ଯାବନିକ 'ଫରମାଣ' ଶବ୍ଦର ପ୍ରୟୋଗ ଦେଖୁ –

''**ଫରମାଣ** ଦେଇଛନ୍ତି ହେମନ୍ତ ରାଜନ
ଫାଇ କେତେ କହିବା ଗୋ ସେହୁ ବଡ଼ ଜଣ ।''

ଏହି ଫରମାଣ ଶବ୍ଦର ଅର୍ଥ ହେଉଛି ଅଦେଶ ବା ଆଦେଶପତ୍ର ।

ପଞ୍ଚସଖା ଯୁଗର ଅତିବଡ଼ୀ ଜଗନ୍ନାଥଙ୍କ ଭାଗବତ ଦଶମ ସ୍କନ୍ଧରେ 'ଅଗର' ଶବ୍ଦ ବ୍ୟବହୃତ । ଏହାର ସଂସ୍କୃତ ଅଗୁରୁ ସହିତ ସମ୍ପର୍କ ଥିଲେ ହେଁ ଆରବିକ 'ଅଗର୍' ସହିତ ଏହାର ମେଳ ଅଧିକ –

"**ଅଗର** ଧୂପ ଦେଇ ପାଶେ । ପାଦ ପୋଛନ୍ତି ପୀତବାସେ ।"

ସେହି ଷୋଡଶ ଶତାବ୍ଦୀର କବି  ଅଚ୍ୟୁତାନନ୍ଦ ତାଙ୍କର ଶୂନ୍ୟସଂହିତାର ଏକ ଭଜନରେ ତୁରୁକ ଅଲେଫ ଦୁଇଟି ଯାବନିକ ଶବ୍ଦ ବ୍ୟବହାର କରିଛନ୍ତି –

"ହିନ୍ଦୁ ଭଜେ ଅଲେକ, **ତୁରୁକ** ଭଜେ ଅଲେଫ
ଏଣୁ **ଅଲେଫ** ତେଜି ଅଲେଖ ଭଜ ହେ ।"

ପଞ୍ଚସଖା ଯୁଗର ଅନ୍ୟତମ କବି ଯଶୋବନ୍ତ ଦାସଙ୍କର ପ୍ରେମଭକ୍ତି ବ୍ରହ୍ମଗୀତାରେ ବ୍ୟବହୃତ ଗୁମ୍‌ଟ ଶବ୍ଦଟି ଯାବନିକ । ଯଥା :–

"ପନ୍ଦର ଦିନ ଅଣସରେ, ରହନ୍ତି **ଗୁମ୍‌ଟ** ସରଘରେ ।"

ମାଦଳାପାଞ୍ଜିରେ କେଶରୀ ରାଜାମାନଙ୍କର ରାଜତ୍ୱ ବିବରଣ ପୂର୍ବରୁ ରାଜଭୋଗ ଇତିହାସର ବର୍ଣ୍ଣନାବେଳେ ମୁଗଲେ, ପାତିସା, ଅମୁରା ଆଦି ଅନେକ ଯାବନିକ ଶବ୍ଦର ବ୍ୟବହାର ହୋଇଛି । ଯଯାତି କେଶରୀଙ୍କର ରାଜତ୍ୱ ବର୍ଣ୍ଣନାରେ ମଧ୍ୟ ମୁଗଲ, ପାତିଶା ଆଦି ଶବ୍ଦର ବ୍ୟବହାର ହୋଇଛି । ଏହାଛଡ଼ା ମାଦଳାପାଞ୍ଜିରୁ ଅନ୍ୟ ଅନେକ ଯାବନିକ ଶବ୍ଦର ଦୃଷ୍ଟାନ୍ତ ଦିଆଯାଇପାରେ, ଯଥା : ଡିଲି, ନବାବ, ଦିଆନ୍, ସଲାମ, ଫରଜ, ନସକର, ସୁବା, ଇମାମ୍, ମକରମ୍ ଖାଁ, ଅହମ୍ମଦ ବେଗ୍, କିଲା, ଅମଲ, ଖର୍ଚ୍ଚ, ବରତନ ଇତ୍ୟାଦି ।

କବି ସମ୍ରାଟ ଉପେନ୍ଦ୍ରଭଞ୍ଜ (୧୭ଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଓ ୧୮ଶ ଶତାବ୍ଦୀର ପୂର୍ବାର୍ଦ୍ଧ) ସଂସ୍କୃତ କାବ୍ୟ–ସମକକ୍ଷ ସମୃଦ୍ଧ କାବ୍ୟ ରଚନା କରିବାର ସଙ୍କଳ୍ପ ଗ୍ରହଣ କରିଥିବାରୁ  ସଂସ୍କୃତାଭିସାରୀ ଶବ୍ଦଗୁମ୍ଫନ ଥିଲା ତାଙ୍କର ପରମ ଧ୍ୟେୟ । ସଂସ୍କୃତ ଶବ୍ଦସରଣୀର ରକ୍ଷଣଶୀଳ ପଥିକ ଉପେନ୍ଦ୍ରଭଞ୍ଜ ମଧ୍ୟ ଓଡ଼ିଆ ଜନଜୀବନ ସହିତ ଓତପ୍ରୋତ ଭାବରେ ଜଡିତ କେତେକ ଯାବନିକ ଶବ୍ଦକୁ ତାଙ୍କ କାବ୍ୟରେ ସ୍ଥାନ ଦେଇଛନ୍ତି । ତାଙ୍କର ବିଭିନ୍ନ କାବ୍ୟର କେତେକ ପଦକୁ ଦୃଷ୍ଟି ଆଗରେ ରଖାଯାଉ – ଉଞ୍ଚ ରଖିଛି କେତୁଆ **ଅତରେ**, ପିନ୍ଧିଛି କେ ଅତଲମ ଲହଙ୍ଗା ଉପରେ, **ସୁ–ନାସୀର**ଙ୍କ ଏହି ଗୁମାନ । **ଖୁରି** ମାରିବାରୁ ଜ୍ୟୋତିଷ କି ସେ ? ବାଜ ବହିବାରୁ **ଶିକାରୀ** ଛବି ନିଶାରେ **ଦ୍ୱିପମାନେ** ଚମକିଲେ । ସୁରଙ୍ଗତର ହୋଇ ତରବାରି ଇତ୍ୟାଦି ।

ଭକ୍ତକବି ଅଭିମନ୍ୟୁ (୧୭୫୭–୧୮୦୬) ଦିବ୍ୟ ଅଦିବ୍ୟ ଭାଷାରେ କାବ୍ୟ ରଚନା କରିବା ପଦ୍ଧତିକୁ ଅଧିକ ପସନ୍ଦ କରୁଥିଲେ । ତେଣୁ ତାଙ୍କ କାବ୍ୟରେ ପ୍ରଚୁର ଦେଶଜ ଶବ୍ଦ ସହ ଆରବୀ, ଫାରସୀ ଓ ତୁର୍କୀ ଶବ୍ଦର ସମାହାର ଦେଖିବାକୁ ମିଳେ, ଯଥା – ବାରୁଦ, ତବଲ, ଜୁହାର, ଚାକର, କାଗଜ, ବାଜୁ, କଡ଼କା, ପଟୁଆର, ପୀକଦାନୀ, ଦରକାର, ବଦାଉ, ଟକମ, ମିନ୍‌ହା, ବଜାର, ଚୋଖ, ତରୁଆର, ଅସୁଆର, ଟଙ୍କା ଇତ୍ୟାଦି ।

କବିସୂର୍ଯ୍ୟ ବଳଦେବ ରଥ (୧୭୮୯–୧୮୪୫)ଙ୍କର ଚମ୍ପୁରେ ବହୁ ସ୍ଥଳରେ ଯାବନିକ ଶବ୍ଦର ବ୍ୟବହାର ହୋଇଛି । ମାତ୍ର ୩୪ଟି କ୍ଷୁଦ୍ର ସଂଗୀତବିଶିଷ୍ଟ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂରେ ସଂସ୍କୃତପ୍ରାଣ କବି ବଳଦେବ ରଥ ପ୍ରାୟ ଅର୍ଦ୍ଧଶତ ଯାବନିକ ଶବ୍ଦ ବ୍ୟବହାର କରିଛନ୍ତି । ସେତିକିବେଳକୁ ଯାବନିକ ଶବ୍ଦ ଓଡ଼ିଆ ଭାଷାରେ କିପରି ନିଜର ପ୍ରତିଷ୍ଠିତ ଆସନ ବାଛି ନେଇଥିଲା ତାହା ସହଜରେ ଅନୁମେୟ । ତାଙ୍କ ଚମ୍ପୂରେ ଖରାପ, ଖିଆଲ, ଦରଦ, ବାରୁଦ, ହୁକୁମ, ସମଜ୍, ଜହର, ବାଦସା, ଫରମାସ, ଠାକୁର (ତୁର୍କୀ ତେଗିନ୍ ଶବ୍ଦଜ), ମରଜି, ରାଜି, ଦିବାଲା, ତାଜ, ଚାକର, ଫତୁରୀଖୋର, ଆଖର, ଫରିଆଦ, ଫରୁଆ, ଫଉଜ, ଫରମାସ, ଫଜିତ୍, ଫୁରୁଣା, ଫୁକାରା, ପୀକଦାନୀ, ଜୁରି, ଆବୁର, ହଜାର ପ୍ରଭୃତି ଶବ୍ଦ କବିଙ୍କର ସ୍ୱେଚ୍ଛାକୃତ ପ୍ରଚେଷ୍ଟାରେ ବ୍ୟବହୃତ । ଚମ୍ପୂ ଛଡା ତାଙ୍କର ଅନ୍ୟାନ୍ୟ ରଚନାରେ ଚାକର, ନଉକରୀ, ତରୁଆର, ଜୁହାର, ମାଫିକ, ଡକାଇତ, ନିଆଜ, ଚାବୁକ୍ ଚୋପଦାର, କରାଟ, ପହିଲୁ ପ୍ରଭୃତି ଯାବନକ ଶବ୍ଦଗୁଡିକ ପରିଦୃଷ୍ଟ ହୁଏ ।

ଅଷ୍ଟାଦଶ ଶତକର ଲବ୍ଧପ୍ରତିଷ୍ଠ କଥାକାର ଓ କବି ବ୍ରଜନାଥ ବଡ଼ଜେନାଙ୍କ  ରଚନାରେ ଫାର୍ସୀ ଓ ଆରବୀୟ ଶବ୍ଦର ବହୁଳ ପ୍ରୟୋଗ ଦୃଷ୍ଟିଗୋଚର ହୁଏ । ଖ୍ରୀ: ୧୭୮୧ରେ ରଚିତ ତାଙ୍କର ସମର ତରଙ୍ଗରେ ଅର୍ଦ୍ଧଶତାଧିକ ଯାବନିକ ଶବ୍ଦ ଦେଖିବାକୁ ମିଳେ, ଯଥା – ପ୍ରଥମ

ଛାନ୍ଦରେ ସରବରା, ଘୋସ୍‌ସା (ଗୋସ୍‌ସା), ଓକିଲ, ନସ୍କର, ଇନାମ, କନାଟ, ଖରଡ଼, କମାଣ, ତଲାସି, **ତାରିଦାମା**, ହାଉଦା, ଅମାରୀ, ସମିଆନା, ଜଜାଲ୍, ଜମ୍ବୁର, ଗରନାଳ, ଗାରଦୀ, ଜାମୁକୀ, ବେଲାଦାନୀ, ନୌବତ୍, ନାମରଦ, ଲୋଚା, ଦ୍ୱିତୀୟ ଛାନ୍ଦରେ ସୁସନ୍ଦୀ, ମୁରାତମା, ମୁରାତବ, ମୁରାତପ, ତୁର୍କି, ଇରାକୀ, ସାଏତ୍, ଲକିବ, ଚୋପଦାର, ମୁରୁଜା,ଗର୍ଦ୍ଦନ, ହିମ୍ମତ, କାତରନିଶା, ତୃତୀୟ ଛାନ୍ଦରେ କମାଣ, ସରଦାର,ଗୁନାହ, ୪ର୍ଥ ଛାନ୍ଦରେ ଅଲା, ପଞ୍ଚମ ଛାନ୍ଦରେ ତାରା, କୁର୍‌ନିସ୍, କିଲ୍ଲ (କିଲ୍ଲା), ହୁନ୍ଦର, ୬ଷ୍ଠ ଛାନ୍ଦରେ ଫତେ, ମାଇନା ୭ମ ଛାନ୍ଦରେ ଚାକର, ଖିଲମତ, ହଦ, କୁମେଦାର, ସୁବେଦାର ଇତ୍ୟାଦି ।

ସେହିପରି 'ଗୁଣ୍ଡିଚା ବିଜେ'ରେ କବୁଲ୍, କୁର୍ଣ୍ଣିସ୍, ଖିଦମତ୍‌ଗାର୍, ଖବରଦାର୍, ଖୁସ୍‌ବୁ, ରଗିବ, ଗାଲିଗୁଲଜ୍, ଚିଡ଼ିଆ, ଜାହାଜ, ଜବାନୀ, ତମ୍ବୁରା, ତେଜପାତ୍ ତୋଷକ୍, ତକିୟା ଦରୋଜା, ଫୁକାର୍, ବକ୍‌ସିସ୍, ବାଜୁବନ୍ଧ ଆଦି ଯାବନିକ ଶବ୍ଦ ସ୍ଥାନ ପାଇଛି ।

ସତ୍ୟନାରାୟଣ ପାଲା ବା ଷୋଳପାଲାର ଭାଷା ଓଡ଼ିଆ, ବଙ୍ଗଳା ଓ ଯାବନିକ ଭାଷାର ଏକ ମିଶ୍ରିତ ରୂପ । ଏହାର ରଚୟିତା କବି କର୍ଣ୍ଣଙ୍କର ଆନୁମାନିକ ସମୟ ଅଷ୍ଟାଦଶ ଶତାବ୍ଦୀ । ଏହି ପାଲାରେ ଉଜୀର୍, ଖୋଦା, ଖଲାସ୍, ଗୁଲାବ, ଜାହାଜୁ, ତୋପଦାର, ତରବାରି, ଦାରୋଗା, ଦରିୟା, ପୀର୍, ପାତିଶା, ଫକୀର, ଫତୋ, ଫଉଜ୍, ରୋଜଗାର, ଶିର୍‌ନୀ, ହୁକୁମ୍ ଆଦି ବହୁ ଯୋବନିକ ଶବ୍ଦ ବ୍ୟବହୃତ ହୋଇଛି ।

ଉତ୍କଳ ଘଣ୍ଟା ଯଦୁମଣି (୧୭୮୧-୧୮୬୬)ଙ୍କ ରଚନାରେ ମଧ ଗୁମୁଟ, ବଜାର, ବଜାରୀ, ଶସ୍ତା, ନିଶାଣ,ଦାନା, କମର, ଧପଟ, ଗରିବ, ଟଙ୍କା, ଖରାବ,ମଜୁରୀ, ହାଜର, ତର୍କାରି, ଦରଜ, ମରଜି, ଜମି ପ୍ରଭୃତି ଯାବନିକ ଶବ୍ଦର ବ୍ୟବହାର ହୋଉଛି ।

ଆଧୁନିକ ସାହିତ୍ୟରେ ମଧ୍ୟ କଥାସମ୍ରାଟ ଫକୀର ମୋହନ, କବିବର ରାଧାନାଥ, ଓଡ଼ିଆ ନାଟକର ଅନ୍ୟତମ ପ୍ରାଣପ୍ରତିଷ୍ଠାତା ରାମଶଙ୍କର ଓ ନାଟ୍ୟାଚାର୍ଯ୍ୟ ଅଶ୍ୱିନୀକୁମାର ନିଜ ନିଜ ରଚନାରେ ପର୍ଯ୍ୟାପ୍ତ ଯାବନିକ ଶବ୍ଦକୁ ସ୍ଥାନ ଦେଇଛନ୍ତି ।

ଫକୀର ମୋହନଙ୍କ ଛମାଣ ଆଠଗୁଣ୍ଠ, ଲଛମା, ମାମୁ, ପ୍ରାୟଶ୍ଚିତ୍ତ ଆଦି ଉପନ୍ୟାସରେ ଓ ଛମାଣ ଆଠଗୁଣ୍ଠ, ସଭ୍ୟ ଜମିଦାର ଆଦି ଗଳ୍ପମାନଙ୍କରେ ଅବଶୋଷ, ଅଝାଲ, ଅମିନ, କଦରବାନ୍, ବରକନ୍ଦାଜ, କସରତ୍, କରାମତ୍, ଖସରତ୍, ଖରାପ, ଗୁହା, ଗଫଲିୟତ୍, ଚପରାସୀ, ଚପକନ, ଚାକର, ଚାବୁକ୍, ଚାଦର, ଚାଲାକ, ଚିଲମ, ଚିଜ, ଜଖମ,ଜବତ, ଜମା, ଜାରି, ଜଲ୍‌ଦି, ଜବାବ, ଜାହାଜ, ଜାଗିରୁ, ଜାମା, ଜାନ୍ ଜାଲ୍, ଜିନିଷ, ଜିଲା, ଜରୁର୍, ଜାହିର୍, ଜମିଦାର, ଟଙ୍କା, ହକାଇତି, ତାଲୁକା, ତଲବ, ତବଲା, ତମାମ, ତାମସା, ତରକାରି, ତାରିଖ, ତରଫ, ତହବିଲ, ତାଗିଦ, ତାନପୁରା, ତାରିଫ, ତିଆର, ତଲାସ, ଦଖଲ, ଦଫା, ଦସ୍ତୁର୍, ଦମ୍, ଦରଖାସ୍ତ, ଦରକାର, ଦଲିଲ, ଦସ୍ତଖତ, ଦଉଲତ, ନଗଦ, ନଜର, ନାଜର, ନବାବ, ନଉକର, ନିଶାପ, ପରଦା, ପ୍ରଗଣା, ପସନ୍ଦ, ପେଷା, ପୋଷାକ, ଫକୀର, ଫରମାସ୍, ଫସଲ, ଫନ୍ଦୀ, ଫିରିଙ୍ଗି, ଫି, ଫିକର, ଫୁରୁସତ୍, ଫଉଜ ଫଇସଲା, ଫୌଜଦାରୀ, ବନ୍ଦର, ବନ୍ଦୋବସ୍ତ, ବାବତ, ବଜାର, ବାଗାନ୍, ବାଦଶାହା, ବାକୀ, ବିଲ୍‌କୁଲ୍ ବକ୍‌ସିସ୍, ବଦଳ, ବାହାଦୁର, ବିଚରା, ବେମାର୍, ବେଶି, ବସ୍ତାନି, ମାଲିକ୍ ମାଲିକିଆତ୍, ମେହେରବାନୀ, ମୁତାବକ, ମଜା, ମଞ୍ଜୁର, ମନା, ମରଦ, ମାଲ, ମସଲା, ମସିହା, ମହଲ, ମାଫିକ୍, ମୁକ୍‌ରିର୍, ମୁକାବିଲା, ମୋଗଲ, ମୁନ୍‌ସି, ମୁନିବ, ମୁରବି, ରାହାଜାନୀ, ରିସଓ୍ୱତ୍, ଲିହାଜ୍, ସାଲେତମାମ, ସାରପୋସ୍, ସାହାନ୍‌ଓ୍ୱାଜା, ସରହଦ୍, ସରକାର, ସଲାମ ସୁର୍, ସଫା, ସାଲ, ସାଫି, ହୁରମ୍ମତ, ହକ୍, ହାକିମ, ହଜମ, ହଜାର, ହାଶ, ହିସାବ, ହୁକ୍‌କା, ହଇରାଣ ପ୍ରଭୃତି ଶହ ଶହ ଶବ୍ଦ ଭରି ରହିଛି । ପେଟେଣ୍ଟମେଡିସିନ୍ ପରି ଏକମାତ୍ର ଗଳ୍ପରେ ଫକୀରମୋହନ ହୁକୁମ, ଅନ୍ଦାଜ, କଦମ, ନଜର, ଖୁସି, ଡେବିରି, ରୋଜରୋଜ, ମଦତ୍, ଫିସାଦ, ବେମାରି, ଚାକିରି, ଟଙ୍କା, ବରବାଦ, ହଜାରେ, ଧୋକା, ଚାକର, ମୁସ୍କିଲ୍, ଫିକର୍, ବଗି, ଫେର୍, ବେମାର, ଠାକୁର, ବାଦ, ମୁରୁକି, ଖରାପ, ଖବରଦାର, ଖପା, ସଜିଲ, ଜାକି, ଢ଼େର୍, ଜୁହାର, ସଲା, ଖରଚ, ମଜାଦାର, ସମଜ୍‌ଦାର, ସାବାସ୍, ଦୋସ୍ତ, ଫତେ, ଦୋସ୍ତି, ମଜେଦାର୍, ଉସ୍ତାନ୍ ରକମ, ମେହେରବାନୀ, ମାଲ, ଧୁମ୍, ହୁକ୍‌କା, ମାଲ, ଅସଲ, ମଜା, ହୁସିଆର, ମଜୁରି, ପସନ୍ଦ, ମୌଜ୍, ଜବାବ୍, ମରଦ୍, ଜାଗା, ଖେଉରି, ଚାକରାଣୀ, ଖୁସି, କିତାପ, ଖବରକାଗଜ, ତାମସା, ବଦ୍, ନିଶାଖୋର, ବଦଖିଆଲ୍, ଜମିଦାର, ମାଲମତା, ନଗଦ, ଜମିଦାରୀ, ମସ୍କରିଆ, ବଦଖିଆଲି ପ୍ରଭୃତି ଶହେ ପାଖାପାଖି ଶବ୍ଦ ବ୍ୟବହାର କରିଛନ୍ତି ।

କବିବର ରାଧାନାଥଙ୍କ ରଚନା ମୁଖ୍ୟତଃ ସଂସ୍କୃତ ଶବ୍ଦବହୁଳ ଥିଲେ ହେଁ ବହୁ ସ୍ଥଳରେ ଯାବନିକ ଶବ୍ଦର ମଧ୍ୟ ପ୍ରୟୋଗ ରହିଛି, କାରଣ ସେତେବେଳକୁ ଏଗୁଡ଼ିକ ଓଡ଼ିଆ ଭାଷାରେ ଏକ ଆଦୃତ ଆସନ ଲାଭ କରିସାରିଛି । ତାଙ୍କର ଦରବାର କାବ୍ୟ ଏ ସତ୍ୟର ଅଭ୍ରାନ୍ତ ପ୍ରମାଣ । 'ଦରବାର' ଶବ୍ଦଟି ହିଁ ଯାବନିକ (ପାରସିକ) ଶବ୍ଦ, ଯାହାର ଅର୍ଥ ହେଲା ରାଜସଭା ବା ସଂଭ୍ରାନ୍ତ-ସଭା । ଏହି କାବ୍ୟରେ ଅତର, ଆଟୋପ, ଆସାମୀ, ଓକିଲ, କଜିଆ, କାବା, କାବୁ, କୋକେଇ, କାଗଜ, ଚାକର, ଚଷମା, ଚାବି, ଚେହେରା, ଜଙ୍ଗ, ଜାଁକ୍, ଜରିମାନା, ଜମି, ଜମା, ତରାଜୁ, ତଲବ, ତୁଫାନ, ତୋପ, ତଲବର, ତୋଡା, ତକମା, ଦୁନିଆ, ଦାବୀ, ଦରବାର, ଦରମା, ଧୁମ୍, ନାରଖାନା, ପରସ୍ୱାନା, ପେଖନା, ପୋଷାକ, ପର୍ଦ୍ଦ, ବନ୍ଦୋବସ୍ତ, ବାବୁ, ମହଲତ୍, ମେୱା, ମଜୁରି, ମଉରୁସୀ, ମାମଲା, ମେବା, ମଜୁରା, ମାଲ୍‌ଖାନା, ରୋମାଲ୍, ରଦ୍ଦ, ରଇତ, ଲାଲ୍, ସାହେବୀ, ସୁଆର, ସାଲ,ସବାର, ସଇସ, ହିସାବ, ହାଜର ପ୍ରଭୃତି ଶବ୍ଦ ଓଡ଼ିଆ ଶବ୍ଦ ସହ ତାଳ ଦେଇ ନିଜର ସ୍ଥିତିକୁ ଜାହିର୍ କରିଛି । ରାଧାନାଥଙ୍କର ମହାଯାତ୍ରାରେ ବ୍ୟବହୃତ ତାଲକ ଶବ୍ଦଟି ମଧ୍ୟ ଯାବନିକ ।

ରାଧାନାତୋତ୍ତର ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଯେଉଁ ସ୍ରଷ୍ଟାମାନେ ହାତ ଦେଇଛନ୍ତି, ସେମାନଙ୍କ କୃତିମାନଙ୍କରୁ ଯାବନିକ ଶବ୍ଦର ଦୃଷ୍ଟାନ୍ତ ଦେବା ନିଷ୍ପ୍ରୟୋଜନ । କାରଣ ସେତେବେଳକୁ ଯାବନିକ ଶବ୍ଦ ଓଡ଼ିଆ ଭାଷାର ନିଜସ୍ୱ ହୋଇସାରିଛି । ଆଜି ଆମେ ଦୈନନ୍ଦିନ ଜୀବନରେ ଶହ ଶହ ଯାବନିକ ଶବ୍ଦ ବ୍ୟବହାର କରୁ, କିନ୍ତୁ ତାହା ବୈଦେଶିକ ଶବ୍ଦ ବୋଲି ଆମ ମନରେ ଟିକେ ହେଲେ ଭାବାନ୍ତର ଜାତ ହୁଏ ନାହିଁ । ବରଂ ଅନେକ ଇଂରାଜୀ ଶବ୍ଦକୁ ଆମେ ବିଦେଶୀ କହି ଜାଣି ଜାଣି ପରିହାର କରିବାକୁ ଚେଷ୍ଟା କଲାବେଳେ ଯାବନିକ ଶବ୍ଦକୁ ଆମ ଭାଷାର ଶବ୍ଦ ବୋଲି ଘୋଷଣା। କରୁ ।

## ଓଡ଼ିଆ ଭାଷାରେ ଯାବନିକ ପ୍ରଭାବର ବିଭିନ୍ନ ଆଧାର

ଏହି ଯାବନିକ ଶବ୍ଦଗୁଡ଼ିକ ଆମ ଭାଷା ଭିତରକୁ ମୁଖ୍ୟତଃ ଚାରୋଟି ଧାରାରେ ପ୍ରବାହିତ – ପ୍ରଶାସନିକ, ବାଣିଜ୍ୟିକ, ଧାର୍ମିକ ଓ ସାମାଜିକ ।

## ପ୍ରଶାସନିକ ଆଧାର

ପ୍ରଶାସନିକ ଆଧାରକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ – ବିଚାର ବିଭାଗ, ରାଜସ୍ୱ ବିଭାଗ ଓ ନିରାପତ୍ତା ବିଭାଗ । ଓଡ଼ିଆ ଭାଷାରେ ପ୍ରଚଳିତ ପ୍ରାୟ ଅର୍ଦ୍ଧେକ ଶବ୍ଦ ବିଚାର ବିଭାଗ, ରାଜସ୍ୱ ବିଭାଗ ଓ ନିରାପତ୍ତା ବିଭାଗ ମଧ୍ୟ ଦେଇ ଆସିଛି । ଅରଜି, ଅସଲ, ଅମଲ (ଶାସନ), ଅକ୍ତିଆର, ଅଦାଲତ, ଅମାନତ, ଇଜଲାସ, ଉଜିର, କାଜି, କାନୁନ୍, କାଇଲି, କସୁର୍, କାଏମ, କୈଫୟେତ୍, ଖାରଜ୍, ଖଲାସ୍, ଖାନ୍‌ତଲାସ୍, ଖିଲାଫ, ଖୁରାକ, ଖୁସାମତି, ଗଫଲ୍‌ତ, ଗାଏବ, ଜବାବ୍, ଜାଲ, ଜରୁର, ଜାମିନ୍, ଜାହିର୍, ଜିମା, ଜୁଲମ୍, ଜେରା, ଜମାନତ୍, ତଜିବିଜି, ତାମିଲ୍ (କାର୍ଯ୍ୟକାରୀ), ଦଫା, ଦରବାର, ଦରୁଆନ୍, ନଜିର୍, ନାଲିସ୍, ନିଜାମଥ, ନିଶାପ, ନଜରବନ୍ଦ୍, ପରୁଆନା, ଫଇସଲ, ଫୌଜଦାରୀ, ବାକୀ, ମିସଲ, ମକଦ୍ଦମା, ମୁନ୍‌ସିଫ୍, ଓକିଲ, ମହକିଲ, ରଦ୍ଦ, ରଫା, ରାଜିନାମା, ରାୟ, ରୁବ୍‌କାର, ସୁଅଲ, ସଜା, ସଫେଇ (ସ୍ପଷ୍ଟୀକରଣ), ସାବୁତ୍, ସମନ୍, ସାଲିସ୍, ହଲପ, ହାକିମ, ହାଜିର, ହୁକୁମ, ହଜୁର ପ୍ରଭୃତି ଶବ୍ଦ **ବିଚାର ବିଭାଗଦ୍ୱାରା,** ଆବାଦ, ଅବକାରୀ, ଅମିନ, ଆମଦାନୀ, ଇଜରା, ଇସ୍ତିହାର ବା ଇସ୍ତରା, ଇନାମ, ଇଲାକା, କବଲା, କରଜ, କାନୁନ୍‌ଗୋ, କିଲା, କିସ୍ତି, କିସମ୍, ଖାଞ୍ଜାଞ୍ଚି, ଖଜଣା, ଖାତା, ଖରିଦ, ଖରିଫ୍ ଫସଲ, ଗଜା, ଗସ୍ତ, ଚପରାସି, ଜମା, ଜରିବ, ଜାଗିରି, ଜିଲା, ଜରିମାନା, ଜମି, ଜମିଦାର, ଜମାବନ୍ଦୀ, ତାଲୁକ, ତଗାବୀ, ତଫସିଲ, ତହବିଲ୍, ତହସିଲ, ତହସିଲଦାର, ଦଖଲ, ଦପ୍ତର, ଦରଖାସ୍ତ, ଦଲିଲ, ଦସ୍ତଖତ, ଦେୱାନ୍, ଡିହ, ନକ୍ସା, ନଗଦ, ନକଲ, ନାଏବ, ନବିସନ୍ଦା, ପ୍ରଗଣା, ପିଆଦା, ପେସ୍କାର, ବନ୍ଦୋବସ୍ତ, ମହଲ, ମାହାସୁଲ, ମୁକଦ୍ଦମା, ମୁକରିର, ମୁକାମ, ମୁକ୍ତିଆର୍, ମୁନ୍‌ସୀ, ମୋହରିର୍, ଲାଖରାଜ,ସଦର, ସନନ୍ଦ, ସରଦାର, ସରହଦ ଓ ହିସାବ ପ୍ରଭୃତି ଶବ୍ଦ **ରାଜସ୍ୱ ବିଭାଗ** ଦ୍ୱାରା ଓ ଦାରୁଗା, ମୁନ୍‌ସି, ଜମାଦାର, ଥାନା, ପିଆଦା, ସିପାହୀ, ହାବିଲଦାର, ଫୌଜ, ହୁଲିଆଜାରି, ଇତିଲା, କଏଦୀ, ଗିରଫଦାରୀ, ଜବତ୍, ଜାମିନ୍, ଦଫାଦାର, ନଜରବନ୍ଦ୍, ହାଜତ୍ ଆଦିଶବ୍ଦ **ନିରାପତ୍ତା ବିଭାଗଦ୍ୱାରା** ଓଡ଼ିଆ ଭାଷାରେ ପ୍ରଚଳିତ ।

**ବାଣିଜ୍ୟିକ ଆଧାର**

ଜାମା,କାବା, ପାଇଜାମା, ରୁମାଲ, ଶାଲ୍ , ଚାଦର, ତକିଆ, ବୁର୍ଖା, ଖାକୀ ପ୍ରଭୃତି ପୋଷାକପତ୍ର, ବାଜୁବନ୍ଧ, ପାଉଞ୍ଜ୍ ଆଦି ଅଳଙ୍କାର, କିସ୍‌ମିସ୍, ପେସ୍ତା, ବାଦାମ, ବେଦନା, ଅନାର, ଅଙ୍ଗୁର ଆଦି ଫଳ ଓ ଶସ୍ୟ, ହାଲୁକା, ଜଲେବୀ, ଚପାତି,କଳିଆ, ଖୁରୁମା, ଗଜା ପ୍ରଭୃତି ଖାଦ୍ୟ ଓ ଚାମଚ, ଫାନୁସ୍, ଅତର, ଆଇନା, କାଗଜ, କଲମ, ସିସା, ଶିଶି, ଚଷମା, ଚାକୁ, ଚରକା, ଚିଲମ ଆଦି ବ୍ୟବହାର୍ଯ୍ୟ ପଦାର୍ଥ ବାଣିଜ୍ୟ ସୂତ୍ରରେ ଓଡ଼ିଶାରେ ପ୍ରସାର ଲାଭ କରିଛି ।

**ଧାର୍ମିକ ଆଧାର**

ଅଜାନ୍, ଅଜାନ୍ ଗା, ନମାଜ୍, ପୟଗମ୍ବର, ଫଜର, ଜୋହର୍, ଅସର୍,ମଗ୍ରୀବ, ଏସା, ମୁଆଜ୍ଜନ, ଅଜାନ୍‌ଗା, ଆଲ୍ଲା ହୋ ଆକବର, ଲା ଇଲାହା ଇଲ୍‌ଲା, ରୋଜା, ଇଦ୍, ମହରମ୍, ଅଲବିଦା, ମସ୍‌ଜିଦ୍ ପ୍ରଭୃତି ଶବ୍ଦ ଧର୍ମ-ସୂତ୍ରରେ ଏ ଭାଷାରେ ସ୍ଥାନ ପାଇଛି ।

**ଓଡ଼ିଆ ଭାଷାରେ ପ୍ରଚଳିତ ଯାବନିକ ଶବ୍ଦାବଳୀର ଭାଷାତାତ୍ତ୍ୱିକ ବିବେଚନ**

କେତେକ ଯାବନିକ ଶବ୍ଦ ଓଡ଼ିଆ ଭାଷାରେ ପ୍ରଚଳିତ ହେବା ବେଳେ ଅଳ୍ପ-ବହୁତ ପରିବର୍ତ୍ତିତ ଅର୍ଥଗ୍ରହଣ କରିଥାନ୍ତି । ନିମ୍ନରେ ଏହାର କେତୋଟି ଦୃଷ୍ଟାନ୍ତ ଦିଆଯାଇପାରେ ।

| ଯାବନିକ ଶବ୍ଦ | ମୂଳ ଅର୍ଥ | ଓଡ଼ିଆ ଭାଷାରେ ପ୍ରଚଳିତ ଅର୍ଥ |
|---|---|---|
| ଅରମନ୍ | ଇଚ୍ଛା | ରାଗ, ହିଂସା, ପ୍ରତିଶୋଧ |
| କାୟଦା | ନିୟମ | କୌଶଳ |
| କିସ୍ମତ୍ | ଭାଗ୍ୟ | ଭାଗ, ଲାଞ୍ଚ |
| ଖାନା | ଘର | ଘର, ଖାଦ୍ୟ |
| ଖାନ୍‌ଦାନ୍ | ପରିବାର | ସଂଭ୍ରାନ୍ତ |
| ଖିଲାପ | ପ୍ରତିବାଦ | ଅବହେଳା |
| ଖଇରାତ | ସୁକାର୍ଯ୍ୟ, ଦାନଧର୍ମ | ଅପବ୍ୟୟ |
| ଗଫ୍‌ଲତ | ଅବହେଳା | ସନ୍ଦେହ, ଦୋଷ, କେଁ |
| ତାମସା | ଆନ୍ଦୋଳନ | ସୁଆଙ୍ଗ |
| ତକରାର | ଓଲଟପାଲଟ | କଳି |
| ତୁଫାନ | ପ୍ରାଚୁର୍ଯ୍ୟ | ଝଡ଼ |
| ଦରିଆ | ନଈ | ସମୁଦ୍ର |
| ଦିମାଗ୍ | ବୁଦ୍ଧି | ଆସ୍ପର୍ଦ୍ଧା |
| ଦୁଆ | ପ୍ରାର୍ଥନା | ପ୍ରଚାର, ହୁରି |
| ରୋଜଗାର | ପୃଥିବୀ | ଆୟ |

ଯାବନିକ ଶବ୍ଦ ଓ ପ୍ରତ୍ୟୟଗୁଡିକ ଠିକ୍ ଓଡ଼ିଆ ଶବ୍ଦ ଓ ପ୍ରତ୍ୟୟ ଭଳି ସ୍ୱାଧିକାର ନେଇ ଓଡ଼ିଆ ଶବ୍ଦ ଓ ପ୍ରତ୍ୟୟ ସହ କ୍ଷୀର ନୀର ପରି ମିଶି ରହିଛି । ଏପରି କି କେତେକ ଇଂରେଜୀ ଶବ୍ଦ ସହ ଯାବନିକ ଶବ୍ଦ ଓ ପ୍ରତ୍ୟୟର ମିଶ୍ରଣ ହୋଇଛି ଅତି ବିଚିତ୍ର ଅଥଚ ସ୍ୱାଭାବିକ ଭାବରେ । ଓଡ଼ିଆ ବିଶେଷ୍ୟ ପାଇଁ ଯାବନିକ ବିଶେଷଣ ଓ ଯାବନିକ ବିଶେଷ୍ୟ ପାଇଁ ଓଡ଼ିଆ ବିଶେଷଣର ବ୍ୟବହାର ମଧ୍ୟ ସାବଲୀଳ ଭାବରେ ସମ୍ଭବ ହୋଇପାରିଛି । ଯଥା :-

**ଶବ୍ଦ ଶବ୍ଦର ମିଳନ** – ଘୋଡାସବାର, ହାଟବଜାର, ଶାକସବ୍‌ଜି, ମାଛ ତର୍କାରି, ଶହ ହଜାର, ଜିଲାପାଳ, ଆଇନାନୁଯାୟୀ ।

**ଶବ୍ଦ ଓ ପ୍ରତ୍ୟୟର ମିଳନ** – କିରାଣୀଗିରି, ଅସୁଲକାରୀ, ମଦଖୋର, ଅଦରକାରୀ, ଅକଲ୍‌ବନ୍ତ, ଅଂଶଦାର, ବାବୁପଣିଆ ।

**ବିଶେଷ୍ୟ ବିଶେଷଣ** – କଳା ଚଷମା, ବଦ ଅଭ୍ୟାସ, ଗରମ ଦୁଧ, ନରମ ତୂଳା ।

**ଇଂରେଜୀ ଶବ୍ଦ ସହ ମିଳନ** – ଅଉଲ୍ ନମ୍ବର, ଡାକ୍ତରଖାନା, ଫାଷ୍ଟ କିଲାସ କାଗଜ, ସ୍ପେଶାଲ ମାଲ ।

## ନୂତନ କ୍ରିୟାର ସୃଷ୍ଟି

ଯାବନିକ ପ୍ରଭାବ ଫଳରେ ଓଡ଼ିଆରେ କେତେକ ନୂତନ କ୍ରିୟାର ସୃଷ୍ଟି ହୋଇଛି । ଓଡ଼ିଆ ଭାଷାର ଏହା ଏକ ଉଲ୍ଲେଖ ଯୋଗ୍ୟ ସମୃଦ୍ଧି । ଯଥା –

ଅକଲରୁ ଅକଲେଇବା, ଜାହିର୍‌ରୁ ଜହରେଇବା, ବଦଳରୁ ବଦଳେଇବା, ଅନ୍ଦାଜ୍‌ରୁ ଅନ୍ଦାଜେଇବା, ଜମାରୁ ଜମେଇବା, କମ୍‌ରୁ କମେଇବା, ତଲାସ୍‌ରୁ ତଲାସିବା, ଗୁଜିସ୍ତନରୁ ଗୁଜୁରେଇବା (ଗୁଜୁରାଣ ମେଣ୍ଟେଇବା), ଥାପଡ଼୍‌ରୁ ଥାପୁଡେଇବା, ସରମରୁ ସରମେଇବା, ସରମିବା, ନରମରୁ ନରମିବା, ଜାକରୁ ଜାକିବା, ଚୁଗୁଲିରୁ ଚୁଗୁଲେଇବା, ତୟାର୍‌ରୁ ତିଆରିବା, ପୋଖତେଇବା, ରାସ୍ତାରୁ ରାସ୍ତେଇବା ଇତ୍ୟାଦି ।

ସେହିପରି ଓଡ଼ିଆ ଭାଷାର ଲିଙ୍ଗ, ବଚନ, କ୍ରିୟା ବିଶେଷଣ, ବିସ୍ମୟବାଚ ଶବ୍ଦ, ସଂଯୋଜକ ବିଯୋଜକ ଅବ୍ୟୟ, ରୂଢ଼ି ଶବ୍ଦ ଗଠନ ଓ ବନାନ ପରିବର୍ତ୍ତନରେ ମଧ୍ୟ ଯାବନିକ ଭାଷାଗୁଡିକ କମ୍ ପ୍ରଭାବ ପକାଇ ନାହିଁ ।

ଯବନମାନେ ଓଡ଼ିଶାର ଯେଉଁ ଯେଉଁ ସ୍ଥାନରେ ବସତି ସ୍ଥାପନ କରିଥିଲେ, ତନ୍ମଧ୍ୟରୁ କେତେକ ସ୍ଥାନକୁ ନିଜ ଭାଷାରେ ନାମିତ କରିଥିଲେ । ରସୁଲପୁର, ରସୁଲଗଡ଼, ମହମ୍ମଦିଆ ବଜାର, ଶେଖବଜାରଓ ବାଲେଶ୍ୱର ଏ କଥାର ମୂକସାକ୍ଷୀ । ବାଲେଶ୍ୱର ନାମ ଭିତରେ ଯାବନିକ ପ୍ରଭାବ ରହିଛି ବୋଲି ସହଜରେ ଜାଣି ହୁଏ ନାହିଁ, କିନ୍ତୁ ଏ ନାମଟିର ଭାଷାତାତ୍ତ୍ୱିକ ବିଶ୍ଳେଷର କଲେ ଜଣାଯାଏ ଯେ ବାଲେଶ୍ୱର ଏକ ଯାବନିକ ଶବ୍ଦ । ବାଲା–ଏ–ଶୋର ହେଉଛି ବାଲେଶ୍ୱର । ଏହା ଏକ ପାରସୀ ଶବ୍ଦ ଓ ଏହାର ଅର୍ଥ ହେଉଛି ସମୁଦ୍ରକୂଳସ୍ଥ ସହର । ବାଲେଶ୍ୱର ତାର ନାମରୁ ପ୍ରମାଣ କରେ ଯେ, ଇଂରେଜ, ଫରାସୀ, ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାର ପ୍ରଭୃତି ଅନ୍ୟ ଜାତିମାନଙ୍କ ପରି ଯାବନମାନଙ୍କର ମଧ୍ୟ ଏହା ଥିଲା ଏକ ପ୍ରଧାନ ବାଣିଜ୍ୟକେନ୍ଦ୍ର ।

## ଓଡ଼ିଆ ଭାଷାରେ ପ୍ରଚଳିତ ଯାବନିକ ଶବ୍ଦର ଏକ ସଂକ୍ଷିପ୍ତ ତାଲିକା

### ଆରବୀୟ ଶବ୍ଦ

ଅଇନା, ଅଇବ (ଘୋଡା, ହାତୀ ଆଦି ପଶୁମାନଙ୍କଠାରେ ଦେଖାଯାଉଥିବା ଦୁର୍ଗୁଣ), ଅୟସ, ଅଉରତ, ଅଉଲ, ଅକ୍‌ତିଆର୍, ଅକ୍‌ସରନାମା, ଅକରାର, ଅକଲ, ଅକସ, ଅଖ୍‌ନୀ (ମାଂସର ଝୋଳ ବା ପଲାଉ ପାଇଁ ପ୍ରସ୍ତୁତ ମସଲାପାଣି), ଅଚାନକ, ଅଜାନ୍ (ପ୍ରାର୍ଥନା ପାଇଁ ମୁସଲମାନ ମୁଆଜ୍ଜନଙ୍କ ଆହ୍ୱାନ), ଅଜୁରା (ସବାରିଆମାନଙ୍କୁ ମୂଲ), ଅତର, ଅତଲ୍ସ, ଅଦଉତ, ଅଦଳବଦଳ, ଅଦାଲତ, ଅନ୍ଦର, ଅମାନତ, ଅମିନ, ଅମୀର, ଅରଜି, ଆଲବତ୍, ଅସବାବ୍ (ଆସବାବ), ଆମଦାନି (ଆମଦାନି), ଅସରଫି (ସୁନାମୋହର), ଅସଲ, ଅସୁଲ, ଅସନା, ଅସୁଆର, ଅମଲ, ଅଫିମ, ଅମାର, ଅଝାଲ, ଅଜବ, ଅରକ (ନିର୍ଯ୍ୟାସ), ଆଇନ, ଆଦମୀ, ଆଦତ୍, ଆଦବ, ଆତସବାଜି, ଆସାମୀ, ଆସା (ବାଡି, ଇଜରା (ମୂଲ୍ୟ), ଇଜମାଲି, ଇସ୍ତଫା, ଇସ୍ତମାରି, ଇସାରା, ଇସ୍ତିହାର, ଏକରାରନାମା (ଚୁକ୍ତି), ଇନାମ (ଉପଢ଼ୌକାନ), ଇନ୍‌କିଲାବ, ଇଜଲାସ, ଇଜ୍ଜତ, ଇତଲା, ଇଲାକା, ଇଲମ (ଜ୍ଞାନ), ଇଦ୍, ଉଜର୍, ଉମର, କଜିଆ, କଦମ, କାଜି, କନାଟ (ତମ୍ବୁର କାନ୍ଥ), କବଲା, କବିଲା (ପରିବାର, ସ୍ତ୍ରୀ), କବର, କମାଲ୍, କସମ (ଶପଥ), କଂସେଇ, କସୁର୍, କାନୁନ, କାଫ୍‌ଲା, କାଇଦା, କାଏମ, କିତାବ, କିଲ୍ଲା, କିସ୍ତି, କିସମ, କିସ୍ମତ୍, କିମ୍ମତ, କୋରକ, କୁର୍ଚି, କଏଦୀ, କଲିଜା, କବଜା, କସୁର୍, କବାଲି, କମାଣ, ଖାରଜ, ଖତମ, ଖବର, ଖିଆଲ,

ଖରାବ, ଖରିଫ୍, ଖଲାସ, ଖଲାସି, ଖଲିଫା, ଖାସି, ଖାସ୍ତା, ଖାତିର, ଖାନ୍ ତଲାସି, ଖାସା, ଖିଲାଫ, ଖଇରାତ୍, ଖୋଇ, ଖୁସାମତି, ଗଜଲ୍, ଗଫଲତି, ଗରଜ, ଗରିବ, ଗଲତି, ଗାଏବ, ଗାଜି, ଗୋଲାମ, ଗୋଲାମି, ଗୋସ୍‌ସା, ଜନାବ, ଜବର୍, ଜବତ୍, ଜମା, ଜମାନା, କରିବ, ଜଲ୍‌ଦି, ଜବାବ, ଜହ୍ଲାଦ, ଜହାଜ, ଜାଲ, ଜିଜିୟା, ଜିନିଷ, ଜିଲା, ଜରଆ, ଜରୁର୍, ଜ୍ୟାଦା, ଜାଫ୍ରାନ୍, ଜାମିନ୍, ଜାରି, ଜାହିର, ଜିଦ୍, ଜିମା, ଜୁଲମ, ଜରିମାନା, ଜମିଦାର, ଜମାନତ୍, ଜମାନବନ୍ଦୀ, ତାଲୁକା, ତକଦୀର, ତକରାର, ତକଲିଫ୍, ତଗାବୀ, ତନଖା, ତଫସିଲ, ତବଲା, ତବିୟତ୍ (ଚୁକ୍ତିପତ୍ର), ତମାଦି, ତମାମ, ତାମସା, ତରିଫ, ତଜମା, ତଲବ, ତସବୀର (ଛବି), ତହବିଲ, ତହସିଲ, ତହସିଲଦାର, ତାକତ, ତାଗିଦ୍, ତାଜ, ତଜ୍‌ବିଜ୍, ତାମିଲ (କାର୍ଯ୍ୟକାରୀ), ତାଲିମ୍, ତାରିଫ୍, ତାସ୍, ତସଲା, ତୁଫାନ୍, ତଲାସ, ଦଖଲ, ଦାଖଲ, ଦଫା, ଦପ୍ତର, ଦରଘାବଜାର,ଦଲିଲ୍, ଦୱା, ଦୁଆତ, ଦୁଆ, ଦୋକାନ, ଦୌରା, ଦୌଲତ, ଦୁନିଆ, ଦୁର୍ବୀଣ (ଦୂରବୀକ୍ଷଣ ଯନ୍ତ୍ର), ନକସା, ନଗଦ, ନକଲ, ନଜଦିକ୍, ନଜର, ନଜିର, ନାଫା (ଲାଭ), ନବାବ, ନବିସ୍, ନସୀର (ଭାଗ୍ୟ, ନାଜିମ୍, ନାସୀର (ଆଗୁଆ ସୈନ୍ୟ), ନାଏକ, ନାଲ (ଘୋଡ଼ାଗୋଡ଼ରେ ପିଟା ହୋଇଥିବା ଲୁହା), ନିଜାମତ, ନିଶାଣ (ଚିହ୍ନ, ପତାକା), ନୁକ୍‌ସାନ୍, ନିଶାପ, ନଜରବନ୍ଦ, ପୈଗମ୍ବର, ଫକୀର, ଫକଡ଼୍, ଫସର୍, ଫଜିତ୍, ଫାଜିଲ୍, ଫେରାର୍, ଫରକ୍, ଫସଲ, ଫିସାଦି, ଫନ୍ଦି, ଫାଇଦା, ଫି (ପ୍ରତ୍ୟେକ), ଫିକର୍, ଫୁରୁସତ୍, ଫଇସଲା, ଫଉଜ, ଫଉଜଦାରୀ, ଫର୍ଦ୍ଦ, ବାବଦ, ବାତିଲ୍, ବାକୀ, ବିଲ୍‌କୁଲ୍, ବୁରୁଜ, ବନାମ, ବୈରକ, ବେଶ୍, ବୁର୍ଖା, ମଇଲମ, ମକାନ, ମଖମଲ୍, ମଗଜ, ମଜବୁତ୍, ମଜଲିସ୍, ମତଲବ୍, ମଦଦ, ମଦ୍ରାସା, ମଞ୍ଜୁର, ମନା, ମାଲିକ, ମଶାଲ, ମସ୍‌ଜିଦ୍, ମସଲା, ମହକୁମା, ମସିହା, ମାମୁଲି, ମୌରସୀ (ପିତୃପିତାମହ କାଳରୁ ଅର୍ଜିତ), ମହଲ, ମାହାଲ, ମାସୁଲ, ମାଫ୍, ମାଫିକ୍ ମାମଲା, ମାର୍ଫତ୍, ମିଜାଜ୍, ମିଶ୍ରି, ମିସଲ, ମିଆଦ, ମକଦ୍ଦମା, ମୁକରିର, ମୁକାମ, ମୁକାବିଲା, ମୁକ୍ତାର୍, ମୋଗଲ, ମୁତାବକ, ମୁନ୍‌ସି, ମୁନ୍‌ସିଫ, ମୁନାଫା, ମୁନିବ, ମୁବାରକ୍, ମୁରବା (ସଂରକ୍ଷିତ ଫଳ), ମୁରବି, ମୁସ୍ତରି (କ୍ରେତା), ମୁସ୍କିଲ, ମୁଲକ, ମୁଲତବି, ମୁଲାଖାତ୍, ମୁଲାୟାମ, ମୁଲ୍ଲା (ଡାକ୍ତର), ମୁସାଇ (ବାଦୀ), ମୁଦାଲା, ମହକିଲ୍, ମୁସଲମାନ, ମୁସାଫିର୍, ମୋହବତ୍, ମୋହରମ୍, ମୋହରିର, ମୋହାଫିସ୍, ମେହେନ୍ତର, ମିହନତ୍, ମେହେରାବି, ମହଲତ, ମୌକା, ମହଜୁଦ୍, ମୌଲାନା, ମୌସୁମୀ, ରକବା, ରକମ, ରକାବି, ରଦ୍ଦ, ରଫା, ରଫାଦଫା, ରମଜାନ, ରାଜି, ରାଜିନାମା, ରୋୟ ରିସ୍‌ବତ୍, ରୁଜୁ, ରସୁଲ୍, ଲଗାଏତ୍, ଲଫଙ୍ଗା, ଲାଖରାଜ, ଲାଚାର, ଲଫାଫା, ଓକିଲ, ବକ୍ତ, ୱାପସ୍, ୱାରୀ, ୱାସ୍ତେ (ସକାଶେ), ସତରଞ୍ଜି, ସର୍ତ୍ତ, ସର୍ବତ୍, ଶହୀଦ, ସାମିଲ, ସୁରୁ, ସଇତାନ୍, ସୌକ୍, ସଦର, ସନନ୍ଦ, ସନ୍, ସଫା, ସଫେଇ, ସଫେଦ, ସାବୁତ୍ (ପ୍ରମାଣ), ସବୁର୍ (ଧୈର୍ଯ୍ୟ), ସମନ୍, ସରାଇ, ସିଲାମ, ସବାର, ସୁଆର, ସ୍ୟାହି, ସାକୀ, ସାକିନ୍, ସାନି, ସାବିକ୍, ସାଲିସ୍, ସାହେବ, ସିକା (ପ୍ରଚଳିତ ମୁଦ୍ରା), ସୁଲତାନ, ସୁବା, ସୁରତ୍, ସାହାରା, ଶିଶି, ସହର, ସର୍‌ଜମିନ୍ (ସୀମା), ସୁତରା, ହକ୍, ହାକିମି, ହଜ, ହଜମ, ହାରାମି, ହରକରା, ରେକତ୍, ହରପ୍ (ଚିଠି), ହଲକ, ହଲପ୍, ହାଲୁଆ, ହାବିଲ୍‌ଦାର୍, ହାୱା, ହାବେଳି, ହାଜତ, ହାଜର, ହାଜିରା, ହାଲ, ହାଲତ୍, ହାସଲ, ହେପାଜତ୍, ହିମ୍ମତ୍, ହିସାବ, ହିସ୍‌ସା, ହୁକ୍‌କା, ହୁକୁମ, ହଜୁର, ହୁଲିଆ, ହଇଜା, ହଇରାଣ ।

### ପାରସିକ ଶବ୍ଦ

ଅଗଲବଗଲ (ଇତସ୍ତତଃ), ଅଜଗ୍‌ବି (ଗୁପ୍ତ), ଅଜବ୍, ଅଜୁହାତ୍ (ଆପତ୍ତି), ଅଞ୍ଜାମ (କାର୍ଯ୍ୟସମ୍ପାଦନ), ଅଡ୍‌ଡ୍ (ବାଣିଜ୍ୟକେନ୍ଦ୍ର), ଅଡତିଆ (ଦଣ୍ଡିଦାର), ଅଦଦ୍ (ନଗଦଧନ), ଅନ୍ଦାଜ, ଅନିଶା, ଅବଉଆବ୍ (ନିର୍ଦ୍ଧାରିତ ରାଜସ୍ୱ ଛଡ଼ା ଅଧିକ ରାଜସ୍ୱ ଆଦାୟ), ଅବ୍‌ଖୁରା (ଛୋଟ ଜଳପାତ୍ର ବିଶେଷ, ଓଡ଼ିଆ ଖୁରି, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟ ୨ୟ ଛାନ୍ଦ ଦ୍ରଷ୍ଟବ୍ୟ), ଅବକାରି, ଅରଜି, ଅଲ୍‌ବିଦା (ରମ୍‌ଜାନ୍ ମାସର ଶେଷ ଶୁକ୍ରବାର), ଆଖର, ଆବାଜ, ଆବହାୱା, ଆରାମ, ଆଜାଦ, ଆଜାଦୀ, ଆସମାନ, ଅନାର୍ (ଡାଳିମ୍ବ), ଅନ୍ଦାଜ, ଅନ୍ଦର, ଅଙ୍ଗୁର, ଅଇନ୍ଦା (ଭବିଷ୍ୟତ), ଅବଶୋଷ, ଆମଦାନି, ଇସ୍ତ୍ରୀ, ଉସ୍ତାଦ୍, କାବୁ, କବାବ୍ (ସିଝାମାଂସ), କବାଳି, କମ୍, କାମିଜ, କମର୍, କଡ଼ରବନ୍ଦ, କାରିଗର, କରଜ, କଲମ, କଲମି କାଗଜ, କାନୁନ୍‌ଗୋ, କାରବାର, କିନାର, କୁର୍ତ୍ତା, କୁସ୍ତି, କୈଫିୟେତ୍, କୋସିସ୍, ଖାଜାଞ୍ଚି, ଖଜଣା, ଖାତା, ଖାକୀ, ଖପା, ଖେୟାଲ, (ସଂଗୀତର ଏକ ସ୍ୱର), ଖରିଦ, ଖରଚ, ଖାନ୍‌ସାମା, ଖାନା, ଖାନ୍‌ଦାନ, ଖାଉନ୍ଦ, ଖିସ୍‌ରା (କ୍ଷତି), ଖୁସମିସ୍, କୋଦ, ଖୁଦା, ଖୁରାକ, ଖୁରୁମା, ଖୁସ୍, ଖୁସବୁ (ବାସନା), ଖୁନ୍, ଖୁବ୍, ଗାଲିଚା, ଗୁଜୁରାଣ, ଗଜା (ଖଜା), ଗଞ୍ଜି, ଗଫ, ଗରମ, ଗଫଡ଼ି, ଗାଜର, ଗର୍ଦ୍ଦନ, ଗିରଫ, ଗୁମାସ୍ତା, ଗମ୍ଭୁଲ, ଗସ୍ତ, ଗୋଲାପ, ଚପରାଶି, ଚରଖା, ଚର୍ବି, ଚଷମା, ଚାକର, ଚାବୁକ, ଚା, ଚାଦର, ଚାଲାକ, ଚିଲମ,ଚିଜ, ଚୁଗୁଲି, ଚୋସ୍ତ, ଚେହେରା, ଚାମର,ଜଖମ, ଜନାନା,ଜବାନ, ଜବାହର, ଜମାନା,ଜରି, ଜଲେବି (ମିଷ୍ଟାନ୍ନ),ଜାଗିର୍,

ଜାନ୍, ଜାନୁୟାର, ଜାଫ୍ରି, ଜାମା, ଜିନ୍, ଜିନ୍ଦାବାଦ୍,ଜିନ୍ଦେଗି, ଜୋର୍, ଡେକ୍‌ଚି, ତକିଆ, ତକତ୍‌ପୋଷ, ତର୍କାରି, ତାରିଖ, ତରତିବ (ସଜ୍ଜିକରଣ), ତରାଜୁ,ତସଲା, ତାନପୁରା, ତବଲା, ତାଜା, ତୈୟାର୍, ଦଗା, ଦମ୍, ଦର, ଦରଜୀ, ଦରଖାସ୍ତ, ଦରକାର, ଦରିଆ, ଦରୱାଜା, ଦସ୍ତଖତ, ଦିସ୍ତା, ଦସ୍ତି, ଦସ୍ତୁର୍, ଦାଗ, ଦାଗୀ, ଦିମାକ୍, ଦିଲ୍, ଦେବାନ୍, ଦୁଶ୍ମନ୍, ଦୋସ୍ତ, ଦରବାର, ଦରବାନ୍, ଦଫାଦାର, ଦିଲଖୁସ, ଦିଲଦାର, ଦିୱାଲି,ନିମକ୍, ନମାଜ, ନମୁନା, ନରମ, ନାରଙ୍ଗୀ, ନବିସ୍, ନାମା, ନାଲିନ୍, ନାସ୍‌ପାତି, ନାସ୍ତା, ନଉକର, ନାକେରା, ନିଘା, ନିବିସନ୍ଧା, ପର (ପକ୍ଷ), ପରୀ, ପରଦା, ପରୱାନା, ପାଜି, ପାର୍ଚା, ପରଗନା, ପାର୍ସୀ, ପାସଙ୍ଗ, ପୋଖତ, ପାଇଜାମା, ପରୁଆ, ପସନ୍ଦ, ପାମ, ପହଲିବାନ, ପିଆଜ, ପିଆଦା, ପିଆଲା, ପୀର, ପେସ୍କାର, ପେଶବା, ପେଶା, ପୟଗମ୍ବର, ପୋଷାକ, ପଲାଉ, ପଲା (ତରାଜୁର ଦୁଇ ଓଜନପାତ୍ର), ପହ୍ଲବୀ, ପୈଦା, ପେଶ୍‌କସ୍, ଫରମାସ୍, ଫରମନ୍, ଫାଶି, ଫାନୁସ୍ (କାଗଜ ଲଣ୍ଠନ), ବାଦାମ, ବେଦାନା, ବନ୍ଦେଗୀ (ସମ୍ମାନ), ବନ୍ଦର, ବଦୋବସ୍ତ, ବୈଠକ, ବାଦଶାହା, ବରଫ, ବରଫୀ (ମିଷ୍ଟାନ୍ନ), ବରଜ, ବାଜି, ବାଜିଗର, ବାଜୁ, ବାଜୁବନ୍ଧ, ବାସିନ୍ଦା, ବାଗ୍, ବଗିଚା, ବାଲିସ୍ (ତକିଆ), ବକସିସ୍, ବକ୍‌ସି, ବଦ୍, ବଦଳ, ବଦନାମ, ବିରାଦର, ବରବାଦ, ବୁକୁଚା, ବକେୟା, ବୁଲ୍ ବୁଲ୍, ବୁନିଆଦ, ବାହାଦୁର, ବାହାଦୁରୀ, ବାହାନା, ବାହେଲୀ, ବାଲୁସାଇ (ଏକ ମିଷ୍ଟାନ୍ନ), ବୀମା, ବିଚାରା,ବସ୍ତା, ବହର (ଝରଣା), ବିବି, ବେମାର, ବୁଖାର, ବେକାର, ବେଗମ, ବେଶି, ବେସନ, ବେହ୍ୟା, ମଜଦୁର, ମରାମତ୍, ମରଦ, ମଲିହା, ମଲାଇ, ମାଲିସ, ମାଲୁଗୁଜୁରୀ, ମଇଦା, ମହଲା, ମିସ୍ତିରୀ, ମିନା, ମୀର, ମୁକଦ୍ଦମ, ମୁର୍ଗା, ମୁର୍ଦ୍ଦାର, ମସ୍ତ, ମେକ, ମେବା, ମେହେମାନ, ମେହେର, ମେହେରବାନ, ମେଜ, ମୈଦାନ, ମୋଜା, ମହମ ମୋହର, ରବାନା, (ବିଦେଶ ଯାତ୍ରା ପାଇଁ ଅନୁମତି ପତ୍ର), ରସଦ, ରସିଦ, ରାସ୍ତା, ରିଆସତ୍, ରିସବତ୍ (ଲାଞ୍ଚ), ରୁମାଇ, ରୁବକାର, ରେଶମ, ରୋଜ, ରୋଜଗାର, ରୋଶଣି, ଲଗାମ, ଲସ୍କର, ଲେଙ୍ଗେଡ଼ା, ଲଙ୍ଗର, ୱାପସ, ସରମ, ସାହାନସାହା, ସାହନା, ସହର, ଶାଦୀ, ସାବାସ, ସାମିଆନା, ମାଲ, ଶାହା, ଶାହାଜାଦା, ଶହାଜାଦୀ, ଶିକାର, ଶିକାରୀ, ଶିରଣୀ (ମିଷ୍ଟାନ୍ନ), ସିରା, ସୀସା, ସୁମାରି, ସୋରୁଆ (ଝୋଳ), ସଜା, ସଫେଦର, ସରକାର, ସିରପେଞ୍ଚ, ସର୍ଦ୍ଦାର, ସର୍ଦ୍ଦି, ସରବରାହ, ସବାରି, ସାଦା, ସାବ୍‌ଜି, ସାମାନ୍, ସାୟା, ସାଲ୍ ସାହିବଜାଦା, ସିତାର, ସିପାହୀ, ସୁପାରିଶ, ସିନା (ଛାତିଭାଗ), ସିର୍କା, ସିରସ୍ତା, ସୁଜି, ସୁରମା, ସୁଧ, ସଉଦା, ସୌଦାଗର, ସଙ୍ଗୀନ, ହଜାର, ହମେଶା, ହର୍, ହରେକ, ହାଲୁଆ, ହାଉଦା, (ଜଳଭଣ୍ଡାର), ହୋସ୍, ହୁସିଆର, ହଙ୍ଗାମା, ହେମଦସ୍ତା ।

**ଉଭୟ ଆରବୀୟ ଓ ପାରସିକ ଶବ୍ଦ**

ରୁମାଲ, ଜମାନୀ, ତୈୟାର୍, ଦୋସ୍ତ, ଆସ୍‌ମାନ୍ ଆମଦାନି, କବାଲି, ପୟଗମ୍ବର, ବାଦଶାହା, ବଦଳ, ବେ-ହିସାବ, ବେ-ହାଜର, ବି-ବାକ୍, ବଏନାମା, ବେ-କୁଫ୍, ବୈମାନ୍ ଦୋକାନଦାର, ମାଲଦାର, ମାଲଗୁଜରୀ, ସହର ଇତ୍ୟାଦି ।

**ତୁର୍କୀ ଶବ୍ଦ**

ଉର୍ଦ୍ଦୁ, କୁଲି, କଇଞ୍ଚି (କତୁରୀ), ଚାକୁ, ଚପାତି, ତୁର୍କ, ତୋପ, ବନ୍ଧୁକ, ବାରୁଦ, ବବୁର୍ଚି, ଲାସ୍, ସୁରାକ୍ ଅରମାନ, କାବୁ, କୋରମା, ଖାଁ, ଗାଲିଚା, ଚକମକି, ଚିକ, ତୁରୁଖ, ଦାରୋଗା, ମୁଚଲାକା ବା ମୁଚାଲିକା, ଠାକୁର ଇତ୍ୟାଦି ।

''ଓଡ଼ିଆ ଭାଷାରେ ଯାବନିକ ପ୍ରଭାବ ଏତେ ବିପୁଳ ଯେ ତାହାକୁ ବାଦ୍‌ଦେଲେ ଓଡ଼ିଆ ଭାଷା ବହୁ ଦୁର୍ବଳ ହୋଇପଡିବ । ପ୍ରଭାବଶାଳୀ ବୈଦେଶିକ ଭାଷା ଦୃଷ୍ଟିରୁ ଇଂରାଜୀର ସ୍ଥାନ ପ୍ରଥମ, ଯାବନିକ ଭାଷାର ସ୍ଥାନ ଦ୍ୱିତୀୟ । କୌତୂହଳର ବିଷୟ ବହୁ ନୈଷ୍ଠିକ ପଣ୍ଡିତ ଓଡ଼ିଆ ଭାଷାରେ ଇଂରାଜୀ ଶବ୍ଦ ପ୍ରଚଳନକୁ ନାକ ଟେକିଲାବେଳେ ଯାବନିକ ଶବ୍ଦଗୁଡ଼ିକୁ ଆଦରରେ ଗ୍ରହଣକରି ନେଇଥାନ୍ତି । ଓଡ଼ିଆ ଭାଷାରେ ଯାବନିକ ପ୍ରଭାବର ପୁଙ୍ଖାନୁପୁଙ୍ଖ ଗବେଷଣା ଆବଶ୍ୟକ । ତା ନ ହେଲେ ଓଡ଼ିଆ ଭାଷାର ଐତିହାସିକ ଓ ବୈଜ୍ଞାନିକ ଅଧ୍ୟୟନ ଅପୂର୍ଣ୍ଣ ରହିଯିବ ।''

**(ଭାଷା ବିଜ୍ଞାନୀ ବାସୁଦେବ ସାହୁ, ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ)**

-୦-

# ଓଡ଼ିଆ ଭାଷାରେ ଇଂରାଜୀ ପ୍ରଭାବ

୧୮୦୩ ମସିହା ଡିସେମ୍ବର ୧୭ ତାରିଖରେ ଦେବଗ୍ରାମ ସନ୍ଧି ଅନୁସାରେ ଇଂରେଜମାନେ ନାଗପୁର ଭୋଁସଲାଙ୍କଠାରୁ ଓଡ଼ିଶାକୁ ନିଜ ଅଧୀନତାକୁ ଆଣିଥିଲେ । କ୍ରମେ ସେମାନେ କେବଳ ବାଣିଜ୍ୟିକ ପ୍ରଭାବ ନୁହେଁ, ପ୍ରଶାସନିକ, ଧାର୍ମିକ, ସାଂସ୍କୃତିକ ଓ ଭାଷାଗତ ପ୍ରଭାବ ବିସ୍ତାର କରିବା ପାଇଁ ବିଭିନ୍ନ ଦିଗରୁ ପ୍ରବଳ ଚେଷ୍ଟା ଚଳାଇଥିଲେ । ୧୮୨୨ ମସିହାଠାରୁ ମିଶ୍ନାରୀମାନଙ୍କ ଦ୍ୱାରା ଓଡ଼ିଶାରେ ଖ୍ରୀଷ୍ଟଧର୍ମ ପ୍ରଚାର ଅଭିଯାନ ପ୍ରବଳ ହୋଇଥିଲା । ମିଶନାରୀମାନେ ଅନୁଭବ କରିଥିଲେ ଓଡ଼ିଆମାନଙ୍କୁ ଖ୍ରୀଷ୍ଟଧର୍ମରେ ଅନୁପ୍ରାଣିତ କରିବାକୁ ହେଲେ ପୁସ୍ତକ ପଢ଼ିପାରିବା ଭଳି ଜ୍ଞାନ ସେମାନଙ୍କୁ ଦେବା ଆବଶ୍ୟକ ଏବଂ ସେଥିପାଇଁ ପ୍ରଥମ ସୋପାନ ହେଉଛି ଶିକ୍ଷାପ୍ରସାର ତେଣୁ ମିଶନାରୀମାନେ ୧୮୨୨ ମସିହାରେ କଟକରେ ଏକ ଆଧୁନିକ ସ୍କୁଲ ପ୍ରତିଷ୍ଠା କରିଥିଲେ । କ୍ରମଶଃ ଏ ଧରଣର ସ୍କୁଲ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗଢ଼ିଉଠିଲା ଓ ତା ସାଙ୍ଗକୁ ଓଡ଼ିଆ ଭାଷାରେ ଖ୍ରୀଷ୍ଟଧର୍ମଗ୍ରନ୍ଥ ଅନୂଦିତ ହେବାକୁ ଲାଗିଲା । ୧୮୪୩ ଖ୍ରୀ:ରେ ଓଡ଼ିଶାରେ ଇଂରାଜୀ ଭାଷା ସରକାରୀ ଭାଷା ଭାବରେ ପ୍ରଚଳିତ ହେବା ପୂର୍ବରୁ ଯେଉଁସବୁ ଧର୍ମଗ୍ରନ୍ଥ ଓଡ଼ିଆ ଭାଷାରେ ଅନୂଦିତ ହୋଇଥିଲା ଓ ଇଂରାଜୀ ଭାଷା ଶିକ୍ଷାର ପ୍ରଥମ ସୋପାନ ସ୍ୱରୂପ ଇଂରାଜୀ–ଓଡ଼ିଆ ଅଭିଧାନ ପ୍ରଣୀତ ହୋଇଥିଲା ।

୧୮୪୩ ଖ୍ରୀ:ରେ ଓଡ଼ିଶାର କୋର୍ଟ କଚେରିରେ ଇଂରାଜୀ ସରକାରୀ ଭାଷା ରୂପେ ପ୍ରଚଳିତ ହେବା ଫଳରେ ଓଡ଼ିଶାରେ ଇଂରାଜୀ ଭାଷାର ଚେର ଅଧିକ ଗଭୀରତାକୁ ପ୍ରବେଶ କଲା । ୧୮୬୯ ମସିହାରେ ପ୍ରତିଷ୍ଠିତ ହେଲା ରେଭେନ୍ସା କଲେଜ । ବସ୍ତୁତଃ ଊନବିଂଶ ଶତାବ୍ଦୀର ସପ୍ତମ ଦଶନ୍ଧିରୁ ଇଂରାଜୀ ଭାଷାର ପ୍ରଭାବ ଓଡ଼ିଆ ଭାଷାରେ ସ୍ପଷ୍ଟ ଅନୁଭୂତ ହେଲା । ଓଡ଼ିଆମାନଙ୍କର ଦୈନନ୍ଦିନ ଜୀବନରେ ଅନେକ ଇଂରାଜୀ ଶବ୍ଦର ବ୍ୟବହାର ଅପରିହାର୍ଯ୍ୟ ହୋଇଉଠିଲା । ବିଭିନ୍ନ ମାଧ୍ୟମ ଦେଇ ଇଂରାଜୀ ଶବ୍ଦ ଓଡ଼ିଆ ଭାଷାରେ ଅନୁପ୍ରବେଶ କଲା । ଏହି ଶବ୍ଦଗୁଡ଼ିକୁ ମାଧ୍ୟମ ବା ଆଧାର ଭିତ୍ତିରେ ନିମ୍ନୋକ୍ତ ବର୍ଗରେ ବିଭକ୍ତ କରାଯାଇପାରେ –

**୧ – ପ୍ରଶାସନିକ**

(କ) **ବିଚାର ବିଭାଗ**–ଅଡ଼ର୍, ଅପିଲ୍, ଆକ୍ଟ, ଆଡ୍‌ଭୋକେଟ୍, ଉଇଲ୍, କେସ୍, କୋର୍ଟ, ଚାର୍ଜ, ଚିଫ୍‌ଜଷ୍ଟିସ୍, ଜଜ୍, ଜଷ୍ଟିସ୍, ଜୁଡିସିଆଲ୍, ଜୁରି, ଟ୍ରିବୁନାଲ୍, ଡିଗିରି, ଡିସ୍‌ମିସ୍, ଦେଓ୍ୱାନି, ପିଙ୍ଗଳ କୋଡ୍ (Penal Code), ପିଟିସନ୍ ପ୍ଲଡର୍, ଫାଇନାଲ୍, ବାଇ–ଲ, ବାରିଷ୍ଟର, ବେଲ୍, ମାଜିଷ୍ଟ୍ରେଟ୍, ରିଟ୍, ରେଗୁଲେସନ୍, ଲ, ଲୟାର୍, ଲିଗାଲ, ଓ୍ୱାରେଣ୍ଟ, ଷ୍ଟେ, ସମନ୍, ସିଭିଲ୍, ସୁପ୍ରିମ୍ କୋର୍ଟ, ହାଇକୋର୍ଟ ଇତ୍ୟାଦି ।

(ଖ) **ଅର୍ଥ ଓ ରାଜସ୍ୱବିଭାଗ** – ଅକ୍‌ସନ, ଅଡ଼ିଟ୍, ଅଡ଼ିଟର, ଆଡ୍‌ଭାନ୍ସ, ଇନ୍‌କମ୍, ଏକାଉଣ୍ଟ, ଏରିଅର, ଏରିଆ, କମିଶନର, କିଲଟର(କଲେକ୍‌ଟର), କିଲା, କେନାଲ୍, କ୍ୟାମ୍ପ, କ୍ୟାସ, କ୍ୟାସ୍‌ବକ୍ସ, କ୍ୟାସିଅର, ଗ୍ରାଚୁଇଟି, ଚେକ୍, ଚେନ୍, ଟିଅର୍ ଗ୍ୟାସ୍, ଟିକସ (ଟ୍ୟାକ୍ସ), ଟି.ଏ., ଟୁର୍, ଟୋକନ୍, ଟୋଟାଲ, ଟ୍ରେଜେରି, ଡିପୋଜିଟ୍, ଡ୍ରାଫ୍‌ଟ, ନୋଟ୍, ପାଶ୍‌ବୁକ୍, ପେନ୍‌ସନ୍, ପ୍ରୋଭିଡେଣ୍ଟ ଫଣ୍ଡ, ପ୍ଲଟ୍, ବାଲାନ୍ସ, ବୋନ୍‌ସ, ବ୍ୟାଙ୍କ, ମେଜରମେଣ୍ଟ, ମ୍ୟାପ୍, ରୟାଲଟି, ରେଭିନ୍ୟୁ, ଲାଇସେନ୍‌ସ, ଲିଜ୍, ଲୋନ୍, ଲ୍ୟାଣ୍ଡ, ଷ୍ଟକ୍, ଷ୍ଟାମ୍ପ, ସବ୍‌ଡିଭିଜନ, ସର୍ଭେ, ସିକୁରିଟି, ସିଲିଂ, ସେଟ୍‌ଲମେଣ୍ଟ, ସେଲ୍‌ଟାକ୍ସ ଇତ୍ୟାଦି ।

(ଗ) **ପୋଲିସ୍ ବିଭାଗ** – ଆଇ.ପି.ଏସ୍., ଆକ୍‌ସିଡେଣ୍ଟ, ଆରେଷ୍ଟ, ଇନ୍‌କ୍ୱାରି, ଇନ୍‌ସିପେକ୍ଟର, ଏ.ଏସ୍.ପି., ଏସ୍.ପି., କନ୍‌ଷ୍ଟେବଲ୍, ଟ୍ରାଫିକ୍, ଡି.ଏସ୍.ପି., ଡିକେଟ୍‌ଭିଭ୍, ଡିଟେନ୍, ପୋଲିସ୍, ପ୍ୟାରେଡ୍, ୟୁନିଫର୍ମ, ରାଇଫଲ୍, ରିଭଲ୍‌ଭର, ଲୁଟ୍, ଓ୍ୟାରେଣ୍ଟ, ସବ୍ ଇନ୍ସିପେକ୍ଟର, ସରେଣ୍ଡର୍, ସର୍ଚ୍ଚ, ସାଲ୍ୟୁଟ୍, ସିଜ୍, ସ୍ପାଇ, ହୁଇସିଲ, ଇତ୍ୟାଦି ।

(ଘ) **ସେନାବିଭାଗ** – ଆଟମ୍ ବମ୍, ଆଡ୍‌ମିରାଲ୍, ଆମ୍ବୁଲାନ୍ସ, ଆର୍ମି, ଏଆର ଫୋର୍ସ, ଏୟାର୍ ମାର୍ଶାଲ୍, କମାଣ୍ଡର୍, କମାଣ୍ଡର୍–ଇନ୍–ଚିଫ୍, କର୍ଣ୍ଣେଲ୍, କର୍ଫୁ, କ୍ୟାଡେଟ୍, କ୍ୟାପ୍‌ଟେନ୍,ଗନ୍, ଗାର୍ଡ, ଜେଟ୍, ଜେପ୍‌ଲିନ୍, ଜେନେରାଲ୍, ଟାଇମ୍ ଗନ୍, ଟାଇମ୍ ବମ୍,

ଟିଅର୍ ବମ୍, ଟେଣ୍ଟ, ଟ୍ୟାଙ୍କ୍, ଟ୍ରେଞ୍ଚ, ଡିନାମାଇଟ୍, ଡ୍ରମ୍, ଡ୍ରିଲ୍, ନ୍ୟାଭି, ପ୍ୟାରେଡ୍, ପ୍ଲାଟୁନ୍, ଫାୟାର୍ ବ୍ରିଗେଡ୍, ଫୋର୍ସ, ବମ୍, ବାଟାଲିଅନ୍, ବାୟୋନେଟ୍, ବାରାକଖ, ବୁଟ୍, ବୁଲେଟ୍, ବେଲ୍ଟ, ବ୍ୟାଜ୍ ବ୍ୟାଟାଲିୟନ୍, ବ୍ଲଡି, ମିଲିଟାରୀ, ମେଜର୍, ମେସିନ୍‌ଗନ୍, ରକେଟ୍, ରାଇଫଲ୍, ରିଭଲ୍‌ଭର୍, ରେଜିମେଣ୍ଟ୍, ସର୍ଜେଣ୍ଟ୍, ସେଣ୍ଟ୍ରି ଇତ୍ୟାଦି ।

(ଙ) **ଜେଲ୍ ବିଭାଗ**– କେୟାର୍ ଟେକର୍, ଗାର୍ଡ୍, ଗେଟ୍, ଚେନ୍, ଜେଲ୍, ଜେଲର୍, ୱାର୍ଡ୍, ୱାଡର୍ ଇତ୍ୟାଦି ।

(ଚ) **ସାଧାରଣ ପ୍ରଶାସନ ଓ ଶାସନ ବିଧାନ ସମ୍ପର୍କୀୟ** – ଅଥରିଟି, ଅନରାରି, ଅଫିସ୍, ଅଫିସର, ଅର୍ଡର, ଅର୍ଡିନାନ୍‌ସ, ଅର୍ଦ୍ଦଳି (ଅର୍ଡର୍ଲି), ଆଇ.ଏ.ଏସ୍., ଆଇ.ସି., ଏସ୍. ଆଟେଣ୍ଡାଣ୍ଟ୍, ଆସେମ୍ବଲି, ଆସୋସିଏସନ୍, ଏଗ୍ରିମେଣ୍ଟ, ଏଜେଣ୍ଡା ଏଜେନ୍ସି, ଏନ୍.ଏ.ସି. (Notified Area Council),ଏମ୍.ଏଲ୍.ଏ., ଏମ୍.ପି., କଂଗ୍ରେସ୍, କଣ୍ଟ୍ରାକ୍ଟର, କମ୍ୟୁନିଷ୍ଟ, କାଉନ୍‌ସିଲ୍, କାଉନ୍‌ସିଲର୍, କାନଟରାଟି (କଣ୍ଟ୍ରାକ୍ଟର), କାପିଟାଲ, କ୍ଲର୍କ, ଗଭର୍ଣ୍ଣର, ଗେଜେଟ୍, ଗେଷ୍ଟ ହାଉସ୍, ଗ୍ୟାଲେରି, ଟାଇପିଷ୍ଟ, ଟ୍ରାନ୍ସଫର୍, ଡକୁମେଣ୍ଟ, ଡାଇରି, ଡାଇରେକ୍ଟର, ଡିଉଟି, ଡିପାର୍ଟମେଣ୍ଟ୍, ଡିସ୍‌ପାଚ୍, ଡିସ୍‌ମିସ୍, ନୋଟିସ୍, ପାର୍ଟି, ପାର୍ଲିଆମେଣ୍ଟ୍, ପିଅନ, ପେନ୍‌ସନ୍, ପୋଷ୍ଟ, ପ୍ରମୋଶନ, ପ୍ଲାନ୍, ଫରେଷ୍ଟର, ଫାଇଲ୍, ଫାମିଲି ପ୍ଲାନିଂ, ଫିସ୍, ବଣ୍ଡ, ବିଲା,ବୁଲେଟିନ୍, ବୋର୍ଡ୍, ମୁନ୍‌ସିପାଲିଟି, ମେମ୍ବର, ମେୟର୍, ମ୍ୟାନେଜର୍, ମ୍ୟାପ୍, ରିଟାୟାର୍ଡ, ରିପୋର୍ଟ, ରୁଟିନ୍, ରେକର୍ଡ, ରେଜିଷ୍ଟ୍ରାର୍, ରେସନ କାର୍ଡ, ଲବି. ଲାଇସେନ୍ସ, ଲାଟ (ଲର୍ଡ୍), ଷ୍ଟାଫ୍, ସପ୍ଲାଇ, ସସ୍‌ପେଣ୍ଡ, ସାର୍ଟିଫିକେଟ, ସିଲ୍, ସୁପର ଭାଇଜର୍, ସୁପରିଣ୍ଟେଣ୍ଡେଣ୍ଟ, ସେକ୍ରେଟାରୀ, ସୋସାଇଟି, ହେଡକ୍ୱାର୍ଟର ଇତ୍ୟାଦି ।

## ୨. ଶିକ୍ଷା ବିଭାଗ

କଂପ୍ୟୁଟର, ଡିକ୍‌ସିନାରୀ, ଅଣ୍ଡର୍ ଗ୍ରାଜୁଏଟ୍, ଅନର୍ସ, ଅପର ପ୍ରାଇମେରୀ ସ୍କୁଲ୍, ଆଇ.ଏ., ଆଇ.କମ୍., ଆଇ.ଏସ୍‌ସି., ଆଡ୍‌ମିସନ୍, ଆଲଜେବ୍ରା, ଏକାଡେମି, ଏମ୍.ଇ.ସ୍କୁଲ୍, ଏମ୍.ଏ., ଏମ୍.କମ୍., ଏମ୍.ଏସ୍.ସି., ଏମ୍.ବି.ବି.ଏସ୍., କପି, କମ୍ପାର୍ଟମେଣ୍ଟାଲ୍, କଲେଜ, କୋଣ୍ଟିନ୍, କୋର୍ସ, କ୍ଲାସ୍, କ୍ଲାସ୍‌ମେଟ୍, କ୍ଲାସରୁମ୍, ଗାର୍ଡିଆନ୍, ଗ୍ରାଜୁଏଟ୍, ଗ୍ଲୋବ୍, ଚକ୍, ଟି.ସି. (Transfer Certificate), ଡିକ୍ସନାରି, ଡିଗ୍ରୀ, ଡିପ୍ଲୋମା, ଡିଭିଜନ୍, ଡିଷ୍ଟିଂସନ୍, ଡ୍ରଇଂ, ଥେସିସ୍, ପାଶ୍, ପିଏଚ୍. ଡି., ପେନ୍, ପେନ୍‌ସିଲ୍, ପ୍ରଫେସର୍, ପ୍ରାଇମେରି ସ୍କୁଲ୍, ପ୍ରିନ୍‌ସପାଲ୍, ପ୍ରୋଟ୍ରାକ୍ଟର୍, ଫେଲ୍, ବି.ଇଡି., ବି.ଏ., ବି.ଏଲ୍. ବି. କମ୍, ବି. ଏସ୍‌ସି, ବ୍ଲଟିଂପେପର୍, ବ୍ଲାକ୍ ବୋର୍ଡ, ମନିଟର, ମାଇନର୍ (ସ୍କୁଲ), ମାଟ୍ରିକୁଲେସନ୍, ମାର୍କ, ମାଷ୍ଟର, ମେସ୍, ରବର, ରିଡ଼ର୍, ରୋଲ୍ ନମ୍ବର, ଲାଇବ୍ରେରୀ, ଲିରିକ୍, ଷ୍ଟାଇପେଣ୍ଡ୍, ସପ୍ଲିମେଣ୍ଟାରୀ, ସାର୍, ସିଣ୍ଡିକେଟ୍, ସିନେଟ୍, ସିଲାବସ୍, ସେକେଣ୍ଡାରୀ ସ୍କୁଲ୍, ସେମିନାର, ସ୍କଲାରସିପ୍, ସ୍କାଉଟ ସ୍କୁଲ, ସ୍ଲେଟ୍ ହାଇସ୍କୁଲ, ହେଡ୍‌ମାଷ୍ଟର୍ ଇତ୍ୟାଦି ।

## ୨. ସାମାଜିକ

ଅଡ଼ଇନାରୀ, ଆଇଡିଆ, ଇଡ଼ିଅଟ୍, କାରକାଟୁ (କରେକ୍ଟ), କିଉ, କେୟାର୍, ଗେଟାଉଟ୍, ଗେଷ୍ଟ, ଗ୍ୟାସ୍, ଜାଇନି (ଜଏନ୍), ଜୋକର, ଟାଇଟ୍, ଟାଇମ୍, ଟା–ଟା, ଟାଲି, ଡାଉଟ୍, ଡାଉରି, ଥାଙ୍କ୍ ୟୁ, ଦାମ୍ଭାଜି (ଡ୍ୟାମେଜ),ନନ୍‌ସେନ୍‌ସ, ନାଷ୍ଟି, ପିଓର୍, ପିକ୍‌ନିକ୍, ପ୍ୟାଚ୍, ପ୍ରାକ୍‌ଟିସ୍, ଫିଷ୍ଟ, ମାନିଆ, ମ୍ୟାରେଜ୍, ରାସ୍‌କେଲ, ରେଡି, ରେଷ୍ଟ, ରୋମାଣ୍ଟିକ୍, ଲଭ୍, ଲସ୍, ଲାଇଟ୍, ଲାଇନ୍, ଲିକ୍, ଲିଡ଼ର, ଲେଟ, ଲୋକାଲ୍, ଲେଡ୍, ଲୋନ୍, ସକ୍, ସଟ୍‌ଅପ୍, ସପୋର୍ଟ, ସାଇଜ୍, ସିଷ୍ଟମ୍, ସେକେଣ୍ଡ ହ୍ୟାଣ୍ଡ୍, ହବି, ହଲ୍, ହାଫ୍, ହେଲ୍‌ପର ଇତ୍ୟାଦି ।

## ୪. ରାଜନୀତିକ –

ଆକ୍ଟ, ଆସେମ୍ବଲି, କଂଗ୍ରେସ୍, କମିଟି, କମ୍ୟୁନିଷ୍ଟ, କମ୍ରେଡ୍, ଡେଲିଗେଟ୍, ପଲିଟିକାଲ, ପଲିଟିକ୍ସ, ପିକେଟିଂ, ପୁଲିଂ ଅଫିସର, ପୁଲିଂ ବୁଥ୍, ଫେଡ଼ରେସନ୍, ବ୍ୟାଲଟ୍ ପେପର, ଭୋଟ, ଷ୍ଟ୍ରାଇକ୍, ସୋସାଲିଷ୍ଟ ଇତ୍ୟାଦି ।

## ୫. ବାଣିଜ୍ୟିକ

ଅକ୍‌ସନ, କଂଜୁମର୍, କଂପାନୀ, କଷ୍ଟମର୍, କଷ୍ଟମ୍ ହାଉସ୍, କାର୍ଡ, କୋଟା, ଚିପ୍, ଚେକ୍, ଟିକସ୍, ଟ୍ରେଡ୍, ଡିପୋ, ଡିପୋଜିଟ୍, ଡିସ୍‌କାଉଣ୍ଟ୍, ପାର୍ଶଲ, ପ୍ରଫିଟ୍, ବିଜିନେସ୍, ମାର୍କେଟ୍, ରିଟେଲ, ରିଡକ୍‌ସନ, ରିସିଟି (ରିସିପ୍‌ଟ), ରେସନ୍, ଲଗେଜ୍, ଲସ୍, ଷ୍ଟୋର,

ଷ୍ଟୋରେଜ, ସପ୍, ସପ୍‌କିପର୍, ସପ୍ଲାଇ, ସୁପର ଫାଇନ୍, ସେଲ୍ ଟ୍ୟାକ୍ସ ଇତ୍ୟାଦି ।

**୬. ଖାଦ୍ୟ ସଂପର୍କୀୟ**

ଆଇସ୍କ୍ରିମ, ଆମ୍‌ଲେଟ୍, କଟ୍‌ଲେଟ୍, କଫି, କେକ୍, କ୍ରିମ୍, ଚକୋଲେଟ୍, ଜୁସ୍, ଜେଲି, ଟମାଟୋ, ଟିଫିନ୍, ଟୋଷ୍ଟ, ଡିନର୍, ପୁଡ଼ିଂ, ପୋଚ୍, ପ୍ରୋଟିନ୍, ବାର୍ଲି, ବିନ୍, ବିସ୍କୁଟ୍, ଭିଟାମିନ୍, ମଟନ୍, ଚପ୍, ମିଲ୍, ଲଞ୍ଚ୍, ଲେମନ ଜୁସ୍, ସିରପ୍, ସୁପ୍, ସ୍କ୍ୱାସ୍ ଇତ୍ୟାଦି ।

**୭. ପରିଧେୟ ଓ ଅଙ୍ଗରାଗ ସମ୍ପର୍କୀୟ**

ଅଏଲ୍, ଅଣ୍ଡର୍ ଓୟାର୍, ଇଅରିଂ, ଓଭର କୋଟ୍, କୋଟ୍, କ୍ୟାପ୍, ଗାଉନ୍,ଜିନ୍, ଜ୍ୟାକେଟ୍, ଟାଇ, ଟ୍ରାଉଜର୍, ଡ୍ରେସ୍, ଡ୍ରେସିଂ, ପକେଟ, ପତଲୁନ୍, ପେଣ୍ଟ, ଫ୍ରକ୍, ବୁଟ୍, ବ୍ଲାଉଜ୍, ରିବନ୍, ଲକେଟ୍, ସାଣ୍ଡାଲ୍, ସାର୍ଟ, ସିଲ୍‌କ, ସୁଜ୍, ସୁଟ୍, ସ୍ଲିପର୍, ହ୍ୟାଟ୍ ଇତ୍ୟାଦି ।

**୮. ବିଳାସବ୍ୟସନ ସମ୍ପର୍କୀୟ**

କାର୍ପେଟ୍, କ୍ରିମ୍, ଗଗ୍‌ଲସ୍, ଗ୍ରୀନ୍‌ରୁମ୍, ଗ୍ଲିସ୍‌ରିନ୍, ଟଏଲଟ୍, ଟି ପୟ୍, ଡିଲକ୍ସ, ପାଉଡ଼ର୍, ଫିଲ୍‌ମ, ଫୋନ୍, ଫ୍ୟାନ୍, ବିଅର୍, ବ୍ରାଣ୍ଡି, ଭେସ୍‌ଲିନ୍, ଭ୍ୟାନିଟି ବ୍ୟାଗ୍, ଲକ୍ସ, ଲିକର୍, ଲିପ୍‌ଷ୍ଟିକ୍, ୱାଚ୍, ସାଂପୋ, ସିଗାରେଟ୍, ସିନେମା, ସେଣ୍ଟ, ସୋଫା, ସ୍ନୋ, ହ୍ୱିସ୍କି, ଟି.ଭି. ରେଡିଓ, ମୋବାଇଲି, ସେଲ୍ ଫୋନ୍ ଇତ୍ୟାଦି ।

**୯. ଗୃହ ଉପକରଣ ସମ୍ପର୍କୀୟ**

କପ୍, କପ୍ ବୋର୍ଡ, କିରୋସିନି, କେଟ୍‌ଲି, କ୍ୟାଲେଣ୍ଡର୍, ଗିଲାସ, ଚେୟାର୍, ଟର୍ଚ୍ଚ, ଟିଣ, ଟୁଥ୍‌ପେଷ୍ଟ, ଟେବୁଲ୍, ଟ୍ରଙ୍କ, ତାର୍ପୋଲିନ୍, ଥର୍ମୋମିଟର, ପିନ୍, ପେଷ୍ଟ, ପ୍ଲେଟ୍, ବାକ୍ସ, ବାସ୍‌କେଟ୍, ବେଞ୍ଚ, ବୋତଲ, ବ୍ୟାଗ୍, ବ୍ରଶ୍, ବ୍ଲେଡ୍, ମ୍ୟାଚିସ୍, ରେଜର୍, ଲଣ୍ଠନ, ଲ୍ୟାମ୍ପ, ଷ୍ଟୋଭ୍, ସୁଟ୍‌କେସ୍, ସେପ୍‌ଟିପିନ୍, ହାଣ୍ଡ ବ୍ୟାଗ୍ ଇତ୍ୟାଦି ।

**୧୦. ଧାର୍ମିକ**

କନ୍‌ଭେଣ୍ଟ, କ୍ୟାଥୋଲିକ୍, କ୍ରୁଶ, କ୍ରିସ୍‌ମାସ୍, ଖ୍ରୀଷ୍ଟ, ଖ୍ରୀଷ୍ଟୀୟାନ୍, ଚର୍ଚ୍ଚ, ପୋପ୍, ବାଇବେଲ, ବାପ୍‌ଟିଷ୍ଟ, ବିଶପ୍, ମିଶନ, ମିଶନାରୀ, ମେରି, ଯନାଥନ୍, ଯୀଶୁ ଇତ୍ୟାଦି ।

**୧୧. ଶିଳ୍ପ ଓ ଉଦ୍ୟୋଗ ସଂପର୍କୀୟ**

ଅପରେଟର୍, ଇଂଜିନ୍, ଇଂଜିନିଅର୍, ଇଲେକ୍ଟ୍ରିକ୍, ଇଲେକ୍ଟ୍ରିସିଆନ୍, ଓୟାର୍, କରେଣ୍ଟ, ପାୱାର୍, କ୍ୟାମେରା, ଟେକ୍‌ନିକ୍, ଟେକ୍‌ନିକାଲ, ଟେକ୍‌ନିସିଆନ୍, ଟେପ୍ ରେକଡ଼ର, ଟେଲିପ୍ରିଣ୍ଟର୍, ଟ୍ୟୁବ୍, ଟ୍ୟୁବ୍‌ୱେଲ୍, ଡାଇନାମୋ, ଡିଜେଲ୍, ପମ୍ପ, ପାଇପ୍ ଲାଇନ୍, ପ୍ଲଗ୍, ଫଟୋ, ଫିଟର୍, ଫାକ୍ଟ୍ରି, ଫିଉଜ୍, ବଏଲର୍, ବଲ୍‌ବ, ବାର୍‌ଲାଇଟ୍, ଭୋଲ୍‌ଟେଜ୍, ମିଲ୍, ମେକାନିକ୍, ମେସିନ୍, ରିଲ, ରୋଲର୍, ସ୍କ୍ରୁ, ସ୍ପ୍ରିଙ୍ଗ, ହୋଲ୍‌ଡ଼ର ଇତ୍ୟାଦି ।

**୧୨. ବିଭିନ୍ନ ବିଜ୍ଞାନ ସମ୍ପର୍କୀୟ**

ଅକ୍ସିଜେନ୍, ଆଟମ୍, ଆମାଇବା, ଆଲ୍‌କୋହଲ୍, ଆଲୁମିନିୟମ୍,ଏସିଡ୍, କଷ୍ଟିକ୍ ସୋଡ଼ା, କାର୍ବନ୍, କ୍ୟାକ୍‌ଟସ୍, କ୍ୟାଲସିଅମ୍, କ୍ଲୋରିନ୍, ଗ୍ୟାସ୍,ଗ୍ଲୁକୋଜ୍, ଥ୍ରସ୍‌ଲ ଫେନେଲ୍, ନାଇଟ୍ରିକ୍ ଏସିଡ୍, ନାଇଟ୍ରୋଜେନ୍, ନିଉକ୍ଲିଅସ୍, ପଟାସିଅମ୍, ପେଟ୍ରୋଲ୍, ପେଟ୍ରୋଲିମ୍, ପ୍ଲାଜ୍‌ମା, ପ୍ଲାଟେନିଅମ୍, ଫସ୍‌ଫରସ୍, ବାକ୍‌ଟେରିଆ, ବାସିଲସ୍, ବେଲ୍‌ଜାର୍, ବ୍ଲାଡର୍, ଭଲ୍‌ଭ, ଭିଟାମିନ୍, ମାଗ୍‌ନେସିଅମ୍, ମାଙ୍ଗାନିଜ୍, ରେଡ଼ିଅମ୍, ସଲ୍‌ଫୁରିକ୍ ଏସିଡ୍, ସୋଡ଼ିଅମ୍, ହାଇଡ୍ରୋଜେନ୍ ଇତ୍ୟାଦି ।

### ୧୩. ସ୍ୱାସ୍ଥ୍ୟ ସମ୍ପର୍କୀୟ

ଅପରେସନ୍, ଅଲସର୍, ଆଇଓଡ଼ିନ୍, ଆଉଟ୍ ଡୋର୍, ଆନେସ୍ଥେସିଆ, ଆପେଣ୍ଡିସାଇଟିସ୍, ଇଞ୍ଜେକ୍ସନ, ଇନ୍‌ଫ୍ଲୁଏଞ୍ଜା, ଏକ୍ସରେ, ଏଲୋପାଥିକ୍, କମ୍ପାଉଣ୍ଡର୍, କଲିକ୍, କଲେଣା, କୁଇନାଇନ୍, କ୍ୟାନ୍‌ସର, କ୍ୟାପ୍‌ସୁଲ, କ୍ଲୋରୋଫାର୍ମ, ଗନେରିଆ, ଗାଇନାକଲୋଜି, ଜେନେରାଲ୍ ହସ୍‌ପିଟାଲ, ଟନିକ୍, ଟାଇଫଏଡ୍, ଟାବ୍‌ଲେଟ୍, ଟିଟାନସ୍, ଟି.ବି., ଡାଇରିଆ, ଡାଏଟ୍, ଡାକ୍ତ, ଡିପ୍‌ଥେରିଆ, ଡିସ୍‌ପେନ୍‌ସରୀ, ଡିସେଣ୍ଟ୍ରି, ଡେଟଲ, ଡେଲିଭରି, ଡୋଜ୍, ଡ୍ରେସିଂରୁମ୍, ଥର୍ମାମିଟର, ନର୍ସ, ନିମୋନିଆ, ପେନ୍‌ସିଲିନ୍, ପେସେଣ୍ଟ, ପୋଲିଓ, ପୋଷ୍ଟମାଟମ୍, ପ୍ଲେଗ୍, ଫାଇଲେରିଆ, ପାର୍ମାସିଷ୍ଟ, ଫିନାଇଲ୍, ଫୋମେଣ୍ଟ, ଫ୍ରାକ୍‌ଚର୍, ବେରିବେରି, ବେସିଲସ୍, ବ୍ୟାଣ୍ଡେଜ୍, ବ୍ଲିଚିଂ ପାଉଡର୍, ବ୍ଲଡ୍ ପ୍ରେସର୍, ବ୍ଲଡ୍ ବ୍ୟାଙ୍କ୍, ଭେସ୍‌ଲିନ୍, ମାନିଆ, ମେଡିକାଲ୍, ମେଡିସିନ୍, ମେଲେରିଆ, ଲେପର୍, ସାଲାଇନ୍, ହାର୍ଣ୍ଣିଆ, ହାସ୍‌ପିଟାଲ, ହିଷ୍ଟ୍ରିଆ, ହେଲ୍‌ଥ ଇନସିପେକ୍ଟର, ହୋମିଓପ୍ୟାଥି ଇତ୍ୟାଦି ।

### ୧୪. ପରିବହନ ସମ୍ପର୍କୀୟ

ଏକସପ୍ରେସ୍, ଏରୋଡ୍ରମ, ଏରୋପ୍ଲେନ୍, କଣ୍ଡକ୍ଟର, କାର୍, କ୍ଲିନର୍, ଗିଅର୍, ଗ୍ୟାରେଜ୍, ଜଙ୍କସନ୍, ଜିପ୍, ଜେଟ୍, ଟାକ୍ସି, ଟାୟାର୍, ଟ୍ରକ୍, ଟ୍ରଲର୍, ଟ୍ରଲ, ଟ୍ରାନ୍ସପୋର୍ଟ, ଟ୍ରାଫିକ୍, ଟ୍ରାମ୍, ଟ୍ରିପ୍, ଟ୍ରୋନ୍, ଟ୍ୟୁବ, ଡ୍ରାଇଭର, ପାଇଲଟ, ପେଡାଲ, ପ୍ୟାସେଞ୍ଜର, ପ୍ଲାଟଫର୍ମ, ବଗି, ବସ୍, ବସଷ୍ଟାଣ୍ଡ, ବାଇ (Way in Railway) ବାଇସାଇକେଲ, ବେଲ, ବ୍ରେକ୍, ଭ୍ୟାନ, ମାଇଲ, ମୋଟର, ମୋବାଇଲ କୋର୍ଟ, ମୋବିଲ, ରକେଟ୍, ରସ୍, ରିକ୍ସା, ରେଳ, ରୋଡ, ଲଗେଜ, ଲରି, ଲୋଡ, ୱାଗନ, ଷ୍ଟଲ, ଷ୍ଟିମର, ଷ୍ଟେସନ, ସଟଲ, ସାଇକେଲ, ସିଗ୍ନଲ (signal), ସ୍କୁଟର, ହର୍ଣ୍ଣ, ହାଣ୍ଡଲ ଇତ୍ୟାଦି ।

### ୧୫. ଡାକ ବିଭାଗ

ଆଡ୍ରେସ୍, ଇନଲାଣ୍ଡ ଲେଟର, ଇନସିଓର୍ଡ, କାର୍ଡ, ଟିକେଟ, ଟେଲିଗ୍ରାଫ, ଟେଲିଗ୍ରାମ, ଟ୍ରଙ୍କ କଲ, ଡିସପାଚ, ଡେଲିଭରି, ପାଶବୁକ, ପାର୍ଶଲ, ପୋଷ୍ଟ ଅଫିସ୍, ପୋଷ୍ଟ କାର୍ଡ, ପୋଷ୍ଟ ବକ୍ସ, ପୋଷ୍ଟ ମାଷ୍ଟର, ପୋଷ୍ଟମ୍ୟାନ୍, ବୁକପୋଷ୍ଟ, ଭି.ପି.ପି., ମନିଅର୍ଡର, ରେଜିଷ୍ଟ୍ରେସନ, ରେଭିନ୍ୟୁଷ୍ଟାମ୍ପ, ସିଲ, ସେଭିଂସ୍ ବ୍ୟାଙ୍କ ଇତ୍ୟାଦି ।

### ୧୬. ସାଂସ୍କୃତିକ

ଅଡିଆନସ, ଅଡିଟରିଅମ, ଅପେରା, ଅର୍କେଷ୍ଟ୍ରା, ଆକ୍ଟର, ଆକଟିଂ, କମେଡ଼ି, କ୍ୟାରିକେଚର, କ୍ଲବ, ଗ୍ୟାଲେରି, ଗ୍ରାମଫୋନ୍, ଟକିଜ, ଟ୍ରାଜେଡି, ଡାଇରେକ୍ଟର, ଡାଇଲଗ, ଡ୍ୟାନ୍ସ, ଡ୍ରାମା, ଥିଏଟର, ନଭେଲ, ପାର୍କ, ଫାମ୍ପଲେଟ, ପିଅନୋ, ପେଣ୍ଟିଂ, ପେଣ୍ଡାଲ, ପୋଷ୍ଟର, ପ୍ଲେ, ଫାର୍ସ, ଫିଲ୍ମ, ଫେସନ, ବଲ୍ ଡ୍ୟାନ୍ସ, ବେଂଜୁ, ବେଣ୍ଡ ପାର୍ଟି, ବ୍ୟାଲେ, ଭାଓଲିନ୍, ଭିଲେନ, ଭେରାଇଟି ସୋ, ମାଟିନି, ମେଡ଼ାଲ, ମ୍ୟୁଜିକ, ରିଲେ, ରିହରସାଲ, ରେକର୍ଡ, ରୋଲ, ଲଟରି, ଲାଇବ୍ରେରୀ, ଷ୍ଟୁଡିଓ, ଷ୍ଟେଜ୍, ସର୍କସ, ସିନ୍, ସିନେମା, ସିନେରି, ସୋ, ସ୍କ୍ରିନ୍, ହଲ୍, ହଲୋ, ହାର୍ମୋନିୟମ ଇତ୍ୟାଦି ।

### ୧୭. ଗଣମାଧ୍ୟମର ଭାଷା

ଦୈନନ୍ଦିନ ଜୀବନରେ ଆମେ ଯେତିକି ଇଂରାଜୀ ଶବ୍ଦ କହିଥାଉ, ତାହାଠାରୁ ଅଧିକ ଶବ୍ଦ ଲୋକପ୍ରିୟ ଟି.ଭି. ଚ୍ୟାନେଲ୍ ଓ ପ୍ରିଣ୍ଟ ମେଡିଆ ମାଧ୍ୟମରେ ଶୁଣିବାକୁ ପାଇଥାଉ । ବେଳେ ବେଳେ ଦୂରଦର୍ଶନର ଉପସ୍ଥାପକ/ଉପସ୍ଥାପିକାଙ୍କ ଭାଷାରେ ଏଭଳି ବିଚିତ୍ର ଢ଼ଙ୍ଗରେ ଉପସ୍ଥାପିତ ହୋଇଥାଏ ଯେ, ସେଥିରୁ ଓଡ଼ିଆ କ୍ରିୟାପଦଟି ମାତ୍ର ବାଢ଼ିଦେଲେ ତାହା ଏକ ଅଦ୍ଭୁତ ଇଂରାଜୀ ଭାଷା ହୋଇ ଯାଇପାରେ ।

## ୧୮. କମ୍ପ୍ୟୁଟରର ଭାଷା

'କମ୍ପ୍ୟୁଟର' ଶବ୍ଦଟି ପରି ଏଥି ସଂପର୍କିତ ସମସ୍ତ ଯନ୍ତ୍ରପାତି ତଥା ବ୍ୟବହାରିକ ଶବ୍ଦ କେବଳ ହିଁ ଇଂରାଜୀ ଅଟେ। ଉଦାହରଣ କଂପ୍ୟୁଟର, ମାଉସ, ସି.ପି.ୟୁ, ପେନ୍ ଡ୍ରାଇଭ, ଲାପଟପ୍, ଇଣ୍ଟରନେଟ୍ ଇତ୍ୟାଦି।

ଇଂରାଜୀ ସଂସ୍କୃତିକୁ ଅନୁକରଣକରି କିଟି ପାର୍ଟି, କ୍ୟାଣ୍ଡଲ ଲାଇଟ ଡିନ୍ନର, ବାର୍ଥଡେ ପାର୍ଟି, ଇତ୍ୟାଦିକୁ ଗ୍ରହଣ କରି ବିଭିନ୍ନ ନୂତନ ଶବ୍ଦକୁ ଓଡ଼ିଆ ଭାଷାରେ ଗ୍ରହଣକରି ନେଇଅଛୁ ।

**ଓଡ଼ିଆ ଅଭିଲେଖ, ପତ୍ରପତ୍ରିକା ଓ ସାହିତ୍ୟ ଗ୍ରନ୍ଥରେ ଇଂରାଜୀ ଶବ୍ଦର ବ୍ୟବହାର :**

ଓଡ଼ିଆ ଲିଖିତ ରଚନାରେ ପ୍ରଥମେ କେଉଁ ସମୟରେ ଇଂରାଜୀ ଶବ୍ଦର ପ୍ରୟୋଗ ହୋଇଅଛି ନିର୍ଣ୍ଣୟ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ୧୭୮୧ ଖ୍ରୀ:ରେ ରଚିତ ବ୍ରଜନାଥ ବଡଜେନାଙ୍କ ସମର ତରଙ୍ଗରେ 'ସୋଲପ' ଶବ୍ଦର ବ୍ୟବହାର ହୋଇଅଛି । ଏହା ଇଂରାଜୀ ଶବ୍ଦ 'ସ୍ଲୁପ' (sloop) ରୂପାନ୍ତର ବୋଲି ସୁଧାକର ପଟ୍ଟନାୟକ ମତ ଦେଇଛନ୍ତି । ତେବେ ଇଂରେଜମାନଙ୍କ ପୂର୍ବରୁ ପର୍ତ୍ତୁଗୀଜ୍‌ମାନେ ଏ ଦେଶରେ ବାଣିଜ୍ୟ କରିଥିବାରୁ ଓ ଶବ୍ଦଟି ଜାହାଜାତି ଶବ୍ଦ ଥିବାରୁ ପର୍ତ୍ତୁଗୀଜ 'chalup' ଏହାର ମୂଳ ହୋଇପାରେ ।

କୌତୂହଳର ବିଷୟ ଇଂରେଜମାନଙ୍କ ଓଡ଼ିଶା-ଅଧିକାର-ବର୍ଷରେ (୧୮୦୩ ଖ୍ରୀ:ରେ) ହିଁ ଦଶପଲ୍ଲାରୁ ପ୍ରାପ୍ତ ଓଡ଼ିଶାର ଏକ ସରକାରୀ ଅଭିଲେଖରେ ଅନେକ ଇଂରାଜୀ ଶବ୍ଦର ପ୍ରୟୋଗ ଦେଖାଯାଏ । ଯଥା – ଲୋଟନଟ (ଲେଫ୍‌ଟନାଣ୍ଟ), କରନେଲ (କର୍ଣ୍ଣେଲ), ଜାରଜ (ଜର୍ଜ), ହରକଟ (ହାକଟ), କୁମ୍ପନୀ (କମ୍ପାନୀ), ଇଙ୍ଗରେଜ (ଇଂରେଜ), କମସନର (କମିଶନର), ମିସ୍ତର (ମିଷ୍ଟର), ଜନ୍ ମେଲଭିଲ, ମାରକୋଇସ (କାର୍କୋଇସ), ଗୌରନର (ଗଭର୍ଣ୍ଣର), ଜନରାଲ (ଜେନେରାଲ), ନଏମ୍ବର (ନଭେମ୍ବର) ପ୍ରଭୃତି।

ସେହି ଦଶପଲ୍ଲାରୁ ପ୍ରାପ୍ତ ୧୮୦୪ ମସିହାର ଅନ୍ୟ ଏକ ସରକାରୀ ଅଭିଲେଖରେ ଇଂରାଜୀ 'ମାର୍ଚ୍ଚ' ଶବ୍ଦର ବ୍ୟବହାର ହୋଇଅଛି ।

ମାଦଳା ପାଞ୍ଜିର ରଚନା ଆରମ୍ଭ-କାଳ ସମ୍ପର୍କରେ ମତଦ୍ୱୈଧ ଥିଲେ ହେଁ ସପ୍ତଦଶ ଶତାବ୍ଦୀର ଆରମ୍ଭରୁ ଏଥିରେ କ୍ରମାନ୍ୱୟରେ ଲିପିବଦ୍ଧ ତଥ୍ୟରେ ବିଶ୍ୱାସ କରିବାରେ ଯଥେଷ୍ଟ କାରଣ ରହିଛି । ଇଂରେଜ ରାଜତ୍ୱ କାଳରେ ଲିଖିତ ମାଦଳା ପାଞ୍ଜିର ଅଂଶମାନଙ୍କରେ ଆମେ ବହୁ ଇଂରାଜୀ ଶବ୍ଦର ବ୍ୟବହାର ଦେଖିବାକୁ ପାଉ । ଯଥା – ଇଂଗ୍ରାଜୀ (English), ମିଲିମିଲି (Melvil), ଜନରାଲ ହାରକୋଟ, ପୁସିସ, ଗଭର୍ଣ୍ଣମେଣ୍ଟ, ମିସ୍ତର ହେନରୀ ଚାରଲସ ହମଲତନ, ମେଜଷ୍ଟରେଟ, ଦିସମ୍ବର (ଡିସେମ୍ବର), ସଂପ୍ରଷ୍ଟ (super-intendent) ଇତ୍ୟାଦି ।

୧୮୫୬ ଖ୍ରୀ:ରୁ ଡବଲିଉ.ସି. ଲେସିଙ୍କ ସମ୍ପାଦନାରେ ପ୍ରକାଶିତ 'ପ୍ରବୋଧ ଚନ୍ଦ୍ରିକା'ର ବିଭିନ୍ନ ସଂଖ୍ୟାରେ ବହୁ ଇଂରାଜୀ ଶବ୍ଦର ପ୍ରଚଳନ ଦେଖାଯାଏ । ଯଥା – ନଭେମ୍ବର, ଗବର୍ଣ୍ଣମେଣ୍ଟ, ଗେଜେଟ, ଇଂଗରେଜୀ, ମାର୍କିନ, କଲେଜୀୟ ରେଲ, ରୋଡ, ଇଷ୍ଟେସନ, ଟିକଟ, ମିନିଟ, ଖ୍ରୀଷ୍ଟିଆନ, ପୋଷ୍ଟ ଅଫିସି, ମାଜିଷ୍ଟ୍ରେଟ, ନୋଟ, ପୋଷ୍ଟ ମାଷ୍ଟର, ବ୍ରିଟିଶ, ଓରିଏଣ୍ଟଲ ମିସନେରୀ, ଲେଫଟେନେଣ୍ଟ ସିକିଲ, କମ୍ପନି, ବେରିଂ, ଇଷ୍ଟାମ୍ପ, ଇନସିପେକ୍ଟର, ଲେଡୀ କେନିଂ, ଡ଼ିରେକ୍ଟର, ଡାକ୍ତର, ସାର୍ଟିଫିକେଟ, ପୋଲୀମ, ଅଫିସର, ଏଜେଣ୍ଟ, ପ୍ରସୀଡେଣ୍ଟ, ବ୍ୟାଙ୍କ ଇତ୍ୟାଦି ଶହ ଶହ ଶବ୍ଦ ।

୧୮୬୬ ମସିହା ଅଗଷ୍ଟ ମାସରେ ଆତ୍ମପ୍ରକାଶ କରେ ଉତ୍କଳ ଦୀପିକା । ଏହାର ସୁଯୋଗ୍ୟ ସମ୍ପାଦକ ହେଉଛନ୍ତି ଉତ୍କଳପ୍ରାଣ ଗୌରୀଶଙ୍କର ରାୟ । ଓଡ଼ିଆ ଭାଷାର ଉନ୍ନତି କଳ୍ପେ ଆଜୀବନ ମସୀ ସଂଗ୍ରାମ କରି ଆସିଥିବା ଗୌରୀଶଙ୍କର ତାଙ୍କ ପତ୍ରିକାରେ ପର୍ଯ୍ୟାପ୍ତ ପରିମାଣରେ ଇଂରାଜୀ ଶବ୍ଦର ବ୍ୟବହାର କରିଛନ୍ତି । ଜନତା ଭିତରେ ସେହି ସବୁ ଇଂରାଜୀ ଶବ୍ଦର ପ୍ରଚଳନ ବା ଆଦର ନ ଥିଲେ ସେ ବହୁବାର ଏଗୁଡିକର ପ୍ରୟୋଗ କରିବାକୁ ଯାଇ ନ ଥାନ୍ତେ । ସେଗୁଡିକ ମଧ୍ୟରୁ କେତୋଟିର ଦୃଷ୍ଟାନ୍ତ ହେଉଛି – ଜୁଲାଇ, ଲେଫ୍‌ଟନେଣ୍ଟ, ଗବର୍ଣ୍ଣର, ଡିବିଜନ, କମିଶନର, କିଲଟର, ରେବନୁ ଏଜେଣ୍ଟ, ବୋର୍ଡ, ରିପୋର୍ଟ, ପୁଲିସ, ଡାକ୍ତର,

ମେମ୍ବର, ଡିଷ୍ଟ୍ରେକ୍ଟ ସୁପରିଣ୍ଟେଣ୍ଡେଣ୍ଟ, ଇନସ୍ପେକ୍ଟର, ପାଟ୍ରିଅଟ, କୁମେଟି, ଓବରସିଅର, ମାଇଲ, ଖ୍ରୀଷ୍ଟ, ଜୁଲାଇ, ମନିଅର୍ଡର, ଯଷ୍ଟିସ୍, ଚେଅରମ୍ୟାନ୍, ଇସ୍କୁଲ, ରେଜିଷ୍ଟରି, ମେନେଯର, ଖ୍ରୀଷ୍ଟିୟାନ, ମାଷ୍ଟରି, ଓ୍ୟାରେଣ୍ଟ, ଟିକଟ, ଦିପୋଟୀ, ଡାଇରେକ୍ଟର, ନମ୍ବର, ସାର୍ଟିଫିକେଟ, କନଷ୍ଟୁବଲ, ସେସନ୍ ଜଜ୍, ସାର୍ଜନ, ହସପତାଲ୍, ଡିସ୍‌ମିସ, ଯିହଲ, ବୋତଲ, ବଣ୍ଡିଲ, କାନାଲ, ଇଷ୍ଟମିଟ, ବାକସ, ରେଲ, ଅପିଲ, ଗିଲାସ ଆଦି ଶହ ଶହ ଶବ୍ଦ ।

୧୮୫୬ ଖ୍ରୀ:ରୁ ୧୯୦୦ ଖ୍ରୀ: ମଧ୍ୟରେ ବହୁ ଓଡ଼ିଆ ପତ୍ରପତ୍ରିକା ବିନା ଦ୍ୱିଧାରେ ଇଂରାଜୀ ଶବ୍ଦର ପ୍ରୟୋଗ କରିବା ଦ୍ୱାରା ସାହିତ୍ୟ ଗ୍ରନ୍ଥରେ ମଧ୍ୟ ଇଂରାଜୀ ଶବ୍ଦ ବ୍ୟବହାରର ପଥ ସୁଗମ ହୋଇଗଲା । ଫଳରେ ଫକୀର ମୋହନ, ରାଧାନାଥ, ନନ୍ଦକିଶୋର ପ୍ରଭୃତିଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଦେଖା ଦେଇଥିବା ବହୁ କବି, ଔପନ୍ୟାସିକ, ଗାଳ୍ପିକ, ନାଟ୍ୟକାର ଓ ପ୍ରାବନ୍ଧିକ ନିଜ ନିଜ ରଚନାରେ ଇଂରାଜୀ ଶବ୍ଦର ସ୍ୱଚ୍ଛନ୍ଦ ବ୍ୟବହାର କରିଛନ୍ତି ।

ଉଦାହରଣ ସ୍ୱରୂପ ଫକୀର ମୋହନଙ୍କ 'ଉତ୍କଳ ଭ୍ରମଣଂ'ର କିୟଦଂଶ ଏଠାରେ ଉଦ୍ଧାର କରାଯାଉଅଛି –

(କ) Backward ମୁସଲମାନ ପାଇବେ ଚାକିରି
ହାଃ ହାଃ ଓଡ଼ିଆମାନେ forward ଭାରି ।

(ଖ) ସିଭିଲି ସରବେଣ୍ଟ ଏଣ୍ଡ ପଲିଟି ଏଜେଣ୍ଟ
ଜୟ ଜୟ ଜୟ ଓଡ଼ିଶାର monument.

(ଗ) ଆସ Mr. M.S. କରେଁ shakehand
ଉଜ୍ଜ୍ୱଳ ହୋଇଛି ତୁମ୍ଭ ଯୋଗେ Motherland.

(ଘ) ବୋଟାନି ଓ କେମିଷ୍ଟ୍ରିରେ ଭାରି ତାର knowledge
କାମ କରେ ପ୍ରଫେସରି କଟକ କଲେଜ ।

ଏକବିଂଶ ଶତାବ୍ଦୀରେ ଜଗତୀକରଣର ପ୍ରଭାବରୁ ଇଂରାଜୀ ଭାଷାକୁ ବିଶ୍ୱଭାଷାରମାନ୍ୟତା ଦେବାକୁ ବାଧ ହେଉଅଛୁ । ଫଳରେ ବୀନା ଦ୍ୱିଧାରେ ସାହିତ୍ୟରେ ତଥା। ସାମଗ୍ରିକ ଭାବେ ସମାଜ ଜୀବନରେ ଏହି ଭାଷାର ଅବାଧ ପ୍ରବେଶ ଘଟିଛି । ସାଂପ୍ରତିକ ସମୟର ଏକ କବିତା ପଙ୍କ୍ତି ଉଦାହରଣ ଭାବେ ଗ୍ରହଣ କରିପାରିବା ।

''ସିଗାରେଟ୍ ! ତୁମ ନାମ ଦୁନିଆରେ
ଦୁର୍ନାମ ଡିବି ଡିବି
ସାକ୍ଷାତ ତୁମେ ମୃତ୍ୟୁର ଦୂତ
ତୁମେ କ୍ୟାନସର ଟିବି ।''
(ଜ୍ୱାଳାର ମାଳା, କବି ରବି ସିଂ)

ତେବେ ଏହିପରି ଅସଂଖ୍ୟ ଉଦାହରଣ ଖୋଜିବା ଆଦୌ କଷ୍ଟସାଧ୍ୟ ନୁହେଁ ।

**ବ୍ୟାକରଣଗତ ଅଧ୍ୟୟନ**

ଓଡ଼ିଆ ରୂପତତ୍ତ୍ୱ ଉପରେ ଇଂରାଜୀ ପ୍ରଭାବ ଉଲ୍ଲେଖଯୋଗ୍ୟ । ଇଂରାଜୀ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ ବା ଓଡ଼ିଆ ଶବ୍ଦର ଇଂରାଜୀ ପ୍ରତ୍ୟୟର ସଂଯୋଗରେ ବହୁ ଶବଦର ସୃଷ୍ଟି ହୋଇଛି, ତହିଁରୁ ଅନେକର ବ୍ୟୁତ୍ପତ୍ତି ନିର୍ଣ୍ଣୟ କରିବା କଷ୍ଟସାଧ । ଯଥା –

ପ୍ଲାଷ୍ଟର + ଆ = ପଲସ୍ତରା, ରୋଲର + ଆ = ରୋଲା, ଡକ୍ଟର + ଆଣୀ = ଡାକ୍ତରାଣୀ, କଣ୍ଟ୍ରାକ୍ଟର + ଇ = କାନତରାଟି, ଟ୍ୟାଙ୍କ + ଇ = ଟାଙ୍କି, ଫଣ୍ଡ + ଇ = ପାଣ୍ଠି, ଟାୱେଲ + ଇଆ = ଟଉଲିଆ, ଫୁଟ୍ + ଇକିଆ = ଫୁଟିକିଆ, ଫ୍ରେଞ୍ଚ + ଇ = ଫିରିଙ୍ଗି, ଆମେରିକାନ + ଇ = ମାର୍କିନୀ, ୟୁରୋପ + ଈୟ = ୟୁରୋପୀୟ, ମାଷ୍ଟର + ଏ = ମାଷ୍ଟ୍ରେ, ଅଣ+ କଂଗେସ = ଅଣକଂଗ୍ରେସ, ସବ + ଟାଇମ୍ = ବେଟାଇ, ଏବେ + ରୁଲ = ବେରୁଲ, ଅଣ + ଗେଜେଟେଡ୍ = ଅଣଗେଜେଟେଡ୍ ଅଣ + ରେଗୁଲାର = ଅଣରେଗୁଲାର ।

କେତେକ ଇଂରାଜୀ ଶବ୍ଦର ଓଡିଆ ରୂପାନ୍ତର ଅତ୍ୟନ୍ତ କୌତୂହଳ ଜନକ । ଯଥା –

କାଇନ୍ ହାଉସ = କାଞ୍ଜିଆ ହସା, କାଞ୍ଜିଆ ଘଷା, କାଞ୍ଜିଆ ହୁଦା । ଷ୍ଟେବ୍‌ଲ = ଅସ୍ତାବଳ । ୱେ = ବାଇ (ଯଥା – ରେଲୱେ = ରେଲବାଇ) । ହସ୍‌ପିଟାଲ = ହାସ୍‌ପାତାଳ । ମିନିଙ୍ଗ = ମାନେ । ଟପ୍ = ଟପିବା (ଧାତୁ) । ହଣ୍ଡେଡ୍ ୱେଟ୍ = ହନ୍ଦର । ରୋମାଣ୍ଟିସିଜ୍‌ମ = ରୋମାଞ୍ଚବାଦ । ଆଲେକ୍‌ଜାଣ୍ଡର୍ = ସ୍କନ୍ଦର, ସିକନ୍ଦର । ଏଗ୍ରିମେଣ୍ଟ = ଗରିମେଣ୍ଟ । ଡ୍ୟାମେଜ୍ = ଦାମ୍ଭାଜି । ଲର୍ଡ = ଲାଟ । ଷ୍ଟାମ୍ପ = ସିଠାମ । ପ୍ଲାଟୁନ = ପଲଟଣ । ବ୍ରଶ୍ = ବୁରୁଶ । କନଷ୍ଟବଳ = କନିଷ୍ଟବଳ । ଡଜନ= ଡାର୍ଜନ । ପେନାଲ = ପିଙ୍ଗଳ । ସିଗ୍‌ନାଲ = ସିଙ୍ଗଲ । କରେକ୍ଟ = କାରକାଟୁ । ଏଷ୍ଟିମେଟ୍ = ଇଷ୍ଟିମିଷ୍ଟି । ଲଗେଜ୍ = ଲଗେଜି । ଟିନ୍ = ଟିଣ । ଅଡର୍ଲି = ଅର୍ଦ୍ଦଳି । କୋଲ୍‌ଡ୍ ଷ୍ଟୋରେଜ୍ କୋଲୋଷ୍ଟୋ । ଗାର୍ଡ = ଗାରଦ । ଗାର୍ଡିଆନ = ଗାର୍ଜନ । ଟାଣ୍ଡେମ୍ (tandem) = ଟମ୍‌ଟମ୍ । ଟର୍ପେଣ୍ଟାଇନ୍ = ତାର୍‌ପିନ୍ । ପବ୍ଲିକ୍ = ପାବୁଲିକି । ମାଟ୍ରିକୁଲେସନ୍ = ମାଟିକିଲାସ ଇତ୍ୟାଦି ।

ଅନେକ ଇଂରାଜୀ ବାକ୍ୟାଂଶ (phrase) ଓଡ଼ିଆରେ ଅନୁଦିତ ହୋଇ ବ୍ୟବହୃତ ହୋଇଥାଏ । ତହିଁରୁ କେତେକ ଲକ୍ଷ୍ୟାର୍ଥ ଓ ବ୍ୟଙ୍ଗାର୍ଥ ପ୍ରକାଶ କରିଥାଏ । ଯଥା –

ଆକାଶ ସୌଧ (Castle in theair), କରମର୍ଦ୍ଦନ (shakek hand ), କଳା ବଜାର (black marketing), କୁମ୍ଭୀର କାନ୍ଦଣା (Crocodile tears), ଚା' କପ୍‌ରେ ଝଡ (storm in a tea-pot), ଚେତନା ପ୍ରବାହ (stram of conscious-ness), ନାଲି ଫିତା (red tape), ପ୍ରକୃତିରେ ମାନବାୟନ (personification in nature), ବିହଙ୍ଗମ ଦୃଷ୍ଟି (Bird's eye view), ମଧୁରାତ୍ରି (honey moon), ସର୍ବେସର୍ବା (all in all), ଅନ୍ୟ ପକ୍ଷରେ (on the other), ଅନ୍ତରର ଗଭୀରତମ ପ୍ରଦେଶରୁ (from the bottom of one's heart, from the core of one's heart), ରେକର୍ଡ ଭାଙ୍ଗୁବା (to break the record), କ ଖ ଗ ଜାଣିବା (to know a b c), ଲାଞ୍ଜ ମୁଣ୍ଡ କିଛି ନ ଚିହ୍ନିବା (to make neither head nor tail), ଅପମାନକୁ ପକେଟରେ ପୂରେଇବା (to pocket the insult), ଅଂଶ ଗ୍ରହଣ କରିବା (to take part), ଆଲୋକପାତ କରିବା (to throw light) ।

ଓଡ଼ିଆ ବାକ୍ୟଗଠନ ଶୈଳୀ ଉପରେ ମଧ୍ୟ କେତେକତ୍ର ପ୍ରଭାବ ପରିଲକ୍ଷିତ ହୁଏ । ଓଡ଼ିଆ ଭାଷାରେ ପ୍ରଥମେ କର୍ତ୍ତା, ଶେଷ ଭାଗରେ କ୍ରିୟା ଓ ମଧ ଭାଗରେ ବିଧେୟର ଅନ୍ୟାନ୍ୟ ଅଂଶ ରହିବା ସାଧାରଣ ପଦ୍ଧତି । କିନ୍ତୁ ଇଂରାଜୀରେ ପ୍ରଥମେ କର୍ତ୍ତା, ଠିକ୍ ତା' ପରେ ପରେ କ୍ରିୟା ଓ ତା' ପରେ ବିଧେୟର ଅନ୍ୟାନ୍ୟ ଅଂଶର ବ୍ୟବହାର ସାଧାରଣ ପଦ୍ଧତି । ଇଂରେଜୀ ପ୍ରଭାବରେ ଆଧୁନିକ ଓଡ଼ିଆ ଭାଷାରେ (ସାହିତ୍ୟିକ ରଚନାମାନଙ୍କରେ ଦ୍ୱିତୀୟ ପ୍ରକାରର ବାକ୍ୟର ପ୍ରଚଳନ ବହୁ ସ୍ଥାନରେ ଲକ୍ଷ୍ୟ କରିବାକୁ ମିଳେ । ଯଥା –

(କ) ''ମଠରେ ଗହଳ ଚହଳ କମି ଆସୁଛି କ୍ରମେ କ୍ରମେ । ଷୋଡ଼ଶୀ ଅନୁରାଧା ମୁହଁର ଜ୍ୟୋତି ସେଥିପାଇଁ ବାରି ହୋଇପଡୁଛି ଅମାବାସ୍ୟାର ଅନ୍ଧକାର ଭିତରେ । ..... ବିନୋଦିନୀର ମୁହଁ ବିବର୍ଣ୍ଣ ହୋଇ ଉଠିଥିଲା ସେଦିନ । ...... ଭୀରୁ ପଦକ୍ଷେପରେ ସନ୍ଧ୍ୟା ଆସୁଛି ନୀଡ ଫେରନ୍ତା ଚଢ଼େଇ ଦଳର କଳକାକଳି ଭିତରେ ।'' ''ଏଇ ଗାଁ ଏଇ ମାଟି'' – ବିଭୂତି ପଟ୍ଟନାୟକ ।

(ଖ) ମୁଁ ପୁଣି ଆସିବି ଦେହ ମନର ସବୁ ସମ୍ଭାର ନେଇ । .......ମୋର ଶେଷ ଅଶ୍ରୁ-କଣା ବିନ୍ଦୁ ଜାଳି ପରିପୂର୍ଣ୍ଣ କରିବି ତୁମର କ୍ଷୁବ୍‌ଧ ହିୟା । ତୁମର ଆତ୍ମା ହେବ ତୁଷ୍ଟ – ମାଂସ ହେବ ଶିଥିଳ । ....... ଏ ଶବ୍ଦଟା ଜନ୍ମ ନେଲା ଏକ ସଂଘାତରୁ । ..... ତାପରେ ଲୀନ ହୋଇଗଲା ସମୟର ଅନନ୍ତ କୋଳରେ – 'ଅମାବାସ୍ୟାର ଚନ୍ଦ୍ର' – ଗୋବିନ୍ଦ ଦାସ ।

ଏହିପରି ଭାବରେ ଇଂରାଜୀ ଭାଷା ଓଡ଼ିଆ ଭାଷାର କେବଳ ଶବ୍ଦ ବିଭବକୁ ନୁହେଁ, ବ୍ୟାକରଣକୁ ମଧ୍ୟ ପ୍ରଭାବିତ କରିଛି । ଓଡ଼ିଆ ଭାଷାରେ ଇଂରାଜୀ ଶବ୍ଦର ପ୍ରଚଳନ ଏତେ ବେଶି ଯେ ଦୈନନ୍ଦିନ ଜୀବନରେ ବ୍ୟବହୃତ  ଇଂରାଜୀ ଶବ୍ଦକୁ ପରିହାର କରିବା ଅସମ୍ଭବ ମନେହୁଏ । ଏଇଭଳି କେତେକ ଶବ୍ଦ ହେଉଛି – ଟେବୁଲ, ଗିଲାସ, ସୁଇଚ୍, ଷ୍ଟୋଭ୍, ହିଟର୍, ଲାଇଟ୍, ବ୍ରସ୍, ଟୁଥ୍‌ପେଷ୍ଟ, ପାଉଡ଼ର, ସ୍ନୋ, ପଲିଶ୍, ସ୍ୱେଟର, ମଫ୍‌ଲର, ପ୍ୟାଣ୍ଟ୍, ସାର୍ଟ, କୋଟ୍, ବ୍ଲେଡ୍, ୱାଚ୍, ବ୍ୟାଗ୍, ସିଟ୍, ବସ୍, ମୋଟର, ଡ୍ରାଇଭର, କ୍ଲିନର୍, କଣ୍ଡକ୍ଟର, ଟିକେଟ, ଟାୟାର, ହାଣ୍ଡଲ୍, ମାଇଲ୍, କିଲୋମିଟର ଇତ୍ୟାଦି ।

ଓଡ଼ିଶାର ସହରଗୁଡ଼ିକ ଭିତରକୁ ପଶିଗଲେ କୋଠାବାଡ଼ି, ରାସ୍ତା, ଦୋକାନ ବଜାର, ରିକ୍ସା, ସାଇକେଲ, ବସ୍ ଯେତିକି ଆଖିରେ ନ ପଡେ, ତହିଁରୁ ଅଧିକ ପଡ଼େ ସେଗୁଡ଼ିକର ସାଇନ୍‌ବୋର୍ଡ ଉପରେ । ଏଗୁଡ଼ିକରେ ଓଡ଼ିଆ ଶବ୍ଦ ଅପେକ୍ଷା ଇଂରାଜୀ ଶବ୍ଦର ପ୍ରଚଳନ ବେଶି । ଏପରିକି ନିପଟ ମଫସଲ ଭିତରକୁ ପଶିଗଲେ ଏପରି ଦୃଷ୍ଟାନ୍ତ ବହୁତ ମିଳିବ । ଏହାର କେତୋଟି ଦୃଷ୍ଟାନ୍ତ ହେଉଛି – ହୋଟେଲ ମେ ଫେୟାର, ମେ ଫେୟାର ଲାଗୁନ୍, ପାଲହାଇଟ୍, ନିୟୁ ଷ୍ଟୁଡେଣ୍ଟସ୍ ବୁକ୍ ଷ୍ଟୋର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବୁକ୍‌ସ ଏଣ୍ଡ୍ ବୁକ୍‌ସ, ବିଉଟି କୁଇନ୍, ବିଉଟି ପାର୍ଲର, ମଡର୍ଣ୍ଣ ଷ୍ଟାର ଟେଲରର୍ସ, ଇଣ୍ଟିମେଟ୍ ଟେଲରସ୍, ଶାରୀ ହାଉସ୍, ଫେସନ୍ ହାଉସ୍ ଇତ୍ୟାଦି ।

ଗ୍ରହଣଶୀଳତା ଭାଷାର ବୈଶିଷ୍ଟ୍ୟ । ସବୁ ଯୁଗରେ ଭାଷା ପୁରାତନର ପ୍ରବାହ ମଧ୍ୟ ନୂତନତାକୁ ଗ୍ରହଣ କରି ନେଇଛି । ଇଂରାଜୀ ଭାଷା ଆଜି ବିଶ୍ୱର ଏକ ସାର୍ବଜନୀନ ଭାଷା । ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧିଶାଳୀ କରିବାକୁ ହେଲେ ଇଂରାଜୀ ଭାଷା ଓ ସାହିତ୍ୟର ସମୃଦ୍ଧିକୁ ଆହରଣ କରିବା ଆବଶ୍ୟକ । ଆହରଣରେ ଭାଷା ସମୃଦ୍ଧ ହୁଏ । ତେଣୁ ଇଂରାଜୀ ଶବ୍ଦକୁ ପରିହାର କରିବା ପରିବର୍ତ୍ତେ ଗ୍ରହଣ କରିନେଲେ ହିଁ ଓଡ଼ିଆ ଭାଷାର ସମୃଦ୍ଧି ସାଧିତ ହେବ ।

–୦–

# ଏମ୍. ଏ.

# ଓଡ଼ିଆ ପାଠ୍ୟକ୍ରମ

## ତୃତୀୟ ପତ୍ର

## ଭାଷା ବିଜ୍ଞାନ ଓ ଓଡ଼ିଆ ଭାଷା


**ଡକ୍ଟର ନିତ୍ୟାନନ୍ଦ ନାୟକ**

ୟୁନିଟ୍-୧, ୟୁନିଟ୍-୨, ୟୁନିଟ୍-୩

**ପ୍ରଶାନ୍ତ କୁମାର ପରିଡା**

ୟୁନିଟ୍-୪, ୟୁନିଟ୍-୫



UTKAL UNIVERSITY

D D C E

Education for All

# ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

**ଭୁବନେଶ୍ୱର**